ଧରିତ୍ରୀ
DHARITRI
ଧରିତ୍ରୀ 52 Years

ଭୁବନେଶ୍ୱର, ଶନିବାର, ଏପ୍ରିଲ ୨୫/୨୦୨୬ (୧୪ ପୃଷ୍ଠା+ପିଲାଙ୍କ ଧରିତ୍ରୀ) Bhubaneswar, Saturday, April 25/2026 Page 14 ₹ 7.00 | SAMBALPUR
୫୨ଶ ଭାଗ ୧୫୦ ସଂଖ୍ୟା www.orissakhabar.com/www.dharitri.com | Printed at Sambalpur, Bhubaneswar, Rayagada & Angul VOLUME 52 ISSUE 150 ମୂଲ୍ୟ ₹୭/-

# ଆପ୍‌କୁ ରାଘବ ଝଟକା: ଭାଜପା ଗଲେ ୭ ଏମ୍‌ପି

ଆମ୍ ଆଦ୍‌ମି ପାର୍ଟି(ଆପ୍) ସହ ଦୀର୍ଘବର୍ଷ ରହିଆସିଥିବା ରାଘବ ଚଡ୍ଢା ଅନ୍ୟ ୬ ଜଣ ରାଜ୍ୟ ସଭା ସଦସ୍ୟଙ୍କୁ ନେଇ ଶୁକ୍ରବାର ଭାଜପାରେ ଯୋଗଦେବା ଖବର ଦେଶବ୍ୟାପୀ ରାଜନୈତିକ ଚର୍ଚ୍ଚା ସୃଷ୍ଟି କରିଛି। ନିକଟରେ ଆପ୍ ରାଘବଙ୍କୁ ରାଜ୍ୟ ସଭାରେ ଦଳର ଉପନେତା ପଦରୁ ବିଦା କରିଥିଲା। ତାଙ୍କ ସ୍ଥାନରେ ଅଶୋକ ମିତ୍ତଲଙ୍କୁ ଅବସ୍ଥାପିତ କରିଥିଲା। ଏକ ବଡ଼ ରାଜନୈତିକ ଘଟଣାକ୍ରମରେ ସେହି ମିତ୍ତଲ ଓ ଅନ୍ୟ ୫ ଜଣଙ୍କୁ ରାଘବ ଦଳରୁ ଅଲଗା କରି ନେଇ ଭାଜପା ରାଷ୍ଟ୍ରୀୟ ଅଧ୍ୟକ୍ଷ ନୀତିନ ନବୀନଙ୍କ ଉପସ୍ଥିତିରେ ଭାଜପାରେ ଯୋଗଦେଇଛନ୍ତି। ଆପ୍‌ର ୧୦ ରାଜ୍ୟ ସଭା ସଦସ୍ୟଙ୍କ ମଧ୍ୟରୁ ୭ ଜଣ ଦଳ ଛାଡ଼ିଥିବାରୁ ସେମାନଙ୍କ ବିରୋଧରେ ଦଳ ବିରୋଧୀ ଆଇନ ଲାଗୁ ହେବ ନାହିଁ। ଏହା ଦ୍ୱାରା ଆପ୍‌କୁ କ୍ଷତି ପହଞ୍ଚିଥିବା ବେଳେ ଭାଜପା ଲାଭାନ୍ୱିତ ହୋଇଛି। ରାଜ୍ୟ ସଭାରେ ପୂର୍ବରୁ ଭାଜପାର ୧୦୬ ସଦସ୍ୟ ଥିବାବେଳେ ଏବେ ଶକ୍ତି ବୃଦ୍ଧି ପାଇ ୧୧୩ରେ ପହଞ୍ଚିଛି। ଏହାସହିତ ଉଚ୍ଚ ସଦନରେ ଏନ୍‌ଡିଏର ସଂଖ୍ୟା ୧୪୫ ହୋଇଛି, ଯାହାକି ଦୁଇ ତୃତୀୟାଂଶ ସଂଖ୍ୟା (୧୬୩)ଠାରୁ ୧୮ କମ୍। ଫଳରେ ଆଗକୁ ରାଜ୍ୟ ସଭାରେ ବିଧେୟକ ଗୃହୀତ କରାଇବାରେ ଏହା ଭାଜପା ପରିଚାଳିତ ଏନ୍‌ଡିଏକୁ ସୁହାଇବ ବୋଲି କୁହାଯାଉଛି। ଭାଜପା ପୁରସ୍କାର ଦେବାକୁ ଯାଇ ରାଘବଙ୍କୁ କେନ୍ଦ୍ର ମନ୍ତ୍ରିମଣ୍ଡଳରେ ସ୍ଥାନ ଦେବ ବୋଲି ଆଲୋଚନା ହେଲାଣି।


ରାଘବ ଚଡ୍ଢା

**ନୂଆଦିଲ୍ଲୀ,୨୪।୪**

ରାଘବ ଚଡ୍ଢା, ସନ୍ଦୀପ ପାଠକ ଏବଂ ଅଶୋକ ମିତ୍ତଲଙ୍କ ସମେତ ଆମ୍ ଆଦ୍‌ମୀ ପାର୍ଟି (ଆପ୍)ର ୭ ଜଣ ରାଜ୍ୟ ସଭା ସଦସ୍ୟ ଶୁକ୍ରବାର ଦଳ ଛାଡ଼ିବାର କିଛି ସମୟ ପରେ ଭାଜପାରେ ଯୋଗଦେଇଛନ୍ତି। ଫଳରେ ଆପ୍‌ର ରାଷ୍ଟ୍ରୀୟ ଆବାହକ ଅରବିନ୍ଦ କେଜ୍‌ରିୱାଲଙ୍କୁ ଶକ୍ତ ଧକ୍କା ଲାଗିଛି। ଆପ୍ ଛାଡ଼ିଥିବା ଅନ୍ୟ ଏମ୍‌ପିମାନେ ହେଲେ ସ୍ୱାତୀ ମାଲିୱାଲ, ହରଭଜନ ସିଂ, ରାଜିନ୍ଦର ଗୁପ୍ତା ଏବଂ ବିକ୍ରମ ସାହନି। ଭାଜପାରେ ଯୋଗଦେବା ପରେ ଚଡ୍ଢାଙ୍କୁ କେନ୍ଦ୍ରରେ ମନ୍ତ୍ରୀ କରାଯାଇପାରେ ବୋଲି ଏକ ସୂତ୍ରରୁ ଜଣାପଡ଼ିଛି।

ଆପ୍‌ର ରାଜ୍ୟ ସଭାରେ ଥିବା ୧୦ ସଦସ୍ୟଙ୍କ ମଧ୍ୟରୁ ଦୁଇ-ତୃତୀୟାଂଶ ଦଳ ଛାଡ଼ିଥିବାରୁ ସେମାନଙ୍କ ପାଇଁ ଦଳବଦଳ ଆଇନ ଲାଗୁ ହେବନାହିଁ। ଏକ ଖବରଦାତା ସମ୍ମିଳନୀରେ ଚଡ୍ଢା କହିଛନ୍ତି, ଆପ୍ ଦୁର୍ନୀତି ବିରୋଧରେ ଲଢ଼େଇ କରିବାର ପ୍ରତିଶ୍ରୁତି ଦେଇ ଦିଲ୍ଲୀରେ କ୍ଷମତାକୁ ଆସିଥିଲା। ଏବେ ଏହି ଦଳ ସଚ୍ଚୋଟ ରାଜନୀତିରୁ ଦୂରେଇ ଯାଇଛି। ଯେଉଁ ଆପ୍‌କୁ ମୁଁ ମୋର ରକ୍ତ ଓ ଝାଳ ଦେଇ ବଢ଼ାଇଥିଲି ଓ ଯୌବନର ୧୫ ବର୍ଷ ଦେଇଥିଲି, ଏବେ ତାହା ନୀତି, ମୂଲ୍ୟବୋଧ ଓ ଆଦର୍ଶଠାରୁ ସମ୍ପୂର୍ଣ୍ଣ ଦୂରେଇ ଯାଇଥିବା ଚଡ୍ଢା କହିଛନ୍ତି। ସୂଚନାଯୋଗ୍ୟ, ନିକଟରେ ଆପ୍ ଚଡ୍ଢାଙ୍କୁ ରାଜ୍ୟ ସଭାରେ ଦଳର ଉପନେତା ପଦରୁ ବିଦାକରି ତାଙ୍କ ସ୍ଥାନରେ ମିତ୍ତଲଙ୍କୁ ଉପନେତା ନିଯୁକ୍ତ କରିଥିଲା। ଶେଷକୁ ସେ ଭାଜପାକୁ ଯିବା ଆପ୍‌କୁ ଅଧିକ କ୍ଷତି ପହଞ୍ଚାଇଛି ବୋଲି କୁହାଯାଇଛି। ଖବରଦାତାମାନଙ୍କୁ ଚଡ୍ଢା କହିଛନ୍ତି, ଆମେ ଆମର ସ୍ୱାକ୍ଷରିତ ପତ୍ର, ଅନ୍ୟାନ୍ୟ ଔପଚାରିକ କାଗଜପତ୍ର ଓ ଆବଶ୍ୟକ ଦସ୍ତାବିଜ ରାଜ୍ୟ ସଭା ଅଧ୍ୟକ୍ଷଙ୍କ ☞ପୃଷ୍ଠା-୪

ଆଜିର ସମ୍ପାଦକୀୟ
ନିଯୁକ୍ତିର ବାର୍ତ୍ତା

SIKSHA 'O' ANUSANDHAN
SAAT-2026
Empowering students for a brighter future
LAW PROGRAMMES
B.A. LL.B. (H) - Integrated
BBA LL.B. (H) - Integrated
LL.B. (H) - 3 Years
LL.M. - 1 Year
APPROVAL & RECOGNITIONS
Approved by UGC and BCI
Re-accredited by NAAC with A++ Grade
Granted with Category-1 Graded Autonomy by UGC
NIRF INDIA RANKINGS 2025
10th Best in Law Category
15th Best in University Category
INTERNATIONAL RANKINGS 2026
Ranked in QS World Rankings 2026
Ranked in Times World Rankings 2026
To apply for admission through SAAT, Please visit: www.soa.ac.in

## ବିଧାନସଭାର ସ୍ୱତନ୍ତ୍ର ଅଧିବେଶନ ୩୦ରେ

### ମହିଳାଙ୍କ ଉପରେ ହେବ ବଡ଼ ଆଲୋଚନା

ଭୁବନେଶ୍ୱର,୨୪।୪ (ରବିନାରାୟଣ ଜେନା)

ଭାରତୀୟ ଗଣତନ୍ତ୍ରରେ ମହିଳାମାନଙ୍କ ଯୋଗଦାନକୁ ନେଇ ରାଜ୍ୟ ସରକାରଙ୍କ ପକ୍ଷରୁ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ଗ୍ରହଣ କରାଯାଇଛି। ଏପ୍ରିଲ ୩୦(ଗୁରୁବାର) ବିଧାନସଭାରେ ଏନେଇ ସ୍ୱତନ୍ତ୍ର ଅଧିବେଶନ ଅନୁଷ୍ଠିତ ହେବ ବୋଲି ଜଣାଯାଇଛି। ଶୁକ୍ରବାର ଏସଂକ୍ରାନ୍ତରେ ବିଧାନସଭା ସଚିବ ସତ୍ୟବ୍ରତ ରାଉତ ବିଧାନସଭାର ସମସ୍ତ ସଦସ୍ୟ, ରାଜ୍ୟପାଳ, ମହାଧିବକ୍ତା, ସମସ୍ତ ସରକାରୀ ବିଭାଗକୁ ଅବଗତ କରାଇଛନ୍ତି।

## ୨୭ରୁ ଜୁନ୍ ୧୭ ଖରାଛୁଟି

### ଆଗୁଆ ଘୋଷଣା କଲେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର,୨୪।୪ (ସୁଚିସ୍ମିତା ସାହୁ)

ପ୍ରଚଣ୍ଡ ଗ୍ରୀଷ୍ମ ପ୍ରବାହକୁ ଦୃଷ୍ଟିରେ ରଖି ଶୁକ୍ରବାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏପ୍ରିଲ ୨୭ରୁ ରାଜ୍ୟର ସମସ୍ତ ସ୍କୁଲ ପାଇଁ ଖରାଛୁଟି ଘୋଷଣା କରିଛନ୍ତି। ଆସନ୍ତା ସୋମବାରଠାରୁ ରାଜ୍ୟର ସମସ୍ତ ସରକାରୀ ଓ ବେସରକାରୀ ବିଦ୍ୟାଳୟ ବନ୍ଦ ରହିବ। ଛାତ୍ରୀଛାତ୍ରଙ୍କ ସୁରକ୍ଷା ଓ ସ୍ୱାସ୍ଥ୍ୟକୁ ଦୃଷ୍ଟିରେ ରଖି ମୁଖ୍ୟମନ୍ତ୍ରୀ ଏଭଳି ନିଷ୍ପତ୍ତି ନେଇଛନ୍ତି। ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗର ଏ ସମ୍ପର୍କିତ ପ୍ରସ୍ତାବକୁ ମୁଖ୍ୟମନ୍ତ୍ରୀ ଅନୁମୋଦନ ଦେଇଛନ୍ତି। ତେବେ ପୂର୍ବ ନିର୍ଦ୍ଧାରିତ ପରୀକ୍ଷା, ଜନଗଣନା କାର୍ଯ୍ୟ ଓ ଅନ୍ୟାନ୍ୟ ଅଫିସ କାମ ପୂର୍ବପରି ଜାରି ରହିବ। ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ଏ ସମ୍ପର୍କରେ ସୂଚନା ଦେଇ କହିଛନ୍ତି, ଆସନ୍ତା ୨୭ ତାରିଖରୁ ☞ପୃଷ୍ଠା-୪

6001/21/2627


ଶ୍ରୀ ନରେନ୍ଦ୍ର ମୋଦୀ
ପ୍ରଧାନମନ୍ତ୍ରୀ


ଶ୍ରୀ ମୋହନ ଚରଣ ମାଝୀ
ମୁଖ୍ୟମନ୍ତ୍ରୀ, ଓଡ଼ିଶା

ବିଶ୍ୱ ପ୍ରାଣିଚିକିତ୍ସା ଦିବସ-୨୦୨୬
ଉତ୍ତମ ଖାଦ୍ୟ ଓ ସ୍ୱାସ୍ଥ୍ୟ ପାଇଁ ପ୍ରାଣିଚିକିତ୍ସକ
• ୭୬ଟି ନୂତନ ପ୍ରାଣିଚିକିତ୍ସାଳୟ ଗୃହର ଶୁଭ ଉଦ୍‌ଘାଟନ
• ୧୨ଟି ମତ୍ସ୍ୟସମ୍ପଦ ଭିତ୍ତିଭୂମି ପ୍ରକଳ୍ପର ଶୁଭ ଉଦ୍‌ଘାଟନ
• ୨୧୯ଟି ନୂତନ ପ୍ରାଣିସମ୍ପଦ ଭିତ୍ତିଭୂମି ପ୍ରକଳ୍ପ ପାଇଁ ବୁଝାମଣାପତ୍ର
ମୁଖ୍ୟ ଅତିଥି
ଶ୍ରୀ ମୋହନ ଚରଣ ମାଝୀ
ମୁଖ୍ୟମନ୍ତ୍ରୀ
ଗରିମାମୟ ଉପସ୍ଥିତି
ଶ୍ରୀ ଗୋକୁଳାନନ୍ଦ ମଲ୍ଲିକ
ମନ୍ତ୍ରୀ, ମତ୍ସ୍ୟ ଓ ପ୍ରାଣିସମ୍ପଦ ବିକାଶ ଏବଂ ଅଣୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ
ପ୍ରାଣିସ୍ୱାସ୍ଥ୍ୟର ଅଭିବୃଦ୍ଧି ନିମନ୍ତେ ପଦକ୍ଷେପ
• ରାଜ୍ୟରେ ୫୪୧ ପ୍ରାଣିଚିକିତ୍ସାଳୟ, ୩୧୪ ଭ୍ରାମ୍ୟମାଣ ପ୍ରାଣିଚିକିତ୍ସା କ୍ଲିନିକ ଓ ୩,୮୩୯ ପ୍ରାଣିସମ୍ପଦ ସହାୟତା କେନ୍ଦ୍ର ମାଧ୍ୟମରେ ପ୍ରାଣିଚିକିତ୍ସା ସେବା ପ୍ରଦାନ କରାଯାଉଛି
• ଗୃହପାଳିତ ପ୍ରାଣୀଙ୍କୁ ସୁସ୍ଥ ରଖିବାକୁ ନିୟମିତ ଟିକାକରଣ କରାନ୍ତୁ
• ପ୍ରାଥମିକ ପ୍ରାଣିଚିକିତ୍ସା ସମ୍ବନ୍ଧୀୟ ପରାମର୍ଶ ପାଇଁ ଟୋଲ ଫ୍ରି ନମ୍ବର 1962 କିମ୍ବା 155333 ରେ କଲ୍ କରନ୍ତୁ
ଉତ୍ତମ ଖାଦ୍ୟ ସୁରକ୍ଷା ପାଇଁ ସଂକଳ୍ପବଦ୍ଧ ରାଜ୍ୟ ସରକାର
• ଓପୋଲଫେଡ୍ ଦୀର୍ଘ ୫୦ ବର୍ଷର ଯାତ୍ରା (୧୯୭୬-୨୦୨୬) ସଫଳ କରିଛି
• ଦେଶୀ ଚିକେନ ଓ ବ୍ରାଉନ ଅଣ୍ଡା ବର୍ତ୍ତମାନ ଓପୋଲଫେଡ୍‌ର ଚିକେନ ଫ୍ରେଶ କାଉଣ୍ଟରରେ ଉପଲବ୍ଧ
• ଭୁବନେଶ୍ୱରର ଆଇଆରସି କାଉଣ୍ଟରରେ କେନ୍ଦୁଝରର ଦେଶୀ ଅସିଲ୍ କୁକୁଡ଼ା ମଧ ମିଳୁଛି
• ଓପୋଲଫେଡ୍ ଗ୍ରାହକମାନଙ୍କ ପାଇଁ ଶୁଦ୍ଧ ଓ ସ୍ୱାସ୍ଥ୍ୟକର ଦେଶୀ ଅଣ୍ଡା ଓ ଚିକେନ ଯୋଗାଇ ଦେଉଛି
୨୫ ଅପ୍ରେଲ ୨୦୨୬
କନ୍‌ଭେନ୍‌ସନ୍ ସେଣ୍ଟର, ଲୋକସେବା ଭବନ, ଭୁବନେଶ୍ୱର
ମତ୍ସ୍ୟ ଓ ପ୍ରାଣିସମ୍ପଦ ବିକାଶ ବିଭାଗ, ଓଡ଼ିଶା ସରକାର
Follow us farddepartment farddepartment farddepartment @farddepartment
OIPR-6001/6014/2/26-27/0002

## ୨୫୦ ହିତାଧିକାରୀଙ୍କୁ ମିଳିଲା ଗୃହ କାର୍ଯ୍ୟାଦେଶ

**ପଞ୍ଚାୟତିରାଜ ଦିବସ**

ଥୁଆମୂଳ ରାମପୁର, ୨୪।୪ (ଦୁର୍ଗା କୀର୍ତ୍ତି): କଳାହାଣ୍ଡି ଜିଲା ଥୁଆମୂଳ ରାମପୁର ବ୍ଲକ ପ୍ରାଙ୍ଗଣରେ ଶୁକ୍ରବାର ସନ୍ଧ୍ୟାରେ ଜାତୀୟ ପଞ୍ଚାୟତିରାଜ ଦିବସ ବ୍ଲକସ୍ତରୀୟ ସମାରୋହ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ବଲାଙ୍ଗୀରଠାରେ ଆୟୋଜିତ ରାଜ୍ୟସ୍ତରୀୟ କାର୍ଯ୍ୟକ୍ରମର ସିଧାପ୍ରସାରଣ ହୋଇଥିଲା। ବ୍ଲକସ୍ତରୀୟ ଏହି କାର୍ଯ୍ୟକ୍ରମରେ 'ଅନ୍ତ୍ୟୋଦୟ ଗୃହ ଯୋଜନା'ରେ ୨୫୦ ନୂତନ ହିତାଧିକାରୀଙ୍କୁ କାର୍ଯ୍ୟାଦେଶ ବଣ୍ଟନ କରାଯିବା ସହ ସେମାନଙ୍କ ବ୍ୟାଙ୍କ ଖାତାକୁ ପ୍ରଥମ କିସ୍ତି ବାବଦରେ ୪୦,୦୦୦ ଟଙ୍କା ପ୍ରଦାନ କରାଯାଇଛି। ଏଥିସହ ୩ ମାସ ମଧ୍ୟରେ ଗୃହନିର୍ମାଣ ଶେଷ କରିଥିବା ୬ ଜଣଙ୍କୁ ପ୍ରୋତ୍ସାହନ ରାଶି, ୫ଜଣଙ୍କୁ ନୂତନ ରାଶନ କାର୍ଡ ଓ ୫ ଜଣଙ୍କୁ ସାମାଜିକ ସୁରକ୍ଷା ଭତ୍ତା ପ୍ରଦାନ କରାଯାଇଥିଲା। ସଫଳତା ପାଇଁ 'କିଆପଦର' ଓ 'ଗୁଣୁପୁର' ଗ୍ରାମ ପଞ୍ଚାୟତକୁ ଶ୍ରେଷ୍ଠ ପଞ୍ଚାୟତ ଭାବେ ପୁରସ୍କୃତ କରାଯାଇଥିଲା। କାର୍ଯ୍ୟକ୍ରମରେ ଏମ୍‌ପି ପ୍ରତିନିଧି ପବିତ୍ର ନାଏକ, ବିଡ଼ିଓ ଧ୍ରୁବ ଚରଣ ମୁଦୁଲି ଓ ଅନ୍ୟ ପ୍ରଶାସନିକ ଅଧିକାରୀ ଓ ଭାଜପା ନେତାମାନେ ଉପସ୍ଥିତ ଥିଲେ।

# ପାନୀୟଜଳ ଯୋଗାଣ ନେଇ ବିଡିଓଙ୍କ ଦ୍ୱାରସ୍ଥ ଗ୍ରାମବାସୀ

ଲାଞ୍ଜିଗଡ଼, ୨୪।୪ (ରମେଶ ଚନ୍ଦ୍ର ନାୟକ)

କଳାହାଣ୍ଡି ଜିଲା ଲାଞ୍ଜିଗଡ଼ ବ୍ଲକ ବିଜେପୁର ପଞ୍ଚାୟତ ଅନ୍ତର୍ଗତ ତଳକାଲିମା ଗାଁରେ ପାନୀୟ ଜଳ ସମସ୍ୟା ଲାଗି ରହିଛି। ପାନୀୟଜଳ ଯୋଗାଇବାକୁ ନେଇ ଗ୍ରାମବାସୀ ଶୁକ୍ରବାର ଲାଞ୍ଜିଗଡ଼ ବିଡିଓଙ୍କ ଦ୍ୱାରସ୍ଥ ହୋଇ ଏକ ଲିଖିତ ଦାବିପତ୍ର ପ୍ରଦାନ କରିଛନ୍ତି। ତଳକାଲିମା ଗ୍ରାମବାସୀ ବର୍ଷବର୍ଷ ଧରି ଦୂଷିତ ପାଣି ପିଉଛନ୍ତି। ଗାଁରେ ବସୁଧା ଜଳଯୋଗାଣ ପାଇଁ ଟାଙ୍କି ନିର୍ମାଣ ହୋଇ ବର୍ଷେ ହେଲାଣି କିନ୍ତୁ ବର୍ତ୍ତମାନ ସୁଦ୍ଧା କାର୍ଯ୍ୟକ୍ଷମ ହେଉନାହିଁ।

ଏହି ଗାଁରେ ୫୫ରୁ ଊର୍ଦ୍ଧ୍ୱ ପରିବାର ରହୁଛନ୍ତି। ୩ ଶହରୁ ଅଧିକ ଜନସଂଖ୍ୟା ବିଶିଷ୍ଟ ଗାଁର ମୁଖ୍ୟ ସମସ୍ୟା ହେଉଛି ପାନୀୟଜଳ। ପଞ୍ଚାୟତ ମୁଖ୍ୟାଳୟଠାରୁ ମାତ୍ର ୫ କିମି ଦୂରରେ ଥିବାବେଳେ ବର୍ଷବର୍ଷ ଧରି ଏହି ଗାଁରେ ପାନୀୟଜଳର ସମସ୍ୟା ଲାଗିରହିଛି। ଗ୍ରାମରେ ୨ଟି ନଳକୂଅ ଅଛି। କିନ୍ତୁ ୨ଟି ଯାକ ନଳକୂପରୁ ମାର୍ଚ୍ଚରୁ ହିଁ କମ ପରିମାଣର ପାଣି ବାହାରୁଛି। ଗୋଟିଏ ହାଣ୍ଡି ପାଣି ପାଇଁ ଦୀର୍ଘ ସମୟ ଅପେକ୍ଷା କରିବାକୁ ପଡୁଛି। ତେଣୁ ଏହି ଦୁଇଟି ନଳକୂପରେ ୫୫ରୁ ଊର୍ଦ୍ଧ୍ୱପରିବାରଙ୍କୁ ପାଣି ନିଅଣ୍ଟ ହେଉଛି ବୋଲି ଗାଁ ଲୋକେ କହିଛନ୍ତି। ୨୦୨୨ ମସିହାରେ ଗାଁରେ ୨ଟି ଗଭୀର ନଳକୂଅ ଖୋଳାଯାଇଥିଲା। କାର୍ଯ୍ୟକ୍ଷମ କରିବା ପାଇଁ ସ୍ଥାନୀୟ ସରପଞ୍ଚ, ବ୍ଲକ ପ୍ରଶାସନ ନିକଟରେ ବାରମ୍ବାର ଦାବି କରିବା ପରେ ୨୦୨୪ରେ ଗାଁରେ ନିର୍ମାଣ ହୋଇଛି ବସୁଧା ପାଣି ଟାଙ୍କି। ଘରକୁ ଘର ପାଣି ପାଇପ ଲାଇନ ସଂଯୋଗ ମଧ୍ୟ ହୋଇଛି। କିନ୍ତୁ ସମ୍ପୂର୍ଣ୍ଣ ହୋଇ ୧ ବର୍ଷ ବିତିଯାଇଥିଲେ ମଧ୍ୟ କାର୍ଯ୍ୟକ୍ଷମ ହେଉନାହିଁ ବୋଲି ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଅନ୍ୟ ପଟେ କାମ ସାରି ଠିକାଦାର ଗାୟବ ହୋଇଯାଇଥିବା ବେଳେ ବ୍ଲକ ଜଳଯୋଗାଣ ଦାୟିତ୍ୱରେ ଥିବା ବିଭାଗୀୟ ଯନ୍ତ୍ରୀ ଗ୍ରାମବାସୀଙ୍କ ଅଭିଯୋଗକୁ ଅତି ହାଲୁକାରେ ନେଉଛନ୍ତି। ତେବେ ଉକ୍ତ ଗାଁରେ ଗ୍ରୀଷ୍ମପ୍ରବାହ ଯୋଗୁ ପାନୀୟ ଜଳ ସମସ୍ୟା ଦେଖିବାକୁ ମିଳିଛି। ଏହାକୁ ନେଇ ଅସହ୍ୟ ପରେ ଶୁକ୍ରବାର ତଳକାଲିମା ଗ୍ରାମର ପଲି ମାଝୀ, ଡାକେ ମାଝୀ, ମଦନ ମାଝୀ, ଘନ ନାଏକ, କୃଷ୍ଣ ନାଏକ, ସୁକାନ୍ତ ନାଏକ, ମମତା ନାଏକ, ଊର୍ମିଳା ନାଏକ, ହାରବତୀ ନାଏକ, ତେଲଦେଈ ମାଝୀ, ମିନ୍ଦୁ ଗୌଡ଼, ତୁଳସା ମାଝୀ, ସୁଶୀଳା ନାଏକଙ୍କ ସମେତ ସମସ୍ତ ଗ୍ରାମବାସୀ ଏକତ୍ରିତ ହୋଇ ଲାଞ୍ଜିଗଡ଼ ବ୍ଲକ କାର୍ଯ୍ୟାଳୟ ଯାଇ ବିଡିଓ ଶଶାଙ୍କ ପାତ୍ରଙ୍କୁ ସାକ୍ଷାତ କରି ଏକ ଦାବିପତ୍ର ଦେବାସହ ସମସ୍ୟାକୁ ଉପସ୍ଥାପନା କରିଛନ୍ତି। ଏହି ସମସ୍ୟାକୁ ଗୁରୁତର ସହିତ ନେଇ ଲାଞ୍ଜିଗଡ ବିଡିଓ ପାତ୍ର ଯେକୌଣସି ମାଧ୍ୟମରେ ହେଉ ଶନିବାରଠାରୁ ପିଇବା ପାଣି ଯୋଗାଇ ଦେବା ପାଇଁ ପ୍ରତିଶ୍ରୁତି ଦେଇଛନ୍ତି ବୋଲି ଗ୍ରାମବାସୀ ପ୍ରକାଶ କରିଛନ୍ତି।


ଲାଞ୍ଜିଗଡ ବିଡିଓଙ୍କୁ ସାକ୍ଷାତ୍ କରିବାକୁ ଆସିଥିବା ତଳକାଲିମା ଗ୍ରାମବାସୀ।

**ପାଣିଟାଙ୍କି ନିର୍ମାଣକୁ ବର୍ଷେ ପୂରିଲା, କାର୍ଯ୍ୟକ୍ଷମ ହେଉନି**

# କେନାଲ ସଡ଼କ ଉପରେ ଟ୍ରାଫିକ୍ ଜାମ୍

ଖଡ଼ିଆଲ, ୨୪।୪ (ସୁଜିତ କୁମାର ପ୍ରଧାନ)

ନୂଆପଡ଼ା ଜିଲା ଖଡ଼ିଆଲ ସହର ମଧ୍ୟରେ ନୂଆପଡ଼ା ମଡେଲ ଡିଗ୍ରୀ କଲେଜ ରହିଥିବା ବେଳେ ଏହି କଲେଜକୁ ଯାତାୟାତ ପାଇଁ ଜିଲାର ବିଭିନ୍ନ ପ୍ରାନ୍ତରୁ ଆସିଥିବା ବିଦ୍ୟାର୍ଥୀମାନେ କେନାଲ ସଡ଼କ ଉପରେ ନିର୍ଭରଶୀଳ। ମାତ୍ର କେନାଲ ସଡ଼କ ଉପରେ ଟ୍ରାଫିକ ଜାମ ରହୁଛି। ମଡେଲ ଡିଗ୍ରୀ କଲେଜ ଛାତ୍ରୀଛାତ୍ର ଯାତାୟାତ କରୁଥିବାବେଳେ ରାଜ୍ୟ ପଣ୍ୟାଗାରକୁ ଚାଉଳ ଯୋଗାଣ ପାଇଁ ଭାରିଯାନ ଯାତାୟାତ କରୁଛି। ସେହିପରି ସରକାରୀ ମୋ ବସ ସେବା ଛାତ୍ରୀଛାତ୍ରଙ୍କୁ ଆଣି କଲେଜ ସମ୍ମୁଖରେ ଛାଡ଼ିଥାଏ। ଘର ନିର୍ମାଣ ସାମଗ୍ରୀ ନେଇ ଭାରିଯାନ ମଧ୍ୟ ଯାତାୟାତ କରୁଛନ୍ତି। କେନାଲ ତଳକୁ ୧୨ରୁ ୧୪ ଫୁଟ ଗଭୀର ରହିଥିବାବେଳେ ସାମାନ୍ୟ ଭାରସାମ୍ୟ ହରାଇଲେ ବିପଦ ଦୁର୍ଘଟଣାକୁ ଏଡ଼ାଇ ଦିଆଯାଇ ନ ପାରେ। ଛାତ୍ରୀଛାତ୍ର ଯାତାୟାତ ନେଇ ନାହିଁ ନ ଥିବା ସମସ୍ୟା ସମ୍ମୁଖୀନ ହେଉଛନ୍ତି। କେନାଲ ସଡ଼କକୁ ମଧ୍ୟ ବାଇପାସ ସଡ଼କ ମାନ୍ୟତା ଦେଇ ଓସାରିଆ ସଡ଼କ ନିର୍ମାଣ କଲେ ଅନେକ ସମସ୍ୟା ଦୂରୀଭୂତ ହେବ। ଏହି ରାସ୍ତାରେ ଭାରିଯାନ ମୁହାଁମୁହିଁ ହୋଇଥିବାବେଳେ ମୋ ବସ ମଧ୍ୟ ଯାଇଥିଲା। ଫଳରେ ଅନେକ ସମୟ ଜାମ ହେବା ସହ ଛାତ୍ରୀଛାତ୍ର ନାହିଁ ନ ଥିବା ସମସ୍ୟା ସମ୍ମୁଖୀନ ହୋଇଛନ୍ତି।


କେନାଲ ସଡ଼କ ଉପରେ ଟ୍ରାଫିକ ଜାମ ହୋଇ ଗାଡ଼ି ଅଟକି ରହିଛି।

# ବର୍ଷକରେ ୫୮ କୋଟି ୨ ଲକ୍ଷ ରାଜସ୍ୱ ଆଦାୟ

ଭବାନୀପାଟଣା, ୨୪।୪ (ଉତ୍ତମ କୁମାର ଦାଶ)

**ଆଞ୍ଚଳିକ ପରିବହନ କାର୍ଯ୍ୟାଳୟ**
- ନିୟମ ଭାଙ୍ଗୁଥିବା ମେଲୋଡି ଗାଡି ଉପରେ ବି କାର୍ଯ୍ୟାନୁଷ୍ଠାନ
- ଗତବର୍ଷଠାରୁ ୧୦ କୋଟି ଅଧିକ ରାଜସ୍ୱ ଆଦାୟ

କଳାହାଣ୍ଡି ଜିଲା ଆଞ୍ଚଳିକ ପରିବହନ କାର୍ଯ୍ୟାଳୟ ଚଳିତ ଆର୍ଥିକବର୍ଷ ୨୦୨୫––୨୬ରେ ୫୮ କୋଟି ୨ ଲକ୍ଷ ୫୩୦ ଟଙ୍କା ରାଜସ୍ୱ ସଂଗ୍ରହ କରିଛି। ଜିଲାର ଟାର୍ଗେଟ ୫୮ କୋଟି ରହିଥିବାବେଳେ ଶତ ପ୍ରତିଶତରୁ ଅଧିକ ରାଜସ୍ୱ ସଂଗ୍ରହ କରିଛି କଳାହାଣ୍ଡି ଆଞ୍ଚଳିକ ପରିବହନ କାର୍ଯ୍ୟାଳୟ। ପ୍ରାୟ ୮ ବର୍ଷ ପରେ ଏପରି ଶତପ୍ରତିଶତ ରାଜସ୍ୱ ଆଦାୟ ହୋଇଥିବା ଜଣାପଡିଛି। ଗତବର୍ଷ ୪୮ କୋଟି ୬୭ଲକ୍ଷ ୩୩ହଜାର ୭୯୨ ଟଙ୍କା ରାଜସ୍ୱ ସଂଗ୍ରହ କରାଯାଇଥିଲା। ଏଥର କିନ୍ତୁ ଗତବର୍ଷ ଠାରୁ ଅଧିକ ୧୦ କୋଟି ରାଜସ୍ୱ ଆଦାୟ କରାଯାଇଛି। ସଡ଼କ ସୁରକ୍ଷା ନିୟମ ମାନୁ ନ ଥିବା ଲୋକଙ୍କ ଉପରେ ଚାଲାଣ କଟାଯାଇଛି। ଏଥିରେ ବିଶେଷ କରି ଦ୍ରୁତ ଗାଡି ଚାଳନା, ବିନା ହେଲମେଟରେ ବାଇକ୍ ଚଳାଇବା, ମଦ୍ୟପାନ କରି ଗାଡି ଚଳାଇବା, ଓଭର ଲୋଡ, ସିଟ ବେଲ୍ଟ ନ ପିନ୍ଧିବା ଲୋକଙ୍କ ସଂଖ୍ୟା ଅଧିକ ରହିଛି। ଏହାସହ ମୋଟର ଯାନ ନିୟମ ମାନି ନ ଥିବା ୧୦ଟି ମେଲୋଡି ଗାଡିକୁ ୬୮ ହଜାର ହିସାବରେ ଫାଇନ କଟାଯାଇଛି। ତେବେ ଆଗକୁ ମଧ୍ୟ ଜିଲାରେ ଏପରି ଏନଫୋର୍ସ ଟିମ୍ ପକ୍ଷରୁ ଚଢ଼ାଉ ଜାରି ରହିବା ସହ ଦୁର୍ଘଟଣା ରୋକିବାକୁ ପ୍ରୟାସ କରାଯିବ। ତେଣୁ ସମସ୍ତେ ସଡ଼କ ସୁରକ୍ଷା ନିୟମ ମାନି ଗାଡି ଚଳାନ୍ତୁ ବୋଲି ଆଞ୍ଚଳିକ ପରିବହନ ଅଧିକାରୀ ଦାୟିତ୍ୱରେ ଥିବା ଡେପୁଟି କମିଶନର ପ୍ରତାପ କିଶୋର ପଣ୍ଡା ପ୍ରକାଶ କରିଛନ୍ତି।

# ବିଶ୍ୱାସୀ ଦଳ ସମାଜର ଗାଦିସ୍ତରୀୟ ମହାସଭା

ନୂଆପଡ଼ା, ୨୪।୪ (ମକାରୁ ବେମାଲ)

ନୂଆପଡ଼ା ଜିଲା କୋମନା ବ୍ଲକ ଅନ୍ତର୍ଗତ ରଜନା ପଞ୍ଚାୟତ ବେଲଗାଁ ସମାଜ ଗୋଷ୍ଠୀ ଗୃହଠାରେ ୩ଦିନ ଧରି ଚାଲିଥିବା ବିଶ୍ୱାସୀ ଦଳ ସମାଜର ଗାଦିସ୍ତରୀୟ ମହାସଭା ଗୁରୁବାର ଉଦ୍‌ଯାପିତ ହୋଇଯାଇଛି। ସମାଜର ଏକତା ସଂସ୍କୃତିର ସଂରକ୍ଷଣ ଓ ସାମାଜିକ ବିକାଶକୁ ନେଇ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ସର୍ବପ୍ରଥମେ ବିଶ୍ୱାସୀ ଦଳ ସମାଜର ଆରାଧ୍ୟ ଦେବତା ମହାପ୍ରଭୁ ନୃସିଂହ ଓ ହରିଶଙ୍କର ବାବାଙ୍କଠାରେ ଦୀପ ପ୍ରଜ୍ୱଳନ କରାଯାଇ ସଭା କାର୍ଯ୍ୟ ଆରମ୍ଭ ହୋଇଥିଲା। ବିଶ୍ୱାସୀ ଦଳ ସମାଜ ଜିଲା ସଭାପତି ଉଷତ ରାମ ଭୋଇଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସଭାରେ ବଲାଙ୍ଗୀର ଜିଲା ପୂର୍ବତନ ସଭାପତି ରତନ ଲାଲ ମଲ୍ଲିକ, ଉପସଭାପତି ଜୟପ୍ରକାଶ ମଲ୍ଲିକ, ସମ୍ପାଦକ ବିରଞ୍ଚି ଝାଙ୍କର, ଘୁନେଶ ସରପଞ୍ଚ ଛବିଲ ଭୋଇ, ବରଗଡ ଜିଲା ସଭାପତି ଟିକେଶ୍ୱର ବିଶ୍ୱାଳ, ସମ୍ପାଦକ ତ୍ରିନାଥ ମଲ୍ଲିକ, ଉପସଭାପତି ଭକ୍ତହରି କୁଅଁର, ସହସମ୍ପାଦକ ମୁରଲି ବିଶ୍ୱାଳ ପ୍ରମୁଖ ଅତିଥି ଭାବରେ ଯୋଗଦେଇ ମଞ୍ଚାସୀନ ଥିଲେ। ଆଦିବାସୀ ବିଶ୍ୱାସୀ ଦଳ ସମାଜର ପରମ୍ପରାକୁ ବଜାୟ ରଖିବା ସହ ଶିକ୍ଷା, ସ୍ୱାସ୍ଥ୍ୟ, ରାଜନୈତିକ, ଅର୍ଥନୈତିକ ଓ ସମାଜର ସର୍ବାଙ୍ଗୀନ ଉନ୍ନତି ପାଇଁ ସାମୂହିକ ପ୍ରଚେଷ୍ଟା କରିବ। ଏହା ସହ ଦଳ ସମାଜର ଆଦିବାସୀ ପରମ୍ପରା, ସାଂସ୍କୃତିକ ମୂଲ୍ୟବୋଧକୁ ବଞ୍ଚାଇ ରଖିବ। ଏହା ସହିତ ଅନ୍ଧ ବିଶ୍ୱାସ, କୁସଂସ୍କାରକୁ ଦୂରେଇ ଦେଇ ନାରୀଶିକ୍ଷା ପ୍ରତି ଅଧିକ ଗୁରୁତ୍ୱ ଦେବ ବୋଲି ମଞ୍ଚାସୀନ ଅତିଥିମାନେ ମତବ୍ୟକ୍ତ କରିଥିଲେ। ଏହା ପରେ ନୂଆପଡ଼ା ଜିଲା ସଭାପତି ଭୋଇ, ସମ୍ପାଦକ ପ୍ରମେଶ୍ୱର ଭୋଇ, ସଭାପତି ସାଗର ଭୋଇ, କୋଷାଧ୍ୟକ୍ଷ ଅକ୍ଷ କୁମାର ଜାନି, ଉପଉପଦେଷ୍ଟା ଲକ୍ଷ୍ମଣ ଭୋଇ, ଜୟରାମ ଝାଙ୍କର, ଆନାମ ଭୋଇ ଅନ୍ୟ ପଦାଧିକାରୀଙ୍କୁ ସଭାମଞ୍ଚରେ ସମ୍ମାନିତ କରାଯାଇଥିଲା। ଏହାପରେ ଦଳ ସମାଜର ଆଦିବାସୀ ନୃତ୍ୟ ତଥା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ଉକ୍ତ ମହାସଭାରେ ନୂଆପଡ଼ା ଜିଲା ସମେତ ବରଗଡ, ବଲାଙ୍ଗୀର ଜିଲାର ସହସ୍ରାଧିକ ଦଳ ସମାଜର ମହିଳା, ପୁରୁଷ ଯୋଗଦେଇଥିଲେ। ବାବାଜୀ ଭୋଇ, ସାନନ୍ଦ ଭୋଇ, ଗଦାଧର ଭୋଇ, ହେମନ୍ତ ବାରିକ, ଭଗବାନ ଭୋଇ, ଚନ୍ଦ୍ର ଶେଖର ମଲ୍ଲିକ, ବିଦ୍ୟାଧର ଭୋଇ, ପିତବାସ ଝାଙ୍କର, ଦଳ ସମାଜ ନୂଆପଡ଼ା ଜିଲା ସମ୍ପାଦକ ମଞ୍ଚ ପରିଚାଳନା କରିଥିବାବେଳେ କୋଷାଧ୍ୟକ୍ଷ ଧନ୍ୟବାଦ ଅର୍ପଣ କରିଥିଲେ।



ବିଶ୍ୱାସୀ ଦଳ ସମାଜର ଗାଦିସ୍ତରୀୟ ମହାସଭାରେ ମଞ୍ଚାସୀନ ଅତିଥି।

# ଜୟପାଟଣା ପ୍ରାଥମିକ ଶିକ୍ଷକ ସଂଘର ସମ୍ବର୍ଦ୍ଧନା ସଭା

ଜୟପାଟଣା, ୨୪।୪ (ଓମ ପ୍ରକାଶ ବୈଠାରୁ)

କଳାହାଣ୍ଡି ଜିଲା ଜୟପାଟଣା ବ୍ଲକ ଅନ୍ତର୍ଗତ ରେଙ୍ଗାଲପାଲି ଆଞ୍ଚଳିକ ସାଧନ କେନ୍ଦ୍ର ଅଧିନସ୍ଥ ରେଙ୍ଗାଲପାଲି ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସରରେ ନିଖିଳ ଉତ୍କଳ ପ୍ରାଥମିକ ଶିକ୍ଷକ ସଂଘ ପକ୍ଷରୁ ଶୁକ୍ରବାର ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଯାଇଛି। ଜୟପାଟଣା ବ୍ଲକ ଶାଖା ସଭାପତି ପ୍ରମୋଦ କୁମାର ଠାକୁରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥି ଭାବେ ଜିଲା ସ୍ୱତନ୍ତ୍ର ବିକାଶ ପରିଷଦ ଅଧ୍ୟକ୍ଷ ବିଜୟ ଦିଶାରୀ ଯୋଗଦାନ କରି ଦେଶର ପ୍ରଗତି ପାଇଁ ଶିକ୍ଷକମାନଙ୍କ ଅବଦାନ ସଦାସର୍ବଦା ପ୍ରଶଂସନୀୟ ବୋଲି ମତପ୍ରକାଶ କରିଥିଲେ। ସମ୍ମାନିତ ଅତିଥି ଭାବେ ସିଆରସିସି ବେଦବର ନିଆଲ, ସଂଘ ସମ୍ପାଦକ ଲଳିତ କୁମାର ନାଏକ ଓ ବରିଷ୍ଠ ଖବରଦାତା ଅସରଫ ଅଲ୍ଲୀ ଯୋଗଦାନ କରିଥିଲେ। ଏହି ଅବସରରେ ମାର୍ଚ୍ଚ ୩୧ରେ ଅବସର ଗ୍ରହଣ କରିଥିବା ଜୟପାଟଣା ଗୋଷ୍ଠୀ ସାଧନ କେନ୍ଦ୍ର ସଂଯୋଜକ ତଥା ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ସୁରେନ୍ଦ୍ର ମୋହନ ଯୋଶୀ, ସାନଟେମରୀ ଉ.ପ୍ରା ବିଦ୍ୟାଳୟର ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ସୁଶୀଲ କୁମାର ପଣ୍ଡା, ଗୁମାପଡା ପ୍ରାଥମିକ ବିଦ୍ୟାଳୟର ସହଶିକ୍ଷକ ଟୁନୁପ୍ରସାଦ ଦାସ, ଛତାବାନ୍ଧୁଗୁଡା ଉପ୍ରା ବିଦ୍ୟାଳୟର ସହଶିକ୍ଷକ ଲାଲ ମୋହନ ଶବର ପ୍ରମୁଖଙ୍କୁ ଅତିଥିଙ୍କ ଦ୍ୱାରା ମାନପତ୍ର, ଉତ୍ତରୀୟ ଓ ସ୍ମୃତି ଚିହ୍ନ ସହ ସମ୍ବର୍ଦ୍ଧିତ କରାଯାଇଥିଲା। ରେଙ୍ଗାଲପାଲି ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକ ବେଦବର ନିଆଲ ଓ ସମସ୍ତ ଶିକ୍ଷୟିତ୍ରୀଶିକ୍ଷକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ସଭା କାର୍ଯ୍ୟକ୍ରମରେ ଜୟପାଟଣା ପ୍ରାଥମିକ ଶିକ୍ଷକ ସଂଘର ଉପଦେଷ୍ଟା ସରୋଜ ମିଶ୍ର, ପ୍ରଫୁଲ୍ଲ ବେହେରା, ସଙ୍ଗଠନର କର୍ମକର୍ତ୍ତା ରମାକାନ୍ତ ମାଝୀ, ଗୋଲକ ବିହାରୀ ସିଂ, ଉପେନ୍ଦ୍ର ଯୋଶୀ ଓ ସମସ୍ତ ଆଞ୍ଚଳିକ କେନ୍ଦ୍ର ସଂଯୋଜକ, ରେଙ୍ଗାଲପାଲି ଆଞ୍ଚଳିକ କେନ୍ଦ୍ରର ଶିକ୍ଷକ ଗଣେଶ ଶବର, ଶଶିଭୂଷଣ ଦଳପତି, କୌଶିକ ଶବର, ସନ୍ତୋଷ ଭୋଇ, ସୁବାଷ ବିଶ୍ୱାଳ, ତ୍ରିନାଥ ନାଏକ, ରଞ୍ଜନ ବରିହା, ତ୍ରିଲୋଚନ ଦୁର୍ଗା, ସୁଜିତ ସାହୁ, ରୁଚିରା ନାୟକ ଓ ଉପମା ବାଗ ପ୍ରମୁଖ ସହଯୋଗ କରିଥିବାବେଳେ ମଞ୍ଚ ପରିଚାଳନା କରିଥିଲେ ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକ ବଡକର୍ଲାକୋଟ ସିଦ୍ଧାର୍ଥ କୁମାର ମିଶ୍ର ଓ ସଙ୍ଗଠନ ଯୁଗ୍ମ ସମ୍ପାଦକ ନବ କିଶୋର ନାଏକ ଧନ୍ୟବାଦ ପ୍ରଦାନ କରିଥିଲେ।


ଜୟପାଟଣା ପ୍ରାଥମିକ ଶିକ୍ଷକ ସଂଘର ସମ୍ବର୍ଦ୍ଧନା ସଭା।

# ୩୦୧ ହିତାଧିକାରୀଙ୍କୁ ଅନ୍ତ୍ୟୋଦୟ ଗୃହ ଯୋଜନା କାର୍ଯ୍ୟାଦେଶ ବଣ୍ଟନ

**ଗୋଲାମୁଣ୍ଡାଠାରେ ଜାତୀୟ ପଞ୍ଚାୟତିରାଜ ଦିବସ**

ଗୋଲାମୁଣ୍ଡା, ୨୪।୪ (ବଟକୃଷ୍ଣ ପଣ୍ଡା)

କଳାହାଣ୍ଡି ଜିଲା ଗୋଲାମୁଣ୍ଡା ବ୍ଲକ କାର୍ଯ୍ୟାଳୟ ପରିସରରେ ଶୁକ୍ରବାର ଜାତୀୟ ପଞ୍ଚାୟତିରାଜ ଦିବସ ପାଳିତ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ଗୋଲାମୁଣ୍ଡା ବ୍ଲକ ଅଧ୍ୟକ୍ଷ ବିନ୍ଦୁ ମହାନନ୍ଦଙ୍କ ନେତୃତ୍ୱରେ ମୋଟ ୩୦୧ ହିତାଧିକାରୀଙ୍କୁ ଅନ୍ତ୍ୟୋଦୟ ଗୃହ ଯୋଜନାରେ କାର୍ଯ୍ୟାଦେଶ ବଣ୍ଟନ କରାଯାଇଛି। ଏହି କାର୍ଯ୍ୟକ୍ରମରେ ବହୁ ସଂଖ୍ୟକ ହିତାଧିକାରୀ ଉପସ୍ଥିତ ଥିଲେ ଏବଂ ସେମାନଙ୍କୁ ନିଜ ଗୃହ ପାଇଁ ଆବଶ୍ୟକୀୟ କାର୍ଯ୍ୟାଦେଶ ପ୍ରଦାନ କରାଯାଇଥିଲା। ଏହି ଅବସରରେ ବ୍ଲକ ଅଧ୍ୟକ୍ଷ ବିନ୍ଦୁ ମହାନନ୍ଦ କହିଛନ୍ତି, ଅନ୍ତ୍ୟୋଦୟ ଗୃହ ଯୋଜନା ଗରିବ ପରିବାରମାନଙ୍କୁ ସମ୍ମାନଜନକ ଭାବରେ ବଞ୍ଚିବା ପାଇଁ ଏକ ସୁଯୋଗ ଦେବ। ଏହି କାର୍ଯ୍ୟକ୍ରମରେ ମନୋଜ ମେହେର, ଭବସିନ୍ଧୁ ମଙ୍ଗରାଜ, ପ୍ରସନ୍ନ ରାଉତ, ସମିତି ସଭ୍ୟ ଦୈତାରୀ ରାଉତ, ସମିତି ସଭ୍ୟ କିରଣ ସିଂ, ବିଡିଓ ତ୍ରିପୁର ମହାନନ୍ଦ, ଏବିଡିଓ ବିଜୟ କୁମାର, ସିଡିପିଓ ପଦ୍ମା ମଞ୍ଜରୀ ପ୍ରଧାନ, ବ୍ଲକ କୃଷି ଅଧିକାରୀ ନଉକେଶ୍ୱର ନାଗ, ଗ୍ରାମୀଣ ଗୃହ ଯୋଜନାର ବିପିସି ମଧୁ ସାହୁ, ଦିନେଶ ପାନକା, ସମସ୍ତ ସରପଞ୍ଚ ଓ ସମିତି ସଭ୍ୟା, ସଭ୍ୟ ଉପସ୍ଥିତ ଥିଲେ। ଖମାରହଳଦୀ ପିଇଓ ବିଶ୍ୱରଞ୍ଜନ ପଣ୍ଡା ସଭା ପରିଚାଳନା କରିଥିଲେ।

# ଜାତୀୟ ପଞ୍ଚାୟତିରାଜ ଦିବସ ପାଳିତ

ବୋଡ଼େନ, ୨୪।୪ (ଟିକେଶ୍ୱର ନାଗ)

ନୂଆପଡ଼ା ଜିଲା ବୋଡ଼େନ ବ୍ଲକର ହାଇସ୍କୁଲ ଖେଳ ପଡିଆଠାରେ ଜାତୀୟ ପଞ୍ଚାୟତିରାଜ ଦିବସ ଉପଲକ୍ଷେ ବଲାଙ୍ଗୀର ଠାରେ ଆୟୋଜିତ ହୋଇଥିବା ରାଜ୍ୟସ୍ତରର ସମାରୋହରୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ସଭାର ସିଧାପ୍ରସାରଣ ଆଭାସି ମାଧ୍ୟମରେ ପ୍ରଦର୍ଶିତ ହୋଇଥିଲା। କାର୍ଯ୍ୟକ୍ରମ ଡବ୍ଲୁଇଓ କ୍ଷଣପ୍ରଭା ପାଣିଗ୍ରାହୀଙ୍କ ତତ୍ତ୍ୱାବଧାନରେ ପରିଚାଳିତ ହୋଇଥିବାବେଳେ ମୁଖ୍ୟ ଅତିଥି ଭାବେ ବ୍ଲକ ଅଧ୍ୟକ୍ଷା ପ୍ରେମଶିଳା ନାଗ ଯୋଗଦାନ କରିଥିଲେ। ଅନ୍ୟ ସମ୍ମାନିତ ଅତିଥି ଭାବେ ଏମ୍‌ପିଙ୍କ ବ୍ଲକ ପ୍ରତିନିଧି ବିଜୟ ବେହେରା, ସମିତି ସଭ୍ୟା ବାଳିକା ମାଝୀ, ସମିତି ସଭ୍ୟ ପବିତ୍ର ମହାନନ୍ଦ, ବରିଷ୍ଠ ନାଗରିକ ପର୍ଶୁରାମ ସେଠୀ, ବିଏଫ୍‌ଓ ଶରତଚନ୍ଦ୍ର ସେଠୀ ଯୋଗଦାନ କରିଥିଲେ। କାର୍ଯ୍ୟକ୍ରମରେ ମିଶନ ଶକ୍ତିର ବିଏଲ୍‌ସି, ଏମ୍‌ବିକେ, ସିଆର୍‌ପି, ଇସି ମେମ୍ବର, ଏସ୍‌ଏଚଜି ମହିଳା ଓ ସାଧାରଣ ଜନତା ଉପସ୍ଥିତ ରହି ଜାତୀୟ ପଞ୍ଚାୟତି ରାଜ ଦିବସ ପାଳନ କରିଛନ୍ତି। କାର୍ଯ୍ୟକ୍ରମ ସଫଳ ରୂପାୟନରେ ସହକାରୀ କାର୍ଯ୍ୟ ନିର୍ବାହୀ ଯନ୍ତ୍ରୀ କ୍ଷୀରୋଦ ନାଏକ, ବିପିସି ଜ୍ୟୋତିରଞ୍ଜନ ପଣ୍ଡା, ଜିପିଡିଓ ଭୀଷ୍ମ କୁମାର, ସିପି ସରୋଜ କୁମାର ପ୍ରଧାନ, ଆକାଂକ୍ଷୀ ବ୍ଲକ ସହଯୋଗୀ ରାକେଶ କୁମାର ଷଡଙ୍ଗୀ, ସହକାରୀ ଯନ୍ତ୍ରୀ ଯୁଗେଶ୍ୱର୍ ନାଏକ, କନିଷ୍ଠ ଯନ୍ତ୍ରୀ ଅମରେନ୍ଦ୍ର ବିଶାଳ, ଜେଇ ଧର୍ମେନ୍ଦ୍ର କୁମାର ସାହୁ, ବ୍ଲକର ଅନ୍ୟ ସମସ୍ତ ଅଧିକାରୀ, ସମସ୍ତ ପିଇଓ, ସମସ୍ତ ଜିଆର୍‌ଏସ, ସମାଜସେବୀ ରାଜକୁମାର ନାଗ ସହଯୋଗ କରିଥିଲେ। ଏହି ଅବସରରେ ଅନ୍ତ୍ୟୋଦୟ ଗୃହ ଯୋଜନାରେ ୫ ଜଣ ହିତାଧିକାରୀଙ୍କୁ କାର୍ଯ୍ୟାଦେଶ ପ୍ରଦାନ କରିବା ସହିତ ୨ଜଣ ହିତାଧିକାରୀଙ୍କୁ ଇନସେନଟିଭ ପ୍ରଦାନ କରାଯାଇଛି।

# ବ୍ଲକ୍‌ସ୍ତରୀୟ ଜାତୀୟ ପଞ୍ଚାୟତିରାଜ ଦିବସ

କେସିଙ୍ଗା, ୨୪।୪ (ତୁମେଶ୍ୱର ସାହୁ)

କଳାହାଣ୍ଡି ଜିଲା କେସିଙ୍ଗା ପଞ୍ଚାୟତ ସମିତିର ଅଧ୍ୟକ୍ଷ ଚନ୍ଦନ ସେନାପତିଙ୍କ ସଭାପତିତ୍ୱରେ ପିଏମ୍‌ଶ୍ରୀ ବିଦ୍ୟାପୀଠରେ ବ୍ଲକସ୍ତରୀୟ ଜାତୀୟ ପଞ୍ଚାୟତରାଜ ଦିବସ ଶୁକ୍ରବାର ପାଳିତ ହୋଇଯାଇଛି। ଏହି ସଭାର ଆବାହକ ତଥା କେସିଙ୍ଗା ବିଡିଓ ଜନ୍ମେଜୟ ସ୍ୱାଇଁଙ୍କ ନେତୃତ୍ୱରେ ସଭା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ସରସ୍ୱତୀ ଶିଶୁ ମନ୍ଦିରର ଛାତ୍ରୀମାନଙ୍କ ଦ୍ୱାରା ପ୍ରାରମ୍ଭିକ ସଙ୍ଗୀତ ଗାନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ କେସିଙ୍ଗା ଏସଡ଼ିପିଓ ସନ୍ଦିପ ମାଝୀ, ବିଶିଷ୍ଟ ଅତିଥି ଭାବେ ସ୍ଥାନୀୟ ତହସିଲଦାର ପ୍ରଶାନ୍ତି ପ୍ରଧାନ, ସମ୍ମାନିତ ଅତିଥି ଭାବେ ସିଡିପିଓ ସୁଷମା ମିଶ୍ର ଯୋଗଦେଇଥିଲେ। ଏଥିରେ ବ୍ଲକ ଅଧ୍ୟକ୍ଷ ଚନ୍ଦନ ସେନାପତି ଯୋଗଦେଇ ଜାତୀୟ ପଞ୍ଚାୟତରାଜର ମୂଳ ଲକ୍ଷ୍ୟ ଓ ଉଦ୍ଦେଶ୍ୟ ବିଷୟରେ ଆଲୋକପାତ କରିବା ସହିତ ଗ୍ରାମାଞ୍ଚଳରେ ପାନୀୟଜଳ, ବିଦ୍ୟୁତ୍, ରାସ୍ତାଘାଟ ଇତ୍ୟାଦି ଉନ୍ନୟନ ବିଷୟରେ ଆଲୋକପାତ କରିଥିଲେ। ସ୍ଥାନୀୟ ସିଡ଼ିପିଓ ସୁଷମା ମିଶ୍ର ଜାତୀୟ ପଞ୍ଚାୟତରାଜ ଦିବସରେ ସୁଭଦ୍ରା ଯୋଜନା, ରକ୍ତହୀନତା, ଶିଶୁ ପୃଷ୍ଟିକର ଖାଦ୍ୟ ଉପରେ ଗୀତ ମାଧ୍ୟମରେ ଆଲୋକପାତ କରିଥିଲେ। ମୁଖ୍ୟ ଅତିଥି ଏସଡ଼ିପିଓ ସନ୍ଦିପ ମାଝୀ ପଞ୍ଚାୟତରାଜ ଦିବସର ମୂଳ ଉଦ୍ଦେଶ୍ୟ ବିଷୟରେ ଆଲୋକପାତ କରିଥିଲେ। ସଭା ଶେଷରେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ହୋଇଥିଲା। ବିଜେତା ଛାତ୍ରୀଛାତ୍ରମାନଙ୍କୁ ଅତିଥିଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା।



କେସିଙ୍ଗାରେ ପଞ୍ଚାୟତିରାଜ ଦିବସ ପାଳନ ଅବସରରେ ଉପସ୍ଥିତ ଅତିଥି।

# ପାଠକ ବିନା ଲେଖାର କୌଣସି ମୂଲ୍ୟ ନାହିଁ

ଭବାନୀପାଟଣା, ୨୪।୪ (ଉତ୍ତମ କୁମାର ଦାଶ)



କଳାହାଣ୍ଡି ଲେଖିକା ସଂଘର ପୁସ୍ତକ ଦିବସରେ ଉପସ୍ଥିତ ସଦସ୍ୟା।

**କଳାହାଣ୍ଡି ଲେଖିକା ସଂଘର ପୁସ୍ତକ ଦିବସ**

ପାଠକ ବିନା ଲେଖାର କୌଣସି ମୂଲ୍ୟ ନାହିଁ। ପୁସ୍ତକ ଏବଂ ପାଠକ ଗୋଟିଏ ମୁଦ୍ରାର ଦୁଇଟି ପାର୍ଶ୍ୱ ସଦୃଶ ବୋଲି ଏକ ଆଲୋଚନାଚକ୍ରରେ ମତ ପ୍ରକାଶ ପାଇଛି। ଭବାନୀପାଟଣା ସ୍ଥିତ ବ୍ରଜ ବିହାର ସରସ୍ୱତୀ ଶିଶୁ ମନ୍ଦିରରେ ଗୁରୁବାର ସନ୍ଧ୍ୟାରେ କଳାହାଣ୍ଡି ଲେଖିକା ସଂଘ ପକ୍ଷରୁ ପୁସ୍ତକ ଦିବସରେ ପୁସ୍ତକ ବିଷୟରେ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଡ. ଉମେଶଚନ୍ଦ୍ର ଶତପଥୀ, ଡ. ପରମେଶ୍ୱର ମୁଣ୍ଡ, ଡ. ସନ୍ତୋଷ ଶତପଥୀ, ହେମଲତା ବେଗମ, ସଂଘମିତ୍ରା କାନୁନଗୋ, ସଂଘର ସମ୍ପାଦିକା କଳ୍ପନା ରଥ ପ୍ରମୁଖ ଯୋଗଦେଇ ପୁସ୍ତକର ଉପାଦେୟତା ମହତ୍ତ୍ୱ ଏବଂ ପୁସ୍ତକ ପଠନର ଆବଶ୍ୟକତା ଉପରେ ଆଲୋକପାତ କରିଥିଲେ। ଦ୍ୱିତୀୟ ଅଧିବେଶନରେ ଓଡ଼ିଆ ଚଳଚ୍ଚିତ୍ର 'ମନ୍ତ୍ରମୁଗ୍ଧ'ର ମୁଖ୍ୟ ନାୟକ ଭୂମିକାରେ ଅଭିନୟ କରିଥିବା କଳାହାଣ୍ଡି ଜିଲା କୋକସରା ବ୍ଲକ ଗତାବନ୍ଧରେ ମୃଣ୍ମୟୀ ଏବଂ ପିତା ସୁବ୍ରତ ବେହେରାଙ୍କ ପୁଅ ସାର୍ଥକ ଭରଦ୍ୱାଜଙ୍କୁ କଳାହାଣ୍ଡି ଲେଖିକା ସଂଘ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା। ଚଳଚ୍ଚିତ୍ର ବ୍ୟତୀତ ସେ ଦୂରଦର୍ଶନର ସିରିଏଲ, ଷ୍ଟୋରୀ ଟେଲିଂ ଏବଂ ଟେଲିଫିଲ୍ମ ସହ ୱେବସାଇଟ ଓ ବିଭିନ୍ନ ଭାଷାଭାଷି ଫିଲ୍ମରେ ଅଭିନୟ ଜାରି ରଖିଛନ୍ତି। କାର୍ଯ୍ୟକ୍ରମରେ ଅଭିନେତା ସାର୍ଥକଙ୍କୁ ଉପସ୍ଥିତ ଦର୍ଶକମାନେ ଆଶୀର୍ବାଦ ପ୍ରଦାନ କରିଥିଲେ। ଆସନ୍ତା ମେ ୧ରେ ମନ୍ତ୍ରମୁଗ୍ଧ ଚଳଚ୍ଚିତ୍ର ମୁକ୍ତି ଲାଭ କରୁଥିବା ବିଷୟରେ ଅଭିନେତା ସାର୍ଥକ ଉପସ୍ଥିତ ଦର୍ଶକଙ୍କୁ ଅବଗତ କରିବା ସହ ଭବାନୀପାଟଣା ସିନେ ପ୍ଲେକ୍ସରେ ଦେଖିବା ପାଇଁ ଅନୁରୋଧ କରିଥିଲେ। କାର୍ଯ୍ୟକ୍ରମର ସଭାପତିତ୍ୱ ଏବଂ ସ୍ୱାଗତ ଅଭିଭାଷଣ ସଂଘର ସଭାପତି ସୁଦେଷ୍ଣା ପଣ୍ଡା କରିଥିଲେ। ସେହିପରି ବନଶ୍ରୀ ଦାସ ଏହି କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ନିବେଦିତା ମହାନ୍ତି ସରସ୍ୱତୀ ବନ୍ଦନା ଗାନ କରିଥିବାବେଳେ ମିନତି ପ୍ରଧାନ ଧନ୍ୟବାଦ ଦେଇଥିଲେ। କାର୍ଯ୍ୟକ୍ରମର ସଭାପତିତ୍ୱ ଏବଂ ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିଲେ ସଭାପତି ସୁଦେଷ୍ଣା ପଣ୍ଡା ମହାନ୍ତି। ଧନ୍ୟବାଦ ଅର୍ପଣ କରିଥିଲେ ମିନତି ପ୍ରଧାନ। ବିଭିନ୍ନ ଅନୁଷ୍ଠାନର ସଦସ୍ୟ, କଳାହାଣ୍ଡି ଲେଖିକା ସଂଘର ସମସ୍ତ ସଦସ୍ୟାମାନେ ଉପସ୍ଥିତ ଥିଲେ।

# ରବିଧାନ ସଂଗ୍ରହ ବୈଠକରେ ଖରିଫ୍ ତାତି

- ଚାଷୀ ଆନ୍ଦୋଳନ ଭୟରେ ପୋଲିସ ଛାଉଣି
- ଶାସକଦଳକୁ ବିଜେଡି ବିଧାୟିକାଙ୍କ ଟାର୍ଗେଟ
- ଚାଷୀ ପ୍ରତିନିଧି-ବିଧାୟକଙ୍କ କଥା କଟାକଟି

ବରଗଡ଼,୨୪।୪(ପ୍ରେମାନନ୍ଦ ଖମାରୀ)


ଜିଲାପାଳଙ୍କ କାର୍ଯ୍ୟାଳୟରେ ପୋଲିସର କଡ଼ାକଡ଼ି ଯାଞ୍ଚ।

ବରଗଡ଼ ଜିଲାର ଅନେକ ଚାଷୀ ବିଭାଗୀୟ ଅବହେଳା ଯୋଗୁ ଏପର୍ଯ୍ୟନ୍ତ ଗତବର୍ଷ ଖରିଫ୍‌ରେ ଧାନ ବିକ୍ରି କରି ପାରିନାହାନ୍ତି। ଧାନବିକ୍ରି ଦାବିରେ ଜିଲାର ଭେଡ଼େନ ବ୍ଲକ ଅନ୍ତର୍ଗତ ସହରାଟିକ୍ରା ମଣ୍ଡି ଉପରେ ନିର୍ଭରଶୀଳ ଗ୍ରାମଗୁଡ଼ିକର ଚାଷୀମାନେ ଝଡ଼ବର୍ଷା, ଖରାତାତି ସହି ଗତ ମାସ ୯ତାରିଖରୁ ଜିଲାପାଳଙ୍କ କାର୍ଯ୍ୟାଳୟ ଆଗରେ ଧାନ ଗଦାକରି ଦିନରାତି ଧାରଣାରେ ବସିଛନ୍ତି। ଏପର୍ଯ୍ୟନ୍ତ ସେମାନଙ୍କ ସମସ୍ୟା ସମାଧାନ ହେବା ତ ଦୂରର କଥା ଶୁକ୍ରବାର ଜିଲାପାଳଙ୍କ କାର୍ଯ୍ୟାଳୟରେ ଅନୁଷ୍ଠିତ ରବି ଧାନ ସଂଗ୍ରହ ବୈଠକରେ ଜିଲାର ବିଭିନ୍ନ ନିର୍ବାଚନ ମଣ୍ଡଳୀର ବିଧାୟକମାନେ ଯୋଗଦେଇଥିଲେ ସୁଦ୍ଧା ଧାରଣାସ୍ଥଳକୁ ଆଲୋଚନା ପାଇଁ ପହଞ୍ଚି ନ ଥିଲେ। ଅନ୍ୟପଟେ ରବି ଧାନ ସଂଗ୍ରହ ପାଇଁ ବସିଥିବା ବୈଠକରେ ଗତବର୍ଷ ଖରିଫ୍ ଧାନ ସଂଗ୍ରହ ଅବ୍ୟବସ୍ଥା ତଥା ଚାଷୀଙ୍କ ଧାରଣାର ତାତି ଦେଖିବାକୁ ମିଳିଥିଲା। ପୋଲିସ ଚାଷୀନେତାଙ୍କୁ ଉଠାଇ ନେଇ ଥାନାରେ ଅଟକ ରଖିଥିଲା, ତାହା ନୁହେଁ ଜିଲାପାଳଙ୍କ କାର୍ଯ୍ୟାଳୟ ତଥା ପାରିପାର୍ଶ୍ୱିକ ଅଞ୍ଚଳ ପୋଲିସ ଛାଉଣୀ ହୋଇଥିଲା। ଅଧବାଟରୁ ପୋଲିସ ଲୋକଙ୍କୁ ଯାଞ୍ଚ କରି ସେହି ରାସ୍ତାରେ ଛାଡୁଥିବା ଦେଖିବାକୁ ମିଳିଥିଲା।

ବୈଠକ ଆରମ୍ଭରୁ ଚାଷୀଙ୍କ ଧାରଣା ପ୍ରସଙ୍ଗ ଉଠିଥିଲା। ବୈଠକରେ ଯୋଗ ଦେଇଥିବା ଚାଷୀ ପ୍ରତିନିଧି ବୀରେନ୍ଦ୍ର କର ରବି ଧାନ ସଂଗ୍ରହ ପାଇଁ ଆଲୋଚନା ହେବା ପୂର୍ବରୁ ପଞ୍ଜୀକରଣରୁ ବାଦ୍ ପଡ଼ି ଗତବର୍ଷ ଖରିଫ୍‌ରେ ଧାନ ବିକ୍ରି ଦାବି ନେଇ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣାରତ ଚାଷୀଙ୍କ ସମସ୍ୟା ସମାଧାନ କଥା ପ୍ରଥମେ ଚିନ୍ତା କରାଯାଉ ବୋଲି ନିଜ ମତ ଉପସ୍ଥାପନ କରିଥିଲେ। ଏ ନେଇ ଚାଷୀ ପ୍ରତିନିଧି କର ଏବଂ ଶାସକ ଦଳର ବିଧାୟକଙ୍କ ମଧ୍ୟରେ କିଛି ସମୟ ଧରି କଥା କଟାକଟି ହୋଇଥିଲା। ପରେ ଯେଉଁ ଚାଷୀମାନେ ପଞ୍ଜୀକରଣରୁ ବାଦ୍ ପଡ଼ି ଧାନ ବିକ୍ରି କରି ପାରିନାହାନ୍ତି, ସେମାନେ ବ୍ୟକ୍ତିଗତ ଭାବେ ନିଜ ଜମି ତଥା ଧାନବିକ୍ରି ପାଇଁ ଉଦ୍ଦିଷ୍ଟ କାଗଜାତ୍ ସହିତ ବିଭାଗୀୟ ଅଧିକାରୀଙ୍କ ପାଖକୁ ଆସିଲେ ତାହା ଯାଞ୍ଚ କରାଯିବ ଏବଂ ସେସବୁ ଠିକ୍ ଥିଲେ ନିଶ୍ଚୟ ଧାନ କିଣାଯିବ ବୋଲି ଶାସକ ଦଳର ବିଧାୟକମାନେ କହିଥିଲେ।

ସେହିପରି ଏଭଳି ଧାନ କିଣାବିକା ଅବ୍ୟବସ୍ଥା ନେଇ ପଦ୍ମପୁର ବିଧାୟିକା ବର୍ଷା ସିଂ ବରିହା ବୈଠକରେ ଶାସକ ଦଳ ଏବଂ ଜିଲା ପ୍ରଶାସନକୁ କଡ଼ା ଟାର୍ଗେଟ୍ କରିଥିଲେ। ଚାଷୀଙ୍କ ପାଇଁ ଧାନ ସଂଗ୍ରହ କମିଟି ବୈଠକ ହେଉଛି। ଚାଷୀ ପ୍ରତିନିଧିମାନେ ବୈଠକରେ ଉପସ୍ଥିତ ରହିବା ଦରକାର। କିନ୍ତୁ ଚାଷୀ ପ୍ରତିନିଧିମାନଙ୍କୁ ଉଠାଇ ନେଇ ଅଟକ ରଖାଯାଇଛି ଏବଂ କେବେ ବାସି ପଖାଳ ଖାଉ ନ ଥିବା କିମ୍ବା ଜମିରେ ଧାନ ବୁଣୁ ନ ଥିବା ବଡ଼ବଡ଼ିଆଙ୍କ ଉପସ୍ଥିତିରେ କାହିଁକି ବୈଠକ ଚାଲିଛି ବୋଲି ସେ ପ୍ରଶ୍ନ କରିଥିଲେ। ସେହିପରି ଆପଣମାନେ ମଧ୍ୟ ଆନ୍ଦୋଳନ କରି କରି ଆଜି ବିଧାୟକ ହୋଇଛନ୍ତି। କିନ୍ତୁ ଆଜି ଯେଉଁମାନେ ହକ୍ ଦାବିରେ ଆନ୍ଦୋଳନକୁ ଓହ୍ଲାଇଛନ୍ତି, ସେହି ଚାଷୀଙ୍କ ପ୍ରତି ଏତେ ହତାଦର ଏବଂ ଅଣଦେଖା କାହିଁକି ବୋଲି ଶାସକ ଦଳର ବିଧାୟକମାନଙ୍କୁ ଟାର୍ଗେଟ୍ କରି ପଦ୍ମପୁର ବିଧାୟିକା କହିଥିଲେ। ବୈଠକରେ ଚାଷୀଙ୍କ ସମର୍ଥନରେ ପଦ୍ମପୁର ବିଧାୟିକାଙ୍କ ଏଭଳି ରୋକ୍‌ଠୋକ୍ ପ୍ରଶ୍ନ ଏବେ ଚର୍ଚ୍ଚାର ବିଷୟ ହୋଇଛି।

## ଚାଷୀନେତାଙ୍କୁ ଉଠାଇନେଲା ପୋଲିସ


ପୋଲିସ ଚାଷୀନେତାଙ୍କୁ ଉଠାଇ ନେଉଛି।

ବରଗଡ଼,୨୪।୪(ପ୍ରେମାନନ୍ଦ ଖମାରୀ)

ବରଗଡ଼ ଜିଲାରେ ରବିଧାନ କିଣାବିକା ପାଇଁ ଶୁକ୍ରବାର ଜିଲାସ୍ତରୀୟ ଧାନ ସଂଗ୍ରହ କମିଟି ବୈଠକ ଥିଲା। ଏହି ବୈଠକ ପୂର୍ବରୁ ଜିଲାର ବିଭିନ୍ନ ଅଞ୍ଚଳରୁ ପୋଲିସ୍ ଚାଷୀନେତାମାନଙ୍କୁ ଉଠାଇ ନେଇଥିଲା। ସେମାନଙ୍କୁ ବିଭିନ୍ନ ଥାନାରେ ଅଟକ ରଖିଥିଲା ଏବଂ ବୈଠକ ସରିବା ପରେ ଛାଡ଼ିଦେଇଥିଲା। ଧାନ ସଂଗ୍ରହ କମିଟି ବୈଠକ ସମୟରେ ଚାଷୀନେତାଙ୍କ ଉପରେ ଏଭଳି କାର୍ଯ୍ୟାନୁଷ୍ଠାନ ଜିଲାରେ ପ୍ରଥମ ହୋଇଥିବାବେଳେ ଏହାକୁ ନେଇ ଏବେ ଚର୍ଚ୍ଚା ଜୋର୍ ଧରିଛି।

ଶୁକ୍ରବାର ଭୋର୍ ସମୟରେ ପୋଲିସ ଚାଷୀନେତା ଚାଷୀନେତା ରମେଶ ମହାପାତ୍ର, ଉତ୍ପନ୍ନ କୁମାର ଭୋଇ, ସୁଦାମ ପାତ୍ର, ନାରାୟଣ ପ୍ରଧାନ, ଶ୍ରଦ୍ଧା କର୍ମୀ, ନିର୍ମଳ ପ୍ରଧାନ, ସୁରେଶ ନେକାଣ୍ଡିଙ୍କୁ ସେମାନଙ୍କ ଘରୁ ଉଠାଇ ନେଇ ବିଜେପୁର ଥାନାରେ ଅଟକ ରଖିଥିଲା। ସେହିପରି ରବିଶଙ୍କର ପ୍ରଧାନ, ସୁଶାନ୍ତ ମିଶ୍ରଙ୍କୁ ସୋହେଲା ଥାନାରେ ଅଟକ ରଖାଯାଇଥିବା ବେଳେ ବିରବଲ ମହାକୁଡ଼ଙ୍କୁ ବରଗଡ଼ ସଦର ଥାନା, ଈଶାନ୍ତ ଭୋଇଙ୍କୁ ଅମ୍ବାଭୋନା ଥାନା ଏବଂ ମୁରଲି ଭୋଇଙ୍କୁ ମେଲଛାମୁଣ୍ଡା ଥାନାରେ ପୋଲିସ୍ ଅଟକ ରଖିଥିଲା। ପଞ୍ଜୀକରଣରୁ ବାଦ୍ ପଡ଼ି ଜିଲାର ଭେଡ଼େନ ବ୍ଲକ ଅନ୍ତର୍ଗତ ସହରାଟିକ୍ରା ମଣ୍ଡି ଉପରେ ନିର୍ଭରଶୀଳ ବିଭିନ୍ନ ଗ୍ରାମର ଅନେକ ଚାଷୀ ଏପର୍ଯ୍ୟନ୍ତ ଖରିଫରେ ଅମଳ କରିଥିବା ସେମାନଙ୍କ ଧାନ ବିକ୍ରି କରିପାରି ନାହାନ୍ତି। ସ୍ଥାନୀୟ ଜନ ପ୍ରତିନିଧି, ପ୍ରଶାସନିକ ଅଧିକାରୀଙ୍କଠାରୁ ଆରମ୍ଭ କରି ମୁଖ୍ୟମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ ସତ୍ତ୍ୱେ କିଛି ସୁଫଳ ମିଳି ନ ଥିବା ଚାଷୀମାନେ ଅଭିଯୋଗ କରିଛନ୍ତି। ଏହାର ପ୍ରତିବାଦରେ ସେମାନେ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାନଗଦା କରି ଧାରଣା ଜାରି ରଖିଛନ୍ତି। ଫଳରେ ତାକୁ ନେଇ ଆଇନଶୃଙ୍ଖଳା ପରିସ୍ଥିତି ଉପୁଜିବା ଆଶଙ୍କା କରି ପୋଲିସ ଚାଷୀନେତାଙ୍କୁ ଅଟକ ରଖିଥିଲା ବୋଲି ସୂଚନା ମିଳିଛି।

## ମା’ ମହାଲକ୍ଷ୍ମୀଙ୍କ ମନ୍ଦିର ପ୍ରତିଷ୍ଠା ମହୋତ୍ସବ ସମ୍ପନ୍ନ

ବରଗଡ଼,୨୪।୪(ପ୍ରେମାନନ୍ଦ ଖମାରୀ)

ବରଗଡ଼ କଲେଜ ରୋଡସ୍ଥିତ ମାଁ ମହାଲକ୍ଷ୍ମୀଙ୍କ ମନ୍ଦିର ପ୍ରତିଷ୍ଠା ମହୋତ୍ସବ ଗୁରୁବାର ସମ୍ପନ୍ନ ହୋଇଛି। ପଣ୍ଡିତ ନରସିଂହ ଶତପଥି, କୁଳମଣି ମହାପାତ୍ର, ସବ୍ୟସାଚୀ ମିଶ୍ର, ନରେଶ ମିଶ୍ର, ପ୍ରଭାସ ମିଶ୍ର, କୀର୍ତ୍ତିଚନ୍ଦ୍ର ପଣ୍ଡା, ଶୁଭ୍ରାଂଶୁ ମିଶ୍ର, ସଞ୍ଜୟ ମିଶ୍ରଙ୍କ ସମେତ ୨୫ରୁ ଊର୍ଦ୍ଧ୍ୱ ପଣ୍ଡିତ ପୂଜାର୍ଚ୍ଚନା କରିଥିଲେ। ପୂର୍ବତନ ବିଧାୟକ ଦେବେଶ ଆଚାର୍ଯ୍ୟ ସସ୍ତ୍ରୀକ ମୁଖ୍ୟ କର୍ତ୍ତା ଦାୟିତ୍ୱ ନିର୍ବାହ କରିଥିଲେ। ବରଗଡ଼ ସହରର ବିଭିନ୍ନ ପଡ଼ାର ୧୭ ଜଣ ଦମ୍ପତିସହ କର୍ତ୍ତା ଦାୟିତ୍ୱ ବହନ କରିଥିଲେ। ପୂର୍ଣ୍ଣାହୁତି ଅବସରରେ ବରଗଡ଼ ବିଧାୟକ ଅଶ୍ୱିନୀ ଷଡ଼ଙ୍ଗୀ ସସ୍ତ୍ରୀକ ଉପସ୍ଥିତ ରହି ପୂଜାର୍ଚ୍ଚନା କରିଥିଲେ। ଶାସ୍ତ୍ରୀୟ ବିଧି ବିଧାନରେ ମାଁଙ୍କ ବିଗ୍ରହ ସ୍ଥାପନ କରାଯାଇଥିବା ବେଳେ ମହାଯଜ୍ଞ ପୂର୍ଣ୍ଣାହୂତିରେ ବରଗଡ଼ ସହର ସମେତ ସମଗ୍ର ବିଶ୍ୱର କଲ୍ୟାଣ କାମନା କରାଯାଇଥିଲା। ମନ୍ଦିର ପ୍ରତିଷ୍ଠା ଉତ୍ସବ ଉପଲକ୍ଷେ ବିଭିନ୍ନ ପୀଠ ଓ ଅଞ୍ଚଳରୁ ଭକ୍ତମାନେ ଶ୍ରଦ୍ଧାର ସହ ‘ବନ୍ଧୁଭାର’ ଆଣି ପହଞ୍ଚିଥିଲେ। ମନ୍ଦିର ପରିଚାଳନା କମିଟିର ସମସ୍ତ କର୍ମକର୍ତ୍ତା, ରଙ୍ଗଘର ପଡା ତଥା କଲେଜ ରୋଡ ଅଞ୍ଚଳରେ ବସବାସ କରୁଥିବା ପ୍ରତ୍ୟେକ ପରିବାରର ସଦସ୍ୟ, ବରଗଡର ବିଭିନ୍ନ ସାଂସ୍କୃତିକ ଓ ସାମାଜିକ ଅନୁଷ୍ଠାନର ସହଯୋଗରେ ପୂଜାକାର୍ଯ୍ୟ ସମ୍ପାଦିତ ହୋଇଥିଲା। ପ୍ରତିଦିନ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା।


ମହାଲକ୍ଷ୍ମୀ ମନ୍ଦିର ପ୍ରତିଷ୍ଠା ମହୋତ୍ସବର ଉଦଯାପନୀ ଦିବସରେ ପୂଜାର୍ଚ୍ଚନା।

## ଶିଶୁ ପାଳିଲେ ବିଶ୍ୱ ପୁସ୍ତକ ଦିବସ


ବିଶ୍ୱ ପୁସ୍ତକ ଦିବସରେ ଶିଶୁମାନେ ପୁସ୍ତକ ପଠନ କରୁଛନ୍ତି।

ବରଗଡ଼,୨୪।୪(ପ୍ରେମାନନ୍ଦ ଖମାରୀ)

ପୁସ୍ତକ ବୌଦ୍ଧିକ ଜ୍ଞାନର ପରିସୀମାକୁ ପରିପୁଷ୍ଟ କରେ। ବ୍ୟକ୍ତିର ଚିନ୍ତା ଚେତନା ଓ ଭାବ ଭାବନାର ଅଭିବୃଦ୍ଧି ଘଟାଏ। ତେଣୁ ସମସ୍ତ ଛାତ୍ରୀଛାତ୍ର ପୁସ୍ତକ ମନସ୍କ ହେବା ଉଚିତ ବୋଲି ଶିଶୁଶ୍ରୀ ତରଫରୁ ଗୁରୁବାର ବରଗଡ଼ରେ ଆୟୋଜିତ ବିଶ୍ୱ ପୁସ୍ତକ ଦିବସରେ ମତପ୍ରକାଶ ପାଇଛି। ଶିଶୁଶ୍ରୀ ଭ୍ରାମ୍ୟମାଣ ପାଠାଗାର ତରଫରୁ ସ୍ଥାନୀୟ ସ୍ମୃତି ନଗରଠାରେ କୁନି କୁନି ପିଲାଙ୍କୁ ନେଇ ଆୟୋଜିତ ବିଶ୍ୱ ପୁସ୍ତକ ଦିବସ ଅବସରରେ ପଡ଼ାର ଛାତ୍ରୀଛାତ୍ରମାନେ ଏକତ୍ରିତ ହୋଇ ପତ୍ର ପତ୍ରିକା, ଗପ କବିତା ଓ ଜୀବନୀ ପୁସ୍ତକ ପାଠ କରିଥିଲେ। ଛାତ୍ରୀଛାତ୍ରମାନଙ୍କ ମଧ୍ୟରୁ ଚିରାଗ ପଟେଲ, ସାନଭି ପାଣ୍ଡେ, ରୁଦ୍ରାଂଶ ମେହେର, ସାଇ ସ୍ୱରୂପ ସାହୁ, ରୁଦ୍ର ସାହୁ, ରୋଶନ କୁମାର ଦାଶ, ଶିବାନୀ ନାଗ, ଆୟୁଷୀ ତାଣ୍ଡି, ବିଉଟିସ୍ମିତା ସାହୁ, ଶିବ୍ରାଂଶୁ ପ୍ରଧାନ ପ୍ରମୁଖ ଗପ, କବିତା ଉପସ୍ଥାପନ କରିଥିଲେ। ସେମାନଙ୍କ ମଧ୍ୟରୁ ତୁଷାରକାନ୍ତ ପାଣ୍ଡେ, ଡୁଗୁ ଭୋଇ, ନିଶା ପାଣ୍ଡେ ଯଥାକ୍ରମେ ପ୍ରଥମ ଦ୍ୱିତୀୟ ଓ ତୃତୀୟ ସ୍ଥାନ ହାସଲ କରି ପୁରସ୍କୃତ ହୋଇଥିଲେ। ପଡ଼ାର ଅନୀଲ ଶର୍ମା, ବିକାଶ ଶର୍ମା, ଘନଶ୍ୟାମ ବାରିକ, ଲୁକୁ ସିକା, ଶଙ୍କରଲାଲ ଅଗ୍ରୱାଲା, ବିନୋଦ କୁମାର ମାହାଣା, ସମ୍ପଦ ସାହୁ ପ୍ରମୁଖ ପିଲାମାନଙ୍କୁ ପୁସ୍ତକ ପଠନର ଉପାଦେୟତା ଓ ମହାପୁରୁଷଙ୍କ ଜୀବନୀ ସମ୍ପର୍କରେ କହିଥିଲେ। ଆବାହକ ଡ. ରବିନାରାୟଣ ସାହୁ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ।

## ବ୍ଲକ୍‌ସ୍ତରୀୟ ପଞ୍ଚାୟତିରାଜ ଦିବସ ପାଳିତ

ଝାରବନ୍ଧ, ୨୪।୪(ଦେବେନ୍ଦ୍ର ସାହୁ)

ଝାରବନ୍ଧ ବ୍ଲକ୍ ପଡିଆଠାରେ ବ୍ଲକ୍‌ସ୍ତରୀୟ ପଞ୍ଚାୟତିରାଜ ଦିବସ ଶୁକ୍ରବାର ପାଳିତ ହୋଇଯାଇଛି। ରାଜ୍ୟସ୍ତରୀୟ ଏହି କାର୍ଯ୍ୟକ୍ରମ ବଲାଙ୍ଗୀରଠାରେ ଅନୁଷ୍ଠିତ ହୋଇଥିବାବେଳେ ଏହାର ସିଧାପ୍ରସାରଣ ପ୍ରଦର୍ଶନ କରାଯାଇଥିଲା। ଝାରବନ୍ଧଠାରେ ଶତାଧିକ ଜନସାଧାରଣ ଯୋଗ ଦେଇଥିଲେ। ବ୍ଲକ୍‌ସ୍ତରୀୟ ଏହି କାର୍ଯ୍ୟକ୍ରମରେ ଅନ୍ତ୍ୟୋଦୟ ଗୃହ ଯୋଜନାରେ ପାଇଥିବା ଆବାସ ଠିକ୍ ସମୟରେ ତିଆରି କରିଥିବା ୫ ଜଣ, ଭିବିଜି ରାମ୍‌ଜୀ ଯୋଜନାରେ ଗୋଟିଏ ଆର୍ଥିକ ବର୍ଷରେ ୩୦୦ ଦିନ କାମ କରିଥିବା କନ୍ଦା ଗ୍ରାମପଞ୍ଚାୟତର ୩ ଜଣ ଶ୍ରମିକଙ୍କୁ ସମ୍ମାନିତ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ବିଡିଓ ପର୍ଶୁରାମ ପଣ୍ଡା, ଜିଲାପରିଷଦ ସଭ୍ୟ ସନ୍ତୋଷ ବେହେରା, ଏମ୍‌ପିଙ୍କ ପ୍ରତିନିଧି ଦୁର୍ଗା ପ୍ରସାଦ ଅଗ୍ରୱାଲ, ବିନୋଦ ବିହାରୀ ବାଗ୍, ସତ୍ୟମ ପ୍ରଧାନ ପ୍ରମୁଖ ଯୋଗଦେଇ ସରକାରଙ୍କ ଜନହିତକର କାର୍ଯ୍ୟ ଉପରେ ଆଲୋକପାତ କରିଥିଲେ। ବିପିଏମ୍ ସତ୍ୟ କୁମାର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।



କାର୍ଯ୍ୟକ୍ରମରେ ଜଣେ ହିତାଧିକାରୀଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

## ଚାକଧରା ଡ୍ୟାମ୍, ଅଙ୍ଗ ନଦୀ ପରିଦର୍ଶନ କଲେ ଉପଜିଲାପାଳ

ପଦ୍ମପୁର, ୨୪।୪ (ପ୍ରଦୀପ୍ତ ଦାଶ)

ପଦ୍ମପୁର ସହରବାସୀଙ୍କୁ ପାନୀୟ ଜଳଯୋଗାଣ ପାଇଁ ଶୁକ୍ରବାର ପଦ୍ମପୁର ଉପଜିଲାପାଳ ହେମସାଗର ଭୋଇ ଜଳଯୋଗାଣ ବିଭାଗର ଇଞ୍ଜିନିୟରଙ୍କ ସହିତ ଝାରବନ୍ଧର ଚାକଧରା ଡ୍ୟାମ୍ ଓ ଅଙ୍ଗ ନଦୀ ପରିଦର୍ଶନ କରିଥିଲେ। ଏଥିସହ ବିଭାଗୀୟ ଅଧିକାରୀଙ୍କ ସହିତ ଆଲୋଚନା କରି ଶୁକ୍ରବାର ରାତି ସୁଦ୍ଧା ପଦ୍ମପୁର ନାଗେନ ଦର୍ହାଠାରେ ନଦୀ ଜଳ ପହଞ୍ଚିବା ପାଇଁ ସୂଚନା ଦେଇଛନ୍ତି। ଏହି ପାଣି ପହଞ୍ଚିବା ପରେ ସହରବାସୀଙ୍କୁ ପାନୀୟ ଜଳ ଯୋଗାଣ ହୋଇପାରିବ ବୋଲି ଆଶା କରାଯାଉଛି।


ଚାକଧରା ଡ୍ୟାମ୍‌ଠାରେ ଉପଜିଲାପାଳ ଓ ବିଭାଗୀୟ ଯନ୍ତ୍ରୀ।

## ଟ୍ରଷ୍ଟଫଣ୍ଡ୍ କଲେଜରେ ସମ୍ବର୍ଦ୍ଧନା ସମାରୋହ



ସମ୍ବର୍ଦ୍ଧନା ସମାରୋହରେ କଲେଜ ଅଧ୍ୟକ୍ଷ ଏବଂ ଅନ୍ୟମାନେ।

ବରଗଡ଼,୨୪।୪(ପ୍ରେମାନନ୍ଦ ଖମାରୀ)

ବରଗଡ଼ ଟ୍ରଷ୍ଟଫଣ୍ଡ୍ ଡିଗ୍ରୀ କଲେଜରେ ଶୁକ୍ରବାର ଇତିହାସ ବିଭାଗରେ ସମ୍ବର୍ଦ୍ଧନା ସମାରୋହ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଉକ୍ତ ବିଭାଗର ଶେଷବର୍ଷ ଛାତ୍ରୀଛାତ୍ରଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା। ଏଥିରେ କଲେଜ ଅଧ୍ୟକ୍ଷ ଡ. ସରୋଜ କୁମାର ଦେବତା ମୁଖ୍ୟ ଅତିଥି ଭାବେ ଯୋଗଦାନ କରିଥିଲେ। କଲେଜର ପ୍ରାଣୀ ବିଜ୍ଞାନ ବିଭାଗ ମୁଖ୍ୟ ଅଧ୍ୟାପିକା ନମିତା ବିଶି, ଉଦ୍ଭିଦ ବିଜ୍ଞାନ ବିଭାଗ ମୁଖ୍ୟ ଅଧ୍ୟାପକ ସଞ୍ଜୀବ କୁମାର ଦାଶ ପ୍ରମୁଖ ଉପସ୍ଥିତ ରହି ଛାତ୍ରୀଛାତ୍ରଙ୍କୁ ବିଭିନ୍ନ ପରାମର୍ଶ ଦେଇଥିଲେ। ଇତିହାସ ବିଭାଗ ମୁଖ୍ୟ ଅଶୋକ କୁମାର ବେହେରା ଏବଂ ଅଧ୍ୟାପକ ଯାଦବ ପ୍ରଧାନ କାର୍ଯ୍ୟକ୍ରମ ପରିଚାଳନା ସହିତ ଛାତ୍ରୀଛାତ୍ରଙ୍କ ଉଜ୍ୱଳ ଭବିଷ୍ୟତ କାମନା କରିଥିଲେ।

## ନିଜ ଅଞ୍ଚଳର ଉନ୍ନୟନ ଦାୟିତ୍ୱ ନିଅନ୍ତୁ ସରପଞ୍ଚ

**ଜାତୀୟ ପଞ୍ଚାୟତିରାଜ ଦିବସ, ବ୍ଲକ୍‌ସ୍ତରୀୟ ସମାରୋହ**

ଅତାବିରା,୨୪।୪(ଯୁଧିଷ୍ଠିର ମହାପାତ୍ର)

ପଞ୍ଚାୟତିରାଜ ଦିବସ ଅବସରରେ ବ୍ଲକ୍‌ସ୍ତରୀୟ ସମାରୋହ ଲାଦେରପାଲି ରାମଚଣ୍ଡୀ ମନ୍ଦିର କଲ୍ୟାଣ ମଣ୍ଡପଠାରେ ଶୁକ୍ରବାର ସନ୍ଧ୍ୟାରେ ଅନୁଷ୍ଠିତ ହୋଇଯାଇଛି। ସ୍ୱରାଜ ମହାପାତ୍ରଙ୍କ ପରିଚାଳନା ଏବଂ ବିଡିଓ ରୀପୁନାଥ ସୁନାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ମୁଖ୍ୟ ଅତିଥି ଭାବେ ବିଧାୟକ ନୀହାର ରଞ୍ଜନ ମହାନନ୍ଦ ଓ ସମ୍ମାନିତ ଅତିଥି ଭାବେ ଏମ୍‌ପିଙ୍କ ପ୍ରତିନିଧି ଚିତ୍ତରଞ୍ଜନ ଭୋଇ ଯୋଗଦେଇଥିଲେ। ଏହି ଅବସରରେ ଉପସ୍ଥିତ ସରପଞ୍ଚ ଏବଂ ସମିତିସଭ୍ୟଙ୍କୁ ଉତ୍ତରୀୟ ଦେଇ ସମ୍ମାନିତ କରାଯାଇଥିଲା। ଗ୍ରାମସଭା ମାଧ୍ୟମରେ ନିଜ ଅଞ୍ଚଳର ଉନ୍ନୟନ ଦାୟିତ୍ୱ ନିଅନ୍ତୁ। ଅତାବିରା ବ୍ଲକ୍‌କୁ ଉନ୍ନତମାନର କରି ଗଢ଼ି ତୋଳିବା ପାଇଁ ବିଧାୟକ ମହାନନ୍ଦ ଉପସ୍ଥିତ ସରପଞ୍ଚମାନଙ୍କୁ ଆହ୍ୱାନ ଦେଇଥିଲେ। ଅତିରିକ୍ତ ଗୋଷ୍ଠୀ ଅଧିକାରୀ ଗିରିନ୍ଦ୍ର ସାହୁଙ୍କ ସଂଯୋଜନାରେ ଅନୁଷ୍ଠିତ ପୁରସ୍କାର ବିତରଣ ଉତ୍ସବରେ ଏମ୍‌ଜିଏନ୍‌ଆରଇଜିଏସ୍‌ରେ ଅଧିକ କାମ କରିଥିବାରୁ କୁଲୁଣ୍ଡା, କୁଲିତାଟୁକୁରା ଓ ଲାଦିଦା ପଞ୍ଚାୟତ, ନିଜସ୍ୱ ପାଣ୍ଠି ବୃଦ୍ଧି ପାଇଁ ଲରମ୍ବା, କାଗଜପତ୍ର ଠିକ୍ ଲିପିବଦ୍ଧ ପାଇଁ କାଦୋବହାଲ, ସ୍ୱଚ୍ଛ ପାଇଁ ଅମଲିପାଲି, ଜିପିଏଲ୍‌ଏଫ୍ ପାଇଁ ଟାମ୍ପରସରା, ସୃଜନଶିଳତା ପାଇଁ ଯାଙ୍ଗେଡ଼, ଅଧିକ ଲକ୍ଷପତି ଦିଦି ସୃଷ୍ଟି ପାଇଁ ଜହ୍ନାପଡ଼ା, ଅନ୍ୟାନ୍ୟ କାମରେ ଲହଣ୍ଡା, କୁମେଲସିଂହା ପଞ୍ଚାୟତକୁ ପୁରସ୍କୃତ କରାଯାଇଥିଲା। ସେହିପରି ସମୟ ସୀମା ମଧ୍ୟରେ ଅନ୍ତୋଦୟ ଯୋଜନାରେ ପକ୍କା ଘର ନିର୍ମାଣ କରିଥିବାରୁ ସିଲାଟ ପଞ୍ଚାୟତର ଦେବକୀ ସାହୁ, ବୁଟୁବୁଗା ପଞ୍ଚାୟତର ଦେବକୀ ବଗର୍ତ୍ତି, ବିନୋଦିନୀ ମହାକୁର, ଉତ୍ତରା ପାଣ୍ଡେ ଏବଂ ଲରମ୍ବା ପଞ୍ଚାୟତର ନଳିନୀ ଦେହେରୀଙ୍କୁ ୨୫ ହଜାର ଟଙ୍କାର ଚେକ୍ ପ୍ରଦାନ କରାଯାଇଥିଲା। ପଞ୍ଚାୟତିରାଜ ଯୋଜନା ସମ୍ପର୍କରେ କରମସାନୀ ଲୋକ ନୃତ୍ୟ ପରିବେଷଣ କରାଯାଇଥିଲା। ପଞ୍ଚାୟତିରାଜ ଦିବସ ଅବସରରେ ବଲାଙ୍ଗୀରରୁ ମୁଖ୍ୟମନ୍ତ୍ରୀଙ୍କ ସିଧାସଳଖ ଉଦ୍‌ବୋଧନ ବଡ ସ୍କ୍ରିନ ମାଧ୍ୟମରେ ପ୍ରଦର୍ଶିତ କରାଯାଇଥିଲା। ଏହି ଅବସରରେ ସମସ୍ତ ପଞ୍ଚାୟତର ସରପଞ୍ଚ, ସମିତି ସଭ୍ୟ, ପଞ୍ଚାୟତ ନିର୍ବାହୀ ଅଧିକାରୀ ଉପସ୍ଥିତ ଥିଲେ।


ସମାରୋହରେ ଉପସ୍ଥିତ ଅତିଥିବୃନ୍ଦ।

# ମେ ୧୧ରୁ ବରଗଡ଼ରେ ରବି ଧାନକିଣା

ବରଗଡ଼,୨୪।୪(ପ୍ରେମାନନ୍ଦ ଖମାରୀ)


ଜିଲାସ୍ତରୀୟ ଧାନ ସଂଗ୍ରହ କମିଟିରେ ଉପସ୍ଥିତ ଜନ ପ୍ରତିନିଧି, ପ୍ରଶାସନିକ ଅଧିକାରୀ।

ବରଗଡ଼ ଜିଲାରେ ଆସନ୍ତା ମେ ୧୧ତାରିଖରୁ ରବିଧାନ ସଂଗ୍ରହ ପ୍ରକ୍ରିୟା ଆରମ୍ଭ ହେବ। ଏଥର ଜିଲାର ୧୮୩ ମଣ୍ଡିରେ ଧାନ କିଣାବିକା ହେବ। ସକାଳ ୬ଟାରୁ ପୂର୍ବାହ୍ନ ୧୧ଟା ପର୍ଯ୍ୟନ୍ତ ମଣ୍ଡିଗୁଡ଼ିକରେ ଧାନ ସଂଗୃହୀତ ହେବ। ବିଗତବର୍ଷ ଭଳି ଏଥର ମଧ୍ୟ ଟୋକନ ମାଧ୍ୟମରେ ପଞ୍ଜୀକୃତ ଚାଷୀଙ୍କଠାରୁ ଧାନ କିଣାଯିବ ବୋଲି ଶୁକ୍ରବାର ବରଗଡ଼ ଜିଲାପାଳଙ୍କ କାର୍ଯ୍ୟାଳୟ ପରିସରସ୍ଥିତ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ଜିଲାସ୍ତରୀୟ ଧାନ ସଂଗ୍ରହ କମିଟି ବୈଠକରେ ନିଷ୍ପତ୍ତି ନିଆଯାଇଛି।

ଜିଲାପାଳ ଆଦିତ୍ୟ ଗୋୟଲଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ବରଗଡ଼ ଏମ୍‌ପିଙ୍କ ପ୍ରତିନିଧି ସୁରେଶ୍ୱର ଶତପଥୀ, ବରଗଡ଼ ବିଧାୟକ ଅଶ୍ୱିନୀ କୁମାର ଷଡ଼ଙ୍ଗୀ, ଅତାବିରା ବିଧାୟକ ନିହାର ରଞ୍ଜନ ମହାନନ୍ଦ, ଭଟଲି ବିଧାୟକ ଇରାସିସ୍ ଆଚାର୍ଯ୍ୟ, ବିଜେପୁର ବିଧାୟକ ସନତ କୁମାର ଗଡ଼ତିଆ, ପଦ୍ମପୁର ବିଧାୟିକା ବର୍ଷା ସିଂ ବରିହା, ଜିଲା ପରିଷଦ ଅଧ୍ୟକ୍ଷା ମାନିନୀ ଭୋଇ ପ୍ରମୁଖ ଉପସ୍ଥିତ ରହି ଆସନ୍ତା ଧାନ ସଂଗ୍ରହ ପ୍ରକ୍ରିୟାକୁ ସୁରୁଖୁରୁରେ ସମ୍ପାଦନ ପାଇଁ ନିଜ ମତ ରଖିଥିଲେ। ଜିଲାପାଳ ଗୋୟଲଙ୍କ ସମେତ ଏସ୍‌ପି ପି.ଏସ୍ ମିନା, ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ଲଲାଟ କୁମାର ଲୁହା, ଅତିରିକ୍ତ ଜିଲାପାଳ ମଧୁଛନ୍ଦା ସାହୁ, ବରଗଡ଼ ଉପଜିଲାପାଳ ପ୍ରସନ୍ନ କୁମାର ପାଣ୍ଡେ, ପଦ୍ମପୁର ଉପଜିଲାପାଳ ହେମସାଗର ଭୋଇଙ୍କ ସମେତ ଯୋଗାଣ, ସମବାୟ, ନିୟନ୍ତ୍ରିତ ବଜାର କମିଟି(ଆର୍‌ଏମ୍‌ସି)ର ଅଧିକାରୀମାନେ ଉପସ୍ଥିତ ରହି ଜିଲାରେ ଧାନ ସଂଗ୍ରହ ପାଇଁ ହୋଇଥିବା ପୂର୍ବ ପ୍ରସ୍ତୁତି ସମ୍ପର୍କରେ ସୂଚନା ଦେଇଥିଲେ।

ଏପର୍ଯ୍ୟନ୍ତ ରବିଧାନ ସଂଗ୍ରହ ପାଇଁ ଜିଲାରେ ୧ଲକ୍ଷ ୫ହଜାର ୪୯୪ଜଣ ଚାଷୀ ପଞ୍ଜୀକୃତ ହୋଇଥିବା ବୈଠକରେ ସୂଚନା ଦିଆଯାଇଥିଲା। ପଞ୍ଜୀକୃତ ଚାଷୀମାନେ ଜିଲାର ଅତାବିରା, ବରଗଡ଼ ଏବଂ ପଦ୍ମପୁର ଆର୍‌ଏମ୍‌ସି ଅଧୀନରେ ଥିବା ମଣ୍ଡିଗୁଡ଼ିକରେ ଧାନ ବିକ୍ରି କରିପାରିବେ। ତେବେ ପଞ୍ଜୀକୃତ ଚାଷୀଙ୍କୁ ମିଲର୍ସମାନେ ଜୁଟ୍ ବ୍ୟାଗ୍ ଯୋଗାଇ ଦେବାକୁ ବୈଠକରେ ନିଷ୍ପତ୍ତି ହୋଇଥିଲା। ଚାଷୀଙ୍କ ସୁବିଧାକୁ ଗୁରୁତ୍ୱ ଦେଇ ସମସ୍ତ ମଣ୍ଡିରେ ଡିଜିଟାଲ ଆର୍ଦ୍ରତା ମିଟର, ତାର୍ପୋଲିନ, ୱେ ବ୍ରିଜ୍, ଧାନର ଗୁଣମାନ ପରୀକ୍ଷା ପାଇଁ ଉଦ୍ଦିଷ୍ଟ ବିଶ୍ଳେଷଣ କିଟ୍ ଯୋଗାଇବା ସହିତ ପ୍ରତୀକ୍ଷା କକ୍ଷ, ଛାଇ, ପାନୀୟଜଳ, ଆଲୋକ ବ୍ୟବସ୍ଥା, ପାଇଖାନା, ସିସିଟିଭି ଏବଂ ଧାନଦର ଉଲ୍ଲେଖିତ ବୋର୍ଡ଼ ପ୍ରଦର୍ଶନ କରିବା ପାଇଁ ଜିଲାପାଳ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଏହାସହିତ ଅଭାବୀ ବିକ୍ରି ରୋକିବା ନିମନ୍ତେ ଜିଲା, ଉପଖଣ୍ଡ ଏବଂ ସମସ୍ତ ମଣ୍ଡି କଣ୍ଟ୍ରୋଲ ରୁମ୍‌ରୁ ଟୋଲ୍ ଫ୍ରି ନମ୍ବରରେ ଆସୁଥିବା ସମସ୍ତ ଅଭିଯୋଗକୁ ଲିପିବଦ୍ଧ କରି ସେଗୁଡ଼ିକର ତୁରନ୍ତ ସମାଧାନ କରିବାକୁ ପଦକ୍ଷେପ ନେବା ସହିତ ମଣ୍ଡିର ସିସିଟିଭି ଲାଇଭ୍ ଫୁଟେଜକୁ ୨୪ଘଣ୍ଟା ତଦାରଖ କରିବା ପାଇଁ ଆଲୋଚନା ହୋଇଥିଲା।

ସେହିପରି ପ୍ରତ୍ୟେକ ଆର୍‌ଏମ୍‌ସି ଦ୍ୱାରା ଡାକବାଜି ଯନ୍ତ୍ର ଯୋଗେ ଧାନର ଏଫ୍‌ଏକ୍ୟୁ ମାନ ଏବଂ ଇନ୍‌ପୁଟ୍ ସବ୍‌ସିଡ଼ି ବିଷୟରେ ଚାଷୀଙ୍କୁ ସଚେତନ କରିବା ସହିତ ଧାନ ସଂଗ୍ରହକୁ ସଫଳ କରାଇବା ପାଇଁ ଗାଁ ଗାଁ ବୁଲି ଚାଷୀମାନଙ୍କ ସହିତ ଉତ୍ତମ ଯୋଗାଯୋଗ ରଖିବା, ଚାଷୀମାନଙ୍କୁ ଠିକ୍ ଭାବେ ଟୋକନ ପ୍ରଦାନ, ଧାନ ଚୋରାଚାଲାଣ ରୋକିବା ପାଇଁ ଜିଲାର ସୀମାବର୍ତ୍ତୀ ଅଞ୍ଚଳରେ ପୋଲିସ ମୁତୟନ ସହିତ କଡ଼ାକଡ଼ି ଯାଞ୍ଚ କରିବାକୁ ଜିଲାପାଳ ନିର୍ଦ୍ଦେଶ ଦେଇଥିଲେ। ବୈଠକରେ ମିଲର୍ସ ଏବଂ ଚାଷୀ ପ୍ରତିନିଧି ମଧ୍ୟ ଉପସ୍ଥିତ ଥିଲେ।



ପ୍ରବଳ ଖରା ଯୋଗୁ ରାଉରକେଲା ରିଂରୋଡ୍‌ରେ ବାଇକ୍ ଚାଳକ ମୁହଁରେ କପଡା ଘୋଡେଇ ଯାଉଛନ୍ତି।



ଇସ୍ପାତ ସହରରେ ଅସହ୍ୟ ତାତି

ଫଟୋ: ସଙ୍ଗୀତା ଜେନା

ତାତିରୁ ଆଶ୍ୱସ୍ତି ପାଇଁ ଲୋକେ ରିଂରୋଡ୍ ଛକରେ ଆଖୁରସ ପିଉଛନ୍ତି।

## ରେଳଷ୍ଟେଶନରୁ ୨ ମୃତଦେହ ଜବତ

**ରାଉରକେଲା,୨୪।୪(ସଙ୍ଗୀତା ଜେନା):** ଜିଆର୍‌ପି ପୋଲିସ ଅନ୍ତର୍ଗତ ରାଉରକେଲା ରେଳବାଇ ଷ୍ଟେଶନ ଓ ଯାତ୍ରୀବାହୀ ଟ୍ରେନ୍‌ରୁ ୨ଟି ମୃତଦେହ ଜବତ କରାଯାଇଛି। ଜିଆରପି ଅଧିକାରୀ ସସ୍ମିତା ସାହୁଙ୍କ ସୂଚନା ଅନୁଯାୟୀ, ସକାଳ ୭ଟାରେ ଷ୍ଟେଶନ ପ୍ରବେଶ ପଥ ନିକଟରେ ଜଣେ ବ୍ୟକ୍ତିଙ୍କୁ ଅଚେତ ଅବସ୍ଥାରେ ଉଦ୍ଧାର କରାଯାଇଥିଲା। ତାଙ୍କୁ ରେଳବାଇ ଡାକ୍ତର ମୃତ ଘୋଷଣା କରିଥିଲେ। ଏ ନେଇ ଏକ ମାମଲା (ନଂ. ୨୫/୨୬) ରୁଜୁ ହୋଇଛି। ମୃତକଙ୍କ ପରିଚୟ ମିଳିପାରିନାହିଁ। ସେହିପରି ସକାଳ ସାଢ଼େ ୯ଟାରେ ଗୀତାଞ୍ଜଳି ଏକ୍ସପ୍ରେସ ଟ୍ରେନରେ ଜଣେ ଅଚେତ ବ୍ୟକ୍ତିଙ୍କୁ ଉଦ୍ଧାର କରାଯାଇଥିଲା। ତାଙ୍କୁ ମଧ୍ୟ ରେଳବାଇ ଡାକ୍ତର ମୃତ ଘୋଷଣା କରିଥିଲେ। ମୃତକ ହେଲେ ପବିତ୍ର ଡୋରା(୪୫)। ତାଙ୍କ ପରିବାର ଲୋକ ସମ୍ବଲପୁରରେ ରହୁଛନ୍ତି। ସେମାନଙ୍କୁ ସୂଚନା ପ୍ରଦାନ କରାଯାଇଛି ବୋଲି ସାହୁ କହିଥିଲେ।

## ମାନବ ଏକତା ଦିବସରେ ରକ୍ତଦାନ ଶିବିର



**ରାଉରକେଲା,୨୪।୪(ବିପ୍ଳବ ରଞ୍ଜନ ଦାଶ):** ମାନବ ଏକତା ଦିବସ ଅବସରରେ ସନ୍ଥ ନିରଙ୍କରୀ ଚାରିଟେବଲ୍ ଫାଉଣ୍ଡେଶନ୍ ପକ୍ଷରୁ ସନ୍ଥ ନିରଙ୍କରୀ ସତ୍‌ସଙ୍ଗ ଭବନରେ ଶୁକ୍ରବାର ଏକ ରକ୍ତଦାନ ଶିବିର ଆୟୋଜିତ ହୋଇଯାଇଛି। କାର୍ଯ୍ୟକ୍ରମରେ ରାଉରକେଲାର ସନ୍ଥ ନିରଙ୍କରୀ ମିଶନ ସଂଯୋଜକ ରାମେଶ୍ୱର ସାହୁ, କୁଳମଣି ଜେନା, କାର୍ଯ୍ୟକ୍ରମ ସଂଯୋଜକ ବ୍ରିଜେଶ ମହାତୋ, ସନ୍ତୋଷ ସ୍ୱାଇଁ, ଆର୍‌ଜିଏଚ୍ ନିର୍ଦ୍ଦେଶକ ଆନନ୍ଦ ଗୋପାଳ ମହାନ୍ତି ଏବଂ ରକ୍ତଭଣ୍ଡାର ଟେକ୍ନିସିଆନଙ୍କ ଏକ ଦଳ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମ ସଂଯୋଜକ ମହାତୋ କହିଥିଲେ, ଆଜି ସନ୍ଥ ନିରଙ୍କରୀ ମିଶନ ମାନବ ଏକତା ଦିବସରେ ସାରା ଭାରତରେ ରକ୍ତଦାନ ଶିବିର ଆୟୋଜନ କରାଯାଇଛି। ରାଉରକେଲା ସମେତ ସମଗ୍ର ଜିଲାରୁ ସଦସ୍ୟମାନେ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ।

# ତାତି ସାଙ୍ଗକୁ କଲବଲ କରୁଛି ଜଳକଷ୍ଟ

**ରାଉରକେଲା, ୨୪।୪(ସଙ୍ଗୀତା ଜେନା)**

ଇସ୍ପାତ ସହର ରାଉରକେଲାରେ ତାପମାତ୍ରା ଦିନକୁ ଦିନ ବଢ଼ିବାରେ ଲାଗିଛି। ପ୍ରବଳ ଗ୍ରୀଷ୍ମ ପ୍ରବାହ ଯୋଗୁ ଜଳସ୍ତର କମିଗଲାଣି। ସହରର ଜୀବନରେଖା କୋଏଲ ନଦୀର ଝାଡଖଣ୍ଡ ଉପରମୁଣ୍ଡରେ ବ୍ୟାରେଜ, ଡ୍ୟାମ୍ ଆଦିରେ ଜଳ ସଂରକ୍ଷିତ କରାଯାଉଥିବା ଯୋଗୁ ଏଥିରେ ଜଳପ୍ରବାହ ହ୍ରାସ ପାଇଛି। ନଦୀର ଗୋଟିଏ ଅବା ଦୁଇଟି ଧାର ବହୁଛି। ସେହିପରି ଜଳପ୍ରବାହ ହ୍ରାସ ଯୋଗୁ ସହରର ବିଭିନ୍ନ ଅଞ୍ଚଳରେ ଥିବା ନଳକୂପଗୁଡ଼ିକର ଜଳସ୍ତର କମି ପାଣି ବାହାରୁନାହିଁ। ଅନେକ ନଳକୂପରେ ଅଧଘଣ୍ଟା ପର୍ଯ୍ୟନ୍ତ ପମ୍ପିଂ କଲେ ଅଳ୍ପ ଅଳ୍ପ ଗୋଳିଆ ପାଣି ଆସୁଛି। ଏହାକୁ ନେଇ ସ୍ଥାନୀୟ ଲୋକମାନେ ଚିନ୍ତାରେ ପଡିଛନ୍ତି। ଅପରପକ୍ଷେ, ୩ଟି ଟିମ୍ ଜରିଆରେ ଖରାପ ନଳକୂପ ଗୁଡ଼ିକ ମରାମତି କରାଯାଉଛି ବୋଲି ୱାଟକୋ ପକ୍ଷରୁ ସୂଚନା ଦିଆଯାଇଛି।

ସୂଚନା ଅନୁସାରେ, ରାଉରକେଲା ମହାନଗର ନିଗମ (ଆର୍‌ଏମ୍‌ସି) ଓ ଇସ୍ପାତ କାରଖାନା ପରିଚାଳିତ ଶିଳ୍ପାଞ୍ଚଳରେ ମୋଟ ୧୫୦ରୁ ଊର୍ଦ୍ଧ୍ୱ ଛୋଟବଡ଼ ବସ୍ତି ରହିଛି। ପ୍ରତ୍ୟେକ ବସ୍ତିରେ ୪/୫ଟି ନଳକୂପ ରହିଛି। ଗ୍ରୀଷ୍ମ ଦିନରେ



ସେକ୍ଟର-୧ କଲ୍ୟାଣୀ ବସ୍ତିରେ ଅଚଳ ନଳକୂପ।

**ଇସ୍ପାତ ସହର ରାଉରକେଲା**

- ପଥୁରିଆ ଜମିରେ ନଳକୂପ ଫେଲ
- ୧୭୦୦ରୁ ୧୨୦୦ ନଳକୂପ ସଚଳ
- ଅଧିକାଂଶ ନଳକୂପ ପାଇପ ଫାଟିଛି
- ମରାମତି ପାଇଁ ବସ୍ତିବାସୀଙ୍କ ଗୁହାରି

ଜଳସ୍ତର କମ୍ ରହୁଥିବା ଯୋଗୁ ଏହିସବୁ ବସ୍ତିରେ ଜଳାଭାବ ଦେଖାଯାଇଥାଏ। ଫଳରେ ବସ୍ତିଲୋକେ ସକାଳୁ ସଞ୍ଜ ପର୍ଯ୍ୟନ୍ତ ପାଣି ପାଇଁ ଲମ୍ବାଧାଡ଼ିରେ ରହିଥାନ୍ତି। ଜଳସ୍ତର ହ୍ରାସ ପାଇବା ଯୋଗୁ ଉକ୍ତ ଜଳରେ ଲୌହ ଓ ଅପମିଶ୍ରଣ ବାହାରିଥାଏ। ଯାହାକି ଅନେକ ସ୍ଥାନରେ ପିଇବାଯୋଗ୍ୟ ହୋଇ ନ ଥାଏ। ଆର୍‌ଏମ୍‌ସି ଅଧୀନରେ ଥିବା କିଛି ବସ୍ତି ଅଞ୍ଚଳରେ କାରଖାନାର ଶ୍ରମିକ ବସବାସ କରିଥାନ୍ତି। ସେହିପରି ଉଦିତନଗର ଅଞ୍ଚଳ ସଂଲଗ୍ନ ବସ୍ତିଗୁଡ଼ିକରେ ଅଧିକ ଦିନମଜୁରିଆ, ନିମ୍ନବର୍ଗର ଲୋକ ବସବାସ କରିଥାନ୍ତି। ସମୟ ଅନୁଯାୟୀ ଅଞ୍ଚଳରେ ଲୋକସଂଖ୍ୟା କମ୍‌ବେଶୀ ହୋଇଥାଏ। ଆର୍‌ଏମ୍‌ସି ତଥ୍ୟ ଅନୁଯାୟୀ, ସହରର ମୋଟ ଜନସଂଖ୍ୟାର ପ୍ରାୟ ୪୦ ପ୍ରତିଶତ ବସ୍ତିରେ ରୁହନ୍ତି। ଗ୍ରୀଷ୍ମଦିନେ ସେମାନଙ୍କ ଜଳ ଆବଶ୍ୟକତା ମେଣ୍ଟାଇବା ଏକ ଚ୍ୟାଲେଞ୍ଜ ହୋଇଛି।

ସେକ୍ଟର-୧ କଲ୍ୟାଣୀବସ୍ତିର ଶୀତଳ ନାଏକ ଏ ସମ୍ପର୍କରେ କୁହନ୍ତି, ଅନେକ ବସ୍ତି ପାହାଡ଼ ତଳେ ରହିଛି। ପାହାଡ଼ିଆ, ପଥୁରିଆ ଭୂମିରେ ଜଳସ୍ରୋତ ପାଇବା କଷ୍ଟକର। ଖରାମାସ ଆସିଲେ ଆମ ଦୁଃଖ ବଢ଼ିଯାଏ। ଦିନର ଅନେକ ସମୟ ପାଣି ସଂଗ୍ରହରେ ବିତାଇବାକୁ ପଡେ। ହେଲେ କିଛି ବର୍ଷ ହେଲା ନଳକୂପ ଯୋଗୁ ସମସ୍ୟା କମିଛି। ତେବେ ଖରାଦିନେ ପାଣଇ ସମସ୍ୟାର ସମାଧାନ ହୋଇପାରିନାହିଁ। ଗୋଟିଏ ନଳକୂପ ଉପରେ ପ୍ରାୟ ୨୦ ଘର ନିର୍ଭର କରୁଛନ୍ତି। ନଳକୂପ ଖରାପ ହେଲେ ପ୍ରଶାସନ ଉପରେ ନିର୍ଭର କରିବାକୁ ପଡେ। ଅଭିଯୋଗ କଲେ ମଧ୍ୟ କେହି କର୍ଣ୍ଣପାତ କରି ନ ଥାନ୍ତି। କିଛି ବସ୍ତିରେ ଲୋକେ ନିଜେ ନିଜେ ନଳକୂପ ମରାମତି କରିଥାନ୍ତି। ବହୁ କଷ୍ଟ କଲେ ସେଥିରୁ ଅଳ୍ପ ପାଣି ବାହାରିଥାଏ ବୋଲି ନାଏକ କହିଥିଲେ। ଏ ସମ୍ପର୍କରେ ୱାଟକୋର ମୁଖ୍ୟ ଅଧିକାରୀ (ରାଉରକେଲା) ଅଲେଖ ଦଲେଇଙ୍କୁ ପଚରାଯିବାରୁ ସେ କହିଲେ, ବିଭିନ୍ନ ୱାର୍ଡରେ ମୋଟ ୧୭ଶହ ନଳକୂପ ରହିଛି। ସେଥିମଧ୍ୟରୁ ପ୍ରାୟ ୧୨ଶହ କାର୍ଯ୍ୟକ୍ଷମ ରହିଛି। ବଳକା ୫ଶହ ନଳକୂପକୁ ମରାମତି କରାଯାଉଛି। ଲୋକଙ୍କ ଆବଶ୍ୟକତା ମେଣ୍ଟାଇବା ପାଇଁ ଜଳଯୋଗାଣ କରାଯାଉଛି। ୩ଟି ଟିମ୍ ଗଠନ କରି ନଳକୂପ ମରାମତି କାର୍ଯ୍ୟ ହେଉଛି ବୋଲି ଦଲେଇ କହିଥିଲେ।

## ସଙ୍ଗୀତ ତରଙ୍ଗ ମ୍ୟୁଜିକ୍ କ୍ଲବ୍‌ର ଓଡ଼ିଶା ଦିବସ କାର୍ଯ୍ୟକ୍ରମ



କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି ଏବଂ ଅନ୍ୟମାନେ।

**ରାଉରକେଲା,୨୪।୪(ବିପ୍ଳବ ରଞ୍ଜନ ଦାଶ)**

ରାଉରକେଲା ଇସ୍ପାତ ସହରର ସାଂସ୍କୃତିକ ଅନୁଷ୍ଠାନ ସଙ୍ଗୀତ ତରଙ୍ଗ ମ୍ୟୁଜିକ୍ କ୍ଲବ୍‌ର ଓଡ଼ିଶା ଦିବସ କାର୍ଯ୍ୟକ୍ରମ ଜର୍ମାନ କ୍ଲବ୍‌ରେ ବୁଧବାର ପାଳିତ ହୋଇଯାଇଛି। ଏଥିରେ ରାଉରକେଲା ଆଇନ୍ ମହାବିଦ୍ୟାଳୟ ସଭାପତି ଡ. ଯତୀନ୍ଦ୍ର ନାୟକ ମୁଖ୍ୟ ଅତିଥି, ଗୀଟାର ବାଦକ ମୁମ୍ବାଇର ଦେବ ରଞ୍ଜନ ମହାପାତ୍ର ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଅନୁଷ୍ଠାନର ଅଧ୍ୟକ୍ଷ ବିନୋଦ ମାହୁନ୍ତ, ଆର୍‌ଏସ୍‌ପି ସିଜିଏମ ତଥା ଅନୁଷ୍ଠାନର ଉପଦେଷ୍ଟା ଏସ୍. ରାୟ ଚୌଧୁରୀ, ସଞ୍ଚାର ବିଭାଗର ମହାପ୍ରବନ୍ଧକ ଅର୍ଚ୍ଚନା ଶତପଥୀ, ମନୋରଞ୍ଜନ ଦାଶ, ଡାକ୍ତର ପି. କେ. ଦାସ, ସମାଜସେବୀ ଜିତେନ୍ଦ୍ର ପ୍ରସାଦ ତଥା ଆଇଜିଏଚ୍‌ର ନିର୍ଦ୍ଦେଶକ ଡାକ୍ତର ଜୟନ୍ତ ଆଚାର୍ଯ୍ୟ ଉପସ୍ଥିତ ଥିଲେ। ସାଧାରଣ ସମ୍ପାଦକ ସନ୍ତୋଷ ଦାସ ଓଡ଼ିଶା ଦିବସର ବିଶେଷତ୍ୱ, ଓଡ଼ିଆ ଭାଷା, ସାହିତ୍ୟ, ସଂସ୍କୃତି ତଥା ଆଧୁନିକ ଯୁଗରେ ଏହା ପ୍ରତି ଆମର କର୍ତ୍ତବ୍ୟ ଉପରେ ଆଲୋକପାତ କରିଥିଲେ। ଏହି ଅବସରରେ ଅନୁଷ୍ଠାନର ସଦସ୍ୟ କଳାକାରମାନେ ବିଭିନ୍ନ ସଙ୍ଗୀତ ପରିବେଷଣ କରିଥିଲେ। ଶୁଭଶ୍ରୀ ଦାସ ମଞ୍ଚ ସଞ୍ଚାଳନ ଏବଂ ସଭାପତି ତପନ ନାୟକ ଧନ୍ୟବାଦ ଅର୍ପଣ କରିଥିଲେ।

## ଆର୍‌ଏସ୍‌ପି ଠିକା କର୍ମଚାରୀ ପୁରସ୍କୃତ

**ରାଉରକେଲା,୨୪।୪(ବିପ୍ଳବ ରଞ୍ଜନ ଦାଶ)**

ଆର୍‌ଏସ୍‌ପି ପ୍ଲେଟ୍ ମିଲ୍ ବିଭାଗରେ ତତ୍କାଳ ମାନ୍ୟତା ଯୋଜନା ଅଧୀନରେ ଏକ ପୁରସ୍କାର ବିତରଣ କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି। ସିଜିଏମ୍ (ପ୍ଲେଟ୍ ମିଲ୍ ଏବଂ ଏସ୍‌ପିପି) ଏଟୱା ଓରାଓଁ କାର୍ଯ୍ୟକ୍ରମରେ ଅଧ୍ୟକ୍ଷତା କରିବା ସହ ପ୍ଲେଟ୍ ମିଲ୍ ଅଞ୍ଚଳରେ ନିୟୋଜିତ ୩୦ ଠିକା କର୍ମଚାରୀଙ୍କୁ ପୁରସ୍କାର ପ୍ରଦାନ କରିଥିଲେ। ବିଭାଗର ଅନ୍ୟାନ୍ୟ ବରିଷ୍ଠ ଅଧିକାରୀ, ଏଚ୍‌ଆର୍‌ସିଏଲ୍‌ସିର ପ୍ରତିନିଧି, ସମ୍ପୃକ୍ତ ଠିକାଦାର ଏବଂ ଠିକା କର୍ମଚାରୀମାନେ ଉପସ୍ଥିତ ଥିଲେ। ଉକ୍ତ ଉତ୍ସବରେ ମେସର୍ସ ଡୋରା କନଷ୍ଟ୍ରକ୍ସନ, ମେସର୍ସ କେ ସି କନଷ୍ଟ୍ରକ୍ସନ, ମେସର୍ସ ଆଶା ଏଣ୍ଟରପ୍ରାଇଜ ଏବଂ ମେସର୍ସ ବୈଭବ ଏଣ୍ଟରପ୍ରାଇଜେସର ଠିକା ଶ୍ରମିକମାନଙ୍କୁ କାର୍ଯ୍ୟ ଶୃଙ୍ଖଳା, ଫର୍ନେସ ଏବଂ ସ୍କେଲ୍ ଚ୍ୟାନେଲ ସଫା କରିବା କ୍ଷେତ୍ରରେ ଉଲ୍ଲେଖନୀୟ ପ୍ରଦର୍ଶନ ପାଇଁ ପୁରସ୍କୃତ କରାଯାଇଥିଲା। ପ୍ଲେଟ୍ ମିଲ ବିଭାଗର ଡେପୁଟି ମ୍ୟାନେଜର ରୋଶନ କୁମାର କାର୍ଯ୍ୟକ୍ରମ ସଂଯୋଜନା ଏବଂ ମ୍ୟାନେଜର (ପ୍ଲେଟ୍ ମିଲ୍) ଶକ୍ତି ସାରଙ୍ଗୀ ଧନ୍ୟବାଦ ଅର୍ପଣ କରିଥିଲେ।




ଅତିଥିଙ୍କ ସହ ପୁରସ୍କୃତ ହୋଇଥିବା ଠିକା କର୍ମଚାରୀ।

## ସାଇନିଂ ରକର୍ସ ଏକାଡେମୀର ବାର୍ଷିକୋତ୍ସବ



ବାର୍ଷିକୋତ୍ସବରେ ଉପସ୍ଥିତ ପୁରସ୍କାର ବିଜେତା।

**ରାଉରକେଲା,୨୪।୪(ବିପ୍ଳବ ରଞ୍ଜନ ଦାଶ)**

ରାଉରକେଲା ସେକ୍ଟର-୨୦ସ୍ଥିତ ରାଉରକେଲା କ୍ଲବ ପରିସରରେ ଓଡ଼ିଶା ସାଇନିଂ ଆଇକନ୍ସ ସିଜିନ ୧୦ ପକ୍ଷରୁ ସାଇନିଂ ରକର୍ସ ଏକଡେମୀର ବାର୍ଷିକୋତ୍ସବ ଗୁରୁବାର ସନ୍ଧ୍ୟାରେ ମହାସମାରୋହରେ ପାଳିତ ହୋଇଯାଇଛି। ଅନୁଷ୍ଠାନର ପ୍ରତିଷ୍ଠାତା ତଥା ନିର୍ଦ୍ଦେଶିକା ଲୀନା ବିଶ୍ୱାଳଙ୍କ ସଭାପତିତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ପ୍ରଫୁଲ୍ଲ ସୁନ୍ୟାନୀ, ମୀନତୀ ସୁନ୍ୟାନୀ, ରାଉରକେଲା ଚାମ୍ବର ଅଫ୍ କମର୍ସର ପ୍ରାକ୍ତନ ସଭାପତି ସୁନୀଲ କୟାଲ, ସମାଜସେବୀ କମଳ ଅଗ୍ରୱାଲ, ଅନୀଲ ଅଗ୍ରୱାଲ, ଅନୀତା ଅଗ୍ରୱାଲ, ଜିତେନ୍ଦ୍ର ପ୍ରସାଦ, ସୁଷମା ପ୍ରସାଦ ଓ ମହେନ୍ଦ୍ର କୁମାର ଦାସ ପ୍ରମୁଖ ଅତିଥି ଭାବେ ଉପସ୍ଥିତ ଥିଲେ। ଏହି ଅବସରରେ ନୃତ୍ୟ ପରିବେଷଣ ସହ ମଡେଲିଂ ଶୋ ଆୟୋଜିତ ହୋଇଥିଲା। ଏହି ପ୍ରତିଯୋଗିତାରେ ମିଷ୍ଟ୍ରେସ ଓଡ଼ିଶା ୨୦୨୬ ଭାବେ ଚିନ୍ମୟୀ ପତି, ବାଳିକା ବିଭାଗ ଜୁନିଅରରେ ଆଇ.ଜି ଅଂଶୁମାଳା ବିଜେତା ହୋଇଥିଲେ। ସେହିପରି ମିସ୍ ୨୦୨୬ ବିଭାଗର ଏମ୍. ପ୍ରେୟସୀ ଓ ମିଷ୍ଟର ୨୦୨୬ ବିଭାଗରେ ବିବେକାନନ୍ଦ ସାହୁ ବିଜେତା ହୋଇଥିଲେ। ସବ୍‌ଜୁନିଅର ବାଳିକା ବିଭାଗରେ ଅଙ୍କିତା ସାହୁ ଓ ସବ୍‌ଜୁନିଅର ବାଳକ ବିଭାଗରେ ସାଇ ମିଶ୍ର ବିଜେତା ହୋଇଥିଲେ। ଶୁଭଜିତ ପଣ୍ଡା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ତନିସା ଅଗ୍ରୱାଲ ଓ ଅନୀତା ମଣ୍ଡଳ ଦାସ ବିଚାରକ ଭାବେ ଉପସ୍ଥିତ ଥିଲେ। ବବିତା ମହାରଣା, ନୃତ୍ୟାଞ୍ଜଳି ପରିଡ଼ା, ଚିନୁ ରାଉତ, କଲ୍ୟାଣୀ ଦାସ, ବଣ୍ଡାଳୀ ରାଉତ, ସୋନୁ ମୁଖାର୍ଜୀ ପ୍ରମୁଖ ସହଯୋଗ କରିଥିଲେ।

## ସ୍ୱତନ୍ତ୍ର ଇସ୍ପାତ ଉତ୍ପାଦନରେ ଆର୍‌ଏସ୍‌ପିର ସଫଳତା

**ରାଉରକେଲା,୨୪।୪(ବିପ୍ଳବ ରଞ୍ଜନ ଦାଶ)**

ଭାରତୀୟ ଇସ୍ପାତ ପ୍ରାଧିକରଣ ଲିମିଟେଡ୍ (ସେଲ୍)ର ଏକ ବୃହତ ୟୁନିଟ ଆର୍‌ଏସ୍‌ପି ପ୍ରତିରକ୍ଷା, ଶକ୍ତି, ଅଟୋମୋଟିଭ୍ ଏବଂ ବୈଦ୍ୟୁତିକ କ୍ଷେତ୍ର ପାଇଁ ଉଚ୍ଚ ମୂଲ୍ୟ ବିଶିଷ୍ଟ ସ୍ୱତନ୍ତ୍ର ଇସ୍ପାତର ସଫଳ ପରୀକ୍ଷଣ ଏବଂ ଉତ୍ପାଦନ ସହିତ ଉତ୍ପାଦ ବିକାଶରେ ଗୁରୁତ୍ୱପୂର୍ଣ୍ଣ ମାଇଲଖୁଣ୍ଟ ଅତିକ୍ରମ କରିଛି। ଏହାର ପ୍ରମୁଖ ସଫଳତା ମଧ୍ୟରେ ହଟ୍ ଷ୍ଟ୍ରିପ୍ ମିଲ୍-୨(ଏଚ୍‌ଏସ୍‌ଏମ୍-୨)ରେ ଆର୍‌ଏଚ୍‌ଓବି ପ୍ରକ୍ରିୟା ମାଧ୍ୟମରେ ଡିଏମ୍‌ଆର ୨୪୯ଏ ଏଚ୍‌ଆର ପ୍ଲେଟ୍‌ଗୁଡ଼ିକର ସଫଳ ପରୀକ୍ଷଣ ଅନ୍ତର୍ଭୁକ୍ତ, ଯାହାକି ଉତ୍କୃଷ୍ଟ ଶକ୍ତି ଏବଂ କଠିନତା ସହିତ ନୌସେନା ପ୍ରୟୋଗ ପାଇଁ ପ୍ରସ୍ତୁତ। ଆର୍‌ଏସ୍‌ପି ନୂତନ ପ୍ଲେଟ୍ ମିଲ୍ ଓ ସ୍ୱତନ୍ତ୍ର ପ୍ଲେଟ୍ ପ୍ଲାଣ୍ଟ ରୁଟ୍ ମାଧ୍ୟମରେ ୧୪୯୨ ଟନ୍ ଓଜନର ଏସ୍‌ଏସ୍‌ଟିଏମ୍ ଏ ୩୮୭ କ୍ଲାସ୍ ୨ (ଜିଆର.୧୧/୧୨) ସାଧାରଣ ଏବଂ ଟେମ୍ପର୍ଡ ପ୍ଲେଟ୍ ମଧ୍ୟ ଯୋଗାଇଥିଲା, ଯାହା ବଏଲର୍ ଏବଂ ରିଆକ୍ଟରରେ ଉଚ୍ଚ-ତାପମାନ ଚାପନିରୋଧୀ ଜାହାଜ ପାଇଁ ଏକ ଆଦର୍ଶ। ବୈଦ୍ୟୁତିକ ଇସ୍ପାତରେ ଆର୍‌ଏସ୍‌ପି ବୈଦ୍ୟୁତିକ ମେଶିନ ପାଇଁ ଅଲ୍ଟ୍ରା-କମ୍-କାର୍ବନ (୦.୦୩-୦.୦୬ ପ୍ରତିଶତ) ସହିତ ଗ୍ରେଡ୍-୧ ଏସ୍‌ଆଇ କେ ଏଚ୍‌ଆର କଏଲଗୁଡ଼ିକୁ ରୋଲ୍ କରିଛି। ଆର୍‌ଏଚ୍‌ଓବି ରୁଟ୍ ବ୍ୟବହାର କରି ଷ୍ଟିଲ୍ ମେଲ୍ଟିଂ ଶପ୍-୨ (ଏସ୍‌ଏମ୍‌ଏସ୍-୨) ବିଭାଗ ମାଧ୍ୟମରେ ଉଚ୍ଚ-ଗ୍ରେଡ୍ ସିଆରଏନଓ ସିଟ୍ (୫୦ସି୪୭୦/୫୦ସି୪୦୦) ତିଆରି କରାଯାଇଥିଲା, ଯାହା ଦକ୍ଷ ମୋଟର ଏବଂ ଟ୍ରାନ୍ସଫର୍ମର ପାଇଁ ଅତ୍ୟନ୍ତ ଉଚ୍ଚମାନର। ଅଟୋମୋଟିଭ୍ କ୍ଷେତ୍ର ପାଇଁ ଏଚ୍‌ଏସ୍‌ଏମ୍-୨ ରେ ଆଇଏସ ୧୧୫୧୩ ସିଆର ୪ ଅନୁସାରେ ଅତିରିକ୍ତ ଡିପ୍ ଡ୍ରଇଂ ଷ୍ଟିଲ୍ (ଇଡିଡି) ଉତ୍ପାଦନ କରାଯାଇଥିଲା। ଏହା ଅସାଧାରଣ ଫର୍ମାବିଲିଟି ସହିତ କାର୍ ବଡି ଭଳି ଜଟିଳ ଡିପ୍-ଡ୍ରନ୍ ଉପାଦାନଗୁଡ଼ିକୁ ସାର୍ଥକ କରିପାରିବ। ଏହି ଉନ୍ନତିଗୁଡ଼ିକ ମୂଲ୍ୟଯୁକ୍ତ ଉତ୍ପାଦ, ପ୍ରଯୁକ୍ତିବିଦ୍ୟା ନବସୃଜନ ଏବଂ ରଣନୈତିକ ସାମଗ୍ରୀରେ ଆତ୍ମନିର୍ଭରଶୀଳତା ପ୍ରତି ଆର୍‌ଏସ୍‌ପିର ପ୍ରତିବଦ୍ଧତାକୁ ପୁନଃ ସ୍ଥାପନା କରିଛି।

## ରାଉରକେଲା ଦଳର ଭୁବନେଶ୍ୱର ଯାତ୍ରା

**ରାଉରକେଲା,୨୪।୪(ଦିନେଶ ମିଶ୍ର)**

**ରାଜ୍ୟ କରାଟେ ଚାମ୍ପିୟନଶିପ୍**

ଓଡିଶା ରାଜ୍ୟ କରାଟେ-ଡୋ ଆସୋସିଏଶନ ଓସ୍କା ପକ୍ଷରୁ ଆସନ୍ତା ୨୬ ତାରିଖ ପର୍ଯ୍ୟନ୍ତ ୩୮ତମ ସବ୍‌ଜୁନିୟର ଓ ୩୭ତମ କ୍ୟାଡେଟ୍ ଜୁନିଅର ରାଜ୍ୟ କରାଟେ ଚାମ୍ପିୟନଶିପ୍ ଭୁବନେଶ୍ୱରସ୍ଥିତ ଉତ୍କଳ କରାଟେ ସ୍କୁଲ ପରିସରରେ ଅନୁଷ୍ଠିତ ହେବ। ଓସ୍କା ସ୍ୱୀକୃତିପ୍ରାପ୍ତ ଶୈଳୀର କରାଟେ ପ୍ରଶିକ୍ଷଣ କେନ୍ଦ୍ରର ଶିକ୍ଷାର୍ଥୀମାନେ ନିଜ ଜିଲା କରାଟେ ସଂଘ ମାଧ୍ୟମରେ ଏହି ଚାମ୍ପିୟନଶିପ୍‌ରେ ଅଂଶଗ୍ରହଣ କରିବେ। ଏହି କ୍ରମରେ ନେଇ ରାଉରକେଲା କରାଟେ ସଂଘ ପକ୍ଷରୁ ଗତ ୧୯ ତାରିଖରେ ଏକ ଚୟନ ଶିବିର ଆୟୋଜିତ ହୋଇଥିଲା। ଏଥିରେ ୨୨ ଜଣ କରାଟେକା ଚୟନ ହୋଇ ରାଉରକେଲାକୁ ପ୍ରତିନିଧିତ୍ୱ କରିବା ପାଇଁ ଭୁବନେଶ୍ୱର ଯାତ୍ରା କରିଛନ୍ତି। ସେନସାଇ ରଞ୍ଜନ ପାତ୍ର ରାଉରକେଲା ଦଳର କୋଚ ଓ ମ୍ୟାନେଜର ଦାୟିତ୍ୱ ତୁଲାଇବେ।




ରାଉରକେଲା ଦଳର ଖେଳାଳି।

**ସି.ଏମ୍. ଟ୍ରଫି ବାଳକ କବାଡି ଚାମ୍ପିୟନଶିପ୍**

## ସମଲେଶ୍ୱରୀ ଦଳ ବିଜେତା

**ରାଉରକେଲା, ୨୪।୪(ବିପ୍ଳବ ରଞ୍ଜନ ଦାଶ)**

ଛେଣ୍ଡ ସ୍ଥିତ ହୃଷୀକେଶ ରାୟ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପରିସରରେ ବୁଧବାର ସି.ଏମ୍. ଟ୍ରଫି ଆନ୍ତଃ କ୍ଲବ୍ ଓ ଆନ୍ତଃ ଜିଲା ବାଳକ କବାଡି ଚାମ୍ପିୟନଶିପ୍ ପ୍ରତିଯୋଗିତା ଆରମ୍ଭ ହୋଇଛି। ଗୁରୁବାର ଅପରାହ୍ନରେ ଅନୁଷ୍ଠିତ ପୁରସ୍କାର ବିତରଣ ଉତ୍ସବରେ କେନ୍ଦ୍ର ମନ୍ତ୍ରୀଙ୍କ ପ୍ରତିନିଧି ପ୍ରକାଶ ପାଶୱାନ ଅତିଥି ଭାବେ ଯୋଗ ଦେଇ ବିଜେତା ଓ ଉପବିଜେତା ଦଳକୁ ଟ୍ରଫି ସହ ପୁରସ୍କୃତ କରିଥିଲେ। ଏହି ପ୍ରତିଯୋଗିତାରେ ସୁନ୍ଦରଗଡ଼ ଜିଲାର ୧୦ଟି ଦଳ ଅଂଶଗ୍ରହଣ କରିଥିଲେ। ସମଲେଶ୍ୱରୀ ଦଳ ବିଜେତା ହୋଇଥିବା ବେଳେ ଲହୁଣୀପଡ଼ାର ଏକଲବ୍ୟ ମଡେଲ ରେସିଡେଣ୍ଟସିଆଲ ସ୍କୁଲ ଉପବିଜେତା ହୋଇଥିଲା। ଜିଲା ଆଥଲେଟିକ୍ ଆସୋସିଏଶନର ପ୍ରମୁଖ କର୍ମକର୍ତ୍ତା ରାଧାମୋହନ ନାୟକ, ବିଭୂଦତ୍ତ ବେହେରା, ପ୍ରସାଦ କୁମାର ପଟେଲ, ଅରବିନ୍ଦ ପାତ୍ର, ଗୋପିନାଥ ପଣ୍ଡା ପ୍ରମୁଖ ସହଯୋଗ କରିଥିଲେ। ସେହିପରି ବୁଧବାର ପ୍ରତିଯୋଗିତାର ଉଦ୍‌ଘାଟନୀ ଉତ୍ସବରେ ହୃଷୀକେଶ ରାୟ କଲେଜର ଅଧ୍ୟକ୍ଷ ବିନୟ କୁମାର ସାହାଣୀ ଓ ସମାଜସେବୀ ହରିହର ରାଉତରାୟ ବରେଣ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ଅପରାହ୍ନରେ ଅନୁଷ୍ଠିତ ପୁରସ୍କାର ବିତରଣ ଉତ୍ସବରେ ବଣେଇ ବିକାଶ ପରିଷଦ ସଭାପତି ସନତ କୁମାର ପ୍ରଧାନ ଅତିଥି ଭାବେ ଯୋଗଦେଇ ବିଜେତା ଓ ଉପ ବିଜେତା ଦଳକୁ ଟ୍ରଫି ସହ ପୁରସ୍କୃତ କରିଥିଲେ। ଏହି ପ୍ରତିଯୋଗିତାରେ ସୁନ୍ଦରଗଡ଼ ଜିଲାର ୬ଟି ଦଳ ଅଂଶଗ୍ରହଣ କରିଥିଲେ। ଲହୁଣିପଡ଼ାର ଏକଲବ୍ୟ ମଡେଲ୍ ରେସିଡେନ୍ସିଆଲ୍ ସ୍କୁଲ ବିଜେତା ଏବଂ ସୁନ୍ଦରଗଡ଼ ସଦର କୁଇନ୍ ଦଳ ଉପବିଜେତା ହୋଇଥିଲା।



ଅତିଥିମାନଙ୍କ ଗହଣରେ ଟ୍ରଫି ସହ ଖେଳାଳି।

## ହନୁମାନ ମନ୍ଦିର ପ୍ରତିଷ୍ଠା ଉତ୍ସବ

ଦେବଗଡ଼, (ଶଶାଙ୍କ ଶେଖର ଝାଙ୍କର): ସ୍ଥାନୀୟ କଟେରିସ୍ଥିତ ଶ୍ରୀ ଶ୍ରୀ ହନୁମାନ ମନ୍ଦିରର ପ୍ରତିଷ୍ଠା ଉତ୍ସବ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ସୂର୍ଯ୍ୟପୂଜା, ଗୋପୂଜନ, ପଞ୍ଚକର୍ମ ସହିତ ସ୍ୱତନ୍ତ୍ର ପୂଜାର୍ଚ୍ଚନା ଓ ହୋମଯଜ୍ଞ କରାଯାଇଥିଲା। ପୂଜକ ଓମ୍ ପ୍ରକାଶ ଦ୍ୱିବେଦୀ, ଅଂଶୁମାନ ପାଣି ପୂଜା କାର୍ଯ୍ୟ ସମ୍ପାଦନ କରିଥିବାବେଳେ କର୍ତ୍ତାଭାବେ ଅଭୟ କୁମାର ନନ୍ଦ ଓ ତାଙ୍କ ସହଧର୍ମିଣୀ ସ୍ମୃତିରେଖା ନନ୍ଦ ବସିଥିଲେ। ଏହି କାର୍ଯ୍ୟକ୍ରମରେ ମନ୍ଦିର କମିଟି କର୍ମକର୍ତ୍ତା ଯୋଗଦେଇଥିଲେ।

## ଦାୟିତ୍ୱ ଗ୍ରହଣ କଲେ ନୂତନ ଡିଆଇପିଆର୍‌ଓ


ରୀତାକାନ୍ତି ବଳିୟାରସିଂ

ଝାରସୁଗୁଡ଼ା, ୨୪।୪ (ଆଶିଷ ରଞ୍ଜନ ଦାଶ)

ଝାରସୁଗୁଡ଼ା ଜିଲା ନୂତନ ସୂଚନା ଓ ଲୋକସମ୍ପର୍କ ଅଧିକାରୀ (ଡିଆଇପିଆର୍‌ଓ) ଭାବେ ରୀତାକାନ୍ତି ବଳିୟାରସିଂ ଶୁକ୍ରବାର ଜିଲାପାଳଙ୍କ କାର୍ଯ୍ୟାଳୟସ୍ଥିତ ସୂଚନା ଓ ଲୋକସମ୍ପର୍କ କାର୍ଯ୍ୟାଳୟରେ ଯୋଗଦାନ କରିଛନ୍ତି। ସେ ଉପଖଣ୍ଡସ୍ତରୀୟ ସୂଚନା ଓ ଲୋକସମ୍ପର୍କ ଅଧିକାରୀ କୃଷ୍ଣାକେଶୀ ବଳିୟାରସିଂଙ୍କଠାରୁ ଦାୟିତ୍ୱ ଗ୍ରହଣ କରିଛନ୍ତି। ରୀତାକାନ୍ତି ଏହି ଦାୟିତ୍ୱ ଗ୍ରହଣ କରିବା ସମୟରେ ବିଭିନ୍ନ ଗଣମାଧ୍ୟମର ପ୍ରତିନିଧି, ସୂଚନା ଓ ଲୋକସମ୍ପର୍କ କାର୍ଯ୍ୟାଳୟର ସମସ୍ତ ଅଧିକାରୀ ଉପସ୍ଥିତ ଥିଲେ। ପୂର୍ବରୁ ରୀତାକାନ୍ତି ବୌଦ୍ଧ ଜିଲାର ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଭାବେ କାର୍ଯ୍ୟ କରୁଥିଲେ।

# ରାସ୍ତାରେ ଉଡୁଛି ବର୍ଜ୍ୟଗୁଣ୍ଡ

କୋଲାବିରା, ୨୪।୪ (ସଞ୍ଜୟ ପୂଜାରୀ)

ଝାରସୁଗୁଡ଼ା-କୋଲାବିରା-କୁଚିଣ୍ଡା ଦେଇଯାଇଥିବା ୪୯ ନମ୍ବର ଜାତୀୟ ରାଜପଥରେ ଏବେ ପ୍ରଦୂଷଣର କରାଳ ରୂପ ଦେଖିବାକୁ ମିଳୁଛି। ଝାରସୁଗୁଡ଼ାର ବିଭିନ୍ନ କାରଖାନାରୁ ବାହାରୁଥିବା ବିଷାକ୍ତ ବର୍ଜ୍ୟଗୁଣ୍ଡ ଅସୁରକ୍ଷିତ ଭାବେ ପରିବହନ କରାଯାଉଥିବାରୁ ଏହା ସାଧାରଣ ଜୀବନଯାତ୍ରାକୁ ଦୁର୍ବିଷହ କରିଦେଇଛି।

ସୂଚନା ଅନୁଯାୟୀ, ପ୍ରତିଦିନ ଝାରସୁଗୁଡ଼ାର ବିଭିନ୍ନ କାରଖାନାରୁ ଶତାଧିକ ଭାରିଯାନରେ ବର୍ଜ୍ୟଗୁଣ୍ଡ ଲୋଡ୍ କରାଯାଇ ଦେବଗଡ଼ ଓ ବଣେଇ ଅଞ୍ଚଳକୁ ଚାଲାଣ ହେଉଛି। ଓଭରଲୋର୍ଡିଂ ଓ ବିନା ଆଚ୍ଛାଦନରେ ପରିବହନ କରାଯାଉଥିବାରୁ ରାସ୍ତାର ଅଧିକାଂଶ ସ୍ଥାନରେ ବର୍ଜ୍ୟଗୁଣ୍ଡ ପଡ଼ିରହୁଛି। ଏଥିଯୋଗୁ ଯାତାୟାତରେ ସମସ୍ୟା ହେଉଛି। ସେହିପରି ଏହି ଗୁଣ୍ଡ ପବନରେ ଉଡ଼ି କୁହୁଡ଼ି ଭଳି ପରିବେଶ ସୃଷ୍ଟିକରୁଛି। ଫଳରେ ସମ୍ମୁଖରୁ ଆସୁଥିବା ଗାଡ଼ି ଠିକ୍‌ଭାବେ ଦୃଶ୍ୟମାନ ହେଉନାହିଁ। ଏଥିଯୋଗୁ ଦୁର୍ଘଟଣା ଆଶଙ୍କା ରହିଥିବାବେଳେ ବାଇକ୍ ଓ ସାଇକେଲ ଆରୋହୀଙ୍କୁ ଅସୁବିଧାର ସମ୍ମୁଖୀନ ହେବାକୁ ପଡୁଛି। ଏନେଇ ଯୁବନେତା ମନୁଆ ପୁରୋହିତ କହିଛନ୍ତି, ଜିଲା ବାହାରର ଜଣେ ପ୍ରଭାବଶାଳୀ ରାଜନେତାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏହି ବେଆଇନ କାର୍ଯ୍ୟ ଚାଲିଛି। କାରଖାନା କର୍ତ୍ତୃପକ୍ଷ ପ୍ରଭାବଶାଳୀ ହୋଇଥିବାରୁ ପ୍ରଶାସନ ନିକଟରେ ଅଭିଯୋଗ କଲେ ମଧ୍ୟ ସୁଫଳ ମିଳୁନାହିଁ। ୨୦୨୫ରେ ସମାନ ସମସ୍ୟା ଦେଖାଦେବା ପରେ ବିଧାୟକ ଟଙ୍କଧର ତ୍ରିପାଠୀ ଏବଂ ଏମ୍‌ପି ପ୍ରଦୀପ ପୁରୋହିତ ଏଥିରେ ହସ୍ତକ୍ଷେପ କରିଥିଲେ। ବିଧାୟକଙ୍କ ଚିଠି ପରେ ଜିଲାପାଳ ଏହି ପରିବହନକୁ ବନ୍ଦ କରିଥିଲେ। ଫଳରେ ଗତ ୬ ମାସ ଧରି ଅଞ୍ଚଳବାସୀ ଶାନ୍ତିରେ ଥିଲେ। ହେଲେ ପ୍ରାୟ ୧୫ ଦିନ ହେବ ପୁଣି ଥରେ ଏହି କାର୍ଯ୍ୟ ଚାଲିଥିବା ଦେଖିବାକୁ ମିଳିଛି। ପ୍ରଥମେ କେବଳ ରାତିରେ ପରିବହନ କରାଯାଉଥିଲା, କିନ୍ତୁ ଗତ ୪/୫ ଦିନ ହେବ ଦିନରାତି ଶତାଧିକ ବର୍ଜ୍ୟଗୁଣ୍ଡ ବୋଝେଇ ଗାଡ଼ି ରାସ୍ତାରେ ଚଳାଚଳ କରୁଛି। କେମିକାଲଯୁକ୍ତ ଏହି ବର୍ଜ୍ୟଗୁଣ୍ଡ ଶ୍ୱାସକ୍ରିୟାଜନିତ ରୋଗ ସୃଷ୍ଟି କରୁଥିବାରୁ ସ୍ଥାନୀୟ ଲୋକଙ୍କ ମଧ୍ୟରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି। ଯଦି ପ୍ରଶାସନ ତୁରନ୍ତ ଏହି ଅସୁରକ୍ଷିତ ପରିବହନ ଉପରେ ରୋକ ନ ଲଗାଏ, ତେବେ ଆଗାମୀ ଦିନରେ ଅଞ୍ଚଳବାସୀ ରାସ୍ତାକୁ ଓହ୍ଲାଇବେ ବୋଲି ଚେତାବନୀ ଦେଇଛନ୍ତି। ଏନେଇ ଝାରସୁଗୁଡ଼ା ଆଞ୍ଚଳିକ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ଅଧିକାରୀ ହିରଣ୍ୟ ନାୟକଙ୍କ ପ୍ରତିକ୍ରିୟା ମିଳିପାରିନାହିଁ।


୪୯ ନମ୍ବର ଜାତୀୟ ରାଜପଥରେ ପଡ଼ିଥିବା ବର୍ଜ୍ୟଗୁଣ୍ଡ।

## ବ୍ଲକ୍‌ସ୍ତରୀୟ ଜାତୀୟ ପଞ୍ଚାୟତିରାଜ ଦିବସ ପାଳିତ


କାର୍ଯ୍ୟକ୍ରମରେ ଅତିଥି ପ୍ରଦୀପ ପ୍ରଜ୍ୱଳନ କରୁଛନ୍ତି।

କୋଲାବିରା, ୨୪।୪ (ସଞ୍ଜୟ ପୂଜାରୀ)

ଝାରସୁଗୁଡ଼ା ଜିଲା କୋଲାବିରା ବ୍ଲକ୍‌ସ୍ତରୀୟ ଜାତୀୟ ପଞ୍ଚାୟତିରାଜ ଦିବସ ଶୁକ୍ରବାର ବ୍ଲକ୍ କାର୍ଯ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବ୍ଲକ୍ ଅଧ୍ୟକ୍ଷ ଭୋଜରାଜ ପଟେଲ, ବିଡିଓ ଅଶୋକ କୁମାର ମାଝୀ, ବିଧାୟକଙ୍କ ପ୍ରତିନିଧି ରାଜେଶ କୁମାର ଦାଶ, ଏମ୍‌ପିଙ୍କ ପ୍ରତିନିଧି ସମରେନ୍ଦ୍ର ରାଏ ସମ୍ମାନିତ ଅତିଥି ଭାବରେ ଯୋଗଦେଇଥିଲେ। ଏହି ଅବସରରେ କେନ୍ଦ୍ରୀୟ ପଞ୍ଚଦଶ ଅର୍ଥ କମିଶନ ବିନିଯୋଗରେ କେଲେଣ୍ଡାମାଲ ସରପଞ୍ଚ ସୁଶ୍ରିତା ନାଏକ, ପିଇଓ ରାଜେଶ ପାଢ଼ୀ, ରାଜ୍ୟ ପଞ୍ଚଦଶ ଅର୍ଥ କମିଶନ ବିନିଯୋଗରେ କୁଲିହାମାଲ ସରପଞ୍ଚ ବିନୋଦିନୀ ପଟେଲ, ପିଇଓ ରାଜେଶ ପାଢ଼ୀ, ଏମ୍‌ଜିଏନ୍‌ଆର୍‌ଇଜିଏସ୍ କାର୍ଯ୍ୟକାରୀ କରିବାରେ ପରମାଣପୁର ସରପଞ୍ଚ ଜାହ୍ନବୀ ପ୍ରଧାନ, ପିଇଓ ଓକିଲ ପ୍ରଧାନ, ଅନ୍ତର୍ଜାତୀୟ ମାନକରଣ ଓ ଅନ୍ତ୍ୟୋଦୟ ଗୃହ ଯୋଜନାରେ ସମାସିଂହା ପଞ୍ଚାୟତର ପିଇଓ ତରଣୀସେନ ପ୍ରଧାନଙ୍କୁ ସମ୍ମାନିତ କରାଯାଇଥିଲା। ସଭା ପରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଭାଷଣକୁ ସିଧାସଳଖ ପ୍ରସାରଣ କରାଯାଇଥିଲା। ଗ୍ରାମ୍ୟ ଜଳଯୋଗାଣ ବିଭାଗ ସହକାରୀ ଯନ୍ତ୍ରୀ ରଞ୍ଜିତାବାଲା ଦାଶ ମଞ୍ଚ ପରିଚାଳନା କରିଥିଲେ। ଏହି କାର୍ଯ୍ୟକ୍ରମରେ ଏବିଡିଓ ରାଜେଶ ରୋଶନ ଗୁଡ଼ିଆ, ଗ୍ରାମପଞ୍ଚାୟତ ଉନ୍ନୟନ ଅଧିକାରୀ ରଞ୍ଜିତ ପ୍ରଧାନ, ସରପଞ୍ଚ ଚନ୍ଦନ ପଟ୍ଟନାୟକଙ୍କ ସମେତ ଅନ୍ୟ ସମସ୍ତ ସରପଞ୍ଚ, ସମିତିସଭ୍ୟ, ନିର୍ବାଚିତ ପ୍ରତିନିଧି, ଏସ୍‌ଏଚ୍‌ଜି ସଦସ୍ୟା, ବ୍ଲକ୍ କାର୍ଯ୍ୟାଳୟର ଅଧିକାରୀ ଓ କର୍ମଚାରୀ ଉପସ୍ଥିତ ଥିଲେ।

## ମହିଳାଙ୍କୁ ହତ୍ୟା ଅଭିଯୋଗରେ ସ୍ୱାମୀ ଗିରଫ

ଦେବଗଡ଼, ୨୪।୪ (ଶଶାଙ୍କ ଶେଖର ଝାଙ୍କର)

ମହିଳାଙ୍କୁ ହତ୍ୟା ଅଭିଯୋଗରେ ବାରକୋଟ ପୋଲିସ ତାଙ୍କ ସ୍ୱାମୀଙ୍କୁ ଶୁକ୍ରବାର ଗିରଫ କରି କୋର୍ଟଚାଲାଣ କରିଛି। ସେ ହେଲେ ଥାନା ଅଧୀନ ଜରିଚାଖୁଣ୍ଟାପାଳ ଗ୍ରାମର କୁମୁଦ ପ୍ରଧାନ। କୁମୁଦ ପ୍ରାୟ ୧୮ ବର୍ଷ ପୂର୍ବେ ରିଆମାଳ ଥାନା ମୁଣ୍ଡଗୋହିରା ଗ୍ରାମର ଗଣେଶ୍ୱର ବଣିଚୂଳଙ୍କ ଝିଅ ମମତାଙ୍କୁ ବିବାହ କରିଥିଲେ। ୨୦ ତାରିଖ ରାତିରେ ମମତା ଆତ୍ମହତ୍ୟା କରିଥିବା କୁମୁଦ ୨୧ ତାରିଖ ସକାଳେ ବାରକୋଟ ପୋଲିସକୁ ସୂଚନା ଦେଇଥିଲେ। ପୋଲିସ ଘଟଣାସ୍ଥଳରେ ପହଞ୍ଚି ମମତାଙ୍କ ଝୁଲନ୍ତା ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଥିଲା। ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଥିଲା। ହେଲେ ଗଣେଶ୍ୱର ଥାନାରେ ଅଭିଯୋଗ କରିଥିଲେ, ବିଭିନ୍ନ ସମୟରେ ମମତାଙ୍କୁ ଶାଶୁଘର ଲୋକେ ଓ ସ୍ୱାମୀ ନିର୍ଯାତନା ଦେଉଥିଲେ। ତେଣୁ ସେମାନେ ତାଙ୍କୁ ହତ୍ୟା କରିଥିବା ଅଭିଯୋଗପତ୍ରରେ ଦର୍ଶାଯାଇଛି। ଏନେଇ ପୋଲିସ ଏକ ହତ୍ୟା ମାମଲା ରୁଜୁକରି ତଦନ୍ତ କରିଥିଲା।

# ଜିଲାସ୍ତରୀୟ ଜାତୀୟ ପଞ୍ଚାୟତିରାଜ ଦିବସ ପାଳିତ



କାର୍ଯ୍ୟକ୍ରମରେ ଜଣେ ମହିଳାଙ୍କୁ ଚେକ୍ ପ୍ରଦାନ କରାଯାଉଛି।

ଦେବଗଡ଼, ୨୪।୪ (ଶଶାଙ୍କ ଶେଖର ଝାଙ୍କର)

ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ ପକ୍ଷରୁ ସ୍ଥାନୀୟ ବିଜୁ ପଟ୍ଟନାୟକ ପ୍ରେକ୍ଷାଳୟଠାରେ ଜିଲାସ୍ତରୀୟ ଜାତୀୟ ପଞ୍ଚାୟତିରାଜ ଦିବସ ଶୁକ୍ରବାର ପାଳିତ ହୋଇଯାଇଛି। ଅତିରିକ୍ତ ଜିଲାପାଳ ରେବେକା ବିଲୁଙ୍ଗଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ବିଧାୟକ ରୋମାଞ୍ଚ ରଞ୍ଜନ ବିଶ୍ୱାଳ, ମୁଖ୍ୟବକ୍ତା ଭାବେ ଆଇନଜୀବୀ ଦିଲୀପ କୁମାର ଗୁରୁ, ବରେଣ୍ୟ ଅତିଥି ଭାବେ ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଅଧ୍ୟକ୍ଷ ପ୍ରଶାନ୍ତ କୁମାର ବେହେରା, ଜିଲା ପରିଷଦ ଅତିରିକ୍ତ ନିର୍ବାହୀ ଅଧିକାରୀ ଦିଲୀପ କୁମାର ପ୍ରଧାନ, ଜିଲା ପଞ୍ଚାୟତ ଅଧିକାରୀ ହେମନ୍ତ କୁମାର ସିଂ, ତିଲେଇବଣୀ ଗୋଷ୍ଠୀ ଉନ୍ନୟନ ଅଧିକାରୀ ପ୍ରିୟଦର୍ଶିନୀ ମିର୍ଦ୍ଧା, ସନ୍ଧ୍ୟା ମାଝୀ ଯୋଗଦେଇଥିଲେ। ପଞ୍ଚାୟତର ବିକାଶ ଉପରେ ଦେଶ ତଥା ରାଜ୍ୟର ବିକାଶ ନିର୍ଭର କରିଥାଏ। ସ୍ଥାନୀୟ ପିଆର୍‌ଆଇ ସଦସ୍ୟମାନେ ତୃଣମୂଳ ସ୍ତରରୁ ପଞ୍ଚାୟତର ବିକାଶ ନିମନ୍ତେ କାମ କରିପାରିବେ, ଯାହା କି ପଞ୍ଚାୟତିରାଜ ବ୍ୟବସ୍ଥାକୁ ସୁଦୃଢ଼ କରିପାରିବ। ଏହା ହେଉଛି ପଞ୍ଚାୟତିରାଜ ଦିବସ ପାଳନର ଉଦ୍ଦେଶ୍ୟ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। ଏହି ଅବସରରେ ୨୦ଟି ପଞ୍ଚାୟତରୁ ୨ ଜଣ ଲେଖାଏ ହିତାଧିକାରୀଙ୍କୁ ଅନ୍ତ୍ୟୋଦୟ ଗୃହ ଯୋଜନାର ପ୍ରଥମ ଅର୍ଥରାଶି ସହିତ କର୍ଯ୍ୟାଦେଶ ପ୍ରଦାନ କରାଯାଇଥିଲା। ପରେ ବଲାଙ୍ଗୀରଠାରେ ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ରାଜ୍ୟସ୍ତରୀୟ ଜାତୀୟ ପଞ୍ଚାୟତିରାଜ ଦିବସର ସିଧାପ୍ରସାରଣ କରାଯାଇଥିଲା। କାର୍ଯ୍ୟକ୍ରମରେ ଜିଲା ମଙ୍ଗଳ ଅଧିକାରୀ ଶିଶିର କୁମାର ପୁହାଣ, ଜିଲା ପର୍ଯ୍ୟଟନ ଅଧିକାରୀ ଅମିୟ କୁମାର ସେଠୀ, ଓର୍‌ମାସ୍‌ର ଡେପୁଟି ସିଓ ରବୀନ୍ଦ୍ର ପ୍ରଧାନ, ଜିଲା କୋଷାଗାର ଅଧିକାରୀ ସୁରେଶ ଚନ୍ଦ୍ର ମାଝୀ, ଉଦ୍ୟାନ କୃଷି ବିଭାଗର ସହକାରୀ ନିର୍ଦ୍ଦେଶକ ଅନ୍ତର୍ଯ୍ୟାମୀ ସାହୁ, ଜିଲା ସମାଜ ମଙ୍ଗଳ ଅଧିକାରିଣୀ ସୁରତୀ ପ୍ରଧାନ, ଜିଲା ଶିଶୁ ସୁରକ୍ଷା ଅଧିକାରୀ ରୋମିଓ ମହାପାତ୍ର, ପ୍ରୋଗ୍ରାମ ମ୍ୟାନେଜର ଆଶିଷ ବାରିକ, ପ୍ରୋଗ୍ରାମ ମ୍ୟାନେଜର ଟ୍ରେନର ଦୀପକ କୁମାର ବେହେରା, ଶିଶିର କୁମାର ଷଡ଼ଙ୍ଗୀଙ୍କ ସମେତ ଜିଲାସ୍ତରୀୟ ଅଧିକାରୀ, ଜିଲା ପରିଷଦର କର୍ମଚାରୀ ଓ ଅନ୍ୟମାନେ ଉପସ୍ଥିତ ଥିଲେ। ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ମନୋରଞ୍ଜନ ସୁତାର କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ।

# ରେଲ୍‌ୱେ ଓଭରବ୍ରିଜ୍ କାର୍ଯ୍ୟସ୍ଥଳରେ ଶ୍ରମ ବିଭାଗର ଚଢ଼ାଉ

ଝାରସୁଗୁଡ଼ା, ୨୪।୪ (ଆଶିଷ ରଞ୍ଜନ ଦାଶ)

**ଶ୍ରମିକଙ୍କ କାର୍ଯ୍ୟ ସମୟ ସୂଚୀ ଉଲ୍ଲଂଘନ**

ଝାରସୁଗୁଡ଼ା ଜିଲାରେ ଗ୍ରୀଷ୍ମପ୍ରବାହ ଓ ଅଂଶୁଘାତରୁ ଶ୍ରମିକଙ୍କୁ ସୁରକ୍ଷା ଦେବା ପାଇଁ ଜିଲାପାଳ କୁଣାଲ ମୋତିରାମ ଚହ୍ୱାଣଙ୍କ ନିର୍ଦ୍ଦେଶକ୍ରମେ ଶୁକ୍ରବାର ଶ୍ରମ ବିଭାଗ ପକ୍ଷରୁ ଏନ୍‌ଫୋର୍ସମେଣ୍ଟ ପ୍ରକ୍ରିୟାକୁ କଡ଼ାକଡ଼ି କରାଯାଇଛି। ସରକାରୀ ନିୟମ ଅନୁଯାୟୀ ପ୍ରଚଣ୍ଡ ରୌଦ୍ରତାପ ସମୟରେ ଶ୍ରମିକଙ୍କୁ କାର୍ଯ୍ୟରେ ନିୟୋଜିତ କରିବା ଉପରେ ରହିଥିବା କଟକଣା ଉଲ୍ଲଂଘନ କରିଥିବାରୁ ଚକ୍ରଧରପୁର ରେଲୱେ ଡିଭିଜନର ନିର୍ମାଣ ସଂସ୍ଥାକୁ ନୋଟିସ୍ ଜାରି କରାଯାଇଛି। ବିଭାଗୀୟ ଅଧିକାରୀଙ୍କ ସୂଚନା ଅନୁସାରେ, ଗୁରୁବାର ମଧ୍ୟାହ୍ନରେ ସହକାରୀ ଶ୍ରମ ଅଧିକାରୀ ତରୁଣ କୁମାର ମହାନ୍ତି ପୁରୁଣା ବସ୍‌ଷ୍ଟାଣ୍ଡ ନିକଟରେ ନିର୍ମାଣାଧୀନ ରେଲୱେ ଓଭରବ୍ରିଜ୍ କାର୍ଯ୍ୟସ୍ଥଳ ପରିଦର୍ଶନ କରିଥିଲେ। ଏହି ସମୟରେ ସେଠାରେ ଦେଖିବାକୁ ମିଳିଥିଲା ଯେ, ସରକାରଙ୍କ ଦ୍ୱାରା ଧାର୍ଯ୍ୟ ନିଷେଧ ସମୟ ପୂର୍ବାହ୍ନ ୧୧ଟାରୁ ଅପରାହ୍ନ ସାଢେ ୩ଟା ମଧ୍ୟରେ ପ୍ରାୟ ୧୨ ଜଣ ଶ୍ରମିକଙ୍କୁ କାର୍ଯ୍ୟରେ ନିୟୋଜିତ କରାଯାଇଥିଲା। ୨୦୨୬ ଏପ୍ରିଲ ୧ରୁ ଜାରି ହୋଇଥିବା ନିର୍ଦ୍ଦେଶନାମା ଅନୁସାରେ, ପ୍ରଖର ଗ୍ରୀଷ୍ମପ୍ରବାହ ସମୟରେ ଶ୍ରମିକଙ୍କୁ କାମ କରାଇବା ବେଆଇନ। ଏହି ନିର୍ଦ୍ଦେଶନାମା ପାଳନ କରି ନ ଥିବାରୁ ଶ୍ରମ ବିଭାଗ ପକ୍ଷରୁ ସମ୍ପୃକ୍ତ ରେଲୱେ ଶାଖାକୁ ଏକ ଚେତାବନୀ ପତ୍ର ସହ ନୋଟିସ ପ୍ରଦାନ କରାଯାଇଛି। ତୁରନ୍ତ କାର୍ଯ୍ୟ ସମୟ ପରିବର୍ତ୍ତନ ନ କଲେ ଏ ସମ୍ପର୍କରେ ଜିଲାପାଳଙ୍କୁ ଅବଗତ କରାଯାଇ ଆଇନଗତ ଦଣ୍ଡବିଧାନ କରାଯିବ ବୋଲି ଶ୍ରମ ଅଧିକାରୀ ସ୍ପଷ୍ଟ କରିଛନ୍ତି। ଶ୍ରମିକଙ୍କ ଜୀବନ ଓ ସ୍ୱାସ୍ଥ୍ୟ ପ୍ରତି ସତର୍କ ରହିବା ସହ ସରକାରୀ ଗାଇଡ୍‌ଲାଇନ୍ ପାଳନ କରିବାକୁ ଜିଲା ପ୍ରଶାସନ ଏବଂ ଶ୍ରମ ବିଭାଗ ପକ୍ଷରୁ ସମସ୍ତ ନିର୍ମାଣକାରୀ ସଂସ୍ଥା ଓ ଠିକାଦାରଙ୍କୁ ପୁନର୍ବାର ସୂଚନା ଦିଆଯାଇଛି।

## କଫ୍ ସିରପ୍ ଜବତ: ଜଣେ ଗିରଫ



ସମ୍ବଲପୁର, ୨୪।୪ (ପ୍ରମୋଦ ବହିଦାର)

ସମ୍ବଲପୁର ମହାନଗରର ଧନୁପାଲି ଥାନା ଅନ୍ତର୍ଗତ ଭତରା ଅଞ୍ଚଳରେ ଅବକାରୀ ବିଭାଗ ପକ୍ଷରୁ ଚଢ଼ାଉ କରି ୯୩ ବୋତଲ ନିଷିଦ୍ଧ ନିଶା କଫ୍ ସିରପ୍ ଶୁକ୍ରବାର ଜବତ କରାଯାଇଛି। ଏହାସହ ଏହି ବେଆଇନ୍ କାର୍ଯ୍ୟରେ ଲିପ୍ତ ଅଭିଯୁକ୍ତ ଭତରାର ପ୍ରଶାନ୍ତ ବାଗ (୩୨)ଙ୍କୁ ଅବକାରୀ ବିଭାଗ ଗିରଫ କରିଛି। ଏହା ସହ ତାଙ୍କ ନିକଟରୁ ବେଆଇନ୍ କଫ୍ ସିରପ୍ ଚାଲାଣରେ ବ୍ୟବହୃତ ଏକ ସ୍କୁଟ ଓ ସ୍ମାର୍ଟ ଫୋନ ମଧ୍ୟ ଜବତ ହୋଇଛି। ଏ ନେଇ ସମ୍ବଲପୁର ସଦର ରେଞ୍ଜରେ କେସ୍ ନଂ. ୦୫/୨୦୨୬-୨୭ରେ ମାମଲା ରୁଜୁସହ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଛି।

# ଡ୍ୟାମ୍ କର୍ତ୍ତୃପକ୍ଷଙ୍କୁ ତଦନ୍ତ ନିର୍ଦ୍ଦେଶ

ଝାରସୁଗୁଡ଼ା, ୨୪।୪ (ଆଶିଷ ରଞ୍ଜନ ଦାଶ)

**ଭେଡେନ୍ ନଦୀରୁ ବେଆଇନ ଜଳ ଉଠାଣ ପ୍ରସଙ୍ଗ**

ଝାରସୁଗୁଡ଼ା ସଦର ବ୍ଲକ୍ ଅନ୍ତର୍ଗତ ଭେଡେନ୍ ନଦୀରୁ ଏସ୍‌ଏମ୍‌ସି କମ୍ପାନୀ ଅଣମୌସୁମୀ ସମୟରେ ବେଆଇନ ଭାବେ ଜଳ ଉଠାଣ କରୁଥିବା ସ୍ଥାନୀୟ ଅଞ୍ଚଳବାସୀ ଅଭିଯୋଗ କରିଥିଲେ। ତେବେ ଏହି ପ୍ରସଙ୍ଗରେ ଶୁକ୍ରବାର ଉପଜିଲାପାଳ ସବ୍ୟସାଚୀ ପଣ୍ଡାଙ୍କ ଅଧ୍ୟକ୍ଷତାରେ ତାଙ୍କ କାର୍ଯ୍ୟାଳୟ ପରିସରରେ ଏକ ଜରୁରିକାଳୀନ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବୁର୍ଲା ଡ୍ୟାମ୍ ଡିଭିଜନ୍‌ର ସୁପରିଣ୍ଟେଣ୍ଡିଂ ଇଞ୍ଜିନିୟର ଶୁଭ୍ରାଂଶୁ ଦ୍ୱିବେଦୀ ସ୍ପଷ୍ଟ କରିଛନ୍ତି, ୨୦୨୫ ନଦୀବନ୍ଧ ଅଧିନିୟମ ଅନୁଯାୟୀ କୌଣସି କମ୍ପାନୀ କିମ୍ବା ସଂସ୍ଥା ନଦୀର ପ୍ରାକୃତିକ ଜଳପ୍ରବାହକୁ ବାଧାପ୍ରାପ୍ତ କରିପାରିବ ନାହିଁ। ନଦୀଗର୍ଭରେ କୂଅ ଖୋଳି କୃତ୍ରିମ ଉପାୟରେ ପାଣି ନେବା ସମ୍ପୂର୍ଣ୍ଣ ବେଆଇନ। କେବଳ ନଦୀ ଜଳସ୍ତର ସାଧାରଣ ଥିଲେ ଏବଂ ପ୍ରାକୃତିକ ପ୍ରବାହ ଜାରି ରହିଥିଲେ ହିଁ କମ୍ପାନୀ ପାଣି ନେଇପାରିବ ବୋଲି ସେ ମତ ଦେଇଛନ୍ତି। ସ୍ଥାନୀୟ ଜମେରା, ହିର୍ମା ଓ ମଲଦା ପଞ୍ଚାୟତର ସରପଞ୍ଚ ଏବଂ ଜିଲା ପରିଷଦ ସଦସ୍ୟ ଦିଗାମ୍ବର ଭୋଇ ନଦୀରୁ ବେଆଇନ ଜଳ ଉଠାଣ ଯୋଗୁ ସୃଷ୍ଟି ହେଉଥିବା ସମସ୍ୟା ବାବଦରେ ଅଧିକାରୀମାନଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଲୋକଙ୍କ ସ୍ୱାର୍ଥକୁ ଦୃଷ୍ଟିରେ ରଖି ଏଥିପାଇଁ କଠୋର ପଦକ୍ଷେପ ନେବାକୁ ସେମାନେ ଦାବି କରିଛନ୍ତି। ଝାରସୁଗୁଡ଼ା ତହସିଲଦାର ସଦାକର କୁମ୍ଭାରଙ୍କ ସୂଚନା ଅନୁଯାୟୀ, ଉପଜିଲାପାଳ ଘଟଣାସ୍ଥଳ ଅନୁଧ୍ୟାନ କରିବାକୁ ଡ୍ୟାମ୍ କର୍ତ୍ତୃପକ୍ଷ ଓ ସ୍ଥାନୀୟ ଜନପ୍ରତିନିଧିଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଏହି ମିଳିତ ଟିମ୍ ଘଟଣାସ୍ଥଳ ପରିଦର୍ଶନ କରିବା ସହ ତଦନ୍ତ ରିପୋର୍ଟ ପ୍ରଦାନ କରିବେ। ରିପୋର୍ଟ ଆସିବା ପରେ ପଦକ୍ଷେପ ନିଆଯିବ ବୋଲି ପ୍ରଶାସନ ପକ୍ଷରୁ କୁହାଯାଇଛି। ଏହି ବୈଠକରେ ଏସ୍‌ଏମ୍‌ସି କମ୍ପାନୀର ଏଜିଏମ୍ ଜଗଦୀଶ ସାହୁ, ବଡ଼ମାଲ ଓ ସଦର ଥାନା ଆଇଆଇସିଙ୍କ ସମେତ ବହୁସଂଖ୍ୟାରେ ସ୍ଥାନୀୟ ଜନସାଧାରଣ ଉପସ୍ଥିତ ଥିଲେ।

## ଶିକ୍ଷଣ ସାମଗ୍ରୀ ପ୍ରସ୍ତୁତି କର୍ମଶାଳା ଉଦ୍‌ଯାପିତ

ରିଆମାଳ, ୨୪।୪ (ବଦ୍ରିନାରାୟଣ ଅଗ୍ରୱାଲା)

ଦେବଗଡ଼ ଜିଲା ରିଆମାଳ ବ୍ଲକ୍ ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କ ସଭାଗୃହରେ ଦୁଇଦିନିଆ ଶିକ୍ଷଣ ସାମଗ୍ରୀ ପ୍ରସ୍ତୁତି କର୍ମଶାଳା ଶୁକ୍ରବାର ଉଦ୍‌ଯାପିତ ହୋଇଯାଇଛି। ଗୋଷ୍ଠୀ ଶିକ୍ଷା ଅଧିକାରୀ ପ୍ରଫୁଲ୍ଲ କାଲୋଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ କର୍ମଶାଳାରେ ରିଆମାଳ ବ୍ଲକ୍‌ର କେତେକ ପ୍ରାଥମିକ ଏବଂ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ୩୨ ଶିକ୍ଷୟିତ୍ରୀ, ଶିକ୍ଷକ ଅଂଶଗ୍ରହଣ କରିଥିଲେ। ଶିକ୍ଷାର ମାନ ବୃଦ୍ଧି ପାଇଁ ରାଜ୍ୟ ସରକାରଙ୍କ ଏହା ଅଭିନବ ପ୍ରୟାସ। ଶିଶୁଙ୍କ ମନରେ ଶିକ୍ଷା ପ୍ରତି ଆଗ୍ରହ ସୃଷ୍ଟି ଓ ଶିକ୍ଷଣ ପ୍ରକ୍ରିୟାକୁ ଜୀବନ୍ତ କରି ଶିଶୁ ମନୋଲୋଭା କରିବାରେ ଟିଏଲ୍‌ଏମ୍ ମୁଖ୍ୟ ଭୂମିକା ଗ୍ରହଣ କରିଥାଏ। ଏହି କର୍ମଶାଳାର ଗୁରୁତ୍ୱ ଓ ଆଭିମୁଖ୍ୟ ଉପରେ ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ମହେଶ୍ୱର ବେହେରା ଆଲୋକପାତ କରିଥିଲେ।

# ‘ଗ୍ରାମାଞ୍ଚଳର ବିକାଶ, ମହିଳା ସଶକ୍ତୀକରଣ ସରକାରଙ୍କ ଲକ୍ଷ୍ୟ’

ଝାରସୁଗୁଡ଼ା, ୨୪।୪ (ଆଶିଷ ରଞ୍ଜନ ଦାଶ)

ଝାରସୁଗୁଡ଼ା ଜିଲା ପ୍ରଶାସନ ପକ୍ଷରୁ ଏମ୍‌ସିଏଲ୍ ଅଡିଟୋରିୟମଠାରେ ଶୁକ୍ରବାର ଅପରାହ୍ନରେ ଜିଲାସ୍ତରୀୟ ଜାତୀୟ ପଞ୍ଚାୟତିରାଜ ଦିବସ ପାଳିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ଝାରସୁଗୁଡ଼ା ବିଧାୟକ ଟଙ୍କଧର ତ୍ରିପାଠୀ ଯୋଗଦେଇ କହିଛନ୍ତି, ଗ୍ରାମାଞ୍ଚଳର ବିକାଶ ଓ ମହିଳା ସଶକ୍ତୀକରଣ ହିଁ ସରକାରଙ୍କ ମୁଖ୍ୟ ଲକ୍ଷ୍ୟ। ସରକାରଙ୍କ ପାନୀୟଜଳ ଯୋଗାଣ, ରାସ୍ତା ନିର୍ମାଣ, ଅନ୍ତ୍ୟୋଦୟ ଗୃହ ଓ ସୁଭଦ୍ରା ଯୋଜନାରେ ହେଉଥିବା ଉନ୍ନତିମୂଳକ କାର୍ଯ୍ୟ ସମ୍ବନ୍ଧରେ ସେ ଆଲୋକପାତ କରିଥିଲେ। ବଲାଙ୍ଗୀରଠାରେ ଆୟୋଜିତ ରାଜ୍ୟସ୍ତରୀୟ କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଯୋଗଦେଇ ସମସ୍ତଙ୍କୁ ଉଦ୍‌ବୋଧନ ଦେଇଥିଲେ। ଏହି ଅବସରରେ ଉଲ୍ଲେଖନୀୟ କାର୍ଯ୍ୟ ପାଇଁ ବିଭିନ୍ନ ସରପଞ୍ଚ ଓ ଅନୁଷ୍ଠାନକୁ ସମ୍ବର୍ଦ୍ଧିତ କରାଯିବା ସହ ଅନ୍ତ୍ୟୋଦୟ ଗୃହ ଯୋଜନାର ହିତାଧିକାରୀଙ୍କୁ ପ୍ରୋତ୍ସାହନ ରାଶି ପ୍ରଦାନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଜିଲା ପରିଷଦ ଅଧ୍ୟକ୍ଷା ତୁଳାବତୀ ମିଞ୍ଜ, ସିଡ଼ିଓ ବିଶ୍ୱରଞ୍ଜନ ନାୟକ, ବିଡିଓ ଅନିଲ ଆଚାର୍ଯ୍ୟ ଓ ଅନ୍ୟ ଜନପ୍ରତିନିଧି ଉପସ୍ଥିତ ଥିଲେ।



ସମାରୋହରେ ବିଧାୟକ ଓ ଜିଲା ପରିଷଦ ସଭାପତି ଜଣେ ଅଧିକାରୀଙ୍କୁ ସମ୍ମାନିତ କରୁଛନ୍ତି।

# ଯନ୍ତ୍ରୀଙ୍କ ବଦଳି ଦାବିରେ ଜିଲାପାଳଙ୍କ ଦ୍ୱାରସ୍ଥ ହେଲେ ଜନପ୍ରତିନିଧି

ଲଇକେରା, ୨୪।୪ (ରଞ୍ଜନ କୁମାର ମେହେର)

ଝାରସୁଗୁଡ଼ା ଜିଲା ଲଇକେରା ବ୍ଲକ୍‌ର ଯନ୍ତ୍ରୀ ସାଗରିକା ସ୍ୱାଇଁଙ୍କ କାର୍ଯ୍ୟକଳାପରେ ଅସନ୍ତୋଷ ପ୍ରକାଶ କରି ତାଙ୍କୁ ତୁରନ୍ତ ବଦଳି କରିବା ପାଇଁ ଜନପ୍ରତିନିଧି ଓ ସ୍ଥାନୀୟ ଜନସାଧାରଣ ଜିଲାପାଳଙ୍କ ନିକଟରେ ଦାବି କରିଛନ୍ତି। ଏହି ପରିପ୍ରେକ୍ଷୀରେ ଶୁକ୍ରବାର ଏକ ପ୍ରତିନିଧି ଦଳ ଜିଲାପାଳଙ୍କ କାର୍ଯ୍ୟାଳୟରେ ପହଞ୍ଚି ଜିଲାପାଳ କୁଣାଲ ମୋତିରାମ ଚହ୍ୱାଣଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି। ଗତ ଫେବୃଆରୀ ୨ରେ ବ୍ଲକ୍ କାର୍ଯ୍ୟାଳୟ ପରିଦର୍ଶନ ସମୟରେ ଜନସାଧାରଣ ଜିଲାପାଳଙ୍କୁ ଭେଟି ଯନ୍ତ୍ରୀଙ୍କ ବଦଳି ପାଇଁ ଅନୁରୋଧ କରିଥିଲେ। ହେଲେ ଜିଲାପାଳ ମାର୍ଚ୍ଚ ପରେ ବଦଳି କରାଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ଇତିମଧ୍ୟରେ ମାର୍ଚ୍ଚ ଶେଷ ହୋଇ ଏପ୍ରିଲ ମାସ ସରିବାକୁ ବସିଥିଲେ ମଧ୍ୟ ବଦଳି ନ ହେବାରୁ ଶୁକ୍ରବାର ଜିଲା ପରିଷଦ ଅଧ୍ୟକ୍ଷା ତୁଳାବତୀ ମିଞ୍ଜ, ବ୍ଲକ୍ ଅଧ୍ୟକ୍ଷ ସଞ୍ଜିତ ନାଏକଙ୍କ ସମେତ ଏକାଧିକ ସରପଞ୍ଚ ଓ ସମିତି ସଭ୍ୟ ଏବଂ ଶତାଧିକ ଜନସାଧାରଣ ଜିଲାପାଳଙ୍କୁ ପୁଣି ଏକ ସ୍ମାରକପତ୍ର ଦେଇଛନ୍ତି। ଯନ୍ତ୍ରୀଙ୍କୁ ତୁରନ୍ତ ବଦଳି କରା ନ ଗଲେ ଆସନ୍ତା ୩୦ ତାରିଖରେ ହଜାର ହଜାର ଜନସାଧାରଣ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେବେ ବୋଲି ସେମାନେ ଚେତାବନୀ ଦେଇଛନ୍ତି। ଏନେଇ ଜିଲାପାଳ ଚହ୍ୱାଣ କହିଛନ୍ତି, ସେ ଶୁକ୍ରବାର ଫାଇଲ ସ୍ୱାକ୍ଷର କରିଛନ୍ତି। ବ୍ଲକ୍‌ରେ ଯେଉଁ ଯନ୍ତ୍ରୀମାନେ ଦୀର୍ଘଦିନ ଧରି ରହିଛନ୍ତି, ସେମାନଙ୍କ ସମେତ ସାଗରିକା ସ୍ୱାଇଁଙ୍କର ମଧ୍ୟ ଖୁବ୍‌ଶୀଘ୍ର ଅନ୍ୟତ୍ର ବଦଳି କରାଯିବ।



ଜିଲାପାଳଙ୍କୁ ଜନପ୍ରତିନିଧି ଦାବିପତ୍ର ପ୍ରଦାନ କରୁଛନ୍ତି।

# ବାଇକ୍ ଚାଳକଙ୍କ ଉତ୍ପାତ, ପଥଚାରୀ ଅସୁରକ୍ଷିତ

ଝାରସୁଗୁଡ଼ା, ୨୪।୪ (ଆଶିଷ ରଞ୍ଜନ ଦାଶ)

**ବାଇକ୍‌ରୁ ବାହାରୁଛି ବିକଟାଳ ଶବ୍ଦ**

ଝାରସୁଗୁଡ଼ା ସହରରେ ଅମାନିଆ ବାଇକ୍ ଚାଳକଙ୍କ ପ୍ରାଦୁର୍ଭାବ ବୃଦ୍ଧି ପାଇବାରେ ଲାଗିଛି। ବିଶେଷକରି ସହରର ସରବାହାଲଠାରୁ ବେହେରାମାଲ ପର୍ଯ୍ୟନ୍ତ ମୁଖ୍ୟ ରାସ୍ତାରେ କେତେଜଣ ଯୁବକଙ୍କ ବେପରୁଆ ଗାଡ଼ି ଚାଳନା ଏବଂ ବାଇକ୍‌ରୁ ନିର୍ଗତ ବିକଟାଳ ଶବ୍ଦକୁ ନେଇ ଲୋକଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ବର୍ତ୍ତମାନର ଯୁବପିଢ଼ି ନାମୀଦାମୀ କମ୍ପାନୀର ବାଇକ୍ କିଣିବା ପରେ ସେଥିରେ ଥିବା ସାଇଲେନ୍ସରକୁ କାଢ଼ି ମୋଡିଫାଏଡ୍ ସାଇଲେନ୍ସର ଲଗାଉଛନ୍ତି। ଫଳରେ ଏହି ସାଇଲେନ୍ସରରୁ ବାହାରୁଥିବା ଉଚ୍ଚ ଶବ୍ଦ ପଥଚାରୀ ଓ ପିଲାଙ୍କ ମଧ୍ୟରେ ଭୟ ସୃଷ୍ଟି କରୁଛି। ଏପରି କି ଏହି ପ୍ରଚଣ୍ଡ ଶବ୍ଦ ବୃଦ୍ଧାବୃଦ୍ଧ ଓ ହୃଦ୍‌ରୋଗୀଙ୍କ ପାଇଁ ଘାତକ ସାଜିଛି। ହଠାତ୍ ପଛପଟୁ ଶୁଭୁଥିବା ବିକଟାଳ ଶବ୍ଦରେ ଅନେକ ସମୟରେ ଅନ୍ୟ ଚାଳକମାନେ ନିୟନ୍ତ୍ରଣ ହରାଇ ଦୁର୍ଘଟଣାର ଶିକାର ହେଉଛନ୍ତି। ସହରର ଜନଗହଳିପୂର୍ଣ୍ଣ ସ୍ଥାନ ଯଥା ଡାକ୍ତରଖାନା, ମଙ୍ଗଳବଜାର ଛକ, ଝଣ୍ଡା ଛକ, ସରକାରୀ କାର୍ଯ୍ୟାଳୟ, କିଷାନ ଛକ ପାଖରେ ଥିବା ବିଦ୍ୟାଳୟ ପରି ଶାନ୍ତ ଜୋନ୍‌ରେ ଏହି ଯୁବକମାନେ ପ୍ରତିଯୋଗିତାମୂଳକ ଭାବେ ବାଇକ୍ ଚଲାଉଛନ୍ତି। ପରିଚୟ ଲୁଚାଇବା ପାଇଁ ଅନେକ ବାଇକ୍‌ରେ ନମ୍ବର ପ୍ଲେଟ୍ ଅସ୍ପଷ୍ଟ ରଖାଯାଉଥିବାବେଳେ ଆଉ କିଛି ବାଇକ୍‌ରେ ନମ୍ବରପ୍ଲେଟ୍ ଲଗାଯାଉନାହିଁ। କେତେକ ସ୍ଥଳେ ନିଶାସକ୍ତ ଚାଳକଙ୍କ ବେପରୁଆ ଗାଡ଼ି ଚାଳନା ଯୋଗୁ ପରିସ୍ଥିତି ଜଟିଳ ହେଉଛି। ଗତ କିଛିଦିନ ମଧ୍ୟରେ ଝାରସୁଗୁଡ଼ା ଟାଉନ୍ ଥାନା ଓ ସଦର ଥାନା ପୋଲିସ ପକ୍ଷରୁ ଚଢ଼ାଉ କରାଯାଇ ବିକଟାଳ ଶବ୍ଦ କରୁଥିବା ଅନେକ ବାଇକ୍ ଜବତ କରାଯାଇଛି। ତଥାପି ଯୁବକମାନେ ଏପରି ଗାଡ଼ି ଚାଳନାରୁ ନିବୃତ ହେଉନାହାନ୍ତି। ଫଳରେ ଲୋକମାନେ ରାସ୍ତାରେ ପିଲାଙ୍କୁ ଧରି ଯାତାୟାତ କରିବା ପାଇଁ ନିରାପଦ ମଣୁନାହାନ୍ତି। ତୁରନ୍ତ ପୋଲିସ ଏହି ଗାଡ଼ିଗୁଡ଼ିକୁ ଜବତ କରିବା ସହ ଚାଳକ ଏବଂ ମୋଡିଫାଏଡ ସାଇଲେନ୍ସର ବିକ୍ରି କରୁଥିବା ଦୋକାନୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସହରର ସଂକୀର୍ତ୍ତନ ପ୍ରଧାନ, ବଳିଆ ପଣ୍ଡା, ଝସକେତନ ସାହୁ, ସରୋଜ ମେହେର ଦାବି କରିଛନ୍ତି। ଏନେଇ ଝାରସୁଗୁଡ଼ା ଏସ୍‌ପି ଗୁଣ୍ଡାଲା ରେଡ୍ଡୀ ରାଘବେନ୍ଦ୍ର କହିଛନ୍ତି, ବିକଟାଳ ଶବ୍ଦ କରୁଥିବା ବାଇକ୍ ଜବତକରିବା ସହ ଚାଳକଙ୍କୁ ଅଟକ ରଖିବା ପାଇଁ ଜିଲାରେ ଥିବା ସମସ୍ତ ଥାନାଧିକାରୀଙ୍କୁ ନିର୍ଦ୍ଦେଶ ଦିଆଯାଇଛି।

ଧରିତ୍ରୀ
DHARITRI
52 Years
ଭୁବନେଶ୍ୱର, ଶନିବାର, ଏପ୍ରିଲ ୨୫/୨୦୨୬ | Bhubaneswar, Saturday, April 25/2026 | ପୃଷ୍ଠା-୩



ବଲାଙ୍ଗୀରର ଗାନ୍ଧୀ ଷ୍ଟାଡିୟମଠାରେ ଶୁକ୍ରବାର ଆୟୋଜିତ ଜାତୀୟ ପଞ୍ଚାୟତିରାଜ ଦିବସ ସମାରୋହ ପାଳନ ଅବସରରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଅନ୍ତ୍ୟୋଦୟ ଗୃହ ଯୋଜନାର ହିତାଧିକାରୀଙ୍କୁ କାର୍ଯ୍ୟାଦେଶ ବଣ୍ଟନ କରୁଛନ୍ତି। ନିକଟରେ ଅଛନ୍ତି ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂଦେଓ, ପଞ୍ଚାୟତିରାଜ ମନ୍ତ୍ରୀ ରବିନାରାୟଣ ନାଏକ, ସ୍ୱାସ୍ଥ୍ୟ ମନ୍ତ୍ରୀ ଡ. ମୁକେଶ ମହାଲିଙ୍ଗ ଓ ବିଧାୟକ ଲକ୍ଷ୍ମଣ ବାଗ୍।

# ୧ଡଲାର= ୯୪.୧୬ ଟଙ୍କା

**ନୂଆଦିଲ୍ଲୀ,୨୪।୪**

ପଶ୍ଚିମ ଏସିଆ ଯୁଦ୍ଧ ପ୍ରଭାବକୁ ନେଇ ଆମେରିକୀୟ ଡଲାର ତୁଳନାରେ ଭାରତୀୟ ଟଙ୍କା ମୂଲ୍ୟରେ କ୍ରମାଗତ ଅବମୂଲ୍ୟାୟନ ଘଟିଚାଲିଛି। ଶୁକ୍ରବାର ଆନ୍ତଃବ୍ୟାଙ୍କିଙ୍ଗ ବୈଦେଶିକ ମୁଦ୍ରା କାରବାର ଶେଷ ସୁଦ୍ଧା ଡଲାର ତୁଳନାରେ ଟଙ୍କା ମୂଲ୍ୟରେ ପୁଣି ୧୫ ପଇସା ହ୍ରାସ ଘଟି ଡଲାର-ଟଙ୍କା ବିନିମୟ ମୂଲ୍ୟ ୯୪.୧୬ ରହିଥିଲାବେଳେ ଗତ ଦଶନ୍ଧିରେ ଟଙ୍କାର ଏହା ସର୍ବାଧିକ ଅବମୂଲ୍ୟାୟନ ବୋଲି କୁହାଯାଇଛି। ଫେବୃଆରୀ ୨୮ରେ ଆରମ୍ଭ ହୋଇଥିବା ପଶ୍ଚିମ ଏସିଆ ଯୁଦ୍ଧକୁ ନେଇ ଟଙ୍କା ମୂଲ୍ୟ ମାତ୍ରାଧିକ ପ୍ରଭାବିତ ହେବା ପରେ ଏଭଳି ସ୍ଥିତି ଦେଖାଯାଇଛି। ଆମେରିକା ଏବଂ ଇରାନ ମଧ୍ୟରେ ଯୁଦ୍ଧ ବିରତି ବୁଝାମଣାକୁ ନେଇ ଅନିଶ୍ଚିତତା ଲାଗି ରହିଥିଲାବେଳେ ହର୍ମୁଜ୍ ପ୍ରଣାଳୀ ଦେଇ ଇନ୍ଧନ ପରିବହନ ଏକପ୍ରକାର ଠପ୍ ହୋଇଯାଇଛି। ଯାହାକୁ ନେଇ ବୈଶ୍ୱିକ ତୈଳ ଓ ଗ୍ୟାସ୍ ଯୋଗାଣ ପ୍ରଭାବିତ ହେବା ସହ ☞ପୃଷ୍ଠା-୪

# ସ୍ୱାମୀଙ୍କ ମୃତ୍ୟୁ ଖବର ଶୁଣି ହସ୍ପିଟାଲ ଛାତରୁ ଡେଇଁ ସ୍ତ୍ରୀ ମୃତ

**ବଲାଙ୍ଗୀର,୨୪।୪ (ବୀରେନ୍ଦ୍ର କୁମାର ଝାଙ୍କର)**

### ବଲାଙ୍ଗୀରର ଭୀମ ଭୋଇ ମେଡିକାଲ କଲେଜ ଓ ହସ୍ପିଟାଲରେ ଅଭାବନୀୟ ଘଟଣା



ସେବକରାମ ବାଗ



ପଦ୍ମିନୀ ବାଗ

ବଲାଙ୍ଗୀରର ଭୀମ ଭୋଇ ମେଡିକାଲ କଲେଜ ଓ ହସ୍ପିଟାଲରେ ଶୁକ୍ରବାର ଏକ ଅଭାବନୀୟ ଘଟଣା ଘଟିଛି। ଦୁର୍ଘଟଣାରେ ସ୍ୱାମୀଙ୍କ ମୃତ୍ୟୁ ଖବର ଶୁଣି ହସ୍ପିଟାଲର ପ୍ରଥମ ମହଲା ଛାତରୁ ଡେଇଁ ପଡ଼ିବାରୁ ଜଣେ ମହିଳାଙ୍କ ଅକାଳ ମୃତ୍ୟୁ ଘଟିଛି। ମୃତ ମହିଳା ହେଲେ ପଦ୍ମିନୀ ବାଗ (୩୦)। ଏହି ଖବର ସାଧାରଣରେ ଗଭୀର ଆଲୋଡନ ସୃଷ୍ଟି କରିଥିବା ବେଳେ ଦମ୍ପତିଙ୍କ ୩ ସନ୍ତାନ ଅସହାୟ ହୋଇ ପଡିଛନ୍ତି।

ମିଳିଥିବା ସୂଚନା ଅନୁଯାୟୀ, ବଲାଙ୍ଗୀର ଜିଲା ପୁଇଁନ୍ତଲା ଥାନା ଅନ୍ତର୍ଗତ ଡୁମେରବାହାଲ ଗାଁର ସେବକ ରାମ ବାଗ (୩୫) ଗୁରୁବାର ☞ପୃଷ୍ଠା-୪

# ଭୁବନେଶ୍ୱରରେ ୨୦% ଭୋଟରଙ୍କ ମାପିଙ୍ଗ୍ ହୋଇପାରିଲାନି

## ଦେବଗଡ଼ରେ ସର୍ବାଧିକ ୧୦୦% ମାପିଙ୍ଗ୍

**ଭୁବନେଶ୍ୱର,୨୪।୪(ରବିନାରାୟଣ ଜେନା)**

ରାଜ୍ୟରେ ପ୍ରାୟ ୧ ମାସ ଧରି ମୁଖ୍ୟ ନିର୍ବାଚନ ଅଧିକାରୀ(ସିଇଓ)ଙ୍କ କାର୍ଯ୍ୟାଳୟ ପକ୍ଷରୁ ଚାଲିଥିବା ଭୋଟର ମାପିଙ୍ଗ୍ ପ୍ରକ୍ରିୟା ଶେଷ ହୋଇଛି। ଏଥିରେ ଯେଉଁ ତଥ୍ୟ ସାମ୍ନାକୁ ଆସିଛି ତାହା ଆଶ୍ଚର୍ଯ୍ୟଜନକ। ଦେବଗଡ଼ ଭଳି ଅପହଞ୍ଚ ଅଞ୍ଚଳରେ ୧୦୦% ଭୋଟରଙ୍କ ମାପିଙ୍ଗ୍ ହୋଇସାରିଥିବା ବେଳେ ରାଜଧାନୀ ଭୁବନେଶ୍ୱରରେ ଏହା ମାତ୍ର ୭୯.୫୨%ରେ ରହିଛି। ଆହୁରି ୨୦.୪୮% ଭୋଟରଙ୍କ ମାପିଙ୍ଗ୍ ହୋଇପାରିନାହିଁ। ତେବେ ମାପିଙ୍ଗ୍‌ରେ ଓଡ଼ିଶାର ହାର ୯୫.୯୧% ରହିଛି, ଯାହାକି ପଞ୍ଜାବ ଓ ତେଲଙ୍ଗାନା ଭଳି ରାଜ୍ୟ ତୁଳନାରେ ବହୁ ଅଧିକ। ଆଗାମୀ ଦିନରେ ରାଜ୍ୟରେ ଆରମ୍ଭ ହେବାକୁ ଥିବା ସ୍ୱତନ୍ତ୍ର ସଂଘନ ସଂଶୋଧନ(ଏସ୍ଆଇଆର୍) ପାଇଁ ରାଜ୍ୟର ୯୫.୯୧% ଲୋକଙ୍କୁ ଆଉ ଦସ୍ତାବିଜ୍ ଦେବାକୁ ପଡ଼ିବ ନାହିଁ। ଏ ସମ୍ପର୍କରେ ସିଇଓ ଆର୍.ସନ୍ଥ. ଗୋପାଳନ କହିଛନ୍ତି, ରାଜ୍ୟରେ ୨୦୦୨ ଭୋଟର ତାଲିକା ସହିତ ୨୦୨୫ ତାଲିକାକୁ ନେଇ ବୁଥ୍ ମାପିଙ୍ଗ୍ ପ୍ରକ୍ରିୟା ଆରମ୍ଭ ହୋଇଥିଲା। ଏହାଦ୍ୱାରା ପ୍ରତ୍ୟେକ ଭୋଟରଙ୍କୁ ତାଙ୍କ ଘର ଅନୁସାରେ ନିର୍ଦ୍ଧାରିତ ଭୋଟ କେନ୍ଦ୍ର ସହିତ ଯୋଡ଼ିବା କାର୍ଯ୍ୟ ମାର୍ଚ୍ଚ ୨୩ରୁ ଆରମ୍ଭ ହୋଇଥିଲା। ଏହା ମାଧ୍ୟମରେ ଭୋଟରଙ୍କ ନାମ, ଠିକଣା, ବୁଥ୍ ନମ୍ବର ଆଦିକୁ ଠିକ୍ ଭାବେ ଯାଞ୍ଚ କରି ଯୋଡ଼ାଯାଇଥିଲା। ୨୦୦୨ରେ ଭୋଟର ତାଲିକାରେ ଯେଉଁମାନେ ଯେଉଁ ସ୍ଥାନରେ ରହିଥିଲେ ଏବଂ ତାଙ୍କର ସମ୍ପର୍କୀୟଙ୍କୁ ନେଇ ୨୦୨୫ ମଧ୍ୟରେ ମାପିଙ୍ଗ୍ କରାଯାଇଥିଲା। ଇତିମଧ୍ୟରେ ଓଡ଼ିଶାରେ ମାପିଙ୍ଗ୍ ହାର ଯାହା ଆସିଛି, ତାହା ଅନ୍ୟ ରାଜ୍ୟ ତୁଳନାରେ ବହୁତ୍ ଭଲ ରହିଛି। ପଞ୍ଜାବରେ ୭୫% ମାପିଙ୍ଗ୍ ହାର ରହିଥିବାବେଳେ ତେଲଙ୍ଗାନାରେ ୫୬% ରହିଛି। ଏହି ପରିପ୍ରେକ୍ଷୀରେ ଓଡ଼ିଶାରେ ୯୫.୯୧% ମାପିଙ୍ଗ୍ ହେବା ଭଲ କଥା। ଏହାଦ୍ୱାରା ଆଗାମୀ ଦିନରେ ରାଜ୍ୟରେ ଏସ୍ଆଇଆର୍ ସମୟରେ ☞ପୃଷ୍ଠା-୪




# ଆଜି କ'ଣ କେଉଁଠି

## ଭୁବନେଶ୍ୱର

- ବିଜୁ ଶ୍ରମିକ ସାମ୍ମୁଖ୍ୟ ପକ୍ଷରୁ ଖବରଦାତା ସମ୍ମିଳନୀ, ସ୍ଥାନ: ବିଜୁ ଶ୍ରମିକ ସାମ୍ମୁଖ୍ୟ ମୁଖ୍ୟ କାର୍ଯ୍ୟାଳୟ, ୟୁନିଟ୍-୬, ସମୟ: ପୂର୍ବାହ୍ନ ୧୧ଟା ୩୦।
- ସାମାଜିକ ଅନୁଷ୍ଠାନ 'ଦିବ୍ୟ ଦିଗନ୍ତ'ର ସ୍ୱନକ୍ଷତ୍ର ଉତ୍ସବ, ସ୍ଥାନ: ବୁଦ୍ଧ ମନ୍ଦିର, ସମୟ: ଅପରାହ୍ନ ୫ଟା।
- 'ବାର୍ଡସ୍ ଅଫ୍ ମଙ୍ଗଳାଯୋଡ଼ି' ପୁସ୍ତକ ଲୋକାର୍ପଣ ଉତ୍ସବ, ସ୍ଥାନ: ଲୋହିଆ ଏକାଡେମୀ, ସମୟ: ଅପରାହ୍ନ ୫ଟା ୩୦।
- ପକ୍ଷୀଘର ପ୍ରକାଶନୀ ପ୍ରକାଶିତ ପୁସ୍ତକ ଲୋକାର୍ପଣ ଉତ୍ସବ, ସ୍ଥାନ: ଗୀତଗୋବିନ୍ଦ ସଦନ, ସମୟ: ସନ୍ଧ୍ୟା ୬ଟା।
- ବିଶ୍ୱଶାନ୍ତି ମହାଯଜ୍ଞ ପୂର୍ଣ୍ଣାହୁତି, ସ୍ଥାନ: ଶନିଶ୍ଚର ମହାଗ୍ରହ ମନ୍ଦିର ଟ୍ରଷ୍ଟ, ଶନିବିହାର, ବାଣୀବିହାର ମୁଖ୍ୟ ଫାଟକ ସମ୍ମୁଖ, ସମୟ: ସନ୍ଧ୍ୟା ୭ଟା।

## କଟକ

- ଶନିଶ୍ଚର ମହାଗ୍ରହଙ୍କ ମହାଯଜ୍ଞ ଓ ମହାମେଳା, ସ୍ଥାନ: ଚୌଦ୍ୱାର ବେଉରାସାହି, ସମୟ: ସକାଳ: ୬ଟା
- ଶନିଶ୍ଚର ମନ୍ଦିରର ବାର୍ଷିକୋତ୍ସବ ଓ ପାଣିଢଳା ଉତ୍ସବ, ସ୍ଥାନ: ଚୌଦ୍ୱାର ପୌରପାଳିକା ୧୭ ନଂ. ୱାର୍ଡ ନୂଆଁସାହି, ସମୟ: ସକାଳ ୭ଟା।
- ବିଶ୍ୱଶାନ୍ତି ମହାଯଜ୍ଞ, ମନ୍ଦିର ପ୍ରତିଷ୍ଠା ଏବଂ ପ୍ରବଚନ କାର୍ଯ୍ୟକ୍ରମ, ସ୍ଥାନ: କୃଷ୍ଣପଲ୍ଲୀ, ତାଳବସ୍ତ, ସମୟ: ସକାଳ ୭ଟା।
- ଇମ୍ପା ପକ୍ଷରୁ ଦାତବ୍ୟ ସ୍ୱାସ୍ଥ୍ୟ ସେବା ଶିବିର, ସ୍ଥାନ: ମଙ୍ଗରାଜପୁରସ୍ଥିତ କୋଚିଲା ନୂଆଗାଁ ୟୁ.ପି. ସ୍କୁଲ ପରିସର, ସମୟ: ସକାଳ ୯ଟା।
- ସାଧୁସନ୍ଥ ସମ୍ମିଳନୀ ଓ ତ୍ୟାଗ ଭିକ୍ଷା ଗ୍ରହଣ ଉତ୍ସବ, ସ୍ଥାନ: ଚକାପଦା ରଘୁନାଥ ମଣ୍ଡପ, ବାଙ୍କୀ, ସମୟ : ଅପରାହ୍ନ ୪ଟା।
- ଶ୍ରୀଶ୍ରୀ ଜଗନ୍ନାଥ ସେବାୟତ ସଂଘ ପକ୍ଷରୁ ଶ୍ରୀଶ୍ରୀରାମକଥା ପ୍ରବଚନର ୬ଷ୍ଠ ଦିବସ, ସ୍ଥାନ: ଶ୍ରୀଜଗନ୍ନାଥ ମନ୍ଦିର ପରିସର, ଚାନ୍ଦିନୀଚୌକ, ସମୟ: ସନ୍ଧ୍ୟା ୬ଟା।

## ଖୋର୍ଦ୍ଧା

- ଚିଲିକା ପୁସ୍ତକ ମେଳା, ସ୍ଥାନ: ବାଲୁଗାଁ କଲେଜ ପଡ଼ିଆ, ସମୟ: ଅପରାହ୍ନ ୪ଟା।

## ବାଲେଶ୍ୱର

- ୦୭୮ତମ ଓଡ଼ିଶା ପୋଲିସ୍ ଭଲିବଲ୍ ଓ ବାସ୍କେଟବଲ୍ ଚାମ୍ପିଅନ୍‌ସିପ୍-୨୦୨୬ ଫାଇନାଲ୍ ମ୍ୟାଚ୍, ସ୍ଥାନ : ପୋଲିସ୍ ରିଜର୍ଭ ପଡ଼ିଆ, ବାଲେଶ୍ୱର, ସମୟ : ସକାଳ ୭ଟା।
- ଶନିଶ୍ଚର ମନ୍ଦିରର ପଞ୍ଚମ ବାର୍ଷିକ ଉତ୍ସବ, ସ୍ଥାନ : ଓଡ଼ିଆ ଶାସନ, ରୂପ୍‌ସା, ସମୟ : ସକାଳ୮ ଟା।
- ଶିଳାନ୍ୟାସ ପର୍ବ, ସ୍ଥାନ : ରେମୁଣା ଏନ୍‌ଏସି, ବାଲେଶ୍ୱର, ସମୟ : ସକାଳ ୯ ଟା।
- ସିଏମ୍ ଟ୍ରଫି କ୍ରୀଡ଼ା ପ୍ରତିଯୋଗିତା, ସ୍ଥାନ : ପରମିଟ୍ ପଡ଼ିଆ, ବାଲେଶ୍ୱର, ସମୟ : ପୂର୍ବାହ୍ନ ୧୦ଟା।
- ମା' ଶୀତଳଙ୍କ ତିନିଦିନିଆ ବାର୍ଷିକ ପୂଜା ଶୁଭାରମ୍ଭ, ସ୍ଥାନ : ପଞ୍ଚାରୁଖୀ ଗ୍ରାମ, ବାଲିଆପାଳ, ସମୟ : ପୂର୍ବାହ୍ନ ୧୦ଟା ୩୦।
- ସୂର୍ଯ୍ୟେଶ୍ୱର ମହାଦେବଙ୍କ ପାଟପର୍ବ, ସ୍ଥାନ : ସୂର୍ଯ୍ୟାପୁର ଗ୍ରାମ ମହାଦେବ ମନ୍ଦିର, ଅସ୍ତୀ, ବାଲିଆପାଳ, ସମୟ : ସନ୍ଧ୍ୟା ୬ଟା।
- ମା' ମନସାଙ୍କ ସାର୍ବଜନୀନ ପୂଜାର୍ଚ୍ଚନା, ସ୍ଥାନ : ପଞ୍ଚରୁଖି ଛକ, ବାଲିଆପାଳ, ସମୟ : ରାତି ୯ଟା।

## କେନ୍ଦୁଝର

- ଶନିଦେବଙ୍କ ଜନ୍ମୋତ୍ସବ ଓ ମହାଯଜ୍ଞ, ସ୍ଥାନ : କେନ୍ଦୁଝର ପାୱାର ହାଉସ ପରିସର, ସମୟ: ସକାଳ ୭ଟା।

## ମୟୂରଭଞ୍ଜ

- ଅଖଣ୍ଡ ଚବିଶ ପ୍ରହର ନାମଯଜ୍ଞ, ସ୍ଥାନ: ପୂର୍ଣ୍ଣେଶ୍ୱର ମନ୍ଦିର ପରିସର, କରଞ୍ଜିଆ,ସମୟ: ସକାଳ ୮ଟା।
- ଆମେ-୮୦ ପକ୍ଷରୁ ଜଳଛତ୍ର, ସ୍ଥାନ: ପୂର୍ତ୍ତବିଭାଗ ଅଫିସ ସମ୍ମୁଖ, କଚେରୀ ରୋଡ୍, ବାରିପଦା, ପୂର୍ବାହ୍ନ ୧୦ଟା।

## ବ୍ରହ୍ମପୁର

- ଇଫିଜେସ୍-୨୦୨୬, ସ୍ଥାନ: ଏମ୍‌କେସିଜି ମେଡିକାଲ କଲେଜ, ସମୟ: ଅପରାହ୍ନ ୨ଟା।

## ଅନୁଗୋଳ

- ଶ୍ରୀମଦ୍ ଭାଗବତ ପ୍ରବଚନ କାର୍ଯ୍ୟକ୍ରମରେ ପୂର୍ଣ୍ଣାହୁତି ହୋମଯଜ୍ଞ, ସ୍ଥାନ: ଆଠମଲ୍ଲିକସ୍ଥିତ ମା' ମାହେଶ୍ୱରୀ ମନ୍ଦିର, ସମୟ: ପୂର୍ବାହ୍ନ୧୦ଟା।
- ଶ୍ରୀମଦ୍ ଭାଗବତ ପାରାୟଣ ସପ୍ତାହର ସପ୍ତମ ଦିବସରେ ପ୍ରବଚନ କାର୍ଯ୍ୟକ୍ରମ, ସ୍ଥାନ: ଆଠମଲ୍ଲିକସ୍ଥିତ ମା' ମାହେଶ୍ୱରୀ ମନ୍ଦିର, ସମୟ: ସନ୍ଧ୍ୟା ୭ଟା।

## କେନ୍ଦ୍ରାପଡ଼ା

- ଶ୍ରୀ ଶନିଶ୍ଚର ଦେବ ମହୋତ୍ସବ, ସ୍ଥାନ: ଖଡିଅଙ୍ଗ ପୀଠ, ମହୀପାଳ ପୀଠ, କେନ୍ଦ୍ରାପଡା ସହର, ଚମ୍ପାବାଗ ଘାଟ(ଗୋବରୀକୂଳ), ବୀରନୀଳକଣ୍ଠପୁର, ଡେରାବିଶ, ସମୟ: ସକାଳ ୬ଟା।
- ସୀତା ନବମୀ ଉପଲକ୍ଷେ ଶ୍ରୀରାମ ଯଜ୍ଞୋତ୍ସବ, ସ୍ଥାନ: ଘିଘିଡିଆ, କେନ୍ଦ୍ରାପଡା, ସମୟ: ସକାଳ ୬ଟା।
- ଶ୍ରୀ ହନୁମାନଜୀଉଙ୍କ ବାର୍ଷିକ ଯଜ୍ଞ ଉତ୍ସବ, ସ୍ଥାନ: ଗଜେନ୍ଦ୍ରପୁର, ପଟ୍ଟାମୁଣ୍ଡାଇ, ସମୟ: ସକାଳ ୬ଟା।
- ଶ୍ରୀବାସୁଦେବଙ୍କ ବିଶ୍ୱଶାନ୍ତି ବିଷ୍ଣୁ ମହାଯଜ୍ଞ, ସ୍ଥାନ: ବେଣାଜୋରୀ ବଟ, ଭରତପୁର, କେନ୍ଦ୍ରାପଡା, ସମୟ: ସକାଳ ୬ଟା।
- ଶିଶୁ ମନ୍ଦିର ବାର୍ଷିକ ଉତ୍ସବ, ସ୍ଥାନ:ରାମନଗର, ମହାକାଳପଡା, ସମୟ: ଅପରାହ୍ନ ୫ଟା। ଶ୍ରୀ ହନୁମାନଜୀଉଙ୍କ ବାର୍ଷିକ ଯଜ୍ଞ ଉତ୍ସବ, ସ୍ଥାନ: ଶାଳିଅଞ୍ଚ, ଆଳି, ସମୟ: ସକାଳ ୬ଟା
- ଶ୍ରୀ ବଜରଙ୍ଗବାଲିଙ୍କ ବାର୍ଷିକ ଉତ୍ସବ ଓ ବିଶ୍ୱଶାନ୍ତି ମହାଯଜ୍ଞ, ସ୍ଥାନ: ପୀଠ ପରିସର, କନ୍ହେଇପୁର, କେନ୍ଦ୍ରାପଡା, ସମୟ: ଅପରାହ୍ନ ୫ଟା।
- ବିଶ୍ୱଶାନ୍ତି ମହାଯଜ୍ଞ, ସ୍ଥାନ: ମା'କନ୍ତେଇ ଠାକୁରାଣୀ ପୀଠ, ବାଙ୍କିମୁଣ୍ଡାଇ, ଚାନ୍ଦୋଳ, ଡେରାବିଶ, ସମୟ: ସନ୍ଧ୍ୟା ୬ଟା।

## ଯାଜପୁର

- ଶ୍ରୀଶ୍ରୀ ଗ୍ରହରାଜ ଶନିଶ୍ଚରଙ୍କ ୭୭ତମ ବାର୍ଷିକ ମେଳା ଓ ଯଜ୍ଞ ଉତ୍ସବ, ସ୍ଥାନ: ଯାଜପୁର ରୋଡ୍ ରାଛିପୁର ଶନି ମନ୍ଦିର ପରିସର, ସମୟ: ସକାଳ ୬ଟା।
- ଶ୍ରୀଶ୍ରୀ ଗ୍ରହରାଜ ଶନିଦେବଙ୍କ ମହାଯଜ୍ଞ, ସ୍ଥାନ: ଯାଜପୁର ରୋଡ୍ ଝାଟିଆସାହି ଶନିମନ୍ଦିର ପରିସର, ସମୟ: ସକାଳ ୬ଟା।

## ନୟାଗଡ଼

- ଶ୍ରୀରାମଚରିତ ମାନସ ନବାହ୍ନ ପାରାୟଣ ଓ ପ୍ରବଚନ ଜ୍ଞାନଯଜ୍ଞ ମହୋତ୍ସବର ପଞ୍ଚମ ଦିବସ, ସ୍ଥାନ:ଓଡଗାଁ ରଘୁନାଥ ଜୀଉ ମନ୍ଦିର ପ୍ରାଙ୍ଗଣ, ସମୟ:ମଧ୍ୟାହ୍ନ ୧୨ରୁ ରାତ୍ର ୧୦ଟା ।
- ଚନ୍ଦନ ଯାତ୍ରାର ଷଷ୍ଠ ଦିବସ, ସ୍ଥାନ: ନୟାଗଡ଼ ପୁରୁଣା ସହରର ଜଗନ୍ନାଥ ଜୀଉ ମନ୍ଦିର ; ଶରଣକୁଳ ଲଡୁବାବାଙ୍କ ମନ୍ଦିର ; ଓଡଗାଁ ରଘୁନାଥ ଜୀଉ ମନ୍ଦିର, ସମୟ:ମଧ୍ୟାହ୍ନ ୧୨ଟା ୩୦ ।
- ଚନ୍ଦନ ଯାତ୍ରା ଷଷ୍ଠ ଦିବସ, ସ୍ଥାନ: କଣ୍ଟିଲୋ ନୀଳମାଧବ ପୀଠ, ସମୟ: ଅପରାହ୍ନ ୧ଟା ।
- ଚନ୍ଦନ ଯାତ୍ରା ଷଷ୍ଠ ଦିବସ, ସ୍ଥାନ: ଖଣ୍ଡପଡା ଜଗନ୍ନାଥ ଜୀଉ ମନ୍ଦିର ; ରଣପୁର ଜଗନ୍ନାଥ ଜୀଉ ମନ୍ଦିର, ସମୟ: ଅପରାହ୍ନ ୨ଟା ।

## ରାୟଗଡ଼ା

- ବିଶ୍ୱ ବୌଦ୍ଧିକ ସମ୍ପତି ଦିବସ ପାଳନ, ସ୍ଥାନ: ଜିଆଇଇଟି ବିଶ୍ୱବିଦ୍ୟାଳୟରେ, ଗୁଣପୁର, ସମୟ: ସକାଳ ୯ଟା ୩୦।
- ବିକଶିତ ଭାରତ ଯୁବା ମହୋତ୍ସବ, ସ୍ଥାନ: ଜିଆଇସିଏମ୍‌ଏସ, ରେଗେଡା, ଗୁଣପୁର, ସମୟ: ଅପରାହ୍ନ ୪ଟା।

## ସମ୍ବଲପୁର

- ସମ୍ବଲପୁର କବାଡି ପ୍ରିମିୟର ଲିଗ-୨୦୨୬ର ମ୍ୟାଚ, ସ୍ଥାନ: ଗଙ୍ଗାଧର ମୁକ୍ତ ମଣ୍ଡପ ପଡିଆ, ସମୟ: ସକାଳ ୬ଟା।
- ସାଓଲିନ କୁଂଫୁ ଉସୁ ଆସୋସିଏଶନ ପକ୍ଷରୁ ମାଗଣା ମାର୍ଶଲ ଆର୍ଟ ପ୍ରଶିକ୍ଷଣ ଶିବିର, ସ୍ଥାନ: ବିନାଖଣ୍ଡିସ୍ଥିତ ଜିଲା ଜୁଡୋ ହଲ, ସମୟ: ସକାଳ ୭ଟା।
- ସମ୍ବଲପୁର କବାଡି ପ୍ରିମିୟର ଲିଗ-୨୦୨୬ର ମ୍ୟାଚ, ସ୍ଥାନ: ଗଙ୍ଗାଧର ମୁକ୍ତ ମଣ୍ଡପ ପଡିଆ, ସମୟ: ଅପରାହ୍ନ ୫ଟା।

## ରାଉରକେଲା

- ଆନ୍ତଃ ବିଦ୍ୟାଳୟ ଚେସ୍ ପ୍ରତିଯୋଗିତା, ସ୍ଥାନ: ସେକ୍ଟର--୧୪ ଡିପିଏସ୍ ସ୍କୁଲ, ସମୟ: ସକାଳ ୬ଟା ୩୦।
- ଆମ୍‌କୋ ସିମ୍‌କୋ ଶହୀଦ ଦିବସ ପାଳନ, ସ୍ଥାନ: ଆମ୍‌କୋ ସିମ୍‌କୋ ପୀଠ, ସମୟ: ସକାଳ ୮ଟା।
- କବିତାୟନ-୨୦୨୬ ସମାରୋହ, ସ୍ଥାନ: ଗୋପବନ୍ଧୁ ପାଠାଗାର, ଛେଣ୍ଡ, ସମୟ: ପୂର୍ବାହ୍ନ ୧୦ଟା।
- ମହାପ୍ରଭୁଙ୍କ ଚନ୍ଦନ ଯାତ୍ରାର ୬ଷ୍ଠ ଦିବସ, ସ୍ଥାନ: ସେକ୍ଟର-୩ ଜଗନ୍ନାଥ ମନ୍ଦିର, ସମୟ: ସନ୍ଧ୍ୟା ୬ଟା।
- ରାଜ୍ୟସ୍ତରୀୟ ନାଟକର ୬ଷ୍ଠ ସନ୍ଧ୍ୟା, ସ୍ଥାନ: ସିଭିକ୍ ସେଣ୍ଟର, ସମୟ: ସନ୍ଧ୍ୟା ୬ଟା ୩୦।

## ସୁନ୍ଦରଗଡ଼

- ଆମକୋ - ସିମକୋ ଶହୀଦ ଦିବସ ପାଳନ, ସ୍ଥାନ: ଶହୀଦ ସ୍ମାରକୀ ପୀଠ, ଆମକୋ - ସିମକୋ, କୁଆଁରମୁଣ୍ଡା, ସମୟ: ସକାଳ ୮ ଟା।

## ବରଗଡ଼

- ଜଗନ୍ନାଥ ମନ୍ଦିର ପ୍ରତିଷ୍ଠା ମହୋତ୍ସବ, ସ୍ଥାନ: ଜାମୁଟପାଲି, ଗାଇସିଲେଟ୍: ସମୟ: ସକାଳ ୭ଟା।
- ବୈଶାଖ ମେଳା ଅବସରରେ ରଙ୍ଗୋଲି ପ୍ରତିଯୋଗିତା, ସ୍ଥାନ: ନୃସିଂହନାଥ ମନ୍ଦିର ପରିସର, ବରଗଡ଼, ସମୟ: ସକାଳ ୮ଟା।
- ସୂର୍ ମନ୍ଦିରର ବାର୍ଷିକ ଉତ୍ସବ, ସ୍ଥାନ: ବିଜୁ ପଟ୍ଟନାୟକ ଟାଉନ ହଲ, ବରଗଡ଼, ସମୟ: ସନ୍ଧ୍ୟା ୫ଟା।

## କଳାହାଣ୍ଡି

- ଭାଜପା ମହିଳା ମୋର୍ଚ୍ଚାର ବିଶାଳ ଜନ ଆକ୍ରୋଶ ମହିଳା ପଦଯାତ୍ରା, ସ୍ଥାନ: ଭବାନୀପାଟଣା ମା'ମାଣିକେଶ୍ୱରୀ ମନ୍ଦିର ସମ୍ମୁଖ,ସମୟ: ଅପରାହ୍ନ ୪ଟା।
- ଗ୍ରୀଷ୍ମ ପ୍ରବାହ ଓ ପାଣିପାଗ ପରିବର୍ତ୍ତନକୁ ନେଇ ବୈଠକ, ସ୍ଥାନ: ଜୁନାଗଡ଼ ଲାଲ ପଡିଆ,ସମୟ: ଅପରାହ୍ନ ୫ଟା।

## ବୌଦ୍ଧ

- ଜିଲାସ୍ତରୀୟ ବିଶ୍ୱ ଭେଟେରିନାରି ଦିବସ ପାଳନ, ସ୍ଥାନ: ମାରୱାଡି ଭବନ ସଭାଗୃହ, ବୌଦ୍ଧ, ସମୟ : ସକାଳ ୮ଟା।

## ଦେବଗଡ଼

- ବିଶ୍ୱ ପ୍ରାଣୀଚିକିତ୍ସା ଦିବସ କର୍ମଶାଳା, ସ୍ଥାନ: ଦେବଗଡ଼ସ୍ଥିତ ଡିଆର୍‌ଡିଏ ସମ୍ମିଳନୀ କକ୍ଷ, ସମୟ: ସକାଳ ୮ଟା।
- ଦେବଗଡ଼ ଜିଲାରେ ବିକାଶମୂଳକ ଭିତ୍ତିଭୂମି ପ୍ରକଳ୍ପ ଉଦ୍‌ଘାଟନ ଓ ଶିଳାନ୍ୟାସ, ସ୍ଥାନ: ଦେବଗଡ଼ ବଡ଼ବଗିଚା, ସମୟ: ସକାଳ ୯ଟା।
- ମା' କନକଦୁର୍ଗାଙ୍କ ସନ୍ଧ୍ୟାଆଳତି, ସ୍ଥାନ: ଦେବଗଡ଼ ମଠସାହିସ୍ଥିତ ମା' କନକଦୁର୍ଗା ମନ୍ଦିର, ସମୟ: ସନ୍ଧ୍ୟା ୭ଟା।

## ସୁବର୍ଣ୍ଣପୁର

- ଭାଜପା ପକ୍ଷରୁ ଜିଲାସ୍ତରୀୟ ଜନ ଆକ୍ରୋଶ ମହିଳା ସମାବେଶ, ସ୍ଥାନ: ସୁବର୍ଣ୍ଣପୁର ଟାଉନ ହଲ, ସମୟ: ସକାଳ ୯ଟା।
- ଜିଲାସ୍ତରୀୟ ବିଶ୍ୱ ପ୍ରାଣୀ ଚିକିତ୍ସା ଦିବସ ପାଳନ, ସ୍ଥାନ: ସୋନପୁର କୃଷି ବିଜ୍ଞାନ କେନ୍ଦ୍ର ସଭା ଗୃହ, ସମୟ: ସକାଳ ୯ଟା।
- ମାଗଣା ମହିଳା ସ୍ୱାସ୍ଥ୍ୟ ଶିବିର, ସ୍ଥାନ: ଅଭିଜିତ ସ୍ମୃତି କମିଟି ନୂଆବଜାର, ବିନିକା, ସମୟ: ସକାଳ ୯ ଟା।
- ତରଭା ବ୍ଲକ ସିଲାଟିମୁଣ୍ଡାରେ ଚାଲିଥିବା ୨୪ ପ୍ରହର ନାମଯଜ୍ଞର ପୂର୍ଣ୍ଣାହୁତି, ସ୍ଥାନ: ଗ୍ରାମ ନାମ ମଣ୍ଡପ, ସମୟ: ପୂର୍ବାହ୍ନ ୧୦ଟା।
- ବ୍ଲକସ୍ତରୀୟ ପଞ୍ଚାୟତିରାଜ ଦିବସ ପାଳନ ସମାରୋହ, ସ୍ଥାନ: ତରଭା ବ୍ଲକ ସଭାଗୃହ, ସମୟ: ଅପରାହ୍ନ ୪ଟା।
- ତରଭା ନୂଆପଡ଼ା, ତରଭା କୁମ୍ଭାରପଡାରେ ଶନିଶ୍ଚର ମନ୍ଦିରରେ ମହା ଆଳତୀ ଓ ଶନି ପୁରାଣ ପଠନ, ସ୍ଥାନ: ମନ୍ଦିର ପରିସର, ସମୟ: ସନ୍ଧ୍ୟା ୬ଟା।
- ଜିଲାସ୍ତରୀୟ ପଞ୍ଚାୟତିରାଜ ଦିବସ ପାଳନ ସମାରୋହ, ସ୍ଥାନ: ସୁବର୍ଣ୍ଣପୁର ଟାଉନ ହଲ, ସମୟ: ସନ୍ଧ୍ୟା ୬ଟା।

## ନୂଆପଡ଼ା

- ଶ୍ରୀଶ୍ରୀ ଷୋହଳ ପ୍ରହର ଅଖଣ୍ଡ ନାମଯଜ୍ଞ ନାମଧାରଣ ଅବ୍ୟାହତ ଓ ଆଳତି, ସ୍ଥାନ: କୋମନା ବ୍ଲକ ଆଗ୍ରେନ ଗାଁ, ସମୟ: ପ୍ରାତଃ ୪ଟା ୧୫।
- ଶ୍ରୀଶ୍ରୀ ଷୋହଳ ପ୍ରହର ଅଖଣ୍ଡ ନାମଯଜ୍ଞ ନାମଅବ୍ୟାହତ ଓ ଆଳତି, ସ୍ଥାନ: କୋମନା ବ୍ଲକ ଲଟକନପଡା ଗାଁ, ସମୟ: ପ୍ରାତଃ ୪ଟା ୩୦।
- ଶ୍ରୀଶ୍ରୀ ଷୋହଳ ପ୍ରହର ଅଖଣ୍ଡ ନାମଯଜ୍ଞ ନାମ ଅବ୍ୟାହତ ଓ ଆଳତି, ସ୍ଥାନ: ସିନାପାଲି ବ୍ଲକ ବୈଗାପଡ଼ା, ସମୟ: ପ୍ରାତଃ ୫ଟା।
- ଶ୍ରୀଶ୍ରୀ ଅଖଣ୍ଡ ଷୋହଳ ପ୍ରହର ନାମଯଜ୍ଞ ନାମ ଅବ୍ୟାହତ ଓ ଆଳତି, ସ୍ଥାନ: କୋମନା ବ୍ଲକ ଘୋଟସର ଗାଁ, ସମୟ: ପ୍ରାତଃ ୫ଟା ୦୫।
- ଭାରତୀୟ ଜନତା ପାର୍ଟି ପକ୍ଷରୁ ନାରୀଶକ୍ତି ଜନ ଆକ୍ରୋଶ ଶୋଭାଯାତ୍ରା, ସ୍ଥାନ: ପୋଲିସ ପଡିଆ, ନୂଆପଡ଼ାଠାରୁ ଏକତା ଛକ, ସମୟ: ସକାଳ ୮ଟା।
- ଜିଲା ଭାଜପାର ଖବରଦାତା ସମ୍ମିଳନୀ, ସ୍ଥାନ: ଭାଜପା ଜିଲା କାର୍ଯ୍ୟାଳୟ, ନୂଆପଡ଼ା, ସମୟ: ପୂର୍ବାହ୍ନ ୧୧ଟା ୩୦।
- ଶ୍ରୀମଦ ଭାଗବତ ମହାପୁରାଣ ଜ୍ଞାନଯଜ୍ଞ ଉଦ୍‌ଯାପନୀ ଦିବସରେ ରୁକ୍ମଣୀ ବିବାହ, କଂସବଧ କଥା, ସ୍ଥାନ: ନୂଆପଡ଼ା ଏନଏସି, ଶାଖାତରା ୱାର୍ଡ ନଂ.୧, ସମୟ: ଅପରାହ୍ନ ୪ଟାରୁ ରାତ୍ର ୮ଟା।

## ଝାରସୁଗୁଡ଼ା

- ଜଗନ୍ନାଥ ମନ୍ଦିର ପ୍ରତିଷ୍ଠା ଉତ୍ସବ, ସ୍ଥାନ: କନକତୋରା ଜଗନ୍ନାଥ ମନ୍ଦିର ପରିସର, ସମୟ: ସକାଳ ୮ଟା।
- ହନୁମାନଙ୍କ ପଞ୍ଚ ଉପଚାର ପୂଜା ଓ ଚାଳିଶା ପଠନ କାର୍ଯ୍ୟକ୍ରମ, ସ୍ଥାନ: ସାହାପଡ଼ା ହନୁମାନ ମନ୍ଦିର, ସମୟ: ସକାଳ ୮ଟା।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** ବିଭିନ୍ନ ପ୍ରକାର ସମସ୍ୟା ଲାଗିରହିବା ଯୋଗୁ କର୍ମକ୍ଷେତ୍ରରେ କୌଣସି କାମ ସହଜରେ ସମ୍ପନ୍ନ ହେବନାହିଁ। ଅବଶ୍ୟ ପରକ୍ଷଣରେ ଅନ୍ୟାନ୍ୟ ସହକର୍ମୀଙ୍କ ହସ୍ତକ୍ଷେପ ଫଳରେ ସମାଧାନ ହୋଇପାରେ। ଆଜିର ଯାତ୍ରା, ନୂତନ କର୍ମାରମ୍ଭ ଓ ଆନୁଷ୍ଠାନିକ କ୍ଷେତ୍ର ପାଇଁ କୌଣସି ପ୍ରତିକୂଳ ପ୍ରଭାବ ପଡ଼ିବ ନାହିଁ।

**ବୃଷ** କର୍ମକ୍ଷେତ୍ରରେ ଉଚ୍ଚପଦସ୍ଥ ବ୍ୟକ୍ତିଙ୍କ ଦ୍ୱାରା ଗୌରବାନ୍ୱିତ ହେବେ। ଆନୁଷ୍ଠାନିକ କାର୍ଯ୍ୟରେ ବ୍ୟସ୍ତତା ସାଙ୍ଗକୁ ସମ୍ମାନ ଲାଭ ଓ ପଦମର୍ଯ୍ୟାଦା ବୃଦ୍ଧି ପାଇବ। ପରୋକ୍ଷ ଶତ୍ରୁତାରୁ ସମସ୍ୟାର ସମ୍ମୁଖୀନ ହେବେ। ଶିଳ୍ପ, ବାଣିଜ୍ୟରେ ଆଂଶିକ ସଫଳତା ପାଇବେ। ମୂଲ୍ୟବାନ୍ ଜିନିଷ କିଣିବା ସକାଶେ ମନ ବଳାଇପାରନ୍ତି।

**ମିଥୁନ** ମାନସିକ ସ୍ତରରେ ବ୍ୟଗ୍ରତା ଓ ଅସ୍ଥିରତା ସୃଷ୍ଟିହେଲେ ମଧ୍ୟ ବନ୍ଧୁଙ୍କ ପରାମର୍ଶରୁ ଆଶ୍ୱସ୍ତି ଲାଭ କରିବେ। କର୍ମକ୍ଷେତ୍ରରେ ପରୋକ୍ଷ ଶତ୍ରୁତା, ରପ୍ତାନି କାରବାରରେ କଳହ, ପରିବାରରେ ମତାନ୍ତର ଘଟିପାରେ। ଚେଷ୍ଟା କରୁଥିବା କାମଟି ଅସମ୍ପୂର୍ଣ୍ଣ ରହିଯାଇପାରେ। ଅନ୍ୟକୁ ସାହାଯ୍ୟ କରି ସମାଲୋଚିତ ହେବେ।

**କର୍କଟ** ଆଜିର ଯାତ୍ରା, ବାଣିଜ୍ୟ ସନ୍ତୋଷଜନକ ରହିବା ଯୋଗୁ ଆନନ୍ଦ ଅନୁଭବ କରିପାରନ୍ତି। ପାରସ୍ପରିକ ସଦ୍‌ଭାବ ଏବଂ ଉତ୍ତମ ବୁଝାମଣା ହେତୁ ପାରିବାରିକ ଜୀବନ ସୁଖସନ୍ତୋଷରେ କଟିବ। ପ୍ରତ୍ୟେକ କ୍ଷେତ୍ରରେ ଯେତେଟା ପରିସ୍ଥିତିକୁ ଜଟିଳ ମନେ କରୁଛନ୍ତି ବାସ୍ତବରେ ସେପରି କିଛି ହେବନି। ପଡ଼ୋଶୀଙ୍କ ସହ ବାକ୍ ବିତଣ୍ଡା ସୃଷ୍ଟି ହୋଇପାରେ।

**ସିଂହ** ସମସ୍ୟା ଲାଗିରହିଲେ ମଧ୍ୟ ଖର୍ଚ୍ଚାନ୍ତ ହୋଇ କାମ ହାସଲ କରିବେ। ଆଜିର କର୍ମଜଞ୍ଜାଳ ଏତେ ବଢିଯିବ ଯେ, ସାମାନ୍ୟ ଫୁର୍‌ସତ୍ ମଧ୍ୟ ପାଇବେ ନାହିଁ। ବିଭିନ୍ନ ପାରିବାରିକ ସମସ୍ୟାକୁ କେନ୍ଦ୍ର କରି ମାନସିକ ସ୍ଥିତି ଠିକ୍ ରହିନପାରେ। ଅବଶ୍ୟ ଶିଳ୍ପ, ବାଣିଜ୍ୟ, ବ୍ୟବସାୟ. , ହୋଟେଲ, ଯାନ୍ତ୍ରିକ ଶିଳ୍ପ ଓ ପରିବହନରେ ସଫଳତା ମିଳିବ।

**କନ୍ୟା** ସବୁ ଦିଗରୁ ଭଲ ହେଲେ ମଧ୍ୟ ପରିବାରର ଅଶାନ୍ତ ପରିସ୍ଥିତି, ଗୃହଛିଦ୍ର, ବନ୍ଧୁଙ୍କ ଅନୁଚିତ କାର୍ଯ୍ୟକଳାପ ଦୁଶ୍ଚିନ୍ତାର କାରଣ ହେବ। ମାନସିକ ସ୍ଥିତି ଭଲ ନ ଥିବାରୁ ଆଲୋଚନା ପରିସରରେ ସଂଯମତା ରକ୍ଷା ନ କଲେ ବିବାଦଗ୍ରସ୍ତ ହେବେ। ବ୍ୟବସାୟିକ କ୍ଷେତ୍ର, ନିର୍ମାଣ କାର୍ଯ୍ୟ, କଚେରି ମାମଲା ଦିଗରୁ ଆଶ୍ୱସ୍ତି ଲାଭର ସୂଚନା ରହିଛି।

**ତୁଳା** ଆଜିର ଜୀବନଯାତ୍ରା ପ୍ରୀତିପ୍ରଦ ରହିବ ଏବଂ ଯାହା ଓ ଯେମିତି ଚାହୁଁଛନ୍ତି ତାହା ନିର୍ବିଘ୍ନରେ ପ୍ରାପ୍ତ ହେବ। ପଦେ ପଦେ ପ୍ରତିବନ୍ଧକର ସମ୍ମୁଖୀନ ହେବାକୁ ପଡିପାରେ। ଚିତ୍ରା ନକ୍ଷତ୍ର ସକାଶେ କାମରେ ଅସ୍ଥିରତା ସୃଷ୍ଟିକରିବାର ସମ୍ଭାବନା ରହିଛି। ଜମିଜମା କିମ୍ବା ନିର୍ମାଣ ଓ ସାଂଗଠନିକ କ୍ଷେତ୍ରରେ ବିତର୍କର ସମ୍ଭାବନା ରହିଛି।

**ବିଛା** ଆପଣଙ୍କ ନୂତନ କର୍ମାରମ୍ଭ ବନ୍ଧୁ ମିଳନ ମାଧ୍ୟମରେ ସମ୍ପନ୍ନ ହେବାର ସୂଚନା ରହିଛି। କର୍ମକ୍ଷେତ୍ରରେ ନିର୍ଦ୍ଦିଷ୍ଟ ସମୟରେ ଆପଣଙ୍କ ଅନୁପସ୍ଥିତି ପାଇଁ କୈଫିୟତ ଦେବାକୁ ପଡ଼ିପାରେ। ଆପଣଙ୍କ ବାଟକୁ ଚାହିଁ ବସିଥିବା ବନ୍ଧୁଟି ମନେ ମନେ ବହୁତ ବିରକ୍ତି ପ୍ରକାଶ କରିପାରନ୍ତି। ଆଜିର ଯାତ୍ରା, ପ୍ରକାଶନ, ଯାନବାହନ, ନିର୍ମାଣ ଓ ଯାତ୍ରାରୁ ସୁଫଳ ପାଇବେ।

**ଧନୁ** ମାନସିକ ଓ ଶାରୀରିକ ସ୍ଥିତି ଭଲ ନ ରହିଲେ ମଧ୍ୟ ଅନ୍ୟାନ୍ୟ ଗ୍ରହଙ୍କ ଶୁଭତ୍ୱ ଯୋଗୁ କୌଣସି କାମ ଅଚଳ ହେବନାହିଁ। ପରିବାର ମଧ୍ୟରେ ବୁଝାମଣାର ଅଭାବ ଜନିତ ସମସ୍ୟା ଭିତର ଦେଇ ଗତି କରୁଥିବା କାରଣରୁ ଅଧିକାଂଶ ସମୟ ଅନ୍ୟମନସ୍କ ରହିପାରନ୍ତି। ଆର୍ଥିକ ସ୍ଥିତି ବହୁତ ଭଲ ରହିବ ଏବଂ କୌଣସି ମୂଲ୍ୟବାନ ଜିନିଷ ଖରିଦ କରିପାରନ୍ତି।

**ମକର** ଆଜିର ଗ୍ରହସ୍ଥିତି ଭଲ ହେତୁ ମନ ପ୍ରଫୁଲ୍ଲ ରହିବ। ବନ୍ଧୁବର୍ଗଙ୍କ ଦ୍ୱାରା ପ୍ରଶଂସିତ ହେବେ ଓ ମୂଲ୍ୟବାନ୍ ଦ୍ରବ୍ୟ ପାଇବେ। କର୍ମକ୍ଷେତ୍ରରେ ଘଟି ଯାଇଥିବା ଯେଉଁ ବ୍ୟତିକ୍ରମ ସୁଧାରିନେବା ସହ ସାମାଜିକ ସ୍ତରରେ ପ୍ରଶଂସିତ ହୋଇପାରନ୍ତି। ଆନୁଷ୍ଠାନିକ କ୍ଷେତ୍ରରେ କିମ୍ବା ସଭାସମିତିରେ ପ୍ରଶଂସା ଓ ପ୍ରୋତ୍ସାହନ ପାଇଁ ମନୋବଳ ବୃଦ୍ଧି ପାଇବ।

**କୁମ୍ଭ** ବନ୍ଧୁଙ୍କ ସହ ଆଲୋଚନା ଅବକାଶରେ ମନ ଚାହୁଁଥିବା ପ୍ରକାରେ ନୂତନ ସମ୍ପର୍କ ସ୍ଥାପିତ କରିବେ। ପ୍ରତ୍ୟେକ କ୍ଷେତ୍ରରେ ବୁଝାମଣା ଠିକ୍ ରହିବା ହେତୁ ବିବାଦ ଅପସରି ଯିବ। ନିଜ ପିଲାଙ୍କ ସକାଶେ କୌଣସି ବ୍ୟକ୍ତିଙ୍କ ସହ ତର୍କର ସମ୍ମୁଖୀନ ହୋଇପାରନ୍ତି। ବ୍ୟବସାୟ, ବାଣିଜ୍ୟ ଓ କଳା ସାହିତ୍ୟରେ ସମସ୍ୟା ସମାଧାନ ହୋଇଯିବ।

**ମୀନ** ଆଜିର ଗ୍ରହଯୋଗ ସାମଗ୍ରିକ ସୁଖ, ସୁବିଧା ପ୍ରଦାନ କରି ମନରେ ନୂତନ ଆଶା ସଞ୍ଚାର କରିପାରନ୍ତି। ଅନ୍ୟମାନଙ୍କ କଥାକୁ ନେଇ ମାନସିକ ସୁସ୍ଥତା ବାଧାପ୍ରାପ୍ତ ହୋଇପାରେ। ପୂର୍ବଭାଦ୍ରପଦ୍ ନକ୍ଷତ୍ରର ପାରିବାରିକ ସଦ୍‌ଭାବ ମନକୁ ବୁଝାଇବାରେ ସାହାଯ୍ୟ କରିବ। ସହକର୍ମୀଙ୍କ ଆଭ୍ୟନ୍ତରୀଣ ବ୍ୟାପାରରେ ମୁଣ୍ଡ ପୂରାଇବା ଠିକ୍ ହେବ ନାହିଁ।

ଆଜି ଏପ୍ରିଲ ୨୫ ତାରିଖ, ବିଶ୍ୱ ମ୍ୟାଲେରିଆ ଦିବସ, ବିଶ୍ୱ ପଶୁ ଚିକିତ୍ସା ଦିବସ, (ଏପ୍ରିଲ ଶେଷ ଶନିବାର), ବୈଶାଖ ଶୁକ୍ଳପକ୍ଷର ସୀତା ନବମୀ ,ରାଶିନକ୍ଷତ୍ର-ଅଶ୍ଳେଷା/ କର୍କଟ, ନବମୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ଅଦ୍ୟ ବିବାହ ପାଣିଗ୍ରହଣ, ଦିବା ଘ.୧୦।୦୯ ଗତେ, ଘ.୦୧।୦୦ ମଧ୍ୟେ ଶୁଦ୍ଧ ଶୁଭ ବେଳା। ସକାଳ ଘ.୦୮।୩୫ ଗତେ ଘ.୧୦।୦୯ ମଧ୍ୟେ ରାହୁ କାଳ।

# ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ତୁ ଯେତେ ବୋଲିବୁ ବୋଲ,**
**ମୋ ଦେହଟା ଯାକ ହିଁ ପୋଲ।**

ଅଲାଜୁକ ବ୍ୟକ୍ତିଙ୍କ ମୁହଁରେ କିଛି ଲାଜ ସରମ ନ ଥାଏ। ଏପରି ବ୍ୟକ୍ତିଙ୍କୁ ବାଟକୁ ଆଣିବା କାଠିକର ପାଠ ହୋଇଥାଏ। କାହାରି କଥା ବା ବୋଲକୁ ସେମାନଙ୍କର ଡର କି ଭୟ ରହି ନ ଥାଏ। ଏପରିକି ଯେତେ ବୁଝାଇଲେ ମଧ୍ୟ ତାଙ୍କ ସ୍ୱଭାବରେ କିଛି ବି ପରିବର୍ତ୍ତନ ଘଟି ନ ଥାଏ। ଯିଏ ବଦଳିବାର ନ ଥାଏ ତାକୁ ଯେତେ ଚେଷ୍ଟା କଲେ ମଧ୍ୟ ବଦଳାଇବା ସମ୍ଭବପର ହେଉ ନ ଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ତୁ ବଡ଼କୁ ମାଇଲୁ ଗୋଇଠା**
**ଏବେ ଗୋଡ଼ ଟେକି କରି ବଇଠା।**

ବୟସ୍କ ବ୍ୟକ୍ତି ଚିରନମସ୍ୟ। ତାଙ୍କ ପ୍ରତି ଯଥୋଚିତ ସମ୍ମାନ ପ୍ରଦର୍ଶନ କରାଯିବା ଉଚିତ୍। ଏପରି ବୟସ୍କ ବ୍ୟକ୍ତିଙ୍କୁ ଅବମାନନା କଲେ ପରିଣାମ ଅତ୍ୟନ୍ତ ବିଷମ ହୁଏ ବୋଲି ଏଠାରେ ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ରୂଢ଼ି ପ୍ରୟୋଗ - ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା:ଲିଃ:



ଶୁକ୍ରବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର।

# ଟ୍ରାନ୍ସଜେଣ୍ଡର ୱେଲ୍‌ଫେୟାର ବୋର୍ଡର ଅଧକ୍ଷ ପଦରେ ପରିବର୍ତ୍ତନ

## ମୁଖ୍ୟ ଶାସନ ସଚିବଙ୍କ ସ୍ଥାନରେ ଅଧକ୍ଷ ରହିବେ ମନ୍ତ୍ରୀ

ଭୁବନେଶ୍ୱର, ୨୪।୪(ସୁନିତ୍ ମିଶ୍ର)

ରାଜ୍ୟ ସରକାରଙ୍କ ସାମାଜିକ ସୁରକ୍ଷା ଏବଂ ଭିନ୍ନକ୍ଷମ ସଶକ୍ତୀକରଣ ବିଭାଗ ପକ୍ଷରୁ ଟ୍ରାନ୍ସଜେଣ୍ଡର ୱେଲ୍‌ଫେୟାର ବୋର୍ଡ ସମ୍ପର୍କିତ ବିଜ୍ଞପ୍ତି ପ୍ରକାଶ ପାଇଛି। ୩ୟ ଲିଙ୍ଗୀମାନଙ୍କ ବିକାଶ ଏବଂ ସୁରକ୍ଷା ଦୃଷ୍ଟିକୋଣରୁ ଏହି ବୋର୍ଡ ଗଠନ କରାଯାଇଥିବା ଦର୍ଶାଯାଇଛି। ବୋର୍ଡର ଅଧକ୍ଷ ଭାବେ ଏହି ବିଭାଗର ମନ୍ତ୍ରୀଙ୍କୁ ରଖାଯାଇଛି। ଏହାର ୨ଦିନ ପୂର୍ବରୁ ଅଧକ୍ଷ ପଦରେ ମୁଖ୍ୟ ଶାସନ ସଚିବ ରହିବେ ବୋଲି ଦର୍ଶାଯାଇଥିବା ଏକ ବିଜ୍ଞପ୍ତି ପ୍ରକାଶ ପାଇଥିଲା। ଉକ୍ତ ନିଷ୍ପତ୍ତି ଉପରେ ପୁନର୍ବିଚାରକରି ସରକାର ଅଧକ୍ଷ ପଦରେ ପରିବର୍ତ୍ତନ ଆଣିଛନ୍ତି। ଏସ୍‌ଏସ୍‌ପିଡି ବିଭାଗ ମନ୍ତ୍ରୀ ଦାୟିତ୍ୱରେ ନିତ୍ୟାନନ୍ଦ ଗଣ୍ଡ ରହିଛନ୍ତି। ସେ ବର୍ତ୍ତମାନ ଏହି ପଦ ସମ୍ଭାଳିବେ। ଏହାସହ ବୋର୍ଡରେ ପୂର୍ବଭଳି ମୋଟ୍ ୧୨ ଜଣ ରହିବେ। ଅଧକ୍ଷ ପଦକୁ ଛାଡ଼ିଦେଲେ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ ବିଭାଗର ପ୍ରମୁଖ ସଚିବ ବୋର୍ଡର ଉପାଧକ୍ଷ ରହିବେ। ଉକ୍ତ ବିଭାଗର ନିର୍ଦ୍ଦେଶକ ବୋର୍ଡର ସଦସ୍ୟ ସଚିବ ରହିବେ। ଏହି ୩ ଜଣଙ୍କୁ ବାଦ୍ ଦେଇ ଆହୁରି ୯ ଜଣ ସଦସ୍ୟ ରହିବେ। ସେଥିରେ ପୋଲିସ ଡିଜି, ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ ବିଭାଗ ଅତିରିକ୍ତ ସଚିବ, ମହିଳା ଓ ଶିଶୁ କଲ୍ୟାଣ ବିକାଶ, ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ, ପଞ୍ଚାୟତିରାଜ ଓ ପାନୀୟ ଜଳ, ଗୃହ ଓ ନଗର ଉନ୍ନୟନ, ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା, ଉଚ୍ଚଶିକ୍ଷା ଓ ସ୍କୁଲ ଓ ଗଣଶିକ୍ଷା ବିଭାଗରୁ ଜଣେ ଲେଖା ପ୍ରତିନିଧିଙ୍କୁ ସଦସ୍ୟ ରଖାଯିବ।

# ଅବଶିଷ୍ଟାଂଶ

## ଆପ୍‌କୁ ରାଘବ ଝଟକା...

ନିକଟରେ ଦାଖଲ କରିଛୁ। କେଜ୍‌ରିୱାଲଙ୍କ ନେତୃତ୍ୱାଧୀନ ଆପ୍ ଏବେ ଆଉ ଦେଶ ପାଇଁ କାମ ନ କରି ନିଜର ଲାଭ ନିମନ୍ତେ କାମ କରୁଛି। ଦଳରେ ଏଭଳି ସ୍ଥିତି ଆସିବ ବୋଲି କେବେ ଚିନ୍ତା କରି ନ ଥିଲି ବୋଲି ଅନ୍ୟତମ ଏମ୍‌ପି ସନ୍ଦୀପ ପାଠକ କହିଛନ୍ତି। ୭ ରାଜ୍ୟ ସଭା ସଦସ୍ୟ ଆପ୍ ଛାଡ଼ିବା ନେଇ ଦଳର ନେତା କେଜ୍‌ରିୱାଲ କହିଛନ୍ତି, ଭାଜପା ପୁଣିଥରେ ପଞ୍ଜାବ ଜନସାଧାରଣଙ୍କ ପ୍ରତି ବିଶ୍ୱାସଘାତ କରିଛି। ଅନ୍ୟପକ୍ଷରେ ଆପ୍ ସମ୍ପୂର୍ଣ୍ଣ ବିଶୃଙ୍ଖଳିତ ହୋଇଯିବା ସହ ଦୁର୍ନୀତିର ଆଖଡ଼ାରେ ପରିଣତ ହୋଇଥିବା ଭାଜପା କହିଛି। ଭାଜପା ରାଷ୍ଟ୍ରୀୟ ମୁଖପାତ୍ର ପ୍ରଦୀପ ଭଣ୍ଡାରୀ କହିଛନ୍ତି, ଦୁର୍ନୀତିଗ୍ରସ୍ତ ଆପ୍‌କୁ କେହି ବିଶ୍ୱାସକୁ ନେବେନାହିଁ। ଯେଉଁ ଦଳ ଆରମ୍ଭ ବେଳେ ନିଜକୁ ଏକ ଭିନ୍ନ ଦଳ ଭାବେ ଦାବିକରିଥିଲା ଏବେ ତାହା ଦୁର୍ନୀତିର ଗନ୍ତାଘରରେ ପରିଣତ ହୋଇଛି। ଆପ୍ ସମ୍ପୂର୍ଣ୍ଣ ଭାଙ୍ଗିବାକୁ ଯାଉଥିବା ଭାଜପା ଆଇଟି ବିଭାଗ ମୁଖ୍ୟ ଅମିତ ମାଲବ୍ୟ Xରେ ଲେଖିଛନ୍ତି।

## ଭୁବନେଶ୍ୱରରେ ୨୦%...

ସାଧାରଣ ଲୋକଙ୍କୁ ଆଉ ନିଜର ଦସ୍ତାବିଜ୍ ତଥା ୧୨ଟି ପ୍ରମାଣ ଖୋଜିବାକୁ ପଡ଼ିବନାହିଁ। ରାଜ୍ୟରେ ପ୍ରାୟ ୩.୩୬କୋଟି ଭୋଟରଙ୍କ ମଧ୍ୟରୁ ସିଂହଭାଗଙ୍କୁ ମାପିଙ୍ଗ୍ ହୋଇଛି। ଯେଉଁ ୪.୦୯% ଭୋଟରଙ୍କ ମାପିଙ୍ଗ୍ ହୋଇପାରି ନାହିଁ, ସେକ୍ଷେତ୍ରରେ ଇଆର୍‌ଓ ଏବଂ ବିଏଲ୍‌ଓମାନଙ୍କୁ ନେଇ ପୁନଶ୍ଚ ଯାଞ୍ଚ କରାଯିବାକୁ କୁହାଯାଇଛି। ଆବଶ୍ୟକସ୍ଥଳେ ନୋଟିସ ମଧ୍ୟ କରାଯିବ। ରାଜ୍ୟରେ ଥିବା ୩କୋଟି ୩୬ଲକ୍ଷ ୩୦ହଜାର ୬୭୦ଭୋଟରଙ୍କ ମଧ୍ୟରୁ ୩କୋଟି ୨୨ଲକ୍ଷ ୫୩ହଜାର ୯୦୮ଙ୍କ ମାପିଙ୍ଗ୍ କାର୍ଯ୍ୟ ଶେଷ ହୋଇଛି। ଏହା ଏସ୍‌ଆଇଆର୍ ବେଳେ କାର୍ଯ୍ୟକୁ ସହଜସାଧ କରିବ ବୋଲି ସିଇଓ ସୂଚନା ଦେଇଛନ୍ତି। ତଥ୍ୟ ଅନୁଯାୟୀ, ରାଜ୍ୟରେ ୩କୋଟି ୩୬ଲକ୍ଷ ୩୦ହଜାର ୬୭୦ ଭୋଟର ରହିଛନ୍ତି। ସେଥିମଧ୍ୟରୁ ୧କୋଟି ୪୯ଲକ୍ଷ ୭୮ହଜାର ୩୬୫ ଭୋଟର ନିଜ ଆଡୁ ମାପିଙ୍ଗ୍ କରିଛନ୍ତି, ଯାହା କି ୪୪.୫୪%। ରାଜ୍ୟରେ ଦେବଗଡ଼ରେ ରେକର୍ଡ ହାର ମାପିଙ୍ଗ୍ ହୋଇଥିବାବେଳେ ବୌଦ୍ଧରେ ୯୯.୦୨%, ଗଞ୍ଜାମରେ ୯୮.୧୦% ରହିଥିବାବେଳେ ଅନ୍ୟାନ୍ୟ ଜିଲାରେ ୯୩.୩୩%ରୁ ୯୭.୮୫% ମଧ୍ୟରେ ରହିଛି। ଏଥିରେ ବଂଶାବଳୀ ମାପିଙ୍ଗ୍ ୫୧.୩୭% ଅର୍ଥାତ୍ ୧କୋଟି ୭୨ଲକ୍ଷ ୭୫ହଜାର ୫୪୩ ରହିଛି।

## ୧ଡଲାର=...

ଅନ୍ତର୍ଜାତୀୟ ବଜାରରେ ଅଶୋଧିତ ତୈଳ ମୂଲ୍ୟ ଆକାଶଛୁଆଁ ହେବାରେ ଲାଗିଛି। ଶୁକ୍ରବାର ସୁଦ୍ଧା ବ୍ରେଣ୍ଟକ୍ରୁଡ୍ ମୂଲ୍ୟ ବ୍ୟାରେଲ ପିଛା ୧୦୭ ଡଲାର ଟପିଥିଲାବେଳେ ଆମେରିକୀୟ ଡଲାର ମୂଲ୍ୟ ଅନ୍ୟ ଯେକୌଣସି ମୁଦ୍ରା ତୁଳନାରେ ସଶକ୍ତ ହେବାରେ ଲାଗିଛି। ଅନ୍ୟପଟେ ଯୁଦ୍ଧ ବୁଝାମଣା ଅନିଶ୍ଚିତତାକୁ ନେଇ ବୈଶ୍ୱିକ ପୁଞ୍ଜି ବଜାର ମଧ୍ୟ ଅସ୍ଥିର ରହିଛି। ବିଶ୍ୱର ପ୍ରମୁଖ ଷ୍ଟକ୍ ଏକ୍ସଚେଞ୍ଜ ସମେତ ଭାରତୀୟ ଷ୍ଟକ୍ ବଜାର ମଧ୍ୟ ପ୍ରଭାବିତ ହୋଇଛି। ନିବେଶକମାନେ ଆଶଙ୍କିତ ରହିବା ସହିତ ବିଭିନ୍ନ କ୍ଷେତ୍ରରୁ ବିପୁଳ ପରିମାଣରେ ପୁଞ୍ଜି ପ୍ରତ୍ୟାହାର କରିନେବାରୁ ଭାରତରେ ଡଲାରର ଅଭାବ ଟଙ୍କା ମୂଲ୍ୟର ଅବମୂଲ୍ୟାୟନର ଅନ୍ୟତମ କାରଣ ପାଲଟିଛି।

ଉଲ୍ଲେଖଯୋଗ୍ୟ, ୨୦୧୧-୧୨ରେ ୟୁରୋଜୋନ୍‌ରେ ଦେଖାଯାଇଥିବା ଋଣ ସମସ୍ୟାକୁନେଇ ଗ୍ରୀସ୍,ଆୟାର୍ଲାଣ୍ଡ, ପର୍ତ୍ତୁଗାଲ,ସ୍ପେନ୍ ଏବଂ ଇଟାଲୀ ଭଳି ଅନେକ ୟୁରୋପୀୟ ଦେଶ ବିତ୍ତୀୟ ସଙ୍କଟର ସମ୍ମୁଖୀନ ହୋଇଥିଲେ। ବ୍ୟାଙ୍କ ମୁଦ୍ରାଶୂନ୍ୟ ହେବା ସହ ବହୁପ୍ରତିଷ୍ଠିତ ବ୍ୟାଙ୍କିଙ୍ଗ ସଂସ୍ଥା ସରକାରୀ ଋଣ ପରିଶୋଧ କରିବାକୁ ଅସମର୍ଥ ହୋଇଥିଲେ। ଏହାକୁ ନେଇ ଭାରତରେ ବୈଦେଶିକ ମୁଦ୍ରା ବିନିଯୋଗ ପ୍ରକ୍ରିୟା ବାଧାପ୍ରାପ୍ତ ହେବା ସହ ଚଳନ୍ତି ଜମା ମଧ୍ୟ ମାତ୍ରାଧିକ ପ୍ରଭାବିତ ହୋଇଥିଲା। ଏହି ସମୟରେ ଆମେରିକୀୟ ଡଲାର ତୁଳନାରେ ଟଙ୍କା ମୂଲ୍ୟରେ ଅନ୍ୟୁନ ୧୪ ପ୍ରତିଶତ ହ୍ରାସ ଘଟିଥିଲା। ଏହାପରେ ଏବେ ପଶ୍ଚିମ ଏସିଆ ଯୁଦ୍ଧ ଟଙ୍କାର ମୂଲ୍ୟର ସର୍ବାଧିକ ଅବମୂଲ୍ୟାୟନର କାରଣ ପାଲଟିଛି। ଫେବୃଆରୀରେ ଯୁଦ୍ଧ ଆରମ୍ଭ ହେବା ପରେ ଡଲାର ତୁଳନାରେ ଟଙ୍କା ମୂଲ୍ୟରେ ମାର୍ଚ୍ଚ ସୁଦ୍ଧା ହାରାହାରି ଭାବେ ୪ ପ୍ରତିଶତ ହ୍ରାସ ଘଟିଥିଲା। କିନ୍ତୁ ପରବର୍ତ୍ତୀ ସମୟରେ ଏଥିରେ ସୁଧାର ନ ହେବା ଏବଂ ଅବମୂଲ୍ୟାୟନ ପ୍ରକ୍ରିୟା ଜାରି ରହିବା ଯୋଗୁ ଚଳିତ ଆର୍ଥିକ ବର୍ଷରେ ଡଲାର ତୁଳନାରେ ଟଙ୍କା ମୂଲ୍ୟରେ ୧୧ ପ୍ରତିଶତ ହ୍ରାସ ଘଟିଛି।

## ସ୍ୱାମୀଙ୍କ ମୃତ୍ୟୁ ଖବର...

ରାତିରେ ଏକ ଅଟୋ ରିକ୍ସାରେ ବଲାଙ୍ଗୀରରୁ ନିଜ ଗାଁକୁ ଫେରୁଥିଲେ। ଫେରିବା ବାଟରେ ବଲାଙ୍ଗୀର-ସୋନପୁର ୫୭ ନମ୍ବର ଜାତୀୟ ରାଜପଥର ରଣ୍ଡା ଗାଁ ନିକଟରେ ସାମ୍ନା ପଟରୁ ଦ୍ରୁତଗତିରେ ଆସୁଥିବା ଏକ ଅଜଣା ଟ୍ରକ୍ ସହ ଅଟୋର ମୁହାଁମୁହିଁ ଧକ୍କା ହୋଇଥିଲା। ଫଳରେ ସେବକ ରାମ ଗୁରୁତର ଆହତ ହୋଇଥିଲେ। ସ୍ଥାନୀୟ ଲୋକେ ଓ ପୋଲିସ ତାଙ୍କୁ ଉଦ୍ଧାର କରି ଭୀମ ଭୋଇ ମେଡିକାଲ କଲେଜ ଓ ହସ୍ପିଟାଲରେ ଭର୍ତ୍ତି କରିଥିଲେ। ବିଳମ୍ବିତ ରାତିରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ସ୍ୱାମୀଙ୍କ ଦୁର୍ଘଟଣା ଖବର ପାଇ ପରିବାର ଲୋକଙ୍କ ସହ ସ୍ତ୍ରୀ ପଦ୍ମିନୀ ମଧ୍ୟ ଭୀମ ଭୋଇ ମେଡିକାଲ କଲେଜ ହସ୍ପିଟାଲକୁ ଆସିଥିଲେ। ଶୁକ୍ରବାର ସକାଳେ କେହି ଜଣେ ତାଙ୍କୁ ତାଙ୍କ ସ୍ୱାମୀଙ୍କ ମୃତ୍ୟୁ ହୋଇ ଯାଇଥିବା ସୂଚନା ଦେଇଥିଲେ। ସ୍ୱାମୀଙ୍କ ମୃତ୍ୟୁ ଖବର ସହ୍ୟ କରି ନ ପାରି ଦୁଃଖରେ ମ୍ରିୟମାଣ ହୋଇ ପଦ୍ମିନୀ ହସ୍ପିଟାଲର ପ୍ରଥମ ମହଲା ଛାତରୁ ଡେଇଁ ପଡ଼ି ଗୁରୁତର ହୋଇଥିଲେ। ତାଙ୍କୁ ହସ୍ପିଟାଲରେ ଭର୍ତ୍ତି କରାଯାଇ ଚିକିତ୍ସା ଚାଲିଥିଲା। ତେବେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଥିବା ଜଣାପଡ଼ିଛି। ଏହି ଦମ୍ପତିଙ୍କ ଦୁଇଟି ଛୋଟ ପୁଅ ଓ ଝିଅ ଅଛନ୍ତି। ପରିବାର ଲୋକେ ସ୍ୱାମୀ ଓ ସ୍ତ୍ରୀଙ୍କ ମୃତଦେହ ଗାଁକୁ ନେବା ପରେ ଗାଁରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଛି।

# ଅବଶିଷ୍ଟାଂଶ

## ୨୭ରୁ ଜୁନ୍ ...

ଜୁନ ୧୭ ପର୍ଯ୍ୟନ୍ତ ସମସ୍ତ ସରକାରୀ ଓ ବେସରକାରୀ ସ୍କୁଲ, ଅଙ୍ଗନୱାଡି କେନ୍ଦ୍ର ଏବଂ ପ୍ରଶିକ୍ଷଣ ଅନୁଷ୍ଠାନ ବନ୍ଦ ରହିବ। ପାଣିପାଗ ବିଭାଗର ଆକଳନ ଓ ଜାରି ରହିଥିବା ଗ୍ରୀଷ୍ମ ପ୍ରବାହ ସ୍ଥିତିକୁ ନେଇ ମୁଖ୍ୟମନ୍ତ୍ରୀ ସ୍ୱତନ୍ତ୍ର ରିଲିଫ୍ କମିଶନର (ଏସ୍‌ଆର୍‌ସି)ଙ୍କ ସହ ଆଲୋଚନା ପରେ ଏହି ଗ୍ରୀଷ୍ମ ଅବକାଶକୁ ଅନୁମୋଦନ କରିଥିବା ନେଇ ମନ୍ତ୍ରୀ ଗଣ୍ଡ ସୂଚନା ଦେଇଛନ୍ତି।




# ସିଏଜିଙ୍କ ଚିଠା ରିପୋର୍ଟରେ ସ୍ଥାନିତ ହେଲା ଏସ୍‌ସି, ଏସ୍‌ଟି ଜମି ବିକ୍ରି ଅନୁମତିରେ ଅନିୟମିତତା

## ସୁବର୍ଣ୍ଣପୁର, କେନ୍ଦ୍ରାପଡ଼ା ଜିଲ୍ଲା

ସୋନପୁର,୨୪।୪(ମୃତ୍ୟୁଞ୍ଜୟ ଶତପଥୀ)

ସାଧାରଣ ଓ ଅନ୍ୟବର୍ଗଙ୍କୁ ଏସ୍‌ସି, ଏସ୍‌ଟିଙ୍କ ଜମି କ୍ରୟ ପାଇଁ ଆଇନଗତ ପ୍ରତିବନ୍ଧକ ରହିଛି। ଓଡ଼ିଶା ଭୂସଂସ୍କାର ଆଇନ ଅନୁଯାୟୀ ଏସ୍‌ସି, ଏସ୍‌ଟିଙ୍କ ଜମି ବିକ୍ରି ଅନୁମତି ପ୍ରଦାନ ପାଇଁ ରାଜ୍ୟ ସରକାର ଉପଜିଲାପାଳମାନଙ୍କୁ କ୍ଷମତା ପ୍ରଦାନ କରିଛନ୍ତି। ତେବେ ରାଜ୍ୟର ପ୍ରାୟ ଜିଲାରେ ଏସ୍‌ସି, ଏସ୍‌ଟିଙ୍କ ଜମିକୁ ଚଞ୍ଚକତା କରାଯାଇ ସାଧାରଣ ଓ ଅନ୍ୟବର୍ଗଙ୍କୁ ବିକ୍ରି କରାଯାଉଛି। ଏହି ଅନିୟମିତତା ଧରିବା ପାଇଁ ଓଡ଼ିଶା ପ୍ରଧାନ ମହାଲେଖାକାର ସୁବର୍ଣ୍ଣପୁର ଓ କେନ୍ଦ୍ରାପଡ଼ା ଜିଲାରେ ସ୍ୱତନ୍ତ୍ର ଅଡିଟ୍ କରାଇଥିଲେ। ଏଥିରୁ ଜମି ବିକ୍ରୟ ପାଇଁ ଅନୁମତି ପ୍ରଦାନରେ ବ୍ୟାପକ ଅନିୟମିତତା ହୋଇଥିବା ଜଣାପଡ଼ିଛି। ରିପୋର୍ଟ ଅନୁଯାୟୀ, ସରକାରଙ୍କ ନିୟମକୁ ଜଳାଞ୍ଜଳି ଦେଇ ଅନୁସୂଚିତ ଜାତି ଓ ଜନଜାତି ବର୍ଗଙ୍କ ଜମି ସାଧାରଣ ଓ ଅନ୍ୟବର୍ଗର ଲୋକଙ୍କ ହାତକୁ ଟେକି ଦିଆଯାଇଛି। ଅଧିକାରୀଙ୍କ ମନଇଚ୍ଛା ନିଷ୍ପତ୍ତି ନେବା, କାଗଜପତ୍ର ଯାଞ୍ଚରେ ଅବହେଳା, ଏସ୍‌ସି, ଏସ୍‌ଟି ବର୍ଗଙ୍କ ଜମି ମାଲିକାନା ସୁରକ୍ଷାକୁ ଉଭୟ ଜିଲାରେ ଉପେକ୍ଷା କରାଯାଇଛି। ପ୍ରଧାନ ମହାଲେଖାକାର ଏହାର ଗୁରୁତ୍ୱକୁ ଉପଲବ୍ଧିକରି ରିପୋର୍ଟକୁ ସିଏଜି ଚିଠା ରିପୋର୍ଟରେ ସ୍ଥାନିତ କରିବା ପାଇଁ ସୁପାରିସ କରିଥିଲେ। ଉକ୍ତ ରିପୋର୍ଟ ଏବେ ସିଏଜିଙ୍କ ଚିଠା ରିପୋର୍ଟରେ ସ୍ଥାନ ପାଇଛି। ସରକାର ଏ କ୍ଷେତ୍ରରେ ଦୋଷୀ ଅଧିକାରୀଙ୍କ ବିରୋଧରେ କି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁଛନ୍ତି ତାହାକୁ ଜିଲାବାସୀ ଅପେକ୍ଷା କରି ରହିଛନ୍ତି। ଏ ସମ୍ପର୍କରେ ଧରିତ୍ରୀରେ ପୂର୍ବରୁ ଖବର ପ୍ରକାଶ ପାଇଥିଲା।

ସିଏଜିଙ୍କ ଚିଠା ରିପୋର୍ଟ ଅନୁସାରେ, ୨୦୧୮ରୁ ୨୦୨୩ ମସିହା ମଧ୍ୟରେ ସୁବର୍ଣ୍ଣପୁର ଜିଲାର ସୋନପୁର, ବୀରମହାରାଜପୁର ଓ କେନ୍ଦ୍ରାପଡ଼ା ଉପଜିଲାପାଳମାନେ ସରକାରୀ ନିୟମକୁ ଉଲ୍ଲଂଘନକରି ଅନୁସୂଚିତ ଜାତି ଓ ଅନୁସୂଚିତ ଜନଜାତି ବର୍ଗଙ୍କ ୬୬୧.୦୭୩ ଏକର ଜମିକୁ ୧୨୮୭ଟି ମାମଲାରେ ସାଧାରଣ ବର୍ଗର ଲୋକଙ୍କୁ ବିକ୍ରି ପାଇଁ ଅନୁମତି ଦେଇଥିଲେ। ସେଥିମଧ୍ୟରୁ ୫୫୭.୨୫୬ ଏକର ଜମି ଏସ୍‌ସି ବର୍ଗର ଲୋକଙ୍କର ଓ ୧୦୪.୮୦୮ ଏକର ଜମି ଏସ୍‌ଟି ପରିବାରର ଥିଲା। ସେଥିରୁ ୫୨୮ଟି ମାମଲାର ଅଡିଟ୍ କରାଯାଇଥିଲା। ଅନୁଧ୍ୟାନ ପରେ ୩୩୫ଟି ମାମଲାରେ ଗୁରୁତର ତ୍ରୁଟି ଥାଇ ୩୭୮ ଏକର ଜମି ବିକ୍ରି ପାଇଁ ଅନୁମତି ଦିଆଯାଇଥିବା ଜଣାପଡ଼ିଛି। ଚିକିତ୍ସା, ବିବାହ ଖର୍ଚ୍ଚ, ଉଚ୍ଚଶିକ୍ଷା, ଋଣ ପରିଶୋଧ, ବାସଗୃହ ନିର୍ମାଣ, ଜମି କ୍ରୟ, ବ୍ୟବସାୟିକ ଆବଶ୍ୟକତା ଆଧାରରେ ଜମି ବିକ୍ରି ପାଇଁ ଆବେଦନ କରାଯାଇଥିଲା। ବିଧିବଦ୍ଧ କାଗଜପତ୍ର ଓ ପ୍ରମାଣ ଯାଞ୍ଚ ନ କରି ଅଧିକାରୀମାନେ ବିକ୍ରି ପାଇଁ ଅନୁମତି ପ୍ରଦାନ କରିଥିଲେ। ରାଜ୍ୟରେ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା ଭଳି ସ୍ୱାସ୍ଥ୍ୟସେବା ସହାୟତା ବ୍ୟବସ୍ଥା ଥିବାବେଳେ କେବଳ ଚିକିତ୍ସା ବାହାନାରେ ୧୧୧ଟି ମାମଲାରେ ୧୨୦ ଏକର ଜମି ବିକ୍ରି ହୋଇଥିଲା। ସେଥିରୁ ୧୦୨ ଏକର ଜମି ବିକ୍ରି ପାଇଁ ଉଦ୍ଦିଷ୍ଟ ୮୬ ମାମଲାରେ ଚିକିତ୍ସା ସମ୍ପର୍କିତ କୌଣସି ପ୍ରମାଣ ଦାଖଲ ହୋଇ ନ ଥିଲା। ୨୫ ମାମଲାରେ ମାତ୍ର ଓପିଡି ରସିଦ ଓ ପରୀକ୍ଷାଗାର ରିପୋର୍ଟ ଆଧାରରେ ଜମି ବିକ୍ରି ପାଇଁ ଅନୁମତି ଦିଆଯାଇଥିଲା। ଅନ୍ୟ ୯୧ଟି ମାମଲାରେ ଋଣ ପରିଶୋଧ ପାଇଁ ୯୭ ଏକର ଜମି ବିକ୍ରି ଲାଗି ଅନୁମତି ଦିଆଯାଇଥିଲା ବେଳେ ଏ ସମ୍ପର୍କିତ କାଗଜପତ୍ରରେ ଋଣ ପରିମାଣ, ଋଣ ଆଣିବାର କାରଣ ଏବଂ କେତେ ଟଙ୍କା ବକେୟା ଅଛି ତାହା ଦର୍ଶାଯାଇ ନ ଥିଲା। ଅନେକ ମାମଲାରେ ଯୁଗ୍ମ ମାଲିକାନାରେ ଥିବା ଜମିକୁ ମଧ୍ୟ ବିକ୍ରିପାଇଁ ଅଧିକାରୀମାନେ ଅନୁମତି ଦେଇଥିଲେ। ଏହା ବ୍ୟତୀତ ବହୁ ମାମଲାରେ ଜମି ବିକ୍ରି ପାଇଁ ଦର୍ଶାଯାଇଥିବା କାରଣ ସମ୍ପର୍କିତ କାଗଜପତ୍ର ଦାଖଲ କରାଯାଇନାହିଁ କିମ୍ବା ଅଧିକାରୀମାନେ ତାହା ଦାଖଲ କରିବାକୁ କହିନାହାନ୍ତି। ଏପରି ଅନିୟମିତତାର ସନ୍ଦେହ କରି ୨୯ଟି ମାମଲାରେ ତହସିଲଦାର ଓ ଅତିରିକ୍ତ ଜିଲା ମଙ୍ଗଳ ଅଧିକାରୀଙ୍କ ପ୍ରତିବାଦ ସତ୍ତ୍ୱେ ସମ୍ପୃକ୍ତ ଉପଜିଲାପାଳମାନେ ଜମି ବିକ୍ରି ପାଇଁ ଅନୁମତି ଦେଇଥିଲେ ବୋଲି ସିଏଜି ନିଜ ଚିଠା ରିପୋର୍ଟରେ ଦର୍ଶାଇଛନ୍ତି। ୧୯୯୮ ଜୁଲାଇରେ ଉତ୍ତରାଞ୍ଚଳ ରାଜସ୍ୱ କମିଶନର ଏକ ନିର୍ଦ୍ଦେଶନାମା ଜାରି କରିଥିଲେ ଯେ, ବିବାହ ଉଦ୍ଦେଶ୍ୟରେ ଜମି ବିକ୍ରୟ ପାଇଁ ଅନୁମତି ଦିଆଯିବା ଉଚିତ ନୁହେଁ। କିନ୍ତୁ ଏହି ନିର୍ଦ୍ଦେଶକୁ ଅଣଦେଖା କରି ଅଧିକାରୀମାନେ ବିକ୍ରି ପାଇଁ ଅନୁମତି ପ୍ରଦାନ କରିଥିଲେ। ଏପରିକି ପରିବାର ପାଖରେ ସର୍ବନିମ୍ନ ଆବଶ୍ୟକ ଜମିଠାରୁ କମ୍ ରଖିବା ସତ୍ତ୍ୱେ ବି ବିକ୍ରି କରିବାକୁ ଅନୁମତି ଦିଆଯାଇଥିଲା। କେନ୍ଦ୍ରାପଡ଼ାରେ ନିରଞ୍ଜନ ବେହେରା ଉପଜିଲାପାଳ ଥିବାବେଳେ ସର୍ବାଧିକ ୬୫ଟି ମାମଲାରେ ୫୨ ଏକରରୁ ଊର୍ଦ୍ଧ୍ୱ ଏସ୍‌ସି, ଏସ୍‌ଟି ଜମି ବିକ୍ରି ପାଇଁ ଅନୁମତି ଦିଆଯାଇଛି। ସୁବର୍ଣ୍ଣପୁର ଜିଲା ବୀରମହାରାଜପୁରରେ ଗୋପୀନାଥ ସାରକା, ସୁବ୍ରତ କୁମାର ବେହେରା, ଅଶୋକ କୁମାର ଭୋଇ ଏବଂ ସୋନପୁରରେ ବଳରାମ ମଲ୍ଲିକ, ନୀହାର ରଞ୍ଜନ କହଁର ଓ ଡ. ଈପ୍‌ସିତା ପ୍ରିୟଦର୍ଶିନୀ ମିଶ୍ର ସେହି ସମୟରେ ଉପଜିଲାପାଳ ଥିଲେ। ତେବେ ବୀରମହାରାଜପୁରରେ ଅଶୋକ ଓ ସୋନପୁରରେ ବଳରାମ ଏବଂ ଈପ୍‌ସିତାଙ୍କ ସମୟରେ ସର୍ବାଧିକ ଜମି ବିକ୍ରି ପାଇଁ ଅନୁମତି ମିଳିଥିବା ଅଡିଟ୍ ରିପୋର୍ଟରେ ଦର୍ଶାଯାଇଛି।

# ଗ୍ରାମାଞ୍ଚଳକୁ ବିକାଶ, ସେବା ପହଞ୍ଚାଇବା ପ୍ରାଥମିକତା: ମୁଖ୍ୟମନ୍ତ୍ରୀ

## ରାଜ୍ୟସ୍ତରୀୟ ଜାତୀୟ ପଞ୍ଚାୟତିରାଜ ଦିବସ ସମାରୋହ

ବଲାଙ୍ଗୀର,୨୪।୪(ବୀରେନ୍ଦ୍ର କୁମାର ଝାଙ୍କର)

ବଲାଙ୍ଗୀର ଗାନ୍ଧୀ ଷ୍ଟାଡିୟମଠାରେ ଶୁକ୍ରବାର ରାଜ୍ୟସ୍ତରୀୟ ଜାତୀୟ ପଞ୍ଚାୟତିରାଜ ଦିବସ ସମାରୋହ ପାଳନ କରାଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଯୋଗଦେଇ ବଲାଙ୍ଗୀରବାସୀଙ୍କ ପାଇଁ ୫୮୦କୋଟି ଟଙ୍କାର ୩୦୪ଟି ପ୍ରକଳ୍ପ ଉଦ୍‌ଘାଟନ ଏବଂ ଶିଳାନ୍ୟାସ କରିଥିଲେ। ମୁଖ୍ୟମନ୍ତ୍ରୀ କହିଥିଲେ, ଗ୍ରାମାଞ୍ଚଳରେ ଗ୍ରାମ ସ୍ୱରାଜ କିଭଳି ଆସିପାରିବ ତାକୁ ଗୁରୁତ୍ୱ ଦିଆଯାଉଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ବିକଶିତ ଭାରତର ଯେଉଁ କଥା କହୁଛନ୍ତି ସେଥିରେ ଗାଁକୁ ପ୍ରାଧାନ୍ୟ ଦିଆଯାଇଛି। ଗାଁର ଯେଉଁ ମୌଳିକ ସମସ୍ୟା ସମାଧାନ ନ ହୋଇ ଗତ ୭୦ ବର୍ଷ ହେଲା ପଡିରହିଛି ତାକୁ ପୂରଣ ଦିଗରେ ମିଶନ୍ ମୋଡ୍‌ରେ କାର୍ଯ୍ୟ କରିବା ପାଇଁ ପ୍ରଧାନମନ୍ତ୍ରୀ ଗୁରୁତ୍ୱାରୋପ କରିଛନ୍ତି। ଓଡ଼ିଶା ସରକାର ମଧ୍ୟ ମିଶନ ପାୱାର ମୋଡ୍‌ରେ କାମ କରିବାକୁ ନିଷ୍ପତ୍ତି ନେଇଛନ୍ତି । ମିଶନ୍ ପାୱାରର ଅର୍ଥ ହେଲା ବିଜୁଳି, ରାସ୍ତା ଓ ପାନୀୟ ଜଳ ଯୋଗାଇବାକୁ ସମୟ ଧାର୍ଯ୍ୟ କରାଯାଇଛି। ଆସନ୍ତା ୨୦୨୭ ମାର୍ଚ୍ଚ ୩୧ ସୁଦ୍ଧା ରାଜ୍ୟର ସବୁ ଗାଁକୁ ବିଜୁଳି, ପାନୀୟ ଜଳ ଓ ରାସ୍ତା ସୁବିଧା କିଭଳି ପହଞ୍ଚିପାରିବ ସେନେଇ କାମ ଆରମ୍ଭ ହୋଇଛି। ଏହାଛଡ଼ା ସମସ୍ତଙ୍କୁ କିଭଳି ପକ୍କାଘର ଦିଆଯିବ, ରାଶନ କାର୍ଡ ପହଞ୍ଚାଇ ଦିଆଯିବ, ଏଥିପାଇଁ ପଞ୍ଚାୟତ ସ୍ତରରୁ ସମସ୍ତ କାମ ଆରମ୍ଭ ହେବ। ସେଥିପାଇଁ ରାଜ୍ୟ ସରକାରଙ୍କ ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗର ବଜେଟ ହୋଇଛି ୩୪ ହଜାର କୋଟି ଟଙ୍କା। ଏହା ଏକ ରେକର୍ଡ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ। ତ୍ରିସ୍ତରୀୟ ପ୍ରତିନିଧି ବ୍ୟବସ୍ଥାରେ ପ୍ରଶାସନକୁ ସଚଳ କରି ଗ୍ରାମାଞ୍ଚଳ ଲୋକଙ୍କୁ ବିକାଶ ଓ ସେବା ଯୋଗାଇବାକୁ ସରକାର ପ୍ରାଥମିକତା ଦେଉଛନ୍ତି। ବିଶେଷକରି ଅନୁସୂଚିତ ଜନଜାତି ଅଞ୍ଚଳରେ ଯେଉଁମାନଙ୍କ ନିକଟରେ ଘର, ପାଣି ପହଞ୍ଚି ପାରୁନାହିଁ କି ଅଙ୍ଗନୱାଡି ନାହିଁ, ସେଭଳି ଅଞ୍ଚଳରେ ପିଏମ୍ ଜନମନ ଯୋଜନାରେ ଲୋକଙ୍କୁ ସେବା ଯୋଗାଇ ଦିଆଯିବ ବୋଲି ସେ କହିଥିଲେ।

ଏହି ଅବସରରେ ବିକଶିତ ଗ୍ରାମ ବିକଶିତ ଭାରତକୁ ସାକାର ଦିଗରେ ତାଙ୍କ ସରକାର କାମ କରୁଥିବା ମୁଖ୍ୟମନ୍ତ୍ରୀ କହିଥିଲେ। ଓଡ଼ିଶା ସରକାର ଏହାକୁ ମିଶନ ମୋଡ୍‌ରେ କାର୍ଯ୍ୟକାରୀ କରିବାକୁ ଯାଉଛନ୍ତି। ବଲାଙ୍ଗୀରରେ ଆଗାମୀ ଦିନରେ କେନ୍ଦ୍ର ସରକାରଙ୍କ ଜରିଆରେ ଇଣ୍ଡିଆନ୍ ପଟାସ ଲିମିଟେଡ୍ ପକ୍ଷରୁ ଏକ ଚିନିକଳ ପ୍ରତିଷ୍ଠା କରାଯିବ। ଏହାସହିତ ବଲାଙ୍ଗୀରରେ କିଛିଦିନ ତଳେ ଶ୍ରୀଅମ୍ବିକା ଟେକ୍ସଟାଇଲ୍ସ ୟୁନିଟ୍ ପ୍ରତିଷ୍ଠା କରାଯିବାକୁ ମଞ୍ଜୁରୀ ଦିଆଯାଇଛି। ବଲାଙ୍ଗୀରରେ ଏକ କୃଷି ମହାବିଦ୍ୟାଳୟ, ସରକାରୀ ଇଞ୍ଜିନିୟରିଂ କଲେଜ ପ୍ରତିଷ୍ଠା କରାଯିବାକୁ ସରକାର ଅନୁମୋଦନ କରିଥିବା ମୁଖ୍ୟମନ୍ତ୍ରୀ ସୂଚନା ଦେଇଥିଲେ। କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବେ ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂଦେଓ, ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ମନ୍ତ୍ରୀ ଡ. ମୁକେଶ ମହାଲିଙ୍ଗ, ପଞ୍ଚାୟତିରାଜ ବିଭାଗ ମନ୍ତ୍ରୀ ରବିନାରାୟଣ ନାଏକ ଯୋଗଦାନ କରି ଅଭିଭାଷଣ ରଖିଥିଲେ। ଅନ୍ୟ ଅତିଥି ଭାବେ ଟିଟିଲାଗଡ଼ ବିଧାୟକ ନବୀନ ଜୈନ, କଣ୍ଟାବାଞ୍ଜି ବିଧାୟକ ଲକ୍ଷ୍ମଣ ବାଗ୍, ଜିଲା ପରିଷଦ ସଭାପତି ଦେବକୀ ସାହୁ ମଞ୍ଚାସୀନ ଥିଲେ। ପ୍ରାରମ୍ଭରେ ପଞ୍ଚାୟତିରାଜ ବିଭାଗ ସଚିବ ଗିରିଶ ଏସ୍‌ଏନ୍ ସ୍ୱାଗତ ଭାଷଣ ଦେଇଥିଲେ। ଏହି ଅବସରରେ ମୁଖ୍ୟମନ୍ତ୍ରୀ ବିଭିନ୍ନ ଲୋକାଭିମୁଖୀ ପ୍ରକଳ୍ପଗୁଡ଼ିକର ଉଦ୍‌ଘାଟନ ଓ ଶିଳାନ୍ୟାସ କରିଥିଲେ। ଏହି କାର୍ଯ୍ୟକ୍ରମରେ ରାଜ୍ୟସ୍ତରୀୟ ପଞ୍ଚାୟତ ପୁରସ୍କାର ପ୍ରଦାନ କରାଯାଇଥିଲା। କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ଅନ୍ତ୍ୟୋଦୟ ଗୃହ ଯୋଜନାର ହିତାଧିକାରୀମାନଙ୍କୁ କାର୍ଯ୍ୟାଦେଶ ବଣ୍ଟନ କରିଥିଲେ। ନିର୍ବାଚିତ ପଞ୍ଚାୟତିରାଜ ପ୍ରତିନିଧି, ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟା, ସ୍ୱେଚ୍ଛାସେବୀ ଅନୁଷ୍ଠାନର ପ୍ରତିନିଧି ଉପସ୍ଥିତ ଥିଲେ। ଶେଷରେ ଜିଲାପାଳ ଗୌରବ ଶିବାଜୀ ଇସଲୱାର ଧନ୍ୟବାଦ ଅର୍ପଣ କରିଥିଲେ।

## ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ କୁଳପତି ନିଯୁକ୍ତି ପାଇଁ ବିଜ୍ଞପ୍ତି

ଭୁବନେଶ୍ୱର,୨୪।୪(ସୁସ୍ମିତା ସାହୁ)

ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ କୁଳପତି ନିଯୁକ୍ତି ପାଇଁ ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି। ଏହି ପଦବୀ ପାଇଁ ଆଶାୟୀ ପ୍ରାର୍ଥୀଙ୍କର ବିଶ୍ୱବିଦ୍ୟାଳୟରେ ଅତିକମ୍‌ରେ ୧୦ ବର୍ଷର ପ୍ରାଧ୍ୟାପକ ଅଭିଜ୍ଞତା ଥିବା ବା ପ୍ରତିଷ୍ଠିତ ଗବେଷଣା ସଂସ୍ଥା ଓ ଶିକ୍ଷାନୁଷ୍ଠାନରେ ୧୦ ବର୍ଷ ଅଭିଜ୍ଞତା ଥିବା ଆବଶ୍ୟକ। ଆବେଦନକାରୀମାନେ ଉଭୟ ଅଫଲାଇନ୍ ଓ ଅନ୍‌ଲାଇନ୍‌ରେ ଆବେଦନ କରିପାରିବେ। ମେଲ୍ ଓ ହିମସ୍ ଅନ୍‌ଲାଇନ ପୋର୍ଟାଲ୍‌ରେ ମେ ୨୪ ମଧ୍ୟରାତ୍ରି ପର୍ଯ୍ୟନ୍ତ ଏବଂ ପୋଷ୍ଟାଲ୍ ମାଧ୍ୟମରେ ୨୯ ତାରିଖ ମଧ୍ୟରେ ଆବେଦନ କରିବେ। ଏହାପରେ କୌଣସି ଆବେଦନ ଗ୍ରହଣୀୟ ହେବନାହିଁ ବୋଲି ବିଭାଗ ପକ୍ଷରୁ ସ୍ପଷ୍ଟ କରାଯାଇଛି। ୨୦୨୬ ମସିହା ଅଗଷ୍ଟ ୭ ସୁଦ୍ଧା ଆବେଦନକାରୀଙ୍କ ବୟସ ସୀମା ୬୬ ବର୍ଷରୁ କମ୍ ହୋଇଥିବା ଆବଶ୍ୟକ। ସମସ୍ତ ଆବେଦନକାରୀଙ୍କୁ ଶର୍ଟଲିଷ୍ଟ କରିବା ପରେ ତିନି ଜଣିଆ କମିଟି ସମ୍ମୁଖରେ ସାକ୍ଷାତକାର ପାଇଁ ଡକାଯିବ ବୋଲି ବିଜ୍ଞପ୍ତିରେ ଉଲ୍ଲେଖ କରାଯାଇଛି।

# ୪୪.୮ ଡିଗ୍ରୀ ଛୁଇଁଲା ଝାରସୁଗୁଡ଼ା

## ୨୬ରୁ ପାଗ ବଦଳାଇବ କାଳବୈଶାଖୀ

## ୨୮ ତାରିଖ ଯାଏ ମତ୍ସ୍ୟଜୀବୀଙ୍କୁ ସମୁଦ୍ର ମନା

ଭୁବନେଶ୍ୱର,୨୪।୪(ବନ୍ଦନା ସେଠୀ)

ରାଜ୍ୟରେ ଗ୍ରୀଷ୍ମ ପ୍ରବାହ ଜାରି ରହିଥିବାବେଳେ ଅସହ୍ୟ ଗରମ ଓ ଗୁଳୁଗୁଳିରେ ଲୋକେ ଛଟପଟ ହେଉଛନ୍ତି। ପାରଦ ଉପରମୁହାଁ ହେବା ସହ ୪୫ ଡିଗ୍ରୀର ନିକଟତର ହୋଇଛି। ଝାରସୁଗୁଡ଼ା ଲଗାତର ୩ଦିନ ହେବ ରାଜ୍ୟର ସବୁଠୁ ଉତ୍ତପ୍ତ ସହର ପାଲଟିଥିବାବେଳେ ଶୁକ୍ରବାର ମଧ୍ୟ ଏଠାରେ ପାରଦ ସର୍ବାଧିକ ୪୪.୮ ଡିଗ୍ରୀ ଛୁଇଁଛି। ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ରର ସୂଚନାନୁସାରେ, ୧୮ ସହରର ତାପମାତ୍ରା ୪୦ ଡିଗ୍ରୀ ଓ ତା'ଠାରୁ ଅଧିକ ରହିଥିଲା। ଝାରସୁଗୁଡ଼ାରେ ସର୍ବୋଚ୍ଚ ତାପମାତ୍ରା ରେକର୍ଡ କରାଯାଇଥିବାବେଳେ ଏହାତଳକୁ ଟିଟିଲାଗଡ଼ରେ ୪୪ ଡିଗ୍ରୀ, ସମ୍ବଲପୁର ୪୩.୬, ଅନୁଗୋଳ ୪୩.୧, ବଲାଙ୍ଗୀର ୪୩, ସୋନପୁର ୪୨.୮, ରାଉରକେଲା, ସୁନ୍ଦରଗଡ଼, ନୂଆପଡ଼ା ଏବଂ ଭବାନୀପାଟଣା ୪୨.୬, ତାଳଚେର ୪୨.୫, ପାରଳାଖେମୁଣ୍ଡି ୪୨, ବୌଦ୍ଧ ୪୧.୮, ବରଗଡ଼ ୪୧.୭, ଢେଙ୍କାନାଳ ୪୧.୫, ଫୁଲବାଣୀ ୪୦.୮ ଏବଂ ଖୋର୍ଦ୍ଧାରେ ତାପମାତ୍ରା ୪୦ ଡିଗ୍ରୀ ରହିଥିଲା। ଆଗାମୀ ୨ଦିନ ପର୍ଯ୍ୟନ୍ତ ରାଜ୍ୟରେ ଏଭଳି ସ୍ଥିତି ଜାରି ରହିବ। ୨୬ ତାରିଖରୁ ପାଗ ବଦଳାଇବ କାଳବୈଶାଖୀ। ବର୍ଷା ଓ ପବନ ଯୋଗୁ ପ୍ରାୟ ୨ରୁ ୪ ଡିଗ୍ରୀ ପର୍ଯ୍ୟନ୍ତ ତାପମାତ୍ରା ହ୍ରାସ ପାଇବ ବୋଲି ପାଣିପାଗ କେନ୍ଦ୍ର ପୂର୍ବାନୁମାନ କରିଛି। ତେବେ ଶନିବାର କେନ୍ଦୁଝର, ମୟୂରଭଞ୍ଜ, ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡ଼ା, କଟକ, ଜଗତ୍‌ସିଂହପୁର, ନୟାଗଡ଼, ଖୋର୍ଦ୍ଧା, ପୁରୀ, ଗଞ୍ଜାମ ଏବଂ ଗଜପତି ଜିଲାକୁ ପ୍ରବଳ ଗରମ ଓ ଗୁଳୁଗୁଳି ନେଇ ୟେଲୋ ୱାର୍ନିଂ ଜାରି କରାଯାଇଛି। ଏଥିସହ ୨୬ରୁ ୨୮ ପର୍ଯ୍ୟନ୍ତ ମତ୍ସ୍ୟଜୀବୀଙ୍କୁ ସମୁଦ୍ର ମଧ୍ୟକୁ ନ ଯିବାକୁ ବାରଣ କରାଯାଇଛି।

## ଆଜି ବିଶ୍ୱ ମ୍ୟାଲେରିଆ ଦିବସ

# ମ୍ୟାଲେରିଆର ଅନ୍ତ କରିପାରିବା

ଦିନ ଥିଲା ମ୍ୟାଲେରିଆରେ ପ୍ରତିବର୍ଷ ହଜାର ହଜାର ଆକ୍ରାନ୍ତ ହୋଇ ଚିକିତ୍ସା ପାଇଁ ଆସୁଥିଲେ। ଏବେ ଏହି ପରିମାଣ ବହୁତ କମିଯାଇଛି। ଏ ଦିଗରେ ଆମ ରାଜ୍ୟ 'ଦମନ' ନାମକ କାର୍ଯ୍ୟକ୍ରମ (ଦୁର୍ଗମ ଅଞ୍ଚଳରେ ମ୍ୟାଲେରିଆ ନିରାକରଣ) ହାତକୁ ନେଇ ସାରା ଦେଶ ଓ ବିଶ୍ୱରେ ସମ୍ପୂର୍ଣ୍ଣ ମ୍ୟାଲେରିଆ ନିରାକରଣ ପାଇଁ ପଥ ଦେଖାଇଛନ୍ତି। ସାଧାରଣତଃ ମ୍ୟାଲେରିଆ ମାଈ ଏନୋଫିଲିସ ମଶା କାମୁଡିବା ଦ୍ୱାରା ଜଣେ ରୋଗୀଠାରୁ ସୁସ୍ଥ ଲୋକକୁ ବ୍ୟାପିଥାଏ। ଏହା ସିଧାସଳଖ ଜଣଙ୍କ ଠାରୁ ଅନ୍ୟ ଜଣଙ୍କୁ ହୁଏ ନାହିଁ। ସଂକ୍ରମିତ ମଶା ଏହାର ବାହକ। ଏଲ୍‌ଏଲ୍‌ଆଇଏନ୍ ମଶାରି, ଯାହାକି କିଛି ବର୍ଷ ପୂର୍ବେ



ଆମ ରାଜ୍ୟରେ ୨.୨ କୋଟି ସଂଖ୍ୟାରେ ବିତରଣ କରାଯାଇଛି, ତାହା ମ୍ୟାଲେରିଆ ନିରାକରଣରେ ଅଭୂତପୂର୍ବ ସଫଳତା ଆଣିଦେଇଛି। ଆଜି ପର୍ଯ୍ୟନ୍ତ ୪୭ଟି ଦେଶ ମ୍ୟାଲେରିଆମୁକ୍ତ ପ୍ରମାଣ ପାଇଛନ୍ତି। ତା'ସହ ୩୭ଟି ଦେଶରେ ୨୦୨୪ରେ ବର୍ଷକୁ ମାତ୍ର ୧୦୦୦ରୁ କମ ଜଣଙ୍କୁ ମ୍ୟାଲେରିଆ ହେବାର ଜଣାପଡିଛି। ଏହାସତ୍ତ୍ୱେ ମଧ୍ୟ ବିଶ୍ୱରେ ୨୦୨୪ରେ ୨୮.୨ କୋଟି ମ୍ୟାଲେରିଆ ରୋଗୀ ଏବଂ ୬ଲକ୍ଷ ୧୦ହଜାର ମ୍ୟାଲେରିଆଜନିତ ମୃତ୍ୟୁ ଘଟିଛି।

ପ୍ରତିବର୍ଷ ଏପ୍ରିଲ ୨୫ ତାରିଖକୁ ବିଶ୍ୱ ମ୍ୟାଲେରିଆ ଦିବସ ଭାବରେ ପାଳନ କରାଯାଇଆସୁଅଛି। ୨୦୨୫ରେ ଏହି ଦିବସର ବାର୍ତ୍ତା ଥିଲା – 'ପୁନର୍ବିନିଯୋଗ କର, ପୁନର୍ଚିନ୍ତନ କର ଓ ପୁନର୍ବାର ପ୍ରଜ୍ୱଳିତ କର'। ଏହାଠାରୁ ପାଦେ ଆଗକୁ ଯାଇ ଚଳିତ ବର୍ଷର ବାର୍ତ୍ତା ରହିଛି–'ମ୍ୟାଲେରିଆର ଅନ୍ତ ପାଇଁ ପ୍ରଚୋଦିତ/ଉତ୍ସାହିତ, ବର୍ତ୍ତମାନ ଆମେ ପାରିବା ଓ ବର୍ତ୍ତମାନ ଆମେ ନିଶ୍ଚିତ ଭାବେ ପାରିବା।'

– ଡା.ରାମଚନ୍ଦ୍ର ରାଉତ, ମୋ: ୮୨୪୯୦୮୭୯୯୫

## ବିଶ୍ୱ ପ୍ରାଣୀ ଚିକିତ୍ସା ଦିବସ

# ପ୍ରାଣୀ ଚିକିତ୍ସକ: ଖାଦ୍ୟ ଓ ସ୍ୱାସ୍ଥ୍ୟର ଅଭିଭାବକ

ମଣିଷର ଜୀବନ ଧାରଣରେ ପ୍ରାଣିସମ୍ପଦର ଗୁରୁତ୍ୱକୁ ଉପଲବ୍ଧିକରି ୨୦୦୧ ମସିହାରୁ ପାଳିତ ହୋଇଆସୁଅଛି 'ବିଶ୍ୱ ପ୍ରାଣୀ ଚିକିତ୍ସା ଦିବସ'। ପ୍ରତିବର୍ଷ ଏପ୍ରିଲ ମାସର ଶେଷ ଶନିବାର ବିଶ୍ୱର ପ୍ରାଣୀ ଚିକିତ୍ସା ଅନୁଷ୍ଠାନ ଏବଂ ସମାଜ ପ୍ରଗତିରେ ପ୍ରାଣୀଙ୍କ ଅବଦାନ ସହ ପ୍ରାଣୀ ଚିକିତ୍ସକଙ୍କ ଭୂମିକା ଉପରେ ବ୍ୟାପକ ଜନ ସଚେତନତା ସୃଷ୍ଟି ଲକ୍ଷ୍ୟ ନେଇ ଏହି ଦିବସ ପାଳନ ହୋଇଆସୁଅଛି। ଏହି ଦିବସ ପାଳନର ମୁଖ୍ୟ ଉଦ୍ଦେଶ୍ୟ ହେଲା– ସାରା ବିଶ୍ୱରେ ପ୍ରାଣୀ ଚିକିତ୍ସକଙ୍କ ଦ୍ୱାରା କରାଯାଉଥିବା ପ୍ରାଣିସମ୍ପଦ ବିକାଶ ଭିତ୍ତିକ ବହୁମୁଖୀ କାର୍ଯ୍ୟକ୍ରମଗୁଡ଼ିକୁ ଆଲୋକପାତ ସହ ପ୍ରୋତ୍ସାହିତ କରିବା। ଏଥିସହ ଜନସ୍ୱାସ୍ଥ୍ୟ ଏବଂ ପ୍ରାଣୀ ସ୍ୱାସ୍ଥ୍ୟସେବା ସହ ଜୀବ କଲ୍ୟାଣର ଉନ୍ନତି ଆଣିବାରେ ପ୍ରାଣୀ ଚିକିତ୍ସକଙ୍କର ଭୂମିକା ନେଇ ଜନ ସଚେତନତା ସୃଷ୍ଟିକରିବା। ବିଶ୍ୱ ପ୍ରାଣୀ ଚିକିତ୍ସା ସଂଘ ଏବଂ ପ୍ରାଣୀ ସ୍ୱାସ୍ଥ୍ୟ ପାଇଁ ବିଶ୍ୱ ସଂଗଠନ ବା ଓଆଇଇର ମିଳିତ ଆନୁକୂଲ୍ୟରେ ଚଳିତ ବର୍ଷ ପ୍ରାଣୀ




ଚିକିତ୍ସା ଦିବସ ଲାଗି ନିର୍ଦ୍ଧାରିତ ମୁଖ୍ୟ ବାର୍ତ୍ତା ହେଲା– 'ପ୍ରାଣୀ ଚିକିତ୍ସକ: ଖାଦ୍ୟ ଓ ସ୍ୱାସ୍ଥ୍ୟର ଅଭିଭାବକ'।

ଉଭୟ ପ୍ରାଣୀ ଓ ମନୁଷ୍ୟର ସ୍ୱାସ୍ଥ୍ୟ ରକ୍ଷା ସହ ସୁସ୍ଥ ପରିବେଶ ସୃଷ୍ଟି ନେଇ ପ୍ରାଣୀ ଚିକିତ୍ସକଙ୍କ ଭୂମିକା ଅତୁଳନୀୟ। ପ୍ରାଣୀ ଚିକିତ୍ସକମାନେ କଥା କହି ପାରୁ ନ ଥିବା ପ୍ରାଣୀକୁ ନିଜର ଅଧ୍ୟବସାୟ ବଳରେ ଚିକିତ୍ସା ସେବା ଯୋଗାଇଦେବା ସହ ଆମ ସ୍ୱାସ୍ଥ୍ୟ ବର୍ଦ୍ଧକ ପ୍ରାଣିଜ ପୁଷ୍ଟିସାର ଯଥା ଦୁଗ୍ଧ, ମାଂସ ଓ ଅଣ୍ଡା ଉତ୍ପାଦନ ବୃଦ୍ଧି ନିମନ୍ତେ ବିଭିନ୍ନ ପ୍ରାଣୀ ପାଳନ ଯଥା ଗୋପାଳନ, ଛେଳି, ମେଣ୍ଢା, ଘୁଷୁରି ତଥା କୁକ୍କୁଟ ଜାତୀୟ ପକ୍ଷୀ ପାଳନ ଉପରେ ଗୁରୁତ୍ୱ ଦେଇ ଆସୁଛନ୍ତି। ସେହିପରି ବିଭିନ୍ନ ପୋଷା ପ୍ରାଣୀ ଯଥା କୁକୁର, ବିଲେଇ ଓ ଅନ୍ୟାନ୍ୟ ପଶୁପକ୍ଷୀଙ୍କୁ ଚିକିତ୍ସା ସେବା ଯୋଗାଇଦେବା କ୍ଷେତ୍ରରେ ପ୍ରାଣୀ ଚିକିତ୍ସକଙ୍କ ମହତ୍ତ୍ୱପୂର୍ଣ୍ଣ ଭୂମିକା ରହି ଆସିଛି। ଏହି ପ୍ରାଣୀ ପାଳନ ଉପରେ ନିର୍ଭରକରି ବହୁ ଯୁବୋଦ୍ୟୋଗୀ, ଚାଷୀ ତଥା ପ୍ରାଣୀ ପାଳକମାନେ ରୋଜଗାରକ୍ଷମ ହୋଇପାରୁଛନ୍ତି। ବିଭିନ୍ନ ପ୍ରାକୃତିକ ବିପର୍ଯ୍ୟୟରେ ସମ୍ମୁଖୀନ ହେଲେ ମଧ୍ୟ ଆମ ରାଜ୍ୟର କୃଷକ ତଥା ଯୁବୋଦ୍ୟୋଗୀଙ୍କ ପାଇଁ ପ୍ରାଣୀ ପାଳନ ଏକ ଆୟକର ପନ୍ଥା ଭାବେ ହୋଇପାରିଛି। ତେଣୁ ପ୍ରତ୍ୟେକ ପ୍ରତିକୂଳ ପରିବେଶରେ ମଧ୍ୟ ପ୍ରାଣିସମ୍ପଦ ସ୍ୱାସ୍ଥ୍ୟରକ୍ଷାରେ ପ୍ରାଣୀ ଚିକିତ୍ସକଙ୍କ ଅବଦାନ ଗୁରୁତ୍ୱପୂର୍ଣ୍ଣ।

– ଡା. ବୀରକିଶୋର ପରିଡ଼ା
ମୋ:୯୪୩୭୬୦୭୩୧୨



"ବିଶୃଙ୍ଖଳା ଓ ଅନ୍ଧକାର ମଧ୍ୟରୁ ମୁକ୍ତି ପାଇବାର ଏକମାତ୍ର ଉପାୟ ହେଲା ସଂପୂର୍ଣ୍ଣ ଭାବେ ଶାନ୍ତ ଓ ଧୀରସ୍ଥିର ହୋଇ ରହିବା ଏବଂ ଝଡଝଞ୍ଜାକୁ ବାଟ ଛାଡିଦେବା। -ଶ୍ରୀମା

# ନିଯୁକ୍ତିର ବାର୍ତ୍ତା



## ଦିଲ୍ଲୀକା ବାବୁ

ଦିଲୀପ ଚେରିଏନ୍

ନିକଟରେ କେନ୍ଦ୍ର ସରକାରଙ୍କ ଦ୍ୱାରା ବିଭିନ୍ନ ମନ୍ତ୍ରଣାଳୟଗୁଡ଼ିକରେ ଯୁଗ୍ମ ସଚିବ ସ୍ତରରେ ୪୮ ଜଣ ବାବୁଙ୍କ ନିଯୁକ୍ତି ଏକ ସାଧାରଣ ବିଷୟ ଜଣାପଡୁଛି। କିନ୍ତୁ ତାହା ନୁହେଁ। ଯେତେବେଳେ କୃଷି, ବାଣିଜ୍ୟ, ପ୍ରତିରକ୍ଷା, ବେସାମରିକ ବିମାନ ଚଳାଚଳ ଏବଂ ଗୃହ ବିଭାଗରେ ନିଯୁକ୍ତି କାଟଛାଣ୍ଟ କରାଯାଏ, ସେତେବେଳେ ଖାଲି ପଦବୀ ପୂରଣ ହୁଏ ନାହିଁ ଏବଂ ପୁନର୍ଗଠନକୁ ନେଇ ସରକାରଙ୍କ କାର୍ଯ୍ୟପଦ୍ଧତି ଉପରେ ଆଲୋଚନା ହୋଇଥାଏ। ଯୁଗ୍ମ ସଚିବମାନେ ସେହି ଗୁରୁତ୍ୱପୂର୍ଣ୍ଣ ସ୍ଥାନରେ ରହିଥାନ୍ତି, ଯେଉଁଠାରେ ସେମାନଙ୍କୁ ନୀତି ବଦଳରେ ବାସ୍ତବ ଦୁନିଆ ସହ ସମ୍ପର୍କ ରଖିବାକୁ ହୁଏ। ବିଭିନ୍ନ ବିଷୟ କିଭଳି ଭଲରେ ହୋଇପାରିବ ସେଥିରେ ପରିବର୍ତ୍ତନ ଆଣିବାକୁ ହେବ। ଏହାକୁ ଲକ୍ଷ୍ୟକରି ହାର୍ଦ୍ଦିକ ସତୀଶଚନ୍ଦ୍ର ଶାହାଙ୍କୁ ନରେନ୍ଦ୍ର ମୋଦିଙ୍କ ବ୍ୟକ୍ତିଗତ ସଚିବ ଭାବରେ ଯୁଗ୍ମ ସଚିବ ପଦବୀରେ ନିଯୁକ୍ତ କରାଯାଇଛି। ସ୍ପଷ୍ଟ ଭାବରେ, ଏହା ଏକ ଅଦଳବଦଳ ନୁହେଁ; ଏହା ଏକ ଲମ୍ବା ପ୍ରକ୍ରିୟାର ଅଂଶ। ମୋଦି ସରକାର ବିଭିନ୍ନ ମନ୍ତ୍ରଣାଳୟ ମଧ୍ୟରେ ସମନ୍ୱୟକୁ ଧୀରେ ଧୀରେ ଦୃଢ଼ କରିଆସୁଛନ୍ତି। ଯେଉଁ ଅଧିକାରୀ ଠିକ ଭାବେ ଦକ୍ଷତାର ସହିତ ଫାଇଲଗୁଡ଼ିର କାର୍ଯ୍ୟ କରନ୍ତି ଏବଂ ରାଜନୈତିକ ଦିଗ ସହିତ ତାଳ ରଖି ଚାଲନ୍ତି, ସେମାନଙ୍କୁ ସମର୍ଥନ କରୁଛନ୍ତି। ତେବେ ଚଳିତ ବର୍ଷ ଶେଷ ଆଡ଼କୁ ଆଉ ଏକ ପରିବର୍ତ୍ତନ ଆଶା କରାଯାଉଛି ଏବଂ ଏହା ୨୦୨୯ ପାଇଁ ରାସ୍ତା ସଜାଡ଼ିବା ପରି ଜଣାପଡୁଛି। ତେବେ ସରକାର କେବଳ ଘୋଷଣାରେ ଚାଲି ନ ଥାଏ; ସେମାନେ କାର୍ଯ୍ୟାନ୍ୱୟନ ଉପରେ ଆଗକୁ ବଢ଼ିଥାନ୍ତି। ଏବଂ ଭାରତରେ ଠିକ ଲୋକଙ୍କୁ ଠିକ ସ୍ଥାନରେ ରଖିଲେ ବିଷୟଗୁଡ଼ିକ ଆଗକୁ ବଢ଼ିବ। ଭୁଲ୍ କଲେ ପ୍ରମୁଖ ଯୋଜନାଗୁଡ଼ିକ ଅଟକି ଯିବ। ବାବୁଙ୍କ ଅଦଳବଦଳ ସର୍ବଦା ଅଧିକ ରାଜନୈତିକ ବାର୍ତ୍ତା ଦେଇଥାଏ। ଯେଉଁ ପ୍ରକଳ୍ପଗୁଡ଼ିକରେ ସ୍ଥିର ତଥା ଦକ୍ଷ ଅଧିକାରୀ ଆବଶ୍ୟକ ହୁଅନ୍ତି, ସେଥିରେ ସର୍ବଦା ପରିବର୍ତ୍ତନ କଲେ ଲାଭ ମିଳିବ ନାହିଁ। ତଥାପି, ଅଦଳବଦଳ ପଛର ଉଦ୍ଦେଶ୍ୟ ହେଉଛି ବ୍ୟବସ୍ଥାକୁ କଡ଼ାକଡ଼ି କରିବା, ବିଶ୍ୱସ୍ତ ଅଧିକାରୀଙ୍କୁ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ସ୍ଥାନରେ ରଖିବା ଏବଂ ପରବର୍ତ୍ତୀ ପର୍ଯ୍ୟାୟ ପାଇଁ ଯୋଜନା ପ୍ରସ୍ତୁତ କରିବା।

### ପୁରୁଣା ଅଭ୍ୟାସ ବଦଳିବ କି

ଯେତେବେଳେ କ୍ଷମତା ପରିବର୍ତ୍ତନ ହୁଏ, ସେତେବେଳେ ଭାରତର ରାଜ୍ୟଗୁଡ଼ିକ ଯେଭଳି ଅମଲାତନ୍ତ୍ରିକ ପୁନର୍ଗଠନ କରନ୍ତି ତାହା ଏବେ ବିହାରରେ ହେବାକୁ ଯାଉଛି। ପୁନର୍ଗଠନ କ'ଣ ହାସଲ କରିବା ପାଇଁ ଉଦ୍ଦିଷ୍ଟ ତାହାର ଏକ ସ୍ପଷ୍ଟ ଧାରଣା ରହିଛି। ପୂର୍ବତନ ମୁଖ୍ୟମନ୍ତ୍ରୀ ନୀତିଶ କୁମାର ଏ ସମ୍ପର୍କରେ ଏକ ଗଭୀର ଛାପ ଛାଡ଼ିଛନ୍ତି। ସମ୍ରାଟ ଚୌଧୁରୀ ପ୍ରାରମ୍ଭିକ ପର୍ଯ୍ୟାୟରେ ବାବୁଙ୍କୁ ଏଣେତେଣେ ସ୍ଥାନାନ୍ତର ନ କରି ଏକ ଦୃଢ଼ କୋର ଟିମ୍ ଗଠନ କରିବା, ଶିଳ୍ପକୁ ବୁଝିପାରୁଥିବା ଟେକ୍ନୋକ୍ରାଟଙ୍କୁ ଆଣିବା ଏବଂ ବିହାରକୁ ଉତ୍ପାଦନକୈନ୍ଦ୍ରିକ ଅଭିବୃଦ୍ଧିକୁ ଗୁରୁତ୍ୱ ଦେବା ଦରକାର। ବିହାର ଦୀର୍ଘଦିନ ଧରି ଏସବୁ ଉପରେ ପ୍ରତିଶ୍ରୁତି ଦେଇଆସିଛି,କିନ୍ତୁ ପୂରଣ ହୋଇନାହିଁ। ବିହାର ସଂଘର୍ଷ କରିଛି। ସେଠାରେ ଖାଦ୍ୟ ପ୍ରକ୍ରିୟାକରଣ, ବୟନଶିଳ୍ପ ଏବଂ ଅଟୋମୋବାଇଲ ଉପରେ ଧ୍ୟାନଦେବା ଦରକାର। ଏଗୁଡ଼ିକ ହେଉଛି ବୃଦ୍ଧିଶୀଳ ଏବଂ ଅଧିକ ନିଯୁକ୍ତି ସୃଷ୍ଟିକାରୀ ଶିଳ୍ପ। କିନ୍ତୁ ଏହିସବୁ କ୍ଷେତ୍ର ବୃଦ୍ଧି ପାଉନାହିଁ। ନୀତି କେବଳ କାଗଜପତ୍ରରେ ସୀମିତ ନ ରହି ବାସ୍ତବ କାର୍ଯ୍ୟରେ ପ୍ରତିଫଳନ ହେଲେ ଏଗୁଡ଼ିକ ବୃଦ୍ଧି ପାଇଥାଏ। ଭାରତ ପୂର୍ବରୁ ଚେଷ୍ଟା କରିଥିବା 'କୋର୍ ଟିମ ପ୍ଲସ ଟେକ୍ନୋକ୍ରାଟ୍ସ' ପଦ୍ଧତି ବିହାରରେ ପରୀକ୍ଷା କରାଯାଇପାରେ। ଶୀର୍ଷ ପଦାଧିକାରୀଙ୍କୁ ପରିବର୍ତ୍ତନ କରିବା ଏବଂ ତଳ ଅମଲାତନ୍ତ୍ରକୁ ଅକ୍ଷୁଣ୍ଣ ରଖିବା ଭାଜପାର ରଣନୀତି ରାଜନୈତିକ ଦୃଷ୍ଟିରୁ ଭଲ। ଏହା ପରିବର୍ତ୍ତନର ସଙ୍କେତ ଦିଏ। କିନ୍ତୁ ଏହାର ଧାରଣା ଯେ କେବଳ ନୂତନ ନେତୃତ୍ୱ ପୁରୁଣା ଅଭ୍ୟାସକୁ ପରିବର୍ତ୍ତନ କରିପାରିବ। ଚୌଧୁରୀଙ୍କୁ ଏକ ସୂକ୍ଷ୍ମ ସନ୍ତୁଳନ ରକ୍ଷା କରିବାକୁ ପଡ଼ିବ। ବିହାରରେ ଯୁବ କର୍ମଶକ୍ତି ଅଛି, ଚାହିଦା ବୃଦ୍ଧି ପାଉଛି ଏବଂ ପୂର୍ବ ଭାରତର ବିକାଶରେ ସାମିଲ ହେବାର ସୁଯୋଗ ରହିଛି।

### ସ୍ମାର୍ଟ ଅଧିକାରୀ

ନିୟମିତ ଭାବେ କିଛି ବର୍ଷ ଅନ୍ତରରେ ଗୁରୁତ୍ୱପୂର୍ଣ୍ଣ ପଦବୀରେ ଠିକ୍ ଲୋକଙ୍କୁ ଖୋଜିବାର ଧାରଣା ପ୍ରକାଶ ପାଇଥାଏ। ପିଏମ୍‌ଓ ଏବଂ ନୀତି ଆୟୋଗ ବାବୁମାନଙ୍କ ଭିତରୁ ପରବର୍ତ୍ତୀ ପିଢ଼ିର ନେତୃତ୍ୱ ପାଇଁ ଖୋଜାଯିବା ବିଷୟକୁ ନେଇ ଏବେ ଗୁଞ୍ଜରଣ ସୃଷ୍ଟି ହୋଇଛି। ସମ୍ପ୍ରତି ଭାରତକୁ ଏପରି ଅଧିକାରୀମାନଙ୍କର ଆବଶ୍ୟକତା ଅଛି, ଯେଉଁମାନେ ଭିତ୍ତିଭୂମିକୁ ଆଗକୁ ବଢାଇ ପାରିବେ, ଡିଜିଟାଲ ସିଷ୍ଟମକୁ ଡିକୋଡ୍ କରିପାରିବେ ଏବଂ ଶାସନ ରାଜନୀତିକୁ ଆଖି ଆଗରେ ରଖିପାରିବେ। ଏଥିପାଇଁ ଏପରି ବାବୁମାନେ ଆବଶ୍ୟକ, ଯେଉଁମାନେ ଦ୍ରୁତ ଚିନ୍ତା, ଦ୍ରୁତ କାର୍ଯ୍ୟାନ୍ୱୟନ କରିପାରିବେ ଏବଂ ନୀତି ଓ ବଜାର ଉଭୟରେ ଦକ୍ଷ ଥିବେ। କେବଳ ନୋଟ ଲେଖିବା ନୁହେଁ ବରଂ ପ୍ରକୃତ ଅଭିଜ୍ଞତା ଥିବା ଅଧିକାରୀମାନଙ୍କ ଉପରେ ଧ୍ୟାନଦେବା ଆବଶ୍ୟକ। ଭଲ ଅଧିକାରୀମାନେ ବିରଳ ନୁହନ୍ତି। ବିରଳ କଥା ହେଉଛି ସେମାନଙ୍କୁ ବିପଦର ମୁକାବିଲା କରିବାକୁ, ନିଷ୍ପତ୍ତି ଫେରାଇ ନେବାକୁ ଏବଂ ବିଫଳତାରୁ ବଞ୍ଚିବା ପାଇଁ ସୁଯୋଗ ଦେବା। ଯେତେବେଳେ ନେତୃତ୍ୱକୁ ଉପରୁ କଡ଼ାକଡ଼ି ଭାବରେ ସଂଯୋଜିତ କରାଯାଏ, ଏହା ପ୍ରତିଷ୍ଠାନର ପ୍ରାଥମିକତା ଏବଂ ପସନ୍ଦକୁ ପ୍ରତିଫଳିତ କରେ। ପ୍ରକୃତରେ, ଏହା ଆବଶ୍ୟକ। କିନ୍ତୁ ପ୍ରତିଭା-ଚିହ୍ନଟ, ନିଜେ ସହଜ ଅଂଶ। କଠିନ ପ୍ରଶ୍ନ ହେଉଛି ଯେ ଶେଷରେ ବ୍ୟବସ୍ଥା ଯେଉଁ ପ୍ରତିଭାଙ୍କୁ ଆବିଷ୍କାର କରିବାକୁ ଦାବି କରିଆସୁଛି ତାହାକୁ ବିଶ୍ୱାସ କରିବାକୁ ପ୍ରସ୍ତୁତ କି?

Email: dilipcherian@gmail.com

# ସଂରକ୍ଷଣ ବ୍ୟବସ୍ଥାର କ୍ରମ ବିକାଶ



ଅଧ୍ୟାପକ ଗୋପବନ୍ଧୁ

ସମ୍ବିଧାନରେ ସ୍ଥାନିତ ହୋଇଥିବା ସଂରକ୍ଷଣ ବ୍ୟବସ୍ଥାର ଦୀର୍ଘ ପୃଷ୍ଠଭୂମି ରହିଛି। ବ୍ରିଟିଶ ଶାସନାଧୀନ ଭାରତବର୍ଷରେ ସର୍ବପ୍ରଥମେ କୋହ୍ଲାପୁର ରାଜ୍ୟରେ ୧୯୦୨ରେ ସରକାରୀ ସିଦ୍ଧାନ୍ତ ରୂପେ ଚାକିରି କ୍ଷେତ୍ରରେ ଅନଗ୍ରସର ଜାତିସମୂହଙ୍କ ପାଇଁ ସଂରକ୍ଷଣ ବ୍ୟବସ୍ଥାର କାର୍ଯ୍ୟକାରୀ ହୋଇଥିଲା। ତତ୍କାଳୀନ କୋହ୍ଲାପୁର ମହାରାଜା ଶାହୁଜୀ ମହାରାଜଙ୍କ ନିର୍ଦ୍ଦେଶ କ୍ରମେ ଏହା କାର୍ଯ୍ୟକାରୀ ହୋଇଥିଲା। ତେଣୁ ଶାହୁଜୀ ମହାରାଜଙ୍କୁ ସଂରକ୍ଷଣର ଜନକଭାବେ ସମ୍ବୋଧିତ କରାଯାଏ। ପ୍ରକାଶଥାଉ କି ସେ ସମୟରେ ଏସ୍‌ଟି, ଏସ୍‌ସି ଓ ଓବିସି ପରି ଗୋଷ୍ଠୀର ଉଦ୍ରେକ ହୋଇ ନ ଥିଲା। ଏମାନେ ସମସ୍ତେ ଡିପ୍ରେସ୍ଡ କ୍ଲାସ ବା ଅନଗ୍ରସର ଜାତି ସମୂହ ଭାବେ ପରିଚିତ ହେଉଥିଲେ। କେତେକ କ୍ଷେତ୍ରରେ ଏମାନେ ଶୂଦ୍ର ବା ଅସବର୍ଣ୍ଣ ଭାବେ ପରିଚିତ ହେଉଥିଲେ। ସେ ଏମାନଙ୍କୁ ସରକାରୀ ଚାକିରିରେ ଶତକଡ଼ା ୫୦ ଭାଗ ସଂରକ୍ଷଣ ଦେବାକୁ ନିର୍ଦ୍ଦେଶ ଦେଇଥିଲେ।

ସେ ସମାଜର ତଳ ଜାତିର ପିଲାମାନଙ୍କ ଶିକ୍ଷାର ବିକାଶ ପାଇଁ ପଦକ୍ଷେପ ନେଇଥିଲେ। ଏହି କ୍ରମରେ ସେ ଡକ୍ଟର ବି. ଆର୍. ଆମ୍ବେଡକରଙ୍କୁ ଉଚ୍ଚଶିକ୍ଷା ଲାଭପାଇଁ ସାହାଯ୍ୟ କରିଥିଲେ। ପରେ ଡ.ଆମ୍ବେଡକର ସମାଜ ସଂସ୍କାର ଦିଗରେ ଶାହୁଜୀ ମହାରାଜଙ୍କ ମୁଖ୍ୟ ସହଯୋଗୀ ହୋଇଥିଲେ। ୧୯୨୨ରେ ଶାହୁଜୀଙ୍କ ଦେହାନ୍ତ ପରେ ଏ ଆନ୍ଦୋଳନର ଦାୟିତ୍ୱ ଆମ୍ବେଡକରଙ୍କୁ ବହନ କରିବାକୁ ପଡ଼ିଥିଲା। ସେତେବେଳକୁ ମୁସଲିମ ଲିଗ ମୁସଲମାନମାନଙ୍କ ପାଇଁ ସ୍ୱତନ୍ତ୍ର ରାଷ୍ଟ୍ର ଗଠନ ଦାବି ଆରମ୍ଭ କରିଦେଇଥିଲା। ଆମ୍ବେଡକରଙ୍କ ନେତୃତ୍ୱରେ ଅନଗ୍ରସର ଜାତିସମୂହ ସଂଗଠିତ ହୋଇ ସମାନ ସାମାଜିକ ଅଧିକାର ପାଇଁ ଲଢୁଥାନ୍ତି ଓ ନିଜର ସ୍ଥିତିକୁ ଜାହିର କରିସାରିଥାନ୍ତି। ଏହା ସହିତ ଏମାନଙ୍କ ଶିକ୍ଷାଗତ ଓ ଆର୍ଥିକ ବିକାଶ ପାଇଁ ପଦକ୍ଷେପ ନେବା ଲାଗି ବ୍ରିଟିଶ ସରକାରଙ୍କ ଉପରେ ଚାପ ସୃଷ୍ଟି କରୁଥାନ୍ତି।

ସେ ସମୟରେ ଭାରତୀୟ ଶାସନର ନିୟମ ଇଂଲଣ୍ଡରେ ତିଆରି ହେଉଥାଏ। ୧୯୧୯ ରେଗୁଲେଶନ ଆକ୍ଟ ଅନୁଯାୟୀ ଶାସନ ଚାଲିଥାଏ। ଭାରତୀୟଙ୍କୁ ଅଧିକ କ୍ଷମତା ପ୍ରଦାନ ପାଇଁ କଂଗ୍ରେସ ଦାବି କରୁଥାଏ। ୧୯୧୯ ଆକ୍ଟର ସଂଶୋଧନ ଓ ଅଧିକ କ୍ଷମତା ପ୍ରଦାନ ପାଇଁ ବ୍ରିଟିଶ ସରକାର ସାର୍ ଜନ ସାଇମନଙ୍କ ନେତୃତ୍ୱରେ ୧୯୨୮ରେ ଏକ କମିଶନ ଅନୁଧ୍ୟାନ ପାଇଁ ପଠାନ୍ତି। କଂଗ୍ରେସ ଏହାକୁ ବିରୋଧ କରେ। କିନ୍ତୁ ଡ.ଆମ୍ବେଡକର ବହିସ୍କୃତ ହିତକାରିଣୀ ସଭା ତରଫରୁ ସାଇମନ କମିଶନକୁ ସାକ୍ଷାତ କରି ଏକ ସ୍ମାରକପତ୍ର ପ୍ରଦାନ କରନ୍ତି; ଯେଉଁଥିରେ ସେ ଦଳିତ ଓ ସମାଜର ତଳ ସ୍ତରର ଲୋକଙ୍କ ଦୁରବସ୍ଥାକୁ ଉଲ୍ଲେଖ କରି ଏମାନଙ୍କ ପାଇଁ



ନିର୍ବାଚନମଣ୍ଡଳୀରେ, ମନ୍ତ୍ରିମଣ୍ଡଳରେ ତଥା ଚାକିରି କ୍ଷେତ୍ରରେ ସ୍ଥାନ ସଂରକ୍ଷଣ ଦାବି କରନ୍ତି। ଏହା ଥିଲା ସାମ୍ବିଧାନିକ ସଂରକ୍ଷଣର ପ୍ରଥମ ପଦକ୍ଷେପ।

ସାଇମନ କମିଶନଙ୍କ ରିପୋର୍ଟ ଆଧାରରେ ବିଭିନ୍ନ ରାଜନୈତିକ ସଂଗଠନ ମଧ୍ୟରେ ସହମତି ଆଣିବା ପାଇଁ ୧୯୩୦ରେ ଇଂଲଣ୍ଡରେ ପ୍ରଥମ ଗୋଲଟେବଲ୍ ବୈଠକ ଅନୁଷ୍ଠିତ ହୁଏ। କଂଗ୍ରେସ ଏହି ବୈଠକକୁ ପ୍ରତ୍ୟାଖ୍ୟାନ କରେ। ଆମ୍ବେଡକର ଏହି ବୈଠକରେ ଯୋଗ ଦିଅନ୍ତି। ସେଠାରେ ସେ ଘୃଣ୍ୟ ଜାତି ବ୍ୟବସ୍ଥାର ଶିକାର ହୋଇ ଆସିଥିବା ଦଳିତ ଓ ସମାଜର ତଳ ଜାତିର ଲୋକମାନଙ୍କର ସ୍ୱତନ୍ତ୍ର ମାନ୍ୟତା ଦାବି କରନ୍ତି ଓ ଏମାନଙ୍କ ବିକାଶ ପାଇଁ ବିଭିନ୍ନ କ୍ଷେତ୍ରରେ ସଂରକ୍ଷଣ ନୀତିର କାର୍ଯ୍ୟକାରୀ ପାଇଁ ଦାବି କରନ୍ତି। ପୁଣି ୧୯୩୧ରେ ଦ୍ୱିତୀୟ ଗୋଲଟେବଲ୍ ବୈଠକ ବସେ। ଏଥିରେ କଂଗ୍ରେସ ସମେତ ସମସ୍ତ ସଂଗଠନ ଯୋଗ ଦିଅନ୍ତି। ଆଲୋଚନା କାଳରେ ମୁସଲିମ ଲିଗ୍ ସମେତ ଅନେକ ଗୋଷ୍ଠୀ ନିଜର ସ୍ୱାର୍ଥ ସପକ୍ଷରେ ମତ ଦିଅନ୍ତି ଓ ନିଜର ସଂଖ୍ୟାନୁପାତିକ ପ୍ରତିନିଧିତ୍ୱ ଉପରେ ଗୁରୁତ୍ୱ ଦିଅନ୍ତି। ଡକ୍ଟର ଆମ୍ବେଡକର ମଧ୍ୟ ସମସ୍ତ ଦଳିତ ଓ ଅନଗ୍ରସର ସମାଜର ସ୍ୱତନ୍ତ୍ର ମାନ୍ୟତା ଓ ସମାନୁପାତିକ ଅଧିକାର ଉପରେ ଗୁରୁତ୍ୱ ଦିଅନ୍ତି।

ଏ ବିଷୟକୁ ନେଇ ମହାତ୍ମା ଗାନ୍ଧୀଙ୍କ ସହିତ ତାଙ୍କ ମତାନ୍ତର ହୋଇଥିଲା। ମହାତ୍ମା ଗାନ୍ଧୀ ବର୍ଣ୍ଣବ୍ୟବସ୍ଥାକୁ ସ୍ୱୀକାର କରୁଥିଲେ। ତେଣୁ ଦଳିତ ଓ ଅନଗ୍ରସର ଜାତିମାନଙ୍କୁ ହିନ୍ଦୁ ସମାଜ ବ୍ୟବସ୍ଥାର ଅଂଶବିଶେଷ ବୋଲି ଗ୍ରହଣ କରୁଥିଲେ। କିନ୍ତୁ ଆମ୍ବେଡକରଙ୍କ ଯୁକ୍ତି ଥିଲା ବର୍ଣ୍ଣବ୍ୟବସ୍ଥା ଯୋଗୁ ଦଳିତ ଓ ସମାଜର ତଳ ସ୍ତରର ଲୋକମାନେ ଅସମାନତା, ଘୃଣା ଓ ନିର୍ଯ୍ୟାତନାର ଶିକାର ହେଉଛନ୍ତି। ତେଣୁ ଏମାନଙ୍କୁ ସ୍ୱତନ୍ତ୍ର ଗୋଷ୍ଠୀର ମାନ୍ୟତା ମିଳିବା ଦରକାର। ଯଦି ସଂଖ୍ୟାଲଘୁଙ୍କ ସ୍ୱାତନ୍ତ୍ରତାକୁ ସ୍ୱୀକାର କରାଯାଇପାରିବ, ତେବେ ଦଳିତମାନଙ୍କ ସ୍ୱତନ୍ତ୍ରତାକୁ ସ୍ୱୀକାର କରାଯିବ ନାହିଁ କାହିଁକି? ଏହାପରେ ୧୯୩୨ରେ ତୃତୀୟ ଗୋଲଟେବଲ ବୈଠକ ବସିଥିଲା ଓ ସେଥିରୁ ମଧ୍ୟ କୋଣସି ନିର୍ଯାସ ଆସିପାରି ନ ଥିଲା। ଏଥିରେ କଂଗ୍ରେସ ସମେତ ମୁଖ୍ୟ ସଂଗଠନଗୁଡ଼ିକ ଯୋଗଦେଇ ନ ଥିଲେ। କିନ୍ତୁ ଡ.ଆମ୍ବେଡକର ଯୋଗଦେଇ ଦଳିତ ଓ ଅନଗ୍ରସର ଜାତିଙ୍କ ବିକାଶ ଓ ସମାନ ପ୍ରତିନିଧିତ୍ୱ କଥା ଦୋହରାଇ ଥିଲେ।

ସାଇମନ କମିଶନଙ୍କ ରିପୋର୍ଟ ଓ ଗୋଲଟେବଲ ବୈଠକର ନିର୍ଯାସ ଉପରେ ବ୍ରିଟିଶ ସରକାରଙ୍କ ଦ୍ୱାରା ୧୯୩୨ରେ କମ୍ୟୁନାଲ ଏୱାର୍ଡ ପ୍ରକାଶ ପାଇଥିଲା। ଏହା ଥିଲା ଏକ ପ୍ରକାର ସଂରକ୍ଷଣ ବ୍ୟବସ୍ଥା। ଏଥିରେ ପ୍ରତ୍ୟେକ କମ୍ୟୁନିଟି ପାଇଁ ରାଜନୈତିକ ସଂରକ୍ଷଣର ବ୍ୟବସ୍ଥା ଥିଲା। ଅର୍ଥାତ୍ ମୁସଲମାନ, ଖ୍ରୀଷ୍ଟିୟାନ, ଶିଖ୍, ଆଙ୍ଗ୍ଲୋଇଣ୍ଡିଆନ ସମେତ ଦଳିତବର୍ଗ (ଡିପ୍ରେସ୍ଡ କ୍ଲାସ) ଙ୍କ ପାଇଁ ସ୍ୱତନ୍ତ୍ର ସଂରକ୍ଷିତ ଆସନର ବ୍ୟବସ୍ଥା କରାଯାଇଥିଲା। ମହାତ୍ମା ଗାନ୍ଧୀ ସଂଖ୍ୟାଲଘୁ ସଂରକ୍ଷଣକୁ ବିରୋଧ କରି ନ ଥିଲେ। କିନ୍ତୁ ଦଳିତ(ଡିପ୍ରେସ୍ଡ) ବର୍ଗଙ୍କ ସଂରକ୍ଷଣକୁ ବିରୋଧ କରି ଆମରଣ ଅନଶନ ଆରମ୍ଭ କରିଥିଲେ। କମ୍ୟୁନାଲ ଏୱାର୍ଡ ମୁତାବକ ଦଳିତ(ଡିପ୍ରେସ୍ଡ) ବର୍ଗଙ୍କୁ ୭୧ଟି ପୃଥକ ସଂରକ୍ଷିତ ଆସନ ପ୍ରଦାନ କରାଯାଇଥିଲା। ହିନ୍ଦୁଧର୍ମ ମଧ୍ୟରେ ଜାତିଭିତ୍ତିକ ସଂରକ୍ଷଣ ଦ୍ୱାରା ଏହା ଭାଗଭାଗ ହୋଇଯିବ ଓ ଏକତା ନଷ୍ଟ ହୋଇଯିବ ବୋଲି ତାଙ୍କ ଆଶଙ୍କା ଥିଲା।

ଅନଶନ ଦୀର୍ଘଦିନ ଧରି ଚାଲିଲା। କ୍ରମେ ତାଙ୍କ ସ୍ୱାସ୍ଥ୍ୟାବସ୍ଥା ଜଟିଳ ହେବାକୁ ଲାଗିଲା। ଚାରିଆଡୁ ଆମ୍ବେଡକରଙ୍କ ଉପରେ ଚାପ ସୃଷ୍ଟି କରାଗଲା ସ୍ୱତନ୍ତ୍ର ସଂରକ୍ଷିତ ଆସନ ଦାବିରୁ ଓହରି ଯିବା ପାଇଁ। ବହୁ ଆଲୋଚନା ପରେ ଆମ୍ବେଡକର ରାଜି ହେଲେ ଦ୍ୱୈତ୍ୟ ସଂରକ୍ଷଣ ବ୍ୟବସ୍ଥା ପାଇଁ। ଏହି ବ୍ୟବସ୍ଥା ଅନୁଯାୟୀ ସଂରକ୍ଷିତ ଆସନରୁ ଦୁଇଜଣ ପ୍ରତିନିଧିତ୍ୱ କରିବେ। ଜଣେ ସାଧାରଣ ବର୍ଗରୁ ଓ ଜଣେ ଦଳିତ(ଡିପ୍ରେସ୍ଡ) ବର୍ଗରୁ। ଏହି ବ୍ୟବସ୍ଥାରେ ଦଳିତ(ଡିପ୍ରେସ୍ଡ) ବର୍ଗଙ୍କୁ ୭୧ଟି ଆସନ ବଦଳରେ ୧୪୭ଟି ଆସନ ମିଳିବାର ସହମତି ହେଲା। ଏହି ନୀତିକୁ ନେଇ ଦୁଇ ନେତାଙ୍କ ମଧ୍ୟରେ ସେପ୍ଟେମ୍ବର ୨୪ ତାରିଖ, ୧୯୩୨ରେ ଯେଉଁ ସ୍ୱାକ୍ଷର ହୋଇଥିଲା ତାହା ପ୍ରସିଦ୍ଧ ପୁନା ପ୍ୟାକ୍ଟ ବା ପୁନାଚୁକ୍ତି ନାମରେ ଖ୍ୟାତ। ଏହାକୁ ସ୍ୱାଧୀନ ଭାରତର ସଂରକ୍ଷଣ ସମ୍ବନ୍ଧୀୟ ପ୍ରାକ୍ ସାମ୍ବିଧାନିକ ଚୁକ୍ତି ବୋଲି କୁହାଯାଇପାରେ। ଏହି ଚୁକ୍ତି ଡ.ଆମ୍ବେଡକରଙ୍କ ଇଚ୍ଛାମତେ ହୋଇ ନ ଥିଲେ ବି ଏହା ଦ୍ୱାରା କିଛି ପାଇବାର ଶୁଭାରମ୍ଭ ହୋଇଥିଲା। ପ୍ରଚଳିତ ଜାତିବାଦୀ ବ୍ୟବସ୍ଥା ଅନଗ୍ରସର ଜାତି ସମୂହକୁ କିଛି ଅଧିକାର ଦେବା ପାଇଁ ରାଜି ହୋଇଥିଲା। ତେଣୁ ସମତା ଆନ୍ଦୋଳନର ଏହା ଏକ ଯୁଗାନ୍ତକାରୀ ସୋପାନ ଭାବେ ବିବେଚନା କରାଯାଏ।

ପରବର୍ତ୍ତୀ କାଳରେ ଏହି ଚୁକ୍ତିର ଗୁରୁତ୍ୱ ବ୍ରିଟିଶ ଶାସନ ବ୍ୟବସ୍ଥାରେ ପ୍ରତିଫଳିତ ହେବାକୁ ଲାଗିଲା। ସମ୍ବିଧାନ ରଚନା କାଳରେ ଡ୍ରାଫ୍ଟିଙ୍ଗ କମିଟିର ଚେୟାରମ୍ୟାନ ଭାବେ ଡ. ଆମ୍ବେଡକର ସାମାଜିକ ସମତା ଆନ୍ଦୋଳନର ସମସ୍ତ ଅଭିଜ୍ଞତାକୁ ଏଥିରେ ସ୍ଥାନିତ କରିଥିଲେ। ପୁନାଚୁକ୍ତି ଦ୍ୱାରା ପ୍ରାପ୍ତ ହୋଇଥିବା ଅନଗ୍ରସର ଜାତିଙ୍କର ସ୍ୱତନ୍ତ୍ର ମାନ୍ୟତାକୁ ସେ କାମରେ ଲଗାଇଥିଲେ। ସାମାଜିକ ସ୍ଥିତି ଓ ବିକାଶର ତାରତମ୍ୟକୁ ଦେଖି ଏମାନଙ୍କୁ ତିନି ଗୋଷ୍ଠୀରେ ବିଭକ୍ତ କରିଥିଲେ। ତାହା ହେଉଛି ଅନୁସୂଚିତ ଜାତି, ଅନୁସୂଚିତ ଜନଜାତି ଓ ଅନ୍ୟାନ୍ୟ ଅନଗ୍ରସର ବର୍ଗ। ଏମାନଙ୍କ ବିକାଶ ନିମିତ୍ତ ସମ୍ବିଧାନରେ ସମସ୍ତ ପ୍ରକାର ବ୍ୟବସ୍ଥା କରାଯାଇଛି।

ବାରିପଦା, ମୟୂରଭଞ୍ଜ
ମୋ: ୭୦୦୮୯୭୬୧୮୦

# ନୂଆ ଓ ପୁରୁଣା



ଡ. ଦେବୀଲାଲ ମିଶ୍ର

ଦିନ ପରେ ଦିନ ବିତେ, ବର୍ଷ ପରେ ବର୍ଷ ଆସେ। ସମୟ ସ୍ରୋତରେ ଆଜିର ମୁହୂର୍ତ୍ତ କାଲିର ଅତୀତ ପାଲଟେ। ନୂଆକୁ ସ୍ୱାଗତ କରିବାର ପରମ୍ପରା ଆମ ସଂସ୍କୃତିର ଏକ ପୁରୁଣା ବିଭବ। ସେମିତି ଦେଖିବାକୁ ଗଲେ ପୁରୁଣା-ନୂଆର ତାତ୍ତ୍ୱିକ ସମୀକ୍ଷା ଅତ୍ୟନ୍ତ ରୋଚକ। ଜୀବନର ପ୍ରତ୍ୟେକ ମୁହୂର୍ତ୍ତରେ କିଛି ନା କିଛି ନୂତନତ୍ୱ ଭରି ରହିଛି। ତା'ର ସନ୍ଧାନ କରିବା ପାଇଁ ଏକ ନୂତନ ଦୃଷ୍ଟିଭଙ୍ଗୀ ଆବଶ୍ୟକ। ପୁରୁଣାରୁ ଅନେକ ସମୟରେ ନୂତନ ଆବିଷ୍କାର ସମ୍ଭବ। ସୂର୍ଯ୍ୟ ସବୁ ଦିନ ଉଦୟ ହୁଏ। କିନ୍ତୁ ପ୍ରତ୍ୟେକ ଦିନ ସୂର୍ଯ୍ୟୋଦୟ ଏକ ନୂତନ ଆଶା ଓ ସମ୍ଭାବନାର କିରଣ ଆଣେ। ପ୍ରତ୍ୟେକ ଅନୁଭୂତିରୁ ନୂତନ ଶିକ୍ଷା ମିଳେ, ଯାହା ଆମ ଚେତନା ଓ ଚରିତ୍ରକୁ ଏକ ନୂତନ ଦିଗ ଦେଇଥାଏ। ତେଣୁ ଏକ ନୂତନ ମାନସିକତା ସହ ଆମ ପାଇଁ କିଛି ବି ପୁରୁଣା ନୁହେଁ।

ନୂଆ ଓ ପୁରୁଣା ଉଭୟ ଜୀବନକୁ ପ୍ରଭାବିତ କରନ୍ତି। ବେଳେବେଳେ ପୁରୁଣା ସ୍ମୃତି ଆମକୁ ଆହ୍ଲାଦିତ କରେ। କେତେବେଳେ ଏ ବ୍ୟସ୍ତ ଜୀବନ ଏକ ପୁରୁଣା ଫଟୋ ପାଖରେ କିଛି ସମୟ ଅଟକି ଯାଏ। ମନ ବ୍ୟାକୁଳ ହୁଏ। କିଛି କ୍ଷଣ ପାଇଁ ପଛକୁ ଫେରିଯିବାକୁ ଇଚ୍ଛା ହୁଏ। କିନ୍ତୁ ସମୟ କେବେ ତା'ର ଗତି ବଦଳାଏ ନାହିଁ। ପଛକୁ ଫେରି ଚାହିଁଲେ ଜୀବନର ଗତି ଥମେ ନାହିଁ। କିନ୍ତୁ ସବୁ ସମୟରେ ମଣିଷ ପାଖରେ ନୂତନ ବିକଳ୍ପ ଉପଲବ୍ଧ ଥାଏ। ଆମେ ଅନେକ ଥର ଶୁଣନ୍ତି ଯେ 'ପୁରୁଣା କଥା ଭାବି କ'ଣ ମିଳିବ?' ବାସ୍ତବରେ ମଣିଷ ଜୀବନ ଗତିଶୀଳ ହେବା ଉଚିତ। ଗତି ହିଁ ପ୍ରଗତିର ମାପକ। କିନ୍ତୁ ପୁରୁଣା ଅନୁଭୂତିରୁ ଶିକ୍ଷା ନେଇ ଆମେ ନୂତନ ଯାତ୍ରା ଆରମ୍ଭ କରିବା ଦରକାର। କିଛି ନୂଆ କରିବା ପାଇଁ ପୁରୁଣା ଅନୁଭୂତି ଗରୁତ୍ୱପୂର୍ଣ୍ଣ। ଆମେ ଗଭୀର ଅନୁଶୀଳନ କଲେ ଜାଣିପାରିବା ଯେ ଆଜିର ସଫଳତା ପାଇଁ ଆମର ବିତିଯାଇଥିବା କାଲି କେତେ ଗୁରୁତ୍ୱ ବହନ କରେ। ମଣିଷର ସମ୍ପର୍କ ମଧ୍ୟ ନୂଆ-ପୁରୁଣା ଅନୁଭୂତି ଦ୍ୱାରା ପ୍ରଭାବିତ ହୁଏ। ଆମ ଭିତରୁ ଅନେକ ପୁରୁଣା ଅଭିମାନକୁ ଗୁରୁତ୍ୱ ଦେଇ ନିଜ କର୍ତ୍ତବ୍ୟକୁ ଭୁଲିଯାନ୍ତି। ଯେତେବେଳେ ଆମେ ବୁଝିପାରନ୍ତି, ସେତେବେଳେ ବହୁତ ଡେରି ହୋଇଯାଏ। ସମ୍ପର୍କକୁ ସଜାଡ଼ିବାକୁ ଗଲାବେଳକୁ ଆମେ ଆଉ ଲୋକମାନଙ୍କୁ ପାଆନ୍ତି ନାହିଁ। ସେମିତି ଏକ ନୂତନ ନିଷ୍ପତ୍ତି, ବ୍ୟବହାର ଓ ପରିଚୟ ମଧ୍ୟ ପୁରୁଣା ସମ୍ପର୍କକୁ ପ୍ରଭାବିତ କରେ। ତେବେ ପରିସ୍ଥିତି ଯାହା ହେଉନା କାହିଁକି, ଯଦି ଭଲପାଇବା ଥାଏ, ତା' ହେଲେ ସମ୍ପର୍କ ଅତୁଟ ରହେ। ଏହି ଭଲପାଇବା ପୁରୁଣା ସ୍ମୃତି ଓ ନୂଆ ଅନୁଭୂତି ଭିତରେ ସେତୁ ବାନ୍ଧେ।

ନିକଟରେ ଏହି ଲେଖକ ପଢ଼ିଥିବା ବିଦ୍ୟାଳୟର ସୁବର୍ଣ୍ଣ ଜୟନ୍ତୀ ପାଳିତ ହୋଇଥିଲା। ଯାଜପୁରର ବୀରଭାନୁପୁର ଭଳି ଗ୍ରାମୀଣ ଅଞ୍ଚଳରେ ଅବସ୍ଥିତ ଏହି ଶ୍ରୀଜଗନ୍ନାଥ ଉଚ୍ଚବିଦ୍ୟାଳୟ ଅନେକ ପ୍ରତିଭାଶାଳୀ ବ୍ୟକ୍ତିତ୍ୱଙ୍କୁ ଜନ୍ମଦେଇଛି। ଏକ ପ୍ରଗତିଶୀଳ ସମାଜର ଉଦ୍‌ଘୋଷକ ସାଜିପାରିଛି।




ଏହି ଅବସରରେ ପ୍ରାୟ ପ୍ରତ୍ୟେକ ବର୍ଷର ପୁରାତନ ଛାତ୍ରୀଛାତ୍ର ସାମିଲ ହୋଇଥିଲେ। ନିଜର ପୁରୁଣା ସ୍ମୃତି ବାଣ୍ଟିଲେ। କହିବାର ଉଦ୍ଦେଶ୍ୟ ହେଉଛି ଏହି ପୁରୁଣା ସ୍ମୃତିର ଉତ୍ସବ ଏବେ ଏକ ନୂତନ ସ୍ମୃତିର ରୂପ ନେଇ ସମସ୍ତଙ୍କ ମାନସପଟ୍ଟରେ ବସା ବାନ୍ଧୁଛି। ପୁରୁଣା ଓ ନୂଆ ସମୟର ଦୁଇ ଗୋଟି ଅଭିନ୍ନ ରୂପ। ଦାର୍ଶନିକ ଦୃଷ୍ଟିଭଙ୍ଗୀରେ ଦେଖିଲେ, ନୂଆ କ୍ରମଶଃ ପୁରୁଣାରେ ବିଲୀନ ହୁଏ ଏବଂ ପୁରୁଣାରୁ ନୂତନତ୍ୱର ସନ୍ଧାନ ମିଳେ। ଏହି ନୂଆ-ପୁରୁଣାର ରାସ୍ତାରେ ଜୀବନ ଗତିଶୀଳ ହୁଏ।

ଗୀତାରେ ଭଗବାନ ଶ୍ରୀକୃଷ୍ଣ ଅର୍ଜୁନଙ୍କୁ ସକଳ ହୃଦୟ-ଦୁର୍ବଳତାର ଊର୍ଦ୍ଧ୍ୱକୁ ଉଠି କର୍ମ କରିବା ପାଇଁ ଉପଦେଶ ଦେଇଥିଲେ। ମଣିଷର ଶ୍ରେଷ୍ଠ ଶକ୍ତି ହେଉଛି ବିଶ୍ୱାସ। ସ୍ୱାମୀ ବିବେକାନନ୍ଦଙ୍କ ଅନୁସାରେ, ନିଜ ଉପରେ ବିଶ୍ୱାସ ହିଁ ସକଳ ସଫଳତାର ପ୍ରକୃତ ଉତ୍ସ। ଅନେକ ସମୟରେ ଖୁସିର ସନ୍ଧାନରେ ଆମେ ଏଣେ ତେଣେ ଘୂରି ବୁଲନ୍ତି, କିନ୍ତୁ ପ୍ରକୃତ ଖୁସି ଆମ ଭିତରେ ରହିଛି। ସେଥିପାଇଁ ନିଜକୁ ଜାଣିବା, ଭଲପାଇବା ଓ ବିଶ୍ୱାସ କରିବାର ଇଚ୍ଛାଶକ୍ତି ସୃଷ୍ଟି ହେବା ଅପରିହାର୍ଯ୍ୟ। ମନ ଓ ବ୍ୟବହାରର ସୌନ୍ଦର୍ଯ୍ୟ ଆମ ଜୀବନକୁ ସୁନ୍ଦର କରେ। ତେଣୁ ସବୁ ସମୟରେ ଘୃଣା, ଈର୍ଷା, ପ୍ରତିଦ୍ୱନ୍ଦ୍ୱିତା ଓ ଶତ୍ରୁତା ବଦଳରେ ପ୍ରେମ, ବିଶାଳତା, କ୍ଷମା ଓ ସକାରାତ୍ମକ ଚରିତ୍ରର ଚୟନ କରିବା ଉଚିତ। ଆରିଷ୍ଟଟଲ ଏକଦା କହିଥିଲେ "EDUCATING THE MIND WITHOUT EDUCATING THE HEART IS NO EDUCATION AT ALL"। ଆମେ ବ୍ୟକ୍ତିଗତ ବା ବୃତ୍ତିଗତ ଜୀବନରେ ଯେତେ ଊର୍ଦ୍ଧ୍ୱକୁ ଗଲେ ମଧ୍ୟ ଆମର ମାନବିକତା ଓ ସହୃଦୟତା ହିଁ ଆମର ଅସଲ ପୁଞ୍ଜି। ପ୍ରତ୍ୟେକ ମହତ୍ ପ୍ରୟାସ ଅନେକ ବାଧା ନେଇ ଆସେ। କିନ୍ତୁ ସକାରାତ୍ମକ ମନୋଭାବ ଦ୍ୱାରା ତାହା ସାର୍ଥକ ହୋଇଥାଏ। ଆମ ହୃଦୟର ବିଶାଳତା ଆଗରେ ସବୁ ଆହ୍ୱାନ ଛୋଟ ଲାଗେ। ତେଣୁ ଧୈର୍ଯ୍ୟ, ଉତ୍ସାହ ଓ ବିଶ୍ୱାସ କୌଣସି ପରିସ୍ଥିତିରେ ଊଣା ନ ହେବା ଦରକାର।

ଜୀବନରେ ସ୍ୱପ୍ନର ଅଭାବ ନାହିଁ। ଗୋଟିଏ ସ୍ୱପ୍ନ ଭାଙ୍ଗିଲେ ଆଉ ଗୋଟିଏ ଗଢ଼ିବାର ସାମର୍ଥ୍ୟ ଓ ସଂକଳ୍ପ ଆମ ଭିତରେ ରହିବା ଦରକାର। ଧନ, ମାନ, ଆସନ ଏସବୁ କ୍ଷଣସ୍ଥାୟୀ। ଆମର କାର୍ଯ୍ୟ ଓ ବ୍ୟବହାର ହିଁ ପରିଶେଷରେ ଆମର ଅସଲ ପରିଚୟ ପାଲଟେ। ଗୋଟିଏ ବ୍ୟକ୍ତି ସମସ୍ତଙ୍କ ପାଖରେ ତା'ର ଚେହେରା ଦ୍ୱାରା ଚିହ୍ନା ପଡ଼େ, ତା'ର କାର୍ଯ୍ୟ ଦ୍ୱାରା ଜଣାପଡ଼େ ଏବଂ ତା'ର ବ୍ୟବହାର ଦ୍ୱାରା ମନେପଡ଼େ। ଦେଖିବାକୁ ଗଲେ କୌଣସି ବିଶେଷ ଦିନ ବା ସମୟ ନୁହେଁ, ଅପିତୁ ପ୍ରତ୍ୟେକ ମୁହୂର୍ତ୍ତ ଆମ ପାଇଁ ମହତ୍ତ୍ୱପୂର୍ଣ୍ଣ। ସମୟ କାହା ପାଇଁ ନିଜର ଗତି ବଦଳାଏ ନାହିଁ। ଏହା ଚିରନ୍ତନ ଢଙ୍ଗରେ ଅଗ୍ରସର ହୋଇଥାଏ। ଆମେ ସମୟକୁ ସ୍ୱାଗତ କରିବା ସହ ନିଜ ଭିତରେ ନୂତନ ଉତ୍ସାହ, ଊର୍ଜା ଓ ଉଦ୍ୟମର ସନ୍ଧାନ କରି ପ୍ରତ୍ୟେକ ମୁହୂର୍ତ୍ତକୁ ଏକ ନୂତନ ଉତ୍ସବ ଭଳି ବଞ୍ଚିବା ଉଚିତ।

ଅଧ୍ୟାପକ, ରେଭେନଶା ବିଶ୍ୱବିଦ୍ୟାଳୟ, କଟକ
ମୋ:୯୪୩୭୯୫୮୦୧୪

## ଏଇ ଭାରତରେ

ତାମିଲନାଡୁର ତିରୁପୁର ସହର ବୟନ ଶିଳ୍ପ ପାଇଁ ଜଣାଶୁଣା। ସେଠାରେ ଜଳ ସଙ୍କଟ ଦେଖାଯିବା ପରେ ତାହାର ପ୍ରଭାବ ବୟନ ଶିଳ୍ପ ଉପରେ ପଡ଼ିଥିଲା ଏବଂ ଏହା ବନ୍ଦ ହୋଇଯିବାରୁ ୫୦,୦୦୦ ଲୋକ ଜୀବିକା ହରାଇଥିଲେ। ସହର ପାଖରେ ପ୍ରବାହିତ ନୋୟାଲ ନଦୀରେ ଜଳପ୍ରବାହ ହ୍ରାସପାଇବା ଯୋଗୁ ଜଳସଙ୍କଟ ଦେଖାଯାଇଥିଲା ଏବଂ ଏହା ଦୂରକରିବା ଲାଗି ମାଡ୍ରାସ ଉଚ୍ଚନ୍ୟାୟାଳୟ ଆଦେଶକ୍ରମରେ ୭୦୦୦ ଡାଇଂ ୟୁନିଟ୍ ବନ୍ଦ କରିଦିଆଯାଇଥିଲା। ଫଳରେ ଟେକ୍ସଟାଇଲଗୁଡ଼ିକ ବନ୍ଦ ହୋଇଯିବାରୁ ବୟନ ଶିଳ୍ପ ଦିନକୁ ପାଖାପାଖି ୫୦ କୋଟି ଟଙ୍କା କ୍ଷତି ସହିଲା। ଏବେ ଏହିସବୁ ଡାଇଂ ୟୁନିଟ୍‌ରେ ବର୍ଜ୍ୟପାଣିକୁ ରିସାଇକ୍ଲିଂ କରି ବ୍ୟବହାର କରାଯିବାର ବ୍ୟବସ୍ଥା କରାଯାଇଛି। ଦୈନିକ ୧୩୦ ମିଲିୟନ ଲିଟର ପାଣି ରିସାଇକ୍ଲିଂ ହୋଇପାରୁଛି। ଏବେ ୱାଟର ରିସାଇକ୍ଲିଂ ବା ଜଳ ପୁନଃଚକ୍ରଣ ପ୍ରକ୍ରିୟା ଯୋଗୁ ବୟନ ଶିଳ୍ପ ଭଲ ଚାଲିଛି ଏବଂ ଲୋକେ ଚାକିରି ଫେରିପାଉଛନ୍ତି। ଏହି ପରିବର୍ତ୍ତନ ଧାରାରେ ତିରୁପୁର ଟେକ୍ସଟାଇଲ କ୍ଷେତ୍ରରେ ରପ୍ତାନି ୧୨,୦୦୦ କୋଟିରୁ ବୃଦ୍ଧି ପାଇ ଏବେ ୪୦,୦୦୦ କୋଟି ଟଙ୍କାରେ ପହଞ୍ଚିଛି। କେବଳ ଏତିକି ନୁହେଁ ଟେକ୍ସଟାଇଲ ଶିଳ୍ପରୁ ବାହାରୁଥିବା ପ୍ଲାଷ୍ଟିକ୍, ଫାଇବର ବର୍ଜ୍ୟର ମଧ୍ୟ ରିସାଇକ୍ଲିଂ କରାଯାଉଛି।

## ୫୦ ବର୍ଷ ତଳର ଧରିତ୍ରୀ

### ୨୫ ଏପ୍ରିଲ ୧୯୭୭

- ଭି.ଆର୍. ନେଡୁନ ଚେଝିଆନ ଏବଂ ତାଙ୍କ ସହକର୍ମୀମାନେ ଡି.ଏମ୍.କେ ଦଳ ତ୍ୟାଗ କରି ଏକ ନୂତନ ରାଜନୀତିକ ଦଳ 'ମାକାଲ ଡିଏମ୍‌କେ' ଗଠନ କରିଛନ୍ତି।
- ଲୋକସଭା ନିର୍ବାଚନରେ କଂଗ୍ରେସ ଦଳର ପରାଜୟ ପାଇଁ ନିଜର ନୈତିକ ଦାୟିତ୍ୱ ଦୃଷ୍ଟିରୁ ବିହାର ପ୍ରଦେଶ କଂଗ୍ରେସ ସଭାପତି ପଦରୁ ସୀତାରାମ କେଶରୀଙ୍କ ଇସ୍ତଫା ପ୍ରଦାନ।

## ଚିରନ୍ତନୀ

ଅନ୍ତରେ ଲହୁ ବାହାରେ ରକ୍ତରାଶି,
ରକତର ଶିଶୁ କାହିଁ ଯିବି ମୁଁ ଗୋ ଭାସି !
କି ବାରତା ଆସେ କାହିଁ ସେ ଉଚ୍ଚରେ,
କ୍ଷୀଣତର ହୋଇ ମରମେ ସଞ୍ଚରେ,
କି ପୁଲକ ବ୍ୟଥା ପରାଣେ ଲାଗେ ପରାସି
ରଙ୍ଗାଏ ମୋର ସଞ୍ଚିତ ବ୍ୟଥାରାଶି ।
-(ଲୋହିତ ବ୍ୟଥା)

-କାଳିନ୍ଦୀ ଚରଣ ପାଣିଗ୍ରାହୀ

## sudoku — ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| 9 | | 8 | 1 | 4 | | 6 | | |
| 4 | 2 | | | | | 8 | | |
| | | | | | 6 | | 7 | |
| 5 | 6 | 9 | | | | | | |
| | | | | 9 | 3 | 4 | | |
| | 4 | | 6 | | | | | |
| | | | | 7 | 4 | | 1 | |
| | 1 | | 2 | | | | | |
| | | 3 | | | | 2 | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 9 | 6 | 5 | 7 | 8 | 3 | 4 | 2 | 1 |
| 8 | 2 | 4 | 5 | 9 | 1 | 6 | 3 | 7 |
| 7 | 1 | 3 | 4 | 2 | 6 | 8 | 5 | 9 |
| 5 | 4 | 7 | 8 | 1 | 2 | 9 | 6 | 3 |
| 2 | 3 | 6 | 9 | 5 | 4 | 7 | 1 | 8 |
| 1 | 9 | 8 | 6 | 3 | 7 | 2 | 4 | 5 |
| 6 | 5 | 9 | 1 | 4 | 8 | 3 | 7 | 2 |
| 3 | 7 | 1 | 2 | 6 | 9 | 5 | 8 | 4 |
| 4 | 8 | 2 | 3 | 7 | 5 | 1 | 9 | 6 |

ଗତକାଲିର ଉତ୍ତର

## ପାଠକ ଶ୍ରେଷ୍ଠ ବିଚାରକ

### ଜନଗଣନାରେ ନିୟୋଜିତ ଶିକ୍ଷକ ଓ କର୍ମଚାରୀଙ୍କ ସମସ୍ୟା

ମହାଶୟ,

ବର୍ତ୍ତମାନ ଓଡ଼ିଶାରେ ଚାଲୁଥିବା ଜନଗଣନା କାର୍ଯ୍ୟରେ ମୁଖ୍ୟତଃ ଶିକ୍ଷକମାନେ ନିୟୋଜିତ ହୋଇଛନ୍ତି। କିନ୍ତୁ ପ୍ରବଳ ଗ୍ରୀଷ୍ମ ପ୍ରବାହକୁ ଖାତିର ନ କରି ଏହି କାର୍ଯ୍ୟ କରିବା ସମୟରେ ସେମାନେ ଅନେକ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ଦିନକୁ ଦିନ ତାପମାତ୍ରା ବୃଦ୍ଧି ପାଉଥିବା ବେଳେ ଘରେ ଘରେ ବୁଲି ତଥ୍ୟ ସଂଗ୍ରହ କରିବା ନିଶ୍ଚୟ ବିପଦପୂର୍ଣ୍ଣ। କେତେକ ସ୍ଥାନରୁ ଅଂଶୁଘାତ ଯୋଗୁ ଅସୁସ୍ଥତାର ଖବର ଆସୁଥିବା ଚିନ୍ତାଜନକ। ଏହା ସହିତ କେତେକ ଅସାମାଜିକ ବ୍ୟକ୍ତିଙ୍କ ଦ୍ୱାରା ଜନଗଣନା କାର୍ଯ୍ୟରେ ନିୟୋଜିତ ଅଧିକାରୀମାନେ ଆକ୍ରମଣର ଶିକାର ହେଉଥିବା ଖବର ମଧ୍ୟ ମିଳୁଛି। ଏପରି ସ୍ଥିତିରେ ଜନଗଣନା ଭଳି ଗୁରୁତ୍ୱପୂର୍ଣ୍ଣ ରାଷ୍ଟ୍ରୀୟ କାର୍ଯ୍ୟକୁ ସଫଳ କରିବା ପାଇଁ ଯେଉଁମାନେ ତୃଣମୂଳ ସ୍ତରରେ କାମ କରୁଛନ୍ତି ସେମାନଙ୍କ ସୁରକ୍ଷା ସୁନିଶ୍ଚିତ ହେବା ଆବଶ୍ୟକ। ତେଣୁ ସରକାରଙ୍କୁ ଅନୁରୋଧ, ଜନଗଣନା କାର୍ଯ୍ୟକୁ ପ୍ରବଳ ଗ୍ରୀଷ୍ମ ପ୍ରବାହରେ ଆବଶ୍ୟକ ହେଲେ ସାମୟିକ ଭାବେ ସ୍ଥଗିତ ରଖି କିଛିଦିନ ପରେ ପୁନଃ ଆରମ୍ଭ କରାଯାଉ।

-ରମାକାନ୍ତ ସେଠ, ନୂଆପଡା

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail: edit.dharitri@gmail.com
(Use only for letters to Editor, news & news photos)


ଆପ୍‌ରୁ ଇସ୍ତଫା ଦେଇଥିବା ରାଜ୍ୟ ସଭା ସଦସ୍ୟ ରାଘବ ଚଡ୍ଢା, ସନ୍ଦୀପ୍ ପାଠକ ଓ ଅଶୋକ ମିତ୍ତଲଙ୍କୁ ଭାଜପା ରାଷ୍ଟ୍ରୀୟ ଅଧ୍ୟକ୍ଷ ନୀତିନ ନବୀନ ଶୁକ୍ରବାର ନୂଆଦିଲ୍ଲୀସ୍ଥିତ ଭାଜପା ମୁଖ୍ୟାଳୟରେ ଭେଟୁଛନ୍ତି। ଏମାନଙ୍କ ସମେତ ଆପ୍ ଛାଡ଼ିଥିବା ୭ ଏମ୍‌ପି ଭାଜପାରେ ଯୋଗଦେଇଛନ୍ତି।

# ସିଇସିଙ୍କ ବହିଷ୍କାର ଦାବି: ସାନି ନୋଟିସ ଦେଲେ ବିରୋଧୀ

ନୂଆଦିଲ୍ଲୀ,୨୪।୪ (ପି.ଟି.)


ଜ୍ଞାନେଶ କୁମାର

ମୁଖ୍ୟ ନିର୍ବାଚନ କମିଶନର (ସିଇସି) ଜ୍ଞାନେଶ କୁମାରଙ୍କ ବହିଷ୍କାର ପାଇଁ ପ୍ରସ୍ତାବ ଆଣିବା ନିମନ୍ତେ ବିରୋଧୀ ଦଳଗୁଡ଼ିକ ଶୁକ୍ରବାର ରାଜ୍ୟ ସଭାରେ ସାନି ନୋଟିସ ଦାଖଲ କରିଛନ୍ତି। ସେଥିରେ ସିଇସିଙ୍କ ବିରୋଧରେ କେତେକ ନୂଆ ଅଭିଯୋଗ ରହିଛି। ଆଦର୍ଶ ଆଚରଣ ବିଧି କାର୍ଯ୍ୟକାରୀ କରିବାରେ ଜ୍ଞାନେଶ କୁମାର କ୍ରମାଗତ ଭାବେ ପକ୍ଷପାତ କରିଚାଲିଥିବା ପ୍ରମାଣିତ ହୋଇଛି ବୋଲି ବିରୋଧୀ ସାନି ନୋଟିସରେ ଦର୍ଶାଇଛନ୍ତି। ଗତ ୧୮ ତାରିଖରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ରାଷ୍ଟ୍ରକୁ ଉଦ୍‌ବୋଧନ ଦେବା ଘଟଣାରେ ବିରୋଧୀଙ୍କ ଅଭିଯୋଗ ଉପରେ ସିଇସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାରେ ବିଫଳ ହୋଇଥିବା ସେମାନେ ଦର୍ଶାଇଛନ୍ତି।

ସୂତ୍ର ଅନୁଯାୟୀ, କଂଗ୍ରେସ ନେତା ଜୟରାମ ରମେଶ ଏବଂ ଟିଏମ୍‌ସି ନେତ୍ରୀ ସାଗରିକା ଘୋଷ ରାଜ୍ୟ ସଭା ମହାସଚିବଙ୍କୁ ନୋଟିସ ଦେଇଛନ୍ତି। ସେଥିରେ ସିଇସି ଜ୍ଞାନେଶ କୁମାରଙ୍କୁ ବହିଷ୍କାର କରିବା ପାଇଁ ରାଷ୍ଟ୍ରପତିଙ୍କୁ ନିବେଦନ କରାଯାଇଛି। ଉକ୍ତ ନୋଟିସ୍‌ରେ ରାଜ୍ୟ ସଭାର ୭୩ ଜଣ ବିରୋଧୀ ଏମ୍‌ପିଙ୍କ ସ୍ୱାକ୍ଷର ରହିଛି। କଂଗ୍ରେସ ନେତା କହିଛନ୍ତି, ସିଇସିଙ୍କ ବିରୋଧରେ ଏବେ ୯ଟି ନିର୍ଦ୍ଦିଷ୍ଟ ଅଭିଯୋଗ ରହିଛି, ଯାହାକୁ ଅଣଦେଖା କରାଯାଇପାରିବ ନାହିଁ କିମ୍ବା ଚାପି ଦିଆଯାଇପାରିବ ନାହିଁ। ଜ୍ଞାନେଶ ଅଧିକ ଦିନ ପଦବୀରେ ରହିବା ସମ୍ବିଧାନ ଉପରେ ଆକ୍ରମଣ। ପ୍ରଧାନମନ୍ତ୍ରୀ ଏବଂ ସ୍ୱରାଷ୍ଟ୍ର ମନ୍ତ୍ରୀଙ୍କ ନିର୍ଦ୍ଦେଶରେ କାର୍ଯ୍ୟ ଜାରି ରଖିବା ପାଇଁ ଏଭଳି ବ୍ୟକ୍ତି ପଦବୀରେ ରହିବା ଅତ୍ୟନ୍ତ ଲଜ୍ଜାଜନକ ବୋଲି ଜୟରାମ କହିଛନ୍ତି। ମୁଖ୍ୟ ନିର୍ବାଚନ କମିଶନର ଓ ଅନ୍ୟ ନିର୍ବାଚନ କମିଶନର ଆଇନ ୨୦୨୩ ଓ ବିଚାରପତି (ତଦନ୍ତ) ଆଇନ, ୧୯୬୮ ସମେତ ସମ୍ବିଧାନର ବିଭିନ୍ନ ବ୍ୟବସ୍ଥା ଅନୁଯାୟୀ ଜ୍ଞାନେଶ କୁମାରଙ୍କୁ ବହିଷ୍କାର କରିବା ଲାଗି ନୋଟିସ୍‌ରେ ରାଷ୍ଟ୍ରପତିଙ୍କୁ ନିବେଦନ କରାଯାଇଛି।

# ଖାତରେ ଭ୍ୟାନ୍ ଖସି ୮ ମୃତ

ନ୍ୟୁ ଟେହରି,୨୪।୪(ପି.ଟି.)

ଉତ୍ତରାଖଣ୍ଡର ଟେହରି ଜିଲା ଅନ୍ତର୍ଗତ ଚାମ୍ବା ନିକଟରେ ୩୦୦ ମିଟର ଗଭୀର ଏକ ଗର୍ତ୍ତ ମଧ୍ୟକୁ ପିକ୍‌ଅପ୍ ଭ୍ୟାନ୍ ଖସିପଡ଼ିବାରୁ ୮ ଜଣଙ୍କ ମୃତ୍ୟୁ ଘଟିବା ସହ ଅନ୍ୟ ୨ ଜଣ ଆହତ ହୋଇଛନ୍ତି। ଗୁରୁବାର ଅପରାହ୍ନ ୨ଟା ୧୫ ମିନିଟ୍ ସମୟରେ ଚାମ୍ବା-କୋଟି କଲୋନି ରାସ୍ତାର ନାଇଲ୍ ଗ୍ରାମ ନିକଟରେ ଏହି ଦୁର୍ଘଟଣା ଘଟିଛି। ମୃତକମାନେ ଗୋଟିଏ ଗାଁର। ସେମାନେ ଏକ ଅନ୍ତ୍ୟେଷ୍ଟିକ୍ରିୟା ସାରି ଘରକୁ ଫେରୁଥିବାବେଳେ ଡ୍ରାଇଭର ଭାରସାମ୍ୟ ହରାଇବାରୁ ଗାଡ଼ିଟି ଗର୍ତ୍ତ ମଧ୍ୟକୁ ଖସିପଡ଼ିଥିଲା। ଗାଡ଼ିରେ ୧୦ ଜଣ ଲୋକ ଥିଲେ ବୋଲି ଜଣାପଡ଼ିଛି। ପୋଲିସ ଓ ଏସ୍‌ଡିଆର୍‌ଏଫ୍ ଟିମ୍ ପହଞ୍ଚି ମୃତଦେହଗୁଡ଼ିକୁ ବାହାର କରିବା ସହ ଆହତମାନଙ୍କ ନିକଟବର୍ତ୍ତୀ ହସ୍ପିଟାଲରେ ଭର୍ତ୍ତି କରିଛି।

# ମଣିପୁରରେ ସାନି ସଂଘର୍ଷ: ୩ ମୃତ

ଇମ୍ଫାଲ୍,୨୪।୪

ମଣିପୁରର ଉଖ୍ରୁଲ୍ ଜିଲାରେ ଶୁକ୍ରବାର ନାଗା ଓ କୁକି ସମ୍ପ୍ରଦାୟ ୨ ସଶସ୍ତ୍ର ଗୋଷ୍ଠୀ ମଧ୍ୟରେ ସଂଘର୍ଷ ଘଟି ଅନ୍ୟୂନ ୩ ଜଣଙ୍କ ମୃତ୍ୟୁ ହେବା ସହ ଅନେକେ ଆହତ ହୋଇଛନ୍ତି। ହିଂସା ପ୍ରଭାବିତ ଉକ୍ତ ଜିଲାର ମୁଲ୍ଲାମ୍ ଗ୍ରାମ ନିକଟରେ ଏହି ହିଂସାକାଣ୍ଡ ଘଟିଥିବା ପୋଲିସ କହିଛି। ସୁରକ୍ଷା ବଳ ୨ଟି ମୃତଦେହ ଉଦ୍ଧାର କରିଛି। ନାଗାଲାଣ୍ଡ ଏବଂ ମ୍ୟାନ୍‌ମାର ସୀମାକୁ ଲାଗିଥିବା ଉଖ୍ରୁଲ୍ ଜିଲାରେ ତାଙ୍ଗ୍‌ଖୁଲ୍ ନାଗା ସମ୍ପ୍ରଦାୟ ଅଧିକ ସଂଖ୍ୟାରେ ବସବାସ କରନ୍ତି। ସେମାନଙ୍କର କୁକି ସମ୍ପ୍ରଦାୟ ସହ ବିବାଦରୁ ହିଂସାକାଣ୍ଡ ଘଟିଛି। ମୃତକ ୨ ଜଣ ହେଲେ ଏଲ୍. ସିତ୍‌ଲୋଉ ଏବଂ ପି. ହାଇଲାଇ। ସେମାନଙ୍କୁ ଗୁଳିମାଡ଼ ହୋଇଛି। ଶୁକ୍ରବାର ସକାଳେ ମୁଲ୍ଲାମ ଗ୍ରାମ ନିକଟରେ ୨ ସଶସ୍ତ୍ର ଉଗ୍ରପନ୍ଥୀ ଗୋଷ୍ଠୀ ମଧ୍ୟରେ ଜୋର୍‌ଦାର ଗୁଳି ବିନିମୟ ହୋଇଥିଲା।


ଉଖ୍ରୁଲ ଜିଲାରେ ସାନି ହିଂସା ପ୍ରତିବାଦରେ ବିକ୍ଷୋଭକାରୀ ରାସ୍ତାରେ ଟାୟାର ଜାଳୁଛନ୍ତି।

ହିଂସାବେଳେ ଉକ୍ତ ପାର୍ବତ୍ୟାଞ୍ଚଳର ଅନେକ ଘରେ ନିଆଁ ଲଗାଇଦିଆଯାଇଛି।

ଶାନ୍ତିପୂର୍ଣ୍ଣ କୁକି ଗ୍ରାମଗୁଡ଼ିକ ଉପରେ ଏଭଳି ସଶସ୍ତ୍ର ଆକ୍ରମଣ ଭୀରୁତାର କାର୍ଯ୍ୟ ବୋଲି କୁକି ମାନବାଧିକାର ମହିଳା ସଂଗଠନ ପକ୍ଷରୁ କୁହାଯିବା ସହ ଘଟଣାକୁ ନିନ୍ଦା କରାଯାଇଛି। ନିରୀହ ଲୋକେ ଘରେ ଶୋଇଥିବାବେଳେ ଆକ୍ରମଣ ହୋଇଥିଲା ବୋଲି ଉକ୍ତ ସଂଗଠନ ଅଭିଯୋଗ କରିଛି। ଆକ୍ରମଣରେ ୨ ଜଣ କୁକି ଗ୍ରାମ ସ୍ୱେଚ୍ଛାସେବୀ ନିହତ ହୋଇଛନ୍ତି, ଯେଉଁମାନେ ଉକ୍ତ ସମ୍ପ୍ରଦାୟର ସୁରକ୍ଷା ଦାୟିତ୍ୱରେ ଥିଲେ। ଘରେ ନିଆଁ ଲଗାଇଦେବାରୁ ମହିଳା ଓ ପିଲାମାନଙ୍କ ସହ ଅନେକେ ଆହତ ହୋଇଛନ୍ତି। ଗ୍ରାମବାସୀ ଆତ୍ମରକ୍ଷା ପାଇଁ ଲାଇସେନ୍ସପ୍ରାପ୍ତ ଶିକାର ବନ୍ଧୁକ ବ୍ୟବହାର କରୁଥିବାବେଳେ ଏଥିରେ ଜଣେ ଆକ୍ରମଣକାରୀଙ୍କୁ ହତ୍ୟା କରିଥିବା ଜଣାପଡ଼ିଛି।

ସୂଚନାଯୋଗ୍ୟ, ୨୦୨୩ ମେ'ରୁ ମଣିପୁରରେ ଜାତିଆଣ ହିଂସା ଦୀର୍ଘଦିନ ଲାଗି ରହିବା ସହ ୨୬୦ରୁ ଊର୍ଦ୍ଧ୍ୱ ଲୋକଙ୍କ ମୃତ୍ୟୁ ଘଟିଥିଲା। ତତ୍କାଳୀନ ମୁଖ୍ୟମନ୍ତ୍ରୀ ଏନ୍. ବିରେନ୍ ସିଂ ଇସ୍ତଫା ଦେବା ପରେ ମଣିପୁରରେ ବର୍ଷେ ପର୍ଯ୍ୟନ୍ତ ରାଷ୍ଟ୍ରପତି ଶାସନ ଲାଗୁ ହୋଇଥିଲା। ରାଷ୍ଟ୍ରପତି ଶାସନ ପ୍ରତ୍ୟାହାର ପରେ ସେଠାରେ ନୂଆ ସରକାର ଗଢ଼ାହୋଇଥିବବେଳେ ପୁଣିଥରେ ହିଂସା ମୁଣ୍ଡ ଟେକିଛି। ଗତ ୨ ସପ୍ତାହ ମଧ୍ୟରେ ସେଠାରେ ୩ଟି ହିଂସା ଘଟଣାରେ ୭ ଜଣଙ୍କ ଜୀବନ ଗଲାଣି। ଏହା ବିରୋଧରେ ମଣିପୁରର ୫ଟି ଜିଲାରେ ବିକ୍ଷୋଭ ଓ ବନ୍ଦ ପାଳନ ହୋଇଥିଲା।

# ରୁଷିଆ ସେନାରେ ଯୁଦ୍ଧକରି ପ୍ରାଣ ହରାଇଲେଣି ୧୦ ଭାରତୀୟ

ନୂଆଦିଲ୍ଲୀ,୨୪।୪ (ପି.ଟି.)

## ସୁପ୍ରିମକୋର୍ଟଙ୍କୁ ଜଣାଇଲା କେନ୍ଦ୍ର

ୟୁକ୍ରେନ୍ ବିରୋଧରେ ରୁଷିଆ ସେନାରେ ରହି ଯୁଦ୍ଧ କରୁଥିବାବେଳେ ୧୦ ଜଣ ଭାରତୀୟଙ୍କ ଜୀବନ ଗଲାଣି। କେନ୍ଦ୍ର ସରକାର ଶୁକ୍ରବାର ସୁପ୍ରିମକୋର୍ଟଙ୍କୁ ଏହା ଜଣାଇଛନ୍ତି। ଯୁଦ୍ଧ ଅଞ୍ଚଳରୁ ମୃତଦେହ ଆଣିବା କରିବା ଅତ୍ୟନ୍ତ କଷ୍ଟକର ହୋଇପାରେ। ତେଣୁ ସ୍ଥିତିକୁ କୌଶଳପୂର୍ଣ୍ଣ ଭାବେ ପରିଚାଳନା କରିବା ଆବଶ୍ୟକ ବୋଲି ପ୍ରଧାନ ବିଚାରପତି ସୂର୍ଯ୍ୟକାନ୍ତ, ଜଷ୍ଟିସ୍ ଜୟମାଲ୍ୟ ଏବଂ ବିପୁଲ ଏମ୍ ପାଞ୍ଚୋଲିଙ୍କ ଖଣ୍ଡପୀଠ କହିଛନ୍ତି।

ରୁଷିଆ ସେନାରେ ରହି ୟୁକ୍ରେନ୍ ବିରୋଧରେ ଯୁଦ୍ଧ ଲଢୁଥିବା ୨୬ ଜଣ ଭାରତୀୟଙ୍କୁ ସୁରକ୍ଷିତ ଭାବେ ଫେରାଇଆଣିବା ପାଇଁ ସରକାରଙ୍କୁ ନିର୍ଦ୍ଦେଶ ଦେବା ନିମନ୍ତେ ସୁପ୍ରିମକୋର୍ଟରେ ଏକ ପିଟିଶନ୍‌ର ଶୁଣାଣି ବେଳେ କେନ୍ଦ୍ର ସରକାରଙ୍କ ତରଫରୁ ଅତିରିକ୍ତ ସଲିସିଟର ଜେନେରାଲ ଐଶ୍ୱର୍ଯ୍ୟା ଭଟ୍ଟି ସୁପ୍ରିମକୋର୍ଟରେ ଉପସ୍ଥିତ ରହି ୧୦ ଭାରତୀୟଙ୍କ ଦୁର୍ଭାଗ୍ୟପୂର୍ଣ୍ଣ ମୃତ୍ୟୁ ସମ୍ପର୍କରେ ଅବଗତ କରାଇଥିଲେ। ଭାରତୀୟ ଯୁବକମାନଙ୍କୁ ଲୋଭନୀୟ ନିଯୁକ୍ତି ଦେବାର ପ୍ରତିଶ୍ରୁତି ଦେଇ ସେମାନଙ୍କୁ ରୁଷିଆ ନିଆଯିବା ପରେ ସେଠାରେ ୟୁକ୍ରେନ୍ ବିରୋଧୀ ଯୁଦ୍ଧରେ ସାମିଲ କରାଯାଇଥିଲା। ୨୬ ଜଣଙ୍କ ମଧ୍ୟରୁ ୧୦ ଜଣଙ୍କ ମୃତ୍ୟୁ ଘଟିଥିବାବେଳେ ଜଣେ ଆପରାଧିକ ମାମଲାରେ ଜେଲରେ ଅଛନ୍ତି। ଅନ୍ୟ ଜଣେ ସ୍ୱେଚ୍ଛାକୃତ ଭାବେ ରୁଷିଆରେ ରହିବାକୁ ଚାହୁଁଛନ୍ତି ବୋଲି ଭଟ୍ଟି ଜଣାଇଛନ୍ତି।

# ଇରାନ ନ ଯିବାକୁ ଆଡଭାଇଜରି ଜାରିକଲା ଭାରତ

ନୂଆଦିଲ୍ଲୀ,୨୪।୪

ଭାରତ ଓ ଇରାନ ମଧ୍ୟରେ ସୀମିତ ବିମାନ ଚଳାଚଳ ଆରମ୍ଭ ହୋଇଥିଲେ ମଧ୍ୟ ଆଞ୍ଚଳିକ ଉତ୍ତେଜନା ଜାରି ରହିଥିବାରୁ ସେଠାକୁ ନ ଯିବା ଲାଗି ଭାରତ ଏହାର ନାଗରିକମାନଙ୍କୁ ପରାମର୍ଶ ଦେଇଛି। ତେହରାନ୍‌ରେ ଥିବା ଭାରତୀୟ ଦୂତାବାସ ପକ୍ଷରୁ ଏହାର ନାଗରିକମାନଙ୍କ ପାଇଁ ଗୁରୁବାର ସାନି ଆଡଭାଇଜରି ଜାରି କରାଯାଇଛି। ଆଞ୍ଚଳିକ ଉତ୍ତେଜନା ଜାରି ରହିଥିବାରୁ ବାୟୁସୀମା କଟକଣା ଏବଂ ବିମାନ ଚଳାଚଳରେ ଅନିଶ୍ଚିତତା ଲାଗି ରହିଛି। ଫଳରେ ଇରାନରୁ ଅନ୍ୟ ଦେଶକୁ ଏବଂ ଅନ୍ୟ ଦେଶରୁ ଇରାନକୁ ଅନ୍ତର୍ଜାତୀୟ ବିମାନ ଚଳାଚଳ ପ୍ରଭାବିତ ହୋଇଥିବା ଦୂତାବାସ ପକ୍ଷରୁ କୁହାଯାଇଛି।

# ପାକିସ୍ତାନ ଗସ୍ତରେ ଅରାଘଚି

ଇସ୍‌ଲାମାବାଦ,୨୪।୪ (ପି.ଟି.)

## ଇରାନ-ଆମେରିକା ଆଲୋଚନା ହୋଇପାରେ


ଅବ୍ବାସ ଅରାଘଚି

ଆମେରିକା ସହ ଦ୍ୱିତୀୟ ପର୍ଯ୍ୟାୟ ଶାନ୍ତି ଆଲୋଚନାରେ ଭାଗ ନେବା ପାଇଁ ଇରାନ ବୈଦେଶିକ ମନ୍ତ୍ରୀ ଅବ୍ବାସ ଅରାଘଚିଙ୍କ ନେତୃତ୍ୱରେ ଏକ ପ୍ରତିନିଧି ଦଳ ପାକିସ୍ତାନ ଆସୁଛନ୍ତି। ଅରାଘଚି ପାକିସ୍ତାନ ଯାଉଥିବା ନେଇ ଇରାନ ସରକାରୀ ଗଣମାଧ୍ୟମ ଆଇଆର୍‌ଏନ୍‌ଏ ନ୍ୟୁଜ୍ ଏଜେନ୍ସି ସ୍ପଷ୍ଟ କରିଛି। ସେ ପାକିସ୍ତାନରେ ଦ୍ୱିପାକ୍ଷିକ ପରାମର୍ଶ କରିବା ସହ ଆଞ୍ଚଳିକ ବିକାଶ ଉପରେ ଆଲୋଚନା କରିବେ। ଏଥିସହିତ ସେ ଓମାନ ଏବଂ ରୁଷିଆ ଯିବେ ବୋଲି ଉକ୍ତ ଗଣମାଧ୍ୟମ କହିଛି। ସାରା ବିଶ୍ୱ ଯୁଦ୍ଧକୁ ନେଇ ଚିନ୍ତାରେ ଥିବାବେଳେ ଷ୍ଟ୍ରେଟ୍ ଅଫ୍ ହର୍ମୁଜ୍ ଅବରୋଧ ଯୋଗୁ ଉକ୍ତ ସାମୁଦ୍ରିକ ପଥ ଦେଇ ଇନ୍ଧନ ରପ୍ତାନି ବାଧାପ୍ରାପ୍ତ ହୋଇଛି। ଯୁଦ୍ଧ ବନ୍ଦ କରିବା ଓ ହର୍ମୁଜକୁ ଜାହାଜ ଚଳାଚଳ ପାଇଁ ଅବରୋଧମୁକ୍ତ କରିବା ଲାଗି ପାକିସ୍ତାନ ମଧ୍ୟସ୍ଥତାରେ ଦ୍ୱିତୀୟ ପର୍ଯ୍ୟାୟ ଆଲୋଚନା ପାଇଁ ଉଦ୍ୟମ ଜାରି ରହିଥିବାବେଳେ ଅସ୍ତ୍ରବିରତି ସମୟସୀମା ଶେଷ ହେବା ପୂର୍ବରୁ ତେହରାନ୍ ଆଲୋଚନା ଟେବୁଲ୍‌କୁ ଆସିବା ଲାଗି ଅମଙ୍ଗ ହୋଇଥିଲା। ତେଣୁ ଅସ୍ତ୍ରବିରତି ଅବଧି ଶେଷ ହେବା ପୂର୍ବରୁ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଏହାକୁ ଅନିର୍ଦ୍ଦିଷ୍ଟ କାଳ ପାଇଁ ବଢ଼ାଇଥିଲେ।

ଷ୍ଟ୍ରେଟ୍ ଅଫ୍ ହର୍ମୁଜ୍‌ରେ ମାଇନ୍ ବିଛାଉଥିବା ବୋଟ୍‌ଗୁଡ଼ିକୁ ଗୁଳିକରି ଧ୍ୱଂସ କରିଦେବା ପାଇଁ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଗୁରୁବାର ନୌସେନାକୁ ନିର୍ଦ୍ଦେଶ ଦେବା ପରେ ଇରାନ ଏବଂ ଆମେରିକା ମଧ୍ୟରେ ବିବାଦ ଏକ ଭୟାନକ ପର୍ଯ୍ୟାୟରେ ପହଞ୍ଚିଛି। ଆମେରିକା ନୌସେନା ହର୍ମୁଜ୍‌ର ମାଇନ୍ ହଟାଇବା କାର୍ଯ୍ୟକୁ ଅଧିକ ତ୍ୱରାନ୍ୱିତ କରିଛି। ୨ ଦେଶର ନୌସେନା ମଧ୍ୟରେ ମୁହାଁମୁହିଁ ସ୍ଥିତି ଆଶଙ୍କା ଥିବାବେଳେ ଆମେରିକା ଷ୍ଟ୍ରେଟ୍ ଅଫ୍ ହର୍ମୁଜ୍‌କୁ ସମ୍ପୂର୍ଣ୍ଣ ନିୟନ୍ତ୍ରଣରେ ରଖିଥିବା ଟ୍ରମ୍ପ ଦାବି କରିଥିଲେ।

# ସ୍ତ୍ରୀ, ମା'ଙ୍କୁ ହତ୍ୟା ପରେ ୨ ପିଲାଙ୍କ ସହ ଗୃହକର୍ତ୍ତାଙ୍କ ଆତ୍ମହତ୍ୟା

ତିରୁପତି,୨୪।୪

ଆନ୍ଧ୍ରପ୍ରଦେଶର ତିରୁପତି ଜିଲାରେ ଏକ ପରିବାରର ସମସ୍ତ ୫ ସଦସ୍ୟଙ୍କ ଜୀବନ ଯାଇଛି। ଗୃହକର୍ତ୍ତା ମୋହନ ତାଙ୍କ ମା' ଚନ୍ଦ୍ରକଳା(୬୫) ଓ ସ୍ତ୍ରୀ ହରିଥା(୩୩)ଙ୍କୁ ଘରେ ହତ୍ୟା କରିବା ପରେ ରେଳଲାଇନରେ ଆତ୍ମହତ୍ୟା କରିଛନ୍ତି। ତାଙ୍କର ୨ ପିଲା ତାଙ୍କୁ ରକ୍ଷା କରିବାକୁ ଉଦ୍ୟମ କରି ଟ୍ରେନ୍ ଚକତଳେ ଜୀବନ ଦେଇଛନ୍ତି। ମୋହନ ଦୀର୍ଘ ସମୟ ପର୍ଯ୍ୟନ୍ତ ଘରକୁ ନ ଫେରିବା ଏବଂ ତାଙ୍କ ଫୋନ୍ ସୁଇଚ୍ ଅଫ୍ ଥିବାରୁ ହରିଥାଙ୍କ ଭାଇ ସନ୍ଦେହ କରି ଘରକୁ ଯାଇ ୨ ମହିଳାଙ୍କ ମୃତଦେହ ପଡ଼ିଥିବା ଦେଖିବାକୁ ପାଇଥିଲେ।

# ନେତାନ୍ୟାହୁଙ୍କୁ କ୍ୟାନ୍‌ସର

ଜେରୁଜେଲମ୍,୨୪।୪


ବେଞ୍ଜାମିନ୍ ନେତାନ୍ୟାହୁ

ଇସ୍ରାଏଲ୍ ପ୍ରଧାନମନ୍ତ୍ରୀ ବେଞ୍ଜାମିନ୍ ନେତାନ୍ୟାହୁଙ୍କୁ କ୍ୟାନ୍‌ସର ହୋଇଥିବା ସେ ସୂଚନା ଦେଇଛନ୍ତି। ସ୍ୱାସ୍ଥ୍ୟ ଯାଞ୍ଚ ବେଳେ ତାଙ୍କର ଏକ ଛୋଟ ଟ୍ୟୁମର ହୋଇଥିବା ଜଣାପଡ଼ିଥିଲା। ଏହା ପରେ ସେ ପ୍ରଥମ ପର୍ଯ୍ୟାୟ ପ୍ରୋଷ୍ଟେଟ୍ କ୍ୟାନ୍‌ସରରେ ପୀଡ଼ିତ ଥିବା ଜଣାପଡ଼ିବାରୁ ସଫଳତାର ସହ ଚିକିତ୍ସା କରାଇଥିବା ନେତାନ୍ୟାହୁ କହିଛନ୍ତି। ତାଙ୍କର ବାର୍ଷିକ ସ୍ୱାସ୍ଥ୍ୟ ରିପୋର୍ଟରେ ଏହା ପ୍ରକାଶ ପାଇଛି। ୨ ମାସ ପୂର୍ବରୁ ଏହା ଜଣାପଡ଼ିଥିଲେ ମଧ୍ୟ ଇରାନ ବିରୋଧରେ ଜୋର୍‌ଦାର ଯୁଦ୍ଧ ଚାଲିଥିବାରୁ ଖବର ପ୍ରକାଶରେ ବିଳମ୍ବ କରିବାକୁ ନେତାନ୍ୟାହୁ ନିର୍ଦ୍ଦେଶ ଦେଇଥିଲେ। ପୋଷ୍ଟେଟ୍ କ୍ୟାନ୍‌ସରର ପ୍ରାରମ୍ଭିକ ଅବସ୍ଥାରେ ତାଙ୍କର ରେଡିଏଶନ ଥେରାପି ହୋଇଥିଲା। ଏବେ ତାଙ୍କ ସ୍ୱାସ୍ଥ୍ୟାବସ୍ଥା ସମ୍ପୂର୍ଣ୍ଣ ଭଲ ଥିବା ନେତାନ୍ୟାହୁ କହିଛନ୍ତି। ତେବେ ଚିକିତ୍ସା କେବେ ହୋଇଥିଲା ସେ ସମ୍ପର୍କରେ ସେ କିଛି କହିନାହାନ୍ତି।

# ହିନ୍ଦୁକୁଶ ହିମାଳୟରେ ବରଫ ସ୍ତର ରେକର୍ଡ ହ୍ରାସ

କାଠମାଣ୍ଡୁ,୨୪।୪

ହିନ୍ଦୁକୁଶ ହିମାଳୟରେ କ୍ରମାଗତ ଭାବେ ଚତୁର୍ଥ ବର୍ଷ ପାଇଁ ବରଫପାତ ସ୍ୱାଭାବିକଠାରୁ ଯଥେଷ୍ଟ କମ୍ ରହିଛି। ଏପରିକି ଚଳିତ ବର୍ଷର ତୁଷାରପାତ ଗତବର୍ଷର ସର୍ବନିମ୍ନ ରେକର୍ଡକୁ ଭାଙ୍ଗି ଦେଇଛି। ତେବେ ୧୨ଟି ଅଞ୍ଚଳ ମଧ୍ୟରୁ ଅନ୍ୟତମ ଗଙ୍ଗା ଅବବାହିକାରେ ସ୍ୱାଭାବିକଠାରୁ ଅଧିକ ଦିନ ବରଫ ଜମିରହିଥିବା ଦେଖିବାକୁ ମିଳିଛି। ହିନ୍ଦୁକୁଶ ହିମାଳୟ ଅଞ୍ଚଳରେ ଋତୁକାଳୀନ ତୁଷାରପାତର ବ୍ୟତିକ୍ରମ ଉପରେ ନଜର ରଖି ଓ ନଭେମ୍ବରରୁ ମାର୍ଚ୍ଚ ଶୀତଋତୁରେ ଉକ୍ତ ଅଞ୍ଚଳରେ ଜମିରହୁଥିବା ବରଫକୁ ଆକଳନ କରି ବାର୍ଷିକ ରିପୋର୍ଟ ପ୍ରସ୍ତୁତ କରୁଥିବା ଇଣ୍ଟରନ୍ୟାଶନାଲ ସେଣ୍ଟର ଫର୍ ଇଣ୍ଟିଗ୍ରେଟେଡ୍ ମାଉଣ୍ଟେନ୍ ଡେଭେଲପ୍‌ମେଣ୍ଟ (ଆଇସିଆଇଏମ୍‌ଓଡି) ପକ୍ଷରୁ ଏହି ତଥ୍ୟ ପ୍ରଦାନ କରାଯାଇଛି। ୨୦୦୩ରୁ ୨୦୨୬ ମଧ୍ୟରେ ହିନ୍ଦୁକୁଶ ହିମାଳୟ ଅଞ୍ଚଳରେ ୧୪ଟି ଶୀତଋତୁରେ



ସ୍ୱାଭାବିକଠାରୁ କମ୍ ବରଫ ଜମିରହିଥିଲା। ନିକଟ ଅତୀତ ବର୍ଷଗୁଡ଼ିକରେ ଏହି ଧାରା ବଢ଼ିଚାଲିଛି। ଚଳିତ ବର୍ଷ କ୍ରମାଗତ ଚତୁର୍ଥ ବର୍ଷ ଭାବେ ଉକ୍ତ ଅଞ୍ଚଳରେ ଜମିରହୁଥିବା ବରଫ ପରିମାଣ ସ୍ୱାଭାବିକଠାରୁ ୨୭.୮ ପ୍ରତିଶତ କମ୍ ଥିବା ଦେଖିବାକୁ ମିଳିଛି। ଗତବର୍ଷ ଜମି ରହିଥିବା ବରଫ ପରିମାଣ ସ୍ୱାଭାବିକଠାରୁ ୨୩.୬ ପ୍ରତିଶତ କମ୍ ରହିଥିଲା। ବରଫ କମିବା ଅର୍ଥ ବିଶ୍ୱର ଏହି ସର୍ବୋଚ୍ଚ ପର୍ବତ ଶୃଙ୍ଗରେ ଋତୁକାଳୀନ ବରଫ ଜମାହେବା ବ୍ୟବସ୍ଥାଗତ ଭାବେ ଭୁଶୁଡ଼ିଛି। ଫଳରେ ହିନ୍ଦୁକୁଶ ହିମାଳୟରୁ ବାହାରିଥିବା ୧୨ଟି ବୃହତ୍ ନଦୀ ଅବବାହିକା ଉପରେ ନିର୍ଭର କରୁଥିବା ୨୦୦ କୋଟି ଲୋକଙ୍କ ସୁରକ୍ଷା ପ୍ରତି ବିପଦ ସୃଷ୍ଟି କରିଥିବା ରିପୋର୍ଟରେ କୁହାଯାଇଛି। ଏବେ ୧୦ଟି ନଦୀ ଅବବାହିକାରେ ବରଫ ଜମାହେବା ପରିମାଣ ସ୍ୱାଭାବିକଠାରୁ କମ୍ ରହିଛି। ମେକଙ୍ଗ, ଟାରିମ୍ ଓ ତିବ୍ବତୀୟ ମାଳଭୂମିରେ ଏହା ୨୪ ବର୍ଷ ମଧ୍ୟରେ ସର୍ବନିମ୍ନ ରହିଥିବା ଆଇସିଆଇଏମ୍‌ଓଡି ରିପୋର୍ଟରେ କୁହାଯାଇଛି। କେବଳ ଗଙ୍ଗା ଉପତ୍ୟକାରେ ସ୍ୱାଭାବିକଠାରୁ ୧୬.୩ ପ୍ରତିଶତ ଅଧିକ ବରଫ ଜମା ହୋଇଥିବାବେଳେ ଇରାୱାଡ଼ିରେ ୨୧.୮ ପ୍ରତିଶତ ବରଫ ଅଧିକ ରହିଛି। ଅପରପକ୍ଷରେ ମେକଙ୍ଗରେ ସ୍ୱାଭାବିକଠାରୁ ୫୯.୫%, ତିବ୍ବତୀୟ ମାଳଭୂମିରେ ୪୭.୪% ଏବଂ ସାଲଓ୍ୱିନ୍‌ରେ ୪୧.୮% କମ୍ ବରଫ ଜମା ହୋଇଥିବା ରିପୋର୍ଟରେ ଉଲ୍ଲେଖ ରହିଛି।

# ୪୦୦ ଫୁଟ୍ ଉଚ୍ଚ ବିଏସ୍‌ଏନ୍‌ଏଲ୍ ଟାୱାରରେ ୫୬୦ ଦିନ

## ଦାବି ପୂରଣ ପରେ ଓହ୍ଲାଇଲେ ଆକ୍ଟିଭିଷ୍ଟ ଗୁର୍‌ଜିତ ଖାଲ୍‌ସା

ସାମାନା(ପଞ୍ଜାବ),୨୪।୪ (ପି.ଟି.)

ପଞ୍ଜାବ ଆକ୍ଟିଭିଷ୍ଟ ଗୁର୍‌ଜିତ ସିଂ ଖାଲ୍‌ସା ଧର୍ମନିନ୍ଦା ଘଟଣାରେ କଠୋର ଆଇନ ଆଣିବା ଦାବିରେ ୪୦୦ ଫୁଟ୍ ଉଚ୍ଚ ବିଏସ୍‌ଏନ୍‌ଏଲ୍ ଟାୱାର ଉପରେ ୫୬୦ ଦିନ ବସିରହିବା ପରେ ଶୁକ୍ରବାର ସକାଳେ ତାଙ୍କୁ ତଳକୁ ଅଣାଯାଇଛି। ପଞ୍ଜାବ ସରକାର ଧର୍ମନିନ୍ଦା ବିରୋଧରେ କଠୋର ଆଇନ ଆଣିବା ପରେ ଜିଲା ପ୍ରଶାସନ ୪୩ ବର୍ଷୀୟ ଗୁର୍‌ଜିତଙ୍କୁ ସୁରକ୍ଷିତ ଭାବେ ଟାୱାରରୁ ତଳକୁ ଆଣିଛି।

ଗୁରୁଗ୍ରନ୍ଥ ସାହିବର ଅପମାନ କରୁଥିବା ବ୍ୟକ୍ତିଙ୍କୁ କଠୋର ଦଣ୍ଡବିଧାନ ଦାବିରେ ଗୁର୍‌ଜିତ ୨୦୨୪ ଅକ୍ଟୋବର ୧୨ରେ ପଟିଆଲା ନିକଟ ସାମାନାଠାରେ ଥିବା ଟାୱାର ଉପରେ ଚଢ଼ି ବିକ୍ଷୋଭ ଜାରି ରଖିଥିଲେ। ଶୁକ୍ରବାର ଅଗ୍ନିଶମ, ପୋଲିସ୍ ଓ ପ୍ରଶାସନିକ ଅଧିକାରୀମାନଙ୍କ ଏକ ଟିମ୍ ଏକ ସ୍ୱତନ୍ତ୍ର କ୍ରେନ୍ ସହାୟତାରେ ତାଙ୍କୁ ତଳକୁ ଆଣିଛି। ଏହି ଅଭିଯାନରେ ସୁରକ୍ଷା ଉପକରଣ ଲାଗିଥିବାବେଳେ ବିଭିନ୍ନ ସଂସ୍ଥା ପକ୍ଷରୁ ମିଳିତ ଉଦ୍ୟମ ହୋଇଥିଲା ବୋଲି ଅଗ୍ନିଶମ ବିଭାଗର ଜଣେ ଅଧିକାରୀ କହିଛନ୍ତି। ଗୁର୍‌ଜିତ ଟାୱାରରୁ ଓହ୍ଲାଉଥିବାବେଳେ ତଳେ ଲୋକମାନେ ସ୍ଲୋଗାନ ଦେଇଥିଲେ। ଗୁର୍‌ଜିତଙ୍କ ସ୍ୱାସ୍ଥ୍ୟାବସ୍ଥା ଯାଞ୍ଚ ଲାଗି ତାଙ୍କୁ ଏକ ଆମ୍ବୁଲାନ୍ସ


ଟାୱାରରୁ ଓହ୍ଲାଇବା ପରେ ଗୁର୍‌ଜିତ ସିଂ ଖାଲ୍‌ସା ସ୍ଲୋଗାନ ଦେଉଛନ୍ତି।

ଯୋଗେ ହସ୍ପିଟାଲ ନିଆଯାଇଥିଲା। ସମର୍ଥକମାନେ ତାଙ୍କ ଉପରେ ପୁଷ୍ପବୃଷ୍ଟି କରିଥିଲେ। ଗୁରୁଙ୍କ କୃପାରୁ ୧୮ ମାସ ୧୨ ଦିନ ପରେ ସେ ସୁରକ୍ଷିତ ଭାବେ ତଳକୁ ଆସିଥିବା କହିବା ସହ ପଞ୍ଜାବ ସରକାର, ମୁଖ୍ୟମନ୍ତ୍ରୀ ଭଗୱନ୍ତ ମାନ୍ ଏବଂ ବିଧାନସଭା ବାଚସ୍ପତି କୁଲତାର ସିଂ ସାନ୍ଧୱାନ୍‌ଙ୍କୁ ଅଭିନନ୍ଦନ ଜଣାଇଛନ୍ତି। ଏଥିସହିତ ତାଙ୍କୁ ସୁରକ୍ଷିତ ଭାବେ ତଳକୁ ଆଣିଥିବା ସ୍ଥାନୀୟ ପ୍ରଶାସନକୁ ସେ ଧନ୍ୟବାଦ ଜଣାଇଛନ୍ତି।

# ପତୋରା ଡ୍ୟାମ୍‌ରୁ ଜଳଯୋଗାଣ ବାଧାପ୍ରାପ୍ତ

■ସହରକୁ ମିଳୁନି ପାଣି
■ଟ୍ୟାଙ୍କର ଯୋଗେ ଜଳଯୋଗାଣ
■ଗ୍ରାମାଞ୍ଚଳ କଥା ପଚାରେ କିଏ

ନୂଆପଡ଼ା,୨୪।୪ (ମକାରୁ ବେମାଲ)

ନୂଆପଡ଼ା ଜିଲାରେ ଥିବା ପତୋରା ଡ୍ୟାମରୁ ଜଳଯୋଗାଣ ବାଧାପ୍ରାପ୍ତ ହୋଇଛି। ଫଳରେ ଜିଲାର ୨ପ୍ରମୁଖ ସହର ଖରିଆରରୋଡ ଓ ନୂଆପଡ଼ାରେ ପାନୀୟଜଳ ସମସ୍ୟା ଦେଖାଦେଇଛି। ଉଭୟ ବିଜ୍ଞାପିତ ଅଞ୍ଚଳ ପରିଷଦରେ ଜଳସଙ୍କଟ ଦେଖାଦେଇଥିବାରୁ ଲୋକେ ଅସୁବିଧାର ସମ୍ମୁଖୀନ ହୋଇଛନ୍ତି। ନୂଆପଡ଼ା ସହର ହେଉଛି ଜିଲା ସଦର ମହକୁମା ଏବଂ ଖରିଆରରୋଡ ସହର ହେଉଛି ଜିଲାର ବ୍ୟବସାୟିକ ବାଣିଜ୍ୟ କେନ୍ଦ୍ର। ଏହି ୨ସହରରେ ପାନୀୟଜଳ ସଙ୍କଟ ଦୂର କରିବା ଉଦ୍ଦେଶ୍ୟରେ ନୂଆପଡ଼ା ସଦର ବ୍ଲକ ପତୋରାରେ ଥିବା ଉପର ଜୋଙ୍କ ଜଳସେଚନ ପ୍ରକଳ୍ପରେ ମେଗା ଜଳ ପ୍ରକଳ୍ପ କାର୍ଯ୍ୟକାରୀ ହେଉଛି। ଏହି ପ୍ରକଳ୍ପରେ ଦୈନିକ ୧୩.୫ ଏମ୍‌ଏଲଡି ଜଳ ଯୋଗାଣ କରାଯାଉଛି। ସେଥିରୁ ୮ ଏମ୍‌ଏଲଡି ଜଳ ଉଭୟ ଖରିଆରରୋଡ ସହର ଏବଂ ନୂଆପଡ଼ା ସହର ପାଇଁ ଦେଇଥିଲାବେଳେ ୫.୫ ଏମ୍‌ଏଲ୍‌ଡି ଜଳ ଗ୍ରାମାଞ୍ଚଳ ପାଇଁ ବ୍ୟବହାର କରାଯାଉଛି। କିନ୍ତୁ ସମ୍ପ୍ରତି ଜଳଯୋଗାଣ ବାଧାପ୍ରାପ୍ତ ହେଉଛି। ଫଳରେ ପର୍ଯ୍ୟାପ୍ତ ପରିମାଣର ଜଳଯୋଗାଣ ହୋଇପାରୁନାହିଁ। ଉଭୟ ସହରକୁ ଦୈନିକ ୨ବେଳା ଜଳ ଯୋଗାଣ କରାଯାଉଥିଲା। ସକାଳେ ପ୍ରାୟ ୨ଘଣ୍ଟା ୩୦ ମିନିଟ ଏବଂ ଉପରବେଳା ପ୍ରାୟ ୨ଘଣ୍ଟା ଜଳ ଯୋଗାଣ ହେଉଥିଲା। କିନ୍ତୁ ବର୍ତ୍ତମାନ ସମୟରେ ଜଳଯୋଗାଣ କମ୍ ହେଉଥିବାରୁ ସକାଳେ ଜଳ ଯୋଗାଣ ହେଲେ ଉପର ବେଳା ହେଉନାହିଁ। ତାହା ପୁଣି ସକାଳେ ୨ଘଣ୍ଟା ୩୦ମିନିଟ ସ୍ଥାନରେ ମାତ୍ର ୧ଘଣ୍ଟା ଜଳଯୋଗାଣ ହେଉଛି। ସେଥିରେ ପୁଣି କେଉଁ କେଉଁଦିନ ଜଳ ଯୋଗାଣ ହୋଇପାରୁନାହିଁ। ଯଦିବା ଜଳଯୋଗାଣ ହେଉଛି, ତାହା ପର୍ଯ୍ୟାପ୍ତ ନୁହେଁ। ସମ୍ପ୍ରତି ୧୦ଦିନ ହେବ ନୂଆପଡ଼ା ଖରିଆରରୋଡ ସହରକୁ ଜଳଯୋଗାଣ ହୋଇପାରୁନାହିଁ। ଗ୍ରୀଷ୍ମଋତୁ ଆରମ୍ଭରୁ ଜିଲାର ୨ପ୍ରମୁଖ ସହରରେ ପାନୀୟ ଜଳ ସମସ୍ୟା ଦେଖାଦେଇଥିବାରୁ ସମସ୍ୟାର ନିରାକରଣ ପାଇଁ ଖରିଆରରୋଡ ବିଜ୍ଞାପିତ ଅଞ୍ଚଳ ଓ ନୂଆପଡ଼ା ବିଜ୍ଞାପିତ ଅଞ୍ଚଳ ପରିଷଦ ପକ୍ଷରୁ ଟ୍ୟାଙ୍କର ଯୋଗେ ଜଳଯୋଗାଣ କରିବାର ନିଷ୍ପତ୍ତି ନିଆଯାଇ କାର୍ଯ୍ୟ ଆରମ୍ଭ କରାଯାଇଛି। ସହରାଞ୍ଚଳରେ ଉକ୍ତ ପାନୀୟଜଳ ସମସ୍ୟା ଦେଖାଦେଇଥିବାବେଳେ ଗ୍ରାମାଞ୍ଚଳ କଥା କିଏ ପଚାରେ ବୋଲି ବୃଦ୍ଧିଜୀବୀ ମହଲରେ ଚର୍ଚ୍ଚା ହେଉଛି। ଏସଂକ୍ରାନ୍ତରେ ନୂଆପଡ଼ା ଗ୍ରାମ୍ୟ ଜଳଯୋଗାଣ ଓ ପରିମଳ ବିଭାଗର ଅଧୀକ୍ଷଣ ଯନ୍ତ୍ରୀ ପ୍ରହ୍ଲାଦ ସାହୁଙ୍କୁ ପଚାରିବାରୁ ପତୋରା ମେଗା ଜଳଯୋଗାଣ ପ୍ରକଳ୍ପରେ ଲାଗିଥିବା ୩ଫେଜ ମୋଟରକୁ ପର୍ଯ୍ୟାପ୍ତ ବିଜୁଳି ଯୋଗାଣ ହୋଇପାରୁନାହିଁ। ଫଳରେ ମୋଟର ଟ୍ରିପ୍ ହୋଇଯାଉଛି ବୋଲି କହିଛନ୍ତି। ତଥାପି ଓପିଟିସିଏଲ୍ ସହ ଆଲୋଚନା କରାଯାଇ କଷ୍ଟମାଇଜ ଷ୍ଟାବଲାଇଜର ଲଗାଇବାକୁ କାର୍ଯ୍ୟ ଜାରି ରହିଛି। ଦିନେ ୨ଦିନ ମଧ୍ୟରେ ସମସ୍ୟାର ସମାଧାନ ହୋଇଯିବ। ହେଲେ ଏବେ ପ୍ରକଳ୍ପରେ ପର୍ଯ୍ୟାପ୍ତ ପାଣି ନାହିଁ। ତାହା ମଧ୍ୟ ସମସ୍ୟା କରିପାରେ ବୋଲି କହିଛନ୍ତି। ନୂଆପଡ଼ା ସଦର ବ୍ଲକରେ ଅନେକ ଉଠା ଜଳସେଚନ ପ୍ରକଳ୍ପ କାର୍ଯ୍ୟକାରୀ ହେଉଛି। ଯେଉଁଠାରେ ଦିନରାତି ପାଣି ପମ୍ପ ଚାଲୁଛି। ଅନ୍ୟପଟେ ଏସି, କୁଲର, ବୈଦ୍ୟୁତିକ ସାମଗ୍ରୀର ବହୁଳ ବ୍ୟବହାର ଯୋଗୁ ବ୍ୟାପକ ମାତ୍ରାରେ ବିଜୁଳି ଖର୍ଚ୍ଚ ହେଉଛି। ଫଳରେ ପତୋରାରେ ଥିବା ମେଗା ଜଳଯୋଗାଣ ପ୍ରକଳ୍ପକୁ ପର୍ଯ୍ୟାପ୍ତ ଭୋଲଟେଜ୍ ମିଳିପାରୁନାହିଁ। ଅନ୍ୟପକ୍ଷରେ ମୋଟର ପୋଡ଼ିଯିବା ଭୟରେ ଦିନେ ୨ଦିନରେ ଥରେ ଅଧଘଣ୍ଟା ପାଇଁ ପାଣି ଦେଉଛନ୍ତି। ନିରବଚ୍ଛିନ୍ନ ବିଦ୍ୟୁତ୍ ସରବରାହ କରିବାକୁ ଜିଲାପାଳ ଗ୍ରାମ୍ୟ ଜଳଯୋଗଣ ବିଭାଗ ଓ ବିଜୁଳି ବିଭାଗ ସହ ବୈଠକ କରି ତୁରନ୍ତ ସମସ୍ୟାର ସମାଧାନ ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ପତୋରାକୁ ନିରବଚ୍ଛିନ୍ନ ବିଦ୍ୟୁତ୍ ସରବରାହ ସୁନିଶ୍ଚିତ ହୋଇଗଲେ ୨ସହରର ପାନୀୟ ଜଳ ସମସ୍ୟା ଦୂର ହୋଇଯିବ ବୋଲି ପ୍ରକାଶ କରିଛନ୍ତି।


ନୂଆପଡ଼ା ସହରରେ ଟ୍ୟାଙ୍କର ଯୋଗେ ପାଣି ଦିଆଯାଉଛି।

# ମୁଖ୍ୟମନ୍ତ୍ରୀଙ୍କ ଗସ୍ତ ପୂର୍ବରୁ କଂଗ୍ରେସ, କୋଶଳବାଦୀ ନେତା ଥାନାରେ ଅଟକ


କଳା ବ୍ୟାଜ୍ ପରିଧାନ କରି ଜିଲା ସଭାପତିଙ୍କ ସହ କଂଗ୍ରେସ କର୍ମୀମାନେ ବିରୋଧ ପ୍ରଦର୍ଶନ କରୁଛନ୍ତି।

## କଳା ବ୍ୟାଜ୍ ପିନ୍ଧି କଂଗ୍ରେସ କର୍ମୀଙ୍କ ବିରୋଧ

ପାଟଣାଗଡ଼,୨୪।୪(ସଚ୍ଚିଦାନନ୍ଦ ମହାକୁର)

ଶୁକ୍ରବାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ବଲାଙ୍ଗୀର ଜିଲା ଗସ୍ତ କାର୍ଯ୍ୟକ୍ରମ ଥିଲା। ତେବେ ଗୁରୁବାର ସନ୍ଧ୍ୟାରୁ ପାଟଣାଗଡ଼ ଥାନାରେ ୩ କଂଗ୍ରେସ ନେତା ଓ ଲରମ୍ଭା ଥାନାରେ ଜଣେ କୋଶଳବାଦୀ ନେତାଙ୍କୁ ପୋଲିସ ଅଟକ ରଖି ଶୁକ୍ରବାର ପୂର୍ବାହ୍ନ ପ୍ରାୟ ୧୦ ଟାରେ ସେମାନଙ୍କୁ ଛାଡିଥିଲା। କୌଣସି ଅପ୍ରୀତିକର ପରିସ୍ଥିତିକୁ ଏଡାଇବା ପାଇଁ ପୋଲିସ ଏଭଳି ପଦକ୍ଷେପ ନେଇଥିବା ଜଣାପଡିଛି। ପାଟଣାଗଡ଼ ଥାନାରେ ଜିଲା କଂଗ୍ରେସ ସଭାପତି ଅନିଲ ମେହେରଙ୍କ ସହ ଉପସଭାପତି ଅଜିତ ପୁରୋହିତ ଓ ପତିତପାବନ ପଧାନଙ୍କୁ ଅଟକ ରଖାଯାଇଥିଲା। ସେହିପରି ଲରମ୍ଭା ଥାନାରେ କୋଶଳ ମୁକ୍ତି ମୋର୍ଚ୍ଚାର ଆବାହକ ସୁଶୀଳ ଗୁରୁଙ୍କୁ ମଧ୍ୟ ଅଟକ ରଖିଥିଲା ପୋଲିସ। ଏହି ଅବସରରେ ପାଟଣାଗଡ ଥାନା ପରିସରରେ ଜିଲା କଂଗ୍ରେସ ସଭାପତିଙ୍କ ସହ ଅଟକ କର୍ମୀ ଓ ଦଳୀୟ କର୍ମକର୍ତ୍ତାମାନେ କଳା ବ୍ୟାଜ ପରିଧାନ କରି ବିରୋଧ ପ୍ରଦର୍ଶନ କରିଥିଲେ। ଏହାଛଡା ବେଲପଡା ବ୍ଲକ ସଭାପତି ତ୍ରିଲୋଚନ ଧରୁଆ, ପାଟଣାଗଡ ବ୍ଲକ ସଭାପତି ସାଧୁଚରଣ ମେହେରଙ୍କ ନେତୃତ୍ୱରେ କଂଗ୍ରେସ କର୍ମୀମାନେ ପାଟଣାଗଡ ଥାନାରେ ଜିଲା କଂଗ୍ରେସ ସଭାପତି ଓ ଅନ୍ୟ ୨ ଜଣଙ୍କୁ ସାକ୍ଷାତ କରି ମୁଖ୍ୟମନ୍ତ୍ରୀଙ୍କ ଗସ୍ତକୁ ବିରୋଧ ପ୍ରଦର୍ଶନ କରିଥିଲେ।

# ଆବର୍ଜନା ମଧ୍ୟରେ ପଡ଼ି ରହିଛି ବୁଦ୍ଧଙ୍କ ପ୍ରତିମୂର୍ତ୍ତି

ଲାଠୋର,୨୪।୪(ଭୁବନେଶ୍ୱର ବାରିକ)

ଶାନ୍ତି ଓ ଅହିଂସାର ମୂର୍ତ୍ତିମନ୍ତ ପ୍ରତୀକ ହେଉଛନ୍ତି ବୁଦ୍ଧଦେବ। ତାଙ୍କର ଜୀବନ ଶୈଳୀ ମାନବ ଜାତିକୁ ମହାନ ଶିକ୍ଷା ଦେଇଥାଏ। ତେବେ ଏଭଳି ଧର୍ମଗୁରୁଙ୍କ ପ୍ରତିମୂର୍ତ୍ତି ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ଅଧୀନ ଲାଠୋର ପଞ୍ଚାୟତ ସଦର ଗ୍ରାମର ରଜାକଟା(ପୋଖରୀ) ହିଡ଼ରେ ଅଳିଆ ଆବର୍ଜନା ମଧ୍ୟରେ ପଡ଼ି ରହିବା ନେଇ ସାଧାରଣରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଉଛି। ପ୍ରାୟ ୩୦ ଏକର ପରିମିତ ଉକ୍ତ ପୋଖରୀର ସୌନ୍ଦର୍ଯ୍ୟକରଣ ପାଇଁ ବିଭିନ୍ନ ଉନ୍ନୟକ କାମ କରାଗଲା। ଲୋକଙ୍କ ଦାବି ଅନୁସାରେ ଗତ ୨ ବର୍ଷ ତଳେ ପୋଖରୀ ହିଡ଼ ନିକଟରେ ଏକ ଛୋଟ ପାର୍କ କରାଯିବା ସହ ତଥାଗତ ବୁଦ୍ଧଙ୍କ ପ୍ରତିମୂର୍ତ୍ତି ମଧ୍ୟ ନିର୍ମାଣ କରାଗଲା। ହେଲେ ଉପଯୁକ୍ତ ରକ୍ଷଣବେକ୍ଷଣ ଅଭାବରୁ ଏହି ପ୍ରତିମୂର୍ତ୍ତି ଚାରି ପାଖେ ମାସ ମାସ ଧରି ଆବର୍ଜନା ପଡିରହିଛି। ଏପରି କି ଏହାର ଚାରିପଟେ ଅନାବନା ଗଛ ଉଠିଛି। ଏଥିପ୍ରତି କାହାର ନଜର ନ ପଡିବା ପରିତାପର ବିଷୟ ହୋଇଛି। ଯଥାଶୀଘ୍ର ପ୍ରତିମୂର୍ତ୍ତି ବସିଥିବା ସ୍ଥାନର ସଫେଇ ଦିଗରେ ପଞ୍ଚାୟତ କର୍ତ୍ତୃପକ୍ଷ ବିହିତ ପଦକ୍ଷେପ ଗ୍ରହଣ କରିବାକୁ ବୁଦ୍ଧିଜୀବୀ ମହଲରେ ଦାବି ହେଉଛି।


ବୁଦ୍ଧଙ୍କ ପ୍ରତିମୂର୍ତ୍ତି ଚାରିପାଖେ ଆବର୍ଜନା ପଡ଼ିରହିଛି।

# ବନ୍ଧମୁଣ୍ଡାରେ ଶିଶୁ ଶ୍ରମିକ ଉଦ୍ଧାର

ରାଉରକେଲା,୨୪।୪(ସଙ୍ଗୀତା ଜେନା)

ବନ୍ଧମୁଣ୍ଡା ଥାନା ଅଞ୍ଚଳରୁ ଜଣେ ଶିଶୁ ଶ୍ରମିକଙ୍କୁ ଉଦ୍ଧାର କରାଯାଇଛି। ସୂଚନା ଅନୁଯାୟୀ, ଝାଡ଼ଖଣ୍ଡର ପଶ୍ଚିମ ସିଂଭୂମ ଜିଲା କରମପଦା ଅଞ୍ଚଳର ଦୁଇ ନାବାଳିକା ଭଉଣୀ ଗତ କିଛି ମାସ ଧରି ବନ୍ଧମୁଣ୍ଡା ରେଳବାଇ କଲୋନୀରେ ଥିବା ଜଣେ ରେଳ କର୍ମଚାରୀଙ୍କ ଘରେ କୁଆଡେ କାମ କରୁଥିଲେ। ଘର ମାଲିକ ସବୁବେଳେ ଏହି ନାବାଳିକାଙ୍କୁ ନିର୍ଯାତନା ଦେଇ ଆସୁଥିଲେ। ଘର ମାଲିକ ଗତ ସପ୍ତାହରେ ନିଜ ପରିବାର ସହିତ ବାହାର ଅଞ୍ଚଳକୁ ବୁଲିବା ପାଇଁ ଯାଇଥିବାବେଳେ ସୁଯୋଗ ନେଇ ଦୁଇ ନାବାଳିକା ମଧ୍ୟରୁ ଛୋଟ ଭଉଣୀ ଘରୁ ପଳାଇ ଯାଇଥିଲେ। ମାତ୍ର ଉକ୍ତ ନାବାଳିକାଙ୍କୁ ଏକା ବୁଲୁଥିବା ଦେଖି ସ୍ଥାନୀୟ ଲୋକେ ବନ୍ଧମୁଣ୍ଡା ଥାନାକୁ ହସ୍ତାନ୍ତର କରିଥିଲେ। ପୋଲିସ ଉକ୍ତ ନାବାଳିକାଙ୍କୁ ଉଦ୍ଧାର କରି ରାଉରକେଲା ସରକାରୀ ହସ୍ପିଟାଲର ସଖୀ ସେଣ୍ଟରରେ ରଖିଛି। ଘଟଣା ସମ୍ପର୍କରେ ସୂଚନା ମିଳିବା ପରେ ଜିଲା ଶିଶୁ କଲ୍ୟାଣ ସମିତି ଟିମ୍ ତଦନ୍ତ ଆରମ୍ଭ କରିଛି। ବନ୍ଧମୁଣ୍ଡା ଥାନାଧିକାରୀ ରଞ୍ଜନ କୁମାର ନାୟକ କହିଛନ୍ତି, ନାବାଳିକାଙ୍କୁ ସଖୀ ସେଣ୍ଟରରେ ରଖାଯାଇଛି। ଅନ୍ୟପଟେ ସିଡବ୍ଲ୍ୟୁସି ଅଧ୍ୟକ୍ଷ ସାମି ଓରାମ କହିଛନ୍ତି, ମାମଲାକୁ ଗୁରୁତ୍ୱର ସହିତ ନିଆଯାଇଛି ଏବଂ ନାବାଳିକାଙ୍କୁ ଖୁବ୍ ଶୀଘ୍ର ସେଲ୍ଟର ହୋମ୍‌କୁ ସ୍ଥାନାନ୍ତର କରାଯିବ। ସେଠାରେ କାଉନସେଲିଂ ପରେ ଆଗାମୀ ପଦକ୍ଷେପ ନିଆଯିବ ବୋଲି ସେ କହିଛନ୍ତି।

# କଳାହାଣ୍ଡିରେ ମେ ୨୦ରୁ ରବିଧାନ ସଂଗ୍ରହ


ଭବାନୀପାଟଣାରେ ଜିଲାସ୍ତରୀୟ ଧାନ ସଂଗ୍ରହ କମିଟି ବୈଠକରେ ଉପସ୍ଥିତ ଅଧିକାରୀ।

## ଜିଲାସ୍ତରୀୟ ଧାନ ସଂଗ୍ରହ କମିଟି ବୈଠକ

■ଧାନ ବିକ୍ରୟ ପାଇଁ ୫୬,୬୩୯ ଚାଷୀ ପଞ୍ଜୀକରଣ କରିଛନ୍ତି
■୯୩ ଧାନକ୍ରୟ କେନ୍ଦ୍ରରେ ଧାନ ବିକିବେ ଚାଷୀ

ଭବାନୀପାଟଣା,୨୪।୪(ଉତ୍ତମ କୁମାର ଦାଶ)

ଚଳିତ ରବି (ଡାଲୁଅ)ଧାନ ଫସଲ ପାଇଁ କଳାହାଣ୍ଡି ଜିଲାସ୍ତରୀୟ ରବି ଧାନ ସଂଗ୍ରହ କମିଟି ବୈଠକ ଶୁକ୍ରବାର ଭବାନୀପାଟଣାସ୍ଥିତ ଜିଲାପାଳଙ୍କ ସଭାବନା ସଭାଗୃହଠାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲାପାଳ ପାୱାର ସଚିନ ପ୍ରକାଶ ଅଧ୍ୟକ୍ଷତା କରିଥିଲେ। ବୈଠକର ନିଷ୍ପତ୍ତି କ୍ରମେ ଆସନ୍ତା ମେ ୨୦ରୁ ଜିଲାର ୯୩ଟି ଧାନ ମଣ୍ଡିରେ ରବିଧାନ ସଂଗ୍ରହ ପ୍ରକ୍ରିୟା ଆରମ୍ଭ କରାଯିବ। ଏହି ବୈଠକରେ ଚାଷୀ ଏବଂ ମିଲର୍ସମାନଙ୍କର ରହିଥିବା ସମସ୍ୟା ଓ ତାର କିପରି ସରଳ ସମାଧାନ କରାଯିବ, ସେ ସମ୍ପର୍କରେ ମଧ୍ୟ ଆଲୋଚନା କରାଯାଇଥିଲା। ଜିଲାରେ ରବିଧାନ ସଂଗ୍ରହ ପ୍ରକ୍ରିୟା କିପରି ସୂଚାରୁରୂପେ ପରିଚାଳନା କରାଯିବ ସେ ଦିଗରେ ସମସ୍ତ ମିଲର୍ସ ଚାଷୀଙ୍କର ପୂର୍ଣ୍ଣ ସହଯୋଗ ରହିବା ପାଇଁ ମଧ୍ୟ ଆଲୋଚନା କରାଯାଇଥିଲା। ଜିଲାରେ ଚଳିତ ୨୦୨୫-୨୬ ବର୍ଷରେ ରବିଧାନ ବିକ୍ରୟ କରିବା ପାଇଁ ୫୬,୬୩୯ ଜଣ ଚାଷୀ ପଞ୍ଜୀକରଣ କରିଛନ୍ତି। ଗତବର୍ଷ ରବିଧାନ ବିକ୍ରୟ ପାଇଁ ୪୮,୮୧୮ ଚାଷୀ ପଞ୍ଜୀକରଣ କରିଥିଲେ। ଫଳରେ ଗତବର୍ଷ ଠାରୁ ୭୮୨୧ ଜଣ ଅଧିକ ଚାଷୀ ଧାନ ବିକ୍ରୟ ପାଇଁ ପଞ୍ଜୀକରଣ କରିଛନ୍ତି। ସେହିପରି ଜିଲାରେ ଚଳିତବର୍ଷ ୯୩ ଟି ଧାନକ୍ରୟ କେନ୍ଦ୍ର କରାଯାଇଥିବାବେଳେ ୨୬ଟି ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ, ପାକ୍ସ ଓ ଲ୍ୟାମ୍ପ ଦାରା ଧାନ ସଂଗ୍ରହ କରାଯିବ। ଏହା ସହ ଧାନ ଉଠାଣରେ ଏଥର ୯୭ ରାଇସ ମିଲ୍‌କୁ ନିୟୋଜିତ କରାଯାଇଛି। ବୈଠକରେ ଜିଲା ମୁଖ୍ୟ ଉନ୍ନୟନ ଅଧିକାରୀ ସୌମ୍ୟରଞ୍ଜନ ପ୍ରଧାନ, ଧର୍ମଗଡ଼ ଉପଜିଲାପାଳ ପ୍ରେକ୍ଷା ଅଗ୍ରୱାଲ, ଭବାନୀପାଟଣା ଉପଜିଲାପାଳ ପ୍ରଭାତ କୁମାର ପରି, ଜିଲା ମୁଖ୍ୟ ଯୋଗାଣ ଅଧିକାରୀ ସୁଜାତା ମିଶ୍ର, ଜିଲା ଯୋଗାଣ ଅଧିକାରୀ ଅକ୍ଷୟ କୁମାର ମଲ୍ଲିକ, ଡି.ଆର୍.ସି.ଏସ. ସ୍ୱରୂପ କୁମାର କର, ଜିଲା ମୁଖ୍ୟ କୃଷି ଅଧିକାରୀ ପ୍ରମୋଦ କୁମାର ବେହେରା, ଡିଏମ୍‌ଏଫ୍‌ସିଆଇ ପ୍ରଫୁଲ୍ଲ କୁମାର ସାହୁ, କଳାହାଣ୍ଡି ଏମ୍‌ପିଙ୍କ ପ୍ରତିନିଧି କେଶରୀ ଦୁର୍ଗା, ବିଧାୟକଙ୍କ ପ୍ରତିନିଧି, ଚାଷୀଙ୍କ ପ୍ରତିନିଧି, ମିଲର୍ସ, ପାକ୍ସ, ଆର୍‌ଏମ୍‌ସିର କର୍ମକର୍ତ୍ତା ପ୍ରମୁଖ ଯୋଗଦେଇଥିଲେ। ଶେଷରେ ଭବାନୀପାଟଣା ଉପଜିଲାପାଳ ପରି ରବି ଧାନ ସଂଗ୍ରହ ପ୍ରକ୍ରିୟାରେ ସମସ୍ତଙ୍କ ସହଯୋଗ କାମନା କରି ଧନ୍ୟବାଦ ଅର୍ପଣ କରିଥିଲେ।


**DIRECTOR OF PRINTING, STATIONERY & PUBLICATION, ODISHA, MADHUPATNA, CUTTACK-753010.**

'RFP' (REQUEST FOR PROPOSAL)

REQUEST FOR PROPOSAL(RFP) FOR SELECTION OF RECRUITMENT TEST CONDUCTING AGENCY

**No.2001/2/2627** : Directorate of Printing, Stationery & Publication, invites proposal from interested agencies for the above mentioned RFP. Please refer to the RFP documents for details.

- The RFP documents shall be available from 21.04.2026 onwards in the following web portals: www.odisha.gov.in and https://govtpress.odisha.gov.in. **Any further information (i.e. Corrigendum/Addendum/Responses to queries/ Clarifications) shall be uploaded in the above website only.**
- Applicants are required to submit a duly filled RFP as per the prescribe formats through offline mode on or before **11.05.2026** till **1.30 p.m.** The bid received shall be opened at **3.30 p.m.** on **11.05.2026**.
- In case any queries/clarifications, e- mail at ao2purchase@gmail.com
- D.P.S &P. reserves the right to accept or reject bid process without assigning any reason thereof.

Sd./- Director
Printing, Stationery & Publication,
Odisha, Madhupatna, Cuttack

OIPR-2001/2002/1/26-27/0002

No.4001/37/2627

idco | ODISHA NEW OPPORTUNITIES

**OFFICE OF THE CHIEF GENERAL MANAGER (P&C), IDCO, IDCO TOWER, BHUBANESWAR**

Tender Call Notice No. File No. : IDCO/HO-P&C/A-100869/04/2026/V-1 11424 Dated : 20.04.2026

NOTICE INVITING TENDER THROUGH e-PROCUREMENT

**Name of the Work** : SITC of 33 kv UG Cable (1C x 630 Sqmm XLPE) for Connectivity of 33/11 kv, 2 x 8 MVA Primary Substation (PSS) from 33 kv Source and SITC of 11 kv UG Cable (3C x 400 Sqmm XLPE) for Distribution of Load at Ramdaspur Industrial Estate under Electrical Section, Godisahi, Cuttack.

**Estimated Cost put to tender : Rs.1,28,25,992.00**

**Period of completion : 4 (Four) Calendar Months**

| Procurement Officer | Bid Identification No. | Availability of Tender on-Line for Bidding | |
|---|---|---|---|
| | | From | To |
| 1 | 2 | 3 | 4 |
| Chief General Manger (P&C), IDCO, IDCO Tower, Bhubaneswar | Bid Identification No :- P&C/EST/E-02/2026-27 | 17:00 hours of dt.28.04.2026 | 17:00 hours of dt.13.05.2026 |

Further details can be seen from the e-procurement portal : www.tendersodisha.gov.in and Corrigendum if any will be published in newspapers and can only be seen in the **e-procurement portal** as well as in **IDCO website**.

Sd./- Chief General Manager (P&C)
IDCO, Bhubaneswar

OIPR-4001/4075/1/26-27/0015

**OFFICE OF THE BASUDEVPUR MUNICIPALITY, BHADRAK**

No. 416(W) Date : 23.04.2026

E-Procurement Notice

BID Identification No. BM_TCN_02_2026-27

**No.13001/286/2627** : Bid Documents consisting of Work, Estimated Cost, Cost of Tender Paper, EMD, time of completion, Class of contractors and the set of terms and conditions of contract and other necessary documents can be seen in Govt. website i.e. https://tendersodisha.gov.in/nicgep/app

1. Name of the Work : Civil Const. works as mentioned in DTCN
2. No. of works : 08 Nos.
3. Estimated Cost : As per Work List
4. Period of Completion : As per DTCN
5. Date and Time of Bidding : 28.04.2026 (10 A.M.) to 07.05.2026
6. Last date and time for receipt : 07.05.2026 up to 5.00 P.M.
7. Bids received online shall be opened on : 08.05.2026 from 11 A.M. onwards
8. Name and address of the Officer Inviting Bid : Executive Officer, Basudevpur Municipality

Sd./- Executive Officer
Basudevpur Municipality

OIPR-13001/13135/1/26-27/0001

GOVERNMENT OF ODISHA
DEPARTMENT OF WATER RESOURCES

**OFFICE OF THE SUPERINTENDING ENGINEER, SAMBALPUR IRRIGATION DIVISION, SAMBALPUR**

E-mail id : sidsambalpur@gmail.com

e-Procurement Notice No. SESID-02/2026-27

Bid Identification No. SESID-02(01-19)/2026-27

No.1419 /Date. 22.04.2026

**No.32001/112/2627** : Bid documents consisting of work, estimated amount put to tender, cost of tender paper, EMD, time of completion, class of contractor, the set of terms & conditions of contract and other necessary documents can be seen in e-procurement portal https://tendersodisha.gov.in complete online process only.

| | | | |
|---|---|---|---|
| 1 | Nature of Works | : | Canal and Road Works |
| 2 | Nos. of Works | : | 19 (Nineteen) Nos. |
| 3 | Bid Identification No. | : | SESID-02(01)/2026-27 to SESID-02(19)/2026-27 |
| 4 | Estimated Cost | : | 8.47 to 12.49 Lakhs |
| 5 | Earnest Money Deposit | : | Referred to DTCN |
| 6 | Cost of Tender Paper | : | Referred to DTCN |
| 7 | Period of Completion | : | Referred to DTCN |
| 8 | Date and Time of availability of Bid Document in the Portal | : | Dt : 29.04.2026 at 11.00 AM to Dt : 08.05.2026 upto 17.00 PM |
| 9 | Last Date/Time for receipt of Bids in the Portal | : | Dt : 08.05.2026 upto 17.00 PM |
| 10 | Date of Bid Opening | : | Dt : 11.05.2026 at 11.00 AM |
| 11 | Clarification seeking Date | : | Dt : 29.04.2026 at 11.00 AM to Dt : 06.05.2026 upto 17.00 PM |
| 12 | Date of Lottery (if required) | : | To be intimated later |
| 13 | Name and Address of the Officer Inviting Bid | : | Superintending Engineer, Sambalpur Irrigation Division, Sambalpur At/PO-Khetrajpur - 768003, Dist.-Sambalpur Email id : sidsambalpur@gmail.com |

Further details can be seen from the e-procurement portal https://tendersodisha.gov.in. Any addendum/corrigendum/cancellation of tender can also be seen in said website.

Sd./- Superintending Engineer,
Sambalpur Irrigation Division, Sambalpur

OIPR-32001/32530/1/26-27/0002

# ସ୍ମୃତିରେ ମନୋଜ

## ଅବଲୋକନ



ଡା. ଅନୀତା ପଣ୍ଡା

ସାହିତ୍ୟର ଉନ୍ନତି ଅର୍ଥାତ୍ ସମାଜର ଉନ୍ନତି। ଏହି ସବୁକୁ ମାନସପଟ କାନ୍‌ଭାସରେ ଚିତ୍ରଣ କରି ସାହିତ୍ୟିକଟିଏ ଉଠାଇଥାଏ ତା'ର ଲେଖନୀ। ଜଣେ ବିଜ୍ଞ ସାହିତ୍ୟିକର ମୃତ୍ୟୁଯାବତ୍ କଲମଟିର ଝରରେ ବିରତି ନ ଥାଏ। ''ଅନ୍ଧକାର ଅଟେ ଭୂମି ନ ଥିଲେ ଆଦିତ୍ୟ, ନିର୍ଜୀବ ଅଟଇ ଦେଶ ନ ଥିଲେ ସାହିତ୍ୟ।''

ମନୋଜ ଦାସ ଏକାଧାରରେ ଜଣେ ଗାଳ୍ପିକ, ଔପନ୍ୟାସିକ, ପ୍ରାବନ୍ଧିକ, ଶିଶୁ-ସାହିତ୍ୟିକ, ସ୍ତମ୍ଭକାର, କବି ଓ ବକ୍ତା। ଦ୍ୱିଭାଷୀ ଲେଖକ ରୂପେ ସେ ଦେଶ ବିଦେଶରେ ପରିଚିତ। ମନୋଜଙ୍କ ଲେଖାଗୁଡ଼ିକ ଥିଲା ସ୍ୱତନ୍ତ୍ର ଓ ମୌଳିକ। ଭାଷଣଗୁଡ଼ିକର ଚିନ୍ତାଧାରା ବହୁବିଧ ହେବା ସଙ୍ଗେ ସଙ୍ଗେ କହିବାର ଶୈଳୀ ଅତ୍ୟନ୍ତ ଆକର୍ଷଣୀୟ। ଭାଷଣଗୁଡ଼ିକୁ ଗଳ୍ପ ଆକାରରେ ବର୍ଣ୍ଣନା କରିବାରେ ସେ ଥିଲେ ଧୁରୀଣ। ତେଣୁ ଶ୍ରୋତାମାନଙ୍କର ଅତି ପ୍ରିୟ।

ପ୍ରଜ୍ଞା ପ୍ରଦୀପିକା ମନୋଜ ଦାସ (ମଣ୍ଟୁ)ଙ୍କର ଜନ୍ମ ୧୯୩୪ ମସିହା ଫେବୃଆରୀ ୨୭ ତାରିଖ ବାଲେଶ୍ୱର ଜିଲା ଉପକୂଳବର୍ତ୍ତୀ ଭୋଗରାଇ ଉପକଣ୍ଠସ୍ଥ ଶଂଖାରୀ ଗ୍ରାମରେ। ତାଙ୍କ ପିତା ମଧୁସୂଦନ ଦାସ ଗ୍ରାମର ଏକ ସୁସମ୍ପନ୍ନ ପରିବାରର ଦାୟାଦ ଥିଲେ ଏବଂ ମାତା କାଦମ୍ବିନୀ ସୁଗୃହିଣୀ। ଦୁଇବର୍ଷ ବୟସରେ ପିଲାଟିର ମନୋବିକାଶ ହୋଇଥାଏ। ଏହି ସମୟରେ ସେ ଯେଉଁ ବସ୍ତୁ ଉପରେ ନିଜର ଆଧିପତ୍ୟ ବିସ୍ତାର କରିଥାଏ, ତହିଁରେ ଅନ୍ୟର ହସ୍ତକ୍ଷେପ ତା' ଅନ୍ତରର କ୍ରୋଧକୁ ପରିପ୍ରକାଶ କରିଥାଏ; ଯାହା ମଣ୍ଟୁ ପାଇଁ ଥିଲା ପ୍ରଯୁଜ୍ୟ। ଲାଲପଦ୍ମ, ଶ୍ୱେତପଦ୍ମ କାହାଣୀ, ବଡ଼ମାଈଙ୍କର ଚିତାର ଅବଶିଷ୍ଟାଂଶ ପରିଦର୍ଶନ, ପୋଷ୍ୟ ବିଲେଇ, 'ଭ' ସହ ଏକ ଗୋଧୂଳି, ଜଳଯାତ୍ରା ପ୍ରଭୃତିରେ ମନୋଜଙ୍କର ଶୈଶବାନୁଭୂତି ପରିସ୍ଫୁଟିତ। କୈଶୋରୋନ୍ମୁଖ ପର୍ଯ୍ୟାୟରେ ତାଙ୍କ ବୌଦ୍ଧିକ ବିକାଶର ଅନୁଭୂତିମାନ ବହୁ ଗଳ୍ପରେ ପ୍ରତିବିମ୍ବିତ। ମନୋଜଙ୍କ ବୟସ୍କାବସ୍ଥାର ଅନୁଭୂତି ଖୁବ୍ ଦୁଃଖମୟ ଥିଲା। ପ୍ରଥମ ପର୍ଯ୍ୟାୟରେ ପୁତ୍ରହରା ଦୁଃଖ ତାଙ୍କୁ ପର୍ବତ ଭଳି ମାଡ଼ିବସିଥିଲା, ଯାହା ତାଙ୍କୁ ତାଙ୍କ ଚିନ୍ତାଧାରାରେ ପରିବର୍ତ୍ତନ ଆଣିବାକୁ ବାଧ କରିଥିଲା। ମଣିଷ ଜୀବନର ଦୁଃଖର କାରଣ ଖୋଜି ସେ ପହଞ୍ଚିଥିଲେ ମହାମାନବତ୍ୱର ଉତ୍ତରିତ ଭୂମିରେ। ସେ ଅନ୍ୱେଷାର କ'ଣ ଶେଷ ଅଛି? ତାଙ୍କର ସମସ୍ତ ସାହିତ୍ୟ ସେହି ଅନ୍ୱେଷାର ଫଳଶ୍ରୁତି।

ବାଲ୍ୟକାଳରୁ ମ୍ୟାଜିକ୍ ଦେଖାଇବା, ଗୀତ ଲେଖି ଗାଇବା, ହାରମୋନିୟମ୍ ଏବଂ ବଂଶୀ ବାଦନ, ହସ୍ତରେଖା ପଠନ କାର୍ଯ୍ୟକ୍ରମରେ ନିଜକୁ ସେ ନିୟୋଜିତ ରଖୁଥିଲେ। କୈଶୋରାବସ୍ଥାରୁ କମ୍ୟୁନିଜମ୍‌ରେ ନିଷ୍ଠା ରଖିବାଠାରୁ ଆରମ୍ଭ କରି ସାହିତ୍ୟ ପ୍ରତି ଅନୁରକ୍ତି, ପତ୍ରିକା ସମ୍ପାଦନ ତାଙ୍କ କାର୍ଯ୍ୟକଳାପକୁ ଅନନ୍ୟ କରିଥିଲା। ଛାତ୍ର ଜୀବନରେ ସେ ବାମପନ୍ଥୀ ଚିନ୍ତାଧାରା, ବିଶେଷକରି ଷ୍ଟାଲିନ୍‌ଙ୍କ ବିଚାରଧାରା ପ୍ରତି ଆକୃଷ୍ଟ ହୋଇଥିଲେ। କିନ୍ତୁ ଯେତେବେଳେ ବାମପନ୍ଥୀ ଚିନ୍ତାଧାରାରୁ ତାଙ୍କର ମୋହଭଙ୍ଗ ହେଲା, ସେ ଅଧ୍ୟାତ୍ମବାଦ ପ୍ରତି ଆକୃଷ୍ଟ ହେଲେ। ଓଡ଼ିଆ ଜାତିର ସାଂସ୍କୃତିକ, ସାରସ୍ୱତ ଓ ଆଧ୍ୟାତ୍ମିକ ଜଗତରେ ମନୋଜ ଥିଲେ ଜଣେ ସିଦ୍ଧ ସାଧକ। ଜଣେ ସଚେତନ ସାହିତ୍ୟସ୍ରଷ୍ଟା ରୂପେ ସେ ଉପଲବ୍ଧି କରିଥିଲେ ଯେ ସମାଜରେ ଥିବା ଦୋଷତ୍ରୁଟିକୁ ସୁଧାରିବାର ପ୍ରୟାସ ହିଁ ଜଣେ ସଚ୍ଚା ସାହିତ୍ୟିକର ଦାୟିତ୍ୱ। ସେଥିନିମନ୍ତେ ସେ ଅଳ୍ପ ବୟସରୁ ଚେଷ୍ଟିତ ଥିଲେ। ଶ୍ରୀଅରବିନ୍ଦଙ୍କୁ ଅନୁସରଣ କରୁଥିବାରୁ ମଣିଷର ଆଧ୍ୟାତ୍ମିକ ସମ୍ଭାବନା ଉପରେ ସେ ବିଶ୍ୱାସ



[୨୭ ଫେବୃଆରୀ ୧୯୩୪ - ୨୭ ଏପ୍ରିଲ ୨୦୨୧]

ରଖିଥିଲେ। ସାହିତ୍ୟ ଥିଲା ତାଙ୍କର ଅଧ୍ୟାତ୍ମସାଧନାର ମାଧ୍ୟମ। ଶ୍ରୀଅରବିନ୍ଦଙ୍କ 'ସାବିତ୍ରୀ' ପୁସ୍ତକର ଓଡ଼ିଆ ଅନୁବାଦ ଥିଲା ଜୀବନର ଅନ୍ତିମ ପର୍ଯ୍ୟାୟରେ ତାଙ୍କର ଏକ କାଳଜୟୀ ଅବଦାନ।

ମନୋଜଙ୍କ ସାହିତ୍ୟ ରଚନାର କ୍ରମ ପ୍ରତି ଦୃଷ୍ଟିପାତ କଲେ ଦେଖାଯାଏ, ମାତ୍ର ୧୪ ବର୍ଷ ବୟସରୁ ତାଙ୍କର ଲେଖା ବିଭିନ୍ନ ପତ୍ରପତ୍ରିକାରେ ପ୍ରକାଶ ପାଇଥିଲା। ୧୫ ବର୍ଷ ବୟସରେ ତାଙ୍କର ପ୍ରଥମ ପୁସ୍ତକ 'ଶତାବ୍ଦୀର ଆର୍ତ୍ତନାଦ' ଏବଂ ପରେ ପରେ 'ବିପ୍ଳବୀ ଫକୀରମୋହନ' ଆତ୍ମପ୍ରକାଶ କରିଥିଲା। କୈଶୋର ଜୀବନର ଏତାଦୃଶ କୃତି ତାଙ୍କୁ ସେହି ବର୍ଷ 'ଦିଗନ୍ତ' ପତ୍ରିକାର ପ୍ରତିଷ୍ଠା ଏବଂ ସମ୍ପାଦନା କରିବାର ଅମୃତ ଅବକାଶ ପ୍ରଦାନ କରିଥିଲା। ଶ୍ରୀ ଦାସଙ୍କ ଜୀବନର ପ୍ରଥମ ଦୁଇଟି କବିତା ଥିଲା ଅତୁଳନୀୟ। ପ୍ରଥମଟି ଥିଲା 'ସୂର୍ଯ୍ୟୋଦୟ', ଯାହା ସେ ଭାରତ ସ୍ୱାଧୀନତା ଉପରାନ୍ତେ ଆନନ୍ଦ ସାଗରରେ ବିଚରଣ କରି ରଚନା କରିଥିଲେ ଏବଂ ଦ୍ୱିତୀୟଟି ଥିଲା 'ସୂର୍ଯ୍ୟାସ୍ତ', ଯାହା ସେ ଲେଖିଥିଲେ ୧୯୪୩ ଜାନୁଆରୀ ୩୦ ତାରିଖ ସନ୍ଧ୍ୟା ଆଠଟା ସମୟରେ। ମନୋଜ ଗଦ୍ୟ ସାହିତ୍ୟର ବଳିଷ୍ଠ ପୁରୋଧା ରୂପେ ପ୍ରତିଷ୍ଠିତ ହେଲେ ମଧ୍ୟ ଲେଖକ ଜୀବନର ପ୍ରାରମ୍ଭରୁ କବି ରୂପେ ତାଙ୍କର ଉଜ୍ଜ୍ୱଳ ଉଦୟ ସମ୍ଭବ ହୋଇଥିଲା। ୧୭ ବର୍ଷ ବୟସରେ ମାଟ୍ରିକ୍ ପାସ୍ ଉପରାନ୍ତେ ତାଙ୍କର ପ୍ରଥମ ଗଳ୍ପ ପୁସ୍ତକ 'ସମୁଦ୍ରର କ୍ଷୁଧା' ଆତ୍ମପ୍ରକାଶ କରିଥିଲା। ପୁସ୍ତକର ବିଷୟବସ୍ତୁ ପାଠକ ମହଲରେ ଚହଳ ପକାଇ ଦେଇଥିଲା। ତାଙ୍କର ଦ୍ୱିତୀୟ ଗଳ୍ପ ପୁସ୍ତକ ଥିଲା 'ଜୀବନର ସ୍ୱାଦ'। ଶିଶୁର ନିଷ୍ପାପ ନିରୀହ ହୃଦୟର କୋଣାନୁକୋଣକୁ ଉପଲବ୍ଧି କରି ଯତ୍ନର ସହ ତାହାକୁ ଚିତ୍ରଣ କରିବାରେ ତାଙ୍କର ଦକ୍ଷତା ଥିଲା ଅପରିସୀମ।

ମନୋଜ ଦାସଙ୍କ ଲେଖାର ଶୀର୍ଷକଗୁଡ଼ିକ ସତତ ଥିଲା ତାତ୍ପର୍ଯ୍ୟପୂର୍ଣ୍ଣ। ୧. ଯେପରିକି କାହାଣୀ : ଶବ୍ଦ, ଆଲୋକ ଓ ଆନନ୍ଦର କାହାଣୀ, ଧୂମାଭ ଦିଗନ୍ତ ଓ ଅନ୍ୟାନ୍ୟ କାହାଣୀ, ଅବୋଲକରା କାହାଣୀ, ଉତ୍ତର ଉପତ୍ୟକାର କାହାଣୀ, ବିଷକନ୍ୟାର କାହାଣୀ ପ୍ରଭୃତି। ୨. ସନ୍ଧାନରେ: ବିଲୁପ୍ତ ଲାଙ୍ଗୁଡ଼ର ସନ୍ଧାନରେ ଠାରୁ ଆରମ୍ଭ କରି ଶେଷ ତାନ୍ତ୍ରିକର ସନ୍ଧାନରେ ପର୍ଯ୍ୟନ୍ତ। ୩. ସ୍ମୃତି ଯେପରିକି : ବିସ୍ମୃତିର ଲୁଚକାଳି, ସ୍ମୃତି ସ୍ତବକ, ସ୍ମୃତିର ପ୍ରଦୀପ ଇତ୍ୟାଦି। ମନୋଜଙ୍କ ଲେଖାରେ କୈଶୋର ସମ୍ପୃକ୍ତିର ରହିଛି ଏକ ବିସ୍ତୃତ ପର୍ଯ୍ୟାୟ। ତାଙ୍କ ସୃଜନର ମୂଳ ବିବିଧ ଉତ୍ସରୁ ଆହରିତ। ଯେପରିକି କିମ୍ବଦନ୍ତୀ, ଲୋକ କାହାଣୀ, ପ୍ରବାଦ-ପ୍ରବଚନ, ମୌଖିକ ପରମ୍ପରା, ପୁରାଣ-ମହାକାବ୍ୟ। ତାଙ୍କ ସାହିତ୍ୟ ସର୍ଜନାର ଅନ୍ୟ ଧାରା ହେଲା 'ବିଷ୍ଣୁଶର୍ମା'ଙ୍କ ପଞ୍ଚତନ୍ତ୍ର ଢାଞ୍ଚାରେ ପଶୁପକ୍ଷୀମାନଙ୍କୁ ଆଧାର କରି ଲିଖିତ ଗଳ୍ପ, ଯାହା ମାଧ୍ୟମରେ ସେ ନିଜ ମନ ଗହ୍ୱରର ବ୍ୟଙ୍ଗ, ଆବେଗତା, ସାମାଜିକ ଆବିଳତାମାନଙ୍କର ପରିପୁଷ୍ଟି କରିଥାନ୍ତି। କେବେ ମାଙ୍କଡ଼, କେବେ ବାଘ, କେତେବେଳେ ଶିଆଳ ତ ପୁଣି କେତେବେଳେ ଶାଗୁଣା ବା ଗୁଣ୍ଡୁଚି ରୂପରେ ତାଙ୍କ ଗଳ୍ପର ଚରିତ୍ରଗୁଡ଼ିକ ଆବିର୍ଭୂତ।

ମନୋଜ ଥିଲେ ଆଧ୍ୟାତ୍ମିକ ଚେତନାର ଭାଷ୍ୟକାର ଓ ବାଗ୍ମୀ ବିଶେଷ। ତାଙ୍କର ଦ୍ୱିଭାଷୀ ସୃଜନ-ସଂସାର ଯେତିକି ବ୍ୟାପକ, ସେତିକି ବିବିଧ। ତାଙ୍କ ଦ୍ୱାରା ସମ୍ପାଦିତ କଳା-ସଂସ୍କୃତିଧର୍ମୀ ପତ୍ରିକା 'ଦିଗନ୍ତ' ଏବଂ ଲୋକପ୍ରିୟ ପତ୍ରିକା 'ଦ ହେରିଟେଜ୍' ଭାରତରେ ପ୍ରସିଦ୍ଧ। ବିଭିନ୍ନ ସମ୍ବାଦପତ୍ରର ସ୍ତମ୍ଭକାର ରୂପେ ସେ ମୃତ୍ୟୁ ପର୍ଯ୍ୟନ୍ତ ଥିଲେ କ୍ରିୟାଶୀଳ। ତାଙ୍କ ଦ୍ୱାରା ରଚିତ ଉପକଥା, ରୂପକଥା, ଭ୍ରମଣ କାହାଣୀଗୁଡ଼ିକର ଲୋକପ୍ରିୟତାର ପଟାନ୍ତର ନାହିଁ।

୨୦୨୧, ଏପ୍ରିଲ ୨୭ ତାରିଖ ସନ୍ଧ୍ୟା ଆଠଟା ପନ୍ଦର ମିନିଟ୍‌ରେ ଭାରତୀୟ ସାହିତ୍ୟର ଏହି ଅଦ୍ୱିତୀୟ ପ୍ରତିଭା ଧରଣୀ ବକ୍ଷରୁ ନିଷ୍କ୍ରାନ୍ତ ହୋଇ ପାଲଟିଗଲେ ସୁଦୂର ଆକାଶର ଏକ ଉଜ୍ଜ୍ୱଳ ତାରକା। ମନୀଷୀ, ବାଗ୍ମୀ, ଅମୃତସନ୍ଧାନୀ ମନୋଜ ଦାସ ମରଦେହରେ ଅବର୍ତ୍ତମାନ ସତ୍ତ୍ୱେ ଯଶୋଦେହରେ ଅମର।

ମୋ: ୯୮୧୮୯୮୬୩୦୩

## ପୁସ୍ତକ ପରିଚୟ

### ଆପଣଙ୍କର ବିଶ୍ୱସ୍ତ




**ଲେଖକ:** ରାଧାଶ୍ୟାମ ରାଉଳ
**ପ୍ରକାଶକ:** ସ୍ୱାବଲମ୍ବନ ପବ୍ଲିଶର୍ସ, କଟକ-୧୪
**ପ୍ରଥମ ପ୍ରକାଶ:** ୨୦୨୬, **ମୂଲ୍ୟ:** ଟ.୨୦୦/-

ମୋଟ ୩୬ଟି ବ୍ୟଙ୍ଗ ଗଳ୍ପ ଆଲୋଚ୍ୟ ସଂକଳନରେ ଏକତ୍ର। ପ୍ରତ୍ୟେକଟି ଗଳ୍ପରେ ଲେଖକ ସମକାଳୀନ ସମାଜ, ଚଳଣି ଓ ବ୍ୟକ୍ତି ଜୀବନରେ ପ୍ରତ୍ୟକ୍ଷ କରିଥିବା ଘାତପ୍ରତିଘାତକୁ ଆଧାର କରି ଏକ ନିଖୁଣ ସହ-ଜୀବନ-ଯାପନର ମାର୍ଗ ନିର୍ଦ୍ଦେଶ କରିଛନ୍ତି। କାମନା ପଛରେ ତା'ର ଚରିତାର୍ଥତା ପାଇଁ ଲକ୍ଷ୍ମଣରେଖା ଡେଇଁ ଧାଇଁବା, ଧାଉଁଧାଉଁ ଜୀବନର ଅସଲ ଲାଭ ସୁଖ ସନ୍ତୋଷକୁ ହରାଇବସିବାର ପ୍ରସଙ୍ଗ ''ତଥାପି ସମସ୍ତେ ଧାଉଁଛନ୍ତି'' ଗଳ୍ପରେ ମୂର୍ତ୍ତିମନ୍ତ। ଅପରିଣାମଦର୍ଶୀ ଧାଁ ଧାଉଡ଼ର କିସମମାନ ଉଲ୍ଲେଖ କରିସାରିବା ପରେ ଲେଖକ ତାଙ୍କର ରାୟ ଶୁଣାଉଛନ୍ତି: ''ସନ୍ତୋଷଭାବଟି ଏମିତି ଚିଜ, ଯାହାକି ଗରିବକୁ ଧନୀ କରାଏ। ହେଲେ ଅସନ୍ତୋଷଭାବ ଧନୀକୁ ଗରିବ କରାଏ।'' (ପୃ: ୪୨)। ବହିଟିର ସବୁଯାକ ଲେଖା ସାମ୍ପ୍ରତିକ ସ୍ଥିତିକୁ ଉଜାଗର କରିବା ସହିତ ନିଷ୍କର୍ଷରେ ଏକ ଏକ ସିଦ୍ଧାନ୍ତ ଶୁଣାନ୍ତି। ଗ୍ରନ୍ଥସ୍ଥ ଗଳ୍ପଗୁଡ଼ିକ 'ବ୍ୟଙ୍ଗ'ର ସାଧାରଣ ସ୍ଥିତିରେ ଉତ୍କର୍ଷ ଘଟାଇ ସମାଜ, ସମୟ ଓ ଜୀବନର ଉତ୍ତରତା ଆଡ଼କୁ ଅଙ୍ଗୁଳି ନିର୍ଦ୍ଦେଶ କରନ୍ତି। 'କହୁଛି କଥାଟିଏ', 'ଅଙ୍ଗୁଳି ଦେଖେଇଲେ ବାହା ଗିଳିଯିବେ', 'ଧେତ୍‌ତେରିକା', 'କେମନ୍ତ ହେବେ ଅବାଗିଆ', 'ଛଳନା ବିନା ନାହିଁ ଗତି', 'ପ୍ରେମରତୁ ଆସିଲାରେ', 'ପତ୍ନୀ ବୃତ୍ତାନ୍ତ', 'ତୃତୀୟ ପକ୍ଷ' ଓ 'ଆପଣଙ୍କର ବିଶ୍ୱସ୍ତ' ଆଦି ଲେଖାଗୁଡ଼ିକ ଏକୁ ଆରେକ ବଳି ଚିନ୍ତନ ଓ ଉପସ୍ଥାପନରେ। ସଙ୍ଘର ନେତାମାନେ କିପରି ପ୍ରତ୍ୟକ୍ଷରେ ପ୍ରକାରେ ଓ ପରୋକ୍ଷରେ ଆଉ ପ୍ରକାରେ ବ୍ୟବହାର କରନ୍ତି, ତା'ର ପର୍ଦ୍ଦାଫାଶ୍ ହୋଇଛି ଶୀର୍ଷକ ଗଳ୍ପ 'ଆପଣଙ୍କର ବିଶ୍ୱସ୍ତ'ରେ। ବହିଟି ଯେତିକି ଆମୋଦଦାୟକ, ସେତିକି ଶିକ୍ଷଣୀୟ।

### ଏବଂ ଆଉଥରେ




**କବୟିତ୍ରୀ:** ଇନ୍ଦୁମତୀ ପାତ୍ର
**ପ୍ରକାଶକ:** ଯୋଗେନ୍ଦ୍ର କୁମାର ସାହୁ, କେନ୍ଦୁଝରଗଡ଼
**ପ୍ରଥମ ପ୍ରକାଶ:** ୨୦୨୪, **ମୂଲ୍ୟ:** ଟ.୧୫୦/-

ମୋଟ ୫୦ଟି କବିତା ଆଲୋଚ୍ୟ କବିତାଗ୍ରନ୍ଥରେ ସ୍ଥାନିତ। ବିଷୟବସ୍ତୁର ବିବିଧତା ସୂଚାଏ ଯେ, କବୟିତ୍ରୀ କବିତା ରଚନାରେ ଚଉଆଖିଆ। ପ୍ରକୃତି, ମାଟି ଓ ସଂସ୍କୃତିର ବିଶାଳ କାନ୍‌ଭାସ୍‌ରେ ସେ ମଣିଷ ଜୀବନର ବିବିଧ ସ୍ଥିତିକୁ ଆଙ୍କିଛନ୍ତି। ପୌରାଣିକ ବିଷୟ ଆଧାରରେ କେତେକ କବିତା ରଚିତ। ଯଥା: 'ଦେବକୀ ଓ ଦାରୁଦିଅଁ'। 'ପବିତ୍ର ଜନ୍ମମାଟି', 'ମୋ ସ୍ୱପ୍ନର ଓଡ଼ିଶା' ଓ 'ଉତ୍କଳ ଗୌରବ' ଆଦି ଜାତୀୟ ଭାବନାରେ ଉଦ୍‌ବୁଦ୍ଧ। ଗ୍ରନ୍ଥର କବିତାଗୁଡ଼ିକ ଶୈଳୀଗତ ଜଟିଳତାରେ ବିଶ୍ୱାସ ରଖନ୍ତି ନାହିଁ। ଉଦାହରଣ: ୧. ''କେନ୍ଦୁଝର ଜାଡ଼/ ସତେ ଅବା ଦୁଃଖର/ ବହଳ ପ୍ରଲେପ,/ କୁଣ୍ଡାଝରା ବର୍ଷାର/ ଅଧାଅଧା ଛାପ/ ପକ୍ଷୀର ପଶମ ଡେଣା/ ମିଳନର ମଧୁଝରା ଗପ।'' ('କେନ୍ଦୁଝରୀ ଜାଡ଼', ପୃ: ୮୬), ୨. ''ମୋର କବି ହେବାଟା/ ଜରୁରୀ ନ ଥିଲା/ ଆକାଶଭର୍ତ୍ତି ଆକାଂକ୍ଷାମାନଙ୍କୁ/ ଉଡ଼ାଣ ଶିଖାଇବାର କଳା/ ଶିଖିବାର ନ ଥିଲା,/ ପାଣିରେ ପଥରଫିଙ୍ଗା ଭଉଁରିକୁ/ ଗଣିବାର ନଥିଲା,/ କି ଝରଣାର କୁଳୁକୁଳୁ ନାଦକୁ/ କାନ ଡେରି ଶୁଣିବାର ନ ଥିଲା।'' ('ମୋର କବି ହେବାଟା ଜରୁରୀ ନଥିଲା'- ପୃ:୧୨୦)। ଦେବାଶିଷ ଚକ୍ରବର୍ତ୍ତୀ ଯଥାର୍ଥରେ ଲେଖିଛନ୍ତି: ''ଶ୍ରୀମତୀ ପାତ୍ର ସାଜିଛନ୍ତି କେନ୍ଦୁଝରୀର ମୁଗ୍ଧ ନିରାଜିକା। ଏହାର 'ପଳାଶଫୁଲର ଗଭା' ଓ 'କୁରେଇ ଫୁଲର ହାର' ସହିତ 'ଗିଲିରି ଫୁଲର ହସ' ଖୁବ୍ ମନଲୋଭା।'' (ପୃ: ୦୭)।

## କବିତା

### ବୁର୍ଜ ଖଲିଫାର ଏକ ଉତ୍ତୀର୍ଣ୍ଣ ସନ୍ଧ୍ୟାରେ

**ସ୍ୱୟମ୍ବରା ପଟ୍ଟନାୟକ**

ବୁର୍ଜ ଖଲିଫାର ଏକ ଉତ୍ତୀର୍ଣ୍ଣ ସନ୍ଧ୍ୟାରେ
କ୍ୟାଣ୍ଡେଲ୍ ଲାଇଟ୍‌ର ଧିମା ଆଲୁଅରେ
ମୁଁ ବସିଥିଲି ଏକ ଭବ୍ୟ କଫି ଶପ୍‌ରେ।

ତୁମେ ଆସିଲ ଧୀର ପଦପାତରେ
ଯେମିତି ଶୀତ ପରେ ବସନ୍ତ ଆସିଯାଏ
ଅକୁହା ଅବୋଲା ବସିଗଲ
ମୋ' ସାମ୍ନା ଚେୟାର୍‌ରେ।

ତୁମକୁ ଦେଖିଲେ ମନେହେଉଥିଲା
ଅଧା ସ୍ୱପ୍ନ ହଜିଯାଇଥିବା ବେଳେ
ଆଉ ଅଧାକ ହାତରେ ଧରି
ଅନ୍ଧାର ଭିତରେ ବାଟ ଚାଲୁଥିବା ମଣିଷ ପରି।

ମୁଁ ଇସାରାରେ ୱେଟର୍‌କୁ ଡାକି
ଦୁଇ କପ୍ କଫି ମଗାଇଲି
ତୁମେ ନିଃଶବ୍ଦରେ ମତେ
ହସଟିଏ ଫେରାଇଲ,
ସେ ହସ ଦିଶୁଥିଲା ଅନେକ ଦିନ ତଳେ
କାହା ଓଠରେ ଶେଷଥର ପାଇଁ
ଦେଖିଥିବା ହସ ପରି।

ତୁମେ ତଳକୁ ମୁହଁ କରି ଦୁଇ ହାତରେ
କଫି କପ୍‌କୁ ବେଢ଼ାଇ ଧରି କିଛି ଭାବୁଥିଲ
ମୁଁ ତୁମର ମାନିକିଓର ହୋଇଥିବା
ସୁନ୍ଦର ଆଙ୍ଗୁଠିର ଅଫ୍ ହାଇଟ୍ ନେଲ୍‌ପଲିସ୍‌କୁ
ଚୁପ୍‌ଚାପ୍ ଦେଖୁଥିଲି।

ଏକାଠି ଫେରିବାବେଳେ
କେହି କାହାରିକୁ କିଛି ନ କହିଲେ ବି
ଆମେ ଭାବୁଥିଲେ ଆଉ କେବେ ଏଠାକୁ
ନ ଆସିଲେ ନାଇଁ, ଏମିତି ଅକସ୍ମାତ୍ କିନ୍ତୁ
ଭେଟୁଥିବା ପରସ୍ପରକୁ
କେବେ କେଉଁ ଏସ୍କାଲେଟରରେ
ଏକାଠି ଚଢ଼ିବାବେଳେ,

କେବେ କେଉଁ କ୍ରୁଜ୍ ପାର୍ଟିରେ
ସଂଗୀତର ତାଳେ ତାଳେ ଝୁମୁଥିବାବେଳେ,
ବା ଅଚାନକ ଦେଖା ହୋଇଯାଉଥିବା
ହାତରେ ଲଗେଜ୍ ଧରି
ନିଜନିଜ ଦେଶକୁ ମୁହାଁଇବାବେଳେ
ଫେରନ୍ତା ଫ୍ଲାଇଟ୍‌ରେ।

ସେତେବେଳର ସେ ଦୃଶ୍ୟ ଥିବ
କେଉଁ ବିୟୋଗାନ୍ତକ ନାଟକର
ଶେଷ ଦୃଶ୍ୟ ପରେ ପୁନଶ୍ଚ ଅନ୍ତରାଳରୁ
ଦିଶିଯାଉଥିବା ଆରମ୍ଭର ଦୃଶ୍ୟପଟ ପରି।

ମୋ: ୯୯୩୭୫୭୧୫୯୨

### ଫୁଲ ଫୁଟାଇବି

**ସନ୍ୟାସୀ ନାୟକ**

ଏତେ ପାଠ, ଏତେ ଜ୍ଞାନ
ଜାଣିଲା ପରେ ବି ମଣିଷ ମଣିଷତ୍ୱ
ବୁଝିଲା ନାହିଁ।

ରକ୍ତନଦୀ ସନ୍ତରଣ କଲେ ବି
ଦୁର୍ଯ୍ୟୋଧନ ମୁକ୍ତି ପାଇନାହିଁ,
ପାଣ୍ଡବଙ୍କ ମହାଭାରତ ଜୟ
ଅଭିମନ୍ୟୁକୁ ଫେରାଇ ଆଣିନାହିଁ।

ପ୍ରଥମ ମହାଯୁଦ୍ଧ ପରେ ଦ୍ୱିତୀୟ ମହାଯୁଦ୍ଧ
ମଣିଷର ଅଜ୍ଞାନତା ପାଇଁ,
ଏବେ ତୃତୀୟ ମହାଯୁଦ୍ଧ ଆଶା ଆଶଙ୍କାରେ
ମଣିଷର ଅହଂକାର ପାଇଁ।

ଯେଉଁଠି ଯିଶୁଙ୍କ ଜନ୍ମ
ସେଠି ମଣିଷ ରକ୍ତରେ ହୋଲିଖେଳ,
ମଣିଷକୁ ମଣିଷ ବୁଝାଇବାକୁ
ନାହିଁ କିଛି ସମ୍ବଳ...

ଭାବ ଆଉ ଅଭାବ ଭିତରେ ମୁଁ କବି,
ଥରଟିଏ ଶୁଣିଯାରେ ସୈନିକ
ତୋତେ ହୃଦୟ ଦେବି!
ଟିକେ ରହିଯାରେ ଭାଇ ଶବ୍ଦର ମନ୍ତ୍ରରେ,
ମନ କିଣିନେବି ବନ୍ଧୁକର ଗୁଳି ବଦଳରେ,
ଠୋ ଠା ଫୁଲ ଫୁଟାଇବି।

ମୋ: ୯୪୩୭୩୫୨୫୬୦

### ଗୀତି-କବିତା

### ମୁଠାଏ ଶୂନ୍ୟତା

**ମଞ୍ଜୁଲତା ସିଂହ**

ଜଳି ଜଳି ଯାଏ ସପନ ସଳିତା
ଆଶା ଯାଏ ମରି ମରି
ସମୟ ସୁଅରେ ଭାସି ଭାସି ଯାଏ
ଜୀବନର ଶୂନ୍ୟ ତରୀ।

ଜାଣେନା ଯିବି ମୁଁ କେତେ ଦୂର ଆଉ
କେଉଁଠି ସରିବ ବାଟ
ଛାଇ ହୋଇ କେହି ବାଟ ଚାଲୁ ଚାଲୁ
କେବେ ଛାଡ଼ିଦେଲା ହାତ
ସଞ୍ଜ ନଇଁଲେ ନିଶବଦ ରାତି
ଅନ୍ଧାର ଆସେ ଘେରି
ସମୟ ସୁଅରେ ଭାସି ଭାସି ଯାଏ
ଜୀବନର ଶୂନ୍ୟ ତରୀ।

ତାରାଫୁଲ ଫୁଟା ଆକାଶରୁ ଝରେ
ଜହ୍ନର ବିଷାଦ ଛାଇ
ସେ ଛାଇରେ ଭିଜି କ୍ଳାନ୍ତ ଏ ମନ
ନିରବେ ଯାଇଛି ଶୋଇ
ଶେଷ ଶ୍ରାବଣର ବର୍ଷା ଟୋପାରୁ
ସ୍ମୃତିଫୁଲ ଯାଏ ଝରି
ସମୟ ସୁଅରେ ଭାସି ଭାସି ଯାଏ
ଜୀବନର ଶୂନ୍ୟ ତରୀ।

ମୋ: ୮୮୪୭୮୫୨୯୧୭

## କାଳକାଳକୁ



**''ମଣିଷ ଏଠିସେଠି ଆନନ୍ଦ ଖୋଜେ, ଜାଣେନା ଯେ ସବୁ ଆନନ୍ଦର ଉତ୍ସ ସେ ନିଜେ।''**
**- ଶ୍ରୀରଙ୍ଗମ୍ ଶ୍ରୀନିବାସ ରାଓ**

**ଶ୍ରୀରଙ୍ଗମ୍ ଶ୍ରୀନିବାସ ରାଓ**ଙ୍କ ଜନ୍ମ ୩୦ ଏପ୍ରିଲ ୧୯୧୦ରେ ବିଶାଖାପାଟଣାରେ ଓ ପରଲୋକ ୧୫ ଜୁନ୍ ୧୯୮୩ରେ ଚେନ୍ନାଇରେ। ଅତ୍ୟନ୍ତ ପ୍ରଭାବଶାଳୀ ଏହି କବି ଓ ଗୀତିକାର ତେଲୁଗୁ କବିତାର ଶାସ୍ତ୍ରୀୟ ଧାରାରୁ ବାଟ ଭାଙ୍ଗି ତେଲୁଗୁ କବିତାରେ ସମକାଳୀନ ପ୍ରସଙ୍ଗ ଆଧାରିତ ଏକ ନୂଆ ଯୁଗ ପ୍ରତିଷ୍ଠା କରିଥିଲେ। ମହାନ୍ କବିତାଗ୍ରନ୍ଥ 'ମହାପ୍ରସ୍ଥାନମ୍'ର ଏହି କାଳଜୟୀ ସ୍ରଷ୍ଟା ସାଧାରଣରେ 'ଶ୍ରୀଶ୍ରୀ' ନାମରେ ଜଣାଶୁଣା ଥିଲେ। 'ଦକ୍ଷିଣଭାରତୀୟ ଚଳଚ୍ଚିତ୍ର ସଂଘ'ର ଥିଲେ ଉପାଧ୍ୟକ୍ଷ ଓ 'କ୍ରାନ୍ତିକାରୀ ଲେଖକ ସଂଘ, ଆନ୍ଧ୍ର'ର ଅଧ୍ୟକ୍ଷ। ତେଲୁଗୁ ଭାଷାରେ ଭାରତୀୟ କବିତାକୁ ଉଲ୍ଲେଖନୀୟ ଅବଦାନ ପାଇଁ ୧୯୭୨ରେ କେନ୍ଦ୍ରସାହିତ୍ୟ ଏକାଡେମୀ ପୁରସ୍କାର, ୧୯୮୩ରେ 'ନନ୍ଦୀ ପୁରସ୍କାର' (ଶ୍ରେଷ୍ଠ ଗୀତିକାର ଭାବେ) ସହିତ 'ଜାତୀୟ ଚଳଚ୍ଚିତ୍ର ପୁରସ୍କାର'ରେ ସମ୍ମାନିତ ହୋଇଥିଲେ। 'ଜଗନ୍ନାଥୁନୀ ରଥ ଚକ୍ରଲୁ' ତାଙ୍କର ଏକ ବହୁଚର୍ଚ୍ଚିତ କବିତା। 'ସିପ୍ରାଲୀ' ଓ 'ଖଡ୍‌ଗ ସୃଷ୍ଟି' ଅନ୍ୟତମ ପ୍ରମୁଖ କୃତି।

## ସ୍ମୃତି କଥା

# ଝରକଲମର ସଞ୍ଜୀ



କ୍ଷୀରୋଦ ଦାସ

ସେଦିନ ଆକାଶ ଖୁବ୍ ମେଘାଚ୍ଛନ୍ନ ଥିଲା। ସକାଳ ପହରୁ ଝିପିଝିପି ବର୍ଷା ଲାଗି ରହିଥିଲା, ଯଦିଓ ତାହା ବର୍ଷାଋତୁ ନ ଥିଲା। ତାହା ଥିଲା ବସନ୍ତ ଋତୁ। ମାର୍ଚ୍ଚ ମାସ ଅଠର ତାରିଖ। ୧୯୭୭ ମସିହା।

ମହାକାଳ ଗର୍ଭରେ ଯା ଭିତରେ ଅନେକ ଉଲ୍ଲେଖନୀୟ ଘଟଣା-ଦୁର୍ଘଟଣା, ଦିନ-ରାତି, ସୁଖ-ଦୁଃଖ, ସର୍ବୋପରି କୋଟି କୋଟି ମଣିଷଙ୍କର ଦୁର୍ଲଭ ଆୟୁଷ ନିଃଶେଷ ହୋଇଯାଇଥିବା ବେଳେ ୪୯ ବର୍ଷ ତଳର ଏକ ବର୍ଷାଭିଜା ଦିନକୁ ମୁଁ ଏତେ ନିବିଡ଼, ଅନ୍ତରଙ୍ଗ ଭାବରେ, ସ୍ମୃତିର ଫରୁଆ ଭିତରେ ସାଇତି ରଖିଛି ଯତ୍ନରେ। କିପରି ଓ କାହିଁକି? ଯେତେବେଳେ ମୋ' ବୟସ ମାତ୍ର ବାରବର୍ଷ!

ସେଇ ସ୍ମୃତି, ସେଇ ବିଭୋରପଣ ଏବେ ବି ମୋ' ଛାତି ଭିତରର କେଉଁ ଏକ ଅଦେଖା କୋଣରେ ଛପି ରହିଛି ଏବଂ ମେଘ କୋଳର ବିଜୁଳି ପରି କେବେକେବେ ମୋ' ଅଭ୍ୟନ୍ତରକୁ ଆଲୋକିତ କରିଦେଇ ଯାଉଛି।

ମୁଁ ପଢୁଥାଏ ସପ୍ତମ ଶ୍ରେଣୀରେ। ପତ୍ରଲିଖନ ପ୍ରତିଯୋଗିତା ଆୟୋଜନ କରାଗଲା ଆମ ଶ୍ରେଣୀରେ। ବିଷୟବସ୍ତୁ ଥିଲା ''ତୁମ ଗାଁର ଅସୁବିଧା ଓ ସମସ୍ୟା ଜଣାଇ ବିଭାଗୀୟ ମନ୍ତ୍ରୀଙ୍କ ନିକଟକୁ ପତ୍ର ଲେଖ।'' ଆମ ଶ୍ରେଣୀର ସମୁଦାୟ ଛାତ୍ରୀଛାତ୍ରଙ୍କ ସଂଖ୍ୟା ଥିଲା ୩୫। ସମସ୍ତେ ଭାଗ ନେଇଥିଲେ ଏହି ପ୍ରତିଯୋଗିତାରେ। ସଂସ୍କୃତ ସାର୍, ଓଡ଼ିଆ ସାର୍ ଏବଂ ହେଡ୍ ସାର୍‌ଙ୍କ ଉପସ୍ଥିତିରେ ଲେଖାହେଲା ପତ୍ର। ସମୟସୀମା ତିରିଶ ମିନିଟ୍। ଯାହାର ପତ୍ର ସର୍ବୋତ୍କୃଷ୍ଟ ହେବ, ସ୍କୁଲ୍‌ର ବାର୍ଷିକୋତ୍ସବ ଅବସରରେ ସେ ମାନ୍ୟବର ମନ୍ତ୍ରୀଙ୍କ ଦ୍ୱାରା ପୁରସ୍କୃତ ହେବ।

ଅଙ୍କରେ ମୁଁ ସିନା ଦୁର୍ବଳ ଥିଲି, ହେଲେ ସାହିତ୍ୟ ଥିଲା ମୋର ପ୍ରିୟ ବିଷୟ। ଶ୍ରେଣୀର ସବୁ ଛାତ୍ରୀଛାତ୍ରଙ୍କ ଲେଖା ଭିତରୁ ମୋ' ପତ୍ରଟିକୁ ବିଚାରବିମର୍ଶ ପରେ ବିଚାରକମାନେ ପ୍ରଥମ କଲେ।

ମାର୍ଚ୍ଚ ମାସ ଅଠର ତାରିଖ। ନିପଟ ମଫସଲର ନଡ଼ାଛପର ସ୍କୁଲ୍‌କୁ ଅତିଥି ହୋଇ ଆସିବେ ମନ୍ତ୍ରୀ। ଆମ ଗାଁର ଆବାଳବୃଦ୍ଧବନିତା ସେଦିନ ଅପରାହ୍ଣରୁ ଯାଇ ବସି ରହିଥିଲେ ଗାଁଠାରୁ ଅଢ଼େଇ କିଲୋମିଟର ଦୂର ସ୍କୁଲ୍ ପଡ଼ିଆରେ, ଅସ୍ଥାୟୀ ଭାବେ ତିଆରି ମଞ୍ଚ ପାଖରେ। ଗାଁର ଏଡ଼ିକି ବକଟେ ପୁଅ ମନ୍ତ୍ରୀଙ୍କ ହାତରୁ ପୁରସ୍କାର ଆଣିବ, ଏହା କ'ଣ କମ୍ ବଡ଼ ସୌଭାଗ୍ୟ ଗାଁ ପାଇଁ! ଏଇ ଭାବନାର ବଶବର୍ତ୍ତୀ ହୋଇ ଡକାହକା ହୋଇ ସମସ୍ତେ ପହଞ୍ଚି ଯାଇଥିଲେ ଆଗୁଆ ସଭାସ୍ଥଳରେ।

ସକାଳ ପହରୁ ଆରମ୍ଭ ହୋଇଥିବା ବର୍ଷା, ମୋ' ପରି ଜଣେ କିଶୋରର ଖୁସିରେ ଅନ୍ତରାୟ ନ ହୋଇ ଓହରେଇ ନେଇଥିଲା ନିଜକୁ। ନଡ଼ିଆ ଗଛର ପତ୍ର ଛନ୍ଦ ରଖି ଦୋହଲୁଥିଲା ପବନରେ। ଆମ୍ବଗଛ ଡାଳରୁ ଶୁଭୁଥିଲା କୋଇଲିର କୁହୁକୁହୁ।

ଅନ୍ତହେଲା ପ୍ରତୀକ୍ଷାର ମୁହୂର୍ତ୍ତ। ମନ୍ତ୍ରୀ ଆସିଲେ। ଅନ୍ୟାନ୍ୟ କାର୍ଯ୍ୟକ୍ରମ ପରେ ଡକାହେଲା ମୋ' ନାଁ। ଭୟ ଓ ଆନନ୍ଦର ଏକ ଫେଣ୍ଟାଫେଣ୍ଟି ଆବେଗ ମୋତେ ଅଢ଼େଇ ନେଉଥିଲା ମଞ୍ଚ ଆଡ଼କୁ। ମନ୍ତ୍ରୀଙ୍କ ହାତରୁ ପତ୍ରଲିଖନର ପ୍ରଥମ ପୁରସ୍କାର ସ୍ୱରୂପ ୫୦ ଟଙ୍କା, ଗୋଟେ ଝରକଲମ ଓ ମୋ' ପିଠିରେ ତାଙ୍କ ହାତ ଆଉଁଶା ଅନନ୍ୟ ଏକ ଉତ୍ତେଜନାରେ ଝାଳେଇ ଦେଇଥିଲା ମୋ' ଦେହ।

ମନେନାହିଁ, ସେଦିନ ସେଇ କୁନି ବୁଦ୍ଧି ଖଟେଇ ଟିକି ହାତରେ, ଗାଁର କି କି ଅସୁବିଧା ଓ ସମସ୍ୟା କଥା ପତ୍ରରେ ମୁଁ ଲେଖିଥିଲି। ମନେନାହିଁ, ମନ୍ତ୍ରୀ ମହୋଦୟ ମୋର ସେଇ ସାନ ଅଭିଯୋଗ ପତ୍ରଟି ପଢ଼ିଥିଲେ କି ନାହିଁ! ମନେ ବି ନାହିଁ, ମୁଁ ଲେଖିଥିବା ଆମ ଗାଁର ସମସ୍ୟା ସବୁ ଠିକ୍ ଥିଲା କି ନାହିଁ!



କିନ୍ତୁ ସ୍ପଷ୍ଟ ଭାବରେ ମନେଅଛି, ମୋ' ବୋଉ, ବଡ଼ବାପା, ବଡ଼ବୋଉ, ଦାଦା-ଖୁଡ଼ୀ, ଅଶୀବର୍ଷର ଜେଜୀମା'ଙ୍କ ସମେତ ଗାଁର ଶହଶହ ଲୋକଙ୍କ ଭିତରୁ ବାହାରି କମ୍ପିତ ପାଦରେ ମଞ୍ଚ ଉପରକୁ ମୋ' ଚାଲିଚାଲି ଯିବାର ଠାଣି। ମନେଅଛି ମନ୍ତ୍ରୀଙ୍କ ହାତରୁ ସରଗର ଚାନ୍ଦ ତୋଳି ଆଣିବା ବେଳର ସେଇ ଅଭୁଲା ଅନୁଭବ!

ଘରକୁ ଫେରି ପୁରସ୍କାରଲବ୍ଧ ଅର୍ଥକୁ ଯେତେବେଳେ ମୁଁ ମୋ' ବୋଉ ହାତକୁ ବଢ଼ାଇ ଦେଲି, ଦୁଇ ଆଖିରୁ ଦୁଇଟୋପା ଲୁହ ଝରେଇ ସେ ଟଙ୍କାକୁ ବୋଉ ମୁଣ୍ଡରେ ଲଗାଇ କାନ୍ଦିକାନ୍ଦି କହିଥିଲା- ''ମୋ' ପୁଅ ରୋଜଗାରିଆ ହେଇଗଲା...!''

ଆଜି ସାନବଡ଼ କେତେ ସମ୍ମାନ, ପୁରସ୍କାରର ମାନପତ୍ର ଶୋଭାପାଉଛି ମୋ' ବସାଉଠାଘରର ଆଲମିରା ଭିତରେ। ସେଇ ସବୁ ସମ୍ମାନ ଓ ସମ୍ବର୍ଦ୍ଧନାକୁ ନ୍ୟୂନ ଦୃଷ୍ଟିରେ ଦେଖିବାର ଧୃଷ୍ଟତା ମୁଁ କରିବି ନାହିଁ। କିନ୍ତୁ ଆଜକୁ ଅଣଚାଶ ବର୍ଷ ତଳେ ଏକ ଫାଲ୍‌ଗୁନୀ ସଞ୍ଜରେ ଜଣେ ବାରବର୍ଷର କିଶୋର ମହାର୍ଘ ଅତିଥିଙ୍କ ହାତରୁ ଯେଉଁ ଦୁର୍ଲଭ ସମ୍ମାନ ଟିକକ ପାଇଥିଲା, ସେଇ ବିସ୍ମୟ ଓ ପୁଲକର ପଟାନ୍ତର କାହିଁ?

ମୋ: ୯୪୩୭୧୬୩୦୦୨

# ନାବାଳିକାଙ୍କୁ ନେଇ ଫେରାର ଯୁବକଙ୍କ ଆତ୍ମହତ୍ୟା

■ମା', ବାପାଙ୍କୁ ପୋଲିସ ଉଠାଇ ନେଇଥିବା ଜାଣି ମୁମ୍ବାଇରୁ ଫେରିଥିଲେ

■ପୋଲିସର ଅତ୍ୟଧିକ ଚାପ ଅଭିଯୋଗ ଆଣିଲେ ଗ୍ରାମବାସୀ

ଢେଙ୍କାନାଳ, ଅନୁଗୋଳ, ଓଡ଼ାପଡ଼ା, ୨୪।୪(ରତନ ନାୟାର/ ଜ୍ୟୋତିରଞ୍ଜନ ସାହୁ/ ରଞ୍ଜିତ ନାୟକ)

ଅନୁଗୋଳ ସଦର ଥାନା ଅଞ୍ଚଳର ୧୩ ବର୍ଷୀୟା ନାବାଳିକା ପ୍ରେମିକାଙ୍କୁ ନେଇ ମୁମ୍ବାଇ ଫେରାର ହୋଇଯାଇଥିବା ଢେଙ୍କାନାଳ ଜିଲା ମୋଟଙ୍ଗା ଥାନା ନିମିଧା ଗ୍ରାମ ବାଲିରତ୍ନପୁର ସାହିର ବେଣୁପାଣି ସାହୁ (୨୩) ଆତ୍ମହତ୍ୟା କରିଛନ୍ତି। ଶୁକ୍ରବାର ଘର ଭିତରୁ ତାଙ୍କ ଝୁଲନ୍ତା ମୃତଦେହ ମୋଟଙ୍ଗା ପୋଲିସ ଜବତ କରିଛି। ନାବାଳିକାଙ୍କ ପରିବାର ଲୋକଙ୍କ ଅଭିଯୋଗ ଆଧାରରେ ଅନୁଗୋଳ ସଦର ଥାନା ପୋଲିସ ତାଙ୍କ ମା', ବାପାଙ୍କୁ ଉଠାଇନେଇଥିବା ଜାଣି ମୁମ୍ବାଇରୁ ଫେରିଆସିଥିବା ବେଣୁପାଣି ହଠାତ୍ ଆତ୍ମହତ୍ୟା କରିବା ସ୍ଥାନୀୟ ଅଞ୍ଚଳରେ ଆଲୋଡ଼ନ ସୃଷ୍ଟି କରିଛି। ପୋଲିସର ଅତ୍ୟଧିକ ଚାପ ଯୋଗୁ ବେଣୁପାଣିଙ୍କ ଜୀବନ ଯାଇଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି।

ସୂଚନା ଅନୁଯାୟୀ, ଅନୁଗୋଳ ସଦର ଥାନା ଅଞ୍ଚଳର ସମ୍ପୃକ୍ତା ନାବାଳିକାଙ୍କୁ ନେଇ ବେଣୁପାଣି ଗତ ୧ ତାରିଖରେ ମୁମ୍ବାଇ ପଳାଇ ଯାଇଥିଲେ। ଏ ସମ୍ପର୍କରେ ନାବାଳିକାଙ୍କ ମାତାପିତା ସେହିଦିନ ଅନୁଗୋଳ ସଦର ଥାନାକୁ ଅବଗତ କରାଇଥିଲେ। ତେବେ ୮ ତାରିଖରେ ଏ ସଂକ୍ରାନ୍ତରେ ନାବାଳିକାଙ୍କ ପରିବାର ପକ୍ଷରୁ ଏତଲା ଦିଆଯିବା ପରେ ପୋଲିସ ନଂ. ୨୭୨/୨୬ରେ ମାମଲା ରୁଜୁ କରି ତଦନ୍ତ ଚଳାଇଥିଲା। ଗତ ୨ ଦିନ ତଳେ ଅନୁଗୋଳ ସଦର ପୋଲିସ ନିମିଧା ଗ୍ରାମକୁ ଆସି ବେଣୁପାଣିଙ୍କ ମାତାପିତାଙ୍କୁ ଥାନାକୁ ନେଇ ପଚରାଉଚରା କରିଥିଲା। ଏ ବିଷୟରେ ଜାଣିବା ପରେ ବେଣୁପାଣି ନାବାଳିକାଙ୍କୁ ଧରି ମୁମ୍ବାଇରୁ ଫେରିଥିଲେ। ଏହାପରେ ସେ ନାବାଳିକାଙ୍କୁ ଜଣେ ସମ୍ପର୍କୀୟଙ୍କ ଘରକୁ ପଠାଇଦେଇ ବେକରେ ରଶି ଲଗାଇ ଆତ୍ମହତ୍ୟା କରିଦେଇଥିଲେ। ଏହି ଘଟଣାକୁ ନେଇ ଗ୍ରାମରେ ଚାପା ଉତ୍ତେଜନା ଦେଖାଦେଇଥିଲା। ବେଣୁପାଣିଙ୍କ ମାତାପିତାଙ୍କୁ ଉଠାଇନେଇଥିବା ପୋଲିସ ଅଧିକାରୀଙ୍କୁ ନିଲମ୍ବନ କରିବା ପାଇଁ ଗ୍ରାମବାସୀ ଦାବିକରି ମୃତଦେହ ଛାଡ଼ି ନ ଥିଲେ। ମୋଟଙ୍ଗା ଥାନା ଆଇଆଇସି ଦୀପକ କୁମାର ଲେଙ୍କା, ଓଡ଼ାପଡ଼ା ଅତିରିକ୍ତ ତହସିଲଦାର ସୁରେନ୍ଦ୍ର କୁମାର ମୁଦୁଲି, ହିନ୍ଦୋଳ ଉପଖଣ୍ଡ ପୋଲିସ ଅଧିକାରୀ ସତ୍ୟ କୁମାର ନନ୍ଦ ଗ୍ରାମବାସୀଙ୍କୁ ବୁଝାଶୁଝା କରିବା ପାଇଁ ଉଦ୍ୟମ କରିଥିଲେ ମଧ୍ୟ ଗ୍ରାମବାସୀ ଜିଦ୍‌ରେ ଅଟଳ ରହିଥିଲେ। ଅପରାହ୍ନ ପ୍ରାୟ ୨ଟା ୩୦ରେ ପୋଲିସ ମୃତଦେହ ବ୍ୟବଚ୍ଛେଦ ନିମନ୍ତେ ନେବାରେ ସଫଳ ହୋଇଥିଲା। ଏ ସଂକ୍ରାନ୍ତରେ ମୋଟଙ୍ଗା ଥାନାରେ ନଂ. ୫/୨୬ରେ ଏକ ଅପମୃତ୍ୟୁ ମାମଲା ରୁଜୁ ସହ ତଦନ୍ତ ଚାଲିଥିବା ଥାନା ଅଧିକାରୀ ଦୀପକ ଲେଙ୍କା ସୂଚନା ଦେଇଛନ୍ତି। ଏଥିସହ ସମ୍ପୃକ୍ତା ନାବାଳିକାଙ୍କୁ ତାଙ୍କ ପରିବାର ଲୋକଙ୍କ ଜିମା ଦିଆଯାଇଛି। ଅନୁଗୋଳ ସଦର ଥାନା ଆଇଆଇସି ସତ୍ୟବ୍ରତ ରାଉତ କହିଛନ୍ତି, ବେଣୁପାଣିଙ୍କ ମାତାପିତାଙ୍କୁ ପୋଲିସ ଉଠାଇ ଆଣି ନ ଥିଲା କି ଅଟକ ରଖି ନ ଥିଲା। ସେମାନଙ୍କୁ ଥାନାକୁ ଡକାଯାଇ ପଚରାଉଚରା ପରେ ଛାଡ଼ି ଦିଆଯାଇଥିଲା।


ମୃତ ବେଣୁପାଣି।

## ନାବାଳିକାଙ୍କୁ ବଳାତ୍କାର ଉଦ୍ୟମ, ଅଭିଯୁକ୍ତଙ୍କୁ ୧୦ ବର୍ଷ ଜେଲ

ଫୁଲବାଣୀ, ୨୪।୪(ରାକେଶ କୁମାର ରାଉତ)

ଜଣେ ନାବାଳିକା ବଳାତ୍କାର ଉଦ୍ୟମ ମାମଲାର ବିଚାର କରି ଶୁକ୍ରବାର ଫାଷ୍ଟଟ୍ରାକ୍ ପୋକ୍‌ସୋ କୋର୍ଟର ଅତିରିକ୍ତ ଜିଲା ଦୌରାଜଜ୍ କୈଳାସ ଚନ୍ଦ୍ର ସ୍ୱାଇଁ ଅଭିଯୁକ୍ତଙ୍କୁ ୧୦ ବର୍ଷ ଜେଲ ଦଣ୍ଡାଦେଶ ଦେଇଛନ୍ତି। ଏଥିସହିତ ତାଙ୍କୁ ୫ ହଜାର ଟଙ୍କା ଜରିମାନା ଓ ଅନାଦେୟ ଅଧିକ ୧ ବର୍ଷ ଜେଲ ଭୋଗିବା ପାଇଁ ରାୟରେ ଉଲ୍ଲେଖ କରିଛନ୍ତି। ଅଭିଯୁକ୍ତ ହେଲେ ସଦର ଥାନା ଅଞ୍ଚଳର ଜାକବ ଦିଗାଲ। ପୀଡ଼ିତା ଟିଉଶନରୁ ଫେରୁଥିବା ବେଳେ ଅଭିଯୁକ୍ତ ତାଙ୍କୁ ଜଙ୍ଗଲକୁ ନେଇ ବଳାତ୍କାର ଉଦ୍ୟମ କରିଥିଲେ। ଏନେଇ ପୀଡ଼ିତା ଜଣାଇବା ପରେ ପରିବାର ଲୋକେ ସଦର ଥାନାରେ ଏତଲା ଦେଇଥିଲେ। ପୋଲିସ ୧୮୦/୨୫ରେ ମାମଲା ରୁଜୁକରି ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। ସାକ୍ଷ୍ୟ ପ୍ରମାଣକୁ ଆଧାର କରି ବିଚାରପତି ଉପରୋକ୍ତ ଦଣ୍ଡାଦେଶ ଶୁଣାଇଛନ୍ତି। ଏଥିସହ ପୀଡ଼ିତାଙ୍କୁ ୨ ଲକ୍ଷ ଟଙ୍କା କ୍ଷତି ପୂରଣ ଦେବାକୁ ମଧ୍ୟ ନିର୍ଦ୍ଦେଶ ଦେଇଛନ୍ତି। ସରକାରଙ୍କ ପକ୍ଷରୁ ସ୍ୱତନ୍ତ୍ର ପି.ପି ରାଜ କୁମାର ବେହେରା ମାମଲା ପରିଚାଳନା କରୁଥିଲେ।

## ସ୍ତ୍ରୀ ହନ୍ତା ସ୍ୱାମୀଙ୍କୁ ୭ବର୍ଷ ସଶ୍ରମ କାରାଦଣ୍ଡ

ପାରଳାଖେମୁଣ୍ଡି, ୨୪।୪(ଗିରିଧାରୀ ପରିଚ୍ଛା)

୩ ଝିଅଙ୍କୁ ୩ଲକ୍ଷ ଟଙ୍କା କ୍ଷତିପୂରଣ ଦେବାକୁ ନିର୍ଦ୍ଦେଶ

ସାମାନ୍ୟ ବଚସାକୁ କେନ୍ଦ୍ରକରି ଧାରୁଆ ଦାଆରେ ସ୍ତ୍ରୀଙ୍କ ବେକ କାଟି ହତ୍ୟା କରିବା ମାମଲାର ବିଚାର କରି ଶୁକ୍ରବାର ଗଜପତି ଜିଲା ଅତିରିକ୍ତ ଜିଲା ସେସନ ଜଜ ବିଭୁପ୍ରସାଦ ପଣ୍ଡା ଗାରାବନ୍ଧ ଥାନା ଅନ୍ତର୍ଗତ ଅଡାଗାଁର ଗଙ୍ଗା ବଡ଼ମୁଣ୍ଡି (୫୦)ଙ୍କୁ ଦୋଷୀ ସାବ୍ୟସ୍ତ କରିଛନ୍ତି। ତାଙ୍କୁ ୭ବର୍ଷ ସଶ୍ରମ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି। ଏଥିସହ ୧୦ହଜାର ଟଙ୍କା ଜରିମାନା ଦେବାକୁ ବିଚାରପତି ରାୟରେ ଉଲ୍ଲେଖ କରିଛନ୍ତି। ଏହା ଅନାଦାୟ ହେଲେ ଅଧିକ ୬ମାସ ଜେଲଦଣ୍ଡ ଭୋଗିବାକୁ ରାୟରେ କହିଛନ୍ତି।

ମାମଲାର ବିବରଣୀରୁ ପ୍ରକାଶ, ୨୯।୧୨।୨୦୨୧ରେ ଅଡାଗାଁର ସଜନୀ ବଡ଼ମୁଣ୍ଡି ଓ ଗଙ୍ଗା ବଡ଼ମୁଣ୍ଡି ବିଲରୁ କାମ ସାରି ଘରକୁ ଫେରିଥିଲେ। ସେହିଦିନ ରାତି ୯ଟାରେ କୌଣସି କଥାକୁ ନେଇ ଉଭୟ ସ୍ତ୍ରୀ ସ୍ୱାମୀଙ୍କ ମଧ୍ୟରେ ବଚସା ହୋଇଥିଲା। ଏଥିରେ ଉତ୍ୟକ୍ତ ହୋଇ ଗଙ୍ଗା ସଜନୀଙ୍କ ବେକକୁ ଧାରୁଆ ଦାଆରେ କାଟିଦେଇଥିଲେ। ଫଳରେ ସଜନୀଙ୍କ ଘଟଣାସ୍ଥଳରେ ମୃତ୍ୟୁ ଘଟିଥିଲା। ଏନେଇ ସଜନୀଙ୍କ ଭାଇ ମଙ୍ଗଳ ମାଝୀ ଗଙ୍ଗାଙ୍କ ନାମରେ ଗାରାବନ୍ଧ ଥାନାରେ ଏତଲା ଦେଇଥିଲେ। ଏହାକୁ ଭିତ୍ତିକରି ପୋଲିସ ୧୦୫/୨୧ରେ ମାମଲା ରୁଜୁ ଘଟଣାର ତଦନ୍ତ ପରେ ଗଙ୍ଗାଙ୍କୁ ଗିରଫ କରି କୋର୍ଟଚାଲାଣ କରିଥିଲା। ତତ୍କାଳୀନ ଥାନା ଅଧିକାରୀ ସର୍ବେଶ୍ୱର ସାମନ୍ତରାୟ ମାମଲାର ତଦନ୍ତ କରି ଚାର୍ଜସିଟ୍ ଦାଖଲ କରିଥିଲେ। ସେବେଠାରୁ ଏହି ମାମଲା ଅତିରିକ୍ତ ଜିଲା ସେସନ ଜଜଙ୍କ ଅଦାଲତରେ ବିଚାରାଧୀନ ଥିଲା। ୧୫ ଜଣ ସାକ୍ଷୀ ଓ ଅନ୍ୟାନ୍ୟ ପ୍ରମାଣକୁ ଭିତ୍ତିକରି ଅତିରିକ୍ତ ଜିଲା ସେସନ ଜଜ ଗଙ୍ଗାଙ୍କୁ ଦୋଷୀ ସାବ୍ୟସ୍ତ କରି ଉପରୋକ୍ତ ରାୟ ଶୁଣାଣି କରିଛନ୍ତି। ସଜନୀଙ୍କ ତିନି ଝିଅଙ୍କ ଭବିଷ୍ୟତକୁ ଗୁରୁତ୍ୱ ଦେଇ କୋର୍ଟ ସେମାନଙ୍କୁ ଜଣଙ୍କୁ ୧ ଲକ୍ଷ ଲେଖାଏ ଟଙ୍କା ମୋଟ ୩ଲକ୍ଷ ଟଙ୍କା ସହାୟତା ଦେବାକୁ ଜିଲା ଆଇନ ସେବା ପ୍ରାଧିକରଣକୁ ନିର୍ଦ୍ଦେଶ ଦେଇଛନ୍ତି। ସରକାରଙ୍କ ପକ୍ଷରୁ ଅତିରିକ୍ତ ପବ୍ଲିକ ପ୍ରସିକ୍ୟୁଟର ସରୋଜ ରଥ ମାମଲା ପରିଚାଳନା କରୁଥିଲେ ବୋଲି ଭାରପ୍ରାପ୍ତ କ୍ୟାଡ଼ର ପବ୍ଲିକ ପ୍ରସିକ୍ୟୁଟର ରାଜେଶ ମିଶ୍ର ସୂଚନା ଦେଇଛନ୍ତି।

# ବନ କର୍ମଚାରୀଙ୍କୁ ନିସ୍ତୁକ ମାଡ଼

■ଫରେଷ୍ଟରଙ୍କ ସମେତ ୭ ଆହତ

■ ଗାଡ଼ି ଭଙ୍ଗାରୁଜା

ଉଦଳା, ୨୪।୪(ସନ୍ତୋଷ କୁମାର ବାଛିନୀ)

ହାତୀ ଘଉଡ଼ାଇବାକୁ ଯାଇ ଲୋକଙ୍କ ଆକ୍ରୋଶର ଶିକାର ହୋଇଛନ୍ତି ବନ କର୍ମଚାରୀ। ଗ୍ରାମବାସୀଙ୍କ ନିସ୍ତୁକ ମାଡ଼ରେ ଫରେଷ୍ଟର ଏବଂ ଫରେଷ୍ଟ ଗାର୍ଡଙ୍କ ସମେତ ୭ କର୍ମଚାରୀ ଆହତ ହୋଇଥିବା ଅଭିଯୋଗ ହୋଇଛି। ମୟୂରଭଞ୍ଜ ଜିଲା ବାରିପଦା ବନଖଣ୍ଡ ଅଧୀନ ଡୁକୁରା ସେକ୍ସନ ବହଳଦା ଗ୍ରାମରେ ଏଭଳି ଘଟଣା ଘଟିଛି।

ସୂଚନା ଅନୁଯାୟୀ, ଗୁରୁବାର ଏକ ଗୋଠଛଡ଼ା ଦନ୍ତା ବହଳଦା ଗାଁ ଭିତରକୁ ପଶିଆସି ଅନେକ ଲୋକଙ୍କ ଘର ଭାଙ୍ଗିଥିଲା। ହାତୀ ଗାଁରେ ପଶିବା ସମ୍ପର୍କରେ ଗ୍ରାମବାସୀ ଡୁକୁରା ସେକ୍ସନକୁ ଖବର ଦେଇଥିଲେ। ମାତ୍ର ଫରେଷ୍ଟର ଖଗେଶ୍ୱର ସେଠୀ, ଫରେଷ୍ଟଗାର୍ଡ ରାଇଧନ ସିଂ ଏବଂ ମହିଳା ଫରେଷ୍ଟଗାର୍ଡ ମାଳତୀ ମୁର୍ମୁଙ୍କ ସମେତ ଅନ୍ୟ ୪ ବନ କର୍ମଚାରୀ ବହୁ ବିଳମ୍ବରେ ରାତି ପ୍ରାୟ ୯ଟା ସମୟରେ ଗାଁରେ ପହଞ୍ଚିଥିଲେ। ବନ ବିଭାଗ ଗାଡ଼ି ପହଞ୍ଚିବା ମାତ୍ରେ ଗାଁର ୫୦ରୁ ଊର୍ଦ୍ଧ୍ୱ ମହିଳା, ପୁରୁଷ ହାତରେ ଠେଙ୍ଗା,ବାଡ଼ି, ଲୁହାରଡ୍ ଧରି ଆସି ଅଚାନକ ଭାବେ ବନ କର୍ମଚାରୀଙ୍କୁ ଆକ୍ରମଣ କରିଥିଲେ। ଗାଡ଼ି ଭିତରେ ବସିଥିବା ଫରେଷ୍ଟଗାର୍ଡ ମାଳତୀ ମୁର୍ମୁଙ୍କୁ ମହିଳାମାନେ ଘୋଷାରି ଆଣି ନିର୍ଘାତ ମାଡ଼ ମାରିବା ସହ ବନ ବିଭାଗ ଗାଡ଼ି ଭଙ୍ଗାରୁଜା କରିଥିଲେ। ପ୍ରାୟ ୧୫ରୁ ୨୦ ମିନିଟ ଧରି ଗ୍ରାମବାସୀ ଏହିପରି ଆକ୍ରମଣ କରିବା ସହ ବନ କର୍ମଚାରୀଙ୍କୁ ଅଟକ ରଖିଥିଲେ।

ଖବର ପାଇ ଖୁଣ୍ଟା ଥାନା ପୋଲିସ ପହଞ୍ଚି ଆକ୍ରମଣର ଶିକାର ହୋଇଥିବା ବନ କର୍ମଚାରୀଙ୍କୁ ଉଦ୍ଧାର କରିଥିଲା। ତେବେ ଶିକାରୀଙ୍କୁ ଗିରଫ କରିବା ପାଇଁ ବନ ବିଭାଗ ଠିକ୍ ସମୟରେ ପହଞ୍ଚି ପାରୁଥିବା ବେଳେ ଗାଁରେ ହାତୀ ପଶି କ୍ଷୟକ୍ଷତି କରୁଥିବା ଖବର ପାଇ ମଧ୍ୟ ଦୀର୍ଘ ସମୟ ପରେ ପହଞ୍ଚିବା ନେଇ ଲୋକେ ପ୍ରଶ୍ନ ଉଠାଇଥିଲେ। ଆକ୍ରମଣରେ ଆହତ ସମସ୍ତ କର୍ମଚାରୀଙ୍କୁ ପୋଲିସ ଉଦ୍ଧାର କରି ଖୁଣ୍ଟା ଡାକ୍ତରଖାନାରେ ଚିକିତ୍ସା ନିମନ୍ତେ ଭର୍ତ୍ତି କରିଛି। ଏ ନେଇ ଫରେଷ୍ଟର ସେଠୀ ଖୁଣ୍ଟା ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ପୋଲିସ ଘଟଣାସ୍ଥଳରୁ ବନ ବିଭାଗର ଗାଡ଼ିକୁ ଆଣି ଥାନାରେ ରଖିବା ସହିତ ଅଭିଯୋଗ ଆଧାରରେ ତଦନ୍ତ ଆରମ୍ଭ କରିଛି।

ଅନ୍ୟପକ୍ଷରେ, ଉପରିସ୍ଥ ଅଧିକାରୀ ଗାଡ଼ି ପଠାଇବାରେ ବିଳମ୍ବ କରିବାରୁ ଠିକ୍ ସମୟରେ ଗାଁରେ ପହଞ୍ଚି ହେଲାନାହିଁ ବୋଲି ଫରେଷ୍ଟର କହିଛନ୍ତି। ସେହିପରି ପୂର୍ବରୁ ବହଳଦା ଅଞ୍ଚଳରେ ଚାଲିଥିବା ବେଆଇନ ପଥର ଖାଦାନ ବନ୍ଦ କରିବା ଏବଂ ସେହି ଅଞ୍ଚଳର ଶିକାରୀମାନଙ୍କୁ ବାରମ୍ବାର ବନ ବିଭାଗ ଗିରଫ କରିଥିବାରୁ ପୁଞ୍ଜିଭୂତ ରାଗ ଶୁଝାଇବା ପାଇଁ ହାତୀ ଘଉଡ଼ାଇବା ଘଟଣାକୁ ଗ୍ରାମବାସୀ ମୋହରା କରିଛନ୍ତି ବୋଲି ଫରେଷ୍ଟର ସେଠୀ କହିଛନ୍ତି। ହାତୀ ଆକ୍ରମଣରେ ଯେଉଁ ପରିବାରର କ୍ଷୟକ୍ଷତି ହୋଇଛି ସେମାନଙ୍କୁ ବିଭାଗ ପକ୍ଷରୁ କ୍ଷତିପୂରଣ ଯୋଗାଇ ଦିଆଯିବ ବୋଲି ସେ ସୂଚନା ଦେଇଛନ୍ତି। ଘଟଣା ବାବଦରେ ବାରିପଦା ଡିଏଫ୍‌ଓ ଗୋବିନ୍ଦ ଚନ୍ଦ୍ର ବିଶ୍ୱାଳଙ୍କୁ ପଚାରିବାରୁ ଆକ୍ରମଣ ପଛରେ ହାତୀ ଘଉଡ଼ାଇବା ଘଟଣା ନୁହେଁ ବରଂ ବେଆଇନ ପଥର ଖାଦାନ ବନ୍ଦ କରାଯିବା ମୁଖ୍ୟ ପ୍ରସଙ୍ଗ ବୋଲି ସେ କହିଛନ୍ତି।



ଲୋକଙ୍କ ଆକ୍ରମଣରେ ଭାଙ୍ଗିଯାଇଥିବା ବନ ବିଭାଗ ଗାଡ଼ି।

## ୨.୬ କୋଟି ସାଇବର ଠକେଇ, ଦିଲ୍ଲୀରୁ ଅଭିଯୁକ୍ତ ଗିରଫ

ଭୁବନେଶ୍ୱର, ୨୪।୪ (ପ୍ରସନଜିତ୍ ସାହୁ)

ଟ୍ରାଞ୍ଜିଟ ରିମାଣ୍ଡରେ ଆଣୁଛି କ୍ରାଇମବ୍ରାଞ୍ଚ

ନିବେଶ ଆଳରେ କୋଟି କୋଟି ଟଙ୍କା ଠକେଇ କରୁଥିବା ସାଇବର ଠକକୁ ବାନ୍ଧିଛି ଓଡ଼ିଶା କ୍ରାଇମବ୍ରାଞ୍ଚର ସାଇବର ୟୁନିଟ୍। ରାଜ୍ୟରେ ହୋଇଥିବା ୨ କୋଟି ୬ ଲକ୍ଷ ଟଙ୍କାର ସାଇବର ଠକେଇ ମାମଲାରେ ପୋଲିସ ଦିଲ୍ଲୀରୁ ସମ୍ପୃକ୍ତ ଅଭିଯୁକ୍ତକୁ ଗିରଫ କରିଛି। ସେ ହେଲେ ପଶ୍ଚିମ ଦିଲ୍ଲୀର ବିନୟ କୁମାର ଶର୍ମା। ତାଙ୍କ ନିକଟରୁ କିଛି ଆଧାର କାର୍ଡ, ପ୍ୟାନ୍ କାର୍ଡ, ମୋବାଇଲ ଫୋନ୍ ଓ ଅନ୍ୟ କାଗଜପତ୍ର ଜବତ କରାଯାଇଛି। ସ୍ଥାନୀୟ ଦ୍ୱାରକା କୋର୍ଟରେ ହାଜର ପରେ ତାଙ୍କୁ ଟ୍ରାଞ୍ଜିଟ ରିମାଣ୍ଡରେ ଭୁବନେଶ୍ୱର ଅଣାଯାଉଥିବା କ୍ରାଇମବ୍ରାଞ୍ଚ ପକ୍ଷରୁ ସୂଚନା ଦିଆଯାଇଛି।

ଅଭିଯୁକ୍ତ ବିନୟ ଅନ୍‌ଲାଇନ ଟ୍ରେଡିଂ ବାହାନାରେ ଲୋକଙ୍କଠାରୁ କୋଟି କୋଟି ଟଙ୍କା ହଡ଼ପ କରୁଥିଲେ। ନିଜକୁ ଜଣେ ଫାଇନାନ୍ସିଆଲ ଏକ୍ସପର୍ଟ ପରିଚୟ ଦେଇ ହ୍ୱାଟ୍ସଆପ୍ ମାଧ୍ୟମରେ ସେ ଠକେଇର ଜାଲ ବିଛାଉ ଥିଲେ। ୨୦୨୪ ଡିସେମ୍ବର ୧୨ରେ ଜଣେ ବ୍ୟକ୍ତି ହ୍ୱାଟ୍ସଆପ୍‌ରୁ ଅଭିଯୁକ୍ତ ବିନୟଙ୍କ ସହିତ ପରିଚିତ ହୋଇଥିଲେ। ବିନୟ ନିଜକୁ ଜଣେ ଫାଇନାନ୍ସିଆଲ ଏକ୍ସପର୍ଟ ବୋଲି ପରିଚୟ ଦେବା ସହ ଲକ ବଡ କମ୍ପାନୀରେ କାମ କରୁଥିବା କହିଥିଲେ। ଅଭିଯୁକ୍ତ ତାଙ୍କୁ ଅଧିକ ରିଟର୍ନ ଆଶା ଦେଖାଇ ବିଭିନ୍ନ ଫେକ୍ ଶେୟାର ମାର୍କେଟିଂ ଗ୍ରୁପ୍‌ରେ ଯୋଡି ଥିଲେ। ଏହାକୁ ବିଶ୍ୱାସ କରି ବ୍ୟକ୍ତିଜଣକ ନିଜର ୩ଟି ଆକାଉଣ୍ଟରୁ ମୋଟ ୨ କୋଟି ୬ ଲକ୍ଷ ୭ ହଜାର ୫ ଶହ ଟଙ୍କା ଅଭିଯୁକ୍ତଙ୍କ ୫ଟି ଆକାଉଣ୍ଟକୁ ପଠାଇଥିଲେ। ଏସବୁ ଟଙ୍କା ୨୦୨୪ ଡିସେମ୍ବର ୨୩ ରୁ ୨୦୨୫ ମାର୍ଚ୍ଚ ୨୪ ମଧ୍ୟରେ ୫୪ଟି କିସ୍ତିରେ ଦେଇଥିଲେ। ହେଲେ ନିର୍ଦ୍ଧାରିତ ସମୟରେ ତାଙ୍କ ଟଙ୍କା ବହୁଗୁଣ ହେବା ତ ଦୂରର କଥା ମୂଳ ଟଙ୍କା ଉଠେଇବାକୁ ଚାହିଁବାରୁ ଅଭିଯୁକ୍ତମାନେ ଆଉ ଧରାଛୁଆଁ ନ ଦେଇ ସବୁ ଲିଙ୍କ୍ କାଟି ଦେଇଥିଲେ। ଠକେଇର ଶିକାର ହୋଇଥିବା ଜାଣିବା ପରେ ଉକ୍ତ ବ୍ୟକ୍ତିଜଣକ ସାଇବର ଥାନାରେ ଅଭିଯୋଗ କରିଥିଲେ। ଏହା ଏକ ବଡ଼ ଠକେଇ ହୋଇଥିବାରୁ କ୍ରାଇମବ୍ରାଞ୍ଚର ସାଇବର ୟୁନିଟ୍ ତଦନ୍ତ ଭାର ନେଇଥିଲା।

## ଯୁବତୀଙ୍କୁ ବଳାତ୍କାର ଅଭିଯୋଗରେ ଯୁବକଙ୍କୁ କୋର୍ଟ ଚାଲାଣ

ରେଢ଼ାଖୋଲ, ୨୪।୪ ( ସନ୍ତୋଷ ବଘାର)

ସମ୍ବଲପୁର ଜିଲା ରେଢ଼ାଖୋଲ ଥାନା ଅଞ୍ଚଳରେ ଜଣେ ଭିନ୍ନକ୍ଷମ ଯୁବତୀଙ୍କୁ ବଳାତ୍କାର କରିବା ଅଭିଯୋଗରେ ଜଣେ ଯୁବକଙ୍କୁ ପୋଲିସ ଗୁରୁବାର ଗିରଫ କରି କୋର୍ଟ ଚାଲାଣ କରିଛି। ଗିରଫ ଯୁବକ ହେଲେ ବୌଦ୍ଧ ଜିଲା କିରାସିରା ଗ୍ରାମର ଶୁକଦେବ ବାଘ (୨୬)। ପୋଲିସ ସୂତ୍ରରୁ ପ୍ରକାଶ, ଭିନ୍ନକ୍ଷମ ଯୁବତୀ ଜଣକ ରେଢ଼ାଖୋଲ ଥାନା ଅଞ୍ଚଳରେ ଥିବା ସମ୍ପର୍କୀୟଙ୍କ ଘରେ ରହୁଥିଲେ। ତାଙ୍କ ସମ୍ପର୍କୀୟଙ୍କ ଘର ନିକଟରେ ଶୁକଦେବ ରହୁଥିଲେ। କିଛିଦିନର ରହିବା ସମୟରେ ଶୁକଦେବ ପୀଡ଼ିତାଙ୍କୁ କୌଣସି ମତେ ବଳାତ୍କାର କରିଥିଲେ। ପରେ ଯୁବତୀ ଜଣକ ୩ ମାସର ଗର୍ଭବତୀ ହୋଇଥିଲେ। ଘଟଣା ବିଷୟରେ ତାଙ୍କ ପରିବାର ଲୋକେ ଜାଣିବା ପରେ ଏ ନେଇ ପଚାରି ବୁଝିଥିଲେ। ସେ ଗର୍ଭବତୀ ହୋଇଥିବା ଜାଣି ସମ୍ପୃକ୍ତ ଯୁବକ ଫେରାର ହୋଇଯାଇଥିଲେ। ଏ ନେଇ ପରିବାର ଲୋକେ ଥାନାରେ ଅଭିଯୋଗ କରିବା ପରେ ପୋଲିସ ଗୁରୁବାର ସନ୍ଧ୍ୟାରେ ମାମଲା ରୁଜୁ କରିବା ସହ ଶୁକଦେବଙ୍କୁ ଗିରଫ କରିଥିଲା। ଏ ନେଇ ଥାନାରେ ପୋଲିସ ବିଏନଏସ ଦଫା ୟୁ/ଏସ-୬୪(୨)(କେ) ନଂ. ୬୪/୨୬ରେ ମାମଲା ରୁଜୁ ହୋଇଛି।

## ବ୍ରହ୍ମପୁର ଜେଲ ହାଇ ସିକ୍ୟୁରିଟି ସେଲ୍‌ରେ ରାଜା ସାହାଣୀ

ବ୍ରହ୍ମପୁର, ୨୪।୪(ସୁବାସ ଚନ୍ଦ୍ର ପାଢ଼ୀ)

ଚୌଦ୍ୱାର ଜେଲ୍‌ରୁ ନିଜ ସହଯୋଗୀଙ୍କ ସହ ଫେରାର ହୋଇ ପରେ ଧରାପଡ଼ିଥିବା ରାଜା ସାହାଣୀ ଓରଫ ଶୁଭମ୍‌ଙ୍କୁ ବ୍ରହ୍ମପୁର ଜେଲକୁ ଅଣାଯିବା ପରେ ହାଇ ସିକ୍ୟୁରିଟି ସେଲରେ ରଖାଯାଇଛି। ଶୁକ୍ରବାର ସକାଳେ ତାଙ୍କୁ କମିଶନରେଟ ପୋଲିସର ସ୍ପେଶାଲ ସ୍କ୍ୱାଡ୍ ସହାୟତାରେ ବ୍ରହ୍ମପୁର ମଣ୍ଡଳ କାରାଗାରକୁ ଅଣାଯାଇଥିଲା। ରାଜା ସାହାଣୀଙ୍କୁ ଅତିସମ୍ବେଦନଶୀଳ ବା 'ହାଇରିସ୍କ' ବନ୍ଦୀ ଭାବେ ଗଣନା କରାଯାଉଛି। ସୁରକ୍ଷା ଦୃଷ୍ଟିକୋଣରୁ ଏବଂ ଅଧିକ ତଦନ୍ତ ପାଇଁ ତାଙ୍କୁ ଏଠାକୁ ଅଣାଯାଇଥିବା କୁହାଯାଉଛି।

ସୂଚନାଯୋଗ୍ୟ, ୨୦୨୫ ଅକ୍ଟୋବରରେ ଚୌଦ୍ୱାର ଜେଲରୁ ଫେରାର ହୋଇଯାଇଥିଲେ। ତାଙ୍କୁ ଗତ ୧ ତାରିଖରେ ଉତ୍ତରାଖଣ୍ଡର ଋଷିକେଶରୁ ଗିରଫ କରାଯାଇଥିଲା। ସେ ସେଠାରେ ନିଜର ପରିଚୟ ଲୁଚାଇ 'କମଲେଶ ପାଣ୍ଡେ' ନାମରେ ରହୁଥିଲେ। ବିହାରର ବେଗୁସରାଇ ବାସିନ୍ଦା ରାଜାଙ୍କ ନାମରେ ଓଡ଼ିଶା, ବିହାର, କର୍ଣ୍ଣାଟକ ଏବଂ ଆନ୍ଧ୍ରପ୍ରଦେଶ ଆଦି ରାଜ୍ୟରେ ହତ୍ୟା, ଡକାୟତି ଓ ଚୋରି ଭଳି ୨୮ରୁ ଅଧିକ ସଙ୍ଗିନ ମାମଲା ରହିଛି।

## ୫ ଅଭିଯୁକ୍ତଙ୍କୁ ୩ ଦିନିଆ ରିମାଣ୍ଡ ଅନୁମତି

ବ୍ରହ୍ମପୁର, ୨୪।୪ (ସୁବାସ ଚନ୍ଦ୍ର ପାଢ଼ୀ)

ଜମି ବ୍ୟବସାୟୀ ସୁଧୀର ହତ୍ୟା ମାମଲା

ଗଞ୍ଜାମ ଜିଲା ଗୋପାଳପୁର ଅଞ୍ଚଳର ଜମି ବ୍ୟବସାୟୀ ସୁଧୀର ପାତ୍ର ଅପହରଣ ଓ ହତ୍ୟା ମାମଲାରେ ଗିରଫ ହୋଇ ଜେଲ୍‌ରେ ଥିବା ୫ ଅଭିଯୁକ୍ତଙ୍କୁ ୩ ଦିନିଆ ରିମାଣ୍ଡରେ ନେବ ପୋଲିସ। ବ୍ରହ୍ମପୁରସ୍ଥିତ ଜେଏମ୍‌ଏଫ୍‌ସି(ଗ୍ରାମୀଣ) କୋର୍ଟ ମାଜିଷ୍ଟ୍ରେଟ ରିତିକା ଜେନା ଶୁକ୍ରବାର ଏହି ରିମାଣ୍ଡ ମଞ୍ଜୁର କରିଛନ୍ତି। ଅଭିଯୁକ୍ତମାନେ ହେଲେ କାଳୁଚରଣ ପ୍ରଧାନ, ଜିତୁନ ପୋଲାଇ, ନାରାୟଣ ପ୍ରଧାନ, ଆଶିଷ ମହାପାତ୍ର ଓ ସୂର୍ଯ୍ୟପ୍ରତାପ ସିଂ। ପୋଲିସ ୫ ଦିନ ପାଇଁ ଅଭିଯୁକ୍ତଙ୍କୁ ରିମାଣ୍ଡରେ ନେବା ପାଇଁ କୋର୍ଟରେ ଆବେଦନ କରିଥିଲା। ଆସନ୍ତା ୨୫ ତାରିଖରୁ ୨୭ ଯାଏ ଅଭିଯୁକ୍ତଙ୍କୁ ରିମାଣ୍ଡରେ ନେଇ କ୍ରାଇମ ସିନ୍ ରିକ୍ରିଏଶନ କରାଯିବ ବୋଲି ଜଣାପଡ଼ିଛି। ଗୁରୁବାର ମୁଖ୍ୟ ଷଡଯନ୍ତ୍ରକାରୀ ତଥା ମୃତ ସୁଧୀରଙ୍କ ଝିଆରୀ ନିବେଦିତା ପାତ୍ର ଓ ପୁତୁରା ତୁଷାର ପାତ୍ରଙ୍କ ସମେତ ନିବେଦିତାଙ୍କ ପୁରୁଷବନ୍ଧୁ କାଳୁଚରଣଙ୍କୁ ମିଶାଇ ପୋଲିସ ମୋଟ ୯ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। ଉପରୋକ୍ତ ୫ ଅଭିଯୁକ୍ତ ମୁଖ୍ୟ କାର୍ପଟଦାର ସାଜିଥିବାରୁ ପୋଲିସ ସେମାନଙ୍କୁ ୫ ଦିନ ରିମାଣ୍ଡରେ ନେଇ ଅଧିକ ପଚରାଉଚରା କରିବ ବୋଲି ଅଦାଲତରେ ପିଟିଶନ ଦାଖଲ କରିଥିଲା।


**ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପ ବିଭାଗ, ଓଡ଼ିଶା ସରକାର**
**ହସ୍ତଶିଳ୍ପ ନିର୍ଦ୍ଦେଶାଳୟ, ଓଡ଼ିଶା।**

No. 14001/12/2627: ତା୨୧।୦୩।୨୦୨୬ରିଖରେ ଦୈନିକ ସମାଜ, ଧରିତ୍ରୀ, ପ୍ରମେୟ, ପ୍ରଗତିବାଦୀ ଓ ତା୨୨।୦୩।୨୦୨୬ରିଖରେ ଦୈନକ ସମ୍ବାଦରେ ପ୍ରକାଶିତ ବିଜ୍ଞାପନରେ ହସ୍ତଶିଳ୍ପ କ୍ଷେତ୍ରରେ ବିଭିନ୍ନ ଯୋଜନାଗୁଡ଼ିକ ଯଥା "ଗୁରୁଶିଷ୍ୟ ପରମ୍ପରା ତାଲିମ", ନିପୁଣ ଶିଳ୍ପୀଙ୍କ ମାଧ୍ୟମରେ ତାଲିମ", "ଶିଳ୍ପୀଗ୍ରାମ ଯୋଜନା", "ହସ୍ତଶିଳ୍ପ କାରିଗରଙ୍କ କର୍ମଶାଳା ନିର୍ମାଣ ଯୋଜନା" ଓ "ଶିଳ୍ପୀ ଉନ୍ନତି ଯୋଜନା" ପାଇଁ ଅନଲାଇନ୍ ମାଧ୍ୟମରେ ଆବେଦନ କରିବାର ସମୟସୀମା ତା୧୨।୦୫।୨୦୨୬ରିଖ ପର୍ଯ୍ୟନ୍ତ ବୃଦ୍ଧି କରାଯାଇଅଛି। ଏଣୁ ହସ୍ତଶିଳ୍ପ କାରିଗରମାନଙ୍କୁ ଅନୁରୋଧ ସେମାନେ ଉପରୋକ୍ତ ବିଜ୍ଞାପନରେ ପ୍ରକାଶିତ ଯୋଜନାଗୁଡ଼ିକରେ ସହାୟତା ପାଇଁ ଅନଲାଇନ୍ ମାଧ୍ୟମରେ https://crafts.odisha.gov.in କିମ୍ବା https://spdp.odisha.gov.in ୱେବସାଇଟ୍ ପରିଦର୍ଶନ କରି ତା୧୨।୦୫।୨୦୨୬ରିଖ ସୁଦ୍ଧା ଆବେଦନ କରିପାରିବେ। ଉପରୋକ୍ତ ସମସ୍ତ ଯୋଜନାଗୁଡ଼ିକର ସବିଶେଷ ତଥ୍ୟ ପାଇଁ ଆବେଦନକାରୀମାନେ ସମ୍ପୃକ୍ତ ଉପ ନିର୍ଦ୍ଦେଶକ (ହସ୍ତଶିଳ୍ପ)/ସହକାରୀ ନିର୍ଦ୍ଦେଶକ (ହସ୍ତଶିଳ୍ପ)/ହସ୍ତଶିଳ୍ପ ବିକାଶ ଅଧିକାରୀ କିମ୍ବା ଏହି ନିର୍ଦ୍ଦେଶାଳୟର ନିଃଶୁଳ୍କ ଟେଲିଫୋନ ସେବା – ୧୮୦୦୩୪୫୬୭୫୦ରେ ଯୋଗାଯୋଗ କରିବାକୁ ଅନୁରୋଧ।

ସ୍ୱା./– ନିର୍ଦ୍ଦେଶିକା
OIPR-14001/14008/1/26-27/0001 ହସ୍ତଶିଳ୍ପ ନିର୍ଦ୍ଦେଶାଳୟ, ଓଡ଼ିଶା

No.32001/117/2627
GOVERNMENT OF ODISHA
**OFFICE OF THE EXECUTIVE ENGINEER**
Tel Irrigation Division, Sonepur
E-mail : eeteldivn2022@gmail.com
**E-procurement Notice No - EE, TID, SNP - 02/2026-27**

The **Executive Engineer, Tel Irrigation Division, Sonepur** on behalf of Governor of Odisha invites online **Percentage rate** tenders in **Single cover** system to be received in **online mode** only for the works as detailed below.

1. Name/Nature of the work : Flood Protection Embankment Works
2. No. of Works : 13 No.
3. Class of Contractor : As mentioned in Col. No. 4 of NIT
4. Bid Identification No. : EE, TID, SNP - 01/2026-27
5. Approximate Estimated Cost : From Rs.6.50 lakhs to Rs.25.37 lakhs (Excluding GST)
6. Period of Completion : As per mentioned in Col No.7 of NIT
7. Date & time of availability of bid documents in the Portal : **From 29.04.2026 (10.00 A.M.) to 12.05.2026 (05.30 P.M.)**
8. Last date/time for receipt of bids in the Portal : **In portal - 12.05.2026 from 10.00 A.M. up to 05.30 P.M.**
9. Date of Opening of Bid : **On Date 13.05.2026 (11.00 A.M. onwards in the Office of the undersigned)**
10. Name of the Officer inviting Bid : **Executive Engineer, Tel Irrigation Division, Sonepur (Dist.-Subarnapur)**

Further details can be seen from the e-Procurement portal https://tendersodisha.gov.in.

Sd./- Executive Engineer
OIPR-32001/32362/1/26-27/0002 Tel Irrigation Division, Sonepur

No.32001/116/2627
GOVERNMENT OF ODISHA
DEPARTMENT OF WATER RESOURCES
**OFFICE OF THE SUPERINTENDING ENGINEER, BURLA IRRIGATION DIVISION, BURLA**
Phone No. : 0663-2430445, E-mail id : sambalpurirrigation@rediffmail.com
'e' Tender Call Notice No. BID-01/2026-27 (Online)

| | | | |
|---|---|---|---|
| 1. | Nature of Works | : | Improvement to Canal Structure |
| 2. | Nos. of works | : | 18 (Eighteen) Nos. |
| 3. | Amount Put to Tender | : | Rs.8.11 Lakhs to 22.20 Lakhs Approximately |
| 4. | Period of Completion | : | As per D.T.C.N |
| 5. | Date and Time of availability of Bid Document in the Portal | : | Dt : 30.04.2026 at 11.00 A.M. to Dt : 11.05.2026 up to 05.00 P.M. |
| 6. | Last Date / Time for receipt of Bids in the Portal | : | Dt : 11.05.2026 up to 05.00 P.M. |
| 7. | Date of opening of Bid | : | Dt : 12.05.2026 at 11.00 A.M. |
| 8. | Last date & time of seeking tender clarification | : | Dt : 11.05.2026 up to 02.00 P.M. |
| 9. | Name and Address of the Officer Inviting Bid | : | Superintending Engineer, Burla Irrigation Division, Burla At/Po-Burla - 768017, Dist. - Sambalpur, Email Id : sambalpurirrigation@rediffmail.com |

Further detail can be seen from the e-procurement portal www.tendersodisha.gov.in.

Sd./- Superintending Engineer,
OIPR-32001/32436/1/26-27/0001 Burla Irrigation Division, Burla

No.25001/51/2627
GOVERNMENT OF ODISHA
OFFICE OF THE CHIEF CONSTRUCTION ENGINEER
RURAL WORKS CIRCLE, BOLANGIR
**e-Procurement Notice**

| | | | |
|---|---|---|---|
| 1 | Name of work | : | Construction of Roads in the district of Bolangir under the Scheme of MMSY-TRIP, MMSY-CMRL for the year 2025-26 |
| 2 | No. of works | : | 2 (Two) works |
| 3 | Time for completion varies from | : | 9 (Nine) Calendar months |
| 4 | Approximate estimated cost varies from | : | Rs.385.31 lakhs to Rs.476.02 lakhs |
| 5 | Mode of Submission of tender | : | Tender should be submitted online in www.tendersodisha.gov.in |
| 6 | **Other details are as follow** | | |

| Procurement Officer | Bid Identification No. | Availability of Tender online for bidding | | Last date and time of seeking tender clarification | Date & time of opening of tender | |
|---|---|---|---|---|---|---|
| | | From | To | | Technical Bid | Financial Bid |
| Chief Construction Engineer, R.W. Circle, Bolangir | BLGR-Online-01/2026-27 | 27.04.2026 at 11.00 A.M. | 12.05.2026 upto 5.00 P.M. | 11.05.2026 upto 5.00 P.M. | 13.05.2026 at 11.00 A.M. | The date will be intimated later on |

• Further details can be seen from the website www.tendersodisha.gov.in
• Any Corrigendum/Addendum will be displayed in the above e tender website only.

Sd./- Chief Construction Engineer
OIPR-25001/25118/1/26-27/0001 R.W.Circle, Bolangir

**कार्यपालक अभियन्ता का कार्यालय,**
**ग्रामीण कार्य विभाग, कार्य प्रमण्डल, लातेहार**
अल्पकालीन ई– निविदा आमंत्रण सूचना
ई–निविदा संख्या :– 05/R1/2024-25/EE/RWD/LATEHAR दिनांक : 23.04.2026

| क्र0 | आईडेंटी फिकेशन सं0/पैकेज सं0 | प्रखंड | कार्य का नाम | प्राक्कलित राशि (रूपये में) | | कार्य समाप्ति की तिथि | टेंडर कॉल |
|---|---|---|---|---|---|---|---|
| | | | | अंक में | अक्षर में | | |
| 2 | RWD/LATEHAR21/2024-25 | बरवाडीह | ग्राम पंचायत छेंचा पंचायत भवन पी0डब्लू0डी0 रोड से आंगनबाड़ी होते हुए कोयल नदी तक पथ निर्माण। | 342.804 | रू0 तीन करोड़ बेयालीस लाख अस्सी हजार चार सौ रूपये मात्र। | 15 माह | द्वितीय |

1. वेबसाईट में निविदा प्रकाशन की तिथि : 29.04.2026
2. ई–निविदा प्राप्ति की अंतिम तिथि एवं समय : 09.05.2026 अपराह्न 5:00 बजे तक।
3. निविदा खोलने की तिथि एवं समय : 11.05.2026 अपराह्न 03:30 बजे।
4. निविदा आमंत्रित करने वाले पदाधिकारी का नाम एवं पता, कार्यपालक अभियंता, ग्रामीण कार्य विभाग, कार्य प्रमंडल, लातेहार पिन – 829206
5. ई–निविदा प्रकोष्ठ का दूरभाष सं0 – 06565245038

विस्तृत जानकारी के लिए वेबसाईट www.jharkhandtenders.gov.in में देखा जा सकता है। कार्यपालक अभियन्ता ग्रामीण कार्य विभाग कार्य प्रमण्डल, लातेहार
PR 378352 REO(26-27).D

Government of Jharkhand
**Urban Development and Housing Department**
Dhanbad Municipal Corporation, Dhanbad
e-Procurement Re Tender Notice No. DMC/05/2026-27
NIT No.- DMC/05/2026-27 Date :- 24.04.2026

| | | |
|---|---|---|
| 1. | Name of the work | Rejuvenation of Ranibandh Talab Under DMC, Dhanbad |
| 2. | Estimated Cost (Rs.) | Rs. 4,16,37,000.00 |
| 3. | Tender Fee and Bid Security | Tender document fee: - INR 10,000/- (Ten Thousand Only) Non-Refundable. Bid Security: Rs 416370.00 (Rupees Four Lakh Sixteen Thousand Three Hundred & Seventy Only). |
| 4. | Time of Completion | 330 Days |
| 5. | Date / Time of Publication of Tender on Website | 02.05.2026 at 03:00 PM |
| 6. | Start Date of Submission of Bids | 21.05.2026 at 03:00 PM |
| 7. | Last Date / Time for receipt of bids Online | 21.05.2026 (On line) till 03:00 PM |
| 8. | Date and Time of Technical Bid Opening Online. | 22.05.2026 (On line) from 03:00 PM |
| 9. | Name & address of office Inviting tender | Chief Executive Officer, Dhanbad Municipal corporation,Dhanbad. |
| 10. | Helpline number of e-Procurement cell | 8986892064 |
| 11. | e-mail id | Dhanbadmunicipal corporationadm@gmail.com |

NOTE:- (i) Only e-Tenders will be accepted. Further details can be seen on website http://www.jharkhandtenders.gov.in.
(ii) Contractor should be registered in Class (I) First class as per NIT
(iii) Estimated Cost / Quantity May Vary
(iv) Any Change/Information can be seen on Website on http://www.jharkhandtenders.gov.in.

Executive Engineer,
Dhanbad Municipal Corporation, Dhanbad
PR 378343 Urban Development and Housing (26-27)_D

## ଜନ୍ମଦିନର ଶୁଭେଚ୍ଛା

ନାମ: ..............................

ବୟସ:..............................

ଜନ୍ମ ତାରିଖ: ..............................


କାଶ୍ୱିକା
ପରିବାରବର୍ଗ


ସାନଭି
ପରିବାରବର୍ଗ


ଶ୍ରଦ୍ଧା, ସାଇ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

# ଓଡ଼ିଶା ହେବ ଦେଶର ଇସ୍ପାତ ହବ୍: ମୁଖ୍ୟମନ୍ତ୍ରୀ

- ଜେଏସ୍‌ଡବ୍ଲ୍ୟୁ ପ୍ରକଳ୍ପ ଜରିଆରେ ବିକଶିତ ଓଡ଼ିଶା ଗଠନ ପାଇଁ ଆହ୍ୱାନ
- ସମ୍ବଲପୁର, ଝାରସୁଗୁଡ଼ା ଓ ସୁନ୍ଦରଗଡ଼କୁ ନେଇ ହେବ ଅର୍ଥନୈତିକ ଜୋନ୍



**ସମ୍ବଲପୁର,୨୪।୪(ପ୍ରମୋଦ ବହିଦାର)**

ଜାପାନର ଜେଏଫ୍‌ଇ ଷ୍ଟିଲ୍ କର୍ପୋରେଶନ ସହିତ ଜେଏସ୍‌ଡବ୍ଲ୍ୟୁ ସମ୍ବଲପୁର ଜିଲା ଠେଲକୋଲୋଇଠାରେ ମିଳିତ ଉଦ୍ୟୋଗ ପ୍ରତିଷ୍ଠା କରିବା ନେଇ ଘୋଷଣା କରାଯାଇଛି। ଏଥିନେଇ ଶୁକ୍ରବାର ଆୟୋଜିତ ଏକ ବିଶେଷ କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, କେନ୍ଦ୍ର ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ଜେଏସ୍‌ଡବ୍ଲ୍ୟୁ ଚେୟାରମ୍ୟାନ୍ ସଜ୍ଜନ ଜିନ୍ଦଲ, ଜେଏସ୍‌ଡବ୍ଲ୍ୟୁ ଗ୍ରୁପ୍‌ର ପାର୍ଥ ଜିନ୍ଦଲ, ଜେଏଫ୍‌ଇ ଷ୍ଟିଲ୍ କର୍ପୋରେଶନ ସଭାପତି ତଥା ସିଇଓ ୟୋସିହିସା କିଟାନୋ ଏବଂ ଜାପାନ ରାଷ୍ଟ୍ରଦୂତ କେଇଚି ଓନୋଙ୍କ ଉପସ୍ଥିତିରେ ଏହାର ଶୁଭାରମ୍ଭ ହୋଇଛି।ନୂତନ ଭାବେ ପ୍ରତିଷ୍ଠା କରାଯାଇଥିବା ଏହି ମିଳିତ ଉଦ୍ୟୋଗରେ ଉଭୟ କମ୍ପାନୀର ୫୦ ପ୍ରତିଶତ ଅନୁପାତରେ ଅଂଶଧନ ରହିବ ଏବଂ ଏହା ଜେଏସ୍‌ଡବ୍ଲ୍ୟୁ ଜେଏଫ୍‌ଇ ଷ୍ଟିଲ ଲିମିଟେଡ୍ ନାମରେ କାର୍ଯ୍ୟ କରିବ।ସମ୍ବଲପୁର ଜିଲାରେ ଏକ ସମନ୍ୱିତ ପ୍ରକଳ୍ପ ଭାବେ ଏହି କମ୍ପାନୀ କାର୍ଯ୍ୟ କରିବା ସହ ରାଜ୍ୟରେ ଷ୍ଟିଲ୍ ଉତ୍ପାଦନ କ୍ଷେତ୍ରରେ ଏକ ନୂଆ ଦିଗ ସୃଷ୍ଟି କରିବ ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏହି ଇସ୍ପାତ ପ୍ରକଳ୍ପର ଶୁଭାରମ୍ଭ କରି କହିଛନ୍ତି। ମୁଖ୍ୟମନ୍ତ୍ରୀ ମାଝୀ କହିଛନ୍ତି, ଏହି ଯୌଥ ପ୍ରକଳ୍ପ ଦ୍ୱାରା ଜାପାନ ଓ ଭାରତ ମଧ୍ୟରେ ଥିବା ଶିଳ୍ପ ସମ୍ପର୍କ ଆହୁରି ସୁଦୃଢ଼ ହେବ। ଏହି ବୃହତ୍ ଶିଳ୍ପ ପ୍ରକଳ୍ପ ପାଇଁ ପ୍ରାୟ ୬୧ ହଜାର କୋଟି ଟଙ୍କାର ପୁଞ୍ଜିନିବେଶ କରାଯାଉଥିବା ବେଳେ ଏହାଦ୍ୱାରା ରାଜ୍ୟରେ ୧୬ ହଜାରରୁ ଅଧିକ ନୂଆ ନିଯୁକ୍ତି ସୁଯୋଗ ସୃଷ୍ଟିହେବ। ଏହି କାର୍ଯ୍ୟକ୍ରମରେ ସମ୍ବଲପୁର ଏମ୍‌ପି ତଥା କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ, ଗ୍ରାମ୍ୟ ଉନ୍ନୟନ, ପଞ୍ଚାୟତିରାଜ ଓ ପାନୀୟ ଜଳ ମନ୍ତ୍ରୀ ରବି ନାରାୟଣ ନାଏକ, ସମ୍ବଲପୁର ବିଧାୟକ ଜୟନାରାୟଣ ମିଶ୍ର, ଝାରସୁଗୁଡ଼ା ବିଧାୟକ ଟଙ୍କଧର ତ୍ରିପାଠୀ, ରାଜ୍ୟ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ ପ୍ରମୁଖ ଉପସ୍ଥିତ ଥିଲେ।


ବିଏସ୍‌ଇ ସେନ୍‌ସେକ୍ସ
୭୬,୬୬୪ (-୯୯୯)


୧ ଡଲାର = ୯୪.୨୩ ଟଙ୍କା


ବ୍ରେଣ୍ଟ କ୍ରୁଡ୍ ଅଏଲ୍ (ପ୍ରତି ବ୍ୟାରେଲ୍) ୧୦୪.୦୦ ଡଲାର

# ଶେୟାର ବଜାରର କ୍ରମାଗତ ଅଧୋଗତି

## ୯୮୨ ପଏଣ୍ଟ ଖସିଲା ସେନ୍‌ସେକ୍ସ



**ମୁମ୍ବାଇ ,୨୪।୪**

ପଶ୍ଚିମ ଏସିଆ ଯୁଦ୍ଧ ସ୍ଥିତିକୁ ନେଇ ଶେୟାର ବଜାରରେ ଅସ୍ଥିରତା ଲାଗି ରହିଥିଲାବେଳେ ନିବେଶକଙ୍କ କ୍ଷତି ବଢ଼ିଚାଲିଛି। ଭାରତୀୟ ଶେୟାର ବଜାରରେ ଏହାର ପ୍ରଭାବ ଅନୁଭୂତ ହେବା ସହ କ୍ରମାଗତ ଭାବେ ବଜାର ସ୍ଥିତିରେ ଅଧୋଗତି ଜାରି ରହିଛି। ଚଳିତ ସପ୍ତାହର ଶେଷ କାରବାର ଦିବସରେ ଶୁକ୍ରବାର ବିଏସ୍‌ଇ ତାଲିକାଭୁକ୍ତ କମ୍ପାନୀଗୁଡ଼ିକର କାରବାର ୧.୨୭ ପ୍ରତିଶତ ହ୍ରାସ ଘଟିଥିଲାବେଳେ ସେନ୍‌ସେକ୍ସରେ ମଧ୍ୟ ୯୯୯ ପଏଣ୍ଟ ହ୍ରାସ ଘଟିଛି। ସେହିପରି ନ୍ୟାଶନାଲ ଷ୍ଟକ୍ ଏକ୍ସଚେଞ୍ଜ ସୂଚକାଙ୍କ ନିଫ୍ଟି କାରବାରରେ ୧.୧୩ ପ୍ରତିଶତ ହ୍ରାସ ଘଟିବା ସହିତ ଏଥିରେ ୨୭୫ ପଏଣ୍ଟ ହ୍ରାସ ଘଟିଛି। କାରବାର ଶେଷ ସୁଦ୍ଧା ସେନ୍‌ସେକ୍ସ ୭୬,୬୬୪ ପଏଣ୍ଟରେ ବନ୍ଦ ରହିଥିଲାବେଳେ ନିଫ୍ଟି ୨୩, ୮୯୭ ପଏଣ୍ଟରେ ବନ୍ଦ ରହିଛି। ଇରାନ ଏବଂ ଆମେରିକା ମଧ୍ୟରେ ୧୪ ଦିନିଆ ଯୁଦ୍ଧବିରତି ହେବା ପରେ ଅନ୍ତର୍ଜାତୀୟ ସ୍ତରରେ ପୁଞ୍ଜିବଜାରରେ ସାମାନ୍ୟ ଉନ୍ନତି ପରିଲକ୍ଷିତ ହେବା ସହ ମୁମ୍ବାଇ ଷ୍ଟକ୍ ବଜାର ସ୍ଥିତିରେ ମଧ୍ୟ ଉନ୍ନତି ପରିଲକ୍ଷିତ ହୋଇଥିଲା। ଏହାପରେ ଉଭୟ ରାଷ୍ଟ୍ର ମଧ୍ୟରେ ସ୍ଥାୟୀ ଭାବେ ବୁଝାମଣା ହେବ ଏବଂ ପଶ୍ଚିମ ଏସିଆ ସ୍ଥିତି ବଦଳିବ ବୋଲି ଆଶା କରାଯାଉଥିଲା। କିନ୍ତୁ ବୁଝାମଣା ହେବା ପରିବର୍ତ୍ତେ ହର୍ମୁଜ୍ ପ୍ରଣାଳୀକୁ ନେଇ ଯେଉଁଭଳି ସ୍ଥିତି ଉତ୍ପନ୍ନ ହୋଇଛି ତାହା ଅନ୍ତର୍ଜାତୀୟ ତୈଳ ବଜାରକୁ ମାତ୍ରାଧିକ ପ୍ରଭାବିତ କରିବାରେ ଲାଗିଛି। ଇରାନ୍-ଆମେରିକା ମଧ୍ୟରେ ଆକ୍ରମଣ ପ୍ରତ୍ୟାକ୍ରମଣ ପୂର୍ବ ତୁଳନାରେ ହ୍ରାସ ପାଇଥିଲେ ମଧ୍ୟ ହର୍ମୁଜ୍ ପ୍ରଣାଳୀ ଦେଇ ଇନ୍ଧନ ପରିବହନ ଏକପ୍ରକାର ଠପ୍ ହୋଇଯାଇଛି; ଯାହାକୁ ନେଇ ତୈଳ ମୂଲ୍ୟ ବଢ଼ିବାରେ ଲାଗିଛି। ଏହାକୁ ନେଇ ନିବେଶକ ମହଲରେ ଦ୍ୱନ୍ଦ୍ୱ ବଢ଼ିବାରେ ଲାଗିଛି। ଏଭଳି ସ୍ଥିତିରେ ଭାରତୀୟ ଷ୍ଟକ୍ ବଜାରରୁ ଗତ ୩ଟି ପର୍ଯ୍ୟାୟରେ ବିଦେଶୀ ନିବେଶକାରୀ ବିପୁଳ ପରିମାଣରେ ପୁଞ୍ଜି ପ୍ରତ୍ୟାହାର କରିନେଇଛନ୍ତି। ଯାହାକୁ ନେଇ ଉଭୟ ସେନ୍‌ସେକ୍ସ ଏବଂ ନିଫ୍ଟିର ଗତି କ୍ରମାଗତ ଭାବେ ତଳମୁହାଁ ହେବାରେ ଲାଗିଛି।

# ଭାରତରେ ପର୍ଯ୍ୟଟନ କ୍ଷେତ୍ର ସହ ଯୋଡ଼ିହେବ 'ସି ପ୍ଲେନ୍'

**ନୂଆଦିଲ୍ଲୀ ,୨୪।୪**

ଭାରତରେ ପର୍ଯ୍ୟଟନ କ୍ଷେତ୍ରରେ ଖୁବ୍‌ଶୀଘ୍ର ଏକ ନୂଆ ଅନୁଭବ ମିଳିବ। ପ୍ରଥମଥର ଲାଗି ସମୁଦ୍ରରେ ଉଡ଼ିପାରୁଥିବା 'ସି ପ୍ଲେନ୍' ପର୍ଯ୍ୟଟନ କ୍ଷେତ୍ର ସହ ଯୋଡ଼ିହେବ। ଏହି ସି ପ୍ଲେନ୍ ଉଡ଼ାଣ ଲାଗି ସିହପ୍ ଆଭିଏସନ୍ ସବୁ ଦିଗରୁ ପରୀକ୍ଷାନିରୀକ୍ଷା ଶେଷ କରିସାରିଥିଲାବେଳେ ଏହି କମ୍ପାନୀକୁ ଏଥିପାଇଁ ସ୍ୱୀକୃତି ମିଳିବ ବୋଲି କୁହାଯାଇଛି। ଏହାଦ୍ୱାରା ଦେଶର ବିଭିନ୍ନ ଭାଗରେ ସାମୁଦ୍ରିକ ପର୍ଯ୍ୟଟନ କ୍ଷେତ୍ରରେ ପ୍ରଥମ ଅପରେଟର ଭାବେ ସିହପ୍ ସି ପ୍ଲେନ୍ ଉଡ଼ାଣ ଆରମ୍ଭ କରିବ ବୋଲି ଜଣାପଡ଼ିଛି। ବିଶ୍ୱର ଅନ୍ୟ ବହୁ ଦେଶରେ ସିପ୍ଲେନ୍ ବ୍ୟବସ୍ଥା ରହିଥିଲେ ହେଁ ଭାରତରେ ଏହାକୁ କାର୍ଯ୍ୟକାରୀ କରିବା ଲାଗି ବହୁଦିନରୁ ଉଦ୍ୟମ ହୋଇଆସୁଥିଲା। କିନ୍ତୁ ସୁରକ୍ଷା ଦିଗକୁ ବିଚାରକରି ଏଥିପାଇଁ ପରୀକ୍ଷାମୂଳକ ବ୍ୟବସ୍ଥା ଗ୍ରହଣ କରିବାକୁ କୁହାଯାଉଥିଲା। ସିହପ୍ କମ୍ପାନୀ ଗତ କିଛି ମାସ ଧରି ଏଥିପାଇଁ ପ୍ରସ୍ତୁତି ଜାରି ରଖିଥିଲାବେଳେ ଏବେ ଉକ୍ତ କମ୍ପାନୀକୁ 'ଏୟାର ଅପରେଟର ପରମିଟ୍( ଏଓପି) ମିଳିବାକୁ ଯାଉଛି। ସମୁଦ୍ର ଜଳରେ ସିପ୍ଲେନ୍ ଉଡ଼ାଣ ଲାଗି ନିର୍ଦ୍ଦିଷ୍ଟ ବ୍ୟବସ୍ଥା ସହ ଭିତ୍ତିଭୂମିର ଆବଶ୍ୟକତା ରହିଛି। ତେବେ ପ୍ରଥମକରି ଲାକ୍ଷାଦ୍ୱୀପରେ ଏହି ବ୍ୟବସ୍ଥା ଆରମ୍ଭ କରିବାକୁ ସିହପ୍ କମ୍ପାନୀ ସବୁ ଦିଗରୁ ବ୍ୟବସ୍ଥା କରିଥିବାରୁ ଏଠାରେ ଭାରତର ପ୍ରଥମ ସିପ୍ଲେନ୍ ଉଡ଼ିବ ବୋଲି କୁହାଯାଇଛି। ଏହାପରେ ଦେଶର ଅନ୍ୟ ଭାଗରେ ପର୍ଯ୍ୟଟନ କ୍ଷେତ୍ର ସହ ଏହି ବ୍ୟବସ୍ଥା ଯୋଡ଼ିବାକୁ କମ୍ପାନୀ ଯୋଜନା ରଖିଥିବା କହିଛି।

# ୨୦୨୫-୨୬ରେ ପୂର୍ବତଟ ରେଳପଥର ଦୃଢ଼ ଆର୍ଥିକ ପ୍ରଦର୍ଶନ

**ଭୁବନେଶ୍ୱର,୨୪।୪(ଅନୁରାଧା ମହାରଣା)**

ପୂର୍ବତଟ ରେଳପଥ ୨୦୨୫-୨୬ ଆର୍ଥିକ ବର୍ଷରେ ଏକ ଦୃଢ଼ ତଥା ସନ୍ତୁଳିତ ଆର୍ଥିକ ପ୍ରଦର୍ଶନ ହାସଲ କରିଛି। ଏହି ଜୋନ୍ ୫୪.୮୧%ର ଏକ ପ୍ରଭାବଶାଳୀ 'ଅପରେଟିଂ ରେସିଓ' ରେକର୍ଡକରି ସମସ୍ତ ରେଳ ଜୋନ୍ ମଧ୍ୟରେ ଦ୍ୱିତୀୟ ସ୍ଥାନ ଅଧିକାର କରିଛି। ୨୦୨୬ ମାର୍ଚ୍ଚ ସୁଦ୍ଧା ପୂର୍ବତଟ ରେଳପଥର ମୋଟ ଆନୁପାତିକ ରାଜସ୍ୱ ୨୬,୦୫୮.୧୦ କୋଟି ଟଙ୍କାରେ ପହଞ୍ଚିବା ସହ ଆୟରେ ସ୍ଥିର ଅଭିବୃଦ୍ଧି ପ୍ରଦର୍ଶନ କରିଛି। ଜୋନ୍‌ର ପ୍ରାରମ୍ଭିକ ଆୟ ୩୨,୮୩୭.୬୭ କୋଟି ଟଙ୍କାରେ ପହଞ୍ଚିଛି, ଯାହା ପୂର୍ବ ବର୍ଷ ତୁଳନାରେ ୧୧% ରୁ ଅଧିକ ଅଭିବୃଦ୍ଧି ଦର୍ଶାଉଛି। ଆର୍ଥିକ ପରିଚାଳନା କ୍ଷେତ୍ରରେ ଏକ ଉଲ୍ଲେଖନୀୟ ଉନ୍ନତି ପରିଲକ୍ଷିତ ହୋଇଛି। 'ଟ୍ରାଫିକ୍ ସସ୍‌ପେନ୍ସ' ଗତ ଆର୍ଥିକ ବର୍ଷର ୨୫.୦୪ କୋଟି (୦.୧୦୫%)ରୁ ହ୍ରାସ ପାଇ ୨୨.୮୬ କୋଟି (୦.୦୮୭%)ରେ ପହଞ୍ଚିଛି। ପୂର୍ବତଟ ରେଳପଥ ଚଳିତ ବର୍ଷ ପୁଞ୍ଜି ଖର୍ଚ୍ଚରେ ମଧ୍ୟ ଯଥେଷ୍ଟ ଅଗ୍ରଗତି କରିଛି। ମୋଟ ପୁଞ୍ଜି ଖର୍ଚ୍ଚ ୧୨,୨୨୧.୮୧ କୋଟିରେ ପହଞ୍ଚିଛି, ଯାହାର ସାମଗ୍ରିକ ବ୍ୟବହାର ସଂଶୋଧିତ ଅନୁଦାନର ୧୦୦% ଅତିକ୍ରମ କରିଛି। ମୋଟ ଆଧାରରେ (ଲିଜ୍, ମୂଲ୍ୟହ୍ରାସ ଏବଂ ଅନ୍ୟାନ୍ୟ ସଂଶୋଧନକୁ ବାଦ୍ ଦେଇ), ଖର୍ଚ୍ଚ ୬,୪୮୮.୨୪ କୋଟି ଟଙ୍କା ଥିଲା।

# ହ୍ୱାଟ୍ସଆପ୍‌ରେ ପ୍ରିପେଡ୍ ମୋବାଇଲ ରିଚାର୍ଜ ସୁବିଧା

**ଭୁବନେଶ୍ୱର,୨୪।୪(ଅନୁରାଧା ମହାରଣା)**

ଭାରତରେ ବ୍ୟବହାରକାରୀମାନେ ଏବେ ସିଧାସଳଖ ଆପ୍ ମଧ୍ୟରେ ପ୍ରିପେଡ୍ ମୋବାଇଲ ରିଚାର୍ଜ କରିପାରିବେ। ପେୟୁ ସହଯୋଗରେ ଏହି ବିଶେଷତ୍ୱଟି ଆଣ୍ଡ୍ରଏଡ୍ ଏବଂ ଆଇଓଏସ୍ ବ୍ୟବହାରକାରୀଙ୍କ ପାଇଁ ପର୍ଯ୍ୟାୟକ୍ରମେ ଉପଲବ୍ଧ ହେଉଛି ଏବଂ ଆଗାମୀ କିଛି ସପ୍ତାହ ମଧ୍ୟରେ ଏହା ସମସ୍ତଙ୍କ ପାଖରେ ପହଞ୍ଚିବ। ଜିଓ,ଏୟାରଟେଲ ଏବଂ ଭିଆଇ ନେଟ୍‌ୱର୍କ ବ୍ୟବହାର କରୁଥିବା ଗ୍ରାହକମାନେ ବିଭିନ୍ନ ପ୍ଲାନ୍ ମଧ୍ୟରୁ ନିଜ ପସନ୍ଦର ପ୍ଲାନ୍ ବାଛିପାରିବେ। ମେଟା ଇଣ୍ଡିଆର ବିଜ୍‌ନେସ୍ ମେସେଜିଂ ନିର୍ଦ୍ଦେଶକ ରବି ଗର୍ଗ କହିଛନ୍ତି, 'ଭାରତରେ ହ୍ୱାଟ୍ସଆପ୍ କେବଳ ପରିବାର ଏବଂ ବନ୍ଧୁମାନଙ୍କ ସହ ଯୋଗାଯୋଗ ପାଇଁ ନୁହେଁ, ବରଂ ଦୈନନ୍ଦିନ ଜରୁରୀ କାର୍ଯ୍ୟ ପାଇଁ ମଧ୍ୟ ବ୍ୟବହୃତ ହେଉଛି। ସିଧାସଳଖ ହ୍ୱାଟ୍ସଆପ୍ ମଧ୍ୟରେ ରିଚାର୍ଜ ସୁବିଧା ଆଣି ଆମେ ଲୋକଙ୍କ କାମକୁ ଆହୁରି ସହଜ କରିଛୁ।

# ମୁଣ୍ଡ ପିଛା ଆୟରେ ଭାରତଠାରୁ ବାଂଲାଦେଶ ଆଗରେ

**ୱାଶିଂଟନ୍ ,୨୪।୪**

ଭାରତର ମୁଣ୍ଡ ପିଛା ଆୟ ତୁଳନାରେ ବାଂଲାଦେଶର ସ୍ଥିତି ଭଲ ରହିଛି। ଭାରତ ଏବେ ବିଶ୍ୱର ୬ଷ୍ଠ ବୃହତ୍ ଅର୍ଥନୀତି ହୋଇଥିଲେ ମଧ୍ୟ ବାଂଲାଦେଶ ଭଳି ଏକ କ୍ଷୁଦ୍ର ରାଷ୍ଟ୍ରର ମୁଣ୍ଡ ପିଛା ଜିଡିପି ଭାରତଠାରୁ ଆଗରେ ରହିଛି ବୋଲି ଅନ୍ତର୍ଜାତୀୟ ମୁଦ୍ରାପାଣ୍ଠି(ଆଇଏମ୍‌ଏଫ୍) ପକ୍ଷରୁ ପ୍ରକାଶ କରାଯାଇଥିବା ଏହାର ସର୍ବଶେଷ ଇକୋନୋମିକ୍ ଆଉଟ୍‌ଲୁକ୍ ରିପୋର୍ଟରେ ପ୍ରକାଶ କରାଯାଇଛି। ଆଇଏମ୍‌ଏଫ୍ ରିପୋର୍ଟ ଅନୁସାରେ ୨୦୨୫-୨୬ ଆର୍ଥିକ ବର୍ଷରେ ଭାରତର ମୁଣ୍ଡ ପିଛା ଆୟ ୨୮୧୨ ଡଲାର ରହିଥିଲାବେଳେ ବାଂଲାଦେଶର ମୁଣ୍ଡ ପିଛା ଆୟ ପରିମାଣ ୨୯୧୧ ଡଲାର ରହିଛି। ସାଧାରଣତଃ ଗୋଟିଏ ଆର୍ଥିକ ବର୍ଷରେ ଯେକୌଣସି ରାଷ୍ଟ୍ରର ମୋଟ ଜିଡିପିକୁ ସେହି ରାଷ୍ଟ୍ରର ମୋଟ ଜନସଂଖ୍ୟା ଦ୍ୱାରା ଭାଗ କରାଯାଇ ମୁଣ୍ଡ ପିଛା ଆୟ ନିର୍ଦ୍ଧାରଣ କରାଯାଇଥାଏ। କିନ୍ତୁ ବାଂଲାଦେଶ ଏକ୍ଷେତ୍ରରେ କ୍ରମାଗତ ଦୁଇଥର ଆଗକୁ ରହିବା ସହ ଭାରତ ଭଳି ଏକ ବିଶାଳ ଜନବହୁଳ ରାଷ୍ଟ୍ରକୁ ପଛରେ ପକାଇଛି। ଉଭୟ ଦେଶର ମୁଣ୍ଡ ପିଛା ଆୟରେ ସାମାନ୍ୟ ପାର୍ଥକ୍ୟ ରହିଥିଲେ ମଧ୍ୟ କ୍ରମାଗତ ଦୁଇଥର ବାଂଲାଦେଶ ଭାରତଠାରୁ ଆଗୁଆ ରହିବା ନିଶ୍ଚିତ ଭାବେ ଏହାର ଅର୍ଥନୈତିକ ସକ୍ଷମତାକୁ ପ୍ରତିପାଦିତ କରିଛି ବୋଲି ଆଇଏମ୍‌ଏଫ୍ କହିଛି। ତେବେ ୨୦୨୭ ସୁଦ୍ଧା ଭାରତର ମୁଣ୍ଡ ପିଛା ଆୟ ୩୦୭୪ ଡଲାର ଛୁଇଁବ ଏବଂ ଭାରତ ବାଂଲାଦେଶକୁ ପଛରେ ପକାଇବ ବୋଲି ଆଇଏମ୍‌ଏଫ୍ ପକ୍ଷରୁ କୁହାଯାଇଛି।

# ଆଦିତ୍ୟ ଆଲୁମିନିୟମର ଗୋଷ୍ଠୀ ବିକାଶ କାର୍ଯ୍ୟକ୍ରମ

**ସମ୍ବଲପୁର,୨୪।୪**



ଜାତୀୟ ପଞ୍ଚାୟତିରାଜ ଦିବସ ଅବସରରେ ଆଦିତ୍ୟ ଆଲୁମିନିୟମ ପକ୍ଷରୁ ଏହାର ଗୋଷ୍ଠୀ ବିକାଶ କାର୍ଯ୍ୟକ୍ରମ ଅଧୀନରେ ଲପଙ୍ଗା ଅଞ୍ଚଳର ବିଭିନ୍ନ ଗ୍ରାମର ବିକାଶ ଏବଂ ସୁସ୍ଥତା ଲାଗି ପଦକ୍ଷେପ ନିଆଯାଇଛି। ସମ୍ବଲପୁର ଜିଲାର ରେଙ୍ଗାଲି ବ୍ଲକ୍ ଜଙ୍ଗଲା ଏବଂ କତରବଗା ଗ୍ରାମପଞ୍ଚାୟତରେ ବିଶୁଦ୍ଧ ପାନୀୟ ଜଳ ସୁବିଧାର ଉଦ୍‌ଘାଟନ କରାଯାଇଛି। ଏଥିସହ ଲାରିପାଲି ଗ୍ରାମରେ ଶ୍ମଶାନ ଘର ଓ ସମୁଦାୟ ଶୌଚାଳୟ ପାଇଁ ଭୂମିପୂଜନ ମଧ୍ୟ କରାଯାଇଛି। ଉଦ୍‌ଘାଟନ ଅବସରରେ କତରବଗାର ସରପଞ୍ଚ ନୀଳାମ୍ବର ରୋହିଦାସ, ଜଙ୍ଗଲା ସରପଞ୍ଚ ରୀତା ବିଶ୍ୱାଳ ଏବଂ ଜଙ୍ଗଲା ପଞ୍ଚାୟତର ପୂର୍ବତନ ସରପଞ୍ଚ ମୁରାରୀ ପ୍ରସାଦ ବିଶ୍ୱାଳଙ୍କ ସମେତ କମ୍ପାନୀର ସିଏସ୍‌ଆର୍ ମୁଖ୍ୟ ରବି ନିୱାସ, ଡିଏଚ୍ ଇନ୍‌ଫ୍ରାର ମନୋଜ ଶର୍ମା, ସିଏସ୍‌ଆର୍ ଟିମ୍‌ର ମନୋରଞ୍ଜନ ବେହେରା, ସିଭିଲ ଟିମ୍‌ର ନୀଳମାଧବ ପତି ପ୍ରମୁଖ ଉପସ୍ଥିତ ରହିଥିଲେ।


# Classified Everyday
0674-2580101, 9692975378


REAL ESTATE
SALE

ହଂସପାଳ ଗୁଆଳିରେ ଘରବାରି ପ୍ଲଟ୍ ବ୍ୟାଙ୍କ୍ ଲୋନ ସୁବିଧାଥାଇ ବିକ୍ରି ହେବ। Sqft. Rs.1350/-, 9337259012. D-184

ବାଲିଅନ୍ତାରୁ 5K.M. Pitchu Road side Schedulecaste plot 2100sqft.- 40,00,000/-. 7978947520. D-32

Plot Sale Near Sundarpada OEC College with Boundary wall- 6372670155. D-30

ପୂର୍ବମୁହାଁ ଘରବାରୀ 01 ଗୁଣ୍ଠ ପ୍ଲଟ୍ ବିକ୍ରିହେବ, ହାଟ ରୋଡ୍, କାଲଟାକ୍ସ, ଢେଙ୍କାନାଳ, ମୋବାଇଲ ନମ୍ବର- 9861722609/ 9438112793. D-84

Ready to move apartment Sale Near Hanspal, Rasulgarh, Bhubaneswar. 9777433701. D-29

3BHK flat for sale S.B.A 1550 Sqft. Near Pahala, Atala Rera Approved. 9937080005, 8118055505. D-190

3BHK, Drawing, Dining, Puja, Three Bed Room, Two Kitchens, Three Toilets, Garage near Shopping Mall, Inox Cinema, Tamando, Rate- Three crores (Negotiable). Cell. 9040188940, 93481 21441. D-166




Double storied space available for health, Education, Distribution, Institution behind Odisha Orthopedic Hospital, Malhasahi, Mangalabag, Cuttack. 9937900960, 9124447292. D-189

1st floor, 2200sqft. Accommodation facility near Mausima Chaaka, Bhubaneswar. Suitable for Office/Hostel (30beds, 4 toilets). M: 9937949625. D-310




Newly opening full body massage. Best therapist, Good Looking: 7205888795. D-135

All types hair cutting/ massage by smart female, one hour 700/- , - Room services available. Contact: 9937833100. D-76308

Full body massage, Home service available. Male, Female. 7377143756. D-191

**Email** ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:-
classifieddharitri@gmail.com

## AFFIDAVIT

By virtue of an affidavit sworn before the Executive Magistrate, Kamakhya nagar, affidavit No.- 83, dated- 20.04. 2026, I, Alisha Naik, D/o.- Rabindra Naik, W/o-Rajendra Naik,Vill/ P.O.- Aluajharana, P.S.- Kamakhyanagar, Dist.- Dhenkanal, Odisha state that my actual and correct name is Alisha Naik mentioned in my Aadhaar Card No. xxxx xxxx 5656. But in my LIC Policy No. 599249684 my name has been wrongly mentioned as Chandrakanti Pradhan. Hencefoth, Alisha Naik and Chandrakanti Pradhan is one and same person. D-185

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/- ରେ। ରଙ୍ଗୀନ ଟ୪୨୦/- ରେ। (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।

By virtue of an affidavit No.- 2617 dated 22.04.2026 before Executive Magistrate, Cuttack, I, PANKAJ KUMAR SAMAL, son of BHAGIRATHI SAMAL, At- SRIKORUAN (GURUBARI SAHI), P.O.- URALI, CUTTACK, ODISHA for correction in Aadhaar Card and all purpose as PANKAJ KUMAR SAMAL in place of PANKAJ SAMAL. D-188

As Per Affidavit before Executive Magistrate, Nilgiri, dtd.- 13.04.2026, I, Abhiram Maharana @ Rama Chandra Maharana, S/o.- Maheswar Maharana, Vill.- Baulagadia, P.O.- Iswarpur, P.S.- Nilgiri, Dist.- Balasore is one and same person in locality. My name is in LIC document made Pol. NO.- 598394132 Rama Chandra Maharana. Henceforth, I Shall be known as Abhiram Maharana for all purposes.
Sd./- Abhiram Maharana
D-186

### ଓଡ଼ିଶାର ଗର୍ବ! ଜଗନ୍ନାଥ ସଂସ୍କୃତି ଉପରେ ହରପ୍ରିୟା ସାହୁଙ୍କ ପିଏଚ୍.ଡି. ସଫଳତା



ଅହମ୍ମଦାବାଦ, ପ୍ରତିନିଧି: ଓଡ଼ିଶାର ପୁରୀ ଜିଲ୍ଲାର ହରିପୁର ଗ୍ରାମର ପ୍ରତିଭାଶାଳୀ ଗବେଷିକା କୁମାରୀ ହରପ୍ରିୟା ସାହୁ, ପିତା ଶ୍ରୀ ଗୋବିନ୍ଦ ଚନ୍ଦ୍ର ସାହୁ, ଗୁଜରାଟ ବିଶ୍ୱବିଦ୍ୟାଳୟର ସଂସ୍କୃତ ବିଭାଗରୁ ୧୫।୦୪।୨୦୨୬ ତାରିଖରେ ସଫଳତାର ସହ ପିଏଚ୍.ଡି. ଡିଗ୍ରୀ ଅର୍ଜନ କରିଛନ୍ତି। ତାଙ୍କର ଗବେଷଣା ବିଷୟ- "ଶ୍ରୀପୁରୁଷୋତ୍ତମଚରିତସ୍ୟ ସମୀକ୍ଷାତ୍ମକମଧ୍ୟୟନମ୍"- ଆଧୁନିକ ସଂସ୍କୃତ ମହାକାବ୍ୟ ଉପରେ ଏକ ଗଭୀର ଓ ସ୍ୱତନ୍ତ୍ର ଶାସ୍ତ୍ରୀୟ ଅଧ୍ୟୟନ। ଏହି ଶୋଧ ବିଷୟ ବାଛିବା ଓ ପିଏଚ୍.ଡି. କରିବା ପାଇଁ ତାଙ୍କୁ ପ୍ରେରଣା ମିଳିଥିଲା ରାଜଧାନୀ କଲେଜର ପୂର୍ବତନ ସଂସ୍କୃତ ପ୍ରଫେସର ଡଃ ଶଶିଭୂଷଣ ବେହେରାଙ୍କଠାରୁ। ତାଙ୍କର ଦିଗ୍‌ଦର୍ଶନ ଓ ପ୍ରେରଣା ଏହି ଗବେଷଣା କାର୍ଯ୍ୟର ମୂଳ ଆଧାର ରହିଛି। ମୂଳତଃ ଓଡ଼ିଶାର ବାସିନ୍ଦା ହୋଇଥିବା ସତ୍ତ୍ୱେ, ଉଚ୍ଚ ଶିକ୍ଷା ଓ ଗବେଷଣା ପ୍ରତି ଆଗ୍ରହ ତାଙ୍କୁ ଗୁଜରାଟକୁ ଆଣିଥିଲା। ସେଠାରେ ରହି ତାଙ୍କର ଏହି ମୌଳିକ ଗବେଷଣା କାର୍ଯ୍ୟ ସମ୍ପନ୍ନ କରିଛନ୍ତି, ଯାହା ଓଡ଼ିଶା ଓ ଗୁଜରାଟ ମଧ୍ୟରେ ଶୈକ୍ଷଣିକ ଓ ସାଂସ୍କୃତିକ ସମନ୍ୱୟର ଏକ ଉଦାହରଣ। ତାଙ୍କର ଗବେଷଣାରେ ଶ୍ରୀଜଗନ୍ନାଥ ସଂସ୍କୃତି, ଗୁଣ୍ଡିଚା ଯାତ୍ରା ଓ ଉତ୍କଳର ପ୍ରସିଦ୍ଧ ଗଜପତି ରାଜା ପୁରୁଷୋତ୍ତମ ଦେବଙ୍କ କାଞ୍ଚି ବିଜୟ ସମ୍ବନ୍ଧୀୟ ଐତିହାସିକ ଓ ସାହିତ୍ୟିକ ପ୍ରସଙ୍ଗକୁ ଗଭୀର ଭାବେ ଆଲୋକିତ କରାଯାଇଛି। ଏହି ଗବେଷଣା କାର୍ଯ୍ୟ ସରକାରୀ ଆର୍ଟସ କଲେଜ, ଗାନ୍ଧୀନଗରର ସହକାରୀ ପ୍ରଫେସର ଡଃ ଭାବପ୍ରକାଶ ଗାନ୍ଧୀଙ୍କ ପ୍ରତ୍ୟକ୍ଷ ମାର୍ଗଦର୍ଶନରେ ସମ୍ପନ୍ନ ହୋଇଥିବା ବେଳେ, ଗୁଜରାଟ ବିଶ୍ୱବିଦ୍ୟାଳୟର ପ୍ରଫେସର ଡଃ ମୟୂରୀବେନ ଭାଟିୟାଙ୍କର ମୂଲ୍ୟବାନ ସହଯୋଗ ମଧ୍ୟ ଉଲ୍ଲେଖନୀୟ। ତାଙ୍କର ଏହି ସଫଳତା ଓଡ଼ିଶା ପାଇଁ ଗର୍ବର ବିଷୟ ହୋଇଥିବା ସହ ଯୁବ ପିଢ଼ିଙ୍କୁ ଶିକ୍ଷା ଓ ଗବେଷଣା ପ୍ରତି ପ୍ରେରିତ କରିବ ବୋଲି ଆଶା କରାଯାଉଛି। ଧ-୧୮୭

### ପାଠକଙ୍କ ପାଇଁ ସୂଚନା

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

### ପ୍ରଥମ ଜନ୍ମଦିନ ଶୁଭେଚ୍ଛା



**ସାନଭି ନାୟକ**
ଗୌରି ଗାର୍ଡେନ, ଭୁବନେଶ୍ୱର
ଆଜି ତୋର ପ୍ରଥମ ଶୁଭ ଜନ୍ମଦିନ ଅବସରରେ ମହାପ୍ରଭୁ ଶ୍ରୀଜଗନ୍ନାଥ ତୋର ଚଲାପଥ କୁସୁମିତ କରନ୍ତୁ, ଉଜ୍ଜ୍ୱଳମୟ ଭବିଷ୍ୟତ ସହ ଦୀର୍ଘାୟୁ କରନ୍ତୁ, ଏହାହିଁ ଆମର ବିନମ୍ର ପ୍ରାର୍ଥନା।
ଶୁଭେଚ୍ଛା ସହ: ଜେଜେ ବାପା, ଜେଜେ ମା', ଅଜା, ଆଇ, ବଡ ବାପା, ବଡ ମା', ମାମୁ, ମାଇଁ, ଅପା, ବାପା, ମା', ଶ୍ରୀଅଂଶ, ଶ୍ରୀହାନ, ପ୍ରିନ୍ସ, ପରୀ, ସୃତି ଓ ପରିବାରବର୍ଗ
ଧ-୩୦୯

### ଅଷ୍ଟମ ଜନ୍ମଦିନ ଶୁଭେଚ୍ଛା



**ଶ୍ରଦ୍ଧା ସାଇ**
ଆଦିମାତା କଲୋନୀ, ଭୁବନେଶ୍ୱର
ଜନମ ଲଭି ଏ ସଂସାରେ ତୁମେ ଦୁଇ ଭଉଣୀ, ଆମ ପାଇଁ ହସଖୁସିର ପସରା ଦେଲ ଆଣି। ଜଗାସାଇଙ୍କ ଆଶିଷ ସଦାବେଳେ ରହିଥାଉ, ଏତିକି ପ୍ରାର୍ଥନା ସଦା ସଫଳ ହେଉଥାଉ।
ଶୁଭେଚ୍ଛା ସହ: ଜେଜେ ବାପା, ଜେଜେ ମା', ଅଜା, ଆଇ, ପାପା, ମାମା, କକେଇ, ବଡନାନୀ, ପିଉସା, ଗୁନୁମି, ସାନନାନୀ, ମାମୁ, ମାଇଁ, ତିତିଦିଦି, ଈଶାନ ଓ ଇଭାନା
ଧ-୩୦୮

### ତୃତୀୟ ଜନ୍ମଦିନ ଶୁଭେଚ୍ଛା



**କାଶ୍ୱିକା କର୍ମୀଳା ଟୁଡୁ**
ମାଟିଆଲି, ଯାମଦା, ମୟୂରଭଞ୍ଜ
ଜୟ ବଜରଙ୍ଗବାଲି
ଆଜିର ତୃତୀୟ ଶୁଭ ଜନ୍ମଦିନ ଅବସରରେ ଚାନ୍ଦବଙ୍ଗା ଓ ମାରାଂବୁରୁ ତୋର ଚଲାପଥ କୁସୁମିତ କରନ୍ତୁ, ଉଜ୍ଜ୍ୱଳମୟ ଭବିଷ୍ୟତ ସହ ଦୀର୍ଘାୟୁ କରନ୍ତୁ, ଏହାହିଁ ଆମର ବିନମ୍ର ପ୍ରାର୍ଥନା।
ଶୁଭ ଆଶିଷ ସହ: ଜେଜେ ବାପା, ଜେଜେ ମା', ବାପା, ବୋଉ, ବଡ ଅପା, ସାନ ଅପା ଓ ଟୁଡୁ ପରିବାରବର୍ଗ।
ଧ-୬୦୯୯୦

## ନବଜାତ ଶିଶୁ ମୃତଦେହ ଜବତ

**ବଡ଼ଗାଁ, ୨୪।୪(ଅଶୋକ ଷଡଙ୍ଗୀ):** ସୁନ୍ଦରଗଡ଼ ଜିଲା ବଡ଼ଗାଁ ଥାନା ଅନ୍ତର୍ଗତ ରୁନଗାଁ ନିକଟସ୍ଥ ଏକ ନିଛାଟିଆ ସ୍ଥାନରୁ ଶୁକ୍ରବାର ଏକ ନବଜାତ ଶିଶୁର ମୃତଦେହ ପୋଲିସ ଜବତ କରିଛି। ନବଜାତ ଶିଶୁର ମୃତଦେହ ପଡ଼ିଥିବା ବଡ଼ଗାଁ ପୋଲିସକୁ ସୂଚନା ମିଳିବା ପରେ ପୋଲିସ ଘଟଣାସ୍ଥଳରେ ପହଞ୍ଚି ନବଜାତ ଶିଶୁର ମୃତଦେହ ଉଦ୍ଧାର କରି ବଡ଼ଗାଁ ଡାକ୍ତରଖାନାରେ ବ୍ୟବଚ୍ଛେଦ କରାଇ ଏକ ଅପମୃତ୍ୟୁ ମାମଲା ରୁଜୁ କରିଛି। ପୋଲିସ ଘଟଣାର ତଦନ୍ତ ଜାରି ରଖିଛି। ତେବେ ନବଜାତ ଶିଶୁ ମୃତଦେହର ହାତ ଗୋଡକୁ କୌଣସି ଅଜଣା ଜନ୍ତୁ ଖାଇଦେଇଥିବା ପୋଲିସ ପକ୍ଷରୁ ସୂଚନା ମିଳିଛି।

## ବିବାହ ପ୍ରତିଶ୍ରୁତି ଦେଇ ବଳାତ୍କାର: ଓଆଇଏସ୍‌ଏଫ୍ ଯବାନ ଗିରଫ



**ସୁନ୍ଦରଗଡ଼,୨୪।୪(ଜୟ ନାରାୟଣ ମେଣ୍ଡୁଲି):** ବିବାହର ପ୍ରତିଶ୍ରୁତି ଦେଇ ଜଣେ ଯୁବତୀଙ୍କୁ ବଳାତ୍କାର କରିଥିବା ଅଭିଯୋଗରେ ସଦର ଥାନା ପୋଲିସ ଶୁକ୍ରବାର ଏମ୍‌ସିଏଲ୍‌ରେ କାର୍ଯ୍ୟରତ ଓଡ଼ିଶା ଶିଳ୍ପାଞ୍ଚଳ ସୁରକ୍ଷା ପୋଲିସ (ଓଆଇଏସ୍‌ଏଫ) ଯବାନଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଗିରଫ ଅଭିଯୁକ୍ତଙ୍କ ନାମ ଇଶାକ କିଡୋ(୩୨)ଓ ତାଙ୍କ ଘର ତଳସରା ଥାନା ଅନ୍ତର୍ଗତ ଡମକୁଡା ଗାଁର। କିଞ୍ଜିରିକେଲା ଥାନା ଅଞ୍ଚଳର ଏହି ଯୁବତୀଙ୍କ ସହିତ ଯବାନଙ୍କର ପ୍ରେମ ସମ୍ପର୍କ ଗଢି ଉଠିଥିଲା। ଏହା ମଧ୍ୟରେ ଅଭିଯୁକ୍ତ ଯୁବତୀଙ୍କୁ ବିବାହ ପ୍ରତିଶ୍ରୁତି ଦେଇ ବଳାତ୍କାର କରିଥିଲେ। ପରବର୍ତ୍ତୀ ସମୟରେ ଯୁବତୀ ଜଣକ ତାଙ୍କୁ ବିବାହ ପାଇଁ କହିବାରୁ ସେ ମନା କରିଦେଇଥିଲେ। ଫଳରେ ଯୁବତୀ ଏ ସମ୍ପର୍କରେ ସଦର ଥାନାରେ ଗୁରୁବାର ରିପୋର୍ଟ କରିଥିଲେ। ପୋଲିସ ତାଙ୍କୁ ଶୁକ୍ରବାର ଗିରଫ କରି ସନ୍ଧ୍ୟାରେ କୋର୍ଟ ଚାଲାଣ କରିଛି। ପୋଲିସ ଅଭିଯୁକ୍ତ ଯବାନଙ୍କ ବିରୋଧରେ ସଦର ଥାନାରେ ଏକ ମାମଲା (ନଂ.୨୧୪/୨୦୨୬) ରୁଜୁ କରିଛି।

# ଖରାରେ ବସୁଛନ୍ତି ପରିବା ଚାଷୀ

**ସୁନ୍ଦରଗଡ଼, ୨୪।୪(ଜୟନାରାୟଣ ମେଣ୍ଡୁଲି)**

ସୁନ୍ଦରଗଡ ସହରକୁ ପ୍ରତିଦିନ ବିକ୍ରି କରିବାକୁ ଆସୁଥିବା ପରିବା ଚାଷୀଙ୍କ ଅବସ୍ଥା ନ କହିବା ହିଁ ବହୁତ ଭଲ। ଖରା, ଶୀତ, ବର୍ଷାରେ ରାସ୍ତା ଉପର ହିଁ ସେମାନଙ୍କ ସାହା ଭରସା। ପିଇବାକୁ ପାଣି ଅଛି ନା ଶୌଚର ବ୍ୟବସ୍ଥା। ସକାଳୁ ଅପରାହ୍ନ ପର୍ଯ୍ୟନ୍ତ ସେମାନେ ରାସ୍ତା ଉପରେ ଖରାରେ ବସି ନିଜର କଷ୍ଟ ଉପାର୍ଜିତ ଚାଷ ବିକ୍ରି କରି ଘରକୁ ଫେରନ୍ତି। ୨୦୧୭-୧୮ ମସିହାରେ ସୁନ୍ଦରଗଡ଼ର ତତ୍କାଳୀନ ଜିଲାପାଳ ସୁରେନ୍ଦ୍ର କୁମାର ମୀନା ପରିବା ଚାଷୀଙ୍କ ପାଇଁ ରିଜେଣ୍ଟ ମାର୍କେଟ ଓ ରଙ୍ଗାଢିପାରେ ୨ଟି ବଡ଼ ସ୍ୟାଡ ନିର୍ମାଣ କରିଥିଲେ କିନ୍ତୁ କୌଣସି କାରଣରୁ ତାହା ଠିକ ଭାବରେ ପରିଚାଳିତ ହୋଇପାରିଲା ନାହିଁ। ଆଉ ରିଜେଣ୍ଟ ମାର୍କେଟ ସେମିତି ଅବସ୍ଥାରେ ପଡିଥିଲା ବେଳେ ରଙ୍ଗାଢିପାଠାରେ ସ୍ୟାଡରେ ଏବେ ସୁବାସ ବୋଷ ମାର୍କେଟ କମ୍ପ୍ଲେକ୍ସ ଖୋଲାଯାଇଛି। ଆଉ ଚାଷୀଙ୍କ ପାଇଁ ପୌରପାଳିକା ତରଫରୁ କୌଣସି ସୁବ୍ୟବସ୍ଥା ନ ଥିବାରୁ ଜେଲ୍ ସମ୍ମୁଖରୁ ବିଏସ ହାଇସ୍କୁଲ ଛକ ପର୍ଯ୍ୟନ୍ତ



ଅଟଳ ଛକରୁ ବିଏସ ହାଇସ୍କୁଲ ପର୍ଯ୍ୟନ୍ତ ଯାଇଥିବା ରାସ୍ତା ପାର୍ଶ୍ୱରେ ଚାଷୀମାନେ ପରିବା ବିକ୍ରୟ କରୁଛନ୍ତି।

ପରିବା ଚାଷୀ ରାସ୍ତା ଉପରେ ବସି ରହୁଛନ୍ତି। ଏବେ ପ୍ରଚଣ୍ଡ ରୌଦ୍ରତାପରେ ସେହି ଫୁଟପାଥ ହିଁ ଚାଷୀଙ୍କ ପାଇଁ ସବୁକିଛି। ଏହି ରାସ୍ତା ଉପରେ ଚାଷୀ ବସିବା ନେଇ ସବୁଦିନ ଟ୍ରାଫିକ ସମସ୍ୟା ଉପୁଜୁଥିବା ବେଳେ ପୌରପାଳିକା ଦ୍ୱାରା କୌଣସି

**ଶୀତତାପ ନିୟନ୍ତ୍ରିତ କୋଠରିରେ ଅଧିକାରୀ**

ସୁବ୍ୟବସ୍ଥା କରାଯାଉ ନ ଥିବା ଯୋଗୁ ଚାଷୀ ମହଲରେ ଅସନ୍ତୋଷ ପ୍ରକାଶ ପାଉଛି। ପ୍ରଶାସନ ଶୀତତାପ ନିୟନ୍ତ୍ରଣ କାର୍ଯ୍ୟାଳୟ ଭିତରେ ବସୁଥିବାରୁ ବାହାରେ କଣ ହଉଛି ସେନେଇ ଚିନ୍ତା କରୁନାହାନ୍ତି ବୋଲି ଚାଷୀମାନେ କହିଛନ୍ତି। ଶୀଘ୍ର ଏହି ପରିବା ଚାଷୀଙ୍କ ପାଇଁ ସୁବ୍ୟବସ୍ଥା କରିବା ପାଇଁ ଚାଷୀ ଓ ବୁଦ୍ଧିଜୀବୀମାନେ ଦାବି କରିଛନ୍ତି।

## ବରିଷ୍ଠତା ଆଧାରରେ ଯୋଗ୍ୟ ଶ୍ରମିକଙ୍କୁ କ୍ୱାର୍ଟର ଦିଆଯାଉ: ସିଆଇଟିୟୁ

**ରାଉରକେଲା,୨୪।୪(ସଙ୍ଗୀତା ଜେନା)**

ସିଆଇଟିୟୁ ରାଷ୍ଟ୍ରୀୟ ଉପାଧ୍ୟକ୍ଷ ବିଷ୍ଣୁ ମହାନ୍ତିଙ୍କ ସଭାପତିତ୍ୱରେ ସମ୍ପାଦକ ମଣ୍ଡଳୀ ବୈଠକ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଆର୍‌ଏସ୍‌ପିର ଲାଇସେନ୍ସ କ୍ୱାର୍ଟର ଆବଣ୍ଟନରେ ବ୍ୟାପକ ଅବ୍ୟବସ୍ଥା ନେଇ ବୈଠକରେ ଆଲୋଚନା ହୋଇଥିଲା। ସେଲ୍‌ରେ ରେକର୍ଡ ପରେ ରେକର୍ଡ ଉତ୍ପାଦନ ଓ ଲାଭ ହୋଇଥିଲେ ମଧ୍ୟ ଶ୍ରମିକମାନଙ୍କର ୧୦ବର୍ଷ ପରେ ବି ଏନ୍‌ଜେସିଏସ୍ ଚୁକ୍ତିନାମା ହେଲାନାହିଁ। ୩୯ମାସର ଏରିଅର ମିଳିଲା ନାହିଁ। ଆର୍‌ଏସ୍‌ପିର ହଜାର ହଜାର କ୍ୱାର୍ଟର ଖାଲି ପଡି ଘରଗୁଡିକ ଭାଙ୍ଗିରୁଜି ଯାଉଛି। ବିଶେଷ କରି ବଡ କ୍ୱାଟର, ବଙ୍ଗଳୋ ଗୁଡିକ ଭୂତକୋଠି ହେବା ସହ ଅସାମାଜିକ କାର୍ଯ୍ୟକଳାପ ବଢୁଛି। ଓଡିଶାର ଅନ୍ୟତମ ସବୁଜ ସୁନ୍ଦର ରାଉରକେଲା ସେକ୍ଟର ଅଞ୍ଚଳ ଧୀରେ ଧୀରେ ବସ୍ତିମୟ ହେବାରେ ଲାଗିଛି। ଏହା ଦ୍ୱାରା ସହର ସେବା ମଧ୍ୟ କ୍ଷତିଗ୍ରସ୍ତ ହେଉଛି। ବିଭିନ୍ନ ସମୟରେ ଭିନ୍ନ ଭିନ୍ନ ପ୍ରକ୍ରିୟାରେ ଲାଇସେନ୍ସ କ୍ୱାର୍ଟର ପ୍ରଦାନ ନୀତି ଯୋଗୁ ଶ୍ରମିକ ପାଇବାରୁ ବଞ୍ଚିତ ହୋଇଛନ୍ତି। ଯେଉଁ କ୍ୱାର୍ଟରରେ ଶ୍ରମିକ ରହୁଛନ୍ତି ସେମାନଙ୍କୁ ସେହି ଘର ପ୍ରଦାନ କରିବା, ସର୍ବନିମ୍ନ ବିଡିଂ ଉପର ବରିଷ୍ଠତା ଆଧାରରେ ପ୍ରଦାନ କରିବା, କ୍ୟାନସର, ହାର୍ଟ ଓ କରିବା ଓ ସେକ୍ଟର ଅଞ୍ଚଳର ଡ୍ରେନ, ଆଲୋକ ବ୍ୟବସ୍ଥା, ରାସ୍ତାଘାଟ ମରାମତି କରିବାକୁ ସିଆଇଟିୟୁ ଦାବି କରିଛି। ଏହି ଦାବି ନେଇ ସମସ୍ତ ଶ୍ରମିକ ଓ ସଙ୍ଗଠନ ଏକ ହେବା ପାଇଁ ସିଆଇଟିୟୁ ନିବେଦନ କରିଛି। ସେହିପରି ଗ୍ରୀଷ୍ମ ସମୟରେ ପ୍ଲାଣ୍ଟର ରେଷ୍ଟ ହାଉସ ଗୁଡିକରେ ଏସି ଲଗାଇବା, ପାନୀୟ ଜଳ ବ୍ୟବସ୍ଥା ସହ ଠିକା ଶ୍ରମିକମାନଙ୍କୁ ଓଆରଏସ୍ ପ୍ରଦାନ ଓ ଶୀତଳ ସେବା ପ୍ରଦାନ ପାଇଁ ସାଧାରଣ ସମ୍ପାଦକ ବସନ୍ତ ନାୟକ ଦାବି କରିଛନ୍ତି।

## ପଞ୍ଚମ ସନ୍ଧ୍ୟାରେ 'ଅନନ୍ୟ' ମଞ୍ଚସ୍ଥ

**ରାଜ୍ୟସ୍ତରୀୟ ନାଟ୍ୟ ମହୋତ୍ସବ**

**ରାଉରକେଲା,୨୪।୪(ସଙ୍ଗୀତା ଜେନା)**

ସ୍ୱସ୍ତି ଝଙ୍କାର ଆୟୋଜିତ ରାଜ୍ୟସ୍ତରୀୟ ନାଟ୍ୟ ମହୋତ୍ସବର ଶୁକ୍ରବାର ପଞ୍ଚମ ସନ୍ଧ୍ୟାରେ ସମ୍ବଲପୁରର କ.ଖ.ଗ ନାଟ୍ୟ ସଂସ୍ଥା ଦ୍ୱାରା ପ୍ରସ୍ତୁତ ନାଟକ 'ଅନନ୍ୟ' ମଞ୍ଚସ୍ଥ ହୋଇଥିଲା। ନାଟ୍ୟକାର ବ୍ରଜେନ୍ଦ୍ର ନାୟକ ନାଟକ ରଚନା, ନିର୍ଦ୍ଦେଶନା ଓ ସଙ୍ଗୀତ ନିର୍ଦ୍ଦେଶନା ଦେଇଥିଲେ। ସଞ୍ଜୟ ମିଶ୍ର ମଞ୍ଚସଜ୍ଜା କରିଥିବାବେଳେ ସିଦ୍ଧାର୍ଥ ହୋତା ଆଲୋକ ସଜ୍ଜା କରିଥିଲେ। ସୌମେନ୍ଦ୍ର ପୂଜାରୀ, ମିନାକ୍ଷୀ ସୂପକାର ଓ ମନୋଜ ବେହେରା ପ୍ରମୁଖ ଅଭିନୟ କରିଥିଲେ। ନାଟକଟି ସାମ୍ପ୍ରତିକ ଓଡ଼ିଆ ଭାଷା, ସାହିତ୍ୟ, ସଂସ୍କୃତି ଓ ଅସ୍ମିତାର ବିଭିନ୍ନ ସମସ୍ୟା ଉପରେ ଆଧାରିତ ଥିଲା। ନାଟ୍ୟ ବ୍ୟକ୍ତିତ୍ୱ ଭାସ୍କର ଚନ୍ଦ୍ର ମହାପାତ୍ର



ମଞ୍ଚସ୍ଥ ନାଟକର ଏକ ଦୃଶ୍ୟ।

ଏହାକୁ ଉଦ୍‌ଘାଟନ କରିଥିଲେ। ଶିକ୍ଷାବିତ୍ ଇଂ. ଆଲୋକ ରଞ୍ଜନ ମଲ୍ଲିକ ମୁଖ୍ୟ ଦର୍ଶକ ଭାବେ ଯୋଗ ଦେଇଥିଲେ। ଅନୁଷ୍ଠାନର ଉପ ସଭାପତି ଡ. ଅଜୟ ମିଶ୍ର ଅଧ୍ୟକ୍ଷତା କରିଥିବାବେଳେ ଅଜୟ ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ। ପ୍ରଦୀପ ନାୟକ, ବିଜୟ ପାତ୍ର, ପ୍ରଳୟ ଶତପଥି, କଲ୍ୟାଣୀ ଦାସ, ରୁନୁ ବେକ, କନକଲତା ଦାସ, ପ୍ରଜ୍ଞାନନ୍ଦ ମହାନ୍ତି, ଆଲୋକ ବୋଷ, ସରୋଜକାନ୍ତ ଜେନା ପ୍ରମୁଖ ସହଯୋଗ କରିଥିଲେ।

## ସୁନ୍ଦରଗଡ଼ ସଦର ଥାନାର ନୂତନ ଆଇଆଇସିଙ୍କ ଯୋଗଦାନ

**ସୁନ୍ଦରଗଡ଼,୨୪।୪(ଜୟନାରାୟଣ ମେଣ୍ଡୁଲି)**

ସୌଦାମିନୀ ନାଗ ସୁନ୍ଦରଗଡ଼ ସଦରଥାନାର ନୂତନ ଆଇଆଇସି ଭାବେ ଶୁକ୍ରବାର କାର୍ଯ୍ୟରେ ଯୋଗଦାନ କରିଛନ୍ତି। ଆଇଆଇସି ନାଗ ଏହା ପୂର୍ବରୁ ଧରୁଆଡିହି ଥାନା ଅଧିକାରୀ ଭାବେ କାର୍ଯ୍ୟରତ ଥିଲେ। ଏସ୍‌ପି ଅମ୍ରିତ ପାଲ କୌରଙ୍କ ବଦଳି ଆଦେଶ ପରେ ସେ ଏଠାରେ ଯୋଗଦାନ କରିଛନ୍ତି। ଏହା ପୂର୍ବରୁ ନାଗ ସୁନ୍ଦରଗଡ ଟାଉନଥାନା, ଲେଫ୍ରିପଡା ଥାନାରେ ଦକ୍ଷତାର ସହ କାର୍ଯ୍ୟ କରିଛନ୍ତି। ସଦର ଥାନାର ଆଇଆଇସି ଭାବେ ଯୋଗଦାନ ପରେ ଅଞ୍ଚଳରେ ଆଇନଶୃଙ୍ଖଳା ରକ୍ଷା, କଡାକଡି ପାଟ୍ରୋଲିଂ ବ୍ୟବସ୍ଥା, ଅବାଧ ନିଶାକାରବାର, ଚୋରି, ଡକାୟତି ଓ ଅନ୍ୟାନ୍ୟ ଅପରାଧିକ କାର୍ଯ୍ୟକଳାପ ରୋକାଯିବା ଦିଗରେ ପଦକ୍ଷେପ ନେବେ ବୋଲି କହିଛନ୍ତି।

## ଟେନ୍‌ସା ଟିପ୍ପର ମାଲିକ ସଂଘ ନିର୍ବାଚନ



ଟିପ୍ପର ମାଲିକ ସଂଘର କର୍ମକର୍ତ୍ତା।

**ଟେନ୍‌ସା, ୨୪।୪(ସମୀର କୁମାର ପାଢୀ)**

**ପପୁ ମହାନ୍ତି ସଭାପତି**

ସୁନ୍ଦରଗଡ଼ ଜିଲା ଟେନ୍‌ସା ଟିପ୍ପର ମାଲିକ ସଂଘର ନିର୍ବାଚନ ଅନୁଷ୍ଠିତ ହୋଇଯାଇଛି। ଓଡ଼ିଶା ହାଇକୋର୍ଟର ଓକିଲ ବନବିହାରି ରଥ ଓ ଦେବାଶିଷ ସାମଲ ନିର୍ବାଚନ ଅଧିକାରୀ ଭାବେ ଯୋଗଦେଇ ନିର୍ବାଚନ ପ୍ରକ୍ରିୟାକୁ ପରିଚାଳିତ କରିଥିଲେ। ଟିପ୍ପର ମାଲିକ ସଂଘର ସମସ୍ତ ପଦପଦବୀ ପାଇଁ ନିର୍ବାଚନ ହୋଇଥିଲା। ପୋଲିସ ଉପସ୍ଥିତିରେ ମେମ୍ବରମାନେ ନିଜ ମତାମତ ସାବ୍ୟସ୍ତ ଦେଇଥିଲେ। ସଭାପତି ପାଇଁ ପପୁ ମହାନ୍ତି ଓ ଶୁଭକାନ୍ତ ନାୟକଙ୍କ ମଧ୍ୟରେ କଡା ଟକ୍କର ହୋଇଥିଲା। ଶୁଭକାନ୍ତ ୬୧ଖଣ୍ଡ ଭୋଟ ପାଇଥିବାବେଳେ ପପୁ ୬୩ଖଣ୍ଡ ଭୋଟ ପାଇ ବିଜୟୀ ହୋଇଥିଲେ। ନିର୍ବାଚନ ଅଧିକାରୀଙ୍କ ଘୋଷଣା ଅନୁଯାୟୀ ସଭାପତି ଭାବେ ପପୁ ମହାନ୍ତି ନିର୍ବାଚିତ ହୋଇଥିବାବେଳେ ଉପ ସଭାପତି ଭାବେ ଶିଶିର ସାମଲ, ସାଧାରଣ ସମ୍ପାଦକ ଭାବେ ପିଣ୍ଟୁ ସାହୁ, ସମ୍ପାଦକ ଭାବେ ରକୀ ମହାନ୍ତି, ସହସମ୍ପାଦକ ଭାବେ କମଳ ଆପଟ, କୋଷାଧ୍ୟକ୍ଷ ଭାବେ ସୁଧାଂଶୁ ଲେଙ୍କା, ଏକ୍‌ଜିକ୍ୟୁଟିଭ୍ ଭାବେ ଅଭେଦାନନ୍ଦ ଦାଶ, ଗୁଲୁ ପାତ୍ର, ଜୀବନ ସ୍ୱାଇଁ, ସରୋଜ ମଲ୍ଲିକ ନିର୍ବାଚିତ ହୋଇଥିଲେ।

## ଆଭାସି ମାଧ୍ୟମରେ ଜାତୀୟ ପଞ୍ଚାୟତିରାଜ ଦିବସ

**ଲହୁଣୀପଡ଼ା,୨୪।୪(ଦାଶରଥି ପଣ୍ଡା)**

ସୁନ୍ଦରଗଡ଼ ଜିଲା ଲହୁଣୀପଡା ବ୍ଲକ ପଡିଆଠାରେ ଶୁକ୍ରବାର ସନ୍ଧ୍ୟାରେ ଆଭାସି ମାଧ୍ୟମରେ ଜାତୀୟ ପଞ୍ଚାୟତିରାଜ ଦିବସ ପାଳିତ ହୋଇଯାଇଛି। ଏଥିରେ ବଣେଇ ଉପଜିଲାପାଳ ଅଶୋକ କୁମାର ଦାସ, ସହକାରୀ ନିର୍ବାହୀ ଯନ୍ତ୍ରୀ ସତ୍ୟବ୍ରତ ପଟ୍ଟନାୟକ, ଜିପିଓ ମନୀଷା ଟପ୍ପୋ,ଏଫଓ ମୃତ୍ୟୁଞ୍ଜୟ ଘଡେଇ, ବିଇଓ ଭଗବାନ ବାଙ୍କୀରା, ଲହୁଣୀପଡା ସରପଞ୍ଚ ନେଲସନ ହେମ୍ବ୍ରମ, କଲେଇପୋଷ ସରପଞ୍ଚ ଶାନ୍ତି ଓରାମ ପ୍ରମୁଖ ଉପସ୍ଥିତ ଥିଲେ। ଭାରପ୍ରାପ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ ବିନୋଦ ଲାକ୍ରା ମଞ୍ଚ ପରିଚାଳନା କରିଥିଲେ। ଏହି ଅବସରରେ ବଲାଙ୍ଗୀରଠାରେ ଆୟୋଜିତ ହୋଇଥିବା ରାଜ୍ୟସ୍ତରୀୟ ପଞ୍ଚାୟତିରାଜ ଦିବସ ପାଳନ କାର୍ଯ୍ୟକ୍ରମର ସିଧା ପ୍ରସାରଣ



ଲହୁଣୀପଡା ବ୍ଲକ ପଡିଆଠାରେ ପାରମ୍ପରିକ ନୃତ୍ୟ ପରିବେଷଣ କରାଯାଉଛି।

ହୋଇଥିଲା। ଏହି ଅବସରରେ ଅନ୍ତୋଦୟ ଗୃହ ଯୋଜନାରେ କେତେକ ହିତାଧିକାରୀଙ୍କୁ କାର୍ଯ୍ୟାଦେଶ ବଣ୍ଟନ କରାଯିବା ସହିତ ଏମ୍‌ଜିଏନ୍‌ଆର୍‌ଇଜିଏସ୍ ଯୋଜନାରେ ଉଲ୍ଲେଖନୀୟ କାର୍ଯ୍ୟ ପାଇଁ ଶସ୍ୟକଳା ପଞ୍ଚାୟତ ପ୍ରଥମ, ବଡ ପୁରୁଣାପଣି ପଞ୍ଚାୟତ ଦ୍ୱିତୀୟ, ଦର୍ଜାଂ ପଞ୍ଚାୟତ ତୃତୀୟ ସ୍ଥାନ ଅଧିକାର କରିଥିବାରୁ ସେମାନଙ୍କୁ ଟ୍ରଫି ପ୍ରଦାନ କରାଯାଇଥିଲା। ସେହିଭଳି ପିଏମଏୱାଇ (ଜି) ଯୋଜନାରେ ବଡ ପୁରୁଣାପଣି ପଞ୍ଚାୟତ ପ୍ରଥମ, ହଳଦୀକୁଦର ପଞ୍ଚାୟତ ଦ୍ୱିତୀୟ, ଡଲେଇସରା ପଞ୍ଚାୟତ ତୃତୀୟ, ବିକଶିତ ଗାଁ ବିକଶିତ ଓଡିଶା ଯୋଜନାରେ ଉଲ୍ଲେଖନୀୟ କାର୍ଯ୍ୟ ପାଇଁ ସହକାରୀ ଯନ୍ତ୍ରୀ ନିରୂପମା ନାଏକ ପ୍ରଥମ, ଚନ୍ଦନ ମୁର୍ମୁ ଦ୍ୱିତୀୟ, ସୁରେନ୍ଦ୍ର ବିଶ୍ୱାଳଙ୍କୁ ତୃତୀୟ ଭାବେ ସମ୍ମାନିତ କରାଯାଇଥିଲା। ଶ୍ରେଷ୍ଠ ସରପଞ୍ଚ ଭବେ ଲହୁଣୀପଡା ପଞ୍ଚାୟତ ସରପଞ୍ଚ ନେଲସନ ହେମ୍ବ୍ରମ, ଶ୍ରେଷ୍ଠ ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ଭାବେ ଲହୁଣୀପଡା ପଞ୍ଚାୟତର ପିଇଓ ବିଷ୍ଣୁ ପ୍ରସାଦ ନାୟକଙ୍କୁ ସମ୍ମାନିତ କରାଯାଇଥିଲା। ଶ୍ରେଷ୍ଠ ଯୋଗାଣ ସହାୟକ ଭାବେ କୁଡେଇକଳା ଯୋଗାଣ ସହାୟକ ସନ୍ତୋସି ମାହାନ୍ତ ଓ କୃଷିକ୍ଷେତ୍ରରେ ଉଲ୍ଲେଖନୀୟ କାର୍ଯ୍ୟ ପାଇଁ ସଙ୍ଗପୋଷ ପଞ୍ଚାୟତର ମା' ସରସ୍ୱତୀ ସ୍ୱୟଂ ସହାୟକ ଗୋଷ୍ଠୀଙ୍କୁ ସମ୍ମାନିତ କରାଯାଇଥିଲା।

## ବାଲିଶଙ୍କରା ବସ୍‌ଷ୍ଟାଣ୍ଡ ନିର୍ମାଣ ସ୍ଥାନକୁ ନେଇ ଅସନ୍ତୋଷ

**ସୁନ୍ଦରଗଡ଼, ୨୪।୪(ଜୟନାରାୟଣ ମେଣ୍ଡୁଲି)**

ଯାତ୍ରୀମାନଙ୍କ ପାଇଁ ସୁରକ୍ଷିତ ଓ ସୁବିଧାଜନକ ଯାତ୍ରା ବ୍ୟବସ୍ଥା ନିମନ୍ତେ ସରକାରଙ୍କ ପକ୍ଷରୁ ବିଭିନ୍ନ ସ୍ଥାନରେ ଆଧୁନିକ ବସଷ୍ଟାଣ୍ଡ ନିର୍ମାଣ କରାଯାଉଛି। ଏହି ବସଷ୍ଟାଣ୍ଡଗୁଡ଼ିକରେ ଯାତ୍ରୀ ବିଶ୍ରାମାଗାର, ଶୌଚାଳୟ, ପାନୀୟ ଜଳ, ଟିକେଟ କାଉଣ୍ଟର ଭଳି ବିଭିନ୍ନ ସୁବିଧା ଯୋଗାଇବାର ବ୍ୟବସ୍ଥା ରହିଛି। ଏହି ପରିପ୍ରେକ୍ଷୀରେ ବାଲିଶଙ୍କରା ଅଞ୍ଚଳରେ ଏକ ନୂତନ ବସଷ୍ଟାଣ୍ଡ ନିର୍ମାଣ ପାଇଁ ଅଞ୍ଚଳବାସୀ ଦୀର୍ଘଦିନ ଧରି ଦାବିକରି ଆସୁଥିଲେ। ସ୍ଥାନୀୟ ଲୋକମାନେ ଆଶା କରୁଥିଲେ, ବସଷ୍ଟାଣ୍ଡଟି ବାଲିଶଙ୍କରା ପଞ୍ଚାୟତ ଅଞ୍ଚଳ ମଧ୍ୟରେ ନିର୍ମାଣ କରାଯିବ, ଯାହା ଦ୍ୱାରା ସମସ୍ତ ଅଞ୍ଚଳବାସୀ ସହଜରେ ଲାଭାନ୍ୱିତ ହେବେ। କିନ୍ତୁ ବାଲିଶଙ୍କରା ଅଞ୍ଚଳବାସୀଙ୍କ ଅଜାଣତରେ ବସଷ୍ଟାଣ୍ଡ ନିର୍ମାଣ ସ୍ଥାନ ପରିବର୍ତ୍ତନ କରାଯାଇଛି। ବାଲିଶଙ୍କରା ପରିବର୍ତ୍ତେ ପ୍ରାୟ ୬ କିଲୋମିଟର ଦୂରରେ ଥିବା ସଉନାମରା ପଞ୍ଚାୟତର ୨୨ ମାଇଲ ଛକ ନିକଟରେ ଜାଗା ଚିହ୍ନଟ କରି ବସଷ୍ଟାଣ୍ଡ ନିର୍ମାଣ ପାଇଁ ପଦକ୍ଷେପ ଗ୍ରହଣ ହେଉଥିବା କୁହାଯାଉଛି। ଏହି ଖବର ଜଣାପଡିବା ପରେ ବାଲିଶଙ୍କରା ଅଞ୍ଚଳରେ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି। ଅଞ୍ଚଳବାସୀମାନେ ଏହି ସିଦ୍ଧାନ୍ତକୁ ବିରୋଧ କରି କହିଛନ୍ତି ଯେ, ଏହି ସ୍ଥାନ ଦୂରରେ ଥିବାରୁ ଦୈନନ୍ଦିନ ଯାତ୍ରୀମାନେ ବହୁତ ଅସୁବିଧାର ସମ୍ମୁଖୀନ ହେବେ। ତେଣୁ ବସଷ୍ଟାଣ୍ଡଟି ବାଲିଶଙ୍କରା ମଧ୍ୟରେ କିମ୍ବା ନିକଟସ୍ଥ ଏକ ସୁବିଧାଜନକ ସ୍ଥାନରେ ନିର୍ମାଣ କରାଯିବା ଆବଶ୍ୟକ ବୋଲି ସେମାନେ ଦାବି କରୁଛନ୍ତି। ଅଞ୍ଚଳବାସୀ ଆଗାମୀ ଦିନରେ ଜିଲା ପ୍ରଶାସନଙ୍କୁ ଲିଖିତ ଆବେଦନ ଦେଇ ଉକ୍ତ ସ୍ଥାନରେ ଚାଲିଥିବା ବସଷ୍ଟାଣ୍ଡ ନିର୍ମାଣ କାର୍ଯ୍ୟକୁ ତୁରନ୍ତ ବନ୍ଦ କରିବା ପାଇଁ ଦାବି କରିବାକୁ ନିଷ୍ପତ୍ତି ନେଇଛନ୍ତି। ସେହିପରି ବାଲିଶଙ୍କରା ଅଞ୍ଚଳରେ ଯେକୌଣସି ଉପଯୁକ୍ତ ସ୍ଥାନରେ ବସଷ୍ଟାଣ୍ଡ ନିର୍ମାଣ କରିବାକୁ ମଧ୍ୟ ସେମାନେ ଜୋର ଦେଇଛନ୍ତି। ଯଦି ସେମାନଙ୍କ ଦାବି ପୂରଣ ନ ହୁଏ ଏବଂ ଉକ୍ତ ସ୍ଥାନରେ ନିର୍ମାଣ କାର୍ଯ୍ୟ ଜାରି ରହେ, ତେବେ ଆଗାମୀ ଦିନରେ ଆନ୍ଦୋଳନାତ୍ମକ ପନ୍ଥା ଅବଲମ୍ବନ କରିବାକୁ ଚେତାବନୀ ଦେଇଛନ୍ତି।

## ଅନାଥ ଝିଅଙ୍କ ହାତ ଧରିଲେ ଭରତ



ନବଦମ୍ପତିଙ୍କ ସହିତ ଆଶ୍ରମର ମା'ବାପାଙ୍କ ସହ ଅତିଥି।

**ସୁନ୍ଦରଗଡ଼,୨୪।୪(ଜୟ ନାରାୟଣ ମେଣ୍ଡୁଲି)**

ସୁନ୍ଦରଗଡ ଜିଲା ଟାଙ୍ଗରପାଲି ବ୍ଲକ ବେଲସରା ସ୍ଥିତ ଜୟଶଙ୍କର ସେବାଶ୍ରମରେ ଶୁକ୍ରବାର ଏକ ବିବାହତ୍ସୋବ ଅନୁଷ୍ଠିତ ହୋଇଯାଇଛି। ଏହି ଆଶ୍ରମରେ ଅନାଥ ପାଳିତା କନ୍ୟା ନିକିତାଙ୍କ ହାତ ଧରିଛନ୍ତି ପଡୋଶୀ ରାଜ୍ୟ ଛତିଶଗଡ଼ ରାୟଗଡ ଜିଲା ବାସନପାଲି ଗ୍ରାମର ପୁଅ ଭରତଲାଲ ପଟେଲ। ପାରମ୍ପରିକ ରୀତିନୀତି ଅନୁଯାୟୀ ବେଦୀ ଉପରେ କନ୍ୟା ଦାନ କରିଛନ୍ତି ପାଳିତା ମାଆବାପା ତଥା ଆଶ୍ରମର ପରିଚାଳିକା ଭାରତୀ ନାହାକ ଓ ସୁଶୀଲ କୁମାର ନାଏକ। ଆଶ୍ରମ ପରିସରରେ ଥିବା ମାଆଦୁର୍ଗାଙ୍କ ମନ୍ଦିର ପ୍ରାଙ୍ଗଣରେ ଆୟୋଜିତ ଏହି ଶୁଭକାର୍ଯ୍ୟରେ ଜିଲା ଶିଶୁ ସୁରକ୍ଷା ଅଧିକାରୀ ଶ୍ରୀବନ୍ତ ଜେନା,ଅଣଆନୁଷ୍ଠାନିକ ସୁରକ୍ଷା ଅଧିକାରୀ ମାଧବୀ ଭିତ୍ରିଆ ତଥ୍ୟ ବିଶ୍ଳେଷକ ଧନଞ୍ଜୟ ନୀନା, ଟାଙ୍ଗରପାଲି ବିଡ଼ିଓ ବୀରସେନ ବେହେରା, ଟାଙ୍ଗରପାଲି ତହସିଲଦାର ସ୍ମୃତିସୌମ୍ୟା ଦାସ, ଜିଲା ଶିଶୁ ସୁରକ୍ଷା ୟୁନିଟର ଏଲପିଓ ଗୀତାରାଣୀ ପଟେଲ, ଶିଶୁ ସଂଯୋଜକ ଜିତୁ ପଟେଲ, ରଞ୍ଜିତା ପଟେଲ, ବିଜୟା ପଟେଲ, ସତ୍ୟସାଇ ସେବା ସଙ୍ଗଠନର ପୂର୍ବତନ ସଭାପତି ଲିଙ୍ଗରାଜ ରଥ, ବର୍ତ୍ତମାନର ସଭାପତି ମନୋଜ କୁମାର ରଥ ଓ ଜୟଶଙ୍କର ସେବାଶ୍ରମର ସମ୍ପାଦକ ନୃସିଂହ ରଣାଙ୍କ ସମେତ ଅନ୍ୟ ମାନ୍ୟଗଣ୍ୟ ବ୍ୟକ୍ତି ଉପସ୍ଥିତ ରହି ନବଦମ୍ପତିଙ୍କୁ ଆଶୀର୍ବାଦ ପ୍ରଦାନ କରିଥିଲେ।

# ପଞ୍ଚାୟତିରାଜ ଦିବସ ପାଳିତ

**ବଡ଼ଗାଁ,୨୪।୪(ଅଶୋକ ଷଡଙ୍ଗୀ)**

ସୁନ୍ଦରଗଡ଼ ଜିଲା ବଡ଼ଗାଁ ବ୍ଲକ କାର୍ଯ୍ୟାଳୟ ପରିସରରେ ଶୁକ୍ରବାର ଜାତୀୟ ପଞ୍ଚାୟତିରାଜ ଦିବସ ପାଳିତ ହୋଇଛି। ବଡ଼ଗାଁ ବ୍ଲକ ଅଧ୍ୟକ୍ଷା ଦୁଲାରୀ ସୋରେଙ୍ଗଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମକୁ ବିଡ଼ିଓ ପୂର୍ଣ୍ଣଚନ୍ଦ୍ର ଭୋଇ ପରିଚାଳନା କରିଥିଲେ। ଏଥିରେ ଅନ୍ୟମାନଙ୍କ ମଧ୍ୟରେ ତହସିଲଦାର ଝରଣା ପ୍ରଧାନ, କେନ୍ଦ୍ରମନ୍ତ୍ରୀଙ୍କ ବଡ଼ଗାଁ ପ୍ରତିନିଧି ଶିଶିର ରାଉତରାୟ, ଉପ ବାଚସ୍ପତିଙ୍କ ପ୍ରତିନିଧି ବାବୁଲି କର୍ସେଲ, ସିଡିପିଓ ସୁଜାତା ବେଗ, ବଡ଼ଗାଁ ସ୍ୱାସ୍ଥ୍ୟ ଅଧିକାରୀ ଡ. ସାରଦା ପ୍ରସନ୍ନ ଜେନା, ସ୍ଥାନୀୟ ଜନପ୍ରତିନିଧି ଯୋଗେନ୍ଦ୍ର କିଷାନ, ରାଜେଶ୍ୱରୀ କାଲୋ, ସାଇବାନି ଲାକ୍ରା, ଲଳିତ ଏକ୍କା, ଶୁକ୍ଲୁତା ବିଶାଳ ପ୍ରମୁଖ ଜନପ୍ରତିନିଧିମାନେ ଅଂଶଗ୍ରହଣ କରିଥିଲେ। ମହାତ୍ମାଗାନ୍ଧୀ ନିଶ୍ଚିତ କର୍ମନିଯୁକ୍ତି ଯୋଜନା ପ୍ରକଳ୍ପ ସଫଳ ରୂପାୟନ କରିଥିବା ବମଡେରା ଗ୍ରାମ ପଞ୍ଚାୟତକୁ ପ୍ରଥମ ପୁରସ୍କାର ପ୍ରଦାନ କରାଯାଇଥିଲା। ସେହିପରି ବିଭିନ୍ନ ଯୋଜନା ସଫଳ ରୂପାୟନ କରିଥିବା ଗ୍ରାମପଞ୍ଚାୟତଗୁଡିକୁ ପୁରସ୍କାର ପ୍ରଦାନ କରାଯାଇଛି। ଏହା



ବଡ଼ଗାଁରେ ପଞ୍ଚାୟତିରାଜ ଦିବସ କାର୍ଯ୍ୟକ୍ରମରେ ପୁରସ୍କୃତ କରାଯାଉଛି।

ସହ ଅତିଥିମାନେ କ୍ଷମତା ବିକେନ୍ଦ୍ରୀକରଣ କରିବାକୁ ପ୍ରଣୟନ କରାଯାଇଥିବା ଜାତୀୟ ପଞ୍ଚାୟତିରାଜ ଆଇନ ବିଷୟରେ ଆଲୋଚନା କରିଥିଲେ। କାର୍ଯ୍ୟକ୍ରମରେ ଅନ୍ତ୍ୟୋଦୟ ଗୃହ ଯୋଜନାର କାର୍ଯ୍ୟାଦେଶ ବିତରଣ କରାଯାଇଥିଲା। ଏହାକୁ ବ୍ଲକ ପଞ୍ଚାୟତ ଅଧିକାରୀ ଦିଲୀପ ମାଝୀ ପରିଚାଳନା କରିଥିଲେ। ନିର୍ଦ୍ଧାରିତ ସମୟରେ ପ୍ରଧାନମନ୍ତ୍ରୀ ଆବାସ ନିର୍ମାଣ ଶେଷ କରିଥିବା ହିତାଧିକାରୀଙ୍କୁ ୨୦ ହଜାର ଟଙ୍କା ପ୍ରୋତ୍ସାହନ ରାଶି ପ୍ରଦାନ କରାଯାଇଥିଲା। ଶେଷରେ ଆଇଟିଆଇ ଛାତ୍ରୀଛାତ୍ରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା।

## କୁଆଁରମୁଣ୍ଡାରେ ସ୍ୱଚ୍ଛ ସାଥୀ, ବ୍ୟାଙ୍କମିତ୍ର ସମ୍ମାନିତ

**କୁଆଁରମୁଣ୍ଡା,୨୪।୪(ମହେନ୍ଦ୍ର କୁମାର ସାହୁ)**

ସୁନ୍ଦରଗଡ଼ ଜିଲା କୁଆଁରମୁଣ୍ଡା ବ୍ଲକ ପରିସରରେ ଜାତୀୟ ପଞ୍ଚାୟତିରାଜ ଦିବସର ବ୍ଲକସ୍ତରୀୟ ସମାବେଶ ଶୁକ୍ରବାର ସନ୍ଧ୍ୟାରେ ପାଳିତ ହୋଇଯାଇଛି। କୁଆଁରମୁଣ୍ଡା ପଞ୍ଚାୟତ ସମିତି ଅଧ୍ୟକ୍ଷା ଜ୍ୟୋତି କେରକେଟାଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମ ବିଡିଓ ଡା ଜଗଦୀଶ ଚନ୍ଦ୍ର ମହାନନ୍ଦଙ୍କ ସଂଯୋଜନାରେ ଅନୁଷ୍ଠିତ ହୋଇଥିଲା।ଏଥିରେ କୁଆଁରମୁଣ୍ଡା ଜିଲା ପରିଷଦ ସଭ୍ୟ ରାଜେନ୍ଦ୍ର କୁଜୁର, ନେଭିଲ କେରକେଟା, ପଞ୍ଚାୟତ ସମିତି ଉପାଧ୍ୟକ୍ଷା ସୁନୀତା ଅହିର, କୁଆଁରମୁଣ୍ଡା ତହସିଲଦାର ବିଶ୍ୱଜିତ ପ୍ରଧାନ, କୁଆଁରମୁଣ୍ଡା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧୀକ୍ଷକ ଡା. ଶ୍ରୀମନ୍ତ ପଟ୍ଟନାୟକ ପ୍ରମୁଖଙ୍କ ସହ ଅନ୍ୟମାନେ ଅତିଥିଭାବେ ଉପସ୍ଥିତ ଥିଲେ। ଏହି ସମୟରେ ବିଭିନ୍ନ କ୍ଷେତ୍ରରେ ପାରଦର୍ଶିତା ଲାଭ କରିଥିବା ଗ୍ରାମପଞ୍ଚାୟତ, ସ୍ୱଚ୍ଛ ସାଥୀ, ବ୍ୟାଙ୍କମିତ୍ରମାନଙ୍କୁ ସମ୍ମାନିତ କରାଯାଇଥିଲା। ରାଜ୍ୟ ପଞ୍ଚାୟତିରାଜ ବିଭାଗ ପକ୍ଷରୁ ଆଭାସୀ ଜରିଆରେ ପଞ୍ଚାୟତର ବିକାଶ ସମ୍ପର୍କରେ ଜନସାଧାରଣଙ୍କୁ ସଚେତନ କରାଯାଇଥିଲା।



କୁଆଁରମୁଣ୍ଡା ବ୍ଲକରେ ଅନୁଷ୍ଠିତ ପଞ୍ଚାୟତିରାଜ ଦିବସ ପାଳନ ଅବସରରେ ଉପସ୍ଥିତ ଅତିଥିମାନେ।

# ମୁଖ୍ୟମନ୍ତ୍ରୀଙ୍କୁ ଭେଟି ଦାବିପତ୍ର ଦେଲେ ନରସିଂହ

**ବଲାଙ୍ଗୀର,୨୪।୪(ବୀରେନ୍ଦ୍ର କୁମାର ଝାଙ୍କର)**

ଶୁକ୍ରବାର ବଲାଙ୍ଗୀର ଗସ୍ତରେ ଆସିଥିବା ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ସ୍ଥାନୀୟ ସର୍କିଟ ହାଉସଠାରେ ପୂର୍ବତନ ମନ୍ତ୍ରୀ ତଥା ବରିଷ୍ଠ କଂଗ୍ରେସ ନେତା ନରସିଂହ ମିଶ୍ର ସାକ୍ଷାତ କରି ବହୁ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗରେ ଆଲୋଚନା କରିଥିବା ଜଣାପଡ଼ିଛି। ଦୀର୍ଘ ଅଧ ଘଣ୍ଟାରୁ ଊର୍ଦ୍ଧ୍ୱ ସମୟ ଧରି ମୋହନ – ନରସିଂହଙ୍କ ଆଲୋଚନା ଚର୍ଚ୍ଚାର ବିଷୟ ହୋଇଛି।

ମିଳିଥିବା ସୂଚନା ଅନୁଯାୟୀ, ମିଶ୍ର ବଲାଙ୍ଗୀରର ଗରିବ ଭୂମିହୀନଙ୍କ ପାଇଁ ମାଗଣାରେ ଜମି ଓ ଗୃହ ପ୍ରଦାନ ଶୀଘ୍ର କରାଯାଉ ବୋଲି ମୁଖ୍ୟମନ୍ତ୍ରୀଙ୍କୁ ଅନୁରୋଧ କରିଥିଲେ। ଜିଲାର ସୋନଗଡ ନଦୀର ଦେଓଗାଁ, ଜରାସିଂହା ଓ ସିକୁଆଁ ଠାରେ ବ୍ୟାରେଜ କିମ୍ବା ଚେକ୍‌ଡ୍ୟାମ୍ ନିର୍ମାଣ କରି ଚାଷଜମିକୁ ଓ ଗାଁ ଲୋକଙ୍କୁ ପାନୀୟ ଜଳ ଯୋଗାଇ ଦେବାକୁ ଦାବି ଜଣାଇଥିଲେ। ଧୀର ମନ୍ଥର ଗତିରେ ନିର୍ମାଣ ଚାଲିଥିବା ବଲାଙ୍ଗୀର ବାଏପାସ ଓ ଅଡିଟୋରିୟମ



ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ବଲାଙ୍ଗୀର ସର୍କିଟ ହାଉସଠାରେ ପୂର୍ବତନ ମନ୍ତ୍ରୀ ନରସିଂହ ମିଶ୍ର ଭେଟି ଦାବିପତ୍ର ଦେଉଛନ୍ତି।

କାମ ଶୀଘ୍ର ଶେଷ କରିବା ପାଇଁ ମୁଖ୍ୟମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଭୀମଭୋଇ ମେଡିକାଲ କଲେଜକୁ ପୂର୍ଣ୍ଣାଙ୍ଗ ଭାବରେ କାର୍ଯ୍ୟକ୍ଷମ କରିବା, ଖାଲିଥିବା ଡାକ୍ତର, ପ୍ରଫେସର ଓ ପାରାମେଡିକାଲ ଷ୍ଟାଫ, କର୍ମଚାରୀ

**■ଜିଲାର ବହୁ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗରେ ଆଲୋଚନା**

**■ଦାବି ପୂରଣ ହେବା ନେଇ ମୁଖ୍ୟମନ୍ତ୍ରୀ ଦେଲେ ପ୍ରତିଶ୍ରୁତି**

ପୂରଣ, ସୁପର ସ୍ପେଶିଆଲିଟି ଡାକ୍ତର ନିଯୁକ୍ତି କରାଯିବାକୁ ଦାବି କରିଥିଲେ। ରାଜେନ୍ଦ୍ର ବିଶ୍ୱବିଦ୍ୟାଳୟ, ସରକାରୀ ମହିଳା କଲେଜରେ ଖାଲିଥିବା ପଦବୀ ପୂରଣ ସହ ଜିଲାର ଅନ୍ୟ ଶିକ୍ଷାନୁଷ୍ଠାନରେ ଶିକ୍ଷକ, ଅଣଶିକ୍ଷକ ପଦବୀ ପୂରଣ, ଜିଲାର ଦେବୋତ୍ତର ଉନ୍ନତି, ସମଲେଶ୍ୱରୀ ମନ୍ଦିର ଓ ଗୋପାଳଜୀ ମନ୍ଦିରର ସୌନ୍ଦର୍ଯ୍ୟକରଣ ପାଇଁ ୫୦୦ କୋଟି ଟଙ୍କାର ଅନୁଦାନ ଦାବି କରିଥିଲେ । ମହାରାଣୀ ସାଗର ସୌନ୍ଦର୍ଯ୍ୟକରଣ କାମରେ ହୋଇଥିବା ଦୁର୍ନୀତିର ତଦନ୍ତ ସରକାର କାହିଁକି କରୁନାହିଁ ବୋଲି ମିଶ୍ର ପ୍ରଶ୍ନ କରିବା ସହ ଏହାର ଉପଯୁକ୍ତ ତଦନ୍ତ କରିବା ଓ ଦୋଷୀ ବିରୋଧରେ ଦଣ୍ଡବିଧାନ ପାଇଁ ମୁଖ୍ୟମନ୍ତ୍ରୀଙ୍କ ହସ୍ତକ୍ଷେପ ଲୋଡ଼ିଥିଲେ। ମହାରାଣୀ ସାଗର, ଲକ୍ଷ୍ମୀଯୋରର ବିକାଶ ପାଇଁ ଅନ୍ତରାୟ ସୃଷ୍ଟି କରୁଥିବା ଜବରଦଖଲ ଉଚ୍ଛେଦ ସହ ଗରିବ ଜବରଦଖଲକାରୀଙ୍କୁ ବିନା ମୂଲ୍ୟରେ ଜମି ଓ ଘର ଶୀଘ୍ର ଯୋଗାଇବାକୁ ଅନୁରୋଧ କରିଥିଲେ। ଏହାସହିତ ବିଜୟାନନ୍ଦ ସମବାୟ ଚିନିକଳର ଆର୍ଥିକ ଦୁର୍ନୀତିର ତଦନ୍ତ କରିବା ସହ ଏହି ଚିନିକଳ ପୁନରୁଦ୍ଧାର ଦାବି କରିଥିଲେ। ଲୋୟର ସୁକତେଲ ପ୍ରକଳ୍ପ ପାଇଁ ସର୍ବସ୍ୱ ତ୍ୟାଗ କରିଥିବା ବିସ୍ଥାପିତଙ୍କୁ ଉଚିତ କ୍ଷତିପୂରଣ ଓ ଥଇଥାନ କରିବା, ଚାଷ ଜମିକୁ ପାଣି ଶୀଘ୍ର ଯୋଗାଇବାକୁ ଅନୁରୋଧ କରିଥିଲେ। ପୃଥ୍ୱୀରାଜ ହାଇସ୍କୁଲ ଖେଳପଡିଆ ଉନ୍ନତୀକରଣ, ଏକ ସୁଇମିଂପୁଲ କରିବା ସହ ମୁଖ୍ୟମନ୍ତ୍ରୀଙ୍କୁ ୧୨ ଦଫା ଦାବି ନେଇ ଜଣାଇଥିଲେ। ମୁଖ୍ୟମନ୍ତ୍ରୀ ଦାବିପତ୍ର ଗ୍ରହଣ କରିବା ସହ ଏହା ପୂରଣ ଦିଗରେ ପଦକ୍ଷେପ ନେବେ ବୋଲି ପ୍ରତିଶ୍ରୁତି ଦେଇଥିବା ଜଣାପଡ଼ିଛି।

## ମୁଖ୍ୟମନ୍ତ୍ରୀଙ୍କ ଗସ୍ତର ଏପାଖ ସେପାଖ



ବଲାଙ୍ଗୀରଠାରେ ଆୟୋଜିତ ପଞ୍ଚାୟତିରାଜ ଦିବସ ସମାରୋହରେ ଯୋଗଦେଇଥିବା ମହିଳା।

### ବଲାଙ୍ଗୀରରେ ହେବ ନୂଆ ଚିନିକଳ: କନକ ବର୍ଦ୍ଧନ

**ବଲାଙ୍ଗୀର,୨୪।୪(ବୀରେନ୍ଦ୍ର କୁମାର ଝାଙ୍କର)**

ବଲାଙ୍ଗୀର ଜିଲାରେ କେନ୍ଦ୍ର ସରକାରଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏକ ନୂଆ ଚିନିକଳ ପ୍ରତିଷ୍ଠା କରାଯିବ। ଇଣ୍ଡିଆନ୍ ପୋଟାସ ଲିମିଟେଡ୍ ପକ୍ଷରୁ ନୂଆ ଚିନିକଳ ପ୍ରତିଷ୍ଠା କରାଯିବ ବୋଲି ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂଦେଓ ବଲାଙ୍ଗୀର ଗାନ୍ଧୀ ଷ୍ଟାଡିୟମ ଠାରେ ଶୁକ୍ରବାର ଆୟୋଜିତ ରାଜ୍ୟସ୍ତରୀୟ ଜାତୀୟ ପଞ୍ଚାୟତିରାଜ ଦିବସ ସମାରୋହରେ କହିଛନ୍ତି। ସେ ଆହୁରି କହିଥିଲେ, ଦେଓଗାଁ ଠାରେ ଥିବା ବିଜୟାନନ୍ଦ ସମବାୟ ଚିନିକଳକୁ ଆଇପିଏଲ ନେବନାହିଁ। ଏହା ଅଦାଲତି ମାମଲାରେ ଛନ୍ଦି ହୋଇପଡିଛି।

### ବିଜେଡି ସରକାର ଲୋକଙ୍କୁ ଭୁଆଁ ବୁଲାଉଥିଲେ: ମୁକେଶ

ଏପ୍ରିଲ ୨୪ ତାରିଖକୁ ସାରା ଭାରତରେ ଜାତୀୟ ପଞ୍ଚାୟତିରାଜ ଦିବସ ଭାବେ ପାଳନ କରାଯାଏ। ମାତ୍ର ବିଜେଡି ସରକାର ଗତ ୨୪ ବର୍ଷ ହେଲା ଲୋକଙ୍କୁ ଭୁଲ ତଥ୍ୟ ଦେଇ ଭୁଆଁ ବୁଲାଇ ଯାହାଙ୍କ ନାଁରେ ତାଙ୍କ ଦଳ ପ୍ରତିଷ୍ଠା ହୋଇଥିଲା ତାଙ୍କ ଜନ୍ମଦିନକୁ ରାଜ୍ୟରେ ପଞ୍ଚାୟତିରାଜ ଦିବସ ଭାବେ ପାଳନ କରିଆସୁଥିଲେ। ରାଜ୍ୟରେ ଭାଜପା ସରକାର ଆସିବା ପରେ ୨୪ ଏପ୍ରିଲରେ ଜାତୀୟ ପଞ୍ଚାୟତିରାଜ ଦିବସ ପାଳନ କରାଯାଉଛି ଓ ଗ୍ରାମାଞ୍ଚଳର ବିକାଶ ପାଇଁ ପ୍ରାଥମିକତା ଦିଆଯାଉଛି ବୋଲି ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ଡ. ମୁକେଶ ମହାଲିଙ୍ଗ କହିଥିଲେ। ଏହାସହିତ ରାଜ୍ୟ ସରକାର ବଲାଙ୍ଗୀରରେ କୃଷି ମହାବିଦ୍ୟାଳୟ ଓ ସରକାରୀ ଇଞ୍ଜିନିୟରିଂ କଲେଜ ପ୍ରତିଷ୍ଠା ପାଇଁ ପଦକ୍ଷେପ ନେଇଥିବାରୁ କୃତଜ୍ଞତା ଜଣାଇଥିଲେ। ସ୍ୱାସ୍ଥ୍ୟ କ୍ଷେତ୍ରରେ ପଞ୍ଚାୟତ ସ୍ତରରେ ଆୟୁଷ୍ମାନ ଆରୋଗ୍ୟ ମନ୍ଦିର କରାଯାଉଛି ଏବଂ ଏହା ଜରିଆରେ ଲୋକେ କିଭଳି ସୁଫଳ ପାଉଛନ୍ତି କହିଥିଲେ।

### 'କୃଷି ମହାବିଦ୍ୟାଳୟ ପାଇଁ ୨୦୦ ଏକର ଜମି ଆବଶ୍ୟକ'

ବଲାଙ୍ଗୀରରେ ଘୋଷିତ କୃଷି ମହାବିଦ୍ୟାଳୟ ପାଇଁ ୨୦୦ ଏକର ଜମି ଆବଶ୍ୟକ। ଏହି ଜମି ଶୀଘ୍ର ଯୋଗାଇବା ଦିଗରେ ଜିଲାପାଳ କାର୍ଯ୍ୟ କରୁନ୍ତୁ ବୋଲି ଉପମୁଖ୍ୟମନ୍ତ୍ରୀ ସିଂଦେଓ କହିଥିଲେ। କୃଷି ମହାବିଦ୍ୟାଳୟ ପ୍ରତିଷ୍ଠା ଖୁବ୍ ଶୀଘ୍ର କରାଯିବ ବୋଲି ସେ କହିଛନ୍ତି।

### 'ବଲାଙ୍ଗୀରରେ ହେବ ଆଉ ୨ଟି ଟେକ୍ସଟାଇଲ୍ସ ୟୁନିଟ୍'

ବଲାଙ୍ଗୀର ଜିଲାରେ ଶ୍ରୀ ଅମ୍ବିକା ଟେକ୍ସଟାଇଲ୍ସ ୟୁନିଟ୍ ପ୍ରତିଷ୍ଠା ପାଇଁ ସରକାର ଅନୁମତି ଦେଇଛନ୍ତି। ଖୁବ୍ ଶୀଘ୍ର ଏହା କାର୍ଯ୍ୟକାରୀ ହେବ। ଏହାସହିତ ଜିଲାରେ ଆଉ ଦୁଇଟି ଟେକ୍ସଟାଇଲ୍ସ ୟୁନିଟ୍ ପ୍ରତିଷ୍ଠା ହେବ ବୋଲି ଉପମୁଖ୍ୟମନ୍ତ୍ରୀ ସୂଚନା ଦେଇଥିଲେ। ଏହା କାର୍ଯ୍ୟକାରୀ ହେଲେ ଜିଲାର ଦାଦନ ଶ୍ରମିକ ସମସ୍ୟା ସମାଧାନ ହେବ ଏବ ଜିଲାରେ ଯୁବତୀ ଯୁବକଙ୍କୁ ନିଯୁକ୍ତି ମିଳିବ ବୋଲି ସେ କହିଥିଲେ।

# ପ୍ରାଥମିକ ବିଦ୍ୟାଳୟର ସୁବର୍ଣ୍ଣ ଜୟନ୍ତୀ ଉତ୍ସବ ଉଦ୍‌ଯାପିତ

**ଲୋଇସିଂହା,୨୪।୪(ସୁଶାନ୍ତ ବାରିକ)**

ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକ ପନେସରା ପ୍ରାଥମିକ ବଦ୍ୟାଳୟର ସୁବର୍ଣ୍ଣ ଜୟନ୍ତୀ ଉତ୍ସବ ଉଦ୍‌ଯାପିତ ହୋଇଯାଇଛି। ଉଦ୍‌ଯାପନୀ ଉତ୍ସବରେ ଗଣ ଶିକ୍ଷାମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ଭର୍ଚୁଆଲ ମାଧ୍ୟମରେ ଯୋଡି ହୋଇ କହିଥିଲେ, ଏହି ସୁବର୍ଣ୍ଣ ଜୟନ୍ତୀ ଉତ୍ସବ ଆମ ସମସ୍ତଙ୍କ ପାଇଁ ଗୌରବର ଦିନ। ସ୍ଥାନୀୟ ଲୋକଙ୍କ ଦାବି ଅନୁଯାୟୀ,ଚଳିତ ଶିକ୍ଷାବର୍ଷରୁ ଉକ୍ତ ବିଦ୍ୟାଳୟକୁ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଉନ୍ନତୀକରଣ ଦିଗରେ ପଦକ୍ଷେପ ନେବାକୁ କାର୍ଯ୍ୟକ୍ରମରେ ଉପସ୍ଥିତ ବିଭାଗୀୟ କର୍ମଚାରୀଙ୍କୁ ଗଣ ଶିକ୍ଷାମନ୍ତ୍ରୀ ଗଣ୍ଡ ନିର୍ଦ୍ଦେଶ ଦେଇଥିଲେ । ଏହାଛଡା ବିଦ୍ୟାଳୟର ପାଚେରି କାମକୁ ତ୍ୱରାନ୍ୱିତ କରାଯିବ ବୋଲି କହିଥିଲେ। ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ବ୍ଲକ ଅଧ୍ୟକ୍ଷ ଯତୀନ୍ଦ୍ର ପଟେଲ ଯୋଗଦେଇ ପଞ୍ଚାୟତ ସମିତି ପକ୍ଷରୁ ଗାଁରେ ହୋଇଥିବା ବିକାଶମୂଳକ କାର୍ଯ୍ୟ ସମ୍ପର୍କରେ କହିବା ସହିତ ବିଦ୍ୟାଳୟର ଉନ୍ନତୀକରଣ ପାଇଁ ତାଙ୍କର ସର୍ବଦା ସହଯୋଗ ରହିବ ବୋଲି କହିଥିଲେ। ବିଦ୍ୟାଳୟର ପୁରାତନ ଛାତ୍ର ତଥା ହୀରାପୁର ସରପଞ୍ଚ ରମାକାନ୍ତ ବିଶ୍ୱାଳ ଅଧ୍ୟକ୍ଷତା କରି ବିଦ୍ୟାଳୟର ଉନ୍ନତି ସାଙ୍ଗକୁ ଗାଁର ଏକତା ସମ୍ପର୍କରେ କହିଥିଲେ। ସମ୍ମାନିତ ଅତିଥି ଭାବେ ବିଡିଓ ଅକ୍ଷୟ

**ଉଚ୍ଚ ପ୍ରାଥମିକ ବିଦ୍ୟାଳୟକୁ ଉନ୍ନତୀକରଣ ପାଇଁ ଗଣ ଶିକ୍ଷାମନ୍ତ୍ରୀଙ୍କ ନିର୍ଦ୍ଦେଶ**

ପାଣି ଉଦ୍ଧ, ବିଜେଡି ବିଧାୟକ ପ୍ରାର୍ଥୀ ନିହାର ରଞ୍ଜନ ବେହେରା, ଆଦିବାସୀ ନେତା ସତ୍ୟ ନାରାୟଣ ଭୋଇ ଯୋଗ ଦେଇଥିଲେ। ମୁଖ୍ୟବକ୍ତା ଭାବେ ଅଧ୍ୟାପକ ବୈବସ୍ୱତ ବିଶ୍ୱାଳ ଅତୀତ ଓ ବର୍ତ୍ତମାନର ଶିକ୍ଷା ପଦ୍ଧତି ଉପରେ ଆଲୋକପାତ କରିଥିଲେ। ଅଭିଭାବକମାନଙ୍କ ମଧ୍ୟରେ ସଚେତନତା ଦେଖିବାକୁ ମିଳିଛି। ଏଣୁ ଗ୍ରାମାଞ୍ଚଳର ଛାତ୍ରୀଛାତ୍ର ମଧ୍ୟ ଶିକ୍ଷାକ୍ଷେତ୍ରରେ ପ୍ରତିଦ୍ୱନ୍ଦିତାରେ ଆଉ ପଛରେ ପଡିନାହାନ୍ତି ବୋଲି ମୁଖ୍ୟବକ୍ତା ବିଶ୍ୱାଳ କହିଥିଲେ। ଏହି ଅବସରରେ ବିଦ୍ୟାଳୟରେ ପୂର୍ବତନ ଶିକ୍ଷୟିତ୍ରୀ ପଦ୍ମିନୀ ତାଣ୍ଡି, ସୂର୍ଯ୍ୟମଣି ଶିକା ଏବଂ ସ୍ୱର୍ଗତ ବ୍ରହ୍ମାନନ୍ଦ ଥନାପତିଙ୍କ ସ୍ତ୍ରୀ କଇଁ ଥନାପତିଙ୍କୁ ମାନପତ୍ର ଦେଇ ସମ୍ମାନିତ କରାଯାଇଥିଲା । କାର୍ଯ୍ୟକ୍ରମକୁ ସରୋଜ ବିଶ୍ୱାଳ ସଂଯୋଜନା କରିଥିଲେ। ଏହି ଅବସରରେ ସଂସ୍କୃତି ବିଭାଗ ପକ୍ଷରୁ ମନୋନୀତ ବିଭିନ୍ନ ଅଞ୍ଚଳର ସାଂସ୍କୃତିକ ଦଳ ଯୋଗଦେଇ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ଉଲ୍ଲେଖଯୋଗ୍ୟ, ଜାନୁୟାରୀ ୧୯୭୧ରେ ଉକ୍ତ ବିଦ୍ୟାଳୟ ପ୍ରତିଷ୍ଠା ଲାଭ କରିଥିଲା।



ଜଣେ ଶିକ୍ଷୟିତ୍ରୀଙ୍କୁ ସମ୍ମାନିତ କରାଯାଉଛି।

# ଅଟକ ପ୍ରତିବାଦରେ ଆକାଶଙ୍କ ସମର୍ଥକଙ୍କ ଥାନା ଘେରାଉ



ପୋଲିସ ଆକାଶଙ୍କୁ ଛାଡ଼ିବା ପରେ ସମର୍ଥକମାନେ।

**ଲୋଇସିଂହା,୨୪।୪(ସୁଶାନ୍ତ ବାରିକ)**

ବଲାଙ୍ଗୀର ଗାନ୍ଧୀ ଷ୍ଟାଡିୟମଠାରେ ଅନୁଷ୍ଠିତ ରାଜ୍ୟସ୍ତରୀୟ ପଞ୍ଚାୟତିରାଜ ଦିବସ ସମାରୋହରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଯୋଗ ଦେଇଥିଲେ। ତେବେ ମୁଖ୍ୟମନ୍ତ୍ରୀଙ୍କ ଗସ୍ତ ପୂର୍ବରୁ ଯୁବନେତା ତଥା ଜିଲା ମିଳିତ କୃଷକ ମଞ୍ଚର ଆବାହକ ଆକାଶ ମିଶ୍ରଙ୍କୁ ପ୍ରଥମେ ପୁଇଁତଲା ଓ ପରେ ଲୋଇସିଂହା ଥାନାରେ ଅଟକ ରଖାଯାଇଥିଲା। ଏହି ଖବର ଜଣାପଡିବା ପରେ ଆକାଶଙ୍କ ସମର୍ଥକମାନଙ୍କ ମଧ୍ୟରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଥିଲା। ସମର୍ଥକମାନେ ଏହାର ପ୍ରତିବାଦ ସ୍ୱରୂପ ଲୋଇସିଂହା ଥାନା ଘେରାଉ କରି ନିସର୍ତ୍ତରେ ଛାଡିବାକୁ ଦାବି କରିଥିଲେ । ଥାନା ଘେରାଉ ବେଳେ ସମର୍ଥକମାନେ ବିଭିନ୍ନ ନାରାବାଜି କରିଥିଲେ। ସମର୍ଥକଙ୍କ ପ୍ରତିବାଦ ପରେ ଅପରାହ୍ନ ପ୍ରାୟ ୨ଟାରେ ଆକାଶଙ୍କୁ ପୋଲିସ ଛାଡିଥିଲା। ସେହିପରି ଆଗଲପୁର ବ୍ଲକ ବିଜେଡି ସଭାପତି ଉତ୍ତମ ଭୋଇ ଓ ବେନ୍ଦ୍ରା ସରପଞ୍ଚ ରବୀନ୍ଦ୍ର ସାହୁ ମଧ୍ୟ ଖବର ଲେଖା ହେବା ପର୍ଯ୍ୟନ୍ତ ଅଟକ ଥିବା ଜଣାପଡିଛି।

ସୂଚନା ଅନୁଯାୟୀ ,ବଲାଙ୍ଗୀରସ୍ଥିତ ବାସଭବନରେ ଶୋଇଥିବା ବେଳେ ଗୁରୁବାର ରାତି ପ୍ରାୟ ୩ଟାରେ ଲୋଇସିଂହା ପୋଲିସ ଆକାଶଙ୍କୁ ଉଠାଇ ଆଣିଥିଲା। ଏସ୍‌ଡିପିଓଙ୍କ ସହ କଥା ହେବା ପରେ ତାଙ୍କୁ ଛାଡି ଦିଆଯିବ ବୋଲି କୁହାଯାଇଥିଲା । କିନ୍ତୁ ଏସଡିପିଓଙ୍କ ଅଫିସରୁ ସିଧା ପୁଇଁତଲା ଥାନାକୁ ନିଆଯାଇଥିଲା । ସେଠାରେ ରାତି ୪ଟାରୁ ଶୁକ୍ରବାର ମଧ୍ୟାହ୍ନ ୧୨ ଟା ପର୍ଯ୍ୟନ୍ତ ରଖାଯାଇଥିଲା । ଏହାପରେ ଲୋଇସିଂହା ଥାନାକୁ ଅଣାଯାଇଥିଲା। ଶୁକ୍ରବାର ତାଙ୍କ ଭାଇଙ୍କ ନିବନ୍ଧ କାର୍ଯ୍ୟକ୍ରମ ରହିଥିବା ବେଳେ ସପରିବାର ସେହି କାର୍ଯ୍ୟକ୍ରମରେ ଯୋଗଦାନ କରିବାର ଥିବାରୁ ଛାଡିବାକୁ ବାରମ୍ବାର ସେ ପୋଲିସକୁ ଅନୁରୋଧ କରିଥିଲେ। କିନ୍ତୁ ତାଙ୍କୁ ଛଡା ଯାଇ ନ ଥିଲା। ପରେ ସମର୍ଥକମାନେ ଥାନାରେ ପହଞ୍ଚି ପ୍ରତିବାଦ କରିବା ସହ ଥାନା ଘେରାଉ କରିଥିଲେ। ଏହାପରେ ଲୋଇସିଂହା ପୋଲିସ ତାଙ୍କୁ ଛାଡି ଦେଇଥିଲା। ସୂଚନାଯୋଗ୍ୟ, ଜିଲାର ୧୫୯ ଜଣ ଚାଷୀ ଖରିଫ ଧାନ ବିକ୍ରିରୁ ବଞ୍ଚିତ ରହିଥିବାରୁ ଗତ ଅକ୍ଷୟ ତୃତୀୟା ଦିନ ଧାନକ୍ରୟ ଦାବିରେ ସାଲେଭଟାରେ ରାସ୍ତାରୋକୋ କରାଯାଇଥିଲା। ସେହିପରି ସେ ଜଣେ ବିଜେଡିର ସଦସ୍ୟ ହୋଇଥିବାରୁ ଲୋଇସିଂହାଠାରେ ଗୁରୁବାର ଦଳ ତରଫରୁ ଆୟୋଜିତ ପ୍ରତିବାଦ ସଭାରେ ଯୋଗ ଦେବା ବୋଧେ ଭୁଲ ହେଲା ବୋଲି ଆକାଶ ଗଣମାଧ୍ୟମ ପ୍ରତିନିଧିଙ୍କୁ ସୂଚନା ଦେଇଥିଲେ। ଗୁରବାର ବିଜେଡି ପ୍ରତିବାଦ ସଭା ବେଳେ ପ୍ରଧାନମନ୍ତ୍ରୀ ଓ ସ୍ୱାସ୍ଥ୍ୟମନ୍ତ୍ରୀଙ୍କ କୁଶ ପୁତ୍ତଳିକା ଦାହ ମହଙ୍ଗା ପଡିଥିବା ଆଲୋଚନା ହେଉଛି। ଏ ସମ୍ପର୍କରେ ଆଇଆଇସି ସିପୋରା ସରୟା ଲୁଗୁନ କହିଛନ୍ତି, ମୁଖ୍ୟମନ୍ତ୍ରୀଙ୍କ ଗସ୍ତ ସମୟରେ ଅପ୍ରୀତିକର ପରିସ୍ଥିତି ଏଡାଇବା ପାଇଁ ତାଙ୍କୁ ଅଟକ ରଖାଯାଇଥିଲା । ବାହାଘର କାର୍ଯ୍ୟକ୍ରମ ଥିବାରୁ ଆକାଶଙ୍କୁ ଛାଡି ଦିଆଯାଇଥିଲା ।

## କଂଗ୍ରେସ ନେତାଙ୍କୁ ଅଟକ

**ଟିଟିଲାଗଡ,୨୪।୪(ଶରତ ମିଶ୍ର)**

ଶୁକ୍ରବାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ବଲାଙ୍ଗୀର ଗସ୍ତ କାର୍ଯକ୍ରମ ରହିଛି। ଏଣୁ ଅପ୍ରୀତିକର ପରିସ୍ଥିତିକୁ ଏଡାଇବା ପାଇଁ ଟିଟିଲାଗଡରେ ପୋଲିସ କେତେଜଣ କଂଗ୍ରେସ ନେତାଙ୍କୁ ଅଟକ ରଖିଛନ୍ତି । ଅଟକ ନେତାଙ୍କ ମଧ୍ୟରେ ଏସ୍‌ସି, ଏସ୍‌ଟି ସେଲ୍‌ର ସଭାପତି ଡମ୍ବରୁ ଧର ଛତ୍ରିଆ, ଟିଟିଲାଗଡ ବିଧାୟକ ପ୍ରାର୍ଥୀ ବୀରେନ୍ଦ୍ର ବାଗ, ନଗର ସଭାପତି ରଞ୍ଜନ ଦାଶ, ରାଜ୍ୟ ସାଧାରଣ ସଂପାଦକ ସୂରଜ ବେହେରା, ଜିଲା ସାଧାରଣ ସଂପାଦକ ଜୟସିଂ ତାଣ୍ଡି, ଲିଙ୍ଗରାଜ ସୁନା ଓ ଅରୁଣ ହରପାଲ । ଟିଟିଲାଗଡକୁ ଜିଲା ଘୋଷଣା, ଜଳସେଚନର ବ୍ୟବସ୍ଥା କରିବା ସହିତ ବନୀକରଣ କରିବା ପାଇଁ କଂଗ୍ରେସ କର୍ମୀମାନେ ଦାବି ରଖିଛନ୍ତି।

# ପଞ୍ଚାୟତ ଡ଼ିଗ୍ରୀ ମହାବିଦ୍ୟାଳୟ: ପାଚେରି ନିର୍ମାଣ ଦାବି

**ଲାଠୋର,୨୪।୪(ଭୁବନେଶ୍ୱର ବାରିକ)**

ଖପ୍ରାଖୋଲ ବ୍ଲକ ଲାଠୋର ପଞ୍ଚାୟତ ସଦର ଲାଠୋର ଗ୍ରାମରେ ଥିବା ପଞ୍ଚାୟତ ଡ଼ିଗ୍ରୀ ମହାବିଦ୍ୟାଳୟରେ ପାଚେରି ନିର୍ମାଣ କରିବା ପାଇଁ ଦୀର୍ଘ ବର୍ଷ ହେଲା ଦାବି ହୋଇଆସୁଥିଲେ ମଧ୍ୟ କୌଣସି ସୁଫଳ ମିଳିନାହିଁ। ଫଳରେ ଏହି ମହାବିଦ୍ୟାଳୟରେ ଅଧ୍ୟୟନ କରୁଥିବା ଛାତ୍ରୀଛାତ୍ର ନିଜକୁ ସୁରକ୍ଷିତ ମନେ କରୁନାହାନ୍ତି । ପ୍ରକାଶ ଯେ, ୧୯୯୭ ମସିହାରେ ପ୍ରଥମେ ପଞ୍ଚାୟତ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ସ୍ଥାପନ କରି ଯୁକ୍ତ ୨ କଳା ଏବଂ ବାଣଜ୍ୟ ବିଭାଗ ପାଠ୍ୟକ୍ରମ ଆରମ୍ଭ କରାଯାଇଥିଲା । ଦୁଇ ବର୍ଷ ପରେ ଯୁକ୍ତ ୩ କଳା ଏବଂ ବାଣିଜ୍ୟ ପାଠ୍ୟକ୍ରମ ଆରମ୍ଭ ହେଲା। ବର୍ତ୍ତମାନ ଗୋଟିଏ କ୍ୟାମ୍ପସରେ ଉଚ୍ଚ ମାଧ୍ୟମିକ ଏବଂ ଡ଼ିଗ୍ରୀ ମହାବିଦ୍ୟାଳୟ ଚାଲିଛି। ଯୁକ୍ତ ୨ ରୁ ଯୁକ୍ତ ୩ ପର୍ଯ୍ୟନ୍ତ ସମୁଦାୟ ୧୧ ଶହ ଛାତ୍ରୀଛାତ୍ର ଅଧ୍ୟୟନ କରୁଛନ୍ତି। ସେଥିମଧ୍ୟରୁ ପ୍ରାୟ ୫ ଶହରୁ ଊର୍ଦ୍ଧ୍ୱ ଛାତ୍ରୀ ପାଠ ପଢୁଛନ୍ତି। ହେଲେ ମହାବିଦ୍ୟାଳୟରେ ପାଚେରୀ ନାହିଁ। ଫଳରେ ମହାବିଦ୍ୟାଳୟ ପରିସର ଅଳିଆ ଆବର୍ଜନାରେ ଭର୍ତ୍ତି ହୋଇ ରହିଛି। ଏହାଛଡା ଅନେକ ସମୟରେ ମହାବିଦ୍ୟାଳୟ ପରିସରକୁ ବୁଲା କୁକୁର ଓ ଗୋରୁ ଭିତରକୁ ପଶି ଯାଉଛନ୍ତି । ଅସାମାଜିକ ବ୍ୟକ୍ତି ନିଶା ଦ୍ରବ୍ୟ ବ୍ୟବହାର କରି ବୋତଲ ଏବଂ ଜରି ପରିସର ମଧ୍ୟରେ ଏଣେତେଣେ ପକାଉଛନ୍ତି। ଯାହାକି ଛାତ୍ରୀଛାତ୍ରମାନଙ୍କ ଉପରେ କୁପ୍ରଭାବ ପକାଉଛି। ପାଚେରୀ ନିର୍ମାଣ ପାଇଁ ମହାବିଦ୍ୟାଳୟ ଅଧ୍ୟକ୍ଷ ପ୍ରସନ୍ନ ଦାସ ବାରମ୍ବାର ବ୍ଲକ ପ୍ରଶାସନର ଦୃଷ୍ଟି ଆକର୍ଷଣ କରିଥିଲେ ମଧ୍ୟ କୌଣସି ପଦକ୍ଷେପ ନିଆଯାଇ ନ ଥିବା ପ୍ରକାଶ କରିଛନ୍ତି। ଛାତ୍ରୀମାନଙ୍କ ସୁରକ୍ଷା ଦୃଷ୍ଟିରୁ ମହାବିଦ୍ୟାଳୟରେ ପାଚେରୀ ନିର୍ମାଣ କରିବାକୁ ସାଧାରଣରେ ଦାବି ହେଉଛି।

## ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ଅଦାଲତରେ ଯୋଗଦେଲେ ନୂତନ ବିଚାରପତି

**ସଇଁତଲା,୨୪।୪(ରାଖାଲ ପ୍ରସାଦ ଶତପଥୀ)**

ସଇଁତଲାଠାରେ ଥିବା ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ଅଦାଲତରେ ଶୁକ୍ରବାର ଦିନ ନୂତନ ବିଚାରପତି ଯୋଗଦାନ କରିଛନ୍ତି। ପୂର୍ବରୁ ଏହି ଅଦାଲତରେ ଥିବା ବିଚାରପତି ଭାଗ୍ୟଶ୍ରୀ ପତିଙ୍କ ବଦଳି ହୋଇଥିବା ବେଳେ ତାଙ୍କ ସ୍ଥାନରେ ନୂତନ ବିଚାରପତି ଭାବରେ ଦୀପିକା ବଡ଼ମାଳୀ ଯୋଗଦାନ କରିଛନ୍ତି। ଏହି ଅବସରରେ ଓକିଲ ସଂଘ ତରଫରୁ ଏକ ସଭା ଅନୁଷ୍ଠିତ ହେବା ସହ ନୂତନ ବିଚାରପତିଙ୍କୁ ସ୍ୱାଗତ କରାଯାଇଥିଲା। ସଭାରେ ଓକିଲ ସଂଘର ସଭାପତି ସୁବୋଧ କୁମାର ମିଶ୍ର ସଭାପତିତ୍ୱ କରିଥିଲେ' ଏହି କାର୍ଯ୍ୟକ୍ରମରେ ଉପସଭାପତି ମନୋଜ ପୃଷେଠ, ସହ-ସମ୍ପାଦକ ଦ୍ରୌପଦୀ ପାତ୍ର, ବରିଷ୍ଠ ଓକିଲ ରାଧେଶ୍ୟାମ ସାହୁ, ଓକିଲ ପ୍ରଦୀପ କୁମାର ମାଝୀଙ୍କ ସମେତ ସମସ୍ତ ଓକିଲ ଉପସ୍ଥିତ ଥିଲେ । ସମ୍ପାଦକ ଫିରୋଜ ବଗର୍ତ୍ତି ଧନ୍ୟବାଦ ଦେଇଥିଲେ ।

# ହରିଶଙ୍କରରେ ନୃସିଂହ ଚତୁର୍ଦ୍ଦଶୀ ବୈଶାଖ ମେଳା ପାଇଁ ପ୍ରସ୍ତୁତି ବୈଠକ

**ଖପ୍ରାଖୋଲ,୨୪।୪(ଅଭୟ ତ୍ରିପାଠୀ)**

ବଲାଙ୍ଗୀର ଜିଲାର ପ୍ରସିଦ୍ଧ ପର୍ଯ୍ୟଟନସ୍ଥଳୀ ହରିଶଙ୍କର ପୀଠର ଝରଣା କୂଳରେ ଆଗାମୀ ନୃସିଂହ ଚତୁର୍ଦ୍ଦଶୀ ବୈଶାଖ ମେଳା ପାଇଁ ପରିଚାଳନା ସବ୍ କମିଟିର ପ୍ରସ୍ତୁତି ବୈଠକ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି । ସବ୍‌କମିଟି ସଭାପତି ବିପ୍ର ବିଶି ଏଥିରେ ଅଧ୍ୟକ୍ଷତା କରିଥିଲେ। ଆଗାମୀ ୨୭ ତାରିଖରୁ ମେ ୧ ତାରିଖ ଯାଏ ପାଞ୍ଚ ଦିନ ଧରି ହେବାକୁ ଥିବା ନୃସିଂହ ଚତୁର୍ଦ୍ଦଶୀ ବୈଶାଖ ମେଳା ତଥା ହରିଶଙ୍କର ମହୋତ୍ସବ ଆୟୋଜନ କରିବାକୁ ନେଇ ଆଲୋଚନା ହୋଇଥିଲା। ଏହି ଅବସରରେ ଟିକେଶର ଧରୁଆ, ବଳରାମ ବେହେରା, ଇନ୍ଦ୍ରମଣି ସାହୁ, ଗଜ ନାଗ, ଚକ୍ର ଦାସ, ଅଭିଳାଷ ଭୋଇ, ଶଶୀକାନ୍ତ ଧରୁଆ, ମହୀନାଥ ସୁନା, ଅଭୟ ତ୍ରିପାଠୀ ପ୍ରମୁଖ ସଦସ୍ୟ ଓ ମନ୍ଦିର ପରିଚାଳକ ଗୁପ୍ତେଶ୍ୱର କୁଅଁର ପ୍ରମୁଖ ଉପସ୍ଥିତ ଥିଲେ।



ବୈଠକରେ ଯୋଗ ଦେଇଥିବା ସବ୍ କମିଟି ସଦସ୍ୟମାନେ।

# ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ଜିଲାର ପ୍ରଥମ ଶିଶୁ ବାଟିକା ଉଦ୍‌ଘାଟିତ

**ଲୋଇସିଂହା,୨୪।୪(ସୁଶାନ୍ତ ବାରିକ)**

ବଲାଙ୍ଗୀର ଜିଲା ଆଗଲପୁର ବ୍ଲକ ନଅଗାଁ(ଖ) ସରକାରୀ ପ୍ରାଥମିକ ବିଦ୍ୟାଳୟରେ ନବନିର୍ମିତ ଶିଶୁ ବାଟିକା ଉଦ୍‌ଘାଟିତ ହୋଇଛି। ଶୁକ୍ରବାର ମୁଖ୍ୟମନ୍ତ୍ରୀ ମୋହନଚରଣ ମାଝୀ ବଲାଙ୍ଗୀର ଗସ୍ତ ଅବସରରେ ଆଭାସି ଜରିଆରେ ଶିଶୁ ବାଟିକାକୁ ଉଦ୍‌ଘାଟନ କରି ଶିଶୁଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଥିଲେ । ରାଜ୍ୟ ସରକାର ଏପ୍ରିଲ ୨୦୨୫ରୁ ରାଜ୍ୟରେ ପ୍ରାଥମିକ ବିଦ୍ୟାଳୟରେ ଶିଶୁ ବାଟିକା ଆରମ୍ଭ କରିଛନ୍ତି । ଏହି କ୍ରମରେ ୧୯୫୩ ମସିହାରେ ପ୍ରତିଷ୍ଠିତ ଆଗଲପୁର ବ୍ଲକ ନଅଗାଁ(ଖ) ପ୍ରାଥମିକ ବିଦ୍ୟାଳୟରେ ଶିଶୁ ବାଟିକା ଶ୍ରେଣୀଗୃହ ପାଇଁ ସ୍ଥାନୀୟ ବିଧାୟକ ତଥା ସ୍ୱାସ୍ଥ୍ୟମନ୍ତ୍ରୀ ତାଙ୍କ ପାଣ୍ଠିରୁ ୫ ଲକ୍ଷ ଟଙ୍କା ଏବଂ ସ୍ଥାନୀୟ ପଞ୍ଚାୟତ ପକ୍ଷରୁ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ପାଣ୍ଠିରୁ ସାଢେ ୩ ଲକ୍ଷ ମିଶାଇ ମୋଟ ସାଢେ ୮ ଲକ୍ଷ ଟଙ୍କା ବ୍ୟୟରେ ଅତ୍ୟାଧୁନିକ ଶିଶୁ ବାଟିକା କକ୍ଷ ନିର୍ମାଣ ହୋଇଛି। ଏହି କକ୍ଷରେ ଶିଶୁଙ୍କ ଖେଳିବା, ପଢିବା ପାଇଁ ଆଧୁନିକ ବ୍ୟବସ୍ଥା ଗ୍ରହଣ କରାଯାଇଛି । କକ୍ଷ କାନ୍ଥ ଥିଡି ରଙ୍ଗ ହେବା ସହ ବିଭିନ୍ନ ଚିତ୍ର ଅଙ୍କା ଯାଇଛି। ବସିବା ପାଇଁ ଚୌକି, ଟେବୁଲ ରହିଛି। କକ୍ଷ ଚଟାଣରେ କାର୍ପେଟ ପଡିଥିବାରୁ ଖେଳକୁଦ ବେଳେ ପଡିଲେ ମଧ୍ୟ ଆହତ ସମ୍ଭାବନା ରହିବ ନାହିଁ। ଶିଶୁ ବାଟିକାରେ ସେବିକା ନିଯୁକ୍ତ ହୋଇଛନ୍ତି । ଶୁକ୍ରବାର ଉଦ୍‌ଘାଟନ ପୂର୍ବରୁ ସ୍ୱାସ୍ଥ୍ୟମନ୍ତ୍ରୀ ଡ. ମୁକେଶ ମହାଲିଙ୍ଗ ଉକ୍ତ ବିଦ୍ୟାଳୟ ପରିଦର୍ଶନ କରି ଶିକ୍ଷକ,ସେବିକା ଏବଂ ପରିଚାଳନା କମିଟି ସଦସ୍ୟଙ୍କ ସହ ଆଲୋଚନା କରିଥିଲେ। ଶିଶୁଙ୍କ ଶିକ୍ଷା ପାଇଁ ଉନ୍ନତ ବ୍ୟବସ୍ଥା ସାଙ୍ଗକୁ ସୁରକ୍ଷିତ ପରିବେଶ କରାଯାଇଥିବାରୁ ମନ୍ତ୍ରୀ ଖୁସିବ୍ୟକ୍ତ କରିଥିଲେ।



ସ୍ୱାସ୍ଥ୍ୟମନ୍ତ୍ରୀ ଶିଶୁବାଟିକା ପରିଦର୍ଶନ କରିବା ସମୟରେ ଶିକ୍ଷକ ଓ କମିଟି ସଦସ୍ୟ।

# ତୃଣମୂଳସ୍ତରରେ ସୁଶାସନ, ଲୋକଙ୍କୁ କରିବ ସଶକ୍ତ

**ସୋନପୁର,୨୪।୪(ମୃତ୍ୟୁଞ୍ଜୟ ଶତପଥୀ)**





ଜିଲାସ୍ତରୀୟ ଜାତୀୟ ପଞ୍ଚାୟତିରାଜ ଦିବସ ପାଳନ ଅବସରରେ ଅତିଥି ବୃନ୍ଦ।

ଚେୟାର ଖାଲି ପଡ଼ିଛି।

ସୁବର୍ଣ୍ଣପୁର ଟାଉନ ହଲଠାରେ ଜାତୀୟ ପଞ୍ଚାୟତିରାଜ ଦିବସ-୨୦୨୬ ଅବସରରେ ଜିଲା ଓ ବ୍ଲକସ୍ତରୀୟ ସମାରୋହ ଶୁକ୍ରବାର ସନ୍ଧ୍ୟାରେ ଆୟୋଜିତ ହୋଇଯାଇଛି। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଜିଲା ଯୋଜନା ବୋର୍ଡ ଅଧ୍ୟକ୍ଷ ତଥା ବୀରମହାରାଜପୁର ବିଧାୟକ ଇଂ. ରଘୁନାଥ ଜଗଦଲା ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ସୋନପୁର ପଞ୍ଚାୟତ ସମିତି ଅଧ୍ୟକ୍ଷ ପ୍ରହଲ୍ଲାଦ ନାୟକ, ଜିଲା ପରିଷଦ ସଭ୍ୟ ମଧୁସୂଦନ ଓତା, ସାମାଜିକ କର୍ମୀ ବେଣୁଧର ଦାଶ, ବଲାଙ୍ଗୀର ଏମ୍‌ପିଙ୍କ ପ୍ରତିନିଧି ସାନନ୍ଦ ମେହେର ଓ ଭାରପ୍ରାପ୍ତ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ଜିଲାପରିଷଦ କାଳିଆ ମଲ୍ଲିକ, ଜିଲା ପଞ୍ଚାୟତ ଅଧିକାରୀ ଅର୍ଜୁନ ମାଝୀ ଯୋଗଦେଇଥିଲେ। ଏହି ଅବସରରେ ଅନ୍ତ୍ୟୋଦୟ ଯୋଜନାରେ ସୁବର୍ଣ୍ଣପୁର ଜିଲାର ୭୪୬ ହିତାଧିକାରୀଙ୍କୁ କାର୍ଯ୍ୟାଦେଶ ବଣ୍ଟନ କରାଯାଇଥିଲା। ସେହିପରି ଅନ୍ୟ ଯୋଜନାର କାର୍ଯ୍ୟାଦେଶ ଓ ୧୬ଟି ପ୍ରୋତ୍ସାହନ ରାଶି ବଣ୍ଟନ ହୋଇଥିଲା। ସ୍ୱୟଂ ସହାୟକ ଗୋଷ୍ଠୀର ମହିଳାମାନଙ୍କୁ ଗୋଷ୍ଠୀ ନିବେଶ ରାଶି ଓ ବ୍ୟକ୍ତିଗତ ପାଇଖାନା ପାଇଁ ପ୍ରତୀକାତ୍ମକ ଚେକ ବଣ୍ଟନ କରାଯାଇଥିଲା। ମୁଖ୍ୟଅତିଥି ବିଧାୟକ ଜଗଦଲା କହିଥିଲେ, ୧୯୯୩ ମସିହାରେ ପଞ୍ଚାୟତିରାଜ ବ୍ୟବସ୍ଥାର ଆରମ୍ଭ ହେବା ପରେ ଗ୍ରାମୀଣ ଅଞ୍ଚଳକୁ ସରକାରୀ ସୁବିଧା ସିଧାସଳଖ ପହଞ୍ଚୁଛି। ବିଭିନ୍ନ ଯୋଜନା ମାଧ୍ୟମରେ ଗାଁର ବିକାଶ ସୁନିଶ୍ଚିତ ହେଉଛି ବୋଲି ସେ କହିଥିଲେ। ସମସ୍ତଙ୍କୁ ଜିଲାର ବିକାଶରେ ସହଭାଗୀ ହେବାକୁ ଆହ୍ୱାନ ଜଣାଇଥିଲେ। ସଭାପତି ତଥା ମୁଖ୍ୟବକ୍ତା ଭାବେ ଜିଲାପାଳ ନୃପରାଜ ସାହୁ ସମସ୍ତ ଅତିଥି ତଥା ଉପସ୍ଥିତ ପଞ୍ଚାୟତ ପ୍ରତିନିଧି, ଜନସାଧାରଣ, ସ୍ୱୟଂ ସହାୟକ ଗୋଷ୍ଠୀ ସଦସ୍ୟାମାନଙ୍କୁ ସ୍ୱାଗତ ଜଣାଇଥିଲେ। ଜିଲାପାଳ ସାହୁ କହିଥିଲେ, ପଞ୍ଚାୟତିରାଜ ବ୍ୟବସ୍ଥା ତୃଣମୂଳସ୍ତରରେ ସୁଶାସନ ଓ ଲୋକଙ୍କ ସଶକ୍ତୀକରଣ ପାଇଁ ଏକ ମୁଖ୍ୟ ମାଧ୍ୟମ। ଏହି ଅବସରରେ ସମସ୍ତେ ବାଲାଙ୍ଗୀରରେ ଆୟୋଜିତ ରାଜ୍ୟସ୍ତରୀୟ ପଞ୍ଚାୟତିରାଜ କାର୍ଯ୍ୟକ୍ରମର ସିଧା ପ୍ରସାରଣ ଦେଖିଥିଲେ। ପରେ ପଞ୍ଚାୟତ ସମିତି ସଭ୍ୟାସଭ୍ୟ ଓ ସରପଞ୍ଚମାନଙ୍କୁ ସମ୍ମାନିତ କରାଯାଇଥିଲା। ସୋନପୁର ବିଡିଓ ପ୍ରତୀକ କୁମାର କର ଧନ୍ୟବାଦ ଦେଇଥିଲେ। ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ସୌରଭ ଦାନୀ ମଞ୍ଚ ପରିଚାଳନା କରିଥିଲେ।

### ସୁବର୍ଣ୍ଣପୁର ଜିଲା ପଞ୍ଚାୟତିରାଜ ଦିବସ

### ଏସି ଅଚଳ, ଚେୟାର ଖାଲି

ପଞ୍ଚାୟତିରାଜ ଦିବସ ପାଳନ ପାଇଁ ସନ୍ଧ୍ୟା ୫ଟାରେ ପହଞ୍ଚିବାକୁ ପ୍ରଶାସନ ପକ୍ଷରୁ ଅନୁରୋଧ କରାଯାଇଥିଲା। ସମସ୍ତେ ନିର୍ଦ୍ଧାରିତ ସମୟରେ ଦୂର ଦୁରାନ୍ତରୁ ଆସି ପହଞ୍ଚି ଥିଲେ। ତେବେ ୭ଟାରେ ସଭା ଆରମ୍ଭ ହୋଇଥିଲା। ଏପଟେ ଟାଉନ ହଲରେ ୩୫ରୁ ଊର୍ଦ୍ଧ୍ୱ ନୂଆ ଏସି ଲାଗିଥିଲେ ମଧ୍ୟ ସବୁ ଅଚଳ। ଗରମ ଯୋଗୁ ଉପସ୍ଥିତ ପଞ୍ଚାୟତିରାଜ ଲୋକ ପ୍ରତିନିଧି ଓ ମହିଳାମାନେ କଷ୍ଟ ଭୋଗିଥିଲେ। ପରିସ୍ଥିତି ଏପରି ହୋଇଥିଲା ଯେ, ଭାଷଣ ସମୟରେ ପଛପଟ ଚେୟାର ଖାଲି ହୋଇଯାଇଥିଲା। ସମସ୍ତେ ଗରମ ଓ ବିଳମ୍ବରେ କାର୍ଯ୍ୟକ୍ରମ ଯୋଗୁ ବାହାରକୁ ଚାଲି ଯାଇଥିଲେ। ପୌର ପରିଷଦ ଟାଉନ ହଲ ଭଡ଼ା ବାବଦକୁ ଦୈନିକ ୧୦ ହଜାର ଟଙ୍କା ନେଉଛି। କିନ୍ତୁ ଏସିଗୁଡ଼ିକୁ ସଜାଡୁନି। ଏହି ଏସିଗୁଡ଼ିକୁ କିଛି ମାସ ପୂର୍ବରୁ ପୂର୍ତ୍ତ ବିଭାଗ ପକ୍ଷରୁ ଲଗାଯାଇଥିଲା। ମାତ୍ର ମାସେ ଦୁଇ ମାସ ଚାଲିଲା ପରେ ସବୁ ଏସି ଅଚଳ ହୋଇଯାଇଛି। ଏଥିପ୍ରତି ପ୍ରଶାସନ ଦୃଷ୍ଟି ନାହିଁ ବୋଲି ଅଭିଯୋଗ ହୋଇଥିଲା।

# ଜାତୀୟ ପଞ୍ଚାୟତିରାଜ ଦିବସ ପାଳିତ

**ବୌଦ୍ଧ,୨୪।୪(ଅଜିତ କୁମାର ବାରିକ)**

ବୌଦ୍ଧ ପଞ୍ଚାୟତ ସମିତି କାର୍ଯ୍ୟାଳୟ ଠାରେ ଜାତୀୟ ପଞ୍ଚାୟତିରାଜ ଦିବସ ଶୁକ୍ରବାର ପାଳିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବରେ ବୌଦ୍ଧ ବିଧାୟକ ତଥା ସରକାରୀ ଦଳର ମୁଖ୍ୟ ସଚେତକ ସରୋଜ କୁମାର ପ୍ରଧାନ ଯୋଗ ଦେଇଥିଲେ। ଜିଲାପାଳ ବିଭୂତି ଭୂଷଣ ନାୟକଙ୍କ ସଭାପତିତ୍ୱରେ ଆୟୋଜିତ ଏହି ସମାରୋହରେ ସମ୍ମାନିତ ଅତିଥି ଭାବେ କନ୍ଧମାଳ ଏମ୍‌ପିଙ୍କ ଜିଲା ପ୍ରତିନିଧି ଯୁଗଳ କିଶୋର ସାମଲ, ବୌଦ୍ଧ ପଞ୍ଚାୟତ ସମିତି ଅଧ୍ୟକ୍ଷ ପ୍ରିୟଦର୍ଶୀ ପ୍ରତ୍ୟୁଷ ରଥ, ଜିଲା ପରିଷଦ ସଭ୍ୟ ରାକେଶ କୁମାର ତ୍ରିପାଠୀ, ଅତିରିକ୍ତ ଜିଲାପାଳ ଅନିରୁଦ୍ଧ ପ୍ରଧାନ, ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ଜିଲାପରିଷଦ ପ୍ରଭାସ ଚନ୍ଦ୍ର ଦଣ୍ଡସେନା, ଉପ ଜିଲାପାଳ ବିନୟ କୁମାର ଭୋଇ ପ୍ରମୁଖ ଯୋଗ ଦେଇଥିଲେ। ଏହି ଅବସରରେ ଅନ୍ତ୍ୟୋଦୟ ଗୃହ ଯୋଜନା, ପ୍ରଧାନମନ୍ତ୍ରୀ ଆବାସ ଯୋଜନା ଏବଂ ଅନ୍ୟାନ୍ୟ ଯୋଜନାର କାର୍ଯ୍ୟାଦେଶ ଓ ବିଭିନ୍ନ ପ୍ରୋତ୍ସାହନ ରାଶି ବଣ୍ଟନ କରାଯାଇଥିଲା। ସ୍ୱୟଂ ସହାୟକ ଗୋଷ୍ଠୀର ମହିଳାମାନଙ୍କୁ ଗୋଷ୍ଠୀ ନିବେଶ ରାଶି ଓ ବ୍ୟକ୍ତିଗତ ପାଇଖାନା ପାଇଁ ପ୍ରତୀକାତ୍ମକ ଚେକ୍ ବଣ୍ଟନ କରାଯାଇଥିଲା। କାର୍ଯ୍ୟକ୍ରମରେ ବିଭିନ୍ନ ପଞ୍ଚାୟତ ଜନପ୍ରତିନିଧି, ଜନସାଧାରଣ, ମହିଳା ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟାମାନେ ଅଂଶଗ୍ରହଣ କରିଥିଲେ।



ଜଣେ ହିତାଧିକାରୀଙ୍କୁ କାର୍ଯ୍ୟାଦେଶ ପ୍ରଦାନ କରାଯାଉଛି।

# ପାପକ୍ଷୟ ମୁକ୍ତି ତୀର୍ଥରେ ଚାରିଗ୍ରନ୍ଥ ଅଷ୍ଟାଦଶ ପୁରାଣ

**ବିନିକା,୨୪। ୪ (ରାମ ଗୋପାଳ ବାଘ)**

ସୁବର୍ଣ୍ଣପୁର ଜିଲା ବିନିକା ପ୍ରସିଦ୍ଧ ପୀଠ ପାପକ୍ଷୟ ଘାଟଠାରେ ଶୁକ୍ରବାର ବ୍ରାହ୍ମଣ ସମାଜ ପକ୍ଷରୁ ଚାରିଗ୍ରନ୍ଥ ଅଷ୍ଟାଦଶ ପୁରାଣ ପାଠ ଅନୁଷ୍ଠିତ ହୋଇଯାଇଛି। ଦେଶର ମଙ୍ଗଳ ଓ ବିଶ୍ୱର କଲ୍ୟାଣ ପାଇଁ ଏଇ ଚାରିଗ୍ରନ୍ଥ ଅଷ୍ଟାଦଶ ପୁରାଣ ପାଠ ପଠନ କରିଥିଲେ। ଶହେରୁ ଊର୍ଦ୍ଧ୍ୱ ବ୍ରାହ୍ମଣ, ବ୍ରାହ୍ମଣ ସମାଜ ପକ୍ଷରୁ ଶତାଧିକ ବ୍ରାହ୍ମଣ ଚାରିଗ୍ରନ୍ଥ ଅଷ୍ଟାଦଶ ପୁରାଣ ପାଠ କରିଥିବାରୁ ସମଗ୍ର ଅଞ୍ଚଳରେ ଭକ୍ତିମୟ ପରିବେଶ ସୃଷ୍ଟି ହୋଇଥିଲା। ଏଥିରେ ପୂଜକ ଭାବେ ଜଗଦୀଶ ପୁରୋହିତ, କର୍ତ୍ତା ଭାବେ ମୁମତାଜ ପଣ୍ଡା ଓ ତାଙ୍କ ଧର୍ମପତ୍ନୀ ନିହାରିକା ପଣ୍ଡା ହୋଇଥିଲେ। ପୁରାଣ ପାଠ ପଠନରେ ପଶ୍ଚିମ ଓଡ଼ିଶା ବ୍ରହ୍ମ ସମାଜ ପ୍ରଭାରୀ ଆର୍ତ୍ତତ୍ରାଣ ପଣ୍ଡା, ବିନିକା ବ୍ଲକ ବ୍ରାହ୍ମଣ ସମାଜ ସଭାପତି ସନ୍ତୋଷ ପଣ୍ଡା, ସମ୍ପାଦକ ପ୍ରେମରାଜ ପତିଙ୍କ ସହିତ ବିନିକା ଓ ଡୁଙ୍ଗୁରିପାଲି ବ୍ଲକର ଶତାଧିକ ବ୍ରାହ୍ମଣ ଯୋଗଦାନ କରିଥିଲେ।



ବ୍ରାହ୍ମଣ ସମାଜ ପକ୍ଷରୁ ଚାରିଗ୍ରନ୍ଥ ଅଷ୍ଟାଦଶ ପୁରାଣ ପଠନରେ ଯୋଗ ଦେଇଥିବା ପଣ୍ଡିତ ଓ ଅନ୍ୟମାନେ।



ପ୍ରତାପପୁର ବିଦ୍ୟାଳୟରେ ମହିଳାମାନେ ମଞ୍ଜିଗୋଳା ପ୍ରସ୍ତୁତ କରୁଛନ୍ତି।

# ପରିବେଶ ସୁରକ୍ଷା ପାଇଁ ମଞ୍ଜିଗୋଳା ପ୍ରସ୍ତୁତି

**ସୋନପୁର,୨୪।୪(ମୃତ୍ୟୁଞ୍ଜୟ ଶତପଥୀ)**

ସୋନପୁର ବ୍ଲକର ପ୍ରତାପପୁର ଉ.ପ୍ରା. ବିଦ୍ୟାଳୟରେ ପରିବେଶ ସୁରକ୍ଷା ପାଇଁ ମଞ୍ଜିଗୋଳା ପ୍ରସ୍ତୁତି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପ୍ରଚଣ୍ଡ ଗ୍ରୀଷ୍ମ ପ୍ରବାହ ଯୋଗୁ ବିଦ୍ୟାଳୟରେ ଛାତ୍ରୀଛାତ୍ରମାନଙ୍କ ଛୁଟି ହୋଇଥିବାରୁ ପ୍ରଧାନ ଶିକ୍ଷୟିତ୍ରୀ ସନ୍ତୋଷିନୀ ନନ୍ଦ ସ୍ଥାନୀୟ ଅଙ୍ଗନୱାଡି ସୁପରଭାଇଜର ସବିତା ହାତୀଙ୍କ ସହାୟତା ଭିକ୍ଷା କରିଥିଲେ। ଏଥିରେ କଳାପଥର ଓ ଜନମୁରା ପଞ୍ଚାୟତର ୩୦ରୁ ଅଧିକ ଅଙ୍ଗନୱାଡି କର୍ମୀ ଯୋଗଦେଇଥିଲେ। ସମସ୍ତେ ମିଶି ଆଗରୁ ସଂଗ୍ରହ କରାଯାଇଥିବା ବିଭିନ୍ନ ପ୍ରକାର ଶୁଖିଲା ଜଙ୍ଗଲି ମଞ୍ଜି ଯଥା ଚାର, କେନ୍ଦୁ ଓ ତେନ୍ତୁଳି ଇତ୍ୟାଦିକୁ ମାଟିର ଗୋଳା ଭିତରେ ଭର୍ତ୍ତି କରିଥିଲେ। ପରବର୍ତ୍ତୀ ସମୟରେ ତାକୁ ଖରାରେ ଶୁଖାଇ ବର୍ଷାଦିନରେ ଖୋଲା ସ୍ଥାନରେ ପକାଇ ଜଙ୍ଗଲ ସୃଷ୍ଟିରେ ସହାୟକ ହେବା ପାଇଁ ପ୍ରଧାନ ଶିକ୍ଷୟିତ୍ରୀ ନନ୍ଦ ସମସ୍ତଙ୍କୁ ଆହ୍ୱାନ କରିଥିଲେ। ସମ୍ମାନିତ ଅତିଥି ହାତୀ ଆମ ଜୀବନରେ ପରିବେଶର ପ୍ରଭାବ, ପରିବେଶ ପ୍ରଦୂଷଣ ଓ ତା'ର ସୁରକ୍ଷା ପାଇଁ ଆମର କର୍ତ୍ତବ୍ୟ ଉପରେ ଆଲୋକପାତ କରିଥିଲେ। ଶେଷରେ ସମସ୍ତେ ମିଶି ପରିବେଶ ସୁରକ୍ଷା ପାଇଁ ଶପଥ ଗ୍ରହଣ କରିସାରିବା ପରେ ଉପସ୍ଥିତ ଗ୍ରାମର ବରିଷ୍ଠ ବ୍ୟକ୍ତି ରଣଜିତ ମାଝି ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ। ଗ୍ରାମର ଶତାଧିକ ବ୍ୟକ୍ତି ଉକ୍ତ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ଜିଲାର ପ୍ରଥମ ଶିଶୁ ବାଟିକା ଉଦ୍‌ଘାଟିତ

**ଲୋଇସିଂହା,୨୪।୪(ସୁଶାନ୍ତ ବାରିକ)**

ବଲାଙ୍ଗୀର ଜିଲା ଆଗଲପୁର ବ୍ଲକ ନଅଗାଁ(ଖ) ସରକାରୀ ପ୍ରାଥମିକ ବିଦ୍ୟାଳୟରେ ନବନିର୍ମିତ ଶିଶୁ ବାଟିକା ଉଦ୍‌ଘାଟିତ ହୋଇଛି। ଶୁକ୍ରବାର ମୁଖ୍ୟମନ୍ତ୍ରୀ ମୋହନଚରଣ ମାଝୀ ବଲାଙ୍ଗୀର ଗସ୍ତ ଅବସରରେ ଆଭାସି ଜରିଆରେ ଶିଶୁ ବାଟିକାକୁ ଉଦ୍‌ଘାଟନ କରି ଶିଶୁଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଥିଲେ । ରାଜ୍ୟ ସରକାର ଏପ୍ରିଲ ୨୦୨୫ରୁ ରାଜ୍ୟରେ ପ୍ରାଥମିକ ବିଦ୍ୟାଳୟରେ ଶିଶୁ ବାଟିକା ଆରମ୍ଭ କରିଛନ୍ତି । ଏହି କ୍ରମରେ ୧୯୫୩ ମସିହାରେ ପ୍ରତିଷ୍ଠିତ ଆଗଲପୁର ବ୍ଲକ ନଅଗାଁ(ଖ) ପ୍ରାଥମିକ ବିଦ୍ୟାଳୟରେ ଶିଶୁ ବାଟିକା ଶ୍ରେଣୀଗୃହ ପାଇଁ ସ୍ଥାନୀୟ ବିଧାୟକ ତଥା ସ୍ୱାସ୍ଥ୍ୟମନ୍ତ୍ରୀ ତାଙ୍କ ପାଣ୍ଠିରୁ ୫ ଲକ୍ଷ ଟଙ୍କା ଏବଂ ସ୍ଥାନୀୟ ପଞ୍ଚାୟତ ପକ୍ଷରୁ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ପାଣ୍ଠିରୁ ସାଢେ ୩ ଲକ୍ଷ ମିଶାଇ ମୋଟ ସାଢେ ୮ ଲକ୍ଷ ଟଙ୍କା ବ୍ୟୟରେ ଅତ୍ୟାଧୁନିକ ଶିଶୁ ବାଟିକା କକ୍ଷ ନିର୍ମାଣ ହୋଇଛି। ଏହି କକ୍ଷରେ ଶିଶୁଙ୍କ ଖେଳିବା, ପଢିବା ପାଇଁ ଆଧୁନିକ ବ୍ୟବସ୍ଥା ଗ୍ରହଣ କରାଯାଇଛି । କକ୍ଷ କାନ୍ଥ ଥ୍ରିଡି ରଙ୍ଗ ହେବା ସହ ବିଭିନ୍ନ ଚିତ୍ର ଅଙ୍କା ଯାଇଛି । ବସିବା ପାଇଁ ଚୌକି, ଟେବୁଲ ରହିଛି । କକ୍ଷ ଚଟାଣରେ କାର୍ପେଟ ପଡିଥିବାରୁ ଖେଳକୁଦ ବେଳେ ପଡିଲେ ମଧ୍ୟ ଆହତ ସମ୍ଭାବନା ରହିବ ନାହିଁ। ଶିଶୁ ବାଟିକାରେ ସେବିକା ନିଯୁକ୍ତ ହୋଇଛନ୍ତି । ଶୁକ୍ରବାର ଉଦ୍‌ଘାଟନ ପୂର୍ବରୁ ସ୍ୱାସ୍ଥ୍ୟମନ୍ତ୍ରୀ ଡ. ମୁକେଶ ମହାଲିଙ୍ଗ ଉକ୍ତ ବିଦ୍ୟାଳୟ ପରିଦର୍ଶନ କରି ଶିକ୍ଷକ,ସେବିକା ଏବଂ ପରିଚାଳନା କମିଟି ସଦସ୍ୟଙ୍କ ସହ ଆଲୋଚନା କରିଥିଲେ। ଶିଶୁଙ୍କ ଶିକ୍ଷା ପାଇଁ ଉନ୍ନତ ବ୍ୟବସ୍ଥା ସାଙ୍ଗକୁ ସୁରକ୍ଷିତ ପରିବେଶ କରାଯାଇଥିବାରୁ ମନ୍ତ୍ରୀ ଖୁସିବ୍ୟକ୍ତ କରିଥିଲେ।



ସ୍ୱାସ୍ଥ୍ୟମନ୍ତ୍ରୀ ଶିଶୁବାଟିକା ପରିଦର୍ଶନ କରିବା ସମୟରେ ଶିକ୍ଷକ ଓ କମିଟି ସଦସ୍ୟ।

# ବିଶ୍ୱ ପୁସ୍ତକ ଦିବସ: ଆସ ଲେଖକଙ୍କୁ ଭେଟିବା

**ସୋନପୁର,୨୪।୪(ମୃତ୍ୟୁଞ୍ଜୟ ଶତପଥୀ)**

ବିଶ୍ୱ ପୁସ୍ତକ ଦିବସ ପାଳନ ଅବସରରେ ଇଙ୍କଫେଷ୍ଟ ପକ୍ଷରୁ ଆସ ଲେଖକଙ୍କୁ ଭେଟିବା ନାମକ ଏକ ସାହିତ୍ୟିକ କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି। ଜିଲା ଗ୍ରନ୍ଥାଳୟଠାରେ ଏହି ଅବସରରେ ଅଞ୍ଚଳର ବିଭିନ୍ନ ସାହିତ୍ୟିକ ଓ ଯୁବ ଲେଖିକା, ଲେଖକ, ଛାତ୍ରୀଛାତ୍ର ଯୋଗଦେଇ ନିଜ ଅନୁଭବ ଏବଂ ସୃଜନଶୀଳ ଯାତ୍ରା ବିଷୟରେ ଅଲୋଚନା କରିଥିଲେ। କାର୍ଯ୍ୟକ୍ରମରେ ଉପସ୍ଥିତ ଛାତ୍ରୀଛାତ୍ର ଓ ସାହିତ୍ୟ ପ୍ରେମୀମାନେ ଲେଖକମାନଙ୍କ ସହ ଆଲୋଚନା କରିବା ସହିତ ସୃଜନ କର୍ମ ତଥା ପୁସ୍ତକ ପଢ଼ାର ଗୁରୁତ୍ୱ ବିଷୟରେ ଆଲୋକପାତ କରିଥିଲେ। ବିଶେଷକରି ଡିଜିଟାଲ ଯୁଗରେ ପୁସ୍ତକ ପଢ଼ିବାର ଅଭ୍ୟାସ କେମିତି ରକ୍ଷା କରିବା ଉଚିତ, ସେଥିପାଇଁ ଅତିଥିମାନେ ନିଜ ମତ ରଖିଥିଲେ।

ନିଆରା ଢଙ୍ଗରେ ଆୟୋଜିତ ଆସ ଲେଖକଙ୍କୁ ଭେଟିବା ପରି କାର୍ଯ୍ୟକ୍ରମକୁ ଇଙ୍କଫେଷ୍ଟର ସମ୍ପାଦକ ଅମ୍ବୁଜ ବିହାରୀ ଶତପଥୀ ପରିଚାଳନା କରିଥିବାବେଳେ ଲେଖକ ସୁଦାମ ନଏକଙ୍କୁ ସଭ୍ୟ ବେଣୁଧର ପ୍ରଧାନ ଏବଂ ଗାଳ୍ପିକ ଡ. ଜ୍ୟୋତି ରଞ୍ଜନ ବହିଦାରଙ୍କୁ ଶିକ୍ଷାବିତ୍ ଲକ୍ଷ୍ମଣ ମିଶ୍ର ଉଭୟଙ୍କ ସୃଜନ ଓ ଜୀବନ ଉପରେ ଆଳାପ ଆଲୋଚନା କରିଥିଲେ। କାର୍ଯ୍ୟକ୍ରମରେ ଅଧ୍ୟାପକ ଡ. ସୌରଭ ରଞ୍ଜନ ଖମାରୀ, ଡ. ଇତିଶ୍ରୀ ଦାସ, ଅଧ୍ୟାପକ ଦେବଦାସ ମହାପାତ୍ର, ଅଧ୍ୟାପକ ଦେବାଶିଷ ପ୍ରଧାନ, ଡ. ରାଜେନ୍ଦ୍ର ରଣା, ଡ. ସୁଦାମ ଦୀପ, ଅଧ୍ୟାପକ ମଦନ ସୁନ୍ଦର ଖେତୀ, ବିକାଶ କର୍ମୀ ରାଜୀବ କୁମାର ନାୟକ, ରାଜୀବ କର୍ମୀ, କବି ରଞ୍ଜିତା ପଣ୍ଡା, କବି ରଞ୍ଜୁ ଅମାତ, ବରିଷ୍ଠ ସଭ୍ୟ ଗୋବିନ୍ଦ ମହାରଣା, ଶ୍ୟାମା ଓମ ପ୍ରସାଦ ମିଶ୍ର, ଶିକ୍ଷକ ବିଜୟାନନ୍ଦ ମାଝି, ବ୍ରତାନନ୍ଦ ଭୋଇ, କୃଷ୍ଣଚନ୍ଦ୍ର ପଣ୍ଡା, ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ପ୍ରିତୀ ସୁନାଙ୍କ ସମେତ ଛାତ୍ରୀଛାତ୍ରମାନେ ଅଂଶଗ୍ରହଣ କରିଥିଲେ। ଇଙ୍କଫେଷ୍ଟର ସଂଯୋଜକ ନାଟ୍ୟଶ୍ରୀ ଗଦାଧର ବାରିକ ଅତିଥି ଲେଖକଙ୍କୁ ସମ୍ମାନିତ କରିଥିଲେ।




ଲେଖକ ସୁଦାମ ନାଏକଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

# ଖାଦ୍ୟ ଅଭାବରୁ ଗାଁ ମୁହାଁ ହାତୀ ପଲ

**ବୀରମହାରାଜପୁର,୨୪।୪(ଯୁଗଳ କିଶୋର ମିଶ୍ର)**





- **ଧାନ କିଆରି ମାଡି, ବ୍ୟାପକ ଫସଲ କ୍ଷତି**
- **କ୍ଷତିପୂରଣ ଦାବିରେ ତହସିଲଦାରଙ୍କୁ ଚାଷୀଙ୍କ ଦାବିପତ୍ର**

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବନାଞ୍ଚଳ ଅଧୀନସ୍ଥ ବିଭିନ୍ନ ଗାଁରେ ୨ ଦିନ ହେଲା ଖାଦ୍ୟ ଅଭାବରୁ ହାତୀ ପଲ ଗାଁ ମୁହାଁ ହୋଇ ଧାନ କିଆରିରେ ପଶି ମାଡି ଦଳି ନଷ୍ଟ କରି ଦେଇଛନ୍ତି। ମିଳିଥିବା ସୂଚନା ଅନୁସାରେ, ୨ ଦିନ ତଳେ ବୀରମହାରାଜପୁର ବ୍ଲକ ଜଟେସିଙ୍ଗା ପଞ୍ଚାୟତ ବଡ଼ ଖମାର, ଆନନ୍ଦପୁର, କୁଡାପଡା, ମୁର୍ଛୁଣୀ ପଞ୍ଚାୟତ ତେନ୍ତୁଳିମହଦା ଅଞ୍ଚଳରେ ପ୍ରାୟ ୧୫ରୁ ଅଧିକ ହାତୀ ପଲ ଆସି ବିଭିନ୍ନ ସ୍ଥାନରେ କ୍ଷୟକ୍ଷତି କରିଛନ୍ତି। କିନ୍ତୁ ଗୁରୁବାର ରାତିରେ ବୀରମହାରାଜପୁର ମହିଳା ବିଦ୍ୟାଳୟ ପାଖ ଚମ୍ପମାଳ ପଞ୍ଚାୟତ କୃଷ୍ଣପାଲି, ପଥରଘାଟ ଗ୍ରାମରେ ପ୍ରାୟ ୧୫ ହେକ୍ଟର ଧାନ ଫସଲ ମାଡ଼ି ନଷ୍ଟ କରିଛନ୍ତି। ଶୁକ୍ରବାର ସକାଳୁ ଚାଷୀମାନେ ତାଙ୍କ ଚାଷ ଜମି ଦେଖି ମୁଣ୍ଡରେ ହାତ ଦେଇ ବସିଛନ୍ତି। ଏ ନେଇ କୃଷ୍ଣପାଲି ଗ୍ରାମର ପ୍ରାୟ ୧୫ ଚାଷୀ ଶୁକ୍ରବାର ତହସିଲଦାରଙ୍କଠାରେ ଅଭିଯୋଗ କରିଛନ୍ତି। ସେମାନେ କହିଛନ୍ତି, ଏବେ ଧାନ କେଣ୍ଡା ଧରି ସାରିଛି। ଗୋଟିଏ ମାସ ପରେ ଧାନ ଅମଳ ହୋଇଥାନ୍ତା। ହାତୀପଲ ଧାନ ମାଡ଼ି ନଷ୍ଟ କରିଦେଇଥିବାରୁ ସମସ୍ତ ଧାନ ଫସଲ ନଷ୍ଟ ହୋଇଥିବା ବରିଷ୍ଠ ଚାଷୀ ଶଙ୍କର୍ଷଣ ହୋତା କହିଛନ୍ତି। ବନ କର୍ମଚାରୀ ଖବର ପାଇ ହାତୀପଲଙ୍କୁ ଘୋଉଡାଇବାକୁ ଚେଷ୍ଟା କରିଥିଲେ ମଧ୍ୟ ଗୁରୁବାର ବିଳମ୍ବିତ ରାତ୍ରି ପର୍ଯ୍ୟନ୍ତ ଚନ୍ଦଲି ପାହାଡ଼ ନିକଟରେ ରହିଥିଲେ। କିନ୍ତୁ ଶୁକ୍ରବାର ପୁଣି କୃଷ୍ଣପାଲି ଗାଁ ଦେଇ ଯାଉଥିବା ସମୟରେ ରବି ଚାଷ କରିଥିବା ଅନେକ ଚାଷୀଙ୍କ ଜବି ମାଡି ଦଳି ଦେଇ ମାଣିକପୁର ଅଞ୍ଚଳରେ ରହିଛନ୍ତି।

ସୂଚନା ଯୋଗ୍ୟ ଏହି ୧୫ ଟିକିଆ ହାତୀ ପଲରେ ୪ ଦନ୍ତା ୫ ମାଇ ହାତୀ ସହ ୬ ଶାବକ ଥିବା ଜଣାଯାଇଛି। ଏସିଏଫ୍ ତଥା ଭାରପ୍ରାପ୍ତ ବନାଞ୍ଚଳ ଅଧିକାରୀ ଅବିନାଶ ବିରିହାଙ୍କୁ ପଚାରିବାରେ କ୍ଷୟକ୍ଷତି ଆକଳନ ପରେ ସରକାରୀ ବିଧି ବ୍ୟବସ୍ଥା ମଧ୍ୟରେ ସମସ୍ତ ଚାଷୀଙ୍କୁ କ୍ଷତି ପୂରଣ ପ୍ରଦାନ କରାଯିବ ବୋଲି କହିଥିଲେ। ସୁବଳୟା ବନପାଳ ନିରଞ୍ଜନ ପଧାନଙ୍କ ନେତୃତ୍ୱରେ ବନବିଭାଗ କର୍ମଚାରୀମାନେ ଗୁରୁବାର ଦିନତମାମ ହାତୀପଲକୁ ଜଗି ରହିଥିଲେ। ଶୁକ୍ରବାର ହାତୀପଲ ଖଣ୍ଡାହତା ହାତଲିମୁଣ୍ଡା ଜଙ୍ଗଲ ମୁହାଁ ହୋଇଥିବା ଅନୁମାନ କରାଯାଉଛି। ବର୍ତ୍ତମାନ ହାତଲିମୁଣ୍ଡା ବନପାଳ ଶଙ୍କର ବାଗଙ୍କ ନେତୃତ୍ୱରେ ହାତୀ ଘୋଉଡାଇବା ପାଇଁ ନିୟୋଜିତ କର୍ମଚାରୀ ହାତୀ ପଲଙ୍କୁ କିପରି ସୁରକ୍ଷିତ ଏବଂ ସାଧାରଣ ଲୋକଙ୍କ କୌଣସି କ୍ଷତି ନ ହେବା ନେଇ ଚେଷ୍ଟା କରି ହାତୀ ଗତିପଥ ଉପରେ ତୀକ୍ଷଣ ନଜର ରଖିଛନ୍ତି।

# ପ୍ରାକୃତିକ ସମ୍ପଦର ସୁବିନିଯୋଗରେ ଓଡ଼ିଶାର ପ୍ରଗତି ସମ୍ଭବ

ସମ୍ବଲପୁର,୨୪।୪ (ପ୍ରମୋଦ ବହିଦାର)

ପ୍ରାକୃତିକ ସମ୍ପଦର ଉଚିତ୍ ବିନିଯୋଗ ଦ୍ୱାରା ହିଁ ଓଡ଼ିଶାର ପ୍ରଗତି ସମ୍ଭବ ବୋଲି କହିଛନ୍ତି ସମ୍ବଲପୁର ବିଧାୟକ ଜୟନାରାୟଣ ମିଶ୍ର। ସ୍ଥାନୀୟ ତପସ୍ୱିନୀ ପ୍ରକ୍ଷାଳୟରେ ଶୁକ୍ରବାର ଅନୁଷ୍ଠିତ ଜିଲାସ୍ତରୀୟ ଜାତୀୟ ପଞ୍ଚାୟତିରାଜ ଦିବସ ପାଳନ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଯୋଗଦେଇ ବିଧାୟକ ମିଶ୍ର ତୃଣମୂଳସ୍ତରରେ ସାଧାରଣ ଜନତାଙ୍କ ଅଂଶୀଦାରିତା ଉପରେ ଗୁରୁତ୍ୱାରୋପ କରି ଏହା କହିଛନ୍ତି। ସେ କହିଥିଲେ, ତ୍ରିସ୍ତରୀୟ ପଞ୍ଚାୟତିରାଜ ବ୍ୟବସ୍ଥାକୁ ସୁଦୃଢ଼ କରିବା ସହ ଲୋକମାନେ ନିଜର ମାନସିକତା ପରିବର୍ତ୍ତନ କରି ସରକାରୀ ଯୋଜନାର ଠିକ୍ ବିନିଯୋଗ କଲେ ହିଁ ମୁଣ୍ଡପିଛା ଆୟ ବୃଦ୍ଧି ପାଇ ଦେଶର ପ୍ରକୃତ ବିକାଶ ସମ୍ଭବ ହୋଇପାରିବ। ଏଥିପାଇଁ ସେ ପ୍ରାକୃତିକ ସମ୍ପଦର ଉଚିତ୍ ବିନିଯୋଗ କରି ଓଡ଼ିଶାକୁ ଏକ ସମୃଦ୍ଧ ରାଜ୍ୟ ଭାବେ



ଜିଲାସ୍ତରୀୟ ଜାତୀୟ ପଞ୍ଚାୟତିରାଜ ଦିବସ କାର୍ଯ୍ୟକ୍ରମକୁ ଅତିଥି ବୃନ୍ଦ ଉଦ୍‌ଘାଟନ କରୁଛନ୍ତି।

ଗଢ଼ିତୋଳିବାକୁ ଆହ୍ୱାନ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ଯୋଗଦେଇ ଉତ୍ତରାଞ୍ଚଳ ରାଜସ୍ୱ ଆୟୁକ୍ତ ସଂଗ୍ରାମ କେଶରୀ ମହାପାତ୍ର କହିଥିଲେ, ଗ୍ରାମର ବିକାଶ ବିନା ଦେଶର ପ୍ରଗତି ଅସମ୍ଭବ। ପଞ୍ଚାୟତିରାଜ ବ୍ୟବସ୍ଥା ମାଧ୍ୟମରେ ମହିଳାମାନଙ୍କୁ ସଶକ୍ତ କରିବା ଓ ଗ୍ରାମୀଣ ଅର୍ଥନୀତିକୁ ସୁଧାରିବା ସରକାରଙ୍କ ମୂଳ ଲକ୍ଷ୍ୟ। ଏହି ଅବସରରେ ଅନ୍ୟତମ ଅତିଥି ଭାବେ ରେଙ୍ଗାଲିର ପୂର୍ବତନ ବିଧାୟକ ନାଉରୀ ନାୟକ, ଜିଲା ପରିଷଦ ଉପାଧ୍ୟକ୍ଷ ମାଧବ ମିର୍ଦ୍ଧା, ଜିଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦର, ଆରକ୍ଷୀ ଅଧୀକ୍ଷକ ମୁକେଶ କୁମାର ଭାମୁ,

**ସମ୍ବଲପୁରରେ ଜିଲାସ୍ତରୀୟ ଜାତୀୟ ପଞ୍ଚାୟତିରାଜ ଦିବସ**

ମହାନଗର ନିଗମ ଆୟୁକ୍ତ ରେହାନ୍ ଖତ୍ରୀ ଏବଂ ଭାଜପା ଜିଲା ସଭାପତି ରାମଚନ୍ଦ୍ର ମେହେର ପ୍ରମୁଖ ମଞ୍ଚାସୀନ ଥିଲେ। ଏହି ଅବସରରେ ଅନ୍ତ୍ୟୋଦୟ ଗୃହ ଯୋଜନାରେ ଜିଲାର ପ୍ରାୟ ୧୪୩୦ ହିତାଧିକାରୀଙ୍କୁ କାର୍ଯ୍ୟାଦେଶ ପ୍ରଦାନ କରାଯାଇଥିଲା। ଗ୍ରାମୀଣ ଆବାସ ଯୋଜନା ୨୦୨୫-୨୬ କ୍ଷେତ୍ରରେ ଉଲ୍ଲେଖନୀୟ ପ୍ରଦର୍ଶନ ପାଇଁ କୁଚିଣ୍ଡା ବ୍ଲକ ପ୍ରଥମ, ମାନେଶ୍ୱର ବ୍ଲକ ଦ୍ୱିତୀୟ ଏବଂ ନାକଟିଦେଉଳ ବ୍ଲକକୁ ତୃତୀୟ ପୁରସ୍କାର ପ୍ରଦାନ କରାଯାଇଥିଲା। ସେହିପରି ବାଙ୍କେ, ଡାକରା ଓ ସରାପାଲି ପଞ୍ଚାୟତକୁ ଶ୍ରେଷ୍ଠ ପଞ୍ଚାୟତ ଭାବେ ପୁରସ୍କୃତ କରାଯାଇଥିଲା। କାର୍ଯ୍ୟକ୍ରମରେ ଜିଲାର ବହୁ ଜନପ୍ରତିନିଧି ଓ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ।

# ନାକଟିଦେଉଳରେ ବ୍ଲକ୍‌ସ୍ତରୀୟ ପଞ୍ଚାୟତିରାଜ ଦିବସ

ନାକଟିଦେଉଳ,୨୪।୪(ବୈକୁଣ୍ଠନାଥ ସାହୁ)

ସମ୍ବଲପୁର ଜିଲା ନାକଟିଦେଉଳ ବ୍ଲକ କାର୍ଯ୍ୟାଳୟ ପରିସରରେ ଶୁକ୍ରବାର ରାଜ୍ୟ ସରକାରଙ୍କ ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ ଆନୁକୂଲ୍ୟରେ ଜାତୀୟ ପଞ୍ଚାୟତିରାଜ ଦିବସ ପାଳିତ ହୋଇଯାଇଛି। ନୀତି ଆୟୋଗର ବ୍ଲକ ସଂଯୋଜକ କୃଷ୍ଣଚନ୍ଦ୍ର ପଣ୍ଡାଙ୍କ ସଂଯୋଜନାରେ ଆୟୋଜିତ ବ୍ଲକସ୍ତରୀୟ କାର୍ଯ୍ୟକ୍ରମରେ ନାକଟିଦେଉଳ ବ୍ଲକ ଅଧ୍ୟକ୍ଷା ସ୍ୱରୂପାରାଣୀ ସାହୁ, ବ୍ଲକ ଉପାଧ୍ୟକ୍ଷ ଜିତେନ୍ଦ୍ରିୟ ପ୍ରଧାନ, ବିଡିଓ ଆକାଶ ରଞ୍ଜନ ସାହୁ, ସମ୍ବଲପୁର ଏମ୍‌ପିଙ୍କ ବ୍ଲକ ପ୍ରତିନିଧି ନେତ୍ରାନନ୍ଦ ରାଉଳ, ସାହେବି ସରପଞ୍ଚ ରାମ ପ୍ରସାଦ ସାହୁ ଏବଂ ସିଡିପିଓ ରେବତୀ ବେହେରା ପ୍ରମୁଖ ଅତିଥି ଭାବେ ଯୋଗଦେଇ ପଞ୍ଚାୟତିରାଜ ଦିବସର ଆଭିମୁଖ୍ୟ ଉପରେ ଆଲୋକପାତ କରିଥିଲେ। ଏଥିସହ ତୃଣମୂଳସ୍ତରରୁ ପଞ୍ଚାୟତିରାଜ ବ୍ୟବସ୍ଥାର ସୁଦୃଢ଼ୀକରଣ ସହିତ ପଞ୍ଚାୟତ ପ୍ରତିନିଧି ଏବଂ ଜନସାଧାରଣଙ୍କ ମିଳିତ ସହଭାଗିତାରେ ପଞ୍ଚାୟତର ବିକାଶ ହୋଇପାରିବ ବୋଲି କହିଥିଲେ। ଅନ୍ୟପକ୍ଷରେ ପଞ୍ଚାୟତିରାଜ



ବ୍ୟବସ୍ଥାରେ ରହିଥିବା ବିଭିନ୍ନ ଯୋଜନାର ସୁଫଳ ଗ୍ରାମାଞ୍ଚଳର ସମସ୍ତ ଜନସାଧାରଣ ଏବଂ ହିତାଧିକାରୀମାନଙ୍କ ନିକଟରେ ଯେପରି ପହଞ୍ଚି ପାରିବ ସେ ନେଇ ସମସ୍ତେ ମିଳିତ ଭାବେ କାର୍ଯ୍ୟ କରିବା ଉପରେ ଗୁରୁତ୍ୱାରୋପ କରିଥିଲେ। ଏହି ଅବସରରେ ବ୍ଲକର ୧୪ ପଞ୍ଚାୟତର ବିଭିନ୍ନ ଗ୍ରାମର ୧୫୨ଜଣ ହିତାଧିକାରୀଙ୍କୁ ଅନ୍ତ୍ୟୋଦୟ ଗୃହ ଯୋଜନାରେ କାର୍ଯ୍ୟାଦେଶ ବଣ୍ଟନ ହେବା ରହିଛି। କାର୍ଯ୍ୟକ୍ରମରେ ୫୫ ଜଣ ହିତାଧିକାରୀଙ୍କୁ ଏହି କାର୍ଯ୍ୟାଦେଶ ବଣ୍ଟନ କରାଯାଇଥିଲା। ଏଥିସହ ଅନ୍ତ୍ୟୋଦୟ ଗୃହ ଯୋଜନାରେ ଘର କାମ ଠିକ୍ ସମୟରେ ଶେଷ କରିଥିବା ୨ ହିତାଧିକାରୀଙ୍କୁ ୨୦ ହଜାର ଏବଂ ୨ ହିତାଧିକାରୀଙ୍କୁ ୧୦ ହଜାର ଟଙ୍କା ଲେଖାଏ ପ୍ରୋତ୍ସାହନ ରାଶି ପ୍ରଦାନ କରାଯାଇଥିଲା। କାର୍ଯ୍ୟକ୍ରମ ପ୍ରାରମ୍ଭରେ ବଲାଙ୍ଗୀରଠାରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କଙ୍କ ଦ୍ୱାରା ଉଦ୍‌ଘାଟିତ ଜାତୀୟ ପଞ୍ଚାୟତିରାଜ ଦିବସ କାର୍ଯ୍ୟକ୍ରମର ସିଧା ପ୍ରସାରଣ କରାଯାଇଥିଲା। ଏବିଡିଓ ବିଦ୍ୟାଧର ରାଉତରାୟ ଧନ୍ୟବାଦ ଦେଇଥିବାବେଳେ ଏଥିରେ ବିଭିନ୍ନ ହିତାଧିକାରୀ, ସିଆର୍‌ପି, ଏମ୍‌ବିକେ, ପଞ୍ଚାୟତ ପ୍ରତିନିଧି, ପିଇଓ ଏବଂ ବ୍ଲକର ସମସ୍ତ କର୍ମଚାରୀ ଉପସ୍ଥିତ ଥିଲେ।

## ସଂକ୍ଷେପରେ

### ହାତୀ ଆକ୍ରମଣରେ ଜଣେ ମହିଳା ମୃତ

ପଡିଆବାହାଲ,୨୪।୪(ରାଧାମୋହନ ଷଡଙ୍ଗୀ)

ଝୁଝୁମୁରା ଥାନା ଅନ୍ତର୍ଗତ ପଡିଆବାହାଲ ବନଖଣ୍ଡ, ପଡିଆବାହାଲ ସେକ୍ସନ ମେଘପାଳ ନିକଟ କୁଲଚର ସଂରକ୍ଷିତ ଜଙ୍ଗଲକୁ ଦାଉପଡାରେ ଶୁକ୍ରବାର ଜଣେ ମହିଳାଙ୍କୁ ହାତୀ ଦଳି ଦେବାରୁ ମୃତ୍ୟୁ ଘଟିଛି। ସେ ହେଲେ ବିଶ୍ୱାସୀ କାଣ୍ଡୁଳନା (୫୪)। ବିଶ୍ୱାସୀଙ୍କ ସହ ଅନ୍ୟ କେତେଜଣ ମହିଳା କେନ୍ଦୁପତ୍ର ସଂଗ୍ରହ କରିବାକୁ ଜଙ୍ଗଲକୁ ଯାଇଥିଲେ। ସେଠାରେ କେନ୍ଦୁପତ୍ର ତୋଳାଳୀମାନେ ହାତୀ ହାବୁଡ଼ରେ ପଡି ଖସି ପଳାଇ ଆସିଥିଲେ। ମାତ୍ର ବିଶ୍ୱାସୀଙ୍କୁ ହାତୀ ଦଳି ଦେଇଥିଲା। ଖବରପାଇ ବନ ବିଭାଗ କର୍ମଚାରୀ ଗ୍ରାମବାସୀ ଓ ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ଡାକ୍ତରଖାନାକୁ ପଠାଇଛି। ବିଭାଗୀୟ କାର୍ଯ୍ୟବିଧି ପରେ ଅନୁକମ୍ପା ରାଶି ମିଳିବ ବୋଲି ଉପସ୍ଥିତ ରେଞ୍ଜର ସୁନୀଲ ଖିଲାରୀ କହିଛନ୍ତି। ହାତୀ ଚଳପ୍ରଚଳ ୱାଟ୍ସଅପ ଗ୍ରୁପ ଜରିଆରେ ବର୍ତ୍ତମାନ ମୁର୍ଗାବାଗିରେ ଗୋଟିଏ, ଲଦଲଦୀ ଜଙ୍ଗଲରେ ୨୫ଘର, ଖଇରମାଳରେ ୨ ଘର, ଗୋବର୍ଦ୍ଧନ ବଡ଼ମାଲରେ ହାତୀ ଥିବା ଜଣାପଡ଼ିଛି।

### ଜଣେ ଗିରଫ, ନାବାଳକ ଅଟକ

**ପୂର୍ବଶତ୍ରୁତାରୁ ଯୁବକଙ୍କୁ ଭୁଜାଲିରେ ମରଣାନ୍ତକ ଆକ୍ରମଣ ଘଟଣା**

ସମ୍ବଲପୁର,୨୪।୪(ପ୍ରମୋଦ ବହିଦାର)

ପୂର୍ବ ଶତ୍ରୁତାକୁ କେନ୍ଦ୍ରକରି ବୁର୍ଲା ଥାନା ଅନ୍ତର୍ଗତ ଅଠରହଜାର ଅଞ୍ଚଳରେ ଗୁରୁବାର ରାତିରେ ଘଟିଥିବା ଭୁଜାଲିରେ ମରଣାନ୍ତକ ଆକ୍ରମଣ ଘଟଣାରେ ପୋଲିସ ଜଣେ ଅଭିଯୁକ୍ତଙ୍କୁ ଗିରଫ କରିବା ସହ ଜଣେ ନାବାଳକଙ୍କୁ ଅଟକ ରଖିଛି। ଗିରଫ ଅଭିଯୁକ୍ତ ଜଣକ ହେଲେ ବୁର୍ଲା ଥାନା ଅନ୍ତର୍ଗତ ତେଲଗୁପଡ଼ର ତୁଷାର ନାୟକ (୨୨)। ଘଟଣାରେ ଆହତ ହୋଇଥିବା ଯୁବକ ଜଣକ ବର୍ତ୍ତମାନ ବୁର୍ଲା ଭିମସାରରେ ଚିକିତ୍ସିତ ହେଉଛନ୍ତି। ଏ ସଂକ୍ରାନ୍ତରେ ପୋଲିସ ବୁର୍ଲା ଥାନାରେ ନଂ. ୧୭୯/୨୬ରେ ମାମଲା ରୁଜୁ କରି ଘଟଣାର ତଦନ୍ତ ଜାରି ରଖିଛି। ପୂର୍ବ ଶତ୍ରୁତା ହିଁ ଏହି ଆକ୍ରମଣ ମୁଖ୍ୟ କାରଣ ବୋଲି ପୋଲିସ ପକ୍ଷରୁ ସୂଚନା ମିଳିଛି।

### ଯୁବ ବିଜେଡି କର୍ମକର୍ତ୍ତାଙ୍କ ପିତାଙ୍କ ପରଲୋକ

ସମ୍ବଲପୁର,୨୪।୪(ପ୍ରମୋଦ ବହିଦାର)

ପୂର୍ବତନ ମନ୍ତ୍ରୀ ତଥା ବିଜେଡି ଜିଲା ସଭାପତି ଇଂ. ରୋହିତ ପୂଜାରୀ ବିଜେଡିର ଯୁବ କର୍ମକର୍ତ୍ତା ତଥା ଯୁବ ବ୍ୟବସାୟୀ ଅଂଶୁମାନ ବେହେରାଙ୍କ ପିତାଙ୍କ ପରଲୋକରେ ଗଭୀର ଶୋକ ପ୍ରକଟ କରିଛନ୍ତି। ଇଂ. ପୂଜାରୀ ତାଙ୍କ ଶୋକବାର୍ତ୍ତାରେ କହିଛନ୍ତି, ସମ୍ବଲପୁର ଯୁବ ବିଜେଡି କର୍ମକର୍ତ୍ତା ଅଂଶୁମାନଙ୍କ ପିତା ବିଜୟଙ୍କ ପରଲୋକ ଖବର ଶୁଣି ସେ ଗଭୀର ମର୍ମାହତ ଏବଂ ଦୁଃଖିତ। ଏଭଳି ଅସମୟରେ ଅଂଶୁମାନ ଏବଂ ତାଙ୍କ ପରିବାର ବର୍ଗଙ୍କୁ ଗଭୀର ସମବେଦନା ଜଣାବା ସହିତ ବିଜୟଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ମା' ସମଲେଶ୍ୱରୀ ଓ ପ୍ରଭୁ ଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରିଛନ୍ତି।

# ପଞ୍ଚାୟତିରାଜ ବ୍ୟବସ୍ଥା ଗ୍ରାମାଞ୍ଚଳର ବିକାଶକୁ ଦ୍ୱିଗୁଣିତ କରିଛି

**କୁଚିଣ୍ଡାରେ ବ୍ଲକସ୍ତରୀୟ ପଞ୍ଚାୟତିରାଜ ଦିବସ**

କୁଚିଣ୍ଡା,୨୪।୪(ବିରଞ୍ଚି ଦର୍ଶୀ)

ସମ୍ବଲପୁର ଜିଲା କୁଚିଣ୍ଡା ଟାଉନ ହଲଠାରେ ଶୁକ୍ରବାର ସନ୍ଧ୍ୟାରେ କୁଚିଣ୍ଡା ପଞ୍ଚାୟତ ସମିତି ପକ୍ଷରୁ ବ୍ଲକସ୍ତରୀୟ ଜାତୀୟ ପଞ୍ଚାୟତିରାଜ ଦିବସ ପାଳିତ ହୋଇଯାଇଛି। କୁଚିଣ୍ଡା ବିଡିଓ ଜୟନ୍ତ ସାହୁଙ୍କ ସଭାପତିତ୍ୱରେ ହୋଇଥିବା କାର୍ଯ୍ୟକ୍ରମରେ ଉପଜିଲାପାଳ ସରୱନନ ସ ମୁଖ୍ୟଅତିଥି, ପଞ୍ଚାୟତ ସମିତି ଅଧ୍ୟକ୍ଷ ଭୁବନେଶ୍ୱର କିଷାନ, ଉପାଧ୍ୟକ୍ଷା ରଶ୍ମିତା ନାଏକ, ଏମ୍‌ପି ପ୍ରତିନିଧି ରୁଦ୍ର ପ୍ରତାଓ ଦେଓ, ବିଧାୟକଙ୍କ ପ୍ରତିନିଧି ସୁଶିଳ କର, ଜିଲାପରିଷଦ ସଭ୍ୟ ଦିବ୍ୟରାଜ କିଷାନ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଅତିଥିମାନେ ଜାତୀୟ ପଞ୍ଚାୟତିରାଜ ଦିବସ ସମ୍ପର୍କରେ ସୂଚନା ଦେବାସହ ସମ୍ବିଧାନର ୭୩ତମ ସଂଶୋଧନ ଦ୍ୱାରା ପଞ୍ଚାୟତିରାଜ ବ୍ୟବସ୍ଥା ସୁଦୃଢ଼ ହୋଇ ଗ୍ରାମାଞ୍ଚଳର ବିକାଶକୁ ଦ୍ୱିଗୁଣିତ କରିଥିବା କହିଥିଲେ। ଏହାଛଡା ଏହି ଦିନଟି ଭାରତୀୟ ଗଣତାନ୍ତ୍ରିକ ବ୍ୟବସ୍ଥାର ଏକ ମହାନ ଦିନ ବୋଲି କହି ପ୍ରତ୍ୟେକଟି ସରକାରୀ କାର୍ଯ୍ୟକ୍ରମରେ ସମସ୍ତଙ୍କ ସହଯୋଗ ନିତାନ୍ତ ଆବଶ୍ୟକ



କାର୍ଯ୍ୟକ୍ରମରେ ଯୋଗଦେଇଥିବା ଅତିଥିମାନେ।

ବୋଲି ସେମାନେ କହିଥିଲେ। ଏହି ଅବସରରେ ପଞ୍ଚାୟତ ସମିତି ପକ୍ଷରୁ ଆୟୋଜିତ ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ। ପରେ ମୁଖ୍ୟମନ୍ତ୍ରୀଙ୍କ ଆଭାସୀର ସିଧାପ୍ରସାରଣ ଉପସ୍ଥିତ ଜନସାଧାରଣଙ୍କ ପାଇଁ ପ୍ରଦର୍ଶିତ ହୋଇଥିଲା। କାର୍ଯ୍ୟକ୍ରମରେ ବିଭିନ୍ନ ପଞ୍ଚାୟତର ୧୬୫ ଜଣ ହିତାଧିକାରୀଙ୍କୁ ଅନ୍ତ୍ୟୋଦୟ ଗୃହ ଯୋଜନାରେ କାର୍ଯ୍ୟାଦେଶ ବଣ୍ଟନ ସହ ୧୦ ଜଣଙ୍କୁ ଶ୍ରମିକ କାର୍ଡ ଓ ୩୨ ଜଣଙ୍କୁ ବିଭିନ୍ନ ଭତ୍ତା ବଣ୍ଟନ କରାଯାଇଥିଲା। ଶେଷରେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା।

## ବାଉରିଗୋଡ଼ାରେ ପଞ୍ଚାୟତିରାଜ ଦିବସ

ସମ୍ବଲପୁର ଜିଲା କୁଚିଣ୍ଡା ବ୍ଲକ ବାଉରୀଗୋଡା ପଞ୍ଚାୟତ କାର୍ଯ୍ୟାଳୟ ରାଜୀବ ଭବନଠାରେ ଶୁକ୍ରବାର ସମ୍ବଲପୁର ଯୁବଭାରତ ପକ୍ଷରୁ ଜାତୀୟ ପଞ୍ଚାୟତିରାଜ ଦିବସ ପାଳିତ ହୋଇଯାଇଛି। ସରପଞ୍ଚ ଗୋବର୍ଦ୍ଧନ ବାଘଙ୍କ ସଭାପତିତ୍ୱରେ ହୋଇଥିବା କାର୍ଯ୍ୟକ୍ରମରେ କୁଚିଣ୍ଡା ବିଡିଓ ଜୟନ୍ତ କୁମାର ସାହୁ ମୁଖ୍ୟଅତିଥି, ସାମାଜିକ କର୍ମୀ ସୁବାସ ଚନ୍ଦ୍ର ନାୟକ ମୁଖ୍ୟବକ୍ତା, ସମିତିସଭ୍ୟ ପରେଶ ପଟେଲ, ଯୁବଭାରତ ଅନୁଷ୍ଠାନର ଯୁବ ଅଧିକାରୀ ପ୍ରସନ୍ନ ମେହେର, ଇନ୍ଦ୍ରଜିତ ପଟେଲ, ସହକାରୀ କାର୍ଯ୍ୟନିର୍ବାହୀ ଯନ୍ତ୍ରୀ ପ୍ରଜ୍ଞା ପରମିତା ନାୟକ, କୃଷି କ୍ଷେତ୍ର ପରିଦର୍ଶକ ମନୋଜ ବାଘ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଅତିଥିମାନେ ତାଙ୍କ ବକ୍ତବ୍ୟରେ କହିଥିଲେ, ସମ୍ବିଧାନ ସଂଶୋଧନ ଦ୍ୱାରା ତ୍ରିସ୍ତରୀୟ ପଞ୍ଚାୟତିରାଜ ବ୍ୟବସ୍ଥା ସୁଦୃଢ଼ ହୋଇ ମହାତ୍ମାଗାନ୍ଧୀଙ୍କ ଗ୍ରାମ୍ୟ ସ୍ୱରାଜକୁ ସଫଳତା ମିଳିଛି। ତେଣୁ ଗ୍ରାମସଭାରେ ଯୁବ ସମାଜଙ୍କ ଅଂଶଗ୍ରହଣ ଦ୍ୱାରା ଅଞ୍ଚଳର ଅଧିକରୁ ଅଧିକ ବିକାଶ ହୋଇପାରିବ ବୋଲି କହିଥିଲେ। କାର୍ଯ୍ୟକ୍ରମକୁ ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ସଦାନନ ସାହୁ ପରିଚାଳନା କରିଥିଲେ। ପରେ ଯୁବଗୋଷ୍ଠୀଙ୍କୁ ନେଇ ଏକ ମଡେଲ ଗ୍ରାମସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ଶତାଧିକ ପଞ୍ଚାୟତର ଯୁବଗୋଷ୍ଠୀ ଅଂଶଗ୍ରହଣ କରିଥିଲେ। ଶେଷରେ ପ୍ରକୃତିବନ୍ଧୁ ସରୋଜ ମେହେର ଧନ୍ୟବାଦ ଦେଇଥିଲେ।

# କାର୍ ଧକ୍କାରେ ଏମ୍‌ସିଏଲ୍ କର୍ମଚାରୀଙ୍କ ମୃତ୍ୟୁ

ସମ୍ବଲପୁର,୨୪।୪(ପ୍ରମୋଦ ବହିଦାର)

ବୁର୍ଲାଥାନ ଅନ୍ତର୍ଗତ ପିସିବ୍ରିଜ ଛକ ନିକଟରେ ଶୁକ୍ରବାର ଏକ କାର ଧକ୍କାରେ ଜଣେ ଏମ୍‌ସିଏଲ କର୍ମଚାରୀଙ୍କ ମୃତ୍ୟୁ ଘଟିଛି। ମୃତକ ହେଉଛନ୍ତି ଏମ୍‌ସିଏଲ ଜଣେ ବରିଷ୍ଠ କର୍ମଚାରୀ ତିରୁପତି ପ୍ରସାଦ ରାଓ (୫୯)। ପୋଲିସ ସୂତ୍ରରୁ ପ୍ରକାଶ, ରାଓ ଜାଗୃତିବିହାରସ୍ଥିତ ଏମ୍‌ସିଏଲ ମୁଖ୍ୟ କାର୍ଯ୍ୟାଳୟରୁ ମଧ୍ୟାହ୍ନ ଭୋଜନ ପାଇଁ ଆନନ୍ଦବିହାର ନିଜ ସରକାରୀ ବାସଭବନକୁ ଆସିଥିଲେ। ଭୋଜନ ସାରି ସେ ସ୍କୁଟି ଯୋଗେ ପୁଣି କାର୍ଯ୍ୟସ୍ଥଳକୁ ଫେରୁଥିବା ବେଳେ ଅପରାହ୍ନରେ ପଛପଟୁ ଆସୁଥିବା ଏକ କାର୍ ତାଙ୍କୁ ଧକ୍କା ଦେଇଥିଲା। ଦୁର୍ଘଟଣା ଘଟାଇଥିବା କାର ଏମ୍‌ସିଏଲ ଜଣେ ଅଧିକାରୀଙ୍କର ବୋଲି ଚର୍ଚ୍ଚା ହେଉଛି। ଦୁର୍ଘଟଣା ପରେ ସେଠାରେ ନିୟୋଜିତ ପୋଲିସ କର୍ମଚାରୀମାନେ ଗୁରୁତର ଆହତ ରାଓଙ୍କୁ ଉଦ୍ଧାର କରି ତୁରନ୍ତ ବୁର୍ଲା ଭିମସାରକୁ ନେଇଥିଲେ। ମାତ୍ର ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ପୋଲିସ ବର୍ତ୍ତମାନ ଦୁର୍ଘଟଣା ଘଟାଇଥିବା କାରକୁ ଜବତ କରିବା ସହ ସିସିଟିଭି ଫୁଟେଜ ଆଧାରରେ ଘଟଣାର ତଦନ୍ତ ଜାରି ରଖିଛି। ପୋଲିସ ତାଙ୍କ ପରିବାର ଲୋକଙ୍କୁ ଖବର ଦେଇଥିଲା। ଏହାସହ ମୃତଦେହକୁ ଜବତ କରି ବର୍ତ୍ତମାନ ଭିମସାର ଶବ ସଂରକ୍ଷଣ ଗୃହରେ ରଖାଯାଇଛି। ଶନିବାର ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯିବ। ଏହି ଘଟଣାକୁ ନେଇ ଏପର୍ଯ୍ୟନ୍ତ ଥାନାରେ ମାମଲା ରୁଜୁ ହୋଇ ନ ଥିବା ପୋଲିସ କହିଛି। ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି।

# ରଘୁନାଥ ଜୀଉ ମନ୍ଦିର, ବିଗ୍ରହ ପ୍ରତିଷ୍ଠା



ରେଢ଼ାଖୋଲ,୨୪।୪ (ସନ୍ତୋଷ ବଘାର)

ରେଢ଼ାଖୋଲ ସହରରେ ରଘୁନାଥ ଜୀଉ ମନ୍ଦିର ଏବଂ ବିଗ୍ରହ ପ୍ରତିଷ୍ଠା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ରେଢ଼ାଖୋଲ ଯଦୁମଣିପାଟଣାସ୍ଥିତ ରଘୁନାଥ ଜୀଉ ମନ୍ଦିର ନିର୍ମାଣ ସରିବା ପରେ ମନ୍ଦିର ପ୍ରତିଷ୍ଠା ଏବଂ ପ୍ରଭୁ ରାମଚନ୍ଦ୍ର, ମାତା ସୀତା, ଭ୍ରାତା ଲକ୍ଷଣ, ହନୁମାନଙ୍କ ବିଗ୍ରହ ପ୍ରତିଷ୍ଠା ହୋଇଯାଇଛି। ଏ ନେଇ ଗତ ସୋମବାର ମନ୍ଦିର ପରିସରରେ ବ୍ରାହ୍ମଣମାନଙ୍କ ଦ୍ୱାରା ଅଙ୍କୁରାରୋପଣ, ବୁଧବାର କଳସ ଯାତ୍ରା ଆରମ୍ଭ ହୋଇଥିଲା। ଗୁରୁବାର ନାମଆରମ୍ଭ, ସୂର୍ଯ୍ୟପୂଜା, ଗୋ ପୂଜା ଏବଂ ମନ୍ଦିର ପ୍ରତିଷ୍ଠା କରାଯାଇଥିଲା। ଏହି ଉପଲକ୍ଷେ ଅଷ୍ଟପ୍ରହର ନାମଯଜ୍ଞ ହୋଇଥିଲା। ଏଥିରେ ଆଖପାଖ ଅଞ୍ଚଳର ବହୁ ସଙ୍କୀର୍ତ୍ତନ ଦଳ ଯୋଗଦେଇଥିଲେ। ଶୁକ୍ରବାର ସକାଳେ ବିଗ୍ରହ ପ୍ରାଣ ପ୍ରତିଷ୍ଠା କରାଯାଇ ସିଂହାସନ ବିଜେ କରାଯାଇଥିଲା। ଏହି ଉତ୍ସବରେ ଅରୁଣ ପ୍ରଧାନ, ମନୋଜ ରାୟ, ସୁବାସ ପଣ୍ଡା, ମହାବୀର ସିଂ ଦେଓ, ବଣ୍ଟି ସିଂ, ପ୍ରଦୀପ ପ୍ରଧାନ, ଛବିଳ ପ୍ରଧାନ, ତୁଷାର ପ୍ରଧାନ, ବିଗ୍ରହ ପ୍ରାଣ ପ୍ରତିଷ୍ଠା ଉତ୍ସବ କମିଟିର ସଦସ୍ୟ ବୃନ୍ଦ ଏବଂ ରେଢ଼ାଖୋଲ ବାସୀଙ୍କ ମିଳିତ ସହଯୋଗରେ ଏହା ଅନୁଷ୍ଠିତ ହୋଇଯାଇଛି।

# ରଥଯାତ୍ରା ପ୍ରସ୍ତୁତି କମିଟି ବୈଠକ

ରେଢ଼ାଖୋଲ,୨୪।୪(ସନ୍ତୋଷ ବଘାର)

ରେଢ଼ାଖୋଲ ଦେବୋତ୍ତର ବିଭାଗ ପକ୍ଷରୁ ଶୁକ୍ରବାର ରଥଯାତ୍ରା ପ୍ରସ୍ତୁତି କମିଟି ବୈଠକ ଉପଜିଲାପାଳଙ୍କ ସଭା ଗୃହରେ ଅନୁଷ୍ଠିତ ହୋଇଯାଇଛି। ଉପଜିଲାପାଳ ରଶ୍ମି ରଞ୍ଜନ ମହାନ୍ତଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଆଗାମୀ ରଥଯାତ୍ରା କିପରି ସୁରୁଖୁରୁରେ କରାଯିବ ସେ ନେଇ ପ୍ରସ୍ତୁତି ଖସଡ଼ା କରାଯାଇଥିଲା। ନୂତନ ରଥ ନିର୍ମାଣ ପାଇଁ କାଠ ସଂଗ୍ରହ କରାଯିବା, ଯାତ୍ରା ସମୟରେ ସୁରକ୍ଷାକୁ ଦୃଷ୍ଟି ଦିଆଯିବା, ଟ୍ରାଫିକ୍ ସମସ୍ୟା, ପାନୀୟ ଜଳର ବ୍ୟବସ୍ଥା, ଠାକୁରଙ୍କ ନୀତିକାନ୍ତି, ରଥ ନିର୍ମାଣ ଏବଂ ରଙ୍ଗ କାର୍ଯ୍ୟ ସମୟ ମଧ୍ୟରେ ସମ୍ପୂର୍ଣ୍ଣ କରାଯିବା, କଦମ୍ବ ପଡିଆରେ ମୀନବଜାର ଏବଂ ଅସ୍ଥାୟୀ ଦୋକାନ ବଜାରର ଅନୁମତି, ସମୟ ମଧ୍ୟରେ ପହଣ୍ଡି ସାରିବା, ମାଉସୀ ମା'ମନ୍ଦିରର ପରିଚ୍ଛନ୍ନତା ଉପରେ ଆଲୋଚନା ହୋଇଥିଲା। ବିଭିନ୍ନ ବିଭାଗଗୁଡିକ କିପରି ସୂଚାରୁ ରୂପେ ଦାୟିତ୍ୱ ବଣ୍ଟନ କରି କାର୍ଯ୍ୟ ସାରିବେ ସେ ଉପରେ ଆଲୋଚନା ହୋଇଥିଲା। ତହସିଲଦାର ରାମ ଗୋବିନ୍ଦ ପରିଡା, ଥାନା ଅଧିକାରୀ ସଞ୍ଜୟ ନାୟକ, ନିର୍ବାହୀ ଅଧିକାରୀ ରଞ୍ଜନ ମାର୍ଥା, ବ୍ରହ୍ମ ସମାଜ ସଭାପତି ହରିଶଙ୍କର ହୋତା, ବ୍ଲକ ଅଧ୍ୟକ୍ଷ ପ୍ରଦୀପ ପ୍ରଧାନ, ଏନ୍‌ଏସି ଅଧ୍ୟକ୍ଷ ଶିବରାମ ସାହୁ, ଦେବୋତ୍ତର ସଦସ୍ୟ ଅନାଦି ସାହ, ପୂଜକ ପ୍ରଶାନ୍ତ ରଥ, ମ୍ୟାନେଜର ରାଜେଶ ସାହୁ, ପୂର୍ତ୍ତ ବିଭାଗ ପଦାଧିକାରୀ ଯୋଗଦେଇଥିଲେ।

# ଅଂଶୁଘାତରେ ପୁଣି ଜଣେ ବ୍ୟକ୍ତିଙ୍କ ମୃତ୍ୟୁ ସନ୍ଦେହ

ସମ୍ବଲପୁର,୨୪।୪ (ପ୍ରମୋଦ ବହିଦାର)

- କ୍ଷେତରେ କାମ ସାରି ଘରକୁ ଫେରି ଅସୁସ୍ଥ ହୋଇ ପଡ଼ିଲେ ବୃଦ୍ଧ
- ବ୍ୟବଚ୍ଛେଦ ରିପୋର୍ଟରୁ ଜଣାପଡ଼ିବ ମୃତ୍ୟୁର ପ୍ରକୃତ କାରଣ

ପ୍ରବଳ ଗ୍ରୀଷ୍ମ ପ୍ରବାହ ଜନିତ ଅଂଶୁଘାତ ଯୋଗୁ ଜଣେ ବୃଦ୍ଧଙ୍କ ମୃତ୍ୟୁ ହୋଇଥିବା ସନ୍ଦେହ କରାଯାଉଛି। ମୃତକ ଜଣକ ହେଉଛନ୍ତି ଶାସନଥାନା ଅନ୍ତର୍ଗତ ମୁରା ଗ୍ରାମର ରାମଚନ୍ଦ୍ର ଛତର(୭୨)। ତାଙ୍କ ପରିବାର ଲୋକଙ୍କଠାରୁ ମିଳିଥିବା ସୂଚନା ଅନୁଯାୟୀ, ଶୁକ୍ରବାର ସକାଳୁ ବୃଦ୍ଧ ରାମଚନ୍ଦ୍ର କ୍ଷେତକୁ ଯାଇ କାମ ସାରି ଅପରାହ୍ନ ପ୍ରାୟ ୪ଟା ଘରକୁ ଫେରିଥିଲେ। ଘରକୁ ଫେରିଲା ପରେ ସେ ହଠାତ୍ ଗୁରୁତର ଅସୁସ୍ଥ ହୋଇପଡ଼ିଥିଲେ। ଫଳରେ ପରିବାର ଲୋକେ ତାଙ୍କୁ ତୁରନ୍ତ ପରମାଣପୁର ପ୍ରାଥମିକ ଚିକିତ୍ସାଳୟକୁ ନେଇ ପରେ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ମାତ୍ର ଏଠାରେ ତାଙ୍କ ସ୍ୱାସ୍ଥ୍ୟ ଅବସ୍ଥା ସଙ୍କଟାପନ୍ନ ହେବାରୁ ଡାକ୍ତର ତାଙ୍କୁ ବୁର୍ଲା ଭିମ୍‌ସାରକୁ ସ୍ଥାନାନ୍ତର ପାଇଁ ପରାମର୍ଶ ଦେଇଥିଲେ। ଏଥିପାଇଁ ପ୍ରସ୍ତୁତି ଚାଲିଥିବା ବେଳେ ଆମ୍ବୁଲାନ୍ସ ଆସିବା ପୂର୍ବରୁ ଚିକିତ୍ସାଧିନ ଅବସ୍ଥାରେ ତାଙ୍କ ମୃତ୍ୟୁ ଘଟିଥିଲା। ଖବରପାଇ ଟାଉନ ଥାନା ପୋଲିସ ଡାକ୍ତରଖାନାରେ ପହଞ୍ଚି ମୃତଦେହକୁ ଜବତ କରିଛି। ଶନିବାର ତାଙ୍କର ମୃତଦେହ ବ୍ୟବଚ୍ଛେଦ କରାଯିବ। ଅପରପକ୍ଷରେ ଏହାକୁ ଅଂଶୁଘାତ ଜନିତ ମୃତ୍ୟୁ ବୋଲି ପରିବାର ଲୋକେ ସନ୍ଦେହ କରୁଥିବା ବେଳେ ବ୍ୟବଚ୍ଛେଦ ରିପୋର୍ଟ ଆସିଲା ପରେ ମୃତ୍ୟୁର ପ୍ରକୃତ କାରଣ ଜଣାପଡ଼ିବ ବୋଲି ପୋଲିସ ଓ ଡାକ୍ତର କହିଛନ୍ତି।

# ବାଳିକାରେ ମେହେର ଆସୋସିଏଶନ, ବାଳକରେ ହୀରାକୁଦ କ୍ରୀଡ଼ା ସଂଘ ଚାମ୍ପିୟନ

ସମ୍ବଲପୁର,୨୪।୪(ବି.ଶଙ୍କର)

ଓଡ଼ିଶା ସରକାରଙ୍କ କ୍ରୀଡ଼ା ଓ ଯୁବ ସେବା ବିଭାଗ ଏବଂ ଜିଲା କ୍ରୀଡ଼ା ସଂଘର ମିଳିତ ଆନୁକୂଲ୍ୟରେ ଆୟୋଜିତ ଜିଲାସ୍ତରୀୟ ଅନ୍ତଃ କ୍ଲବ ୧୪ବର୍ଷରୁ କମ ମୁଖ୍ୟମନ୍ତ୍ରୀ କପ ଫୁଟ୍‌ବଲ ଟୁର୍ନାମେଣ୍ଟ ଶୁକ୍ରବାର ଫାଇନାଲ ଖେଳ ଅନୁଷ୍ଠିତ ହୋଇଯାଇଛି। ବାଳିକା ବର୍ଗରେ ମେହେର ଆସୋସିଏଶନ ଏବଂ ବାଳକ ବିଭାଗରେ ହୀରାକୁଦ କ୍ରୀଡା ସଂଘ ଚାମ୍ପିୟନ ଟ୍ରଫି ହାସଲ କରିଛି। ସ୍ଥାନୀୟ ବୀର ସୁରେନ୍ଦ୍ର ସାଏ ଷ୍ଟାଡିୟମଠାରେ ବାଳକ ବର୍ଗର ଫାଇନାଲ ମ୍ୟାଚ ହୀରାକୁଦ କ୍ରୀଡା ସଂଘ ବନାମ ମେହେର ଆସୋସିଏଶନ ମଧ୍ୟରେ ଏକତରଫା ହୋଇଥିଲା। ଶେଷରେ ହୀରାକୁଦ ୫-୧ ଗୋଲରେ ବିଜୟୀ ହୋଇ ଚଳିତବର୍ଷର ଚାମ୍ପିୟନ ହୋଇଥିବା ବେଳେ ମେହେର ଆସୋସିଏଶନ ରନର୍ସଅପ ହୋଇଛି। ଫାଇନାଲ ମ୍ୟାଚକୁ ରେଫରୀ ଅରୁଣ ଭୋଇ, ଅସୀତ କୁମାର ସାହୁ, ପରେଶ ପ୍ରଧାନ, ଜୟନ୍ତ କୁମାର ପିଙ୍ଗ, ଭାରତୀ



ସମ୍ବଲପୁର ବୀର ସୁରେନ୍ଦ୍ର ସାଏ ଷ୍ଟାଡିୟମଠାରେ ବାଳକ ବର୍ଗର ଚାମ୍ପିୟନ ହୀରାକୁଦ ଦଳ ଅତିଥିଙ୍କ ସହ।

ଓରାମ, ସୁନିତା ଓରାମ, ଅଜୟ ମାଝୀ ଓ ବିଜୟ ଓରାମ ପରିଚାଳନା କରିଥିଲେ। ସେହିପରି ବାଳିକା ବିଭାଗରେ ମେହେର ଆସୋସିଏଶନ ୧୪ ପଏଣ୍ଟ ଏବଂ ଏଞ୍ଜେଲ ଫୁଟ୍‌ବଲ ଏକାଡେମୀ ମୋଟ ୧୨ ପଏଣ୍ଟ ହାସଲ କରିଥିଲେ। ତେଣୁ ଫାଓ ନିୟମାନୁସାରେ ମେହେର ଆସୋସିଏଶନ ବିଜୟୀ ହୋଇ ଚାମ୍ପିୟନ ଏବଂ ଏଞ୍ଜେଲ ଫୁଟବଲ ଏକାଡେମୀ ରନର୍ସଅପ ହୋଇଛି। ଜିଲା କ୍ରୀଡାସଂଘ ଫୁଟ୍‌ବଲ ସମ୍ପାଦକ ଅବଦୁଲ ଗଫରଙ୍କ ସଂଯୋଜନା ଏବଂ ପୁରୁଖା ଫୁଟ୍‌ବଲ ଖେଳାଳି ସୁବ୍ରତ ଚାନ୍ଦଙ୍କ ସଂଯୋଜନାରେ ପୁରସ୍କାର ବିତରଣୀ ଉତ୍ସବ ହୋଇଥିଲା। ଏଥିସହ ସମ୍ବଲପୁର ବିଧାୟକ ଜୟନାରାୟଣ ମିଶ୍ର ମୁଖ୍ୟ ଅତିଥି ଭାବେ ଯୋଗଦେଇ ଚାମ୍ପିୟନ ଓ ରନର୍ସଅପ ଦଳକୁ ଟ୍ରଫି ପ୍ରଦାନ କରିଥିଲେ। ସେହିପରି

**ମୁଖ୍ୟମନ୍ତ୍ରୀ କପ୍ ଫୁଟ୍‌ବଲ ଟୁର୍ଣ୍ଣାମେଣ୍ଟ**

ବରିଷ୍ଠ ଭାଜପା ନେତା ଡ. ପ୍ରମୋଦ କୁମାର ରଥ, ସୁଶାନ୍ତ କୁମାର ପୁରୋହିତ, ସମୀର ରଞ୍ଜନ ବାବୁ, ଜିଲା କ୍ରୀଡା ସଂଘ ଆଥେଲେଟିକ ସମ୍ପାଦକ ବିକାଶ ମିଶ୍ର, ସୂର୍ଯ୍ୟ ପାଣିଗ୍ରାହୀ, ଜିଲା ଓକିଲ ସଂଘର ସମ୍ପାଦକ ପ୍ରବୀଣ କୁମାର ସିଂଦେଓ ସମ୍ମାନୀତ ଅତିଥି ଭାବେ ଯୋଗଦେଇ ଉପବିଜେତା ଦଳର ଖେଳାଳିମାନଙ୍କୁ ପୁରସ୍କୃତ କରିଥିଲେ। ଜିଲାକ୍ରୀଡା ସଂଘର ସାଧାରଣ ସମ୍ପାଦକ ସୁନୀଲ କୁମାର ସାହୁ ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିବାବେଳେ କୋଷାଧ୍ୟକ୍ଷ ଉମାପତି ତ୍ରିପାଠୀ ଅତିଥି ସ୍ୱାଗତ କରିଥିଲେ। ସୁବାସ ଚନ୍ଦ୍ର ରାଉତ, ପଦ୍ମନାଭ ନାୟକ, ମହମ୍ମଦ ଜିନ୍ଦା ଓ ମହମ୍ମଦ ବରକତ ପ୍ରମୁଖ ପରିଚାଳନାରେ ସହାୟତା କରିଥିଲେ। କୃଷ୍ଣଚନ୍ଦ୍ର ଶତପଥୀ, ସାହେବ ଖାମରୀ, ଆଇନଜୀବୀ ଲକ୍ଷ୍ମୀଧର ମହାନ୍ତି ନିମନ୍ତ୍ରିତ ଅତିଥି ଥିଲେ।

ଧରିତ୍ରୀ 52 Years
ଧରିତ୍ରୀ DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୪ Press Regd. No. R.N. 21326/74 Postal Regd. No. BN/42/24-26. ଭୁବନେଶ୍ୱର, ଶନିବାର, ଏପ୍ରିଲ ୨୫/୨୦୨୬ Bhubaneswar, Saturday, April 25/ 2026

# ଓଡ଼ିଶାରୁ ଭାଗନେବେ ୨୭ ପ୍ରତିଯୋଗୀ



ଖବରଦାତା ସମ୍ମିଳନୀରେ ଉପସ୍ଥିତ କର୍ମକର୍ତ୍ତା, ଖେଳାଳି, କୋଚ୍ ଓ ରାଜ୍ୟ କ୍ରୀଡ଼ା ବିଭାଗର ଅଧିକାରୀବୃନ୍ଦ।

## ଜାତୀୟ ଜୁନିୟର, ସିନିୟର ଆର୍ଟିଷ୍ଟିକ୍ ଜିମ୍ନାଷ୍ଟିକ୍ସ ପାଇଁ କଳିଙ୍ଗ ପ୍ରସ୍ତୁତ

**ଭୁବନେଶ୍ୱର, ୨୪।୪ (ତପନ ସ୍ୱାଇଁ)**

ଜାତୀୟ ଜୁନିୟର ଓ ସିନିୟର ଆର୍ଟିଷ୍ଟିକ୍ ଜିମ୍ନାଷ୍ଟିକ୍ସ ଚାମ୍ପିୟନଶିପ୍ ପାଇଁ କଳିଙ୍ଗ ଷ୍ଟାଡିୟମ ପ୍ରସ୍ତୁତ। ଓଡ଼ିଶା ଜିମ୍ନାଷ୍ଟିକ୍ସ ଆସୋସିଏଶନ, ଭାରତୀୟ ଜିମ୍ନାଷ୍ଟିକ୍ସ ଫେଡେରେଶନ୍ (ଜିଏଫ୍ଆଇ) ଏବଂ ଓଡ଼ିଶା ସରକାରଙ୍କ କ୍ରୀଡ଼ା ଓ ଯୁବସେବା ବିଭାଗର ମିଳିତ ଆନୁକୂଲ୍ୟରେ ଏହି ସମ୍ମାନଜନକ ପ୍ରତିଯୋଗିତା ଶନିବାର ଆରମ୍ଭ ହେବ। ମେ ୩ ପର୍ଯ୍ୟନ୍ତ ଚାଲିବାକୁଥିବା ପ୍ରତିଯୋଗିତାରେ ୨୫ ରାଜ୍ୟ, ୩ କେନ୍ଦ୍ରଶାସିତ ଅଞ୍ଚଳ ଏବଂ ସର୍ଭିସ୍ ବୋର୍ଡର ମୋଟ ୬୦୦ରୁ ଅଧିକ ଜିମ୍ନାଷ୍ଟ ଭାଗ ନେବେ। ମହିଳା ଓ ପୁରୁଷ ଆର୍ଟିଷ୍ଟିକ୍ ଜିମ୍ନାଷ୍ଟିକ୍ସ ବର୍ଗରେ ଟିମ୍ ଚାମ୍ପିୟନଶିପ୍, ବ୍ୟକ୍ତିଗତ ଅଲ-ଆରାଉଣ୍ଡ ଏବଂ ଆପାରାଟ୍ସ ଫାଇନାଲ୍ ଅନୁଷ୍ଠିତ ହେବ। ପ୍ରଣତି ନାୟକ, ତପନ ମହାନ୍ତି, ଯୋଗେଶ୍ୱର ସିଂ, ଆଶିଷ କୁମାରଙ୍କ ଭଳି ଦେଶର ନାମୀଦାମୀ ଜିମ୍ନାଷ୍ଟ ଏହି ପ୍ରତିଯୋଗିତାରେ ଅଂଶଗ୍ରହଣ କରିବେ ବୋଲି ଶୁକ୍ରବାର ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ଓଡ଼ିଶା ଜିମ୍ନାଷ୍ଟିକ୍ସ ଆସୋସିଏଶନ ସମ୍ପାଦକ ଅଶୋକ ସାହୁ ପ୍ରକାଶ କରିଛନ୍ତି। ପ୍ରତିଯୋଗିତାରେ ଓଡ଼ିଶାରୁ ମୋଟ ୨୭ ପ୍ରତିଯୋଗୀ ପ୍ରତିନିଧିତ୍ୱ କରିବେ। ସିନିୟର ପୁରୁଷ ବର୍ଗରେ ୬ ଖେଳାଳିଙ୍କ ସମେତ ଅତିରିକ୍ତ କୋଟାରେ ଅଧିକ ୩ଜଣ ଭାଗନେବେ। ମହିଳା ବର୍ଗରେ ୬ ଜଣଙ୍କ ସହ ଅତିରିକ୍ତ କୋଟାରେ ୪ ଜଣଙ୍କୁ ଅଂଶଗ୍ରହଣର ସୁଯୋଗ ମିଳିବ। ସେହିପରି ଜୁନିୟର ମହିଳା ବର୍ଗରେ ୨ ଜଣ ଓ ପୁରୁଷ ବର୍ଗରେ ୬ ଜିମ୍ନାଷ୍ଟ ଭାଗନେବେ ବୋଲି ପ୍ରତିଯୋଗିତାର କମ୍ପିଟିଶନ ମ୍ୟାନେଜର ତଥା ମୁଖ୍ୟ କୋଚ୍ ଅଶୋକ ମିଶ୍ର ସୂଚନା ଦେଇଛନ୍ତି।

ଏହି ଜାତୀୟ ପ୍ରତିଯୋଗିତାରେ ପ୍ରଦର୍ଶନ ଆଧାରରେ ଆଗାମୀ ଏସିଆନ ଗେମ୍ସ, ରାଜ୍ୟଗୋଷ୍ଠୀ କ୍ରୀଡ଼ା ଏବଂ ଏସୀୟ ଚାମ୍ପିୟନଶିପ୍ ପାଇଁ ଖେଳାଳି ଚୟନ କରାଯିବ। ‘‘ଓଡ଼ିଶା ବିଶ୍ୱସ୍ତରୀୟ ଭିତ୍ତିଭୂମି ଏବଂ ବୈଜ୍ଞାନିକ ପ୍ରଶିକ୍ଷଣ ମାଧ୍ୟମରେ କ୍ରୀଡ଼ା କ୍ଷେତ୍ରରେ ଏକ ପ୍ରମୁଖ କେନ୍ଦ୍ର ଭାବେ ଉଭା ହୋଇଛି’’ ବୋଲି ରାଜ୍ୟ କ୍ରୀଡ଼ା ବିଭାଗର ଅତିରିକ୍ତ ସଚିବ ବିଜୟ କୁମାର ସ୍ୱାଇଁ ମତବ୍ୟକ୍ତ କରିଛନ୍ତି। ପ୍ରତିଭାସମ୍ପନ୍ନ ଜିମ୍ନାଷ୍ଟଙ୍କ ପାଇଁ ଏହି ପ୍ରତିଯୋଗିତା ଏକ ବଡ଼ ସୁଯୋଗ ବୋଲି ଜିମ୍ନାଷ୍ଟିକ୍ସ ଫେଡେରେଶନର ଚିଫ୍ ଅପରେଟିଂ ଅଫିସର କଲ୍ଲୋଳ ମୁଖାର୍ଜୀ ପ୍ରକାଶ କରିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ଓଡ଼ିଶା ଜିମ୍ନାଷ୍ଟିକ୍ସ ଆସୋସିଏଶନ କାର୍ଯ୍ୟନିର୍ବାହୀ ସଦସ୍ୟ ଧୀରେନ ପଣ୍ଡା, ରାଜ୍ୟ କ୍ରୀଡ଼ା ବିଭାଗର ଓଏସ୍ଡି ଧୀରଜ କୁମାର ପଟ୍ଟନାୟକ, ଭାରତୀୟ ଜିମ୍ନାଷ୍ଟିକ୍ସ ଦଳର କୋଚ୍ ରାକେଶ ପାତ୍ର, ତାରକା ଜିମ୍ନାଷ୍ଟ ତପନ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ।

କାର୍ଯ୍ୟସୂଚୀ ଅନୁସାରେ ପ୍ରତିଯୋଗିତାର ଉଦ୍‌ଘାଟନୀ ସମାରୋହ ସନ୍ଧ୍ୟା ୫ଟା ୩୦ରେ ଅନୁଷ୍ଠିତ ହେବ। ପୂର୍ବରୁ ଅନ୍ୟ ପ୍ରତିଯୋଗିତାଗୁଡ଼ିକ ଅନୁଷ୍ଠିତ ହେବ। ୨୮ ତାରିଖରେ ପୁରୁଷ ବର୍ଗ ଏବଂ ୩ ତାରିଖରେ ମହିଳା ବର୍ଗର ଫାଇନାଲ ସମେତ ଉଦ୍‌ଯାପନୀ ଉତ୍ସବ ଅନୁଷ୍ଠିତ ହେବ। ଅନ୍ତର୍ଜାତୀୟ ମାନକ ଅନୁଯାୟୀ ଏହିଇଭେଣ୍ଟ ପାଇଁ ପ୍ରାୟ ୩୦୦ ଅଧିକାରୀ ଓ ବିଚାରପତି ନିୟୋଜିତ ହୋଇଛନ୍ତି। ଏହି ପ୍ରତିଯୋଗିତା ଆୟୋଜନ ସହ ରାଜ୍ୟର କ୍ରୀଡ଼ା ଇତିହାସରେ ଆଉ ଏକ ନୂଆ ଅଧ୍ୟାୟ ଯୋଡ଼ିବାକୁ ଯାଉଛି।

### ଓଡ଼ିଶା ପ୍ରତିଯୋଗୀଙ୍କ ତାଲିକା

**ସିନିୟର ମହିଳା ଦଳ**
ତନୁ, ପ୍ରୀୟାଂଶୀ ବନସଲ, ଧନଲକ୍ଷ୍ମୀ ରାଓ, ଅଦିତା ମଣ୍ଡଳ, ରିତିକା ଦାସ, ପ୍ରୀତି ଝାଙ୍କର।
ଅତିରିକ୍ତ କୋଟାରେ ସାମିଲ ଖେଳାଳି: ରଶ୍ମିତା ବେହେରା, ଅଦିତି ତୋଡି, ହର୍ଷିତା, ଅକ୍ଷରା ବେହୁରା।

**ସିନିୟର ପୁରୁଷ ଦଳ**
ତପନ ମହାନ୍ତି, ଏମ. ମୋହିଦ କୁମାର, ଦେବାଶିଷ ରେଣ୍ଟୀ, ଆଜାଦ ଲସକର, ମୃତ୍ୟୁଞ୍ଜୟ ପଟ୍ଟନାୟକ, ସୁମିତ ଧାଲି।
ଅତିରିକ୍ତ କୋଟାରେ ସାମିଲ ଖେଳାଳି: ଅର୍ପଣ ନସ୍କର, ସିଦ୍ଧାର୍ଥ ପରିଡ଼ା, ଆଲୋକ କୁମାର।

**ଜୁନିୟର ମହିଳା ଦଳ**
ଭୂମିକା ରେଣ୍ଟୀ, ରେଶମ ଖାଁ।

**ଜୁନିୟର ପୁରୁଷ ଦଳ**
ବିରୁ ଚନ୍ଦ୍ର ରାଓ, ଅଂଶୁମାନ ସୁନ୍ଦରା, ସାଦିକ ଶେଖ, ବିଭୂଦତ୍ତ ପାଲ, ଶୁଭମ୍ ଖେଟୋ, ଅଭିଜିତ ପ୍ରଧାନ।

# ରାଜ୍ୟ ଜୁନିୟର, ସବ୍‌ଜୁନିୟର କରାଟେ ଆରମ୍ଭ

**ଭୁବନେଶ୍ୱର, ୨୪।୪ (ତପନ ସ୍ୱାଇଁ)**

ଉତ୍କଳ କରାଟେ ସ୍କୁଲ ପରିସରରେ ୩୭ତମ ରାଜ୍ୟ କ୍ୟାଡେଟ, ଜୁନିୟର ଏବଂ ୩୮ତମ ସବ୍‌ଜୁନିୟର କରାଟେ ପ୍ରତିଯୋଗିତା ଶୁକ୍ରବାର ଆରମ୍ଭ ହୋଇଛି। ଏଥିରେ ବିଭିନ୍ନ ଜିଲ୍ଲାରୁ ମୋଟ ୬୦୦ ପ୍ରତିଯୋଗୀ ଅଂଶଗ୍ରହଣ କରିଛନ୍ତି। ପ୍ରଥମ ଦିବସରେ ୬ ଏବଂ ୯ ବର୍ଷ ବର୍ଗରେ ୧୮୦ କରାଟେକା ନିଜ କଳାକୌଶଳ ପ୍ରଦର୍ଶନ କରିଥିଲେ। ରାଜୀବ ସିଂ, ଖାରବେଳ ମଲ୍ଲିକ, ଦୀପକ ସାମନ୍ତରା, ଜୟଦେବ ପଟ୍ଟନାୟକ, ଗୋପାଳ ଚନ୍ଦ୍ର ଦାସ, ନିରଞ୍ଜନ ବେବର୍ତ୍ତା ପଟ୍ଟନାୟକ, ଉମାକାନ୍ତ ବେହେରା, ଦୁର୍ଗାପ୍ରସାଦ ରଥ, କଳିଯୁଗ ପ୍ରତିହାରୀ, ରାଜେନ୍ଦ୍ର କେଶରୀ ସାମଲ, ମଣ୍ଟୁ ଜୋଶୀ, ସୁମନ୍ତ କୁମାର ପଣ୍ଡା, ଶୁଭାଶିଷ ମହାପାତ୍ର ପ୍ରମୁଖ ଓଡ଼ିଶା ରାଜ୍ୟ କରାଟେ ଡୋ ସଂଘର ଜଜ୍ ଓ ରେଫରିମାନେ ପ୍ରତିଯୋଗିତାକୁ ପରିଚାଳନା କରୁଛନ୍ତି। ରାଜ୍ୟ ସଂଘ ସଭାପତି ହରି ପ୍ରସାଦ ପଟ୍ଟନାୟକ ପ୍ରତିଯୋଗିତାକୁ ଉଦ୍‌ଘାଟନ କରିଥିଲେ। ରାଜ୍ୟ କରାଟେ ସଂଘର ସମ୍ପାଦକ ଗୌରି ମହାନ୍ତି, ସହସମ୍ପାଦକ ଆଡ୍‌ଭୋକେଟ କାଳୀ ପ୍ରସାଦ ନନ୍ଦ ପ୍ରମୁଖ ଉପସ୍ଥିତ ଥିଲେ। ପ୍ରତିଯୋଗିତା ଆସନ୍ତା ୨୬ ତାରିଖରେ ଉଦ୍‌ଯାପିତ ହେବ।


କୃତୀ ପ୍ରତିଯୋଗୀମାନେ ଅତିଥିଙ୍କ ଗହଣରେ।

# ଓସିଏକୁ ଏନଜିଟିର ନୋଟିସ

### ବାରବାଟୀ ଷ୍ଟାଡିୟମରେ ଭୂତଳ ଜଳ ବ୍ୟବହାର

**କଟକ,୨୪।୪(କୁମାରଶ୍ରୀ)**

ବିନା ଅନୁମତିରେ ଭୂତଳ ଜଳ ବ୍ୟବହାର କରାଯାଉଥିବା ଅଭିଯୋଗ ଉଠାଇ ଜାତୀୟ ଗ୍ରୀନ ଟ୍ରିବ୍ୟୁନାଲ(ଏନଜିଟି) ରାଜ୍ୟର ସର୍ବୋଚ୍ଚ କ୍ରିକେଟ ସଙ୍ଗଠନ ଓଡ଼ିଶା କ୍ରିକେଟ ଆସୋସିଏସନ(ଓସିଏ)କୁ ନୋଟିସ ଜାରି କରିଥିବା ଜଣାପଡ଼ିଛି। ଭାରତର ମୋଟ ୬ଟି ଷ୍ଟାଡିୟମ ବିରୋଧରେ ଏନଜିଟି ନୋଟିସ୍ ଜାରି କରିଥିବା ବେଳେ ଏହା ଭିତରେ କଟକର ବାରବାଟୀ ଷ୍ଟାଡିୟମ ବି ରହିଛି। ଶୁକ୍ରବାର କେତେକ ଜାତୀୟ ଗଣମାଧ୍ୟମରେ ଏ ନେଇ ଖବର ପ୍ରସାର ହୋଇଛି। ହେଲେ ନୋଟିସ୍ ଏ ପର୍ଯ୍ୟନ୍ତ ହସ୍ତଗତ ହୋଇନାହିଁ ବୋଲି ଓସିଏର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ(ସିଇଓ) ସୁବ୍ରତ ବେହେରା କହିଛନ୍ତି। ଏନ୍‌ଓସି ଗ୍ରହଣ କରାଯାଇ ଭୂତଳ ଜଳ ବ୍ୟବହାର ହେଉଥିଲା। ନୋଟିସ୍ ମିଳିବା ପରେ ଉତ୍ତର ଦିଆଯିବ ବୋଲି ସିଇଓ ବେହେରା କହିଛନ୍ତି।

ପ୍ରକାଶଥାଉକି, ବିନା ଅନୁମତିରେ ଭୂତଳ ଜଳ ବ୍ୟବହାର କରିବା ଉପରେ ଏନଜିଟିର କଟକଣା ରହିଛି। ହେଲେ ବାରବାଟୀ ଷ୍ଟାଡିୟମର ପିଚ୍‌ଠାରୁ ଆରମ୍ଭ କରି ଆଉଟ୍‌ଫିଲ୍ଡରେ ଭୂତଳ ଜଳ ବ୍ୟବହାର କରାଯାଉଥିବା ଏନ୍‌ଜିଟି ପ୍ରକାଶ କରିଛି। ଓସିଏର କହିବା ମୁତାବକ, କେନ୍ଦ୍ରୀୟ ଭୂତଳ ଜଳ ବୋର୍ଡ(ସିଜିଡବ୍ଲ୍ୟୁବି) ଠାରୁ ଏନ୍‌ଓସି ଅଣାଯାଇଛି। ୨୦୨୦ ମସିହାରେ ଏନଓସି ନେବାକୁ ବୋର୍ଡ ପକ୍ଷରୁ ବାଧ କରାଯାଇଥିଲା। ହେଲେ କରୋନା ମହାମାରୀ ସମୟ ଥିବାରୁ ଏନ୍‌ଓସି ମିଳିପାରି ନ ଥିଲା। ୨୦୨୨ରେ ସମସ୍ତ ତଥ୍ୟ ଓ ଟଙ୍କା ଡିପୋଜିଟ୍ କରିବା ପରେ ବୋର୍ଡ ପକ୍ଷରୁ ବିଧିବଦ୍ଧ ଭାବେ ଏନ୍‌ଓସି ଗ୍ରହଣ କରିଥିଲା ଓସିଏ। ଏହି ଏନ୍‌ଓସିକୁ ରାଜ୍ୟ କ୍ରିକେଟ ସଂଘ ବିସିସିଆଇ ନିକଟରେ ମଧ୍ୟ ଦାଖଲ କରିଥିଲା। ପରେ ଷ୍ଟାଡିୟମର ବିଭିନ୍ନ ପଏଣ୍ଟରେ ପାଣି ମିଟର ଲଗାଯାଇଥିଲା। ମିଟର ଅନୁସାରେ ଟଙ୍କା ପୈଠ ହେଉଥିବା ମଧ୍ୟ ଓସିଏ ପକ୍ଷରୁ କୁହାଯାଇଛି।

### ଆଇଏସ୍‌ଏସ୍‌ଏଫ୍ ଜୁନିୟର ବିଶ୍ୱକପ୍

# ସମ୍ଭାବୀ-ଦିବ୍ୟାଂଶୀ ଯୋଡ଼ିକୁ ସ୍ୱର୍ଣ୍ଣ ପଦକ

**କାଇରୋ, ୨୪।୪ (ପି.ଟି.):** ଭାରତୀୟ ଶୁଟର ସମ୍ଭାବୀ କ୍ଷୀରସାଗର ଓ ଦିବ୍ୟାଂଶୀ ଦେୱାଙ୍ଗନ ଏଠାରେ ଚାଲିଥିବା ଆଇଏସ୍‌ଏସ୍‌ଏଫ୍ ଜୁନିୟର ବିଶ୍ୱକପ୍ ୧୦ମିଟର ଏୟାର ରାଇଫଲ ମିକ୍ସଡ ଟିମ୍ ଇଭେଣ୍ଟରେ ୪୯୯.୯ ସ୍କୋର ସହ ସ୍ୱର୍ଣ୍ଣ ପଦକ ଲାଭ କରିଛନ୍ତି। ଚାମ୍ପିୟନଶିପ୍‌ରେ ଭାରତର ଏହା ହେଉଛି ୪ର୍ଥ ସ୍ୱର୍ଣ୍ଣ। ଏହି ଯୋଡ଼ି ପୂର୍ବରୁ ୬୩୨.୦ ପଏଣ୍ଟ ସହ କ୍ୱାଲିଫିକେଶନ ରାଉଣ୍ଡରେ ପ୍ରଥମ ସ୍ଥାନ ଅଧିକାର କରିଥିଲେ। ଚାଇନିଜ ତାଇପେଇର ତ୍ସାଇ ଚିଏ-ୟିଙ୍ଗ୍ ଓ ଚେନ୍ ୟୁ-ଆନ୍ ୪୯୮.୩ ପଏଣ୍ଟ ସହ ରୌପ୍ୟ ପଦକ ପାଇଥିବା ବେଳେ ଫ୍ରେଞ୍ଚ୍ ଯୋଡ଼ି ଟିଫେନ ପୋମସେ ଓ ଗାସ୍‌ପାର୍ଡ ଲିଜର ୪୩୪.୪ ପଏଣ୍ଟ ସହ ବ୍ରୋଞ୍ଜ ହାସଲ କରିଛନ୍ତି। କାଇରୋ ଜୁନିୟର ବିଶ୍ୱକପ୍‌ରେ ଭାରତର ପଦକ ସଂଖ୍ୟା ବର୍ତ୍ତମାନ ୧୨ରେ ପହଞ୍ଚିଛି। ତନ୍ମଧ୍ୟରେ ୫ ରୌପ୍ୟ ଓ ୩ ବ୍ରୋଞ୍ଜ ପଦକ ରହିଛି। ଆଉ ୨ ଦିନ ବାକିଥିବା ବେଳେ ୬ଟି ସ୍ୱର୍ଣ୍ଣ ପଦକ ଚୂଡ଼ାନ୍ତ ହେବାକୁ ବାକି ରହିଛି।

# ପ୍ରଶଂସକଙ୍କ ସହ ଜନ୍ମଦିନ ପାଳିଲେ ତେନ୍ଦୁଲକର

**ମୁମ୍ବାଇ, ୨୪।୪ (ପି.ଟି.)**

କିମ୍ବଦନ୍ତୀ ଭାରତୀୟ କ୍ରିକେଟର ସଚିନ ତେନ୍ଦୁଲକର ଶୁକ୍ରବାର ତାଙ୍କ ବାସଭବନରେ ବିଭିନ୍ନ ବୟସବର୍ଗର ପ୍ରଶଂସକମାନଙ୍କ ଉପସ୍ଥିତିରେ ତାଙ୍କ ସ୍ତ୍ରୀଙ୍କ ସହ ତାଙ୍କର ୫୩ତମ ଜନ୍ମଦିନ ପାଳନ କରିଛନ୍ତି। ସକାଳେ ତାଙ୍କ ବାସଭବନରେ ଏକତ୍ରିତ ହୋଇଥିବା ଉତ୍ସାହୀ ପ୍ରଶଂସକମାନଙ୍କ ମଧ୍ୟରେ ଲିଟଲ ମାଷ୍ଟର ଜନ୍ମଦିନର କେକ୍ କାଟିଥିଲେ। ସେମାନଙ୍କ ମଧ୍ୟରେ ଜଣେ ଯୁବତୀ ତେନ୍ଦୁଲକରଙ୍କ ଫଟୋ ଥିବା ଏକ ଟି-ଶାର୍ଟ ପିନ୍ଧିଥିଲେ। ଏହି କାର୍ଯ୍ୟକ୍ରମ ପୂର୍ବରୁ ତେନ୍ଦୁଲକର ତାଙ୍କ ମା’ ଓ ସ୍ତ୍ରୀ ଏବଂ ପୋଷାକୁକୁର ସହିତ ସୋସିଆଲ ମିଡିଆରେ ଏକ ଫଟୋ ପୋଷ୍ଟ କରିଥିଲେ। ସଚିନଙ୍କ ଜନ୍ମଦିନ ଅବସରରେ ଏକ ଲିଜେଣ୍ଡ୍ସ କ୍ଲବ କାର୍ଯ୍ୟକ୍ରମରେ ଉପସ୍ଥିତ ପୂର୍ବତନ ଭାରତୀୟ କ୍ରିକେଟର ହରଭଜନ ସିଂ ଏକ ସାକ୍ଷାତ୍‌କାରରେ କହିଥିଲେ, ସେ ତାଙ୍କ ଭାଇଙ୍କୁ ଜନ୍ମଦିନର ଶୁଭେଚ୍ଛା ଜଣାଉଛନ୍ତି। ସେ ତାଙ୍କୁ ଭଲ ପାଇବା ଓ ସମ୍ମାନ ଜଣାଉଛନ୍ତି। ସେ ସର୍ବଦା ସୁସ୍ଥ, ଶାନ୍ତି ଓ ଖୁସିରେ ରୁହନ୍ତୁ। ଆମକୁ ପ୍ରେରଣା ଦେଇ ଚାଲିଥାନ୍ତୁ। ଏଥିପାଇଁ ସେ ଭଗବାନଙ୍କ ନିକଟରେ ପ୍ରାର୍ଥନା କରୁଛନ୍ତି।


ପ୍ରଶଂସକଙ୍କ ସହିତ ସେଲ୍‌ଫି ନେଉଛନ୍ତି ସଚିନ ତେନ୍ଦୁଲକର।

### ଥୋମାସ କପ୍ ଫାଇନାଲ ଓପନର

# କାନାଡାକୁ ହରାଇଲା ଭାରତ

**ହର୍ସେନ (ଡେନ୍‌ମାର୍କ), ୨୪।୪ (ପି.ଟି.):** ଲକ୍ଷ୍ୟ ସେନ୍‌ଙ୍କ ପରାଜୟ ସତ୍ତ୍ୱେ ଭାରତ ଏଠାରେ ଚାଲିଥିବା ଥୋମାସ କପ୍ ଫାଇନାଲ୍ସ ଗ୍ରୁପ୍ ‘ଏ’ରେ ଏହାର ପ୍ରଥମ ମୁକାବିଲାରେ ୪-୧ରେ ପରାସ୍ତ କରିଛି। ମୁକାବିଲାର ପ୍ରଥମ ମ୍ୟାଚ୍‌ରେ ଲକ୍ଷ୍ୟ ସେନ୍ ଲଢୁଆ ପ୍ରଦର୍ଶନ ସତ୍ତ୍ୱେ ୧୮-୨୧, ୨୧-୧୯, ୨୧-୧୦ରେ ବିଶ୍ୱର ୧୩ ନମ୍ବର ଭିକ୍ଟର ଲାଇଙ୍କଠାରୁ ହାରି ଯାଇଥିଲେ। ତେବେ ବିଶ୍ୱର ୪ ନମ୍ବର ମାନ୍ୟତାପ୍ରାପ୍ତ ଭାରତୀୟ ଯୋଡ଼ି ସାତ୍ତ୍ୱିକସାଇରାଜ ରାଙ୍କିରେଡ୍ଡୀ ଓ ଚିରାଗ ଶେଟ୍ଟି ୨୧-୧୦, ୨୧-୧୧ରେ ଜୋନାଥନ ଲିଙ୍ଗ୍ ଟିସାନ ଲାଇ ଓ କେଭିନ ଲି’ଙ୍କୁ ପରାସ୍ତ କରି ମୁକାବିଲାକୁ ବରାବର ସ୍ଥିତିକୁ ନେଇ ଆସିଥିଲେ। ଅନ୍ୟପକ୍ଷରେ ନିକଟରେ ଏସିଆନ ଚାମ୍ପିୟନଶିପ୍‌ରେ ରନର-ଅପ୍ ୨୦ ବର୍ଷୀୟ ଆୟୁଷ ଶେଟ୍ଟି ବିଶ୍ୱର ୨୩ ନମ୍ବର ଖେଳାଳି ବ୍ରାଏନ୍ ୟାଙ୍ଗ୍‌ଙ୍କୁ ୨୧-୧୩, ୨୧-୧୭ରେ ପରାସ୍ତ କରି ଭାରତକୁ ୨-୧ରେ ଅଗ୍ରଣୀ କରାଇଥିଲେ। ଦ୍ୱିତୀୟ ଡବଲ୍ସ ଯୋଡ଼ି ହରିହରନ ଆମସାକୁରୁନାନ୍ ଓ ଏମ୍.ଆର. ଅର୍ଜୁନ ପ୍ରତିପକ୍ଷ ଟାଇ ଆଲେଜାଣ୍ଡର ଲିଣ୍ଡେମାନ ଓ ନାଇଲ ୟାକୁରାଙ୍କ ବିପକ୍ଷରେ ୨୧-୭, ୨୧-୧୫ରେ ବିଜୟ ହାସଲ କରି ମୁକାବିଲାକୁ ଭାରତ ସପକ୍ଷରେ ନେଇ ଆସିଥିଲେ। ପରେ ଅନୁଷ୍ଠିତ ଏକ ଗୁରୁତ୍ୱହୀନ ସିଙ୍ଗଲ୍ସ ମ୍ୟାଚ୍‌ରେ କିଡାମ୍ବି ଶ୍ରୀକାନ୍ତ ବିଶ୍ୱର ୭୭ ନମ୍ବର ଜୋଶୁଆ ଏନ୍‌ଗୁୟେନଙ୍କୁ ୨୧-୧୭, ୨୧-୧୨ରେ ପରାସ୍ତ କରି ଭାରତକୁ ୪-୧ରେ ବିଜୟୀ କରାଇଥିଲେ। ଏହି ବିଜୟ ଦ୍ୱାରା ଭାରତ ପଏଣ୍ଟ ଟେବୁଲରେ ଚାଇନା ପଛକୁ ଦ୍ୱିତୀୟ ସ୍ଥାନରେ ରହିଛି। ଚାଇନା ୫-୦ରେ ଅଷ୍ଟ୍ରେଲିଆକୁ ପରାସ୍ତ କରିଛି।

# ଆର୍‌ସିବିର ଦମ୍‌ଦାର ବିଜୟ

**ବେଙ୍ଗାଲୁରୁ, ୨୪।୪**

ସାଇ ସୁଦର୍ଶନଙ୍କ ଶତକ ସତ୍ତ୍ୱେ ଗୁଜରାଟ ଟାଇଟନ୍ସ ଇଣ୍ଡିଆନ ପ୍ରିମିୟର ଲିଗ୍‌ର ଶୁକ୍ରବାର ମ୍ୟାଚରେ ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ (ଆରସିବି) ନିକଟରୁ ୫ ଉଇକେଟରେ ପରାଜିତ ହୋଇଛି। ଗୁଜରାଟ ୨୦ ଓଭରରେ ୩ ଉଇକେଟ ହରାଇ ୨୦୫ ରନକରିଥିଲା। ଜବାବରେ ଆରସିବି ବିରାଟ କୋହଲିଙ୍କ ଦମ୍‌ଦାର ବ୍ୟାଟିଂ ବଳରେ ୧୮.୫ ଓଭରରେ ୫ ଉଇକେଟ ହରାଇ ବିଜୟ ଲକ୍ଷ୍ୟ ହାସଲ କରି ନେଇଥିଲା।


ମ୍ୟାଚ୍ ବିଜୟୀ ଇନିଂସ ଅବସରରେ ବିରାଟ କୋହଲି।

ଖାତା ଖୋଲିବା ପୂର୍ବରୁ ଜୀବନଦାନ ପାଇଥିବା କୋହଲି ପରେ ଗୁଜରାଟ ବୋଲରଙ୍କ ପାଇଁ ଦୁଃସ୍ୱପ୍ନ ପାଲଟିଥିଲେ। ଜ୍ୟାକବ ବେଥେଲ ଯଦିଓ ୧୪ ରନକରି ଆଉଟ ହୋଇଥିଲେ ତେବେ ବିରାଟ ଓ ଦେବଦତ୍ତ ପଡିକାଲ ଦ୍ୱିତୀୟ ଉଇକେଟରେ ୫୯ ବଲ୍‌ରୁ ୧୧୫ ରନ ଯୋଗକରି ଦଳର ବିଜୟ ପଥ ପ୍ରସ୍ତୁତ କରିଥିଲେ। ପଡିକାଲ ୨୭ ବଲ୍‌ରୁ ୫୫ (୨ ଚୌକା, ୬ ଛକା) ଓ କୋହଲି ୪୪ ବଲ୍‌ରୁ ୮ ଚୌକା ଓ ୪ ଛକା ସହାୟତାରେ ୮୧ ରନ ସଂଗ୍ରହ କରି ମ୍ୟାଚ ବିଜେତା ସାଜିଥିଲେ। କ୍ରୁନାଲ ପାଣ୍ଡ୍ୟା ୨୩ ଓ ଟିମ୍ ଡେଭିଡ ୧୦ ରନରେ ଅପରାଜିତ ରହି ୧୮.୫ ଓଭରରେ ମ୍ୟାଚ ଶେଷ କରିଥିଲେ।

ଟସ୍ ହାରି ବ୍ୟାଟିଂ ଆମନ୍ତ୍ରଣ ପାଇଥିବା ଗୁଜରାଟ ପକ୍ଷରୁ ସୁଦର୍ଶନ ଓ ଅଧିନାୟକ ଶୁବମନ ଗିଲ୍ ଓପନିଂ ଯୋଡ଼ିରେ ୭୬ ବଲ୍‌ରୁ ୧୨୮ ରନର ଭାଗୀଦାରି ଗଢ଼ି ଦଳ ପାଇଁ ବଡ଼ ସ୍କୋରର ପଥ ପ୍ରସ୍ତୁତ କରିଥିଲେ। ୧୩ତମ ଓଭରର ୪ର୍ଥ ବଲ୍‌ରେ ଗିଲ୍ (୩୨ ରନ)ଙ୍କୁ ଆଉଟ କରି ଯୋଡ଼ି ଭାଙ୍ଗିଥିଲେ ଆରସିବି ସ୍ପିନର ସୂୟାସ ଶର୍ମା। ଏହାପରେ ରନହାର ଧିମେଇ ଯିବାରୁ ଗୁଜରାଟ ସ୍କୋର ୨୦୫ରେ ସୀମିତ ରହିଥିଲା। ସୁଦର୍ଶନ ଚମତ୍କାର ବ୍ୟାଟିଂ କରି ୫୮ ବଲ୍‌ରୁ ୧୧ ଚୌକା ଓ ୫ ଛକା ସହାୟତାରେ ୧୦୦ ରନ ସ୍କୋର କରିଥିଲେ।

### ସୁଦର୍ଶନଙ୍କ ଶତକ ସତ୍ତ୍ୱେ ଗୁଜରାଟ ପରାସ୍ତ

**ସଂକ୍ଷିପ୍ତ ସ୍କୋର**

ଗୁଜରାଟ ଟାଇଟନ୍ସ ୨୦ ଓଭରରେ ୨୦୫/୩ (ସାଇ ସୁଦର୍ଶନ-୧୦୦, ଶୁବମନ ଗିଲ୍-୩୨, ଜୋଶ୍ ବଟଲର-୨୫, ଜାସନ ହୋଲ୍ଡର-୨୩*, ଭୁବନେଶ୍ୱର କୁମାର-୧/୩୧, ଜୋଶ୍ ହାଜେଲଉଡ-୧/୪୦, ସୂୟାସ ଶର୍ମା-୧/୩୬)। ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ ୧୮.୫ ଓଭରରେ ୨୦୬/୫ (ବିରାଟ କୋହଲି-୮୧, ଦେବଦତ୍ତ ପଡିକାଲ-୫୫, ରଶିଦ ଖାନ-୨/୪୯, ମହମ୍ମଦ ସିରାଜ-୧/୨୫, ଜାସନ ହୋଲ୍ଡର-୧/୩୫, ମାନବ ସୁତାର-୧/୧୯)।

### ଆଇପିଏଲ୍ କାର୍ଯ୍ୟସୂଚୀ

**(ଆଜିର ମ୍ୟାଚ)**

**ଦିଲ୍ଲୀ ବନାମ ପଞ୍ଜାବ**
ସ୍ଥାନ: ନୂଆଦିଲ୍ଲୀ
ସମୟ: ଅପରାହ୍ନ ୩.୩୦

**ରାଜସ୍ଥାନ ବନାମ ହାଇଦ୍ରାବାଦ**
ସ୍ଥାନ: ଜୟପୁର
ସମୟ: ସନ୍ଧ୍ୟା ୭.୩୦

ପ୍ରସାରଣ: ଷ୍ଟାର ସ୍ପୋର୍ଟ୍ସ

### ଆଇପିଏଲ୍ ପଏଣ୍ଟ ଟେବୁଲ

| ଦଳ | ମ୍ୟାଚ | ବିଜୟ | ପରାଜୟ | ବାତିଲ | ପଏଣ୍ଟ | ରନ ହାର |
|---|---|---|---|---|---|---|
| ପଞ୍ଜାବ କିଙ୍ଗ୍ସ | ୬ | ୫ | ୦ | ୧ | ୧୧ | +୧.୪୨୦ |
| ରୟାଲ ଚ୍ୟାଲେଞ୍ଜର୍ସ | ୭ | ୫ | ୨ | ୦ | ୧୦ | +୧.୧୦୧ |
| ରାଜସ୍ଥାନ ରୟାଲ୍ସ | ୭ | ୫ | ୨ | ୦ | ୧୦ | +୦.୭୯୦ |
| ସନ୍‌ରାଇଜର୍ସ ହାଇଦ୍ରାବାଦ | ୭ | ୪ | ୩ | ୦ | ୮ | +୦.୮୨୦ |
| ଚେନ୍ନାଇ ସୁପର କିଙ୍ଗ୍ସ | ୭ | ୩ | ୪ | ୦ | ୬ | +୦.୧୧୮ |
| ଦିଲ୍ଲୀ କ୍ୟାପିଟାଲ୍ସ | ୬ | ୩ | ୩ | ୦ | ୬ | -୦.୧୩୦ |
| ଗୁଜରାଟ ଟାଇଟନ୍ସ | ୭ | ୩ | ୪ | ୦ | ୬ | -୦.୭୯୦ |
| ମୁମ୍ବାଇ ଇଣ୍ଡିଆନ୍ସ | ୭ | ୨ | ୫ | ୦ | ୪ | -୦.୭୩୬ |
| ଲକ୍ଷ୍ନୌ ସୁପର ଜାଏଣ୍ଟ୍ସ | ୭ | ୨ | ୫ | ୦ | ୪ | -୧.୨୭୭ |
| ନାଇଟ ରାଇଡର୍ସ | ୭ | ୧ | ୫ | ୧ | ୩ | -୦.୮୭୯ |

# ଏସିଆନ ଗେମ୍ସ ୨୦୩୮ ଆୟୋଜନ ପାଇଁ ଭାରତ ଆଗ୍ରହୀ

**ନୂଆଦିଲ୍ଲୀ, ୨୪।୪ (ପି.ଟି.):** ଭାରତ ୨୦୩୮ ଏସିଆନ ଗେମ୍ସ ଆୟୋଜନ ପାଇଁ ବିଧିବଦ୍ଧ ଭାବେ ଏହାର ଆଗ୍ରହ ପ୍ରକାଶ କରିଛି। ଜାତୀୟ ଅଲିମ୍ପିକ ଆସୋସିଶନର ଜଣେ ଉଚ୍ଚ ପଦାଧିକାରୀ ସୂଚନା ଦେଇଛନ୍ତି। ପ୍ରମୁଖ ବହୁବିଧ କ୍ରୀଡ଼ା ଇଭେଣ୍ଟର ଆୟୋଜନ କରି ଏକ ବିଶ୍ୱସ୍ତରୀୟ କେନ୍ଦ୍ରରେ ପରିଣତ ହେବା କ୍ଷେତ୍ରରେ ଦେଶ ରଣନୀତିର ଏହା ଏକ ଅଂଶବିଶେଷ। ୨୦୩୮ ଗେମ୍ସ ଆୟୋଜନ ପାଇଁ ଭାରତୀୟ ଅଲିମ୍ପିକ ଆସୋସିଏଶନ (ଆଇଓଏ) ଅଲିମ୍ପିକ କାଉନ୍‌ସିଲ ଅଫ୍ ଏସିଆ (ଓସିଏ) ନିକଟରେ ଏହାର ଏକ୍ସପ୍ରେସନ ଅଫ୍ ଇଣ୍ଟରେଷ୍ଟ (ଇଓଆଇ) ଦାଖଲ କରିଛି। ଏପ୍ରିଲ ୨୧ରେ ଚାଇନିଜ ସହର ସାନ୍ୟାଠାରେ ଓସିଏର ଏକ କାର୍ଯ୍ୟନିର୍ବାହୀ ବୈଠକରେ ଭାରତର ଇଓଆଇ ଉପରେ ଆଲୋଚନା ହୋଇଥିଲା, ଯେଉଁଠାରେ କି ଏସିଆନ ବିଚ୍ ଗେମ୍ସ ଏପ୍ରିଲ ୨୨ରୁ ଆରମ୍ଭ ହୋଇଛି। ଆଇଓଏର ସିଇଓ ଶୁକ୍ରବାର ଏବିଷୟରେ ଅବଗତ କରାଇଛନ୍ତି। ଭାରତ ଅହମଦାବାଦରେ ୨୦୩୦ ରାଜ୍ୟଗୋଷ୍ଠୀ କ୍ରୀଡ଼ା ଆୟୋଜନ କରିବାକୁ ଯାଉଛି, ଯେଉଁ ସହରରେ ୨୦୩୬ ଅଲିମ୍ପିକ୍ସ ଆୟୋଜନ ପାଇଁ ପ୍ରସ୍ତାବ ଦିଆଯାଇଛି। ଗୁଜରାଟର ଏହି ସହର ପୁନର୍ବାର ୨୦୩୮ ଏସିଆନ ଗେମ୍ସର ଆୟୋଜନ ପାଇଁ ମୁଖ୍ୟ ଦାବିଦାର ହୋଇପାରେ।

# ରଶ୍ମିତା ଏବଂ ପୂଜାରାଣୀଙ୍କ ବିସ୍ଫୋରକ ଶତକ

**କଟକ,୨୪।୪(କୁମାରଶ୍ରୀ)**

ଓସିଏ ଆନୁକୂଲ୍ୟରେ ଚାଲିଥିବା ଆନ୍ତଃଜିଲା ମହିଳା ଟି୨୦ ଟୁର୍ନାମେଣ୍ଟରେ ବଲାଙ୍ଗୀର ୨୨୬ ରନରେ ଦେବଗଡ଼କୁ ହରାଇଛି। ରେଭେନ୍‌ଶା ଗ୍ରାଉଣ୍ଡ-୧ରେ ଖେଳାଯାଇଥିବା ଏହି ମ୍ୟାଚ୍‌ରେ ବଲାଙ୍ଗୀର ୨୨୬ରନରେ ବିଜୟୀ ହୋଇଛି। ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିଥିବା ବଲାଙ୍ଗୀର ୨ ଉଇକେଟ ବିନିମୟରେ ୨୬୪ରନ କରିଥିଲା। ରଶ୍ମୀତା ଚିନ୍ନାରା ୬୮ ବଲ୍ ସମ୍ମୁଖୀନ ହୋଇ ୨୭ଟି ଚୌକା ସହାୟତାରେ ୧୪୧ରନର ବିସ୍ଫୋରକ ଅପରାଜିତ ଇନିଂସ ଖେଳିଥିଲେ। ୨୬୫ରନର ବିଜୟ ଲକ୍ଷ୍ୟକୁ ପିଛା କରି ଦେବଗଡ ୭ ଉଇକେଟ ହରାଇ ମାତ୍ର ୩୮ରନ କରିଥିଲା। ଲିଲିମା ସୁନା ଏବଂ ରାମେଶ୍ୱରୀ ନାୟକ ଯଥାକ୍ରମେ ୩ଟି ଓ ୨ଟି ଉଇକେଟ ଦଖଲ କରିଥିଲେ। ଶତକୀୟ ପାଳି ଖେଳିଥିବା ରଶ୍ମୀତା ପ୍ଲେୟର ଅଫ ଦି ମ୍ୟାଚ୍ ବିବେଚିତ ହୋଇଛନ୍ତି। ବିଡାନାସୀ ଗ୍ରାଉଣ୍ଡରେ ଖେଳାଯାଇଥିବା ଅନ୍ୟ ଏକ ମ୍ୟାଚ୍ ଭଦ୍ରକ ୨୧୭ରନରେ ମୟୂରଭଞ୍ଜକୁ ପରାସ୍ତ କରିଛି। ପୂଜାରାଣୀ ଦାସଙ୍କ ୧୮୧ରନ ସହାୟତାରେ ପ୍ରଥମେ ବ୍ୟାଟିଂ କରିଥିବା ଭଦ୍ରକ ୫ ଉଇକେଟ ବିନିମୟରେ ୨୮୭ରନ କରିଥିଲା। ଜବାବରେ ମୟୂରଭଞ୍ଜ ୯ ଉଇକେଟ ହରାଇ ୭୦ରନ କରିବାକୁ ସକ୍ଷମ ହୋଇଥିଲା। ୮୨ବଲରୁ ୩୫ଟି ଚୌକା ବଳରେ ଶତକୀୟ ଇନିଂସ ଖେଳିଥିବା ପୂଜାରାଣୀ ଶ୍ରେଷ୍ଠ ଖେଳାଳି ବିବେଚିତ ହୋଇଥିଲେ। ଅନ୍ୟ ମ୍ୟାଚ୍ ଗୁଡିକରେ ଗଞ୍ଜାମ ୧୦ ଉଇକେଟରେ ନୂଆପଡାକୁ, ବରଗଡ ୭୩ରନରେ କୋରାପୁଟକୁ, ରାଉରକେଲା ୫ରନରେ କିଟ୍‌କୁ, ନବରଙ୍ଗପୁର ୨୨ରନରେ ନୟାଗଡକୁ, ସୁନ୍ଦରଗଡ ୮ ଉଇକେଟରେ କେନ୍ଦୁଝରକୁ, କଟକ ୧୮୩ରନରେ କଳାହାଣ୍ଡିକୁ, ମାଲକାନଗିରି ୯୪ରନରେ ଜଗତ୍‌ସିଂହପୁରକୁ ପରାସ୍ତ କରିଛି।



ପୂଜାରାଣୀ ଦାସ ଓ ରଶ୍ମିତା ଚିନ୍ନାରା।

Printed and Published by Adyasha Satpathy on behalf of Navajat Printers & Media Pvt. Ltd.& Printed at Navajat Printers, B/4, Bareipali, Sambalpur, Editor - Tathagata Satpathy ସମ୍ପାଦକ-ତଥାଗତ ସତପଥୀ Business queries: <advt@dharitri.com>